ତପୋବନମ୍

ଶ୍ରୀ ସତ୍ୟସାଇ ସତ୍‌ଚରିତ

'ଶାନ୍ତିଶ୍ରୀ'
ଜାନ୍ଦ୍ୟାଲା ଭେଙ୍କଟେଶ୍ୱର ଶାସ୍ତ୍ରୀ

ତପୋବନମ୍

ଶ୍ରୀ ସତ୍ୟସାଇ ସତ୍‌ଚରିତ

ନିତ୍ୟ ପାରାୟଣ ଗ୍ରନ୍ଥ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପବିତ୍ର ଜୀବନ ବୃତ୍ତାନ୍ତ

ଶ୍ରୀ ପୁଟ୍ଟପର୍ତ୍ତି ନିଲୟୁଡୁ

କାପାଡୁନୁ ନିନ୍ନନ୍ ଏପୁଡୁ କରୁଣାକରୁଡ଼ାଇ

ଚେପଟ୍ଟୀ ନିନ୍ନୁ ବ୍ରୋଚୁନୁ

ଯେ ପଟ୍ଟୁନା ବିଦୁଭାକୁଣ୍ଡା ଯେଲୁନି ନିନ୍ନମ୍

- ବାବା

ଶାଶ୍ୱତ କରୁଣା ମୂର୍ତ୍ତି ପୁଟ୍ଟପର୍ତ୍ତି ସାଇଁ,

ଧରିଥାନ୍ତି ତୁମ୍ଭ ହସ୍ତ ଉଦ୍ଧାରିବା ପାଇଁ,

କାହାରିକୁ ପରିତ୍ୟାଗ କେବେ ହେଁ କରନ୍ତି ନାହିଁ ।

ତପୋବନମ୍

ଶ୍ରୀସତ୍ୟସାଇ ସତ୍‌ଚରିତ
ନିତ୍ୟ ପାରାୟଣ ଗ୍ରନ୍ଥ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପବିତ୍ର ଜୀବନ ବୃତ୍ତାନ୍ତ

ରଚୟିତା
'ଶାନ୍ତିଶ୍ରୀ' ଜାନ୍ଧ୍ୟଲା ଭେଙ୍କଟେଶ୍ୱର ଶାସ୍ତ୍ରୀ

ଇଂରାଜୀ ଭାଷାନ୍ତର
ଶ୍ରୀ ଏମ୍. ଏସ୍. ବି. ପ୍ରସାଦ
ଶ୍ରୀ ଜାନ୍ଧ୍ୟଲା ବି. ଜି. ତିଲକ

ଓଡ଼ିଆ ଭାଷାନ୍ତର
ଶ୍ରୀ ସଚ୍ଚିଦାନନ୍ଦ ନନ୍ଦ

ପ୍ରକାଶକ
ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ,
ଓଡ଼ିଶା, ଭୁବନେଶ୍ୱର

ତପୋବନମ୍ TAPOVANAM

ଶ୍ରୀ ସତ୍ୟସାଇ ସତ୍‌ଚରିତ
ନିତ୍ୟ ପାରାୟଣ ଗ୍ରନ୍ଥ

ରଚୟିତା :
'ଶାନ୍ତିଶ୍ରୀ' ଜାନ୍ଧ୍ୟଲା ଭେଙ୍କଟେଶ୍ୱର ଶାସ୍ତ୍ରୀ
ପ୍ରଶାନ୍ତି ନିଳୟମ୍
ଆନ୍ଧ୍ରପ୍ରଦେଶ : ୫୧୫୧୩୪

ଓଡ଼ିଆ ଭାଷାନ୍ତର :
ଶ୍ରୀ ସଚ୍ଚିଦାନନ୍ଦ ନନ୍ଦ

ପ୍ରଥମ ସଂସ୍କରଣ ୨୦୦୨
ଦ୍ୱିତୀୟ ସଂସ୍କରଣ : ୨୦୦୪
ତୃତୀୟ ସଂସ୍କରଣ: ୨୦୦୬
ଚତୁର୍ଥ ସଂସ୍କରଣ : ୨୦୦୮
ପଞ୍ଚମ ସଂସ୍କରଣ : ୨୦୧୧
ଷଷ୍ଠ ସଂସ୍କରଣ ୨୦୧୫
ସପ୍ତମ ସଂସ୍କରଣ : ୨୦୧୭
ଅଷ୍ଟମ ସଂସ୍କରଣ : ୨୦୧୮
ନବମ ସଂସ୍କରଣ : ୨୦୨୧
ଦଶମ ସଂସ୍କରଣ : ୨୦୨୨

ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରକାଶକ :
ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ,
ଓଡ଼ିଶା, ଖାରବେଳ ନଗର, ୟୁନିଟ - ୩,
ଭୁବନେଶ୍ୱର - ୭୫୧୦ ୦୧

ମୁଦ୍ରାକର :
ଶ୍ରୀ ସତ୍ୟସାଇ ପ୍ରେସ୍
ୟୁନିଟ୍ - ୩, ଭୁବନେଶ୍ୱର-୭୫୧୦୦୧

ମୂଲ୍ୟ - ୯୦/- (ନବେ ଟଙ୍କା ମାତ୍ର)

The sacred life story of
Bhagawan Sri Sathya Sai Baba
Holy Book for
Daily Recitation

Compiler :
Santishree
Jandhyala Venkateswar Shastry
Prasanthi Nilayam
Andhra Pradesh - 515134

Translated into Odia by
Sri Satchidananda Nanda

Ist Edition : 2002
2nd Edition : 2004
3rd Edition : 2006
4th Edition : 2008
5th Edition : 2011
6th Edition : 2015
7th Edition : 2017
8th Edition : 2018
9th Edition : 2021
10th Edition : 2022

All Rights Reserved:

Published by
© Sri Sathya Sai Books & Publication Trust
Odisha, Kharavel Nagar, Unit -3
Bhubaneswar - 751 001

Printed at
Sri Sathya Sai Press
Kharvel Nagar, Unit - 3, Bhubaneswar
- 751001
Ph. 0674-3571704
Email - sssbptorissa@gmail.com

Rs.90/- (NInty only)

ଅଗ୍ରସ୍ତମ୍ଭ
ଆଉ ଜଣେ ଆନ୍ନା ସାହେବ ଦାଭୋଲକର

ଭଗବାନ ଘୋଷଣା କରିଛନ୍ତି ଯେ ଧର୍ମ ସଂସ୍ଥାପନା ପାଇଁ ସେ ବାରମ୍ବାର ଅବତାର ଗ୍ରହଣ କରିବେ । ଭଗବାନଙ୍କ ଅବତାର ଗ୍ରହଣ କରିବା ସିଦ୍ଧାନ୍ତର ଅନ୍ତରାଳରେ ଥିବା ତତ୍ତ୍ୱ ଓ ଉଦ୍ଦେଶ୍ୟ ବୁଝିବା ସାଧାରଣ ମଣିଷର ସାମର୍ଥ୍ୟ ବାହାରେ । ଅବତାରମାନଙ୍କ ପ୍ରକାରଭେଦ ବିଷୟରେ କୁହାଯାଇଛି, କେତେକ ପୂର୍ଣ୍ଣାବତାର, କେତେକ ଅଂଶାବତାର, ଅନ୍ୟ କେତେକ କେବଳ ଦୈବତ୍ୱର ପ୍ରକାଶ ମାତ୍ର । କେତେକ କହନ୍ତି ଯେ ଅବତାରମାନେ ଯେଉଁ ସମୟରେ ଆସନ୍ତି ସେ ସମୟର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ରୂପ ପରିଗ୍ରହଣ କରିଥା'ନ୍ତି । ଅନ୍ୟ କେତେକ ବିଶ୍ୱାସ କରନ୍ତି ଯେ ପରଂବ୍ରହ୍ମ କେବଳ ଭାରତରେ ହିଁ ଅବତାର ଗ୍ରହଣ କରନ୍ତି ଓ ତାଙ୍କର ବର୍ତ୍ତାବହ, ପ୍ରଚାରକ, ସାଧୁସନ୍ଥ, ଦାର୍ଶନିକ ତଥା ଭଗବାନଙ୍କର ଅଳ୍ପ କିଛି କଳା ଧାରଣ କରିଥିବା ବ୍ୟକ୍ତି ଅନ୍ୟାନ୍ୟ ଦେଶରେ ଜନ୍ମିଥାଆନ୍ତି ।

ବର୍ତ୍ତମାନ ସମୟରେ ପରମେଶ୍ୱରଙ୍କ ଅବତାର ଭଗବାନ ଶ୍ରୀ ସତ୍ୟସାଇ ବାବା ଏକ ଅଦ୍ୱିତୀୟ ଅବତାର । ଭାରତର ପୂର୍ବ ଅବତାରମାନଙ୍କ ଖ୍ୟାତି ଓ ମହତ୍ତ୍ୱ କେବଳ ଭାରତରେ ପ୍ରସିଦ୍ଧ ଥିଲା । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚମତ୍କାରିତା ଓ ସମୁଜ୍ଜ୍ୱଳ ପ୍ରସିଦ୍ଧି ବର୍ତ୍ତମାନ ସମଗ୍ର ବିଶ୍ୱବାସୀଙ୍କଠାରେ ସୁବିଦିତ । କୁହାଯାଇପାରେ ଯେ ଏହି କଳିଯୁଗର ମଣିଷ ତାଙ୍କ ପୂର୍ବପୁରୁଷମାନଙ୍କଠାରୁ ଅଧିକ ଭାଗ୍ୟବାନ । ବାସ୍ତବିକ ଆମ୍ଭେମାନେ ଅତି ସୌଭାଗ୍ୟଶାଳୀ ଏଇଥିପାଇଁ ଯେ ଆମେ ଭଗବାନଙ୍କ ସମସାମୟିକ ହୋଇ ଜନ୍ମ ଲାଭ କରିଛେ, ଯିଏ ମାଆଠାରୁ ଅଧିକ ସ୍ନେହ ପ୍ରେମ ଦେଉଛନ୍ତି, ସର୍ବୋପରି ସଦାସର୍ବଦା ଆମ୍ଭମାନଙ୍କର ଯତ୍ନ ନେଉଛନ୍ତି ।

ଅବତାରମାନଙ୍କ କଥା, ତାଙ୍କ ସ୍ୱଭାବ, ତାଙ୍କ ଜୀବନ ଇତ୍ୟାଦିକୁ କେହି ସଠିକ୍ ଭାବେ ଓ ଯଥାର୍ଥରେ ଅବଧାରଣ କରିପାରିବେ ନାହିଁ । ପରଂବ୍ରହ୍ମ ବା ତାଙ୍କ ଅବତାରଙ୍କ ବାବଦରେ ସଂପୂର୍ଣ୍ଣ ଭାବେ ବ୍ୟାଖ୍ୟା କରିବା ମଣିଷ କ୍ଷମତାର ବହିର୍ଭୂତ କଥା । କିନ୍ତୁ ପରଂବ୍ରହ୍ମଙ୍କ ଅବତାରଙ୍କ ସୀମାହୀନ ସାଗର ସଦୃଶ ବିଶାଳତା ଏବଂ କଳ୍ପନାତୀତ ମହିମାର କିୟତ୍ ଅଂଶକୁ ଏକତ୍ର କରି ନିଜେ ଆନନ୍ଦ ଉପଭୋଗ କରିବା ତଥା ଅନ୍ୟମାନଙ୍କୁ ଆନନ୍ଦ ଦେବାରେ ସାହାଯ୍ୟ କରିବା ପାଇଁ ପ୍ରଚେଷ୍ଟା କରାଯାଇପାରେ । 'ତପୋବନମ୍', ଶ୍ରୀ ସତ୍ୟସାଇ ସତ୍ ଚରିତ, ସେ ଦୃଷ୍ଟିରୁ ଏକ ମହାନ୍ ଉଦ୍ୟମ । ଏହା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟଦର୍ଶନ ଉପରେ ଆଧାରିତ ନିତ୍ୟ ପାରାୟଣରେ ବ୍ୟବହୃତ

ହେବା ଭଳି ଏକ ପବିତ୍ର ପୁସ୍ତକ । ଏହାର ରଚୟିତା ପୁସ୍ତକର ନାମ 'ତପୋବନମ୍' ଦିଆଯିବାର ଯଥାର୍ଥତା ବିଷୟରେ ବର୍ଣ୍ଣନା କରଛନ୍ତି ।

ଶିରଡ଼ି ସାଇ ବାବାଙ୍କ ଜୀବନୀ 'ସାଇ ସତ୍‌ଚରିତ'ର ଲେଖକ ଥିଲେ ଶ୍ରୀ ଆନ୍ନା ସାହେବ ଦାଭୋଲକର । ଏ ସତ୍‌ଚରିତର ରଚୟିତା ହେଉଛନ୍ତି ଜାନ୍ଧ୍ୟଲା ଭେଙ୍କଟେଶ୍ୱର ଶାସ୍ତ୍ରୀ । ଲେଖକ ଦାଭୋଲକରଙ୍କ ନାମ ଥିଲା ହେମଦ୍‌ପନ୍ତ, ଶ୍ରୀ ଭେଙ୍କଟେଶ୍ୱର ଶାସ୍ତ୍ରୀଙ୍କର ମଧ୍ୟ ସେ ପ୍ରକାର ଗୋଟିଏ ପରିଚୟ ଅଛି, ସେ ନାମଟି ହେଉଛି 'ଶାନ୍ତିଶ୍ରୀ' । ଆଜିର ସତ୍ୟସାଇ ବାବା ହିଁ ଶିରିଡ଼ି ସାଇ ବାବାଙ୍କ ଅବତାର । ସେ ଦୃଷ୍ଟିରୁ ଆନ୍ନା ସାହେବ ଦାଭୋଲକର ଓ ଜାନ୍ଧ୍ୟଲା ଭେଙ୍କଟେଶ୍ୱର ଶାସ୍ତ୍ରୀ ମଧ୍ୟ ଏକ ହୋଇଥିବା ଆଶା କରାଯାଏ । ଶ୍ରୀ ଦାଭୋଲକର ଶିରିଡ଼ି ସାଇ ବାବାଙ୍କ ଅତି ନିକଟ ସାନ୍ନିଧ୍ୟରେ ବହୁବର୍ଷ ରହିଥିଲେ । ସେ ତାଙ୍କ ଭାଗ୍ୟବଳରୁ ସାଇବାବାଙ୍କ କରୁଣା ପ୍ରାପ୍ତ ହୋଇ ସତ୍‌ଚରିତ ରଚନା କରିଥିଲେ, ଠିକ୍ ସେହିଭଳି ଶ୍ରୀ ଭେଙ୍କଟେଶ୍ୱର ଶାସ୍ତ୍ରୀ ବହୁବର୍ଷଧରି ସତ୍ୟସାଇ ବାବାଙ୍କ ସାମୀପ୍ୟ ତଥା ଦର୍ଶନ ଓ ସମ୍ଭାଷଣ ଲାଭ କରି ଧନ୍ୟ ହୋଇଛନ୍ତି । ଶ୍ରୀ ଭେଙ୍କଟେଶ୍ୱର ଶାସ୍ତ୍ରୀ ସତ୍ୟସାଇ ବାବାଙ୍କ ପାଖେ ପାଖେ ରହି ଅସଂଖ୍ୟ ଚମତ୍କାରୀ ଲୀଳାମାନ ସ୍ୱଚକ୍ଷୁରେ ଦର୍ଶନ କରିଛନ୍ତି ଏବଂ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କଠାରୁ ଅମାପ ସ୍ନେହ ଓ ପ୍ରେମ ଲାଭ କରିଛନ୍ତି । ଭଗବାନଙ୍କ ଅନୁମତି ଲାଭ କରି ସେ ଯେଉଁ ବିରାଟ ପଦକ୍ଷେପ ଗ୍ରହଣ କରିଛନ୍ତି, 'ତପୋବନମ୍' ତାହାରି ଏକ ଅତ୍ୟାଶ୍ଚର୍ଯ୍ୟ ଫଳାଫଳ । ଏହି ଅଦ୍ୱିତୀୟ ପୁଣ୍ୟ ପବିତ୍ର ପୁସ୍ତକଟିକୁ ପ୍ରସ୍ତୁତ କରି ପ୍ରକୃତରେ ଶ୍ରୀ ଭେଙ୍କଟେଶ୍ୱର ଶାସ୍ତ୍ରୀ ମାନବଜାତି ପ୍ରତି ଏକ ମହାନ୍ ସେବା ପ୍ରଦାନ କରିଛନ୍ତି ।

ପ୍ରତ୍ୟହ ଭଗବାନଙ୍କର ଓ ଅବତାରମାନଙ୍କର ଦିବ୍ୟ ଜୀବନୀ ପାଠ କରିବା ଭାରତର ଏକ ସୁନ୍ଦର ପରମ୍ପରା । ଏ ପ୍ରଥାକୁ ଏକ ଉପାସନା ଭଳି ବିଚାର କରାଯାଏ । ମହାନ୍ ଗ୍ରନ୍ଥ ମହାଭାରତ, ମହାକାବ୍ୟ ରାମାୟଣ, ଶ୍ରୀମଦ୍ ଭଗବଦ୍ ଗୀତା, ଗୁରୁ ଚରିତ୍ର ଓ ଶିରିଡ଼ିସାଇ ସତ୍‌ଚରିତ ପ୍ରଭୃତିକୁ ଦୈନିକ ପାଠ କରାଗଲା ଭଳି ଏହି 'ତପୋବନମ୍'କୁ ଦୈନିକ ପାରାୟଣ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି । ଭଗବତ୍ ଗୀତା ସଦୃଶ ଏଥିରେ ଅଠରଟି ଅଧ୍ୟାୟ ଦିଆଯାଇଛି । କୌଣସି ସପ୍ତାହର ଗୁରୁବାର ଦିନ ଏହାର ପାରାୟଣ ଆରମ୍ଭ କରାଯାଇପାରିବ ଏବଂ ସପ୍ତାହଯାକର ପାରାୟଣ ସରିବା ପରେ ଆଗାମୀ ବୁଧବାର ଦିନ ସଂପୂର୍ଣ୍ଣ କରାଯାଇପାରିବ । ପାରାୟଣ ପୁରଶ୍ଚରଣ ତା'ପର ଗୁରୁବାର ଦିନ ଆରମ୍ଭ କରାଯାଇପାରେ । ଜଣେ ତୀର୍ଥଯାତ୍ରୀ ପାଇଁ 'ତପୋବନମ୍'ର ପ୍ରତ୍ୟେକଟି ଅଧ୍ୟାୟ ପୁଣ୍ୟସ୍ରୋତା ଗଙ୍ଗା କୂଳରେ ଥିବା ଗୋଟିଏ ଗୋଟିଏ ପବିତ୍ର ମଣ୍ଡପ ସଦୃଶ ।

କଥିତ ଅଛି, 'ଗୀତା ଗଙ୍ଗୋଦକଂ ପିତ୍ୱା ପୁନର୍ଜନ୍ମ ନ ବିଦ୍ୟତେ' ବର୍ତ୍ତମାନ କୁହାଯାଇପାରିବ ଯେ, 'ସାଇ ସତ୍‌ଚରିତାମୃତଂ ପିତ୍ୱା ସର୍ବେ ଯାନ୍ତି ପରାଂ ଗତିମ୍ ।'

'ତପୋବନମ୍'ର ରଚୟିତା 'ଶାନ୍ତିଶ୍ରୀ' ଜଣେ ଅନନ୍ୟ ସାଧାରଣ ପଣ୍ଡିତ ଏବଂ ବହୁ ଉପାଦେୟ ଗ୍ରନ୍ଥର ରଚୟିତା । ଭଗବାନ ବାବାଙ୍କ ଦିବ୍ୟ ଜୀବନ ଉପାଖ୍ୟାନରୁ ଝରୁଥିବା ଅମୃତର ସ୍ୱାଦ ଉପଭୋଗ କରିବାର ସ୍ୱତନ୍ତ୍ର ସୁଯୋଗ ସେ ପ୍ରଦାନ କରିଥିବାରୁ ଆମ୍ଭେମାନେ ସେଭଳି ସୁପଣ୍ଡିତଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛୁ ।

'ଅସିତଗିରିସମଂ ସ୍ୟାତ୍ କଜ୍ଜଳଂ ସିନ୍ଧୁପାତ୍ରେ
ସୁରତରୁବରଶାଖା ଲେଖନୀ ପତ୍ରଂ ଉର୍ବୀ
ଲିଖତି ଯଦି ଗୃହୀତ୍ୱା ଶାରଦା ସର୍ବକାଳମ୍
ତଦପି ତବ ଗୁଣାନାଂ ଈଶ ପାରଂ ନ ଯାତି ।'

ଏହି ଶ୍ଳୋକରେ ଭଗବାନ ଶିବଙ୍କ ଐଶ୍ୱର୍ଯ୍ୟ ପ୍ରତିପାଦନ କରିବା ଅସମ୍ଭବ ବୋଲି କୁହାଯାଇଅଛି । ଠିକ୍ ସେଇଭଳି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ମହିମା କେହି ଜଣେ ରଚନା କରିପାରିବ ନାହିଁ । ଶାନ୍ତିଶ୍ରୀ ତପୋବନମ୍‌ରେ ସରଳ ଢଙ୍ଗରେ ଅଳ୍ପ ଅଳ୍ପ କରି ଅତି ସୁନ୍ଦର ଭାବେ ଭଗବାନ ବାବାଙ୍କର ମହିମୋଜ୍ଜ୍ୱଳ ଜୀବନୀର ଝଲକମାନ ପ୍ରଦାନ କରିଛନ୍ତି । ଏହାକୁ ପ୍ରତ୍ୟହ ପାରାୟଣ କଲେ ସମଗ୍ର ମାନବ ଜାତିକୁ ଶାନ୍ତି ଓ ସମୃଦ୍ଧି ପ୍ରାପ୍ତ ହେବ । ପରିଶେଷରେ ଶାନ୍ତିଶ୍ରୀ ତପୋବନମ୍‌ର ରଚୟିତା ହେଲେ ମଧ୍ୟ ଏହାର ପ୍ରକୃତ ରଚୟିତା ହେଉଛନ୍ତି ସ୍ୱୟଂ ପରମ ସୃଷ୍ଟିକର୍ତ୍ତା, ଭଗବାନ ଶ୍ରୀ ସତ୍ୟସାଇ ବାବା ।

ଏଭଳି ଏକ ମହାନ୍ ଓ ପବିତ୍ର ଗ୍ରନ୍ଥର ଅଗ୍ରସ୍ତମ୍ଭ ଲେଖିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଭାଗ୍ୟଶାଳୀ ମନେକରିବା ସଙ୍ଗେ ସଙ୍ଗେ ଏ ସୁଯୋଗ ଦେଇଥିବା ଶାନ୍ତିଶ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି ।

ଯସ୍ୟାସ୍ତି ସଦ୍‌ଗ୍ରନ୍ଥ ବିମର୍ଶ ଭାଗ୍ୟମ୍
କିନ୍ତସ୍ୟ ଶୁଷ୍କୈଶ୍ଚପଳୈର୍ବିନୋଦୈ ।

୧-୮-୧୧୭/୨, ଚିକଟି ପଲ୍ଲି
ହାଇଦ୍ରାବାଦ, ୫୦୦୦୨୦

ବି. ରାମରାଜୁ
ଜାତୀୟ ଗବେଷଣା ପ୍ରଫେସର

ମୁଖବନ୍ଧ

ଶ୍ରୀ ସତ୍ୟସାଇ ଭଗବାନଙ୍କ ପ୍ରଥମ ଦର୍ଶନଟି ମୋ ଜୀବନର ଏକ ଅତି ସ୍ମରଣୀୟ ଘଟଣା । ସେ ଦିନ ମୁଁ ଯାହା ଅନୁଭବ କଲି ତାହାର ତୁଳନା ଦେଇ ପାରିବି ନାହିଁ । ତାହା ଥିଲା ଏକ ଅନୁପମ ଦିବ୍ୟାୟିତ ଅନୁଭୂତି । ତାଙ୍କର ମନମୁଗ୍ଧକାରୀ ସୌନ୍ଦର୍ଯ୍ୟ, ପରମଶାନ୍ତ ସୌଷ୍ଠବ, ସହସ୍ର ମାତାର ପ୍ରେମ ଓ ଆତ୍ମୀୟତା ମୋତେ ବହୁଳ ଭାବେ ଆକର୍ଷଣ କରିଥିଲା । ତାଙ୍କ ସହ ମୋର ପ୍ରଥମ ବାର୍ତ୍ତାଳାପ ବେଳେ, ଦୈନିକ ଘଣ୍ଟାକ ପାଇଁ ପ୍ରଶାନ୍ତି ମନ୍ଦିରରେ ଶ୍ରୀମହାଭାଗବତ ବିଷୟରେ ବକ୍ତୃତା ଦେବା ପାଇଁ ସେ ମୋତେ କହିଲେ । ମୁଁ ଭୟଭୀତ ହୋଇଗଲି, ମନରେ ଦୁର୍ବଳତା ଅନୁଭବ କଲି ଏବଂ ରାଜି ହେବା ପାଇଁ କୁଣ୍ଠିତ ହୋଇଥିଲି । କିନ୍ତୁ ସ୍ୱାମୀ ମୋ ପ୍ରତି ସସ୍ନେହ ଦୃଷ୍ଟି ନିକ୍ଷେପ କରି କହିଲେ, ''ଏଠାରେ ମୁଁ ଥାଉଁ ଥାଉଁ ଭୟ କାହିଁକି ?'' ପ୍ରକୃତରେ ସେ ସଦା ସର୍ବଦା ମୋ ପାଖେ ପାଖେ ରହି ଆସିଛନ୍ତି । ତା' ନ ହୋଇଥିଲେ ମୁଁ ମହାଭାଗବତ ଉପରେ କେବେ ହେଲେ ବକ୍ତୃତା ନ ଦେଇଥିବା ଲୋକଟିଏ, କିଭଳି ଭାବେ ସେ କାର୍ଯ୍ୟ ସମ୍ପାଦନ କଲି ? ଏହା ପୂର୍ବରୁ ସ୍କୁଲ ପିଲାମାନଙ୍କୁ ପଢ଼ାଇବା ବ୍ୟକ୍ତି, ମୁଁ ଦୁଇବର୍ଷ ଛଅ ମାସ ଧରି, ପ୍ରଶାନ୍ତି ନିଳୟମ୍‌ସ୍ଥିତ ଭଗବାନଙ୍କ ମନ୍ଦିର ଭିତରେ ଜ୍ଞାନୀ ଓ ପଣ୍ଡିତମାନଙ୍କ ସମକ୍ଷରେ ବକ୍ତୃତା ଦେଇ ପାରିଲି । ମୁଁ ମହାଭାଗବତ କହିଲାବେଳେ ଉପଲବ୍ଧି କରୁଥିଲି ଯେ ସେ ମୋ ଭିତରୁ ମୋତେ ମାଧ୍ୟମ କରି ନିଜେ ହିଁ କହୁଥିଲେ । ସେ ମୋ ବକ୍ତୃତାର ଉତ୍ସ ଥିଲେ ଓ ସେ ହିଁ ମୋ ବକ୍ତୃତାର ଶ୍ରୋତା ଓ ବିଷୟ ଥିଲେ ।

ଦିନ ପରେ ଦିନ ବିତିଯାଉଥାଏ ଏବଂ ମୋର ଉପଲବ୍ଧି ହେଉଥାଏ ଯେ ସେ ଜଣେ ସାଧାରଣ ସ୍ୱାମୀ ନୁହଁନ୍ତି କି ଜଣେ ମହାନ୍ ଋଷି ମଧ୍ୟ ନୁହଁନ୍ତି, ସାକ୍ଷାତ ଭଗବାନ । ନିଃସନ୍ଦେହର ସହିତ ମୁଁ ଜାଣିପାରିଲି ଯେ ସେ ହେଉଛନ୍ତି ଭଗବାନ ଶିବ ଓ ଶକ୍ତି, ଶ୍ରୀରାମ ଓ ଶ୍ରୀକୃଷ୍ଣ । ବାସ୍ତବରେ ସେ ଶରୀର ଧାରଣ କରିଥିଲେ ବି ସକଳ ଦେବାଦେବୀଙ୍କ ସମାହାର । ସେ ଈଶ୍ୱରଙ୍କ ଈଶ୍ୱର ପରମେଶ୍ୱର ଏବଂ ସମସ୍ତ ଧର୍ମମତ ଓ ଧର୍ମବିଶ୍ୱାସର ପ୍ରତିମୂର୍ତ୍ତି । ମୁଁ ଆହୁରି ଜାଣିପାରିଲି ଯେ ସେ ମୋର ଅନ୍ତରଙ୍ଗ ବନ୍ଧୁ, ଶୁଭାକାଂକ୍ଷୀ, ପଥପ୍ରଦର୍ଶକ ଓ ମୋର ସବୁକିଛି । ''ଏକମ୍ ସତ୍.... ବହୁସ୍ୟାମ ।'' ତାଙ୍କ କଥା ଓ କର୍ମ ତାହାର ପ୍ରମାଣ । ତାଙ୍କ ଜୀବନ ଉପାଖ୍ୟାନ ପ୍ରସ୍ତୁତ ହେବା ମଧ୍ୟ ତାହାର ଅନ୍ୟ ଏକ ପ୍ରମାଣ ।

ସମଗ୍ର ବିଶ୍ୱରେ ଥିବା ତାଙ୍କର କୋଟି କୋଟି ଭକ୍ତ ଓ ଆଶ୍ରିତମାନଙ୍କ ଉପକାର ପାଇଁ ତାଙ୍କ ଦିବ୍ୟ ପବିତ୍ର ଜୀବନୀ ରଚନା କରିବାରେ ମୁଁ ତାଙ୍କ ଶ୍ରୀହସ୍ତରେ ଏକ ଉପକରଣ ମାତ୍ର । ୧୪ ବର୍ଷ ଧରି ସେ ସୁନ୍ଦର ରୂପର ଦର୍ଶନ, ସୁକୋମଳ ପଦ୍ମପାଦର

ସ୍ପର୍ଶନ, ପ୍ରେମ ବିଜଡ଼ିତ ମଧୁର କଣ୍ଠସ୍ୱର ଶ୍ରବଣ ଏବଂ ଆନନ୍ଦମୟ ଭଗବାନଙ୍କ ସମ୍ଭାଷଣ ଲାଭ କରିବାର ବିରଳ ସୌଭାଗ୍ୟ ଓ ପରମ ସୁଯୋଗ ସେ ମୋ ପାଇଁ ବ୍ୟବସ୍ଥା କରିଥିଲେ । ସେ ମୋ ସହିତ ଦିବାନିଶି ଉପସ୍ଥିତ ରହି ଅସୀମ ଦୟା ଓ ଅସରନ୍ତି ପ୍ରେମ ପ୍ରଦାନ କରିବା ସହିତ ମୋର ସକଳ ଆବଶ୍ୟକତା ପୂରଣ କରି ଆସିଛନ୍ତି । ସର୍ବୋପରି, ଏପରି ଏକ ବିରାଟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ମୋତେ ସ୍ୱାସ୍ଥ୍ୟ ଓ ଶକ୍ତି ମଧ୍ୟ ପ୍ରଦାନ କରିଛନ୍ତି । ତାଙ୍କ ଭଳି ପରମ କାରୁଣିକ ଭଗବାନଙ୍କ ପଦପଙ୍କଜରେ ମୁଁ କିଭଳି ମୋ ଆନ୍ତରିକ କୃତଜ୍ଞତା ପ୍ରକାଶ କରିବି, ସ୍ଥିର କରିପାରୁନାହିଁ । ତାଙ୍କ ପ୍ରତି ଥିବା ମୋ ଆନୁଗତ୍ୟର ପ୍ରତୀକ ହିସାବରେ ଏ ପୁସ୍ତକଟି ତାଙ୍କ ପଦାରବିନ୍ଦରେ ଅର୍ପଣ କରୁଛି ।

***

ମୋ ପ୍ରଭୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ମୋର ସହୃଦୟ ଅଭିବ୍ୟକ୍ତି ଅର୍ପଣ କରୁଛି । ଅସୀମ କୃପାବଶତଃ ସେ ତାଙ୍କ ନିଜ ଦିବ୍ୟ ପ୍ରେମ ବଳରେ ଦିବ୍ୟାନନ୍ଦ ପ୍ରସାର କରି, ସକଳ ଜୀବ ଜଗତକୁ ସୁରକ୍ଷା ପ୍ରଦାନ ପୂର୍ବକ, ସମଗ୍ର ବିଶ୍ୱକୁ ଆକର୍ଷଣ କରୁଛନ୍ତି । ତାଙ୍କର ସେ ଆବେଗପୂର୍ଣ୍ଣ ପ୍ରେମ ଭାବ ଓ ସୂକ୍ଷ୍ମାତିସୂକ୍ଷ୍ମ ଦୟା ଭାବକୁ କେହି ହେଲେ ବିଶଦ ଭାବେ ବର୍ଣ୍ଣନା କରିପାରିବେ ନାହିଁ । ବାବା ନିଜେ ଦୟା ବହି ତାଙ୍କ ଅସଂଖ୍ୟ ଭକ୍ତମାନଙ୍କ ସେବାର୍ଥେ ଏ ଭଳି ଏକ ନିତ୍ୟ ପାରାୟଣ ଗ୍ରନ୍ଥ ରଚନା କରିବା ପାଇଁ ମୋ ଅନ୍ତରରେ ଆଗ୍ରହ ସୃଷ୍ଟି କଲେ । ଏଭଳି ଭାବେ ଏ ଗ୍ରନ୍ଥର ଅବତାରଣା ଆରମ୍ଭ ହୋଇଛି ।

ଉପନିଷଦ୍‌ମାନେ କହିଛନ୍ତି, ତାଙ୍କ ଦିବ୍ୟ ସଙ୍କଳ୍ପ ବିନା ତୃଣ ଧାରଟିଏ ମଧ୍ୟ ସଞ୍ଚାଳିତ ହୋଇ ପାରିବ ନାହିଁ । ଭଗବାନଙ୍କ ଜୀବନୀ ରଚନା କରିବାରେ ମୁଁ ଉପକରଣ ସାଜିବା ମଧ୍ୟ ତାଙ୍କ ଅସୀମ ପ୍ରେମ ଓ କୃପାର ନିଦର୍ଶନ ।

ବାବା, ଭଗବାନ ଶ୍ରୀ ମହାବିଷ୍ଣୁଙ୍କର ପରିପ୍ରକାଶ, ବୈକୁଣ୍ଠରୁ ଭୂଲୋକକୁ ଅବତରିଛନ୍ତି । ସେ ନିଜ କଣ୍ଠରେ ଏ କଥା ଅସଂଖ୍ୟ ଭକ୍ତଙ୍କ ଉପସ୍ଥିତିରେ ଅନେକ ବାର ଘୋଷଣା କରିଛନ୍ତି । ବିଷ୍ଣୁ ଶବ୍ଦର ଅର୍ଥ ସର୍ବବ୍ୟାପୀ । ପୁଟ୍ଟପର୍ତ୍ତି ଆଜି ଭୂ ବୈକୁଣ୍ଠ । ଏହା ଏକ ପରମ ଶାନ୍ତିପୂର୍ଣ୍ଣ ନିବାସ, ପାପହରଣକାରୀ, ଲୋକଉଦ୍ଧାରକାରୀ ତଥା ଆନନ୍ଦବୃଷ୍ଟିକାରୀ ନିଳୟ । ଏ ସବୁ କଥା ଆମ ଚର୍ମଚକ୍ଷୁରେ ମଧ୍ୟ ଅବଲୋକନ କରିହେଉଛି । ଭଗବାନ ଶ୍ରୀରାମଙ୍କ ପାଇଁ ଅଯୋଧ୍ୟା ନଗରୀର ଖ୍ୟାତି, ଶ୍ରୀକୃଷ୍ଣଙ୍କ ପାଇଁ ଦ୍ୱାରକାପୁରୀ, ଶିରିଡ଼ିର ସାଇବାବାଙ୍କ ପାଇଁ ଶିରିଡ଼ି ପ୍ରସିଦ୍ଧି ଲାଭ କରିଅଛି । ସେହିଭଳି ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସଙ୍କଳ୍ପ ବଳରେ ପୁଟ୍ଟପର୍ତ୍ତିକୁ ଏକ ଆଧ୍ୟାତ୍ମିକ ମର୍ଯ୍ୟାଦାସମ୍ପନ୍ନ ତୀର୍ଥସ୍ଥାନରେ ପରିଣତ କରିଛନ୍ତି ।

ବାବାଙ୍କ ଅଗାଧ କୃପା ଫଳରେ ପ୍ରଶାନ୍ତି ନିଳୟମ୍‌ରେ ତାଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ମୋ ଜୀବନ ବିତାଇ ମୁଁ ଧନ୍ୟ ହୋଇଯାଇଛି । ଏହାକୁ ମୁଁ ମୋର ବିଗତ

ଜନ୍ମର ବହୁ ପୁଣ୍ୟର ଫଳ ବୋଲି ବିଚାର କରେ । ମୋ ଭଳି ହଜାର ହଜାର ଲୋକ ଏହି ସ୍ଥାନରେ ବସବାସ କରୁଛନ୍ତି ଏବଂ ତାଙ୍କ ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ଲାଭ କରି ଆନନ୍ଦ ଉପଭୋଗ କରୁଛନ୍ତି । ଏହା ବ୍ୟତୀତ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକ ଆସି ଏଠାରେ ଏକତ୍ରିତ ହେଉଛନ୍ତି । ପର୍ବପର୍ବାଣିଗୁଡ଼ିକରେ ଅଗଣିତ ଭକ୍ତ ଆସି ଏଠାକାର ପ୍ରତିଟି ଇଞ୍ଚ ସ୍ଥାନରେ ଆଶ୍ରୟ ନିଅନ୍ତି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଭଗବାନଙ୍କ କୃପା ଲାଭ କରନ୍ତି ଓ ଉଲ୍ଲସିତ ଅନୁଭୂତି ମଧ୍ୟ ବର୍ଣ୍ଣନା କରି ପାରନ୍ତି । ଯଦି ପ୍ରତ୍ୟେକ ତାଙ୍କ ଆଧ୍ୟାତ୍ମିକ ଅନୁଭୂତିକୁ ପୁସ୍ତକାକାରରେ ପ୍ରକାଶ କରିବାକୁ ବସିବେ ତେବେ ସେଗୁଡ଼ିକର ସଂଖ୍ୟା ଓ ଆକାର କଳନା କରିହେବ ନାହିଁ । ବାବା ଥରେ କହିଥିଲେ, ସମସ୍ତ ଅଞ୍ଜନ (ଚକ୍ଷୁରେ ବ୍ୟବହୃତ) ପାହାଡ଼ଗୁଡ଼ିକୁ ସପ୍ତ ସାଗରରେ ମିଶାଇ କାଳି ପ୍ରସ୍ତୁତ କରାଯାଉ, କଳ୍ପବୃକ୍ଷର ଶାଖାସବୁ କଲମ କରି, ସମଗ୍ର ବିଶ୍ୱକୁ କାଗଜରେ ପରିଣତ କରି, ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କୁ ବିଦିତ ଥିବା ସମସ୍ତ ବିଷୟବସ୍ତୁ ଯଦି ତାଙ୍କ ସ୍ୱହସ୍ତରେ ବି ଲେଖାଯାଏ, ସ୍ୱାମୀଙ୍କ ଲୀଳାର ବିଶାଳ ପରିସୀମା, ତାଙ୍କ ଦିଗନ୍ତ ବିସ୍ତାରୀ ବ୍ୟକ୍ତିତ୍ୱର ସ୍ୱର ଲହରୀ, ତାଙ୍କ ବିସ୍ମୟକାରୀ ଦିବ୍ୟ ଚମତ୍କାରିତା ଓ ଐଶ୍ୱର୍ଯ୍ୟପୂର୍ଣ୍ଣ ଦିବ୍ୟ ପ୍ରକାଶର ବର୍ଣ୍ଣନା ଅସମ୍ପୂର୍ଣ୍ଣ ରହିଯିବ । ଅତି ବିନୀତ ଭାବେ କୁହାଯାଇପାରେ ଯେ, ଗୋଟିଏ ପର୍ବତର କିଛି ଅଂଶକୁ ଗୋଟିଏ କ୍ଷୁଦ୍ର ଦର୍ପଣରେ ପ୍ରତିଫଳିତ କରିବା ଅସମ୍ଭବ ନୁହେଁ । ସେହି ନ୍ୟାୟରେ ମୁଁ ଏଭଳି ଏକ ପଦକ୍ଷେପ ନେବାକୁ ଦୁଃସାହସ କରିଛି । ପରମଶାଶ୍ୱତ ସତ୍ତା, ସଚରାଚର ବିରାଜିତ ମହାଜାଗତିକ ସତ୍ୟ, ସତ୍ୟସାଇ ପରଂବ୍ରହ୍ମଙ୍କୁ ଏ ପୁସ୍ତକର କ୍ଷୀଣ କଳେବର ଭିତରେ ବର୍ଣ୍ଣିବାର ପଦକ୍ଷେପ ନେଇଛି । ଯାହାଙ୍କ କୃପାକୁ ଭାଷା ମାଧ୍ୟମରେ ପ୍ରକାଶ କରିବା କଷ୍ଟସାଧ୍ୟ, ତାଙ୍କ କରୁଣା ଝରିଆସିଥିଲା, ସେହି ସ୍ମରଣୀୟ ୧୯୯୭ ମସିହା ଜୁଲାଇ ୨୦ ପବିତ୍ର ଗୁରୁ ପୂର୍ଣ୍ଣିମୀ ଦିନ । ପାଣ୍ଡୁଲିପି ଉପରେ ତାଙ୍କ ଦିବ୍ୟ ସ୍ପର୍ଶ ପ୍ରଦାନ କରି ଏହି ଗ୍ରନ୍ଥଟିକୁ ଆଶୀର୍ବାଦ କରିଥିଲେ ମହାପ୍ରଭୁ ।

ଅତି ବିନମ୍ରତାର ସହ ମୁଁ ସମସ୍ତ ଭକ୍ତମାନଙ୍କୁ ନିବେଦନ କରୁଛି, ସମସ୍ତେ ଭଗବାନ ବାବାଙ୍କୁ ନିଜ ମନ ମନ୍ଦିରକୁ ନିମନ୍ତ୍ରଣ କରନ୍ତୁ, ହୃଦୟ ପୁଷ୍ପ ତାଙ୍କ ଚରଣ କମଳରେ ଅର୍ପଣ କରନ୍ତୁ, ବିଗତ ଜନ୍ମ ଜନ୍ମର ଅର୍ଜିତ ପୁଣ୍ୟଫଳକୁ ନୈବେଦ୍ୟ ଆକାରରେ ନିବେଦନ କରନ୍ତୁ, ନିଜ ପ୍ରେମାଶ୍ରୁ ଓ ଆନନ୍ଦାଶ୍ରୁରେ ତାଙ୍କ ପଦ ପ୍ରକ୍ଷାଳନ କରନ୍ତୁ ଏବଂ ଏ ପବିତ୍ର ଗ୍ରନ୍ଥର ପାରାୟଣ ମାଧ୍ୟମରେ ମୁକ୍ତିଲାଭ କରନ୍ତୁ ।

ପାରାୟଣ ବିଧି

ସଂସ୍କୃତରେ ''ପାରା'' ଶବ୍ଦର ଅର୍ଥ ଶେଷ । ପାରାୟଣ ଶବ୍ଦର ଅର୍ଥ ପବିତ୍ରଗ୍ରନ୍ଥକୁ ଭକ୍ତିର ସହିତ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଠ କରିବା । ଏ ପୁସ୍ତକ ଅନ୍ତର୍ଗତ ପାଠ୍ୟ ବିଷୟଗୁଡ଼ିକୁ ଦୈନିକ କିମ୍ବା ସାପ୍ତାହିକ ପାରାୟଣ କରିବାରେ ସୁବିଧା ହେଲାଭଳି ସଜାଯାଇଛି । ଗୁରୁବାର ଦିନ ଆରମ୍ଭ କରାଯାଇ ତା' ପର ବୁଧବାର ଦିନ

ଶେଷ କରାଯାଇ ପାରିବ । ଏଥିରେ ବର୍ଣ୍ଣିତ ବିଷୟଗୁଡ଼ିକ ନିଷ୍ପାପର ପାଠକମାନଙ୍କୁ ଆଧ୍ୟାତ୍ମିକ ଉପଲବ୍‌ଧିର ନିକଟତର କରାଇବ । ଭକ୍ତିର ସହ ଉତ୍ସର୍ଗୀକୃତ ପାରାୟଣ ପାଠକର ହୃଦୟକୁ ନିର୍ମଳ, ଉଜ୍ଜ୍ୱଳ ଓ ସ୍ଫଟିକସମ ସ୍ୱଚ୍ଛ କରିଦେବ ।

ଆରମ୍ଭ କରିବା ପୂର୍ବରୁ ଭକ୍ତକୁ ସ୍ନାନ ଓ ପରିଷ୍କାର ବସ୍ତ୍ର ପରିଧାନ କରିବାକୁ ପଡ଼େ । ସମ୍ମୁଖରେ ଭଗବାନଙ୍କ ପ୍ରତିଛବି ବା ପ୍ରତିମୂର୍ତ୍ତି ସ୍ଥାପନ କରି, ପାଠକ ନିଜକୁ ଶାନ୍ତ ସମାହିତ କରି, ବିନମ୍ର ପ୍ରାର୍ଥନାପୂର୍ବକ, ଆଜି ଦିନକ ବଞ୍ଚାଇ ରଖି ଏ ପୁଣ୍ୟକର୍ମ କରିବା ପାଇଁ ସୁଯୋଗ ଦେଇଥିବାରୁ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଉଚିତ । ମନଚକ୍ଷୁରେ ପ୍ରଶାନ୍ତି ନିଳୟମ୍‌ର ନୈସର୍ଗିକ ମଣ୍ଡପ ସମବେତ ଭକ୍ତମାନଙ୍କ ମଧ୍ୟରେ ଭଗବାନଙ୍କର ଧୀର ପଦ ଚାଳନା, ଦିବ୍ୟାଲୋକ ଉଦ୍‌ଭାସିତ ମୁଖମଣ୍ଡଳ, ସିଂହାସନ ଅଭିମୁଖେ ଅଗ୍ରସର ହେବା ଓ ଉପଯୁକ୍ତ ମର୍ଯ୍ୟାଦା ସହ ଆସନ ମଣ୍ଡନ କରିବାର ଦୃଶ୍ୟ ସନ୍ଦର୍ଶନ କରିବାକୁ ଚେଷ୍ଟା କର । ସିଂହାସନଟିକୁ ନିଜ ହୃଦୟ ସିଂହାସନରେ ପରିଣତ କରିବା ଉଚିତ । ସମଗ୍ର ମାନବଜାତି ଉଦ୍ଦେଶ୍ୟରେ ଭଗବାନଙ୍କର ଅବଦାନ ଓ ମଣିଷ ପାଉଥିବା ଉପକାର କଥା କେତୋଟି ମୁହୂର୍ତ୍ତ ଲାଗି ନିଜ ଭାବନା ଭିତରକୁ ଆଣିଲେ ଆହୁରି ଅଧିକ ସୁଫଳ ମିଳିବ । ଏହି ପ୍ରକ୍ରିୟାଦ୍ୱାରା ଭକ୍ତର ହୃଦୟ କୋମଳ ହେବ ଓ ଭକ୍ତି ନିବେଦନ କରିବା ପାଇଁ ଉପଯୁକ୍ତ କ୍ଷେତ୍ରରେ ପରିଣତ ହୋଇଯିବ ।

ଏଭଳି ଭାବେ ହୃଦୟ ପ୍ରସ୍ତୁତ ହୋଇ ସାରିବା ପରେ ପାରାୟଣ ଆରମ୍ଭ କରିବାର ପ୍ରକୃଷ୍ଟ ସମୟ ଆସେ । ପର ପୃଷ୍ଠାରେ ପ୍ରଦତ୍ତ ବିଧିବିଧାନ ଅନୁସାରେ ଅଷ୍ଟୋତ୍ତରଶତ ନାମାବଳୀ ସହ ଭଗବାନଙ୍କ ପାଦୁକା ବା ତାହାର ପ୍ରତିରୂପକୁ ପୂଜା କରାଯାଇପାରିବ । ଗୁରୁବାରରୁ ଆରମ୍ଭ କରି ବୁଧବାର ପର୍ଯ୍ୟନ୍ତ, ସାପ୍ତାହିକ ପାରାୟଣ ଶେଷ ହେଲାପରେ, ତା'ପର ଗୁରୁବାର ଦିନ ଶ୍ରୀ ସତ୍ୟସାଇ ବାବାଙ୍କ ପୂଜା କରି ପାରାୟଣ କାର୍ଯ୍ୟ ଶେଷ କରାହୋଇପାରିବ ।

ଏହି ସତ୍‌ଚରିତ ପାରାୟଣ କଲେ ଭଗବାନ ଶ୍ରୀ ସତ୍ୟସାଇଙ୍କ କୃପାର୍ଜନ ହୋଇଥାଏ ଓ ନିଜ ଅନ୍ତରରେ ଦୃଷ୍ଟିଆକର୍ଷଣକ୍ଷମ ଅଭ୍ୟୁତ୍‌ଥାନ ଆସିଥାଏ । ତାହା ହିଁ ଏ ପାରାୟଣର ଫଳ । ଏ ଗ୍ରନ୍ଥ ପାଠ କରିବାର ଶୃଙ୍ଖଳିତ ପ୍ରକ୍ରିୟା ଆମ୍ଭମାନଙ୍କ ଭିତରେ ଥିବା ଆତ୍ମ ସତ୍ତାର ସନ୍ଧାନ ଦିଏ ଓ ଆତ୍ମାନୁଧ୍ୟାନ କରିବାରେ ସହାୟକ ହୁଏ, ଏହାର ପର ସୋପାନଟି ହେଉଛି ଆତ୍ମ ସାକ୍ଷାତକାର । ଏହା ସଙ୍ଗେ ସଙ୍ଗେ, ସଚେତନ ଭାବେ ଆମେ ଆମ ମନରୁ ସମସ୍ତ ଦୁର୍ଗୁଣକୁ ବିତାଡ଼ିତ କରିବା ଉଚିତ ଏବଂ ଆମଠାରେ ଥିବା କେତେକ ସଦ୍‌ଗୁଣକୁ (ଗୋଟିଏ ବା ଦୁଇଟି, ଯାହା ସମ୍ଭବ) ପ୍ରୋତ୍ସାହନ ଦେବା ଉଚିତ । ସେବାଭାବ, ତ୍ୟାଗଭାବ, ଦୟାଭାବ, ପ୍ରେମଭାବ, ସାଧୁତା, ନିଷ୍ପାପରତା ଓ ଧୈର୍ଯ୍ୟର ଅଭିବୃଦ୍ଧି ଘଟାଇବାକୁ ପଡ଼ିବ । ଏହିଗୁଡ଼ିକ ହିଁ ସୁନିର୍ବାଚିତ ନୈବେଦ୍ୟ, ଯାହା ଭଗବାନଙ୍କ ପଦାରବିନ୍ଦରେ ଅର୍ପିତ ହେବା ପାଇଁ ଉପଯୁକ୍ତ । ସେଭଳି ଏକ ସ୍ତର ଲାଭ କରିବା ଆମର ଲକ୍ଷ୍ୟ ହେଉ, ଯେଉଁଠାରେ ପହଞ୍ଚି, ଆମେ ଅକୁଣ୍ଠ ଚିତ୍ତରେ ନିଜକୁ ବାବାଙ୍କ

ପାଖରେ ସମର୍ପଣ କରିଦେଇ ପାରିବା । ତାହା ହିଁ ମାନବ ଜୀବନର ସର୍ବଶ୍ରେଷ୍ଠ, ସର୍ବଶେଷ ଓ ସର୍ବୋଚ୍ଚ ଆଶା, ଆଧ୍ୟାତ୍ମିକ ଲକ୍ଷ୍ୟସ୍ଥଳ ଓ ପରିପୂର୍ଣ୍ଣତା । ଏହା ପରେ ଆଉ କିଛି ନଥାଏ, ଏହା ହିଁ ବେଦ ଓ ଉପନିଷଦ୍‌ମାନଙ୍କର ଅନ୍ତିମ ସାରାଂଶ ।

***

ବହୁ ସାଇ ଭକ୍ତ ଓ ଆଶ୍ରିତମାନଙ୍କର ବହୁ ମୂଲ୍ୟବାନ ଅବଦାନ ଫଳରେ ଏ ଗ୍ରନ୍ଥ ଏ ରୂପ ଧାରଣ କରିଛି ।

ଶ୍ରୀ ଏମ୍.ଏସ୍. ବି ପ୍ରସାଦଙ୍କ ସାଗ୍ରହ ପ୍ରଚେଷ୍ଟା ଓ ବହୁ ସମୟ ପ୍ରଦାନ ଫଳରେ ମୂଳ ତେଲୁଗୁ ଲେଖା ଇଂରାଜୀରେ ଅନୁଦିତ ହୋଇପାରିଛି, ତେଣୁ ତାଙ୍କୁ ସ୍ୱତନ୍ତ୍ର କୃତଜ୍ଞତା ଜ୍ଞାପନ କରୁଛି । ବିଶିଷ୍ଟ ପଣ୍ଡିତ ତଥା ମହାନ୍ ସାଇଭକ୍ତ ପ୍ରଫେସର ବି. ରାମାରାଜୁ ଦୟାପରବଶ ହୋଇ ଅଗ୍ରସ୍ତମ୍ଭ ପ୍ରଦାନ କରିଛନ୍ତି । ମୋ ସ୍ତ୍ରୀ ଜୀବନର ପ୍ରତ୍ୟେକ ସୋପାନରେ ମୋତେ ସାହାଯ୍ୟ ଓ ପ୍ରେରଣା ଯୋଗାଇ ଆସିଛନ୍ତି । ଡଃ ସୁମନ ଓ ଡଃ ଶେଖର ଏ ଗ୍ରନ୍ଥ ପ୍ରସ୍ତୁତି ବେଳେ ବହୁ ମୂଲ୍ୟବାନ ସାହାଯ୍ୟ ଓ ସୂଚନାମାନ ଯୋଗାଇ ଦେଇଛନ୍ତି । ଏହାର ଦ୍ୱିତୀୟ ସଂସ୍କରଣ ପାଇଁ ତିଳକର ସାହାଯ୍ୟ ଅବିସ୍ମରଣୀୟ ।

ସ୍ୱାମୀଙ୍କ କୃପା ସମସ୍ତଙ୍କ ଉପରେ ବୃଷ୍ଟି ହେଉଥାଉ । ଶାଶ୍ୱତ ସୁରକ୍ଷା ପ୍ରଦାନ କରୁଥିବା ଭଗବାନ ବାବାଙ୍କୁ ବିନମ୍ରତାର ସହ ଅର୍ପଣ କରୁଛି ତାଙ୍କ ନିତ୍ୟ ପାରାୟଣ ଗ୍ରନ୍ଥଟି ।

ପ୍ରଭୁ, ଯେଉଁ ପାରାୟଣ ଗ୍ରନ୍ଥ ରଚିଥିଲି ତୁମ୍ଭ ଶ୍ରୀପୟର ଧରି
ସେ ''ସତ୍‌ଚରିତ''କୁ ସମର୍ପିଲି ତୁମ୍ଭ ପାଦ ପଦ୍ମେ, କୃପାକରି
ଏ ପୁଷ୍ପ କଳିକାକୁ ସନ୍ତୋଷରେ ଗ୍ରହଣ କରିବ
ପାଠକର ସତ୍ ମନୋବାଞ୍ଛା ପୂରଣ କରିବ ।

ପ୍ରଶାନ୍ତି ନିଳୟମ୍
ଆନ୍ଧ୍ରପ୍ରଦେଶ

''ଶାନ୍ତିଶ୍ରୀ''
ଜାନ୍ଦ୍ୟାଲା ଭେଙ୍କଟଶ୍ୱର ଶାସ୍ତ୍ରୀ

ସୂଚୀପତ୍ର

ଅଗ୍ରସ୍ତମ୍ଭ — କ
ମୁଖବନ୍ଧ — ଘ

ପ୍ରଥମ ଭାଗ : ଭଗବାନଙ୍କ ଆଡ଼କୁ ପଥ — ୧

- ପ୍ରାର୍ଥନା — ୨
- ସାଇପୂଜା-ସଙ୍କଳ୍ପ (ଭଗବାନ ବାବାଙ୍କ ପୂଜାବିଧି) — ୨
- ଅର୍ଚ୍ଚନା — ୩
- ଅଷ୍ଟୋତ୍ତରଶତ ନାମାବଳୀ — ୪
- ସାଇଶ୍ୱରାଷ୍ଟକମ୍ — ୧୧
- ଶ୍ରୀସାଇ ଅଷ୍ଟାକ୍ଷରୀ ମନ୍ତ୍ର — ୧୨

ଦ୍ୱିତୀୟ ଭାଗ : ଦିବ୍ୟ ଚମତ୍କାରିତା — ୧୩

ସମର୍ପଣ — ୧୪

ପ୍ରଥମ ଦିବସ - ଗୁରୁବାର

୧ମ ଅଧ୍ୟାୟ : ତପୋବନମ୍ — ୧୭
ତପୋବନରେ ପ୍ରବେଶ-ପ୍ରଣବ-ସୁପ୍ରଭାତମ୍-ନଗର ସଂକୀର୍ତ୍ତନ। — ୧୭
ସନ୍ଦର୍ଶନ-ସ୍ୱର୍ଗର ଦେବତାମାନେ ମୋ ପାଇଁ ପ୍ରତୀକ୍ଷାରତ। — ୨୬
ପେଦ୍ଦାବଚ୍ଚୁଙ୍କ ଅନୁଭୂତି - ରାଜା ରେଡ୍ଡିଙ୍କ ସଂଦର୍ଶନ। — ୩୦
ଭଜନ। — ୩୩

୨ୟ ଅଧ୍ୟାୟ : *ଶିରିଡ଼ିସାଇ-ପର୍ତ୍ତିସାଇ* — ୩୫
ଯୋଡ଼ି ଆଦିପଲ୍ଲୀ ସୋମପ୍ପା। — ୩୫
ପ୍ରେମ କୁଟୀର। — ୩୬
ବାବା ଶିବଶକ୍ତି। — ୩୮
ଶିରିଡ଼ି ସାଇ ବାବାଙ୍କ ଜନ୍ମବୃତ୍ତାନ୍ତ - ଶିରିଡ଼ି ସାଇଙ୍କ ପ୍ରତିଶ୍ରୁତି। — ୪୧
ଶରୀର ଦୁଇଟି, ମାତ୍ର ଦୈବତ୍ୱ ଏକ। — ୪୮
ବାବା ସର୍ବବ୍ୟାପୀ- ମୁଁ ଜାଣେ, ତୁମେ ଜାଣ ନାହିଁ। — ୫୧

ଦ୍ୱିତୀୟ ଦିବସ-ଶୁକ୍ରବାର

୩ୟ ଅଧ୍ୟାୟ : *ସମ୍ଭବାମି ଯୁଗେ ଯୁଗେ* — ୫୪
ପୁଟ୍ଟବର୍ଦ୍ଧିନୀ। — ୫୪
ଈଶ୍ୱରାମ୍ମା - ସ୍ୱାମୀଙ୍କ ଅବତରଣ - ପ୍ରସବ ନୁହେଁ, ପ୍ରବେଶ। — ୫୬
ଦିବ୍ୟ ସ୍ପର୍ଶ - ଶିକ୍ଷକଙ୍କ ଆସନ - ବ୍ୟାଘ୍ରହନ୍ତାକୁ ଭର୍ତ୍ସନା। — ୬୨

୪ର୍ଥ ଅଧ୍ୟାୟ : *ସାଇଙ୍କ ପ୍ରସ୍ଫୁଟନ* ୬୭
ପୁଷ୍ପଗିରି ମେଳା। ୬୭
ମୁଁ ସମସ୍ତଙ୍କ ପରିଚାରକ। ୬୮
କହିବା ପରି କରୁଛ ତ ? ୭୦
ହଜିଥିବା ଘୋଡ଼ା। ୭୩
ଜଗତକୁ ନଚାଉଥିବା ଭଗବାନ ନର୍ତ୍ତକୀ ହେଲେ। ୭୩
ବିଛା କାମୁଡ଼ା - ଜ୍ଞାନ ପ୍ରଦାତା - ସହନଶୀଳତା। ୭୬
ମୁଁ ସାଇବାବା - ମହାନ୍ ଉଦ୍‌ଘୋଷଣା। ୮୦
ପୁରାଣଶାସ୍ତ୍ରରେ ସତ୍ୟସାଇ ବାବାଙ୍କ ବିଷୟରେ ଉଲ୍ଲେଖ। ୮୩

ତୃତୀୟ ଦିବସ - ଶନିବାର

୫ମ ଅଧ୍ୟାୟ : *ଧର୍ମର ପୁନରୁତ୍‌ଥାନ* ୮୭
ମନ୍ଦିରମାନଙ୍କର ପୁନରୁଜ୍ଜୀବନ। ୮୭
ବୈଦିକ ଧର୍ମର ପୁନରଭ୍ୟୁଦୟ। ୯୧
ସଠିକ୍ ମୁହୂର୍ତ୍ତ ଆଉ କିଏ ଜାଣେ ? - ଯଜ୍ଞ କଳସ - ଆୟୁଧ ପୂଜା। ୯୩
୬ଷ୍ଠ ଅଧ୍ୟାୟ : *ପରମ ଈଶ୍ୱର* ୯୮
ସର୍ବଦେବତାତୀତ। ୯୮
ମହାଗଣପତି - ଶ୍ରୀ ସୁବ୍ରହ୍ମଣ୍ୟ ସ୍ୱାମୀ - ପରମଶିବ - ଶ୍ରୀରାମଚନ୍ଦ୍ର - ଶ୍ରୀ ଶ୍ୟାମସୁନ୍ଦର। ୯୯
ଗୌତମ ବୁଦ୍ଧ - ଯୀଶୁ ଖ୍ରୀଷ୍ଟ - ବାବାଙ୍କ ହାତରେ କାବା - ଦତ୍ତାତ୍ରେୟ। ୧୦୮
ମୋ ମାନବ ଦେହରେ ସମସ୍ତ ଦେବାଦେବୀଙ୍କ ଶକ୍ତି ୧୧୨
ସ୍ୱାମୀ ବିଶ୍ୱବ୍ରହ୍ମାଣ୍ଡରେ ବିଦ୍ୟମାନ ବ୍ୟାପ୍ତ - ନେତି, ନେତି। ୧୧୩

୪ର୍ଥ ଦିବସ - ରବିବାର

୭ମ ଅଧ୍ୟାୟ : *ସର୍ବଶକ୍ତିମାନ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା, ସଂହାରକର୍ତ୍ତା* ୧୧୮
ସୃଷ୍ଟି - ଜନ୍ଦାରୁ ମାଳି, ପାନପତ୍ରରୁ ଶୁଆ - ବରା ଭିତରେ ହୀରା। ୧୧୮
ସ୍ଥିତି - ତୁମ୍ଭେମାନେ ଆତ୍ମ ସ୍ୱରୂପ - ଶିମଳା ଘଟଣା। ୧୨୦
ଲୟ - ସୃଷ୍ଟି, ସ୍ଥିତି ଓ ଲୟ ମୋ ହାତମୁଠାରେ। ୧୨୩
୮ମ ଅଧ୍ୟାୟ : *ବିଶ୍ୱବ୍ରହ୍ମାଣ୍ଡର ନାୟକ* ୧୨୬
ସବୁ ମହାଭୂତ ତାଙ୍କ ଅଧୀନରେ। ୧୨୬
ଅଗ୍ନିକାଣ୍ଡରୁ ଉଦ୍ଧାର - ବନ୍ୟାରୁ ଉଦ୍ଧାର - ପାଣିରୁ ପେଟ୍ରୋଲ। ୧୨୬
ହିମାଳୟରେ ସୂର୍ଯ୍ୟାଲୋକ। ୧୨୮

୯ମ ଅଧ୍ୟାୟ : *ମୁଁ ଥାଉଁ ଥାଉଁ ଭୟ କାହିଁକି ?* **୧୨୯**
ଟ୍ରକ ଧକ୍କାରୁ ଉଦ୍ଧାର। ୧୨୯
ଭଗବାନ ସ୍ୱାମୀଠାରୁ ଅଧିକ ଆପଣାର। ୧୩୧
ଭଗବାନ ମାଆଠାରୁ ଆହୁରି ନିକଟତର। ୧୩୨
ଆତ୍ମହତ୍ୟାରୁ ଉଦ୍ଧାର। ୧୩୩
ଅସୀମ କରୁଣା। ୧୩୪
୧୦ମ ଅଧ୍ୟାୟ : *କାଳର ଅଧିପତି* **୧୩୬**
ସେ ସମୟକୁ ସଂକ୍ଷିପ୍ତ କରି ଦିଅନ୍ତି। ୧୩୭
ସେ ସମୟର ଦୈର୍ଘ୍ୟ ବଢ଼ାଇପାରନ୍ତି। ୧୩୮
ସ୍ଥାନ ଓ କାଳ ମୋତେ ବାନ୍ଧି ପାରେ ନାହିଁ। ୧୪୦
ଅନେକ ରୂପରୂପାୟ- ଅଚିନ୍ତନୀୟ। ୧୪୦
ଅଜ୍ଞାତଭାବେ ଆବିର୍ଭୂତ। ୧୪୩

୫ମ ଦିବସ - ସୋମବାର

୧୧ଶ ଅଧ୍ୟାୟ : *ପ୍ରେମମୟୀ ସାଇମାତା* **୧୪୫**
ସହସ୍ରମାତାଙ୍କ ପ୍ରେମ - ପ୍ରେମପୁଷ୍ପ। ୧୪୫
ମୋ ପାଇଁ ବୃନ୍ଦାଏ ଲୁହ ଝରାଅ। ୧୪୮
ଏନଫ୍ଲୁଏଞ୍ଜା ବିତାଡ଼ିତ - ଅଧ୍ୟାତ୍ମିକ ଜ୍ଞାନର ଶ୍ରେଷ୍ଠତ୍ୱ। ୧୫୦
ମୋ ଛାତ୍ରମାନେ ମୋ ସମ୍ପତ୍ତି ୧୫୨
ଭଗବାନ ବିଜ୍ଞାନାତୀତ। ୧୫୩
ଉଦାରଚେତା - ବାବାଙ୍କ ସାନ୍ନିଧ୍ୟରୁ ଉପକାର। ୧୫୪
୧୨ଶ ଅଧ୍ୟାୟ : *ଆରୋଗ୍ୟ ମନ୍ଦିର* **୧୫୭**
ସୁପର ସ୍ପେଷାଲିଟି ହସ୍‌ପିଟାଲ। ୧୫୭
ପ୍ରସାଦର କରାମତି - ଅସ୍ତ୍ରୋପଚାର କଲା କିଏ ? ୧୬୦
ଭଗବାନ ଥାଉଁ ଥାଉଁ ଡାକ୍ତରଖାନା କାହିଁକି ? ୧୬୨
ପ୍ରତ୍ୟେକଙ୍କ ପାଇଁ ଭିନ୍ନ ଚିକିତ୍ସା। ୧୬୨
୧୩ଶ ଅଧ୍ୟାୟ : *ପରମଂ ବିଚିତ୍ରଂ ଲୀଳା ବିଭୂତିମ୍* **୧୬୪**
ବିଭୂତିରେ କ୍ୟାନସର ଅକାମୀ ହୁଏ। ୧୬୪
ଦୋନୋ ପୋଲୋ, ଆଦିବାସୀ ନେତାଙ୍କ ସମର୍ପଣ। ୧୬୫
ବିଭୂତିର ବିସ୍ମୟକର ଶକ୍ତି। ୧୬୭

୬ଷ୍ଠ ଦିବସ - ମଙ୍ଗଳବାର

୧୪ଶ ଅଧ୍ୟାୟ : *ଅସୀମ ଚମତ୍କାରିତା* **୧୬୯**
ଅଖିଳଲୋକ ଉଦ୍ଧାରକ - ଜନ୍ ହିସଲପ୍ ଓ ଯୀଶୁଙ୍କ ମୂର୍ତ୍ତି । ୧୬୯
ଅଲ ଡ୍ରୁକର - ଇନ୍ଦ୍ରାଦେବୀ - ଡଃ ଫ୍ରାଙ୍କ୍ ବରୋନୋସ୍କି । ୧୭୧
ଡଃ ଆର୍ଟ ଓଙ୍ଗ୍ ଜୁମ୍‌ସାଇ - ସୁଖରେ ରହ - ଜଗଦୀଶନ । ୧୮୨
ମଳ, ବିକ୍ଷେପ, ଆବରଣ । ୧୯୦

୭ମ ଦିବସ - ବୁଧବାର

୧୫ଶ ଅଧ୍ୟାୟ : *ପ୍ରତ୍ୟେକଙ୍କ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମୋତେ ଜଣା* **୧୯୩**
ଖରାପର ଫଳ ଖରାପ । ୧୯୩
ପୂର୍ବରୁ ଫିଙ୍ଗିଦେଇଥିବା ଖାଦ୍ୟ ଗୋଟାଉଛନ୍ତି । ୧୯୫
ଦୟା ସାଗର - ନାମ ସ୍ମରଣ ଓ ରୂପଧ୍ୟାନ - ପ୍ରାୟଶ୍ଚିତ୍ତରୁ ମୁକ୍ତି । ୧୯୬
୧୬ଶ ଅଧ୍ୟାୟ : *ନାମସ୍ମରଣର ତାତ୍ପର୍ଯ୍ୟ* **୨୦୦**
ତୁଳସାମ୍ମା - ନାମସ୍ମରଣ ଅର୍ଥ ଭଗବାନଙ୍କୁ ଆବାହନ । ୨୦୧
ନାମସ୍ମରଣ ଅର୍ଥ ଭଗବାନଙ୍କୁ ଫୋନ୍ କରିବା । ୨୦୨
ମାୟା ଭୟଙ୍କର କୁକୁର - ନିଷ୍ପାପର ପ୍ରାର୍ଥନା । ୨୦୨
ମୁଁ ସର୍ବଦା ତୁମରି ଅପେକ୍ଷାରେ - ଦୁର୍ଗତମାନେ ମୋର ସନ୍ତାନ । ୨୦୫
ଛାଗ ଓ ମନ । ୨୦୮
୧୭ଶ ଅଧ୍ୟାୟ : *ମାନବସେବା ହିଁ ମାଧବସେବା* **୨୧୦**
ମୋ ଆଡ଼କୁ ପାଦେ ଆସ, ମୁଁ ତୁମ ଆଡ଼କୁ ଶହେ ପାଦ ଯିବି । ୨୧୧
ହନୁମାନ - ବିଭୀଷଣ ସମ୍ବାଦ - ସେବା ସ୍ୱର୍ଗକୁ ନେଇଯାଏ । ୨୧୨
ଜୀବନସାରା ଆଧ୍ୟାତ୍ମିକତା ରକ୍ଷା କର । ୨୧୪
୧୮ଶ ଅଧ୍ୟାୟ : ବଞ୍ଚିତମାନଙ୍କ ପ୍ରିୟବନ୍ଧୁ, ଅଭାବୀମାନଙ୍କ ନିକଟବନ୍ଧୁ ୨୧୬
ଘାତପ୍ରତିଘାତ ଭଗବାନଙ୍କ ନିକଟତର କରାଏ । ୨୧୬
ମୁଁ ମଧ୍ୟ ତାକୁ ଭୟ କରେ । ୨୧୮
ନବଧା ଭକ୍ତି । ୨୧୯
ଉପସଂହାର । ୨୨୧
ଫଳଶ୍ରୁତି **୨୨୨**
ମଙ୍ଗଳ ଆରତୀ **୨୨୪**

ପ୍ରଥମ ଭାଗ

ଭଗବାନଙ୍କ ଆଡ଼କୁ ପଥ

ପ୍ରାର୍ଥନା

ଓଁକାରଂ ବିନ୍ଦୁସଂଯୁକ୍ତଂ ନିତ୍ୟଂ ଧ୍ୟାୟନ୍ତି ଯୋଗୀନଃ
କାମଦଂ ମୋକ୍ଷଦଂ ଚୈବ ଓଁକାରାୟ ନମୋ ନମଃ ॥

ଶୁକ୍ଳାମ୍ବରଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ ଚତୁର୍ଭୁଜମ୍
ପ୍ରସନ୍ନବଦନଂ ଧ୍ୟାୟେତ୍ ସର୍ବ ବିଘ୍ନୋପଶାନ୍ତୟେ ॥

ଶିବଶକ୍ତେ ନମସ୍ତୁଭ୍ୟଂ ବରଦେ ସାଇରୂପିଣୀ
କାବ୍ୟାରମ୍ଭଂ କରିଷ୍ୟାମି ସିଦ୍ଧିର୍ଭବତୁ ମେ ସଦା ॥

ଦୀକ୍ଷାମ୍ବରଧରଂ ସତ୍ୟଂ କାରୁଣ୍ୟ ରସସାଗରମ୍
ସାଇଶ୍ୱରମହଂ ଧ୍ୟାୟେ ସର୍ବମଙ୍ଗଳସିଦ୍ଧୟେ ॥

***

ସାଇପୂଜା ସଙ୍କଳ୍ପମ୍

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପୂଜା ବିଧାନ

ଅପବିତ୍ରୋ ପବିତ୍ରୋ ବା ସର୍ବାବସ୍ଥାଙ୍ଗତୋଽପି ବା
ଯ ସ୍ମରେତ୍ ପୁଣ୍ଡରୀକାକ୍ଷଂ ସ ବାହ୍ୟାଭ୍ୟନ୍ତର ଶୁଚିଃ ॥

ଆଚମନମ୍ – ଚାମଚେ ଜଳ ଦକ୍ଷିଣହସ୍ତ ପାପୁଲିରେ ଧରି, ଓଠ ମଧ୍ୟ ଦେଇ ଢୋକିବାକୁ ହେବ, ଏହା ସଙ୍ଗେ ଶ୍ରୀ ମହାବିଷ୍ଣୁଙ୍କ ନିମ୍ନଲିଖିତ ନାମୋଚ୍ଚାରିତ ହେବ । ଠିକ୍ ସେହି କ୍ରିୟା ଦ୍ୱିତୀୟ ନାମ ସହିତ ଓ ଶେଷନାମ ସହିତ କରିବାକୁ ହେବ ।

ଓଁ କେଶବାୟ ସ୍ୱାହା
ଓଁ ନାରାୟଣାୟ ସ୍ୱାହା
ଓଁ ମାଧବାୟ ସ୍ୱାହା

ଏହାପରେ ନମସ୍କାର ମୁଦ୍ରାରେ ଯୋଡ଼ହସ୍ତ ହୋଇ ଶ୍ରୀ ମହାବିଷ୍ଣୁଙ୍କର ନିମ୍ନଲିଖିତ ନାମଗୁଡ଼ିକୁ ଉଚ୍ଚାରଣ କରିବାକୁ ହେବ ।

ଓଁ ଗୋବିନ୍ଦାୟ ନମଃ, ଓଁ ବିଷ୍ଣବେ ନମଃ, ଓଁ ମଧୁସୂଦନାୟ ନମଃ, ଓଁ ତ୍ରିବିକ୍ରମାୟ ନମଃ, ଓଁ ବାମନାୟ ନମଃ, ଓଁ ଶ୍ରୀଧରାୟ ନମଃ, ଓଁ ହୃଷିକେଶାୟ ନମଃ, ଓଁ ପଦ୍ମନାଭାୟ ନମଃ, ଓଁ ଦାମୋଦରାୟ ନମଃ, ଓଁ ଶଙ୍କର୍ଷଣାୟ ନମଃ, ଓଁ ବାସୁଦେବାୟ ନମଃ, ଓଁ ପ୍ରଦ୍ୟୁମ୍ନାୟ ନମଃ, ଓଁ ଅନିରୁଦ୍ଧାୟ ନମଃ, ଓଁ ପୁରୁଷୋତ୍ତମାୟ ନମଃ, ଓଁ ଅଧୋକ୍ଷଜାୟ ନମଃ, ଓଁ ନରସିଂହାୟ ନମଃ, ଓଁ ଅଚ୍ୟୁତାୟ ନମଃ, ଓଁ ଜନାର୍ଦ୍ଦନାୟ ନମଃ, ଓଁ ଉପେନ୍ଦ୍ରାୟ

ନମଃ, ଓଁ ହରୟେ ନମଃ, ଓଁ ଶ୍ରୀକୃଷ୍ଣାୟ ନମଃ ।

ଉତ୍ତିଷ୍ଠନ୍ତୁ ଭୂତପିଶାଚାଃ ଏତେ ଭୂମିଭାରକାଃ
ଏତେଷାଂ ଅବିରୋଧେନ ବ୍ରହ୍ମକର୍ମ ସମାରଭେ ।

ପ୍ରାଣାୟାମ :

ଓଁ ଭୂଃ, ଓଁ ଭୁବଃ, ଓଁ ସ୍ୱଃ, ଓଁ ମହଃ, ଓଁ ଜନଃ, ଓଁ ତପଃ, ଓଁ ସତ୍ୟମ୍, ଓଁ ତତ୍ ସବିତୁର୍ବରେଣ୍ୟମ୍, ଭର୍ଗୋ ଦେବସ୍ୟ ଧୀମହି ଧିୟୋ ୟୋ ନଃ ପ୍ରଚୋଦୟାତ୍ । ଓଁ ଆପୋ ଜ୍ୟୋତି ରସୋଽମୃତମ୍, ବ୍ରହ୍ମ ଭୂର୍ଭୁବ ସ୍ୱରୋଁ ।

ସଙ୍କଳ୍ପମ୍ :

ମମ ଉପାତ୍ତ ଦୁରିତକ୍ଷୟ ଦ୍ୱାରା ଶ୍ରୀ ଶ୍ରୀ ସାଈଶ୍ୱରଂ ଉଦ୍ଦିଶ୍ୟ, ଶ୍ରୀ ସାଈଶ୍ୱର ପ୍ରୀତ୍ୟର୍ଥଂ, ଶୁଭେ, ଶୋଭନ ମୁହୂର୍ତ୍ତେ, ଶ୍ରୀ ମହାବିଷ୍ଣୁରାଜ୍ଞୟା, ପ୍ରବର୍ତ୍ତମାନସ୍ୟ, ଅଦ୍ୟ ବ୍ରହ୍ମଣଃ ଦ୍ୱିତୀୟ ପରାର୍ଥେ ଶ୍ୱେତ ବରାହକଳ୍ପେ, ବୈବସ୍ୱତ ମନ୍ୱନ୍ତରେ, କଳିଯୁଗେ, ପ୍ରଥମ ପାଦେ (ଭାରତବର୍ଷ ବାହାରେ ବନ୍ଧନୀ ମଧ୍ୟରେ ଥିବା ବାକ୍ୟଗୁଡ଼ିକ ଉଚ୍ଚାରଣ କରାଯିବ ନାହିଁ ।) *ଜମ୍ବୁ ଦ୍ୱୀପେ, ଭାରତବର୍ଷେ, ଭାରତଖଣ୍ଡେ, ମେରୋର୍ଦକ୍ଷିଣ ଦିଗ୍ ଭାଗେ ଶ୍ରୀଶୈଳସ୍ୟ ଈଶାନ ପ୍ରଦେଶେ, କୃଷ୍ଣା-କାବେର୍ୟୋର୍ମଧ୍ୟଦେଶେ, ଶ୍ରୀ ସତ୍ୟସାଈ ମନ୍ଦିରେ ସମସ୍ତ ଦେବତା ସନ୍ନିଧୌ, ଅସ୍ମିନ୍ ବର୍ତ୍ତମାନେନ, ବ୍ୟାବହାରିକ ଚାନ୍ଦ୍ରମାନେନ.... ସମ୍ବତ୍ସରେ.... ଅୟନେ.... ଋତୌ.... ମାସେ.... ପକ୍ଷେ.... ତିଥୌ.... ବିଶିଷ୍ଟାୟାଂ ଶୁଭତିଥୌ, ଅସ୍ମିନ୍‌ଗ୍ରାମେ, ସର୍ବେଷାଂ ଭକ୍ତଜନାନାଂ ଚ ସର୍ବୋପଦ୍ରବ ଶାନ୍ତ୍ୟର୍ଥଂ ସର୍ବେ ଜନ-ଅଭିବୃଦ୍ଧ୍ୟର୍ଥଂ ମମ.... ଗୋତ୍ରସ୍ୟ ଶ୍ରୀମାନ୍/ଶ୍ରୀମତୀ .... (ଏଠାରେ ଭକ୍ତଙ୍କ ନାମ ଉଲ୍ଲେଖ କରାଯିବ) ନାମଧେୟ ଧର୍ମପତ୍ନୀ ସମେତସ୍ୟ (ସସ୍ତ୍ରୀକ ପୂଜାବେଳେ) ସକୁଟୁମ୍ବସ୍ୟ (ସପରିବାର ପୂଜାବେଳେ) ସପୁତ୍ରକସ୍ୟ (ସନ୍ତାନମାନଙ୍କ ସହ ଥିଲେ) ସବାନ୍ଧବସ୍ୟ (ବନ୍ଧୁମାନଙ୍କ ସହିତ ଥିଲେ) ସପରିବାରସ୍ୟ (ଅନ୍ୟ ସମସ୍ତଙ୍କ ସହ ପୂଜା କରୁଥିଲାବେଳେ)କ୍ଷେମ, ସ୍ଥୈର୍ଯ୍ୟ, ଧୈର୍ଯ୍ୟ, ବିଜୟ, ଅଭୟ, ଆୟୁ, ଆରୋଗ୍ୟ, ଐଶ୍ୱର୍ଯ୍ୟ, ଅଭିବୃଦ୍ଧ୍ୟର୍ଥଂ, ଧର୍ମ, ଅର୍ଥ, କାମ, ମୋକ୍ଷ, ଚତୁର୍ବିଧ ଫଳ, ପୁରୁଷାର୍ଥ ସିଦ୍ଧ୍ୟର୍ଥଂ, ଇଷ୍ଟ କାମ-ଅର୍ଥ ଫଳ ସିଦ୍ଧ୍ୟର୍ଥଂ, ଶ୍ରୀ ସତ୍ୟସାଈଶ୍ୱର ପ୍ରୀତ୍ୟର୍ଥଂ ଶ୍ରୀ ସତ୍ୟସାଈ ଦେବତା ପୂଜାଂ କରିଷ୍ୟେ ।*

ଅର୍ଚ୍ଚନା

ଧ୍ୟାନମ୍ *ଓଁ ନମଃ ପ୍ରଣବାର୍ଥାୟ ମଙ୍ଗଳପ୍ରଦମୂର୍ତ୍ତୟେ*
ପ୍ରଶାନ୍ତିନିଳୟସ୍ଥାୟ ସତ୍ୟସାଈନ୍ ନମୋ ନମଃ ॥

ଆବାହନମ୍ ଈଶ୍ୱରାମ୍ବାସୁତ ଶ୍ରୀମନ୍ ଆଗଚ୍ଛ ପ୍ରପିତାମହଃ ।
ମହାବିଷ୍ଣୋ ମହାଦେବଂ ସତ୍ୟସାଇନ୍ ନମୋ ନମଃ ॥

ସିଂହାସନମ୍ ତ୍ରିସତ୍ୟ ନିତ୍ୟ ସଦ୍ଧର୍ମ ଶାନ୍ତିରତ୍ନପ୍ରଦୀପକା
ସିଂହାସନଂ ଗୃହାଣେଦଂ ସତ୍ୟସାଇନ୍ ନମୋ ନମଃ ।

ପାଦ୍ୟମ୍ ସତ୍ୟଦେବ ପରଂବ୍ରହ୍ମ ସର୍ବଧର୍ମପ୍ରବୋଧକଃ ।
ପାଦ୍ୟଂ ପ୍ରଭୋ ଗୃହାଣେଦଂ ସତ୍ୟସାଇନ୍ ନମୋ ନମଃ ॥

ଅର୍ଘ୍ୟମ୍ ଅଭ୍ର ଗଙ୍ଗା ଜଟାଜୁଟ ପରମାନନ୍ଦ ବିଗ୍ରହଃ
ଗୃହାଣାର୍ଘ୍ୟଂ ମୟା ଦତ୍ତଂ ସତ୍ୟସାଇନ୍ ନମୋ ନମଃ ॥

ଆଚମନୀୟମ୍ ଦେବ ଦେବ ଜଗନ୍ନାଥ ପ୍ରେମାମୃତ ରସାମ୍ବୁଧିଃ
ଗୃହାଣାଚମନଂ ଦେବ ସତ୍ୟସାଇନ୍ ନମୋ ନମଃ ॥

ସ୍ନାନମ୍ ନାନାରସାମୃତୈଃ ତୀର୍ଥୈଃ ସଂଗୃହାଣ ଜଗତ୍ପତେ ।
ସ୍ନାପୟିଷ୍ୟାମ୍ୟହଂ ଭକ୍ତ୍ୟା ସତ୍ୟସାଇନ୍ ନମୋ ନମଃ ॥

ବସ୍ତ୍ରମ୍ କାଷାୟାମ୍ବର ଦିବ୍ୟାଙ୍ଗ ସୌନ୍ଦର୍ଯ୍ୟରସରଞ୍ଜିତଃ
ବସ୍ତ୍ରଂ ସ୍ୱୀକୁରୁ ଲୋକେଶ ସତ୍ୟସାଇନ୍ ନମୋ ନମଃ ॥

ଉପବୀତମ୍ ଯଜ୍ଞଭୋକ୍ତା ଯଜ୍ଞକର୍ତ୍ତା ଯଜ୍ଞପ୍ରିୟଃ ଯଜୁଷ୍ଟୁତିଃ
ଉପବୀତଂ ଗୃହାଣେଦଂ ସତ୍ୟସାଇନ୍ ନମୋ ନମଃ ॥

ଗନ୍ଧମ୍ ଶ୍ରୀଗନ୍ଧଂ ଶୀତଳଂ ଶୁଭ୍ରଂ ଦେହେ ତେ ଲେପାୟାମ୍ୟହମ୍
ସେବନଂ ସ୍ୱୀକୁରୁ ଶ୍ରୀମନ୍ ସତ୍ୟସାଇନ୍ ନମୋ ନମଃ ॥

ପୁଷ୍ପମ୍ ତୁଳସୀକୁନ୍ଦମନ୍ଦାରୈଃ ବକୁଳୈଃ ଶତପତ୍ରକୈଃ
ପୂଜୟାମି ଗୃହାଣେଦଂ ସତ୍ୟସାଇନ୍ ନମୋ ନମଃ ॥

ଅଷ୍ଟୋତ୍ତରଶତ ନାମାବଳୀ

(ଏ ପୂଜାରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କୁ ତାଙ୍କ ୧୦୮ ପବିତ୍ର ନାମରେ ଆବାହନ କରାଯାଇଛି । ପ୍ରତ୍ୟେକ ନାମ ଉଚ୍ଚାରଣବେଳେ ଗୋଟିଏ ଲେଖାଏଁ ଫୁଲ ତାଙ୍କ ପାଦପଦ୍ମରେ ଅର୍ପଣ କରାଯିବା ବିଧେୟ ।)

୧. *ଓଁ ଶ୍ରୀ ସତ୍ୟସାଇ ବାବାୟ ନମଃ* (ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କୁ ମୋର ବିନମ୍ର ପ୍ରଣାମ/ନମସ୍କାର)

୨. *ଓଁ ଶ୍ରୀ ସାଇ ସତ୍ୟସ୍ୱରୂପାୟ ନମଃ* (ସତ୍ୟସ୍ୱରୂପଙ୍କୁ ପ୍ରଣାମ/ନମସ୍କାର)

୩. *ଓଁ ଶ୍ରୀ ସାଇ ସତ୍ୟଧର୍ମପରାୟଣାୟ ନମଃ* (ମୁଖ୍ୟତଃ ସତ୍ୟ ଓ ଧର୍ମ ପରାୟଣଙ୍କୁ ନମସ୍କାର)

୪. *ଓଁ ଶ୍ରୀ ସାଇ ବରଦାୟ ନମଃ* (ବରପ୍ରଦାତା ସାଇଙ୍କୁ ନମସ୍କାର)

୫. *ଓଁ ଶ୍ରୀ ସାଇ ସତ୍‌ପୁରୁଷାୟ ନମଃ* (ସତ୍‌ପୁରୁଷ ସାଇଙ୍କୁ ନମସ୍କାର)

୬. *ଓଁ ଶ୍ରୀ ସାଇ ସତ୍ୟଗୁଣାତ୍ମନେ ନମଃ* (ସେହି ସତ୍ୟ ଗୁଣ ସ୍ୱୟଂ ସାଇଙ୍କୁ ନମସ୍କାର)

୭. *ଓଁ ଶ୍ରୀ ସାଇ ସାଧୁବର୍ଦ୍ଧନାୟ ନମଃ* (ଲୋକମାନଙ୍କଠାରେ ସାଧୁଭାବ ବୃଦ୍ଧି କରୁଥିବା ସାଇଙ୍କୁ ନମସ୍କାର)

୮. *ଓଁ ଶ୍ରୀ ସାଇ ସାଧୁଜନପୋଷଣାୟ ନମଃ* (ସାଧୁଲୋକମାନଙ୍କ ଯତ୍ନ କରୁଥିବା ଓ ତାଙ୍କ ପାଳନ ପୋଷଣ କରୁଥିବା ସାଇଙ୍କୁ ନମସ୍କାର)

୯. *ଓଁ ଶ୍ରୀ ସାଇ ସର୍ବଜ୍ଞାୟ ନମଃ* (ସବୁକିଛି ଜାଣିପାରୁଥିବା ସାଇଙ୍କୁ ନମସ୍କାର ।)

୧୦. *ଓଁ ଶ୍ରୀ ସାଇ ସର୍ବଜନପ୍ରିୟାୟ ନମଃ* (ସମସ୍ତଙ୍କର ପ୍ରିୟ ସାଇଙ୍କୁ ନମସ୍କାର ।)

୧୧. *ଓଁ ଶ୍ରୀ ସାଇ ସର୍ବଶକ୍ତିମୂର୍ତ୍ତୟେ ନମଃ* (ସକଳ ଦିବ୍ୟଶକ୍ତିର ପ୍ରତିମୂର୍ତ୍ତି ସାଇଙ୍କୁ ନମସ୍କାର)

୧୨. *ଓଁ ଶ୍ରୀ ସାଇ ସର୍ବେଶାୟ ନମଃ* (ସମସ୍ତଙ୍କ ଈଶ ସାଇଙ୍କୁ ନମସ୍କାର ।)

୧୩. *ଓଁ ଶ୍ରୀ ସାଇ ସର୍ବସଙ୍ଗପରିତ୍ୟାଗିନେ ନମଃ* (ସକଳ ଆସକ୍ତି ବର୍ଜନ କରିଥିବା ସାଇଙ୍କୁ ନମସ୍କାର)

୧୪. *ଓଁ ଶ୍ରୀ ସାଇ ସର୍ବାନ୍ତର୍ଯ୍ୟାମିନେ ନମଃ* (ସମସ୍ତଙ୍କ ଅନ୍ତର କଥା ଜାଣିପାରୁଥିବା ସାଇଙ୍କୁ ନମସ୍କାର)

୧୫. *ଓଁ ଶ୍ରୀ ସାଇ ମହିମାତ୍ମନେ ନମଃ* (ମହାନ୍‌ଆତ୍ମା ସାଇଙ୍କୁ ନମସ୍କାର)

୧୬. *ଓଁ ଶ୍ରୀ ସାଇ ମହେଶ୍ୱରସ୍ୱରୂପାୟ ନମଃ* (ମହେଶ୍ୱର ସ୍ୱରୂପ ସାଇଙ୍କୁ ନମସ୍କାର)

୧୭. *ଓଁ ଶ୍ରୀ ସାଇ ପର୍ତ୍ତିଗ୍ରାମୋଦ୍‌ଭବାୟ ନମଃ* (ପୁଟ୍ଟପର୍ତ୍ତି ଗ୍ରାମରେ ଉଦ୍‌ଭବ ହୋଇଥିବା ସାଇଙ୍କୁ ନମସ୍କାର)

୧୮. *ଓଁ ଶ୍ରୀ ସାଇ ପର୍ତ୍ତିକ୍ଷେତ୍ରନିବାସିନେ ନମଃ* (ପୁଟ୍ଟପର୍ତ୍ତି କ୍ଷେତ୍ରରେ ବାସ କରୁଥିବା ସାଇଙ୍କୁ ନମସ୍କାର)

୧୯. *ଓଁ ଶ୍ରୀ ସାଇ ଯଶଃକାୟ ଶିରଡ଼ିବାସିନେ ନମଃ* (ପୂର୍ବାବତାରରେ ଶିରିଡ଼ିରେ ବାସ କରିଥିବା ସାଇଙ୍କୁ ନମସ୍କାର)

୨୦. *ଓଁ ଶ୍ରୀ ସାଇ ଯୋଡ଼ିଆଦିପଲ୍ଲୀସୋମପାୟ ନମଃ* (ଅର୍ଦ୍ଧନାରୀଶ୍ୱର ଶିବ ଓ ଶକ୍ତି ରୂପ ସାଇଙ୍କୁ ନମସ୍କାର)

୨୧. *ଓଁ ଶ୍ରୀ ସାଇ ଭରଦ୍ୱାଜଋଷିଗୋତ୍ରାୟ ନମଃ* (ଭରଦ୍ୱାଜ ଋଷି ଗୋତ୍ରରେ ଜନ୍ମିଥିବା ସାଇଙ୍କୁ ନମସ୍କାର)

୨୨. *ଓଁ ଶ୍ରୀ ସାଇ ଭକ୍ତବତ୍ସଳାୟ ନମଃ* (ଭକ୍ତମାନଙ୍କୁ ସ୍ନେହ କରୁଥିବା ସାଇଙ୍କୁ ନମସ୍କାର)

୨୩. *ଓଁ ଶ୍ରୀ ସାଇ ଅପାନ୍ତରାତ୍ମନେ ନମଃ* (ପରମାତ୍ମା ହୋଇ ଜୀବ ଅନ୍ତରରେ ବାସ କରୁଥିବା ସାଇଙ୍କୁ ନମସ୍କାର)

୨୪. *ଓଁ ଶ୍ରୀ ସାଇ ଅବତାରମୂର୍ତ୍ତୟେ ନମଃ* (ସମସ୍ତ ଅବତାରଙ୍କ ପ୍ରତିମୂର୍ତ୍ତି ସାଇଙ୍କୁ ନମସ୍କାର)

୨୫. *ଓଁ ଶ୍ରୀ ସାଇ ସର୍ବଭୟନିବାରଣେ ନମଃ* (ସକଳ ଭୟ ଦୂର କରୁଥିବା ସାଇଙ୍କୁ ନମସ୍କାର)

୨୬. *ଓଁ ଶ୍ରୀ ସାଇ ଆପସ୍ତମ୍ବସୂତ୍ରାୟ ନମଃ* (ବ୍ରହ୍ମର୍ଷି ଆପସ୍ତମ୍ବଙ୍କ ସୂତ୍ରରେ ଜନ୍ମିତ ସାଇଙ୍କୁ ନମସ୍କାର)

୨୭. *ଓଁ ଶ୍ରୀ ସାଇ ଅଭୟପ୍ରଦାୟ ନମଃ* (ଅଭୟ ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୨୮. *ଓଁ ଶ୍ରୀ ସାଇ ରତ୍ନାକରବଂଶୋଦ୍ଭବାୟ ନମଃ* (ରତ୍ନାକର ବଂଶରେ ଜନ୍ମିଥିବା ସାଇଙ୍କୁ ନମସ୍କାର)

୨୯. *ଓଁ ଶ୍ରୀ ସାଇ ଶିରିଡ଼ିସାଇଅଭେଦଶକ୍ତ୍ୟବତାରାୟ ନମଃ* (ଶିରିଡ଼ି ସାଇଙ୍କ ଶକ୍ତିଠାରୁ ଅଭିନ୍ନ ଶକ୍ତିସମ୍ପନ୍ନ ସାଇଙ୍କୁ ନମସ୍କାର)

୩୦. *ଓଁ ଶ୍ରୀ ସାଇ ଶଙ୍କରାୟ ନମଃ* (ଭଗବାନ ଶଙ୍କରଙ୍କ ପବିତ୍ରତା ଓ ଶୁଭର ପ୍ରତୀକ ସାଇଙ୍କୁ ନମସ୍କାର)

୩୧. *ଓଁ ଶ୍ରୀ ସାଇ ଶିରିଡ଼ିସାଇମୂର୍ତ୍ତୟେ ନମଃ* (ଶିରିଡ଼ି ସାଇଙ୍କ ଅବତାର ସତ୍ୟ ସାଇଙ୍କୁ ନମସ୍କାର)

୩୨. *ଓଁ ଶ୍ରୀ ସାଇ ଦ୍ୱାରକାମାୟୀବାସିନେ ନମଃ* (ଦ୍ୱାରକାମାୟୀରେ ବାସ କରୁଥିବା ସାଇଙ୍କୁ ନମସ୍କାର)

୩୩. *ଓଁ ଶ୍ରୀ ସାଇ ଚିତ୍ରାବତୀତଟପୁଟ୍ଟପର୍ତ୍ତିବିହାରିଣେ ନମଃ* (ଚିତ୍ରାବତୀ କୂଳରେ ଥିବା ପୁଟ୍ଟପର୍ତ୍ତି ଗ୍ରାମରେ ବାସ କରୁଥିବା ସାଇଙ୍କୁ ନମସ୍କାର ।)

୩୪. *ଓଁ ଶ୍ରୀ ସାଇ ଶକ୍ତିପ୍ରଦାୟ ନମଃ* (ଶକ୍ତି ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୩୫. *ଓଁ ଶ୍ରୀ ସାଇ ଶରଣାଗତତ୍ରାଣାୟ ନମଃ* (ଶରଣାପନ୍ନ ଲୋକଙ୍କୁ ଉଦ୍ଧାର କରୁଥିବା ସାଇଙ୍କୁ ନମସ୍କାର)

୩୬. *ଓଁ ଶ୍ରୀ ସାଇ ଆନନ୍ଦାୟ ନମଃ* (ଆନନ୍ଦ ପରିପୂର୍ଣ୍ଣ ସାଇଙ୍କୁ ନମସ୍କାର ।)

୩୭. *ଓଁ ଶ୍ରୀ ସାଇ ଆନନ୍ଦଦାୟ ନମଃ* (ଆନନ୍ଦ ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର ।)

୩୮. *ଓଁ ଶ୍ରୀ ସାଇ ଆର୍ତ୍ତତ୍ରାଣପରାୟଣାୟ ନମଃ* (ବିପତ୍ତିରେ ପଡ଼ିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ସଙ୍କଳ୍ପବଦ୍ଧ ସାଇଙ୍କୁ ନମସ୍କାର ।)

୩୯. *ଓଁ ଶ୍ରୀ ସାଇ ଅନାଥନାଥାୟ ନମଃ* (ଅନାଥମାନଙ୍କ ପ୍ରଭୁ ସାଇଙ୍କୁ ନମସ୍କାର ।)

୪୦. *ଓଁ ଶ୍ରୀ ସାଇ ଅସହାୟସହାୟାୟ ନମଃ* (ଅସହାୟମାନଙ୍କୁ ସହାୟତା ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୪୧. *ଓଁ ଶ୍ରୀ ସାଇ ଲୋକବାନ୍ଧବାୟ ନମଃ* (ସମଗ୍ର ବିଶ୍ୱର ବନ୍ଧୁ ସତ୍ୟସାଇଙ୍କୁ ନମସ୍କାର ।)

୪୨. *ଓଁ ଶ୍ରୀ ସାଇ ଲୋକରକ୍ଷାପରାୟଣାୟ ନମଃ* (ସମଗ୍ର ବିଶ୍ୱକୁ ରକ୍ଷା କରିବା ପାଇଁ ସଙ୍କଳ୍ପବଦ୍ଧ ସାଇଙ୍କୁ ନମସ୍କାର ।)

୪୩. *ଓଁ ଶ୍ରୀ ସାଇ ଲୋକନାଥାୟ ନମଃ* (ସମଗ୍ର ମାନବଜାତିର ନାଥ ବା ପ୍ରଭୁ ସାଇଙ୍କୁ ନମସ୍କାର)

୪୪. *ଓଁ ଶ୍ରୀ ସାଇ ଦୀନଜନପୋଷଣାୟ ନମଃ* (ଦୀନ ଲୋକମାନଙ୍କର ପୋଷଣକାରୀ ସାଇଙ୍କୁ ନମସ୍କାର ।)

୪୫. *ଓଁ ଶ୍ରୀ ସାଇ ମୂର୍ତ୍ତିତ୍ରୟସ୍ୱରୂପାୟ ନମଃ* (ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଅବତାର ସାଇଙ୍କୁ ନମସ୍କାର)

୪୬. *ଓଁ ଶ୍ରୀ ସାଇ ମୁକ୍ତିପ୍ରଦାୟ ନମଃ* (ଅଜ୍ଞତା, ଦୈନ୍ୟ ଓ ମୃତ୍ୟୁରୁ ମୁକ୍ତି ଦେଉଥିବା ସାଇଙ୍କୁ ନମସ୍କାର ।)

୪୭. *ଓଁ ଶ୍ରୀ ସାଇ କଳୁଷବିଦୂରାୟ ନମଃ* (ସମସ୍ତଙ୍କର ଦୋଷ ତ୍ରୁଟି ଦୂର କରୁଥିବା ସାଇଙ୍କୁ ନମସ୍କାର ।)

୪୮. *ଓଁ ଶ୍ରୀ ସାଇ କରୁଣାକରାୟ ନମଃ* (କରୁଣାମୟ ସାଇଙ୍କୁ ନମସ୍କାର)

୪୯. *ଓଁ ଶ୍ରୀ ସାଇସର୍ବାଧାରାୟ ନମଃ* (ସମସ୍ତଙ୍କର ଆଧାର ସାଇଙ୍କୁ ନମସ୍କାର)

୫୦. *ଓଁ ଶ୍ରୀ ସାଇ ସର୍ବହୃଦ୍‌ବାସିନେ ନମଃ* (ସଭିଙ୍କ ହୃଦୟରେ ବାସ କରୁଥିବା ସାଇଙ୍କୁ ନମସ୍କାର)

୫୧. *ଓଁ ଶ୍ରୀ ସାଇ ପୁଣ୍ୟଫଳପ୍ରଦାୟ ନମଃ* (ପୁଣ୍ୟର ଫଳ ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୫୨. *ଓଁ ଶ୍ରୀ ସାଇ ସର୍ବପାପକ୍ଷୟକରାୟ ନମଃ* (ସମସ୍ତ ପାପକୁ ବିନାଶ କରୁଥିବା ସାଇଙ୍କୁ ନମସ୍କାର ।)

୫୩. *ଓଁ ଶ୍ରୀ ସାଇ ସର୍ବରୋଗନିବାରଣେ ନମଃ* (ସକଳ ରୋଗ ଦୂର କରୁଥିବା ସାଇଙ୍କୁ ନମସ୍କାର ।)

୫୪. *ଓଁ ଶ୍ରୀ ସାଇ ସର୍ବବାଧାହରାୟ ନମଃ* (ସକଳ ବାଧାକୁ ଘୁଞ୍ଚାଇ ଦେଉଥିବା ସାଇଙ୍କୁ ନମସ୍କାର)

୫୫. *ଓଁ ଶ୍ରୀ ସାଇ ଅନନ୍ତନୁତକର୍ତ୍ତୃଣେ ନମଃ* (ସୃଷ୍ଟିକର୍ତ୍ତା ଓ ପ୍ରଶଂସାର ପାତ୍ର ସାଇଙ୍କୁ ନମସ୍କାର)

୫୬. *ଓଁ ଶ୍ରୀ ସାଇ ଆଦିପୁରୁଷାୟ ନମଃ* (ପ୍ରଥମ ପୁରୁଷ, ସୃଷ୍ଟିକାରୀ ସାଇଙ୍କୁ ନମସ୍କାର)

୫୭. *ଓଁ ଶ୍ରୀ ସାଇ ଆଦିଶକ୍ତୟେ ନମଃ* (ସୃଷ୍ଟିକର୍ତ୍ତାଙ୍କ ଶକ୍ତି, ପ୍ରଥମ ମହାଜାଗତିକ ଶକ୍ତି ସାଇଙ୍କୁ ନମସ୍କାର)

୫୮. *ଓଁ ଶ୍ରୀ ସାଇ ଅପରୂପଶକ୍ତିନେ ନମଃ* (ଆନନ୍ଦଦାୟକ ଓ ଆଶ୍ଚର୍ଯ୍ୟଜନକ ଶକ୍ତିସମ୍ପନ୍ନ ସାଇଙ୍କୁ ନମସ୍କାର)

୫୯. *ଓଁ ଶ୍ରୀ ସାଇ ଅବ୍ୟକ୍ତରୂପିଣେ ନମଃ* (ଅପ୍ରକାଶିତଙ୍କ ରୂପ ସାଇଙ୍କୁ ନମସ୍କାର ।)

୬୦. *ଓଁ ଶ୍ରୀ ସାଇ କାମକ୍ରୋଧଧ୍ୱଂସିନେ ନମଃ* (କାମ ଓ କ୍ରୋଧକୁ ଧ୍ୱଂସ କରୁଥିବା ସାଇଙ୍କୁ ନମସ୍କାର)

୬୧. *ଓଁ ଶ୍ରୀ ସାଇ କନକାମ୍ବରଧାରିଣେ ନମଃ* (ସୁବର୍ଣ୍ଣ ରଙ୍ଗର ବସ୍ତ୍ରପରିଧାନ କରୁଥିବା ସାଇଙ୍କୁ ନମସ୍କାର)

୬୨. *ଓଁ ଶ୍ରୀ ସାଇ ଅଦ୍‌ଭୁତଚର୍ଯ୍ୟାୟ ନମଃ* (ଅଦ୍‌ଭୁତ କାର୍ଯ୍ୟ ସମ୍ପାଦନା କରୁଥିବା ସାଇଙ୍କୁ ନମସ୍କାର)

୬୩. *ଓଁ ଶ୍ରୀ ସାଇ ଆପଦ୍‌ବାନ୍ଧବାୟ ନମଃ* (ଆପଦ କାଳରେ ବନ୍ଧୁ ଭଳି କାମ କରୁଥିବା ସାଇଙ୍କୁ ନମସ୍କାର)

୬୪. *ଓଁ ଶ୍ରୀ ସାଇ ପ୍ରେମାତ୍ମନେ ନମଃ* (ପ୍ରେମର ଅସଲ ସ୍ୱରୂପ ସେହି ସାଇଙ୍କୁ ନମସ୍କାର)

୬୫. *ଓଁ ଶ୍ରୀ ସାଇ ପ୍ରେମମୂର୍ତ୍ତୟ ନମଃ* (ପ୍ରେମର ଅବତାର ସାଇଙ୍କୁ ନମସ୍କାର)

୬୬ *ଓଁ ଶ୍ରୀ ସାଇ ପ୍ରେମପ୍ରଦାୟ ନମଃ* (ସମସ୍ତଙ୍କୁ ପ୍ରେମ ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୬୭. *ଓଁ ଶ୍ରୀ ସାଇ ପ୍ରିୟାୟ ନମଃ* (ପ୍ରିୟ ପ୍ରଭୁ ସାଇଙ୍କୁ ନମସ୍କାର)

୬୮. *ଓଁ ଶ୍ରୀ ସାଇ ଭକ୍ତପ୍ରିୟାୟ ନମଃ* (ଭକ୍ତମାନଙ୍କର ପ୍ରିୟ ସାଇଙ୍କୁ ନମସ୍କାର)

୬୯. *ଓଁ ଶ୍ରୀ ସାଇ ଭକ୍ତମନ୍ଦାରାୟ ନମଃ* (ସ୍ୱର୍ଗସ୍ଥ ମନ୍ଦାର ବୃକ୍ଷ ସମସ୍ତଙ୍କ ସତ୍ କାମନାଗୁଡ଼ିକୁ ପୁରଣ କରୁଥିବା ଭଳି ଭକ୍ତମାନଙ୍କ ପବିତ୍ର କାମନାକୁ ପୂରଣ କରୁଥିବା ସାଇଙ୍କୁ ନମସ୍କାର)

୭୦. *ଓଁ ଶ୍ରୀ ସାଇ ଭକ୍ତଜନହୃଦୟବିହାରାୟ ନମଃ* (ଭକ୍ତମାନଙ୍କ ହୃଦୟକୁ ନିଜ ଲୀଳାଭୂମିରେ ପରିଣତ କରୁଥିବା ସାଇଙ୍କୁ ନମସ୍କାର)

୭୧. *ଓଁ ଶ୍ରୀ ସାଇ ଭକ୍ତଜନହୃଦୟାଳୟାୟ ନମଃ* (ଭକ୍ତ ହୃଦୟକୁ ନିଜ ବାସସ୍ଥାନ ରୂପେ ବ୍ୟବହାର କରୁଥିବା ସାଇଙ୍କୁ ନମସ୍କାର)

୭୨. *ଓଁ ଶ୍ରୀ ସାଇ ଭକ୍ତପରାଧୀନାୟ ନମଃ* (ଭକ୍ତମାନଙ୍କ ଅଧୀନତା ସ୍ୱୀକାର କରୁଥିବା ସାଇଙ୍କୁ ନମସ୍କାର)

୭୩. *ଓଁ ଶ୍ରୀ ସାଇ ଭକ୍ତିଜ୍ଞାନପ୍ରଦୀପାୟ ନମଃ* (ଆମ ଅନ୍ତରରେ ଭକ୍ତି ଓ ଜ୍ଞାନ ଆଲୋକ ପ୍ରଜ୍ୱଳିତ କରୁଥିବା ସାଇଙ୍କୁ ନମସ୍କାର)

୭୪. *ଓଁ ଶ୍ରୀ ସାଇ ଭକ୍ତିଜ୍ଞାନପ୍ରଦାୟ ନମଃ* (ଭକ୍ତି ଓ ଜ୍ଞାନ ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୭୫. *ଓଁ ଶ୍ରୀ ସାଇ ସୁଜ୍ଞାନମାର୍ଗଦର୍ଶକାୟ ନମଃ* (ସତ୍ ଜ୍ଞାନ ଲାଭ କରିବାର ମାର୍ଗ ଦେଖାଉଥିବା ସାଇଙ୍କୁ ନମସ୍କାର)

୭୬. *ଓଁ ଶ୍ରୀ ସାଇ ଜ୍ଞାନସ୍ୱରୂପାୟ ନମଃ* (ଜ୍ଞାନର ସାକାର ପ୍ରତିମା ସାଇଙ୍କୁ ନମସ୍କାର)

୭୭. *ଓଁ ଶ୍ରୀ ସାଇ ଗୀତାବୋଧକାୟ ନମଃ* (ଗୀତା ଶିକ୍ଷା ଦେଉଥିବା ସାଇଙ୍କୁ ନମସ୍କାର)

୭୮. *ଓଁ ଶ୍ରୀ ସାଇ ଜ୍ଞାନସିଦ୍ଧିଦାୟ ନମଃ* (ଜ୍ଞାନରେ ସିଦ୍ଧି ହାସଲ କରାଉଥିବା ସାଇଙ୍କୁ ନମସ୍କାର)

୭୯. *ଓଁ ଶ୍ରୀ ସାଇ ସୁନ୍ଦରରୂପାୟ ନମଃ* (ସୁନ୍ଦର ରୂପ ବିଶିଷ୍ଟ ସାଇଙ୍କୁ ନମସ୍କାର)

୮୦. *ଓଁ ଶ୍ରୀ ସାଇ ପୁଣ୍ୟପୁରୁଷାୟ ନମଃ* (ପୁଣ୍ୟମୟ ପୁରୁଷ ସାଇଙ୍କୁ ନମସ୍କାର)

୮୧. *ଓଁ ଶ୍ରୀ ସାଇ ଫଳପ୍ରଦାୟ ନମଃ* (ସତ୍‌କର୍ମର ଫଳ ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୮୨. *ଓଁ ଶ୍ରୀ ସାଇ ପୁରୁଷୋତ୍ତମାୟ ନମଃ* (ଉତ୍ତମ ପୁରୁଷ ସାଇଙ୍କୁ ନମସ୍କାର)

୮୩. *ଓଁ ଶ୍ରୀ ସାଇ ପୁରାଣପୁରୁଷାୟ ନମଃ* (ଅତି ପ୍ରାଚୀନ ପରମପୁରୁଷ ସାଇଙ୍କୁ ନମସ୍କାର)

୮୪. *ଓଁ ଶ୍ରୀ ସାଇ ଅତୀତାୟ ନମଃ* (ଯାହାର ମହିମା ଭାବାତୀତ ସେହି ସାଇଙ୍କୁ ନମସ୍କାର)

୮୫. *ଓଁ ଶ୍ରୀ ସାଇ କାଳାତୀତାୟ ନମଃ* (କାଳର ସୀମାର ଅତୀତ ସାଇଙ୍କୁ ନମସ୍କାର)

୮୬. *ଓଁ ଶ୍ରୀ ସାଇ ସିଦ୍ଧିରୂପାୟ ନମଃ* (ସକଳ ସିଦ୍ଧିର ପ୍ରତିମୂର୍ତ୍ତି ସାଇଙ୍କୁ ନମସ୍କାର)

୮୭. *ଓଁ ଶ୍ରୀ ସାଇ ସିଦ୍ଧସଙ୍କଳ୍ପାୟ ନମଃ* (ଯାହାଙ୍କ ସଙ୍କଳ୍ପ ଶକ୍ତି ତତ୍‌କ୍ଷଣାତ୍ ଫଳପ୍ରଦ ହୁଏ ସେହି ସାଇଙ୍କୁ ନମସ୍କାର)

୮୮. *ଓଁ ଶ୍ରୀ ସାଇ ଆରୋଗ୍ୟପ୍ରଦାୟ ନମଃ* (ଆରୋଗ୍ୟ ଓ ସ୍ୱାସ୍ଥ୍ୟ ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୮୯. *ଓଁ ଶ୍ରୀ ସାଇ ଅନ୍ନବସ୍ତ୍ରଦାୟ ନମଃ* (ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୯୦. *ଓଁ ଶ୍ରୀ ସାଇ ସଂସାରଦୁଃଖକ୍ଷୟକରାୟ ନମଃ* (ସଂସାରର କଷ୍ଟ ଭୋଗକୁ ନଷ୍ଟ କରୁଥିବା ସାଇଙ୍କୁ ନମସ୍କାର)

୯୧. *ଓଁ ଶ୍ରୀ ସାଇ ସର୍ବାଭୀଷ୍ଟପ୍ରଦାୟ ନମଃ* (ସତ୍ ଭାବନାଗୁଡ଼ିକୁ ପୂରଣ କରୁଥିବା ସାଇଙ୍କୁ ନମସ୍କାର)

୯୨. *ଓଁ ଶ୍ରୀ ସାଇ କଲ୍ୟାଣଗୁଣାୟ ନମଃ* (ଯାହାଙ୍କ ଗୁଣ କଲ୍ୟାଣପ୍ରଦ ସେହି ସାଇଙ୍କୁ ନମସ୍କାର)

୯୩. *ଓଁ ଶ୍ରୀ ସାଇ କର୍ମଧ୍ୱଂସିନେ ନମଃ* (କର୍ମକୁ ଧ୍ୱଂସ କରି ମୁକ୍ତି ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୯୪. *ଓଁ ଶ୍ରୀ ସାଇ ସାଧୁମାନସଶୋଭିତାୟ ନମଃ* (ସାଧୁମାନଙ୍କ ମନରେ ଶୋଭାପାଉଥିବା ସାଇଙ୍କୁ ନମସ୍କାର)

୯୫. *ଓଁ ଶ୍ରୀ ସାଇ ସର୍ବମତସମ୍ମତାୟ ନମଃ* (ସମସ୍ତ ଧର୍ମମତକୁ ସମାନଭାବେ ସତ୍ୟ ମନେକରୁଥିବା ସାଇଙ୍କୁ ନମସ୍କାର)

୯୬. *ଓଁ ଶ୍ରୀ ସାଇ ସାଧୁମାନସପରିଶୋଧକାୟ ନମଃ* (ସାଧୁମାନଙ୍କର ମନକୁ ନିର୍ମଳ କରୁଥିବା ସାଇଙ୍କୁ ନମସ୍କାର)

୯୭. *ଓଁ ଶ୍ରୀ ସାଇ ସାଧକାନୁଗ୍ରହବଟବୃକ୍ଷପ୍ରତିଷ୍ଠାପକାୟ ନମଃ* (ସାଧକମାନଙ୍କୁ ଅନୁଗ୍ରହ ପ୍ରଦର୍ଶନ କରି ଏକ ବଟବୃକ୍ଷ ଲଗାଇଥିବା ସାଇଙ୍କୁ ନମସ୍କାର)

୯୮। *ଓଁ ଶ୍ରୀ ସାଇ ସକଳସଂଶୟହରାୟ ନମଃ* (ସଂଶୟ ଦୂରକରି ବିଶ୍ୱାସ ଦୃଢ଼ କରୁଥିବା ସାଇଙ୍କୁ ନମସ୍କାର)

୯୯। *ଓଁ ଶ୍ରୀ ସାଇ ସକଳତତ୍ତ୍ୱବୋଧକାୟ ନମଃ* (ସମସ୍ତ ପ୍ରକାର ତତ୍ତ୍ୱ ଶିକ୍ଷା ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୧୦୦. *ଓଁ ଶ୍ରୀ ସାଇ ଯୋଗୀଶ୍ୱରାୟ ନମଃ* (ଯୋଗୀମାନଙ୍କର ଈଶ୍ୱର, ସାଇଙ୍କୁ ନମସ୍କାର)

୧୦୧. *ଓଁ ଶ୍ରୀ ସାଇ ଯୋଗୀନ୍ଦ୍ରବନ୍ଦିତାୟ ନମଃ* (ଯୋଗୀ ଶ୍ରେଷ୍ଠମାନଙ୍କଦ୍ୱାରା ବନ୍ଦିତ ହେଉଥିବା ସାଇଙ୍କୁ ନମସ୍କାର)

୧୦୨. *ଓଁ ଶ୍ରୀ ସାଇ ସର୍ବମଙ୍ଗଳକରାୟ ନମଃ* (ସମସ୍ତ ପ୍ରକାର ମଙ୍ଗଳ ଓ ଶୁଭ ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୧୦୩ *ଓଁ ଶ୍ରୀ ସାଇ ସର୍ବସିଦ୍ଧିପ୍ରଦାୟ ନମଃ* (ସମସ୍ତ ପ୍ରକାର ସିଦ୍ଧି ପ୍ରଦାନ କରୁଥିବା ସାଇଙ୍କୁ ନମସ୍କାର)

୧୦୪. *ଓଁ ଶ୍ରୀ ସାଇ ଆପନ୍ନିବାରିଣେ ନମଃ* (ସମସ୍ତ ଆପଦକୁ ଦୂର କରୁଥିବା ସାଇଙ୍କୁ ନମସ୍କାର)

୧୦୫ *ଓଁ ଶ୍ରୀ ସାଇ ଆର୍ତ୍ତିହରାୟ ନମଃ* (ଶାରୀରିକ ଓ ମାନସିକ କଷ୍ଟ ହରଣ କରୁଥିବା ସାଇଙ୍କୁ ନମସ୍କାର)

୧୦୬. *ଓଁ ଶ୍ରୀ ସାଇ ଶାନ୍ତମୂର୍ତ୍ତୟେ ନମଃ* (ଶାନ୍ତିର ସାକାର ପ୍ରତିମା ସାଇଙ୍କୁ ନମସ୍କାର)

୧୦୭. *ଓଁ ଶ୍ରୀ ସାଇ ସୁଲଭପ୍ରସନ୍ନାୟ ନମଃ* (ସହଜରେ ପ୍ରସନ୍ନ ହେଉଥିବା ସାଇଙ୍କୁ ନମସ୍କାର)

୧୦୮. *ଓଁ ଶ୍ରୀ ସାଇ ଭଗବାନ ଶ୍ରୀ ସତ୍ୟସାଇ ବାବାୟ ନମଃ* (ଭଗବାନ ସତ୍ୟସାଇ ବାବାଙ୍କୁ ନମସ୍କାର)

ଧୂପମ୍ ସୁଗନ୍ଧାଗୁରୁ ସଂଯୁକ୍ତଃ ଧୂପୋଽୟଂ ପ୍ରତିଗୃହ୍ୟତାମ୍
ଆଘ୍ରେୟ ସର୍ବଲୋକେଶ ସତ୍ୟସାଇନ୍ ନମୋ ନମଃ ॥

ଦୀପମ୍ ଜ୍ୟୋତିଷାଂ ପତୟେ ତୁଭ୍ୟଂ ସାଇରାମାୟ ବିଷ୍ଣବେ
ଗୃହାଣ ଦୀପଂ ମଦ୍ଦତ୍ତଂ ସତ୍ୟସାଇନ୍ ନମୋ ନମଃ ।

ନୈବେଦ୍ୟମ୍ ପରମଂ ଅନ୍ନଂ ଦିବ୍ୟଂ ଷଡ଼୍ ରସୋପେତ ମଞ୍ଜୁଳମ୍
ଗୃହାଣ କୃପୟା ଦେବ ସତ୍ୟସାଇନ୍ ନମୋ ନମଃ ।

ତାମ୍ବୂଳମ୍ ତମାଲପର୍ଣ୍ଣସୌଗନ୍ଧ୍ୟଂ ପୁଗିଫଲସୁଧାନ୍ୱିତମ୍
ତାମ୍ବୁଲଂ ଗୃହ୍ୟତାଂ ଦେବ ସତ୍ୟସାଇନ୍ ନମୋ ନମଃ ।

ନୀରାଜନମ୍ ଆନନ୍ଦଘନକର୍ପୂରଂ ନୀରାଜନଂ ଇଦଂ ପ୍ରଭୋ
ଗୃହାଣେଦଂ ମୟା ଦତ୍ତଂ ସତ୍ୟସାଇନ୍ ନମୋ ନମଃ ॥

ମନ୍ତ୍ରପୁଷ୍ପମ୍ ମନ୍ତ୍ରଅର୍ଦ୍ଧଂ ମହିମୋପେତଂ ସୁବର୍ଣ୍ଣଂ ଜ୍ଞାନଦାୟକମ୍
ମନ୍ତ୍ରପୁଷ୍ପଂ ଗୃହାଣେଦଂ ସତ୍ୟସାଇନ୍ ନମୋ ନମଃ ।

ନମସ୍କାରମ୍ ପ୍ରାପ୍ତୋଽହଂ ପ୍ରାପ୍ତକର୍ମାହଂ ପ୍ରାପ୍ତାତ୍ମା ପ୍ରାପ୍ତସମ୍ଭବଃ
ତ୍ରାହି ମାଂ କୃପୟା ଦେବ ସତ୍ୟସାଇନ୍ ନମୋ ନମଃ ॥

ଆରତୀ

ସାଈଶ୍ୱରାଷ୍ଟକମ୍

ଈଶ୍ୱରାମ୍ବାସୁତଂ ସତ୍ୟଂ ନିତ୍ୟମଙ୍ଗଳକାରିଣମ୍ ।
ଭେଙ୍କାବଧୂତସଂପ୍ରୀତଂ ବନ୍ଦେ ସାଇ ଜଗଦ୍‌ଗୁରୁମ୍ ।
ତୁଳସୀଦଳସଂକାଶଂ ଯୋଗିମାନସପୂଜିତମ୍
ସର୍ବମାନବସନ୍ଦେଶଂ ବନ୍ଦେ ସାଇ ଜଗଦ୍‌ଗୁରୁମ୍ ॥
ହରିନୀଳଜଟାଜୁଟଂ ପୂର୍ଣ୍ଣଚନ୍ଦ୍ରନିଭାନନମ୍
ଭକ୍ତଲୋକଚିଦାଭାସଂ ବନ୍ଦେ ସାଇ ଜଗଦ୍‌ଗୁରୁମ୍ ॥
ଆର୍ତ୍ତତ୍ରାଣବ୍ରତାଧାରଂ ବ୍ୟୋମକେଶ ବିରାଜିତମ୍
ଯଶଃ ଚନ୍ଦ୍ରପ୍ରଭା ବ୍ୟୋମଂ ବନ୍ଦେ ସାଇ ଜଗଦ୍‌ଗୁରୁମ୍ ॥

ରତ୍ନାକର ସମୁଦ୍ଭୂତଂ କାଷାୟାମ୍ବର ଧାରିଣମ୍
ଆନନ୍ଦକୋଷସଞ୍ଚାରଂ ବନ୍ଦେ ସାଇ ଜଗଦ୍‌ଗୁରୁମ୍ ॥
ପ୍ରେମାମୃତ ପୟୋରାଶିଂ ବିଶ୍ୱକଲ୍ୟାଣକାରିଣମ୍
ଶାନ୍ତିସତ୍ୟସମାହାରଂ ବନ୍ଦେ ସାଇ ଜଗଦ୍‌ଗୁରୁମ୍ ॥
ପ୍ରଶାନ୍ତିନିଳୟାବାସଂ ବାଳଭାସ୍କରସନ୍ନିଭମ୍
ଆଶ୍ରିତଜନମନ୍ଦାରଂ ବନ୍ଦେ ସାଇ ଜଗଦ୍‌ଗୁରୁମ୍ ॥
ବିଶ୍ୱବିଦ୍ୟାଳୟବ୍ୟାପ୍ତଂ ନିଗମାଗମ ସେବିତମ୍
ସତ୍ୟଂ ଶିବଂ ସୌନ୍ଦର୍ଯ୍ୟଂ ବନ୍ଦେ ସାଇ ଜଗଦ୍‌ଗୁରୁମ୍ ॥
ସାଇଶ୍ୱରାଷ୍ଟକଂ ପୁଣ୍ୟଂ ନିତ୍ୟଂ ମନସି ଯଃ ପଠେତ୍
ଜନ୍ମାନ୍ତରକୃତଂ ପାପଂ ବିନଶ୍ୟତି ନ ସଂଶୟଃ ॥

ଶ୍ରୀ ସାଇ ଅଷ୍ଟାକ୍ଷରୀ ମନ୍ତ୍ରମ୍

ଓଁ ଶ୍ରୀ ସାଇଶାୟ ନମଃ

ଓଁକାରରୂପାୟ ଶଙ୍କାବିଦୂରାୟ ପରମେଶ୍ୱରାୟ ତୁଭ୍ୟଂ ନମୋଽସ୍ତୁ ।
ଶ୍ରୀରାମଚନ୍ଦ୍ରାୟ ଶ୍ରିତଜନକ୍ଷେମାୟ ପରମାର୍ଥଦାୟ ତୁଭ୍ୟଂ ନମୋଽସ୍ତୁ ॥
ସାଯୁଜ୍ୟବରଦାୟ ସତ୍‌ଚିଦାନନ୍ଦାୟ ପରଦୈବତାୟ ତୁଭ୍ୟଂ ନମୋଽସ୍ତୁ ।
ଈଶ୍ୱରୀପୁତ୍ରାୟ ବିଶ୍ୱପ୍ରକାଶାୟ ପର୍ତ୍ତୀଶ୍ୱରାୟ ତୁଭ୍ୟଂ ନମୋଽସ୍ତୁ ॥
ଶାରଦାମନୋନାଥାୟ ଜୟକରାୟ ଯଜ୍ଞପୁରୁଷାୟ ଭୟଦଭବାନ୍ତକାୟ ।
ନବକିଶୋରାୟ ମନ୍ଦରନଗଧରାୟ ମହଦନନ୍ତାୟ ତୁଭ୍ୟଂ ନମୋଽସ୍ତୁ ॥
ଶ୍ରୀସାଇଦେବାୟ ଶ୍ରିତଲୋକନାଥାୟ ପରମେଶ୍ୱରାୟ ତୁଭ୍ୟଂ ନମୋଽସ୍ତୁ ।
ଜୟ ସାଇରାମାୟ ଜନଗଣକ୍ଷେମାୟ ପର୍ତ୍ତୀଶ୍ୱରାୟ ତୁଭ୍ୟଂ ନମୋଽସ୍ତୁ ॥
ଓଁକାରରୂପାୟ ପଙ୍କେରୁହାକ୍ଷାୟ ପରମାର୍ଥଦାୟ ତୁଭ୍ୟଂ ନମୋଽସ୍ତୁ ।
କାରୁଣ୍ୟହୃଦୟାୟ କଲ୍ୟାଣବରଦାୟ ପରଦୈବତାୟ ତୁଭ୍ୟଂ ନମୋଽସ୍ତୁ ॥
ଭକ୍ତଜନକଳ୍ପବୃକ୍ଷାୟ ପାବନାୟ ଅଖିଳଦୋଷହରାୟ ତୁଭ୍ୟଂ ନମୋଽସ୍ତୁ ।
ଦିବ୍ୟପ୍ରଭାୟ ଅକ୍ଷୟାନନ୍ଦନିଳୟାୟ ଅଚ୍ୟୁତାୟ ପର୍ତ୍ତିସାଇଶ୍ୱରାୟ ତୁଭ୍ୟଂ ନମୋଽସ୍ତୁ ॥

ଦ୍ୱିତୀୟ ଭାଗ

ଦିବ୍ୟ ଚମତ୍କାରିତା

ସମର୍ପଣ

ବିଶ୍ୱବ୍ରହ୍ମାଣ୍ଡ ସାରା ସାଇମୟ, ଏ ଯୁଗ ସତ୍ୟସାଇଙ୍କ ଯୁଗ । କଳିଯୁଗଟି ସାଇଙ୍କର । ଶ୍ରୀ ସତ୍ୟସାଇ ବାବା ଯେ ଭଗବାନଙ୍କ ଅବତାର ଏଥିରେ ସନ୍ଦେହ ନାହିଁ । ଏହି ପ୍ରେମମୟ ପୁରୁଷଙ୍କ ମହିମା ପୁଟ୍ଟପର୍ତ୍ତିରୁ ହିଁ ଆରମ୍ଭ ହୋଇଛି । ଧୀରେ ଧୀରେ ଏହା ଧର୍ମବରମ୍‌ରେ ପହଞ୍ଚିଲା, (ଧର୍ମ ଅର୍ଥ ପବିତ୍ର କର୍ମ) ଏହାପରେ ଅନନ୍ତପୁରରେ ପହଞ୍ଚିଥିଲା, (ଅନନ୍ତ ଅର୍ଥ ଯାହାର ଅନ୍ତ ନାହିଁ) ପାହାଡ଼, ପର୍ବତ, ଉପତ୍ୟକା, ପ୍ରାନ୍ତର, ନଦୀ ଓ ମରୁଭୂମି, ଅତିକ୍ରମ କରି ଅଧିକରୁ ଅଧିକ ପ୍ରସାର ଲାଭ କଲା । ଅବିଳମ୍ବେ ଏହି ମହିମା ସାଗର ଓ ମହାସାଗର ପାରି ହୋଇ ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ ହୋଇଗଲା । ପରିଣାମସ୍ୱରୂପ, ପାହାଡ଼, ପର୍ବତ ଭିତରେ ଲୁଚି ରହିଥିବା କ୍ଷୁଦ୍ର ନଗଣ୍ୟ ଗ୍ରାମ ପୁଟ୍ଟପର୍ତ୍ତି ବିଶ୍ୱପ୍ରସିଦ୍ଧି ଲାଭ କଲା, ନିଜକୁ ଭଗବାନଙ୍କ ନିବାସ ଭାବେ ଓ ଏକ ତୀର୍ଥସ୍ଥାନ ଭାବେ ପରିଣତ କରିଦେଲା ।

ଯୋଗଭୂମି ଓ ଆଧ୍ୟାତ୍ମିକତାର ଦେଶ ଭାରତ ବ୍ୟତୀତ ବହୁସଂଖ୍ୟକ ଅନ୍ୟ ଦେଶ ଓ ମହାଦେଶ, ଯଥା - ଶ୍ରୀଲଙ୍କା, ଆଫ୍ରିକା, ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା, ଦକ୍ଷିଣ ଆମେରିକା, ଗ୍ରୀସ୍, ନିଉଜିଲାଣ୍ଡ, ଆଇସ୍‌ଲାଣ୍ଡ୍, ରୁଷିଆ, ଫ୍ରାନ୍‌ସ, ଜାପାନ, ସୁଇଜର୍‌ଲାଣ୍ଡ, ଇରାନ୍ ଓ ଚୀନ୍ ପ୍ରଭୃତି ଦେଶମାନେ ବର୍ତ୍ତମାନ ଶ୍ରୀ ସତ୍ୟସାଇଙ୍କର ଦିବ୍ୟଶକ୍ତିର ଉଜ୍ଜ୍ୱଳ ଆଲୋକରେ ଅବଗାହନ କରୁଛନ୍ତି । ତାଙ୍କୁ ପ୍ରାର୍ଥନା କରୁଥିବା ଭକ୍ତମାନେ, ଯେଉଁ ପ୍ରକାର ପ୍ରାର୍ଥନା କରନ୍ତୁ, ଯେଉଁ ଭାଷା ବ୍ୟବହାର କରନ୍ତୁ, ଭାଷା ବ୍ୟବହାର କରିବା ଅବସ୍ଥାରେ ନଥିବା ବିପର୍ଯ୍ୟୟଗ୍ରସ୍ତ ଲୋକ ମଧ୍ୟ ଭଗବାନ ବାବାଙ୍କ କୋମଳ ସ୍ପର୍ଶ ବ୍ୟକ୍ତିଗତ ଭାବେ ଲାଭ କରୁଛନ୍ତି । ଛୋଟ ପିଲାମାନେ ନିଜ ମାଆ କୋଳର ଉଷ୍ମତା ପାଇଁ ବ୍ୟାକୁଳ ହେଲା ଭଳି, ଲୋକମାନେ ପୁଟ୍ଟପର୍ତ୍ତିରେ ଥିବା ସାଇମାତାଙ୍କର ଗୋଟିଏ ଝଲକ ପାଇଁ ବ୍ୟାକୁଳତାର ସହ ଦୌଡ଼ୁଛନ୍ତି ।

ବାବା ପରଂବ୍ରହ୍ମଙ୍କର ସାକାର ମୂର୍ତ୍ତି । ସୌଭାଗ୍ୟକ୍ରମେ ଲୋକମାନେ ଯେତେବେଳେ ତାଙ୍କ ସମ୍ମୁଖରେ ପହଞ୍ଚିଯାଆନ୍ତି ସେତେବେଳେ ବାବାଙ୍କୁ ନିଜର ଇଷ୍ଟ ଦେବତା ରୂପେ ସନ୍ଦର୍ଶନ କରନ୍ତି । କେତେକଙ୍କ ପାଇଁ ସେ ଶ୍ରୀରାମ ଓ କେତେକଙ୍କ ପାଇଁ ଶ୍ରୀକୃଷ୍ଣ, କାହା ପାଇଁ ଶ୍ରୀମହାବିଷ୍ଣୁ, କାହା ପାଇଁ ଶ୍ରୀ ଗଣେଶ, କାହା ପାଇଁ ଶ୍ରୀ ସୁବ୍ରହ୍ମଣ୍ୟମ୍, ଆଉ କାହା ପାଇଁ ଭଗବାନ ପରମଶିବ, କାହା ପାଇଁ ଦେବୀ ଦୁର୍ଗା ଭବାନୀ, କାହା ଲାଗି ଶିରିଡ଼ି ସାଇ, ଶ୍ରୀଦତ୍ତାତ୍ରେୟ, ବୁଦ୍ଧଦେବ, ଯୀଶୁଖ୍ରୀଷ୍ଟ ଇତ୍ୟାଦି । ସମସ୍ତେ ନିଜ ନିଜ ପସନ୍ଦ ଅନୁଯାୟୀ ଦିବ୍ୟ ସ୍ପର୍ଶ ଅନୁଭବ କରନ୍ତି । ଏହିଭଳି ଭାବରେ ବାବା ଦେଖାଇଦେଇଛନ୍ତି ଯେ ସେ ସର୍ବଦେବତାତୀତ ।

ସୃଷ୍ଟିଚକ୍ର (ସୃଷ୍ଟି, ସ୍ଥିତି ଓ ଲୟ) ସାଇଙ୍କ ନିୟନ୍ତ୍ରଣରେ ଥାଏ, ଏକଥା ତାଙ୍କ ଭକ୍ତମାନଙ୍କୁ ଭଲ ରୂପେ ବିଦିତ । ଥରେ ସେ ଜଣେ ଭକ୍ତକୁ କହିଲେ, ''ଭ'' ଅର୍ଥ ସୃଷ୍ଟି, ''ଗ'' ଅର୍ଥ ସ୍ଥିତି, 'ବା' ଅର୍ଥ ଲୟ । ଏହି ତିନି ଶକ୍ତିର ଅଧିକାରୀଙ୍କୁ ଭଗବାନ୍ କୁହାଯାଏ । ପ୍ରକୃତରେ ଏହା ହିଁ ମୋ ବ୍ୟକ୍ତିତ୍ୱର ସୂକ୍ଷ୍ମ ରହସ୍ୟ'' ।

ଅନନ୍ତ ଶକ୍ତିର ଅଧିକାରୀ ଏବଂ ସମଗ୍ର ବିଶ୍ୱକୁ ନିଜ ବେଷ୍ଟନୀ ମଧ୍ୟରେ ରଖିଥିବା ସତ୍ୟସାଇ ପ୍ରକୃତରେ ଭଗବାନ । ସେ ନିଜେ ମାନବ ରୂପ ଧରି ଆମ୍ଭମାନଙ୍କ ମଧ୍ୟରେ ଅବତରିଛନ୍ତି । ଭକ୍ତିମାର୍ଗ, କର୍ମମାର୍ଗ ଏବଂ ଜ୍ଞାନମାର୍ଗ ଅବଲମ୍ବନ ବିନା ଆମ୍ଭେମାନେ ସ୍ୱାମୀଙ୍କ ଦୈବତ୍ୱବିଷୟକ ଧାରଣା ପାଇ ପାରିବା ନାହିଁ । ଆଧ୍ୟାତ୍ମିକ ମାର୍ଗରେ ବ୍ୟକ୍ତିର ଅଗ୍ରଗତିକୁ ସହଜତର କରିବାକୁ ଯାଇ, ସ୍ୱାମୀ ନିଜ ଦୈବତ୍ୱର ଲକ୍ଷଣଗୁଡ଼ିକୁ ପ୍ରକାଶ୍ୟରେ ବର୍ଣ୍ଣନା କରିଛନ୍ତି । ଏଭଳି ଏକ ଅବସରରେ ବାବା କହିଲେ, ''ମୋ ପାଇଁ ନୁହେଁ, ବରଂ ତୁମ ପାଇଁ ମୁଁ ତୁମ ଭିତରେ ବୁଲୁଛି, କଥାବାର୍ତ୍ତା ହେଉଛି, ଭୋଜନ କରୁଛି ଓ ବିଭିନ୍ନ ପ୍ରକାର ଆଚରଣ କରୁଛି, ଯାହା ଫଳରେ ମୁଁ ତୁମ ଧ୍ୟାନ-ଧାରଣାରେ ରହିପାରିବି । ମୁଁ ତୁମ ସହିତ ମିଳାମିଶା କରୁଛି ଏହି ଆଶାରେ ଯେ ତୁମେ ମୋତେ ବିଶ୍ୱାସ କରିବ, ମୋଠାରେ ଆସ୍ଥା ସ୍ଥାପନ କରିବ, ମୋ ପ୍ରତି ଭକ୍ତି ଓ ସମ୍ମତି ବଢ଼ାଇବ । ଫଳରେ ତୁମେ ଈଶ୍ୱରଙ୍କ ଆଡ଼କୁ ଅଗ୍ରସର ହେବ । ତୁମ ଭିତରେ ଆଧ୍ୟାତ୍ମିକ ଅନୁସନ୍ଧିତ୍ସା ସୃଷ୍ଟି କରିବା ମୋର ଲକ୍ଷ୍ୟ । ନିଜ ସତ୍ତାର ଅସଲ ସ୍ୱରୂପ ବୁଝିବାକୁ ଚେଷ୍ଟା କର, ତାହା ପରେ ପରମ ସତ୍ୟ ଉପଲବ୍ଧି କରିବା ସୋପାନକୁ ଆଗେଇବ । ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ପରିଚାଳନା ଶକ୍ତି ମୁଁ ନିଜେ । ସବୁକିଛିର ପରମ କାରଣ ମୁଁ । ମୁଁ ଜ୍ଞାନୀ, ମୁଁ ହିଁ ଜ୍ଞାନ ଏବଂ ମୁଁ ସ୍ୱୟଂ ଜ୍ଞେୟ ।''

ପ୍ରେମ ମାଧ୍ୟମରେ ମାନବଜାତିକୁ ଅଧ୍ୟାତ୍ମବାଦ ଆଡ଼କୁ ନେବା ଲକ୍ଷ୍ୟରେ ବାବା ଭୂପୃଷ୍ଠରେ ଜନ୍ମଗ୍ରହଣ କରିଛନ୍ତି । ତାଙ୍କର ସମସ୍ତ ଉଦ୍ୟମ ଏହି ଉଦ୍ଦେଶ୍ୟରେ ଅଭିପ୍ରେତ । ସେ ଅତ୍ୟନ୍ତ ଧୈର୍ଯ୍ୟବାନ, ସହନଶୀଳ ଓ କରୁଣାମୟ । ସେ କହିଛନ୍ତି, ''ଅନ୍ୟ କୌଣସି ଅବତାର ଏଥି ପୂର୍ବରୁ ମୋ ପରି ଆଚରଣ ପ୍ରଦର୍ଶନ କରିନଥିଲେ । ମୋ ପୂର୍ବରୁ କୌଣସି ଅବତାର ଗାଁଗହଳରେ ସାଧାରଣ ଲୋକଙ୍କ ମଧ୍ୟରେ ଚଳପ୍ରଚଳ ହୋଇନଥିଲେ, ଗଭୀର ନିଦ୍ରାରେ ମଜ୍ଜିଥିବା ଲୋକଙ୍କୁ ଜାଗ୍ରତ କରିନଥିଲେ, ନିଷ୍କ୍ରିୟମାନଙ୍କୁ ଶକ୍ତିଶାଳୀ କର୍ମୀରେ ପରିଣତ କରିନଥିଲେ, ଦୂର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ଉଦ୍ଧାର କରିନଥିଲେ, କୋଟି କୋଟି ଲୋକଙ୍କୁ ଆଶୀର୍ବାଦ କରିନଥିଲେ ଏବଂ ସେମାନଙ୍କୁ ସତ୍ୟ, ଧର୍ମ ଶାନ୍ତି ଓ ପ୍ରେମ ରୂପକ ମହତ୍ ପଥରେ ଅଗ୍ରସର କରାଇନଥିଲେ । ମୁଁ ସାଗର, ତୁମେ ନଦୀ ଓ ତରଙ୍ଗ, ପ୍ରକୃତରେ କହିବାକୁ ଗଲେ ତୁମେ ''ମୁଁ'' ଓ ମୁଁ ''ତୁମେ'' । ତୁମେ ଜୀବନର ଏହି ଶେଷ ଲକ୍ଷ୍ୟରେ ଉପନୀତ ହେଲେ, ମୋ କଥାର ସତ୍ୟତା ଉପଲବ୍ଧି କରିପାରିବ ।''

ବାବା ପଚାରନ୍ତି, ''କେତେ ଦିନ ପର୍ଯ୍ୟନ୍ତ ଗଭୀର ପଙ୍କରେ ଲାଖି ରହିବ ? ପକ୍ଷ ବିସ୍ତାର କର ଓ ଉଚ୍ଚସ୍ତରକୁ ଉଡ଼ିଯାଅ । ଗୋଟିଏ ପକ୍ଷ ହେଉଛି ନିରବଚ୍ଛିନ୍ନ ଭାବେ

ନାମସ୍ମରଣ, ଅନ୍ୟଟି ହେଉଛି ଦୁର୍ଗତ ମାନବର ସେବା । ଏ ଦୁଇଟି ସାହାଯ୍ୟରେ ତୁମେ ପୂର୍ବଜନ୍ମାର୍ଜିତ ପାପର ଭାର ଲାଘବ କରିପାରିବ ଏବଂ କଳଙ୍କ ଓ ଆବର୍ଜନାଶୂନ୍ୟ ନିର୍ମଳତା ଲାଭ କରିପାରିବ ।'' ଏହା ବାବାଙ୍କ ପ୍ରତିଶ୍ରୁତି ।

ମୁଁ ତୁମ ପ୍ରତ୍ୟେକଙ୍କର ସୁଖ ଓ ଦୁଃଖ ବିଷୟରେ ସଚେତନ, କାରଣ ମୁଁ ତୁମ ପ୍ରତ୍ୟେକଙ୍କ ଭିତରେ ବାସ କରୁଛି । ପ୍ରତ୍ୟେକ ବିଦ୍ୟୁତ୍ ବତୀ ଭିତର ଦେଇ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେଉଥିବା ପରି ଏ ସାଇଶକ୍ତି ପ୍ରତ୍ୟେକ ଜୀବନ ମଧ୍ୟରେ ପ୍ରବାହିତ ହେଉଛି । ପ୍ରତ୍ୟେକ ହୃଦୟ ଭିତରୁ ମୁଁ ହିଁ ଝଟକୁଥାଏ । ପ୍ରତ୍ୟେକ ହୃଦୟରେ ମୁଁ ହିଁ ଜୀବନୀଶକ୍ତି । ମୁମ୍ବଇ ସ୍ଥିତ ବଲ୍ଲଭଭାଇ ପଟେଲ ଷ୍ଟାଡିୟମ୍‌ରେ ଶତସହସ୍ର ଶ୍ରୋତାଙ୍କ ଉପସ୍ଥିତିରେ ଭଗବାନ ବାବା ଏକଥା ଘୋଷଣା କରିଥିଲେ । ବାବା ତାଙ୍କଠାରେ ବିଶ୍ୱାସ ନଥିବା ଲୋକଙ୍କୁ ମଧ୍ୟ ପୂର୍ଣ୍ଣମାତ୍ରାରେ ଶୁଣନ୍ତି, ସେମାନଙ୍କ ଘରେ, ତାଙ୍କ ପଛରେ, ତାଙ୍କ ଚତୁଃପାର୍ଶ୍ୱରେ ଏବଂ ତାଙ୍କ ଦୃଷ୍ଟିଗୋଚର ହେଲା ଭଳି ସର୍ବତ୍ର ନିଜର ଶକ୍ତି ଓ ଉପସ୍ଥିତି ଦେଖାଇ ଥାଆନ୍ତି ।

ଏ ଗ୍ରନ୍ଥଟି ଭଗବାନ ବାବାଙ୍କ ଜୀବନ ଚରିତ । ତାଙ୍କ ଦିବ୍ୟ ଜୀବନର କେତେକ ମହତ୍ତ୍ୱପୂର୍ଣ୍ଣ ଘଟଣା ଏଥିରେ ବର୍ଣ୍ଣିତ ହୋଇଛି । ଭଗବାନଙ୍କର ସୀମାତୀତ ଆଧ୍ୟାତ୍ମିକତା ଏହି ଗ୍ରନ୍ଥରେ ପ୍ରତିଫଳିତ ହୋଇଛି । ପ୍ରତ୍ୟେକ ଭକ୍ତ ଏହାକୁ ପାରାୟଣ କରନ୍ତୁ ଏବଂ ଭଗବାନଙ୍କ ପ୍ରେମ ଓ କୃପା ଲାଭ କରନ୍ତୁ, ଏତିକି ମାତ୍ର ଅନୁରୋଧ ।

ଏହାର ରଚନା ପାଇଁ ଭଗବାନ ନିଜେ ମୋତେ ଆଶୀର୍ବାଦ ଓ ପ୍ରେରଣା ପ୍ରଦାନ କରିଥିଲେ । ସେ ମୋଦ୍ୱାରା ଏହାକୁ ଲେଖାଇଛନ୍ତି ଓ ଏହାର ପରମ ଶ୍ରେଷ୍ଠତ୍ୱ ପରିକଳ୍ପନା କରିଛନ୍ତି । ପ୍ରସଙ୍ଗକ୍ରମେ ମୁଁ କେବଳ ତାଙ୍କ ଶ୍ରୀହସ୍ତର ଏକ ଉପକରଣ ମାତ୍ର । ଏହିପରି ଭାବରେ, ସ୍ୱାମୀ ତାଙ୍କ ଅବତାରତ୍ୱର ମହତ୍ତ୍ୱ ଅନାବରଣ ଓ ସମ୍ପ୍ରସାରଣ କରିବା କାର୍ଯ୍ୟରେ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରିବା ଦିଗରେ, କୃପାପରବଶ ହୋଇ ମୋତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଏ ଭଳି ଏକ ସୁଯୋଗ ପାଇଥିବାରୁ ମୁଁ ନିଜକୁ ଅତିମାତ୍ରାରେ ଭାଗ୍ୟବାନ ମନେକରୁଛି !

ପ୍ରତ୍ୟେକ ପୃଷ୍ଠାରେ ବର୍ଣ୍ଣିତ ପ୍ରତ୍ୟେକଟି ଘଟଣା, ଆମଠାରେ ପ୍ରେମ ଜ୍ୟୋତି ପ୍ରଜ୍ୱଳନ କରି ଅଜ୍ଞାନ ଓ ଅନ୍ଧକାର ଦୂର କରିବା ପାଇଁ ଯଥେଷ୍ଟ କ୍ଷମତା ଧାରଣ କରିଛି । ମୋର ବିଶ୍ୱାସ, ଭକ୍ତମାନଙ୍କ ଆତ୍ମ-ଉପଲବ୍ଧି ମାର୍ଗରେ ଏ ଗ୍ରନ୍ଥ ବହୁ ସାହାଯ୍ୟ କରିବ । ଭଗବାନଙ୍କ ପାଦପଦ୍ମରେ ମୋର ବିନୀତ ପ୍ରାର୍ଥନା, ସେ ସମଗ୍ର ମାନବଜାତିକୁ ଆଶୀର୍ବାଦ ଓ ସୁରକ୍ଷା ପ୍ରଦାନ କରନ୍ତୁ ।

ପ୍ରଥମ ଦିବସ - ଗୁରୁବାର

ପ୍ରଥମ ଅଧ୍ୟାୟ

ତପୋବନମ୍

ତୁମେ ମୋତେ ଦେଖିପାରୁନାହଁ,
କିନ୍ତୁ ତୁମକୁ ଦେଖିବାରେ ସାହାଯ୍ୟ କରୁଥିବା ଆଲୋକ ମୁଁ ।
ତୁମେ ମୋତେ ଶୁଣିପାରୁନାହଁ,
କିନ୍ତୁ ତୁମକୁ ଶୁଣିବାରେ ସାହାଯ୍ୟ କରୁଥିବା ଶବ୍ଦ ମୁଁ ।
ତୁମେ ମୋତେ ଜାଣିପାରୁନାହଁ,
କିନ୍ତୁ ତୁମକୁ ବଞ୍ଚିବାରେ ସାହାଯ୍ୟ କରୁଥିବା ସତ୍ୟ ମୁଁ ।

-ବାବା

ତପୋବନରେ ପ୍ରବେଶ

ତପୋବନମ୍ ଗ୍ରନ୍ଥର ପାରାୟଣ ଆରମ୍ଭ କରିବା ପୂର୍ବରୁ, ବ୍ରହ୍ମାଣ୍ଡ ନାୟକ, କ୍ଳେଶବିମୋଚକ, ସଚ୍ଚିଦାନନ୍ଦ ପରଂବ୍ରହ୍ମ ଭଗବାନ ଶ୍ରୀ ସତ୍ୟସାଇଙ୍କ ଚରଣକମଳରେ ମୋର ବିନମ୍ର ପ୍ରଣତି ଜ୍ଞାପନ କରୁଛି ।

ପ୍ରଶାନ୍ତି ନିଳୟମ୍‌ରୁ ବିଶ୍ୱବିଦ୍ୟାଳୟ ସୌଧ ଆଡ଼କୁ ଯାଇଥିବା ପାର୍ବତ୍ୟ ପଥପାର୍ଶ୍ୱରେ ଏକ ବଟବୃକ୍ଷ ଦଣ୍ଡାୟମାନ ହୋଇଛି । ଏହା କୌଣସି ସାଧାରଣ ବୃକ୍ଷ ନୁହେଁ । ତାହାକୁ କୁହାଯାଏ ଧ୍ୟାନବୃକ୍ଷ, ତପୋବୃକ୍ଷ । ୧୯୫୯ ମସିହା ଜୁନ ୨୯ ତାରିଖ ଦିନ (ଆଷାଢ଼ ପୂର୍ଣ୍ଣମୀ) ଭଗବାନ ୧୫"×୧୦" ଆକାରରର ଏକ ବହଳିଆ ତମ୍ବା ଫଳକ ସୃଷ୍ଟି କଲେ । ସେଥିରେ କେତେକ ବୀଜାକ୍ଷର ଲେଖିଲେ, ପ୍ରଶାନ୍ତି ନିଳୟମ୍‌ର ପଶ୍ଚାତ୍ ଦିଗରେ, ପାହାଡ଼ ଉପରେ, ସ୍ୱତନ୍ତ୍ର ଭାବେ ନିର୍ବାଚିତ ସ୍ଥାନରେ ସ୍ଥାପନ କରି ତା' ଉପରେ ଏହି ବଟବୃକ୍ଷଟିକୁ ରୋପଣ କଲେ । ସେହି ପବିତ୍ର ଅବସରରେ ଭକ୍ତମାନଙ୍କୁ ସମ୍ବୋଧନ କରି ସେ କହିଥିଲେ, ''ଏହା ବୋଧିଦ୍ରୁମ, ଯାହା ମୂଳରେ ବସି ଗୌତମ ବୁଦ୍ଧ ଆଧ୍ୟାତ୍ମିକ ଜ୍ଞାନାଲୋକ ପ୍ରାପ୍ତ ହୋଇଥିଲେ । ଏହା ଏକ ଜ୍ଞାନବୃକ୍ଷ । ଭଗବାନ ଶ୍ରୀକୃଷ୍ଣଙ୍କୁ ''ବଟପତ୍ରଶାୟୀ'' ବୋଲି କୁହାଯାଏ, କାରଣ ପ୍ରଳୟ ସମୟରେ ସେ ନିଜକୁ ଅତି କ୍ଷୁଦ୍ର କରିଦେଇ ବାଳକୃଷ୍ଣ ଭାବେ ଏକ ବଟପତ୍ର ଉପରେ ଭସାଇ ରଖିଥିଲେ ।

ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଏହି ବୃକ୍ଷ ବିଷୟରେ କହିଛନ୍ତି । ଯଦି ସାଧକମାନେ ଏଠାରେ ଧ୍ୟାନ ତଥା ଅନ୍ୟାନ୍ୟ ସାଧନା କରିବେ ତେବେ ସେମାନଙ୍କ ମନସ୍କାମନା ପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ସେମାନେ ଉଦ୍ୟମରେ ସଫଳ ହେବେ, ଇନ୍ଦ୍ରିୟମାନଙ୍କୁ ସଂଯତ କରି ମନର ସ୍ଥିରତା ହାସଲ କରିପାରିବେ । ଏହି ବୃକ୍ଷରୋପଣକୁ ଆଧାର କରି ଅଷ୍ଟୋତ୍ତରଶତ ନାମାବଳୀରେ ଗୋଟିଏ ନାମ ଉଲ୍ଲେଖ ଅଛି, ''ସାଧକାନୁଗ୍ରହବଟବୃକ୍ଷପ୍ରତିଷ୍ଠାପକାୟ ନମଃ ।''

ବଟବୃକ୍ଷ ଅମର ବୃକ୍ଷ । ଏହି ବୃକ୍ଷ ନିଜେ ବିଶାଳ ଦ୍ରୁମରେ ପରିଣତ ହୋଇ ନିଜ ଶାଖା-ପ୍ରଶାଖାରୁ ଅସଂଖ୍ୟ ନୂତନ ଚେର ସୃଷ୍ଟି କରି ନୂତନ ବୃକ୍ଷର ଗଣ୍ଡି ଓ ଶାଖା-ପ୍ରଶାଖା ବିଭିନ୍ନ ଦିଗକୁ ପ୍ରସାରଣ କରିଥାଏ । ଏହି ପ୍ରକ୍ରିୟା ବଢ଼ି ବଢ଼ି, ଅଧିକରୁ ଅଧିକ ଅଞ୍ଚଳକୁ ପରିବ୍ୟାପ୍ତ ହୋଇ, ଲୋକମାନଙ୍କୁ ଶୀତଳ ଛାୟା ଓ ଆଶ୍ରୟ ପ୍ରଦାନ କରିଥାଏ । ମୁଁ ଏଠାରେ ଅକୁଣ୍ଠ ଚିତ୍ତରେ କହିପାରେ ଯେ ସମଗ୍ର ମାନବଜାତିର ସୁରକ୍ଷା ଓ ଶାନ୍ତି ପାଇଁ ଭଗବାନ ଚିର ବିସ୍ତାରଣକ୍ଷମ ଏକ ମଣ୍ଡଳର ବ୍ୟବସ୍ଥା କରୁଛନ୍ତି, ଭଗବାନଙ୍କ ଏହି ତପୋବୃକ୍ଷ ଏକ କଳ୍ପବୃକ୍ଷ । ଯେଉଁମାନେ ଅତିଶୟ ଦୁର୍ଦ୍ଦଶାଗ୍ରସ୍ତ, ଜୀବନର ଉତ୍‌ଥାନ-ପତନରେ ଅତିଶୟ କ୍ଳାନ୍ତ, ଆଧାତ୍ମିକ ଜ୍ଞାନାଲୋକ ଦିଗରେ ଅଗ୍ରସର, ସେମାନେ ସମସ୍ତେ ଭଗବାନ ଶ୍ରୀ ସତ୍ୟସାଇଙ୍କ ପଦପ୍ରାନ୍ତରେ ମନର ଧୀରତା, ସ୍ଥିରତା ଓ ପରମ ଶାନ୍ତି ଲାଭ କରିପାରିବେ । ପ୍ରକୃତପକ୍ଷେ ବାବା ସ୍ୱୟଂ ଏକ ତପୋବୃକ୍ଷ, ଯାହାଙ୍କ ପାଖରେ ସମସ୍ତ ଆଧାତ୍ମିକ ସାଧନା ଫଳବତୀ ହୁଏ । ପ୍ରଶାନ୍ତି ନିଳୟମ୍ ହିଁ ପ୍ରକୃତରେ ଏକ ତପୋବନମ୍ ।

ସେତେବେଳକୁ ପ୍ରଶାନ୍ତି ନିଳୟମ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥାଏ । ଭଗବାନ ଏଠାକାର ପଥୁରିଆ ଭୂମି ଉପରେ ଦଣ୍ଡାୟମାନ ହୋଇଥାଆନ୍ତି । ତାଙ୍କ ମୁଖରୁ ଏକ ଭବିଷ୍ୟବାଣୀ ଝରିଆସିଲା, ''ଅତି ଶୀଘ୍ର ଏ ଅଞ୍ଚଳ ଗୋଟିଏ ଶିରିଡ଼ି, ଗୋଟିଏ ତିରୁପତି ଏବଂ ବାରାଣସୀରେ ପରିଣତ ହେବ । ସହସ୍ର ସହସ୍ର ଯୋଗୀ, ସନ୍ନ୍ୟାସୀ, ସତ୍ୟାନୁସନ୍ଧିତ୍ସୁ, ଦୈବକୃପାପ୍ରାର୍ଥୀମାନେ ଆତ୍ମିକ ଶାନ୍ତି ଓ ମୁକ୍ତି ପାଇଁ ଏହି ସ୍ଥାନରେ ସମବେତ ହେବେ । ଏହି ବିନ୍ଦୁରୁ ସନାତନ ଧର୍ମର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ । ପୃଥିବୀର ବିଭିନ୍ନ ସ୍ଥାନରୁ ଶତସହସ୍ର ବ୍ୟକ୍ତି ମୋ ସନ୍ଧାନରେ ଏ ଅଞ୍ଚଳକୁ ଧାଇଁବେ । ସମବେତ ଜନତାଙ୍କ ମଧ୍ୟରୁ ଅଧିକାଂଶ ମୋର ଝଲକଟିଏ ପାଇବା ପାଇଁ ଉଦ୍‌ଗ୍ରୀବ ହୋଇ ବସିଥିବେ । ମୁଁ ପରିଧାନ କରିଥିବା ଗୈରିକ ବସ୍ତ୍ରର ସାମାନ୍ୟ ଝଲକଟିଏ ପାଇଲେ ମଧ୍ୟ ସେମାନେ ତାଙ୍କ ଭାଗ୍ୟଫଳକୁ ପ୍ରଶଂସା କରିବେ ଓ ଜୀବନ ଧାରଣ କରିବାର ଉଦ୍ଦେଶ୍ୟ ସଫଳ ହୋଇଗଲା ବୋଲି ଅନୁଭବ କରିବେ ।''

ଏ ଘୋଷଣାର ଅଳ୍ପଦିନ ମଧ୍ୟରେ ପ୍ରଶାନ୍ତିନିଳୟମ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ପ୍ରଶାନ୍ତି ମନ୍ଦିରର ସ୍ୱତନ୍ତ୍ର ନିର୍ମାଣ ଶୈଳୀ ଓ ସୌନ୍ଦର୍ଯ୍ୟ, ମନ୍ଦିରର ଗମ୍ବୁଜ, ମନ୍ଦିରର ସୁଉଚ୍ଚ ସ୍ତମ୍ଭ, ଭକ୍ତମାନଙ୍କୁ ବାସ ଯୋଗାଇବା ପାଇଁ ବହୁତଳ ପ୍ରାସାଦ, ଅତି ଚମତ୍କାର ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟ ଓ ସାଇ କୁଲବନ୍ତ ସଭାଗୃହ ପ୍ରଭୃତି ନିର୍ମିତ ହୋଇଗଲା । ପ୍ରଶାନ୍ତି ନିଳୟମ୍ ଏକ ସହରାଞ୍ଚଳରେ ପରିଣତ ହୋଇଗଲା ।

ଭଗବାନଙ୍କ ଭାଷାରେ, ''ଏହା ଏପରି ଏକ ସ୍ଥାନ ଯେଉଁଠାରେ ମଣିଷ ଅତୁଳନୀୟ ଆଧ୍ୟାତ୍ମିକ ଶାନ୍ତି ଲାଭ କରିବ । ଏହା ଏକ ମନ୍ଦିର, ତା' ସଙ୍ଗେ ସଙ୍ଗେ ଏହା ଏକ ଗୀର୍ଜା, ଏକ ସିନାଗଗ (ଇହୁଦି ମନ୍ଦିର) ମଧ୍ୟ । ପ୍ରତ୍ୟେକଙ୍କ ପସନ୍ଦ ଅନୁଯାୟୀ ପ୍ରତ୍ୟେକଙ୍କୁ ଶାନ୍ତି ପ୍ରଦାନ କରିବା ପାଇଁ ଉପଯୁକ୍ତ ସ୍ଥାନ । ଭଗବାନଙ୍କ ପ୍ରେମ ନିର୍ଝରରୁ ଯିଏ ଯେତେ ପରିମାଣରେ ରସ ପାନ କରିପାରିବ, ତାହା ପାଇଁ ସମସ୍ତ ସୁଯୋଗ ଏଠାରେ ଗଚ୍ଛିତ ଅଛି । ଭଗବାନ ଏଠାରେ ମାନବ ରୂପ ଧାରଣ କରି ଅବତରିଛନ୍ତି । ଏଠାରେ ପ୍ରତ୍ୟେକ ବ୍ୟକ୍ତିର ହୃଦୟକୁ ପ୍ରଶାନ୍ତି ନିଳୟମ୍‌ରେ ପରିଣତ କରିବା ମୋର ଲକ୍ଷ୍ୟ । କେବଳ ଏହି ଲକ୍ଷ୍ୟ ସାଧନ କରିବା ପାଇଁ ମୋର ଏ ଅବତାର ଭୂପୃଷ୍ଠରେ ଅବତରଣ କରିଛି ।''

ଏ ସୁନ୍ଦର ପରିବେଶରେ ମନ ଓ ହୃଦୟ ସନ୍ତୁଷ୍ଟ ହେବା ପର୍ଯ୍ୟନ୍ତ ଧ୍ୟାନ କରିବାକୁ ପ୍ରତ୍ୟେକ ବ୍ୟକ୍ତିର ଅଧିକାର ଅଛି (ଯିଏ ଯାହାର ଉପାସକ ହୋଇଥାନ୍ତୁ ନା କାହିଁକି) ଏଠାରେ କେହି କାହାରି ଅସୁବିଧାର କାରଣ ହୁଅନ୍ତି ନାହିଁ । ପୃଥିବୀର ଅନ୍ୟ କୌଣସିଠାରେ ଏ ସୁବିଧା ମିଳିପାରିବ ନାହିଁ । ଏଇଥିପାଇଁ ଏ ସ୍ଥାନଟିକୁ ''ବିଶ୍ୱ ତପୋବନମ୍'' ଆଖ୍ୟା ଦିଆଯାଇଛି । ଅନ୍ୟ ସ୍ଥାନ ତୁଳନାରେ ଆଧ୍ୟାତ୍ମିକ ତପସ୍ୟାର ପରିପୂର୍ଣ୍ଣତା ମିଳିଥାଏ ଏହିଠାରେ । ଅତି ଶୀଘ୍ର ନିରାକାର ପରଂବ୍ରହ୍ମଙ୍କ ସାକାର ରୂପ ଏଠାରେ ଦର୍ଶନ କରିହୁଏ, ରକ୍ତ-ମାଂସ ଶରୀର ସହ ମାନବାକାର ମାଧବଙ୍କ ଦର୍ଶନ ଏଇଠାରେ ହିଁ ସମ୍ଭବ । ଧ୍ୟାନରେ ବସିପଡ଼, ଭଗବାନ ତୁମ ସମ୍ମୁଖରେ ଆବିର୍ଭାବ ହୋଇଯାଉଛନ୍ତି, ଦଣ୍ଡାୟମାନ ହୋଇଯାଉଛନ୍ତି, ତୁମ ପ୍ରତି ସ୍ମିତହାସ୍ୟ, ସପ୍ରେମ ଭାଷା, ଆଶ୍ୱାସନାମୂଳକ ପ୍ରତିଶ୍ରୁତି ଧରି, ତୁମ ପାଇଁ ଉଭା ହୋଇଯାଉଛନ୍ତି । ତାଙ୍କର କୋମଳ ସ୍ପର୍ଶ, ଦୈବୀ ଆଶୀର୍ବାଦ ଓ ଦିବ୍ୟାନନ୍ଦ ଢାଳିଦେଇଯାଉଛନ୍ତି ।

ବିଗତ ବହୁ ଜନ୍ମର ବହୁ ପୁଣ୍ୟ କର୍ମଦ୍ୱାରା ସଞ୍ଚିତ ସୁକୃତ ଯୋଗୁଁ ଏହି ତପୋବନମ୍‌ରେ ପ୍ରବେଶ କରିବାର ସୌଭାଗ୍ୟ ମିଳିଥାଏ । ସେଥିପାଇଁ ଭଗବାନ କହନ୍ତି,

''ମୋ ସଂକଳ୍ପ ବିନା ପୁଟ୍ଟପର୍ତ୍ତି ମାଟିରେ କେହି ପାଦ ଥାପି ପାରିବେ ନାହିଁ ।'' ଘଟଣାପ୍ରବାହରେ ବା ଦୁର୍ଘଟଣାବଶତଃ ମଧ୍ୟ କେହି ଏହା କରିପାରିବେ ନାହିଁ । ଏହା ଅକ୍ଷରେ ଅକ୍ଷରେ ସତ୍ୟ ।

ମାନସିକ୍ ଶାନ୍ତି ତଥା ଅସ୍ଥିରତାରୁ ମୁକ୍ତି ପାଇବା ପାଇଁ ସହସ୍ର ସହସ୍ର ବ୍ୟକ୍ତି ପୁଟ୍ଟପର୍ତ୍ତିରେ ଭିଡ଼ ଜମାନ୍ତି । ।ସେମାନଙ୍କ ଧର୍ମ ଭିନ୍ନ ଭିନ୍ନ, ମତ ଭିନ୍ନ ଭିନ୍ନ, ଭାଷା ମଧ୍ୟ ଅସଂଖ୍ୟ, ତଥାପି ସେ ସମସ୍ତେ ଏଠାରେ ଅବର୍ଣ୍ଣନୀୟ ଶାନ୍ତି ଓ ଆନନ୍ଦ ଅନୁଭବ କରନ୍ତି ଓ ପ୍ରତ୍ୟାବର୍ତ୍ତନ କରନ୍ତି । ସେମାନେ ପୂର୍ବଜନ୍ମରେ ଅର୍ଜିଥିବା ଆଧ୍ୟାତ୍ମିକ ସୁକୃତର ଯଥାର୍ଥ ପୁରସ୍କାର ଏଠାରେ ଲାଭ କରନ୍ତି । ପୁଟ୍ଟପର୍ତ୍ତିରେ ସ୍ୱୟଂ ଭଗବାନଙ୍କ ସହ ବ୍ୟକ୍ତିଗତ ଯୋଗାଯୋଗ ସ୍ଥାପନ କଲାଭଳି ପରମ ପୁରସ୍କାର ସେମାନେ ପାଇଥାନ୍ତି । ଭଗବାନ ସେମାନଙ୍କ ଉପରେ ଯେଉଁ କୃପା ବୃଷ୍ଟି କରନ୍ତି ସେମାନେ ସେଥିରେ ଉଲ୍ଲସିତ ହୋଇଉଠନ୍ତି ।ଯେଉଁମାନେ ପୂର୍ବରୁ କୌଣସି ସାଧନା କରି ନଥାନ୍ତି ଏଠାରେ ଭଗବାନଙ୍କ ଦର୍ଶନ ପାଇଲା ପରେ ତପସ୍ୟା କରିବା ପାଇଁ ଉତ୍ସାହିତ ହୋଇପଡ଼ନ୍ତି । ଆକସ୍ମିକ ଭାବେ ଚାଲିଆସିଥିବା ଲୋକଙ୍କ କ୍ଷେତ୍ରରେ ମଧ୍ୟ ଏହା ପ୍ରମାଣସିଦ୍ଧ ।

ଏହିଭଳି ଅନେକ କାରଣ ଥାଇ ଏ ଗ୍ରନ୍ଥର ନାମକରଣ ଏଭଳି କରାଯାଇଛି । ତପୋବନ ଅର୍ଥ ତପ ଆଚରଣ କରିବାର ଉଦ୍ୟାନ । ଭଗବାନ, ପରମ କାରୁଣିକ ଭଗବାନ, ଏହି ବିନମ୍ର ଉଦ୍ୟମକୁ ଆଶିଷ ପ୍ରଦାନ କରିଛନ୍ତି ।

ପ୍ରଣବ

ପ୍ରାକୃତିକ ଶୋଭା ପରିପୂର୍ଣ୍ଣ ସୁନ୍ଦର ଅରଣ୍ୟ ଓ ପାହାଡ଼ପର୍ବତ ବେଷ୍ଟିତ ପୁଟ୍ଟପର୍ତ୍ତି ଏକ ତୀର୍ଥସ୍ଥାନ ତଥା ମନୋମୁଗ୍ଧକର, ଶାନ୍ତିପୂର୍ଣ୍ଣ ବାତାବରଣର କ୍ଷେତ୍ର । ମହାନ୍ ଋଷି ଓ ସାଧୁସନ୍ଥମାନଙ୍କ ତପୋଭୂମି ଭଳି ଏହା ମନେ ହୁଏ । ବର୍ତ୍ତମାନ ବ୍ରାହ୍ମ ମୁହୂର୍ତ୍ତ ଆଗତ, ଧୀର ଶୀତଳ ସମୀରଣର ମୃଦୁମନ୍ଦ ପ୍ରବାହ ସହ ପକ୍ଷୀମାନଙ୍କର କାକଳି ସୁସ୍ପଷ୍ଟ ।

ପ୍ରଶାନ୍ତି ନିଳୟମ୍ ପରିସରରେ ପ୍ରାତଃ ଘ. ୪-୪୦ମି. ମଧ୍ୟରେ ୧୨ଥର ଘଣ୍ଟା ବାଦନ କରାଯାଏ । ତାହା ଭଗବାନଙ୍କ ଦରବାରର କାର୍ଯ୍ୟକ୍ରମ ତଥା ଦିବସର କର୍ମମୟ ଜୀବନର ଆରମ୍ଭର ସୂଚନା ଦିଏ । ଭକ୍ତମାନେ ନୀରବରେ ମନ୍ଦିର ସମ୍ମୁଖସ୍ଥ ପ୍ରାଙ୍ଗଣରେ ଶୃଙ୍ଖଳିତ ଭାବେ ଧାଡ଼ି ହୋଇ ବସନ୍ତି । ପ୍ରାତଃ ଘ. ୪.୫୦ମି. ବେଳକୁ ୫ଥର ଘଣ୍ଟାଶବ୍ଦ କରାଯାଏ । ପ୍ରାଙ୍ଗଣରେ ବସିଥିବା ଭକ୍ତମାନେ ଧୀରେ ଧୀରେ ପ୍ରାର୍ଥନାଗୃହ ଭିତରକୁ ଯାଆନ୍ତି । ପ୍ରାର୍ଥନାଗୃହ ଲୋକମାନଙ୍କଦ୍ୱାରା ପୂର୍ଣ୍ଣ ହୋଇଗଲେ, ବତୀଗୁଡ଼ିକ ଲିଭାଇଦିଆଯାଏ ଏବଂ ଦ୍ୱାର ବନ୍ଦ କରିଦିଆଯାଏ ।

ଠିକ୍ ୫ ଘଟିକା ସମୟରେ ଥରେ ଘଣ୍ଟା ବାଜେ । ସମବେତ ଭକ୍ତମାନେ ସମସ୍ୱରରେ ସମତାଳ ରକ୍ଷା କରି ପ୍ରଣବ ଧ୍ୱନି, ଓଁକାର ଉଚ୍ଚାରଣ କରନ୍ତି । ଜୀବାତ୍ମାକୁ ପରମାତ୍ମା ସହିତ ସଂଯୁକ୍ତ କରିବାର କ୍ଷମତା ଏହି ଓଁକାରକୁ ଦିଆଯାଇଛି । ପ୍ରାଚୀନକାଳରୁ ମୁନିଋଷିମାନେ ଏହି ଓଁକାରକୁ ମହାମନ୍ତ୍ର ଭାବେ ପୃଥିବୀବାସୀଙ୍କୁ ଉପହାର ଦେଇଯାଇଛନ୍ତି । କଥିତ ଅଛି, ''ଓଁ ଇତି ଏକାକ୍ଷରଂ ବ୍ରହ୍ମ'', ଅର୍ଥାତ୍ ଏହି ଏକ ଅକ୍ଷର ବିଶିଷ୍ଟ ''ଓଁ'' ହିଁ ବ୍ରହ୍ମ । ଏଥିରେ ତିନୋଟି ଅକ୍ଷର ସମ୍ମିଳିତ, ''ଅ'' ''ଉ'' ''ମ'' । ଏହାକୁ ନିୟମିତ ଭାବେ ଓ ସଠିକ୍ ପ୍ରଣାଳୀରେ ଜପ କରିବା ଦ୍ୱାରା ମନର ବିଲୋପ ସାଧନ ହୁଏ ଏବଂ ପରମଶାନ୍ତି ଲାଭ ହୁଏ ।

ଏହି ଓଁକାରର ବିଶେଷ ତାତ୍ପର୍ଯ୍ୟ ବାବଦରେ ବାବା କହନ୍ତି, ''ଓଁକାର ହିଁ ଏକମାତ୍ର ଶବ୍ଦ ଯାହା ସମଗ୍ର ବିଶ୍ୱସାରା ପରିବ୍ୟାପ୍ତ । ତାହା ହିଁ ପ୍ରଣବ । ସମଗ୍ର ସୃଷ୍ଟି ଏହି ପ୍ରଣବଦ୍ୱାରା ଅନୁରଣିତ । ପର୍ବତସ୍ଥ ନିର୍ଝରିଣୀ ମଧ୍ୟ ପ୍ରଣବ ଗାନ କରୁଥାଏ, ସାଗର ମଧ୍ୟ ପ୍ରଣବ ଗାନ କରୁଥାଏ, ଏପରିକି ଆମର ନିଃଶ୍ୱାସ ଓ ପ୍ରଶ୍ୱାସ ପ୍ରକ୍ରିୟା ମଧ୍ୟ ପ୍ରଣବ ବ୍ୟତୀତ ଅନ୍ୟ କିଛି ନୁହେଁ । ପାଲିଙ୍କି ବୋହୁଥିବା, ଭାରୀ ପଦାର୍ଥ ଉଠାଉଥିବା, ଲୁଗା କାଚୁଥିବା ତଥା ଶାରୀରିକ ପରିଶ୍ରମ କରୁଥିବା ସମସ୍ତେ ଶ୍ରମଭାର ଲାଘବ କରିବା ପାଇଁ ଓ ସ୍ନାୟୁଗୁଡ଼ିକୁ ଆଶ୍ୱସ୍ତ କରିବା ପାଇଁ ତାଳ ରକ୍ଷା କରି ପ୍ରଣବ ଉଚ୍ଚାରଣ ହିଁ କରିଥାନ୍ତି । ଏପରି ସ୍ଥଳେ ଯଦି ଜଣେ ପ୍ରଣବର ତାତ୍ପର୍ଯ୍ୟ ଓ ଅର୍ଥକୁ ବୁଝି ଭକ୍ତିର ସହିତ ପ୍ରଣବୋପାସନା କରେ ତେବେ ତାହାର ପୂର୍ବଜନ୍ମାର୍ଜିତ ପାପର ନିଶ୍ଚିତଭାବେ ପ୍ରାୟଶ୍ଚିତ୍ତ ହୋଇଯିବ ଏବଂ ସେ ଜନ୍ମ ମୃତ୍ୟୁର ଆବର୍ତ୍ତନରୁ ମୁକ୍ତି ଲାଭ କରିବ ।

ରେଳଗାଡ଼ିରେ ଥିବା ସବୁ ଡବାଗୁଡ଼ିକ ଇଞ୍ଜିନ ସହ ସଂଯୁକ୍ତ ହେଲେ ଆଗକୁ ଅଗ୍ରସର ହୁଅନ୍ତି, ଠିକ୍ ସେହିଭଳି ଓଁକାର ସହ ସଂଯୁକ୍ତ ହେଲେ ଅନ୍ୟସମସ୍ତ ମନ୍ତ୍ର ଶକ୍ତିଶାଳୀ ହୋଇଯାଆନ୍ତି । କେବଳ ଓଁକାର, ଏକାକୀ ସମସ୍ତ ବେଦର ସାରତତ୍ତ୍ୱ ସହ ସମାନ । ଏହି ଶକ୍ତିଶାଳୀ, କ୍ଷମତାସମ୍ପନ୍ନ, ପରମାନନ୍ଦ ପ୍ରଦାନକାରୀ ଓଁକାର ସମବେତ କଣ୍ଠରେ ୨୧ ଥର ପ୍ରତିଧ୍ୱନିତ ହୁଏ ପ୍ରଶାନ୍ତି ନିଳୟମ୍‌ରେ । ଏଥିରୁ ସୃଷ୍ଟି ହେଉଥିବା ଅଧ୍ୟାତ୍ମିକ ପ୍ରକମ୍ପନ ପ୍ରତ୍ୟୁଷର ସମୀରଣରେ ତରଙ୍ଗାୟିତ ହୋଇ ତାହାରି ପକ୍ଷ ଆରୋହଣ କରି ବିଶ୍ୱସାରା ବ୍ୟାପିଯାଏ ଓ ସର୍ବତ୍ର ଆଧ୍ୟାତ୍ମିକ ସ୍ପନ୍ଦନ ସୃଷ୍ଟି କରିଦିଏ ।

ଏହାପର କାର୍ଯ୍ୟକ୍ରମ ''ସୁପ୍ରଭାତମ୍'' । ସଂସ୍କୃତ ଭାଷାର ଶ୍ଳୋକମାନ ସୂର୍ଯ୍ୟୋଦୟ ପୂର୍ବର ବାତାବରଣ ପାଇଁ ସ୍ୱତନ୍ତ୍ର ତାଳ ଓ ମୂର୍ଚ୍ଛନାରେ ସଜ୍ଜିତ ହୋଇଅଛି ।

ସୁପ୍ରଭାତମ୍

ଈଶ୍ୱରାମ୍ବାସୁତଃ ଶ୍ରୀମାନ୍ ପୂର୍ବାସଂଧ୍ୟା ପ୍ରବର୍ତ୍ତତେ
ଉତ୍ତିଷ୍ଠ ସତ୍ୟସାଈଶ କର୍ତ୍ତବ୍ୟଂ ଦୈବମାହ୍ନିକମ୍ ॥

(ହେ ଈଶ୍ୱରାମ୍ବା ପୁତ୍ର, ହେ ଶ୍ରୀମଣ୍ଡିତ ପୁରୁଷ, ପୂର୍ବଦିଗରେ ସୂର୍ଯ୍ୟୋଦୟର ପୂର୍ବସମୟ ଉପସ୍ଥିତ । ହେ ସତ୍ୟସାଇ, ଉଠନ୍ତୁ ଏବଂ ଭଗବାନ ହିସାବରେ ଆପଣଙ୍କ ନିତ୍ୟକର୍ମ ସମ୍ପାଦନ କରନ୍ତୁ)

ଉତ୍ତିଷ୍ଠୋତ୍ତିଷ୍ଠ ପର୍ତ୍ତୀଶ ଉତ୍ତିଷ୍ଠ ଜଗତୀପତେ
ଉତ୍ତିଷ୍ଠ କରୁଣାପୂର୍ଣ୍ଣ ଲୋକମଙ୍ଗଳସିଦ୍ଧୟେ ॥

(ହେ ପର୍ତ୍ତିର ପ୍ରଭୁ, ଉଠନ୍ତୁ ଜାଗ୍ରତ ହୁଅନ୍ତୁ । ହେ ଜଗତର ସ୍ୱାମୀ, ହେ କରୁଣାମୟ ସମଗ୍ର ଜଗତର ମଙ୍ଗଳ ସାଧନାର୍ଥେ ଜାଗନ୍ତୁ ।)

ଚିତ୍ରାବତୀତଟ ବିଶାଳ ସୁଶାନ୍ତସୌଧେ
ତିଷ୍ଠନ୍ତି ସେବକଜନାଃ ତବ ଦର୍ଶନାର୍ଥମ୍
ଆଦିତ୍ୟକାନ୍ତିଃ ଅନୁଭାତି ସମସ୍ତଲୋକାନ୍
ଶ୍ରୀସତ୍ୟସାଇ ଭଗବନ୍ ତବ ସୁପ୍ରଭାତମ୍ ॥

(ଆପଣଙ୍କ ଦର୍ଶନ ଲାଭ କରିବା ପାଇଁ ବ୍ୟାକୁଳ ସେବକମାନେ ଚିତ୍ରାବତୀ ନଦୀ ତଟବର୍ତ୍ତୀ ବିଶାଳ ପ୍ରଶାନ୍ତି ନିଳୟମ୍‌ରେ ପ୍ରତୀକ୍ଷାରତ । ସୂର୍ଯ୍ୟକିରଣ ସମଗ୍ର ପୃଥିବୀକୁ ଆଲୋକିତ କରିବା ପାଇଁ ପରିବ୍ୟାପ୍ତ ହେଉଛି । ହେ ସତ୍ୟସାଇ ଭଗବାନ, ଆପଣଙ୍କ ଜାଗରଣଦ୍ୱାରା ଧନ୍ୟ ହୋଇଥିବା ଏକ ମଙ୍ଗଳମୟ ପ୍ରଭାତ ଆମେ ପ୍ରାର୍ଥନା କରୁଛୁ ।)

ତ୍ୱନ୍ନାମକୀର୍ତ୍ତନରତାଃ ତବ ଦିବ୍ୟନାମ
ଗାୟନ୍ତି ଭକ୍ତିରସପାନପ୍ରହୃଷ୍ଟଚିତ୍ତାଃ
ଦାତୁଂ କୃପାସହିତ ଦର୍ଶନମାଶୁ ତେଭ୍ୟଃ
ଶ୍ରୀସତ୍ୟସାଇ ଭଗବନ୍ ତବ ସୁପ୍ରଭାତମ୍ ॥

(ଉଚ୍ଚକଣ୍ଠରେ ଆପଣଙ୍କ ନାମ କୀର୍ତ୍ତନ କରି ସେଥିରୁ ନିର୍ଗତ ହେଉଥିବା ଭକ୍ତିରସକୁ ପାନ କରି ଲୋକମାନେ ଆନନ୍ଦ ଚିତ୍ତରେ ପ୍ରାର୍ଥନା କରୁଛନ୍ତି, ତାଙ୍କୁ ଦର୍ଶନ ପ୍ରଦାନ କରି କୃପା କରନ୍ତୁ । ଆପଣଙ୍କ ଜାଗରଣଦ୍ୱାରା ଧନ୍ୟ ହୋଇଥିବା ଏକ ମଙ୍ଗଳ ପ୍ରଭାତ ଆମେ ପ୍ରାର୍ଥନା କରୁଛୁ ।)

ଆଦାୟ ଦିବ୍ୟକୁସୁମାନି ମନୋହରାଣି
ଶ୍ରୀପାଦପୂଜନବିଧିଂ ଭବଦଂଘ୍ରି ମୂଲେ
କର୍ତ୍ତୁଂ ମହୋତ୍ସୁକତୟା ପ୍ରବିଶନ୍ତି ଭକ୍ତାଃ
ଶ୍ରୀସତ୍ୟସାଇ ଭଗବନ୍ ତବ ସୁପ୍ରଭାତମ୍ ॥

(ଭକ୍ତମାନେ ନାନାବିଧ, ନାନାରଙ୍ଗ ଓ ନାନାଗନ୍ଧବିଶିଷ୍ଟ ପବିତ୍ର ପୁଷ୍ପମାନ ଚୟନ କରି ଶାସ୍ତ୍ର ଅନୁଯାୟୀ ଆପଣଙ୍କ ପାଦପୂଜା କରିବା ପାଇଁ ମହା ଉତ୍ସାହର ସହ ଆସୁଛନ୍ତି । ଆପଣଙ୍କ ଜାଗରଣଦ୍ୱାରା ଧନ୍ୟ ହୋଇଥିବା ଏକ ମଙ୍ଗଳ ପ୍ରଭାତ ଆମେ ପ୍ରାର୍ଥନା କରୁଛୁ ।)

ଦେଶାନ୍ତରାଗତା ବୁଧାଃ ତବ ଦିବ୍ୟମୂର୍ତ୍ତିମ୍
ସନ୍ଦର୍ଶନାଭିରତି ସଂଯୁତଚିତ୍ତବୃତ୍ୟା
ବେଦୋକ୍ତ ମନ୍ତ୍ର ପଠନେନ ଲସନ୍ତ୍ୟଜସ୍ରମ୍
ଶ୍ରୀସତ୍ୟସାଇ ଭଗବନ୍ ତବ ସୁପ୍ରଭାତମ୍ ॥

(ଆପଣଙ୍କ ଦର୍ଶନାର୍ଥୀ ପଣ୍ଡିତ ବ୍ୟକ୍ତିମାନେ ଅନ୍ୟ ଦେଶମାନଙ୍କରୁ ଆସି ପହଞ୍ଚିଛନ୍ତି । ବେଦମନ୍ତ୍ର ପାଠ କରି ସେମାନେ ଅତ୍ୟନ୍ତ ଆନନ୍ଦିତ । ଆପଣଙ୍କ ଜାଗରଣଦ୍ୱାରା ଧନ୍ୟ ହୋଇଥିବା ଏକ ମଙ୍ଗଳ ପ୍ରଭାତ ଆମେ ପ୍ରାର୍ଥନା କରୁଛୁ ।)

ଶ୍ରୁତ୍ୱା ତବାଦ୍‌ଭୁତ ଚରିତଂ ଅଖଣ୍ଡକୀର୍ତ୍ତିମ୍
ବ୍ୟାପ୍ତଂ ଦିଗନ୍ତର ବିଶାଳ ଧରାତଳେଽସ୍ମିନ୍
ଜିଜ୍ଞାସୁଲୋକ ଉପତିଷ୍ଠତି ଚାଶ୍ରମେଽସ୍ମିନ୍
ଶ୍ରୀସତ୍ୟସାଇ ଭଗବନ୍ ତବ ସୁପ୍ରଭାତମ୍ ॥

(ଦୂର ଦିଗନ୍ତ ପର୍ଯ୍ୟନ୍ତ ବ୍ୟାପ୍ତ ଆପଣଙ୍କ ଅଦ୍‌ଭୁତ ଚରିତ ଓ ଅଖଣ୍ଡ କୀର୍ତ୍ତି ବିଷୟ ଶୁଣି, ଅଧିକ ଜାଣିବା ଲକ୍ଷ୍ୟରେ ଜିଜ୍ଞାସୁମାନେ ଏଠାରେ ପ୍ରତୀକ୍ଷମାଣ । ଆପଣଙ୍କ ଜାଗରଣଦ୍ୱାରା ଧନ୍ୟ ହୋଇଥିବା ଏକ ମଙ୍ଗଳ ପ୍ରଭାତ ଆମେ ପ୍ରାର୍ଥନା କରୁଛୁ ।)

ସୀତାସତୀସମବିଶୁଦ୍ଧ ହୃଦମ୍ବୁଜାତାଃ
ବହ୍ୱଙ୍ଗନା କରଗୃହୀତ ସୁପୁଷ୍ପହାରାଃ
ସ୍ତୁନ୍ୱନ୍ତି ଦିବ୍ୟାନୁତିଭିଃ ଫଣିଭୂଷଣଂ ତ୍ୱାମ୍
ଶ୍ରୀସତ୍ୟସାଇ ଭଗବନ୍ ତବ ସୁପ୍ରଭାତମ୍ ।

(ସୀତାଙ୍କ ସତୀତ୍ୱ ସଙ୍ଗେ ସମକକ୍ଷ ପବିତ୍ର ଭାବ ସହ ମହିଳା ଭକ୍ତମାନେ ଶୁଦ୍ଧ ହୃଦୟରୁ ଜାତ ପଦ୍ମ ପରି ଅନାସକ୍ତି ସହ ହାତରେ ସୁନ୍ଦର ସୁନ୍ଦର ମାଲ୍ୟ ଧାରଣ

କରି ଆପଣଙ୍କ ସ୍ତୁତିଗାନ କରୁଛନ୍ତି । ଆପଣଙ୍କ ଜାଗରଣଦ୍ୱାରା ଧନ୍ୟ ହୋଇଥିବା ଏକ ମଙ୍ଗଳ ପ୍ରଭାତ ଆମେ ପ୍ରାର୍ଥନା କରୁଛୁ ।)

ସୁପ୍ରଭାତଂ ଇଦଂ ପୁଣ୍ୟଂ ଯେ ପଠନ୍ତି ଦିନେ ଦିନେ
ତେ ବିଶନ୍ତି ପରଂ ଧାମଂ ଜ୍ଞାନବିଜ୍ଞାନଶୋଭିତାଃ
ମଙ୍ଗଳଂ ଗୁରୁଦେବାୟ ମଙ୍ଗଳଂ ଜ୍ଞାନଦାୟିନେ
ମଙ୍ଗଳଂ ପର୍ତ୍ତିବାସାୟ ମଙ୍ଗଳଂ ସତ୍ୟସାୟିନେ ॥

(ଏହି ପୁଣ୍ୟକାରକ ସୁପ୍ରଭାତମ୍ ଯେଉଁମାନେ ଦୈନନ୍ଦିନ ଆବୃତ୍ତି କରିବେ ସେମାନେ ପରମଧାମକୁ ଯାତ୍ରା କରିବେ, ଜ୍ଞାନବିଜ୍ଞାନରେ ମଣ୍ଡିତ ହେବେ । ଗୁରୁ ଆମ୍ଭମାନଙ୍କ ପ୍ରତି ମଙ୍ଗଳମୟ ହୁଅନ୍ତୁ, ଜ୍ଞାନପ୍ରଦାନକାରୀ ଆମ୍ଭମାନଙ୍କ ପ୍ରତି ମଙ୍ଗଳମୟ ହୁଅନ୍ତୁ, ପର୍ତ୍ତିନିବାସୀ ଭଗବାନ ଆମ ପ୍ରତି ମଙ୍ଗଳମୟ ହୁଅନ୍ତୁ, ଭଗବାନ ସତ୍ୟସାଇ ଆମ୍ଭ ପ୍ରତି ମଙ୍ଗଳମୟ ହୁଅନ୍ତୁ ।)

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ "ସୁପ୍ରଭାତମ୍" ହେଉଛି ଭକ୍ତର ବ୍ୟାକୁଳତାକୁ ଜାଗ୍ରତ କରିବା ପାଇଁ ଭଗବାନଙ୍କ ନିକଟରେ ଏକ ବିନମ୍ର ପ୍ରାର୍ଥନା । "ଭଗବାନ ହିଁ ମୋର ଅସଲ ସ୍ୱରୂପ" ଏହି ସତ୍ୟକୁ ଚେତନାରେ ଜାଗ୍ରତ କରି ରଖିବା ପାଇଁ "ସୁପ୍ରଭାତମ୍" ଏକ ସନିର୍ବନ୍ଧ ଆବେଦନ ।

ଯେଉଁ ଭଗବାନ ସଦା ଜାଗ୍ରତ, ସଦା ସଚେତ ଓ ବିଶ୍ୱବ୍ରହ୍ମାଣ୍ଡରେ ଘଟୁଥିବା ସବୁକିଛିର ପରମସାକ୍ଷୀ, ତାଙ୍କୁ ଉଠାଇବା ପାଇଁ ଗୀତ ବୋଲିବା ବା ଶୁଭ ପ୍ରଭାତ ଜ୍ଞାପନ କରିବା କଥାଟା କାନକୁ ଅଡୁଆ ଲାଗିପାରେ । ଯିଏ ସଦାସର୍ବଦା ଜାଗ୍ରତ ଏବଂ ନିଦ୍ରା ବାବଦରେ ଅଜ୍ଞ, ତାଙ୍କୁ ଉଠାଇବାର ଆବଶ୍ୟକତା କ'ଣ ? ତାହେଲେ ଏ ସୁପ୍ରଭାତମ୍ ଇତ୍ୟାଦି କ'ଣ ଓ କାହା ପାଇଁ ? ନିଦ୍ରାର ମାତୃସୁଲଭ ପଲଙ୍କରୁ ସଦ୍ୟ ଜାଗ୍ରତ ହୋଇଥିବା, ଆମ୍ଭମାନଙ୍କଠାରେ ବିବେକ ଓ ସଚେତନତା ଉଦ୍ରେକ କରିବା ଏ ସାଙ୍ଗୀତିକ ସାଧନାର ଅନ୍ତରାର୍ଥ । "ଭଗବାନ ଆମ ପ୍ରତ୍ୟେକଙ୍କ ଭିତରେ ବାସ କରନ୍ତି" -ଏହି ସତ୍ୟ ସ୍ମରଣ କରାଇଦେବା ଏବଂ ଆମର ଜ୍ଞାନାଗ୍ନିର ଶିଖାକୁ ତେଜି ଅଧିକ ଉଜ୍ଜ୍ୱଳତା ସହିତ ଜଳାଇ ରଖିବା "ସୁପ୍ରଭାତମ୍" ଅନ୍ତରାଳରେ ଥିବା ମର୍ମାର୍ଥ ।

ଏ ପ୍ରସଙ୍ଗରେ ଏକ ଘଟଣା ବର୍ଣ୍ଣନା କରୁଛି । ଶିବରାତ୍ରିର ପବିତ୍ର ଅବସର । ଦୀପାଲ ପିଚ୍ଛାୟ ଶାସ୍ତ୍ରୀ ପ୍ରଶାନ୍ତିନିଳୟମ୍‌ରେ ହେଉଥିବା ଶିବରାତ୍ରି ଭଜନରେ ବସିଥାନ୍ତି । ହଠାତ୍ ତାଙ୍କ ମନରେ ଏକ ବିଚିତ୍ର ଭାବନା ଆସିଲା, "ଭଗବାନ ବାବାଙ୍କ ନିଦ୍ରାକାଳୀନ ସୁନ୍ଦର ଦୃଶ୍ୟ ଦେଖିବାର ସୌଭାଗ୍ୟ ମୋର ହୁଅନ୍ତା କି ?" ସେହି ରାତ୍ରି ପ୍ରାୟ ୧୧ଟା

ସମୟରେ ବାବା ଶାସ୍ତ୍ରୀଜୀଙ୍କୁ ସାକ୍ଷାତ୍‌କାର କୋଠରୀକୁ ଡକାଇଲେ ଓ ବିଭିନ୍ନ ବିଷୟରେ କଥାବାର୍ତ୍ତା ଚଳାଇରଖିଲେ । ସମୟ କେତେ ଶୀଘ୍ର ଚାଲିଯାଉଥାଏ ଶାସ୍ତ୍ରୀ ଜାଣିପାରିଲେ ନାହିଁ । ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ବିତିଯାଇଥାଏ । ଶାସ୍ତ୍ରୀଙ୍କୁ ଢୁଳ ଆସିଲା ଓ ସେ ହାଇ ମାରିବାକୁ ଲାଗିଲେ । ସ୍ୱାମୀ ଏହିଠାରେ ତାଙ୍କୁ ପଚାରିଲେ, ''ଶାସ୍ତ୍ରୀ ତୁମେ ମୋର ଶୟନ ଦୃଶ୍ୟ ଦେଖିବାକୁ ଇଚ୍ଛା କରିଥିଲ, ଏବେ ନିଜେ ଢୁଳାଇବା ଆରମ୍ଭ କଲଣି ?'' ଶାସ୍ତ୍ରୀ ତତ୍‌କ୍ଷଣାତ୍ ସଚେତ ହୋଇଉଠିଲେ ଏବଂ ଆଶ୍ଚର୍ଯ୍ୟ ହୋଇଗଲେ ଯେ ସେହି ରାତିର କିଛିକ୍ଷଣ ପୂର୍ବରୁ ତାଙ୍କ ମନ ଭିତରେ ଉଙ୍କି ମାରିଥିବା ଏପରି ଏକ ନିଭୃତ ଭାବନାକୁ ସ୍ୱାମୀ ଜାଣିପାରିଛନ୍ତି । ବାବା ତାଙ୍କ କଣ୍ଠରେ କୋମଳତା ତଥା ଗାମ୍ଭୀର୍ଯ୍ୟ ସଂଗ୍ରହ କରି କହିଲେ, ''ଶାସ୍ତ୍ରୀ, ମୁଁ ଯଦି ଶୋଇବି, ତୁମ୍ଭେମାନେ ଆଉ ଉଠିପାରିବ ?'' ଶାସ୍ତ୍ରୀ ଆଶ୍ଚର୍ଯ୍ୟଚକିତ ହୋଇଗଲେ । ଭଗବାନ ସଦା ନିରନ୍ତର ଜାଗ୍ରତ ଓ ଚିର ସକ୍ରିୟ । ଏ ସରଳ ସତ୍ୟଟି ଆଦୌ ଉପେକ୍ଷିତ ନ ହେଉ ।

ନଗର ସଂକୀର୍ତ୍ତନ

ସୁପ୍ରଭାତମ୍ ପରେ ନଗର ସଂକୀର୍ତ୍ତନର ସମୟ ଆସେ । ଏଥିରେ ଭକ୍ତମାନେ ଧାଡ଼ି ହୋଇ ରାସ୍ତାରେ ଭକ୍ତି ଓ ଶୃଙ୍ଖଳା ସହ ନାମ କୀର୍ତ୍ତନ କରିଥାନ୍ତି । ଗଭୀର ଭକ୍ତି ଓ ସମର୍ପଣଭାବ ସହିତ ସେମାନେ ଏହାକୁ ଗାନ କରିଥାନ୍ତି । ତାହାର ଭାବ, ରାଗ, ତାଳ, ବାଦ୍ୟଯନ୍ତ୍ରର ସଂହତି କେବଳ ଗାୟକମାନଙ୍କଠାରେ ନୁହେଁ, ଅନ୍ୟମାନଙ୍କ ଭିତରେ ମଧ୍ୟ ପବିତ୍ର ଐଶ୍ୱରୀୟ ଭାବନା ଉଦ୍ରେକ କରାଇଥାଏ । ଭୋର ସମୟରେ ପକ୍ଷୀମାନଙ୍କ କାକଳି ସହିତ ମନ୍ଦ, ମଧୁର, ଶୀତଳ ସମୀରଣ ପ୍ରଶାନ୍ତିନିଲୟମ୍ ଭିତରେ ବହିଯାଉଥିବା ବେଳେ ସ୍ୱାମୀଙ୍କ ମନ୍ଦିର ଚତୁର୍ପାର୍ଶ୍ୱରେ ନଗର ସଂକୀର୍ତ୍ତନର ସଙ୍ଗୀତ ମୂର୍ଚ୍ଛନା ପ୍ରତ୍ୟେକଙ୍କ ପାଇଁ ଅବିସ୍ମରଣୀୟ ଅନୁଭୂତି ଆଣିଦେଇଥାଏ ।

ପ୍ରଶାନ୍ତିନିଲୟମ୍‌ର ପ୍ରବେଶଦ୍ୱାରରେ ଗଣେଶ ମହାପ୍ରଭୁଙ୍କ ଦର୍ଶନ ସହ ସୁବିସ୍ତୃତ ପିପ୍ପଳୀ ବୃକ୍ଷ ମୂଳରୁ ନଗର ସଂକୀର୍ତ୍ତନ ଆରମ୍ଭ ହୁଏ । ଭକ୍ତମାନେ ସୁବ୍ୟବସ୍ଥିତ ଧାଡ଼ିମାନଙ୍କରେ ପ୍ରଶାନ୍ତି ପରିସର ମଧ୍ୟରେ ସଂକୀର୍ତ୍ତନ କରନ୍ତି ଓ ପୁନର୍ବାର ଆରମ୍ଭ କରିଥିବା ସ୍ଥାନ, ଗଣେଶ ମନ୍ଦିର ସମ୍ମୁଖରେ ପହଞ୍ଚି ଶେଷ କରନ୍ତି ।

ଭଗବାନ ଯେତେବେଳେ ଦଶବର୍ଷର ହୋଇଥିଲେ, ସତ୍ୟ ନାରାୟଣ ରାଜୁ ବା ସତ୍ୟ ହିସାବରେ ପରିଚିତ ଥିଲେ, ନିଜ ସମବୟସ୍କ ଦଳେ ବାଳକଙ୍କୁ ଏକତ୍ର କରି ଭଜନ ଗାନ କରୁଥିଲେ । ସେମାନେ ଏହାକୁ ଶ୍ରୀପାଣ୍ଡୁରଙ୍ଗା ଭଜନ ମଣ୍ଡଳୀ ନାମରେ

ନାମିତ କରିଥିଲେ । ସତ୍ୟର ଚିତ୍ତଚୋରା ରୂପରେ ବିମୁଗ୍ଧ ଏହି ଦଳ ଏକାପ୍ରକାର ପୋଷାକ ପିନ୍ଧି, ହାତରେ ପତାକା ଧରି ଝାଞ୍ଜ ବା ଗିନି ବଜାଇ ଗାଁର ଗଳି-ଉପଗଳି ବାଟ ଦେଇ ଭଜନ ଗାନ କରୁଥିଲେ । ଗୋଟାଏ ଉଚ୍ଚଦୀପ ସ୍ଥାପନା କରି ତା' ଚାରିପାଖେ ବିରାଟ ବୃତ୍ତାକାରରେ ଭାବ, ରାଗ ଓ ତାଳ ରକ୍ଷା କରି ଭଜନ ବୋଲୁଥିଲେ । ବେଳେବେଳେ ପୁଟ୍ଟପର୍ତ୍ତି ଗ୍ରାମର ଚତୁର୍ପାର୍ଶ୍ୱରେ ଥିବା ଗ୍ରାମମାନଙ୍କରେ ହଇଜା, ବସନ୍ତ ଭଳି ସଂକ୍ରାମକ ରୋଗ ବ୍ୟାପି ବହୁ ଜନଜୀବନ ହରଣ କରୁଥାଏ । କିନ୍ତୁ ପୁଟ୍ଟପର୍ତ୍ତିର ଅଧିବାସୀମାନେ ଲକ୍ଷ୍ୟ କରନ୍ତି ଯେ ସେମାନେ ନିରାପଦରେ ଓ ସୁଖରେ ସୁନ୍ଦର ସ୍ୱାସ୍ଥ୍ୟପୂର୍ଣ୍ଣ ଜୀବନ ଯାପନ କରୁଛନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ ଏସବୁ କେବଳ ସତ୍ୟର ଭଜନମଣ୍ଡଳୀର ଭକ୍ତିପୂର୍ଣ୍ଣ କାର୍ଯ୍ୟର ସୁଫଳ । ଆଖପାଖ ଗ୍ରାମମାନଙ୍କରୁ ଅନେକ ବାର ନିମନ୍ତ୍ରଣ ଆସେ ଏ ଭଜନଦଳକୁ ସେମାନଙ୍କ ଗ୍ରାମରେ ଭଜନ କରିବା ପାଇଁ, କ୍ରମେ କ୍ରମେ ସେମାନେ ମଧ୍ୟ ନିଜକୁ ନିରୋଗୀ ଓ ସୁସ୍ଥ ମନେକରନ୍ତି, ମୃତ୍ୟୁହାର ବି କମିଯାଏ । ସେ ସମୟରେ ସତ୍ୟଦ୍ୱାରା ବପନ କରାଯାଇଥିବା କ୍ଷୁଦ୍ର ଭଜନଦଳର ବୀଜ ବର୍ତ୍ତମାନ ବୃକ୍ଷରେ ପରିଣତ ହୋଇ ବୃହଦାକାର ଧାରଣ କରି ପୃଥିବୀସାରା ଶ୍ରୀ ସତ୍ୟସାଇ ସେବାସମିତି ନାମରେ ନଗର ସଂକୀର୍ତ୍ତନ ତଥା ଭଜନ କାର୍ଯ୍ୟକ୍ରମଗୁଡ଼ିକୁ ସୁବିସ୍ତୃତ ରୂପ ପ୍ରଦାନ କଲାଣି ।

ସନ୍ଦର୍ଶନ

ନଗର ସଂକୀର୍ତ୍ତନ ଶେଷ ହେବାପରେ 'ଦର୍ଶନ' ସମୟ ଉପସ୍ଥିତ ହୁଏ, ଶ୍ରଦ୍ଧାଳୁ ଭକ୍ତମାନେ ଦର୍ଶନ ପାଇଁ ପ୍ରତୀକ୍ଷା କରିବା ଉଦ୍ଦେଶ୍ୟରେ, ଦର୍ଶନ ପ୍ରେକ୍ଷାଳୟ ଭିତରକୁ ଶୃଙ୍ଖଳିତ ଭାବେ ଧାଡ଼ି ହୋଇ ପ୍ରବେଶ କରନ୍ତି । ଏହି ଅବସରରେ ମନ୍ଦିର ପୁରୋହିତ ଶ୍ରୀଗଣେଶ ଓ ଶ୍ରୀ ସୁବ୍ରହ୍ମଣ୍ୟମ୍‌ଙ୍କ ପୂଜା ଉପାସନା ସମ୍ପୂର୍ଣ୍ଣ କରିଦିଅନ୍ତି । ଶ୍ରୀ ଗଣେଶ ଓ ଶ୍ରୀ ସୁବ୍ରହ୍ମଣ୍ୟମ୍ ମନ୍ଦିର ପ୍ରଶାନ୍ତି ନିଳୟମ୍‌ର ପ୍ରବେଶଦ୍ୱାରରେ ଅବସ୍ଥିତ । ଅତିଶୀଘ୍ର ଦେବତାଦ୍ୱୟଙ୍କୁ ଅଭିଷେକ କରାଯାଏ, ପୁଷ୍ପମାଲ୍ୟରେ ସଜାଇ ଦିଆଯାଏ ଏବଂ ଆରତୀ କରାଯାଏ । ପ୍ରତ୍ୟୁଷକାଳ ବେଦମନ୍ତ୍ରର ଧ୍ୱନିରେ ପ୍ରତିଧ୍ୱନିତ ହୋଇଉଠେ । ଜଗତ ଉଦ୍ଧାରକ, ମଙ୍ଗଳକାରକ, ଆନନ୍ଦଦାୟକ, ଦୁଃଖନିବାରକ ମାନବରୂପୀ ପରଂବ୍ରହ୍ମ, ଭଗବାନଙ୍କ ଆଗମନକୁ ଅପେକ୍ଷା କରି ଭକ୍ତମାନେ ଶୃଙ୍ଖଳିତ ଭାବେ ଆସନ ଗ୍ରହଣ କରିସାରିଥାନ୍ତି । ଏମାନଙ୍କ ମଧ୍ୟରେ ଥା'ନ୍ତି ବିଦେଶାଗତ ବହୁସଂଖ୍ୟକ ଭକ୍ତ; ସେମାନେ ବିଭିନ୍ନ ଧର୍ମର, ବିଭିନ୍ନ ପ୍ରକାର ପୂଜାପଦ୍ଧତି ଅନୁସରଣ କରୁଥିବା ବିଭିନ୍ନ ଅଞ୍ଚଳର, କିନ୍ତୁ ଏଠାରେ ସେମାନେ ସମସ୍ତେ ସମାନ ହୋଇଯାଆନ୍ତି । ପ୍ରତ୍ୟହ ଏହି ଦର୍ଶନର ବ୍ୟବସ୍ଥା

ହୋଇଥାଏ, ତଥାପି ପ୍ରତ୍ୟହ ସେ ସମସ୍ତେ ସେହି ଦର୍ଶନ ଲାଭ କରିବା ପାଇଁ ଭଗବାନଙ୍କ ଆଗମନକୁ ଚାହିଁବସନ୍ତି ।

ଆଜି ଦୁଇଘଣ୍ଟା ବିତିଯାଇଛି, ସ୍ୱାମୀ ଏ ପର୍ଯ୍ୟନ୍ତ ଆସିନାହାଁନ୍ତି । କୌଣସି ଭକ୍ତ କୌଣସି ସ୍ଥାନରେ ବୋଧହୁଏ ବିପଦରେ ପଡ଼ି ବ୍ୟାକୁଳ ପ୍ରାର୍ଥନା କରିଛି । ଯିଏ ଯେଉଁ ମୁହୂର୍ତ୍ତରେ ''ହେ ସାଇ'' ବୋଲି ଡାକିଦେଇଛି, ଭଗବାନ ତା' ସମ୍ମୁଖରେ ଉଭା ହୋଇପଡ଼ି ତତ୍‌କ୍ଷଣାତ୍ ତା'ର ଆବଶ୍ୟକତା ପୂରଣ କରି କହନ୍ତି, ''ମୁଁ ତ ତୋ' ସମ୍ମୁଖରେ ।''

ଏତେବଡ଼ କୃପା ଲାଭ କରିସାରିଲା ପରେ ଭକ୍ତ କ'ଣ ତାଙ୍କୁ ଫେରିଯିବାକୁ ଛାଡ଼ିଦେଇପାରିବ ? କୃତଜ୍ଞତାପରିପୂର୍ଣ୍ଣ ହୃଦୟରୁ ଝରୁଥିବା ଅଶ୍ରୁବନ୍ୟାରେ ଭଗବାନଙ୍କ ପାଦଯୁଗଳକୁ ସ୍ନାନ କରାଇଦେବ ନାହିଁ ? ସେହି କାରଣରୁ ଆଜି ଭଗବାନ ସମୟାନୁସାରେ ଆସି ନାହାଁନ୍ତି, ତା' ନ ହୋଇଥିଲେ ଦର୍ଶନ ପାଇଁ ଅପେକ୍ଷା କରିଥିବା ଶତସହସ୍ର ଭକ୍ତମାନଙ୍କ ବ୍ୟାକୁଳତାକୁ ଏତେ ସମୟ ଧରି ସେ ପଛରେ ପକାଇ ଦେଇଥାନ୍ତେ !

ଏବେ ସେ ସମୟ ଉପଗତ । ସ୍ୱାମୀଙ୍କ ଆଗମନୀକୁ ସୂଚାଇ ସୁନ୍ଦର ମଧୁର ବଂଶୀସ୍ୱନ ଶୁଣାଗଲାଣି । ଶତସହସ୍ର ମଥା ସେହି ଦିଗକୁ ଘୂର୍ଣ୍ଣାୟମାନ ହେଉଛନ୍ତି ସୂର୍ଯ୍ୟଙ୍କ ଆଡ଼କୁ ସୂର୍ଯ୍ୟମୁଖୀ ମୁହଁ କଲା ଭଳି । ବିସ୍ଫାରିତ ନେତ୍ର ଓ ଉତ୍‌ଥିତ ଗ୍ରୀବା ସହ ଚାହିଁ ରହନ୍ତି, କେତେ ଶୀଘ୍ର ଓ କେତେ ଭଲ ଭାବେ ତାଙ୍କର ଝଲକଟିଏ ଲାଭ ହୋଇଯିବ । ପୀତଲୋହିତ ବସ୍ତ୍ରର ବର୍ଣ୍ଣଛଟା ଆଖିରେ ପଡ଼ିଗଲେ ସ୍ୱାମୀଙ୍କ ଆଗମନ ନିଶ୍ଚିତ ହୋଇଯାଏ । ଏକମାତ୍ର, ପରମସତ୍ୟ, ସେ ଯେ ଆସୁଛନ୍ତି ।

କି ମନୋମୁଗ୍ଧକର ଦୃଶ୍ୟ, ଜ୍ୱଳନ୍ତ ଅଗ୍ନି ରଙ୍ଗର ବସ୍ତ୍ର, ଦୟା ଓ କରୁଣାର ମୂର୍ତ୍ତି ଓ ଘନୀଭୂତ କୃପା, ଅବର୍ଣ୍ଣନୀୟ ଲାସ୍ୟ ସହିତ ସ୍ମିତହାସ୍ୟ ବର୍ଷା କରି ଧୀର ପଦକ୍ଷେପରେ ଧାଡ଼ି ଧାଡ଼ି ଭକ୍ତମାନଙ୍କ ମଧ୍ୟ ଦେଇ ଚାଲି ଆସୁଛନ୍ତି । ଅଭୟ ମୁଦ୍ରାରେ ହସ୍ତ ଉତ୍ତୋଳନ କରି ଦୀନ ଦୁଃଖୀମାନଙ୍କ ଶୁଷ୍କ ହୃଦୟରେ ଆଶ୍ୱାସନା ଭରିଦେଉଛନ୍ତି । ଭକ୍ତମାନେ ବିନୀତ ଭାବେ ତାଙ୍କ ଉଦ୍ଦେଶ୍ୟରେ ଟେକି ଧରିଥିବା ଅସଂଖ୍ୟ ପତ୍ରଗୁଡ଼ିକୁ ସାଦରେ ଗ୍ରହଣ କରୁଥାନ୍ତି । କେତେକଙ୍କୁ ବ୍ୟଗ୍ରତା ଅନୁସାରେ ପାଦନମସ୍କାର ଭଳି ବିରଳ ସୁଯୋଗ ପ୍ରଦାନ କରନ୍ତି, ଅନ୍ୟ କେତେକଙ୍କୁ ନିଜ ଦିବ୍ୟହସ୍ତସୃଷ୍ଟ ବିଭୂତି ପ୍ରଦାନ କରନ୍ତି । କେତେକଙ୍କୁ ନିଜ କୋମଳ ସ୍ପର୍ଶ ଦେଇ ଅନ୍ୟ କେତେକଙ୍କୁ ଉନ୍ମୁକ୍ତ ହସ୍ତ ଉତ୍ତୋଳନ କରି ଆଶୀର୍ବାଦ କରନ୍ତି, ଦେବଦୁର୍ଲଭ ସେ ଦୃଶ୍ୟ ବର୍ଣ୍ଣିବା ଦୁଷ୍କର ବ୍ୟାପାର ।

ପଣ୍ଡିତମାନେ ସ୍ୱାମୀଙ୍କୁ ଗୋଟିଏ ଆଖ୍ୟା ପ୍ରଦାନ କରିଛନ୍ତି, ''ମୌନ ବ୍ୟାଖ୍ୟା ପ୍ରକଟିତ ପରଂବ୍ରହ୍ମ ତତ୍ତ୍ୱମ୍'' ଯାହାର ଅର୍ଥ, ନୀରବତା ମାଧ୍ୟମରେ ପ୍ରକଟିତ ହେଉଥିବା ବ୍ରହ୍ମ । ସ୍ୱାମୀ ଅଧିକ କଥା କହନ୍ତି ନାହିଁ, କିନ୍ତୁ ସମବେତ ଭକ୍ତମାନେ ଅନୁଭବ କରନ୍ତି ଯେ ସେମାନଙ୍କର ସନ୍ଦେହ ଦୂର ହୋଇଯାଉଛି, ଦୁଶ୍ଚିନ୍ତା ଅପସରିଯାଉଛି ଓ ସମସ୍ୟା ସମାଧାନ ହୋଇଯାଉଛି । ଭକ୍ତମାନଙ୍କର ସମ୍ପୂର୍ଣ୍ଣ ସତ୍ତା, କରୁଣା ଓ ପ୍ରେମଦ୍ୱାରା ପ୍ଳାବିତ ହୋଇଯାଉଛି । ପ୍ରତ୍ୟେକ ବ୍ୟକ୍ତି ଭାବି ବସନ୍ତି, ସ୍ୱାମୀଙ୍କର ଏହି ଦର୍ଶନ ଲାଭ କରିବା ପାଇଁ କାହିଁ କେତେ ଦିନରୁ ମୁଁ ଚାହିଁ ବସି ନ ଥିଲି ।

ଦୟାମୟ ରକ୍ତମାଂସ ଶରୀର ଧାରଣ କରି ନିକଟବର୍ତ୍ତୀ ହେଉଛନ୍ତି, ସେ ବର୍ତ୍ତମାନ ମୋର ଅତି ନିକଟତର, ଏ ନୈସର୍ଗିକ ଦୃଶ୍ୟରେ ମୋ ନେତ୍ର ପବିତ୍ର ହୋଇଯାଉଛି, କିନ୍ତୁ ଏ ସମୟରେ ମୋ ଆନନ୍ଦାଶ୍ରୁ ବହି ଆସି ଦର୍ଶନରେ ବାଧା ସୃଷ୍ଟି ନ କରୁ । ବର୍ଷ ବର୍ଷର ବ୍ୟାକୁଳ ତୃଷାର୍ତ୍ତ ମନ ପରିତୃପ୍ତ ହୋଇଯାଉ । ଭଗବାନ ଅତି ନିକଟରେ, ଜୀବନର ସର୍ବଶ୍ରେଷ୍ଠ ମୁହୂର୍ତ୍ତ ମଧ୍ୟ ଅତି ନିକଟତର । ମନ ଓ ନୟନ ତାଙ୍କ ମହାର୍ଘ ଆସ୍ୱାଦନରେ ଲାଗି ଯାଆନ୍ତୁ । ସ୍ୱାମୀଙ୍କ ଦର୍ଶନ ପାଇଁ ଦୀର୍ଘସମୟ ଧରି ପ୍ରତୀକ୍ଷା କରିବା ଫଳରେ ମୋ ଦେହ ସ୍ପର୍ଶାନୁଭୂତି ହଜାଇ ଦେଇଛି । ସମ୍ମୁଖରେ ସେ ବହୁ ପ୍ରତୀକ୍ଷିତ ପଦ୍ମପାଦ ହାତ ପାଆନ୍ତାରେ, ତାଙ୍କ ପାଦ ସ୍ପର୍ଶରେ ମୋ ଦେହରୁ ଚାଲିଯାଇଥିବା ସ୍ପର୍ଶନାନୁଭୂତି ପୁନର୍ବାର ଫେରିଆସୁଛି । ଦେହ ତ ଚଳୁନାହିଁ । ତାଙ୍କ ସହ ଦି'ପଦ ବାର୍ତ୍ତା ବିନିମୟ କରିବା ପାଇଁ ମୋର ବାକ୍ ସ୍ଫୁରଣ ହେଉନାହିଁ । ଏଭଳି ଏକ ଆଶାତୀତ ମୁହୂର୍ତ୍ତ ଆସି ଉପସ୍ଥିତ ହେଲାବେଳକୁ ମୋ ଚକ୍ଷୁ, ମୋ ମନ, ମୋ ଦେହ, ମୋ ଜିହ୍ୱା ପଶ୍ଚାତ୍‌ପଦ୍ ହେଉଛନ୍ତି କାହିଁକି ? ଅତି ବିସ୍ମୟକର ଆନନ୍ଦରେ ମୋରି ଲୋତକ ମୋତେ ଦର୍ଶନରେ ବାଧା ଦେଉଛି, ବାକ୍‌ଶକ୍ତି କ୍ଳାନ୍ତ ଓ ଦୁର୍ବଳ ହୋଇପଡୁଛି, କଣ୍ଠ ରୁଦ୍ଧ ହୋଇ ପଡୁଛି, ଦେହ ନିଜର ଅସ୍ତିତ୍ୱ ହରାଉଅଛି ।

ସାଇଙ୍କ ମାନବ ଶରୀରର ମଧ୍ୟ ଏ ପ୍ରକାର ଶକ୍ତି । ଦୟାଘନ, ପ୍ରେମଘନଙ୍କର କ୍ଷଣିକ ଦର୍ଶନମାତ୍ର ପ୍ରତ୍ୟେକଙ୍କଠାରେ ଅତୁଳନୀୟ ଶାନ୍ତି, ସନ୍ତୋଷ, ଶକ୍ତିପୂର୍ଣ୍ଣ ହୃଦୟାନନ୍ଦ ଭରି ଦେବାକୁ ଯଥେଷ୍ଟ । ଆମେ ତାଙ୍କ ରୂପ ଉପରେ ଚକ୍ଷୁ ନିବିଷ୍ଟ କରିବାମାତ୍ରେ ସେ ତାଙ୍କ ନିଜ ବାବଦରେ କହିଥିବା କଥା ଆମ୍ଭମାନଙ୍କ କର୍ଣ୍ଣରେ ଶୁଭିଯାଏ, ''ମୁଁ ଇଚ୍ଛା କଲି'' । ସେ ଥରେ ଘୋଷଣା କରି କହିଥିଲେ ''ମୁଁ ମୋ ନିଜ ଆନନ୍ଦ ପାଇଁ ଏ ବିଶାଳ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କଲି, ଏଥିପୂର୍ବରୁ ମୋତେ ଜାଣିବା ଲାଗି କେହି ନ ଥିଲେ । ମୁଁ

କେବଳ ଇଚ୍ଛା କଲି, ବାସ୍ । ପର୍ବତମାନଙ୍କର ଉତ୍ଥାନ ହେଲା, ନଦୀମାନେ ପ୍ରବହମାନ ହେଲେ, ତଳେ ପୃଥିବୀ ଓ ଊର୍ଦ୍ଧ୍ୱରେ ଆକାଶ ରୂପ ଧାରଣ କଲା, ମହାସାଗରମାନେ ଦେଖାଦେଲେ, ସୂର୍ଯ୍ୟ, ଚନ୍ଦ୍ର, ମରୁଭୂମି ତଥା ଅନ୍ୟ ସବୁକିଛି ମୋର ଅସ୍ତିତ୍ୱ ଜ୍ଞାପନ କରିବା ପାଇଁ ରୂପ ପରିଗ୍ରହଣ କରିଗଲେ । ମାନବ, ଜୀବଜନ୍ତୁ, କୀଟ ପତଙ୍ଗ ତଥା ସକଳ ଜୀବନ୍ତ ସତ୍ତା କହିବା, ଶୁଣିବା ଓ ଚଳପ୍ରଚଳ ହେବାରେ ଲାଗିଗଲେ । ମଣିଷକୁ ଶ୍ରେଷ୍ଠତ୍ୱ ପ୍ରଦାନ କରି ମଣିଷ ମସ୍ତିଷ୍କକୁ ମୁଁ ମୋର ନିଜ ଜ୍ଞାନରେ ସଜ୍ଜିତ କଲି ।''

କି ଆଶ୍ଚର୍ଯ୍ୟ ତଥା ତାତ୍ପର୍ଯ୍ୟପୂର୍ଣ୍ଣ ଉଦ୍‌ଘୋଷଣା ! ଏ ବାଣୀକୁ ନିଜ ଅନ୍ତରରେ ପ୍ରତିଫଳିତ କରିବା ଦରକାର, ତାହା ଆମକୁ ଆଧ୍ୟାତ୍ମିକତାର ଉଚ୍ଚତମ ସୋପାନକୁ ଉନ୍ନିତ କରିନେବ ।

ନିଜ ଦର୍ଶନ ପ୍ରଦାନ ମାଧ୍ୟମରେ ସମବେତ ଜନମଣ୍ଡଳୀକୁ ତୃପ୍ତ କରିସାରି ଭଗବାନ ଧୀରେ ଧୀରେ ମନ୍ଦିର ବାରଣ୍ଡାରେ ବସୁଥିବା ସ୍କୁଲ ଛାତ୍ରମାନଙ୍କ ପାଖକୁ ଅଗ୍ରସର ହୁଅନ୍ତି । ଏ ଭୌତିକ ଶରୀରର ବୟସ ସତ୍ତ୍ୱେ ପ୍ରତ୍ୟହ ସୂର୍ଯ୍ୟ ଉଦୟ ହେଲା ଭଳି ସେ ଭକ୍ତମାନଙ୍କ ସମକ୍ଷରେ ନିଜକୁ ପହଞ୍ଚାଇ ପାରନ୍ତି । ''ଆମ୍ଭମାନଙ୍କ ପାଇଁ ସେ ଏତେ କଷ୍ଟ ସ୍ୱୀକାର କରୁଛନ୍ତି'' - ଏ କଥା ଭାବିଲେ ଆମ ମନ ବ୍ୟଥିତ ହୁଏ । କେତେକ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ଦେବା ପାଇଁ ସ୍ୱାମୀ ବାଛିଥାନ୍ତି । ସେମାନଙ୍କୁ ନିଜେ ସାକ୍ଷାତ୍‌କାର କୋଠରୀ ଭିତରକୁ ନିଅନ୍ତି, ଶେଷରେ ନିଜେ ସହାସ୍ୟ ବଦନରେ କୋଠରୀ ଭିତରେ ପ୍ରବେଶ କରନ୍ତି । ପ୍ରାତଃ ଦର୍ଶନ ଏହିଠାରେ ଶେଷ ହୁଏ ।

ସ୍ୱର୍ଗର ଦେବତାମାନେ ମଧ୍ୟ ମୋ ପାଇଁ ପ୍ରତୀକ୍ଷାରତ

ଭଗବାନଙ୍କ ଦର୍ଶନ ଲାଭ କରି ଭକ୍ତର ମନପ୍ରାଣ ଉଲ୍ଲସିତ ହୋଇଉଠେ । ମୁଦ୍ରିତ ନୟନରେ, ଆମେ ଏଇମାତ୍ର ଲାଭ କରିଥିବା ସେ ମନୋହରଣ ଚମତ୍କାରୀ ରୂପଦର୍ଶନ ଅନୁଭୂତିକୁ ଧ୍ୟାନ କରିବା ଆରମ୍ଭ କରିଦେଉ । ଏହା ସହିତ ଏ ସମ୍ପର୍କରେ ଥରେ ସ୍ୱାମୀ କହିଥିବା ସେ ବାର୍ତ୍ତାଟିର ମଧୁର ସ୍ମୃତି ଆମ ମନକୁ ଆବୋରି ବସେ ।

''ମୋର ଦର୍ଶନ ଲାଭର ଆଶୀର୍ବାଦ ପାଇ ସାରିଲା ପରେ ଏକ ନୀରବ ତଥା ନିର୍ଜନ ସ୍ଥାନକୁ ଚାଲିଯାଅ, ମନକୁ ସ୍ଥିର ରଖ, ଧୀର ଓ ପ୍ରଶାନ୍ତ ଚିତ୍ତରେ ମୋ ରୂପ ଉପରେ ଧ୍ୟାନ ଆରମ୍ଭ କରିଦିଅ ଏବଂ ମୋତେ ସଶରୀରରେ ଦର୍ଶନ କରିଥିବାର ବିରଳ ସୁଯୋଗ ଓ ସୌଭାଗ୍ୟ କଥା ମନେ ପକାଅ । ଏହା କଲେ ମୋ ଆଶୀର୍ବାଦର ସୁଫଳ

ପୂର୍ଣ୍ଣମାତ୍ରାରେ ପାଇବ । ଗଭୀର ନିଷ୍କଳତା ଭିତରେ ମୋ କୃପା ଲାଭ କରିପାରିବ । ମୁଁ ତୁମ୍ଭମାନଙ୍କ ମଧ୍ୟରେ ବୁଲୁଥିବା ସମୟରେ ମୋର ଶକ୍ତି ମୋ'ଠାରୁ ବିକିରିତ ହୋଇ ତୁମ ପର୍ଯ୍ୟନ୍ତ ପହଞ୍ଚେ । ମୋ ଦିବ୍ୟ ଶକ୍ତିର ଆଭା ତୁମ ସମ୍ପୂର୍ଣ୍ଣ ସତ୍ତା ଭିତରେ ପ୍ରବେଶ କରିଯାଏ । ଦର୍ଶନ ଲାଭ କରି ସାରିବା ପରେ ତୁମେ ନୀରବରେ ଧ୍ୟାନ ନ କରି ଯଦି ଅନ୍ୟାନ୍ୟ କଥାବାର୍ତ୍ତାରେ ନିୟୋଜିତ ହୋଇଯିବ, ମୋର ଏ ଅତି ମୂଲ୍ୟବାନ ଦିବ୍ୟଶକ୍ତି ତୁମକୁ କୌଣସି ଉପକାର ନ ଦେଇ ମୋ ପାଖକୁ ଫେରି ଆସିବ । ମୁଁ ଯେଉଁମାନଙ୍କ ଉପରେ ଦୃଷ୍ଟି ନିକ୍ଷେପ କରେ, ସେମାନଙ୍କଠାରେ ଏକ ପରିବର୍ତ୍ତନ ପରିଲକ୍ଷିତ ହୁଏ ଏବଂ ସେମାନେ ଅଧିକ ଦିନ ଧରି, ଅଧିକ ଭଲ, ଅଧିକ କାର୍ଯ୍ୟକ୍ଷମ ହୋଇ ବହୁଦିନ ପର୍ଯ୍ୟନ୍ତ ନୂତନ ଶକ୍ତି ଲାଭ କରିପାରନ୍ତି । ମୋ ଦର୍ଶନ ଲାଭର ସୁପ୍ରଭାବକୁ କଦାପି ନ୍ୟୂନ ଦୃଷ୍ଟିରେ ଦେଖିବ ନାହିଁ । ତୁମ୍ଭମାନଙ୍କ ମଧ୍ୟରେ ବୁଲିବାର ଦୃଶ୍ୟ ସନ୍ଦର୍ଶନ କରିବା ପାଇଁ ସ୍ୱର୍ଗର ଦେବଦେବୀମାନେ ମଧ୍ୟ ବ୍ୟାକୁଳ, ତୁମେ ସେ କୃପା ଏଠାରେ ପାଇଯାଉଛ । ତୁମର ବହୁ ଜନ୍ମର ବହୁ ସୁକୃତର ପୁରସ୍କାର ସ୍ୱରୂପ ତୁମେ ଏ ପ୍ରକାର ଐଶ୍ୱରୀୟ ବର ଲାଭ କରିଛ, ଏଥିରେ ସନ୍ଦେହ ରଖ ନାହିଁ । ସ୍ୱର୍ଗର ଦେବତାମାନେ ମଧ୍ୟ ମୋ ଦର୍ଶନ ଲାଭ କରିବାକୁ ଧୈର୍ଯ୍ୟର ସହ ଅପେକ୍ଷା କରି ରହିଥିବା ବେଳେ ତାହା ତୁମ ପାଇଁ ସହଜଲବ୍ଧ ହୋଇଯାଇଛି । ପୂର୍ବଜନ୍ମର ପୁଣ୍ୟର ଫଳସ୍ୱରୂପ ଏହା ସମ୍ଭବ ହୋଇଛି । ଏହା ତୁମର ବିସ୍ମରଣ ହୋଇ ନଯାଉ । ବର୍ତ୍ତମାନ ତୁମ୍ଭେମାନେ ପାଉଥିବା ଏହି ଆଶିଷ ନିର୍ଦ୍ଦିଷ୍ଟ ସମୟରେ ନିଜକୁ ଉଦ୍‌ଗମ କରିବ । ଏହା ପରେ ଯାଇ ତାହା ଫଳ ଯୋଗାଇବ ।''

''ସ୍ୱର୍ଗର ଦେବତାମାନେ ମୋ ଦର୍ଶନ ଲାଭ କରିବାକୁ ଧୈର୍ଯ୍ୟର ସହିତ ଅପେକ୍ଷା କରିରହିଥାନ୍ତି ।'' କି ବିସ୍ମୟକର ଉଦ୍‌ଘୋଷଣା !

ଏହି ବାଣୀ ଶୁଣିଲା ପରେ ଆମ୍ଭମାନଙ୍କ ସ୍ମୃତିପଟରେ ସେଭଳି ଦୁଇଟି ଘଟଣା ଉଙ୍କି ମାରିଲାଣି ।

ପେଦ୍ଦାବଟ୍ଟୁଙ୍କ ଅନୁଭୂତି

ଶ୍ରୀମତୀ ଗାଲି ଶାରଦାଦେବୀ ନାମ୍ନୀ ଜଣେ ମହିଳା ଶିରିଡ଼ି ସାଇବାବାଙ୍କର ଅନନ୍ୟ ଭକ୍ତ ଥିଲେ । ସେ ଶିରିଡ଼ି ବାବାଙ୍କ ସାନ୍ନିଧ୍ୟରେ ବହୁ ବର୍ଷ ବିତାଇଥିଲେ । ଶିରିଡ଼ି ବାବାଙ୍କ ମହାପ୍ରୟାଣର ୨୦ ବର୍ଷ ପରେ ସେ ସତ୍ୟସାଇ ବାବାଙ୍କ ବିଷୟ ଜାଣିଲେ । ବାବା ତାଙ୍କୁ ପୁଟ୍ଟପର୍ତ୍ତି ଡକାଇଲେ । ପ୍ରଶାନ୍ତି ନିଳୟମ୍‌ରେ ତାଙ୍କ ରହିବାର ବନ୍ଦୋବସ୍ତ କରିଦିଆଗଲା । ଭଗବାନ ତାଙ୍କୁ ସ୍ନେହରେ ଡାକୁଥିଲେ ''ପେଦ୍ଦାବଟ୍ଟୁ'' । ଏ ନାମର

ଅର୍ଥ ''ବଡ଼ ଟୋପା'' । ସେ ମହିଳାଜଣକ ନିଜ କପାଳରେ ବଡ଼ ଆକାରରେ ସିନ୍ଦୂର ପିନ୍ଧୁଥିଲେ । ଥରେ ସେ ତପୋବୃକ୍ଷ ମୂଳେ ଭୋର ସମୟରେ ଧ୍ୟାନ କରୁଥିଲେ । ଅନ୍ଧକାର ଦୂର ହୋଇ ନଥାଏ । ସେ ଆଖି ଖୋଲିଲା ବେଳକୁ ଯାହା ଦେଖିଲେ ତାହା ବିଶ୍ୱାସ କରିପାରିଲେ ନାହିଁ । ସ୍ୱର୍ଗୀୟ ରମଣୀମାନେ ପ୍ରଶାନ୍ତି ମନ୍ଦିର ଉର୍ଦ୍ଧ୍ୱରେ ଥିବା ଆକାଶ ପଥରେ ଯାଉଥିଲେ, ସେମାନେ ପୂର୍ବ ଦିଗକୁ ଯାଉଥିବା ସମୟରେ ଅତି ଉଜ୍ଜ୍ୱଳ ଶୁଭ୍ର ଆଲୋକ ବିଚ୍ଛୁରିତ କରୁଥିଲେ । ସେମାନେ ଅତି ଶ୍ରୀରୂପବତୀ ଓ ଶ୍ରୀରଙ୍ଗବତୀ ମଧ୍ୟ ଥିଲେ । ଶରୀରସାରା ପୁଷ୍ପ ତଥା ମାଲ୍ୟମଣ୍ଡିତ ଥିଲେ । ଭୂମି ସ୍ପର୍ଶ କରି ଚାଲୁ ନ ଥିଲେ ସେମାନେ, ମୁକ୍ତ ଆକାଶ ପଥ ଦେଇ ଗତି କରୁଥିଲେ । ପେଦ୍ଦାବଚ୍ଚୁ ଅନୁମାନ କରିନେଲେ ଯେ ଏମାନେ ସାଧାରଣ ମର୍ତ୍ତ୍ୟବାସୀ ନୁହନ୍ତି । ସେମାନଙ୍କ ଗତିରୁ ଯେଉଁ ସୁଶ୍ରାବ୍ୟ ମଧୁର ମୂର୍ଚ୍ଛନା ଭାସି ଆସୁଥିଲା, ତାହାକୁ ଶୁଣି ପେଦ୍ଦାବଚ୍ଚୁଙ୍କ ଜ୍ଞାନ ହୋଇଗଲା ଯେ ସେମାନେ ସ୍ୱର୍ଗୀୟା ରମଣୀ, ଏବେ ପରଂବ୍ରହ୍ମ ଶ୍ରୀ ସତ୍ୟସାଇଙ୍କୁ ଦର୍ଶନ କରି ସାରି ବାହୁଡ଼ି ଯାଉଥିଲେ । ପେଦ୍ଦାବଚ୍ଚୁ ଜଣେ ଯୋଗିନୀ ଥିଲେ, ସେଥି ହେତୁ ଭଗବାନଙ୍କ ଇଚ୍ଛାରେ ଏଭଳି ଏକ ଆତ୍ମାନନ୍ଦନକାରୀ ଅନୁଭୂତି ଲାଭ କରି ପାରିଲେ । କିଛି ସମୟ ପରେ ସେ ପାହାଡ଼ ତଳକୁ ଆସି ଭଜନ ଗୃହର କବାଟ ସଧୀରେ ଖୋଲିଲେ ଏବଂ ଦେଖିଲେ ସମସ୍ତେ ନିଦ୍ରାଭିଭୂତ ଅବସ୍ଥାରେ ଅଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା, ସଙ୍ଗୀତର ଶବ୍ଦ ଆହୁରି ଶୁଣାଯାଉଥିଲା । ସେ ବୁଝିପାରିଲେ ଯେ ଆଉ କେତେକ ସ୍ୱର୍ଗସ୍ଥ ଦର୍ଶନାଭିଳାଷୀ ବାବାଙ୍କ ମନୋରଞ୍ଜନରେ ଲାଗିଛନ୍ତି । ସକାଳ ହୋଇଗଲା ପରେ ପେଦ୍ଦାବଚ୍ଚୁ ବାବାଙ୍କୁ କହିଲେ, ''ସ୍ୱାମୀ, ଆଜି ସ୍ୱର୍ଗୀୟ ରମଣୀମାନଙ୍କୁ ଫେରିଯିବା ଅବସ୍ଥାରେ ମୁଁ ଦେଖିପାରିଲି ।'' ସ୍ୱାମୀ ମୁଖରେ ସ୍ମିତହାସ୍ୟ ଖେଳାଇ କହିଲେ, ''ଦେଖିଲୁ ?''

ରାଜା ରେଡ୍ଡିଙ୍କ ସଂଦର୍ଶନ

ସେଦିନଟି ଥିଲା ଏକ ପବିତ୍ର ତିଥି, ବୈକୁଣ୍ଠ ଏକାଦଶୀ । ପବିତ୍ର ଗ୍ରନ୍ଥ ଓ ପୁରାଣମାନଙ୍କରେ ବର୍ଣ୍ଣନା ଅଛି ଯେ ଏହି ମହାନ୍ ତିଥିରେ ଶ୍ରୀ ମହାବିଷ୍ଣୁ ତାଙ୍କ ଭକ୍ତମାନଙ୍କୁ ତାଙ୍କ ବୈକୁଣ୍ଠସ୍ଥ ନିବାସର ଉତ୍ତରଦ୍ୱାର ଦେଇ ଦର୍ଶନ ପ୍ରଦାନ କରିଥାନ୍ତି । ରାଜା ରେଡ୍ଡି ନାମକ ଜଣେ ଭକ୍ତ ପ୍ରଶାନ୍ତି ନିଳୟମ୍ ଉପର ମହଲା ବାରଣ୍ଡାରେ ଶୋଇଥିଲେ । ଅର୍ଦ୍ଧରାତ୍ର ସମୟ ପ୍ରାୟ, ତାଙ୍କ ନିଦ ଭାଙ୍ଗିଗଲା । ସ୍ୱାମୀଙ୍କ କକ୍ଷର କବାଟ ସାମାନ୍ୟ ଖୋଲା ଥିଲା, ତାହା ମଧ୍ୟଦେଇ ସେ ଦେଖିଲେ କକ୍ଷଟି ଅତି ଉଜ୍ଜ୍ୱଳ ଆଲୋକରେ ସମ୍ପୂର୍ଣ୍ଣ ଆଲୋକିତ । ସେ ଭାବିଲେ ଏ ଅସମୟରେ ଏତେ ବଡ଼ ଆଲୁଅ କିଏ କାହିଁକି ଜଳାଇଛି ? ସେ

କବାଟ ଫାଙ୍କରେ ଭିତରକୁ ଚାହିଁ ଦେଖିଲେ କେତେକ ଦେବଦେବୀ ଭଗବାନ ବାବାଙ୍କ ପାଦପଦ୍ମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ଜଣକ ପରେ ଜଣେ ସୁଯୋଗ ନେଉଛନ୍ତି । ସେମାନଙ୍କଠାରୁ ବିସ୍ମୟକର କିରଣମାନ ବିଛୁରିତ ହେଉଥିଲା । ଆଦିଶେଷ ଯୋଗାଇଥିବା ଶଯ୍ୟା ଉପରେ ଶ୍ରୀ ମହାବିଷ୍ଣୁଙ୍କ ଶୟନ ଢଙ୍ଗରେ, ସ୍ୱାମୀ ଅର୍ଦ୍ଧଶାୟିତାବସ୍ଥାରେ ଏବଂ ଅତି ପ୍ରସନ୍ନତାର ସହ ସେମାନଙ୍କ ଶ୍ରଦ୍ଧାଞ୍ଜଳି ଗ୍ରହଣ କରୁଥାନ୍ତି । ସ୍ୱାମୀଙ୍କ ଶଯ୍ୟା ଚତୁର୍ପାର୍ଶ୍ୱରେ ସାତଟି ଉଜ୍ଜ୍ୱଳ ଆଲୋକ ପ୍ରଜ୍ୱଳିତ ହେଉଥାଏ । ଏ ଦୃଶ୍ୟରେ ରାଜା ରେଡ୍ଡି ବିସ୍ମୟାଭିଭୂତ ତଥା ଭୟଭୀତ ହୋଇ ସନ୍ତର୍ପଣରେ ନିଜ ଶଯ୍ୟାକୁ ଫେରିଆସିଲେ । ସେ ଆଉ ଶୋଇ ପାରିଲେ ନାହିଁ । ପରଦିନ ସେ ସ୍ୱାମୀଙ୍କୁ ଏହି ଅପୂର୍ବ ଅନୁଭୂତି କଥା ଜଣାଇଲେ ଓ ପଚାରିଲେ, ‘‘ସ୍ୱାମୀ, ସେ ବ୍ୟକ୍ତିମାନେ ସବୁ କିଏ ?’’ ସ୍ୱାମୀ ଉତ୍ତର ଦେଇଥିଲେ, ‘‘ସେମାନେ ସବୁ ସ୍ୱର୍ଗର ଦେବତା, ମୋ ଦର୍ଶନ କରିବାକୁ ଆସିଥିଲେ । ସାତଟି ଉଜ୍ଜ୍ୱଳ ଆଲୋକ ଆକାରରେ ଯାହା ଦେଖିଲୁ, ସେମାନେ ସପ୍ତର୍ଷି । ମୁଁ ତୋତେ ମୋ ଆଶୀର୍ବାଦ ଦେଇ ବଞ୍ଚାଇରଖିଛି ବୋଲି ନଚେତ୍ ସେ ଦୃଶ୍ୟ ଦେଖିଲା ମାତ୍ରକେ ତୁ ଭସ୍ମ ହୋଇ ଯାଇଥା’ନ୍ତୁ ।’’

ଶ୍ରୀ ସତ୍ୟସାଇ ପ୍ରକୃତରେ ପରମ ଈଶ୍ୱର । ତାଙ୍କର ଚରଣରେ ଆମର ସବିନୟ ପ୍ରଣାମ ।

ପ୍ରଶାନ୍ତି ନିଳୟମ୍‌ର ଗତାନୁଗତିକ କାର୍ଯ୍ୟକ୍ରମ ଅନୁଯାୟୀ ମନ୍ଦିର ଭିତରେ ଦକ୍ଷିଣ-ପୂର୍ବ କୋଣରେ ଶାଳଗ୍ରାମ (ଶିବଙ୍କ ପ୍ରତୀକ)କୁ ରୁଦ୍ରାଭିଷେକ କରାଯାଏ । ଏହା ସହିତ ଲଳିତା ଓ ସାଇଙ୍କର ଅଷ୍ଟୋତ୍ତରଶତ ନାମାବଳୀ ପୂଜା ପ୍ରଭୃତି ସମାପନ କରାଯାଏ । ଦେବ ମୂର୍ତ୍ତିଗୁଡ଼ିକୁ ପୂଜା କରାଯିବା ଦରକାର । ମୂର୍ତ୍ତିପୂଜା ଆତ୍ମପୂଜା କରିବାର ବିଭିନ୍ନ ସୋପାନ ମାତ୍ର । ପ୍ରତ୍ୟେକ ଠାକୁର-ଠାକୁରାଣୀ ଆତ୍ମାକୁ ଆଧ୍ୟାତ୍ମିକ ଦୃଷ୍ଟିରୁ ସଶକ୍ତ କରିବାରେ ସାହାଯ୍ୟ କରନ୍ତି । ସମସ୍ତ ପୂଜା ଭକ୍ତିର ସହିତ କରାଯିବା ଦରକାର, ପ୍ରତ୍ୟେକ ପୂଜା ମାଧ୍ୟମରେ ନିଜ ଅନ୍ତରରେ ବିଦ୍ୟମାନ ଥିବା ପରମ ସତ୍ତାଙ୍କୁ ପୂଜା କରାଯାଉଛି, ଏହି ସଚେତନତା ସହିତ ଉପାସନା କରାଯିବା ଉଚିତ । ପ୍ରେମ, ଆଧ୍ୟାତ୍ମିକ ସଚେତନତା ଓ ପରମସତ୍ତାଙ୍କ ବାବଦରେ ଜ୍ଞାନ – ଏସବୁ ଭକ୍ତର ଦୈନନ୍ଦିନ ଜୀବନର ଅଂଶ ହୋଇଯିବା ଦରକାର ।

ଭଜନ

ସକାଳ ନଅ, ମନ୍ଦିରରେ ଭଜନ ଆରମ୍ଭ ହେବା ସମୟ । ଭଗବାନ ସସ୍ମିତ ବଦନରେ ଆସି ସୁସଜ୍ଜିତ ସିଂହାସନରେ ଉପବେଶନ କଲେଣି । ଭଜନର ତାଳ ଅନୁସାରେ ସେ ନିଜ ହାତରେ ତାଳ ପକାନ୍ତି । ଶୂନ୍ୟରେ କିଛି ଲେଖିବା ଭଙ୍ଗୀରେ ଅଙ୍ଗୁଳି ଚଳାଇବା ତାଙ୍କର ଏକ ଅଭ୍ୟାସ । ବାରମ୍ବାର ତାଙ୍କ ମୁଖରୁ ଝରିପଡୁଥିବା ହସ ଦେଖି ଲୋକେ ଫାଟିପଡ଼ନ୍ତି । ସେ କ'ଣ ଲେଖନ୍ତି, ଲେଖୁ ଲେଖୁ କାହିଁକି ହସନ୍ତି ? ତାଙ୍କ ମନ ଭିତରେ କି ଭାବନା ସୃଷ୍ଟି ହୁଏ ସେତେବେଳେ ? ଏସବୁ କଥା ରହସ୍ୟମୟ ଜଣାପଡ଼େ ।

ସ୍ୱାମୀ ଥରେ କହିଥିବା କଥାଟିଏ ମନେପଡୁଛି ''ତୁମେ ଲକ୍ଷ୍ୟ କରିଥିବ, ମୁଁ ଯେତେବେଳେ ସିଂହାସନ ମଣ୍ଡନ କରି ବସିଥାଏ, ମନେ ମନେ ହସେ ସତେ ଯେପରି କାହା ସହିତ ସ୍ନେହାଳାପ କରୁଛି । ଶୂନ୍ୟରେ କିଛି ଲେଖିଲା ଭଳି ଅଙ୍ଗୁଳି ଚାଳନା କରେ । ପ୍ରକୃତରେ ମୁଁ ଏସବୁ ଯେଉଁମାନଙ୍କ ପାଇଁ କରେ ସେମାନେ ତୁମକୁ ଦୃଶ୍ୟ ହୁଅନ୍ତି ନାହିଁ । ଯିଏ ଯେତେବେଳେ ମୋ ସାହାଯ୍ୟ ପ୍ରାର୍ଥନା କରେ ମୁଁ ସେତେବେଳେ ତାକୁ ସାହାଯ୍ୟ କରେ, କିନ୍ତୁ ଏ କଥାଗୁଡ଼ିକ ମୁଁ ପ୍ରଚାର କରେ ନାହିଁ । କୌଣସି ବାପା ତା ପୁତ୍ର ପ୍ରତି କରିଥିବା ସଶ୍ରଦ୍ଧ ସାହାଯ୍ୟ କଥା ଅନ୍ୟତ୍ର ପ୍ରଚାର କରିଥାଏ କି ?''

ଭଜନ ପ୍ରଥମେ ଗଣେଶ ଭଗବାନଙ୍କ ନାମରୁ ଆରମ୍ଭ ହୋଇ ଦେବୀ, ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଯୀଶୁ, ସାଇ, ଆଲ୍ଲା ପ୍ରଭୃତିଙ୍କ ନାମରେ ଗାନ କରାଯାଏ । ଗାୟକମାନେ ପ୍ରାଣଦେଇ ଗାଆନ୍ତି, ବିଭିନ୍ନ ଯନ୍ତ୍ର ସଙ୍ଗୀତର ସାହାଯ୍ୟ ମଧ୍ୟ ନିଆଯାଏ । ଭକ୍ତମାନେ ମଧ୍ୟ ଏଥିରେ ଯୋଗ ଦିଅନ୍ତି । ବିଶାଳ ସମାବେଶରେ ଭଜନରୁ ସୃଷ୍ଟି ହେଉଥିବା ଭକ୍ତିପୂର୍ଣ୍ଣ ଆବେଗରେ କିଏ ସଂପୂର୍ଣ୍ଣ ଭାବେ, ସାମଗ୍ରିକ ଭାବେ ଏବଂ ପୂର୍ଣ୍ଣମାତ୍ରାରେ ନିମଜ୍ଜିତ ହୁଅନ୍ତି ? ଭଗବାନଙ୍କ ବ୍ୟତିରେକେ ଆଉ କେହି ନୁହନ୍ତି । ସ୍ୱାମୀ ଆନନ୍ଦରେ ଅଭିଭୂତ ହେବାର ଦୃଶ୍ୟ ଏଭଳି ଏକ ସ୍ମରଣୀୟ ଓ ଆଧ୍ୟାତ୍ମିକ ଅନୁଭୂତି ଯେ ଭାଗ୍ୟଶାଳୀ ଦର୍ଶକ ଚିରଦିନ ପାଇଁ ଏହି ମଧୁମୟ ସ୍ମୃତିକୁ ବାରମ୍ବାର ମନେ ପକାଇବାକୁ ଇଚ୍ଛା କରେ ।

ସ୍ୱାମୀ ଥରେ କେତେକ ଭକ୍ତଙ୍କୁ ଭଜନର ତାତ୍ପର୍ଯ୍ୟ ବିଷୟରେ ଅତି ସରଳ ଉଦାହରଣ ମାଧ୍ୟମରେ ବୁଝାଇଦେଇଥିଲେ । ''ତୁମେ କୌଣସି ବୃକ୍ଷ ମୂଳେ ଏକତ୍ରିତ ହୋଇ ସଶବ୍ଦ ତାଳି ମାରିଲେ, ବୃକ୍ଷରେ ଥିବା ପକ୍ଷୀମାନେ ଉଡ଼ି ଯାଆନ୍ତି । ମାନବ ଜୀବନ ମଧ୍ୟ ଏକ ବୃକ୍ଷ ସଦୃଶ ଏବଂ ନାନା ପ୍ରକାର ପକ୍ଷୀ ଏହା ଉପରେ ବସି କୋଳାହଳ କରିଥାଆନ୍ତି । ସେ ପକ୍ଷୀଗୁଡ଼ିକ ହେଲେ କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ । ଏମାନେ ତୁମର ଶାନ୍ତି ଓ ସ୍ଥିରତା ଭଙ୍ଗ କଲା ଭଳି ଅତି ଶ୍ରୁତିକଟୁ ଶବ୍ଦ ସୃଷ୍ଟି କରନ୍ତି ।

ତୁମେ ହାତତାଳି ଦେଇ ସଶବ୍ଦରେ ରାମ, କୃଷ୍ଣ, ଗୋପାଳ, ନାରାୟଣ ପ୍ରଭୃତି ନାମ ଗାନ କଲେ ଏହି ଦୁଷ୍ଟ ପକ୍ଷୀମାନେ ଉଡ଼ିଯାଆନ୍ତି ଏବଂ ତୁମ ମନ ଓ ହୃଦୟ ନିର୍ମଳ ଓ ଶାନ୍ତ ହୋଇଯାଏ ।'' ଭଜନର ଯେଉଁ ତାତ୍ପର୍ଯ୍ୟ ବାବା ଏତେ ସୁନ୍ଦର ଭାବେ ବୁଝାଇଲେ, ଆସ ତାହାର ପ୍ରକୃତ ମୂଲ୍ୟ ଗ୍ରହଣ କରିବା । ପ୍ରଥମେ ଆସ, ତାଙ୍କ ଆଡ଼କୁ ଆମ ହୃଦୟକୁ ମୁହାଁଇ ରଖିବା ।

ଭଜନ ପରେ ଆରତୀ ପ୍ରଦାନ କରାଯିବା ପରେ ଭଗବାନ ତାଙ୍କ ବାସଭବନ ଆଡ଼କୁ ଅଗ୍ରସର ହୁଅନ୍ତି ।

ପ୍ରଶାନ୍ତି ନିଲୟମ୍‌ର ସକାଳ କାର୍ଯ୍ୟକ୍ରମ ଏପ୍ରକାରେ ଚାଲେ । ତାଙ୍କ ପ୍ରତି ପ୍ରଣାମ ଜ୍ଞାପନ କରି ଆସ ତାଙ୍କ ଦିବ୍ୟ ରୂପକୁ ଧ୍ୟାନ କରିବା ଓ ଉପଲବ୍ଧି କରିବା ଯେ ସ୍ୱାମୀ ଆମ ନିଜ ହୃଦୟ ଭିତରକୁ ଯାଇଛନ୍ତି । ବର୍ତ୍ତମାନ ଧୀରସ୍ଥିର ଭାବେ ପ୍ରଶାନ୍ତି ନିଳୟମ୍‌ରୁ ବାହାରି ନିଜଗୃହ ଅଭିମୁଖେ ଚାଲିବା ।

ଓଁ ଶ୍ରୀସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

ପ୍ରଥମ ଅଧ୍ୟାୟ ସମ୍ପୂର୍ଣ୍ଣ

ପ୍ରଥମ ଦିବସ : (ଅବଶିଷ୍ଟାଂଶ)

ଦ୍ୱିତୀୟ ଅଧ୍ୟାୟ

ଶିରିଡ଼ିସାଇ - ପର୍ତ୍ତିସାଇ

ସର୍ବପ୍ରଥମେ ନାମ ଓ ରୂପ ପ୍ରୟୋଜନ, ସେହି କାରଣରୁ ଅବତାର ଆସିଥା'ନ୍ତି, ଫଳରେ ତାଙ୍କୁ ଭଲ ପାଇହେବ, ଭକ୍ତି କରିହେବ, ପୂଜା କରିହେବ, ତାଙ୍କ ସମ୍ଭାଷଣ ଶୁଣିହେବ ଓ ପାଳନ କରିହେବ ଏବଂ ପରିଶେଷରେ ସେ ଯେ ଅନାମ ଓ ଅରୂପ ତାହା ଉପଲବ୍ଧି କରିହେବ ।

-ବାବା

ଏ ସତ୍ୟସାଇ ବାବା କିଏ ? ଅତିମାନବୀୟ, ବିସ୍ମୟାତୀତ ଓ ଅପର୍ଯ୍ୟାପ୍ତ ଶକ୍ତିର ପରିଚୟ ପ୍ରଦାନ କରୁଥିବା ଏହି ସ୍ୱାମୀ କ'ଣ ପ୍ରକୃତରେ ଭଗବାନ ? ସେ କ'ଣ ଗୋଟିଏ ଅବତାର ? ଆମେ ଆମ ନିଜ ସ୍ୱଭାବକୁ ଭଲଭାବେ ଜାଣିନାହୁଁ । ଆମର ଅତି ଘନିଷ୍ଠମାନଙ୍କର ସ୍ୱଭାବକୁ ଜାଣିବାକୁ ଆମେ ଅସମର୍ଥ । ଏ କ୍ଷେତ୍ରରେ ଆମେ କିପରି ଜଣେ ଅବତାରଙ୍କ ସତ୍ତାର ଦୁର୍ଭେଦ୍ୟ ବ୍ୟକ୍ତି ସ୍ୱଭାବକୁ ଜାଣିପାରିବା ? କେବଳ ଚନ୍ଦ୍ରାଲୋକକୁ ଦେଖି ଜଣେ ଚନ୍ଦ୍ର ବିଷୟରେ କିଛି ପରିମାଣର ଜ୍ଞାନ ଆହରଣ କରିପାରେ ଯଦିଓ ତାହା ଅତି ସ[illegible] । ସେହିଭଳି ଭଗବାନ ବାବାଙ୍କୁ ଜାଣିବାକୁ ହେଲେ ଭଗବାନ ବାବାଙ୍କର ଘଟଣାବହୁଳ ଜୀବନ ଓ ତାଙ୍କ ପ୍ରଦତ୍ତ ସମ୍ଭାଷଣ ପ୍ରଭୃତିକୁ ଆନୁସଙ୍ଗିକ ଲକ୍ଷଣ ଭାବେ ଗ୍ରହଣ କରିବାକୁ ହେବ ।

ଯୋଡ଼ି ଆଦିପଲ୍ଲୀ ସୋମପ୍ପା

୧୯୫୮ ନଭେମ୍ବର ୨୫ ତାରିଖ ଘଟଣା । ୨୩ ତାରିଖରେ ଭଗବାନଙ୍କ ଜନ୍ମଦିବସ ଉତ୍ସବରେ ଯୋଗଦେଇ ଭେଙ୍କଟରାମ ତାଙ୍କ ପରିବାର ସହ କାରରେ ବାଙ୍ଗାଲୋର ଫେରୁଥିଲେ । ସେମାନେ ବାଗେପଲ୍ଲୀଠାରେ ପହଞ୍ଚିବା ବେଳେ ତାଙ୍କ ଛୋଟ ଝିଅ ଗୀତାସୁଧାର ଦେହ ଅସୁସ୍ଥ ହୋଇ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହେଲା, ତାହାର ଶ୍ୱାସକ୍ରିୟା ବନ୍ଦ ହୋଇଆସିଲା ଭଳି ଜଣାଗଲା । ପରିବାର ଲୋକେ ଭାବିଲେ ସେ ବୋଧହୁଏ ଚାଲିଯିବ । ଏପରି ଅସହାୟ ଅବସ୍ଥାରେ ପରିବାର ଲୋକେ କେଉଁଠୁ କି ସାହାଯ୍ୟ ପାଇବେ ଭାବି ଚତୁର୍ଦିଗକୁ ଚାହିଁବା ଛଡ଼ା ଅନ୍ୟ ଉପାୟ ନ ଥିଲା । ହଠାତ୍ ଜଣେ ବୃଦ୍ଧ କୃଷକ କେଉଁଠୁ ଆସି ପହଞ୍ଚିଗଲା । ସେ ପାଖକୁ ଆସି ଝିଅଟିକୁ ନିଜ ହାତରେ ଧରିଲା, ବୃଦ୍ଧ କୃଷକଙ୍କ ସ୍ପର୍ଶ ପାଇଲା ମାତ୍ରେ ଶିଶୁଟି ପ୍ରାଣ ଫେରିପାଇଲା ଭଳି

ଜଣାଗଲା ଓ ସେ କାନ୍ଦିପାରିଲା । ଯିଏ ଆରପାରିକୁ ଯିବାକୁ ବସିଥିଲା ସେ ପୁନଃ ଜୀବନ ଫେରିପାଇବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ପିତା ଭେଙ୍କଟରାମ ଅତି ଆନନ୍ଦିତ ହୋଇ ବୃଦ୍ଧ କୃଷକଙ୍କ ପ୍ରତି କୃତଜ୍ଞତାସୂଚକ ଗୋଟିଏ ଟଙ୍କା ତାଙ୍କ ହାତରେ ଦେଲେ । ବୃଦ୍ଧଜଣକ ତାହା ଗ୍ରହଣ କରିବାକୁ ନମ୍ରଭାବେ ବାରଣ କଲେ । ଭେଙ୍କଟରାମ ତାଙ୍କ ନାମ ଜାଣିବାକୁ ଇଚ୍ଛା କରିବାରୁ ସେ କହିଲେ, ତାଙ୍କ ନାମ ଯୋଡ଼ି ଆଦିପଲ୍ଲୀ ସୋମପ୍ପା ।

ଏହାର କିଛିଦିନ ପରେ ସ୍ୱାମୀ ଏ ବିଷୟ କସ୍ତୁରୀଙ୍କ ଆଗରେ ବର୍ଣ୍ଣନା କରିଥିଲେ । ''ମୁଁ ଜଣେ ବୃଦ୍ଧ ଗ୍ରାମ୍ୟ ଲୋକଭାବେ ସେଠାରେ ପହଞ୍ଚିଲି ଓ ସେ ଶିଶୁଟିକୁ ପୁନର୍ଜୀବନ ପ୍ରଦାନ କରିଥିଲି । କସ୍ତୁରୀଙ୍କ କୌତୂହଳ ଜନ୍ମିଲା, ସ୍ୱାମୀ ଏ ଭଳି ଏକ ନାମ କାହିଁକି ବହନ କରିଥିଲେ ଓ ଏହା ଅନ୍ତରାଳରେ କିଛି ତାତ୍ପର୍ଯ୍ୟ ଅଛି କି ? ସ୍ୱାମୀ ଉତ୍ତର ଦେଇ କହିଲେ, ''ଆଦିପଲ୍ଲୀ ଅର୍ଥ ଅତି ପ୍ରାଚୀନ ପଲ୍ଲୀ, ପ୍ରଥମ ବସତି, କୈଳାସ, ଶିବଙ୍କ ନିବାସ । ଯୋଡ଼ି ଅର୍ଥ ଯୁଗଳମୂର୍ତ୍ତି । ସୋମପ୍ପା (ସ+ଉମା) ଅର୍ଥ ଉମାଙ୍କ ସହିତ ଶିବ । ସତ୍ୟସାଇ ଭଗବାନ ଏହିପରି ଭାବରେ ନିଜର ପରିଚୟ ଉନ୍ମୋଚନ କରିଥିଲେ । ସେ ହିଁ ଶିବ ଓ ସେ ହିଁ ଶକ୍ତି, ଶିବଶକ୍ତି ।

ଅନ୍ୟ ଏକ ଅବସରରେ ସ୍ୱାମୀ ଜଣେ ଲୋକକୁ ତା' ନାଁ ଧରି ଡାକିଲେ, ''କୈଳାସ, ତୋ ନାଁର ଅର୍ଥ ଜାଣିଛୁ ?'' ତା' ନାଁ ର ଅର୍ଥ ଓ ସ୍ୱାମୀଙ୍କ ଉତ୍ତର ଖୋଜିବାରେ ତାକୁ ସପ୍ତାହେ ସମୟ ଦେବାକୁ ପଡ଼ିଲା, ତଥାପି ସେ କିଛି ଜାଣିପାରି ନଥିଲା । ପରେ ସ୍ୱାମୀ ନିଜେ ତା'ର ଅର୍ଥ କହିଥିଲେ, ''କୈଳାସ ଅର୍ଥ ସବୁଠାରୁ ଅଧିକ ପରିଷ୍କାର, ନିର୍ମଳ ଓ ତ୍ରୁଟିଶୂନ୍ୟ ସ୍ଫଟିକ । ଏହା ଏକ ପବିତ୍ର ଓ ନିଷ୍କଳଙ୍କ ହୃଦୟର ପ୍ରତୀକ । ସେହି କାରଣରୁ ଭଗବାନ ଶିବ କୈଳାସକୁ ତାଙ୍କ ଦିବ୍ୟ ନିବାସ ଭାବେ ବାଛିଛନ୍ତି ଏବଂ ସେ ମଧ୍ୟ ସମସ୍ତ ପବିତ୍ର ହୃଦୟରେ ବସବାସ କରନ୍ତି ।''

ପ୍ରେମ କୁଟୀର

ବାଗେପଲ୍ଲୀ ନିକଟସ୍ଥ, ରାଜପଥ ପାର୍ଶ୍ୱରେ ''ପ୍ରେମ କୁଟୀରମ୍'' ନାମରେ ଏକ ଭବନ ଅବସ୍ଥିତ । ତା' ପାଖରେ ଅତି ସୁନ୍ଦର ଭାବେ ନିର୍ମିତ ସର୍ବଧର୍ମ ସ୍ତୁପ ପୃଥିବୀର ସମସ୍ତ ଧର୍ମର ମୁଖ୍ୟ ନୀତିଗୁଡ଼ିକୁ ଲୋକଲୋଚନକୁ ଆଣୁଛି ।

୧୯୮୦ ମସିହାରେ ଏହାକୁ ପ୍ରେମ କୁଟୀରମ୍ ବୋଲି କୁହାଯାଉ ନଥିଲା । ତାହାର ପ୍ରଥମ ନାମ ଥିଲା ''ଶ୍ରୀ ସତ୍ୟସାଇ ସେବା ଶିବିରମ୍'' । ଏହାର ଉଦ୍ୟୋକ୍ତମାନେ ସାଇଙ୍କ ଭକ୍ତ । ପର୍ବପର୍ବାଣି ସମୟରେ ପ୍ରଶାନ୍ତି ନିଳୟମ୍‌କୁ ଯାଉଥିବା ଓ ସେଠାରୁ ଫେରୁଥିବା ଭକ୍ତମାନଙ୍କୁ ଏହିଠାରେ ଖାଦ୍ୟପଦାର୍ଥ ବଣ୍ଟନ କରାଯାଉଥିଲା । ସେମାନଙ୍କର

ଉତ୍ସର୍ଗୀକୃତ ସେବାଭାବ ଦିନେ ଭଗବାନଙ୍କର ସ୍ୱତନ୍ତ୍ର ଆଶୀର୍ବାଦ ଲାଭ କଲା । ୧୯୮୦ ନଭେମ୍ବର ୩୦ ତାରିଖ ଦିନ ସ୍ୱାମୀ ଏହି ଶିବିରକୁ ଆସି ଉଦ୍ୟୋକ୍ତାମାନଙ୍କୁ କହିଲେ ''ଭଲ କାମ କରୁଥିବା ସମସ୍ତଙ୍କ ପ୍ରତି ମୁଁ ଅମାପ କୃପା ପ୍ରଦାନ କରେ ।'' ସ୍ୱାମୀଙ୍କ ଏହି ଆଶୀର୍ବଚନରେ ଅଧିକ ଉତ୍ସାହିତ ହୋଇ ଏହି ଶିବିର ତାହାର ସେବାକାର୍ଯ୍ୟର ପରିସର ବିସ୍ତାର କରିବାକୁ ଲାଗିଲା । କ୍ରମେ କ୍ରମେ ସର୍ବଧର୍ମ ସମନ୍ୱୟ ଟ୍ରଷ୍ଟ ଗଠିତ ହେଲା । ଗୋଟିଏ ସେବାସଦନ ନିର୍ମାଣ କରାଗଲା, ଅନାଥ ଆଶ୍ରମ ଓ ବୃଦ୍ଧାଶ୍ରମ ମଧ୍ୟ ଗଢ଼ିଉଠିଲା ।

ଥରେ ତେଲୁଗୁ ଚିତ୍ରତାରକା ଶ୍ରୀମତୀ ଅଞ୍ଜଳି ଦେବୀ ଓ ପ୍ରସିଦ୍ଧ ଗାୟିକା ଶ୍ରୀମତୀ ପି. ସୁଶୀଳା ଓ ଅନ୍ୟ କେତେକ ବ୍ୟକ୍ତି ଏହି ବାଟଦେଇ ପୁଟ୍ଟପର୍ତ୍ତି ଯାଉଥିଲେ । ଶିବିରର ଉଦ୍ୟୋକ୍ତାମାନେ ତାଙ୍କୁ ସ୍ୱାଗତ କଲେ ଓ ସାମାନ୍ୟ ପ୍ରସାଦ ଗ୍ରହଣ କରିବା ପାଇଁ ଅନୁରୋଧ କଲେ । କିନ୍ତୁ ଏହି ସୁପ୍ରସିଦ୍ଧ ଯାତ୍ରୀମାନେ ଉଦ୍ୟୋକ୍ତାମାନଙ୍କର ଏତେ ସୁନ୍ଦର ବ୍ୟବହାରକୁ ପସନ୍ଦ କରି ନଥିଲେ । ତାଙ୍କର ଭୁଲ ଧାରଣା ଥିଲା ଯେ ''ଏ ସମସ୍ତେ ସିନେମାପ୍ରିୟ ଲୋକ, ତେଣୁ ଚିତ୍ରତାରକାମାନଙ୍କ ସହ ମିଶିବା ପାଇଁ ବ୍ୟାକୁଳ ହେବା ସ୍ୱାଭାବିକ ।'' ଶିବିରର ଉଦ୍ୟୋକ୍ତାମାନଙ୍କ ଅନୁରୋଧକୁ ଏଡ଼ାଇଦେଇ ସେମାନେ ତାଙ୍କ ବାଟରେ ଚାଲିଗଲେ । ସ୍ୱାମୀଙ୍କ ପାଖରେ ପହଞ୍ଚିବା ପରେ ସ୍ୱାମୀ ମୃଦୁ ଭର୍ତ୍ସନା ଛଳରେ ସେମାନଙ୍କୁ କହିଲେ, ''ମୁଁ କେବଳ ପ୍ରଶାନ୍ତି ନିଳୟମ୍‌ରେ ନାହିଁ, ବାଗେପଲ୍ଲୀର ସେବା ଶିବିରରେ ମଧ୍ୟ ଅଛି ।'' ସ୍ୱାମୀଙ୍କର ଏ କଥା ପଦକ ଭଲ କାମ ଦେଲା । ଫେରିବା ବେଳକୁ ସେବା ଶିବିରରେ ଓହ୍ଲାଇବା ପାଇଁ ସେମାନେ ସ୍ଥିର କଲେ । ସେଠାରେ ପହଞ୍ଚି ଉଦ୍ୟୋକ୍ତାମାନଙ୍କୁ କ୍ଷମା ପ୍ରାର୍ଥନା କଲେ ଏବଂ ବିନମ୍ରତାର ସହ ପ୍ରସାଦ ଗ୍ରହଣ କରି ନିଜ ସ୍ଥାନକୁ ଫେରିଲେ ।

ବାଗେପଲ୍ଲୀ ପାଖରେ ଥିବା ବିଭିନ୍ନ ଅଞ୍ଚଳରେ, ବିଭିନ୍ନ ରୂପ ଧରି, ନିଜ ଇଚ୍ଛା ମତେ, ସ୍ୱାମୀ ବୁଲାବୁଲି କରନ୍ତି ବୋଲି ବହୁଲୋକ ଜାଣନ୍ତି । ଏଠାକାର ଅଧିବାସୀମାନଙ୍କ କଲ୍ୟାଣ ପାଇଁ ସ୍ୱାମୀଙ୍କର ଏ କୃପା – ଏହା ନିଃସନ୍ଦେହ । ତେଲୁଗୁରେ ''ବାଗୁ'' ଅର୍ଥ ମଙ୍ଗଳ ଏବଂ ପଲ୍ଲୀ ଅର୍ଥ ଗ୍ରାମ । ଲେଖକ ଏଠାରେ ବାଗୁ ବଦଳରେ ବାଗେ ଶବ୍ଦ ବ୍ୟବହାର କରିଛନ୍ତି ।

୧୯୯୬ ଜୁନ୍ ୭ ତାରିଖ ଦିନ ସ୍ୱାମୀ ବୃଦ୍ଧାଶ୍ରମ ଉଦ୍‌ଘାଟନ କରି କହିଥିଲେ, ଏହି ଶିବିରଟି ପ୍ରେମ କୁଟୀର, ଶ୍ରୀ ସତ୍ୟସାଇ ପ୍ରେମ କୁଟୀରମ୍ । ସେହିଦିନଠାରୁ ଏହାର ନୂତନ ନାମକରଣ ହୋଇଯାଇଛି । ତାଙ୍କ ପବିତ୍ର ପଦସ୍ପର୍ଶ ଲାଭ କରି ପ୍ରେମ କୁଟୀରମ୍ ପବିତ୍ର ତୀର୍ଥକ୍ଷେତ୍ରରେ ପରିଣତ ହୋଇଯାଇଛି ।

୨୦୦୦ ମସିହା ଜୁନ୍ ୧୧ ତାରିଖରେ ସ୍ୱାମୀ ପୁନର୍ବାର ପ୍ରେମ କୁଟୀରମ୍‌ରେ ପଦାର୍ପଣ କରିଥିଲେ ଏବଂ ଭକ୍ତ ମନରଞ୍ଜନ କରି ଘୋଷଣା କଲେ ଯେ ଏଠାରେ ବୟସ୍କମାନଙ୍କ ପାଇଁ ବିଶ୍ରାମ କକ୍ଷ, ଶ୍ରୀଗଣେଶ ମନ୍ଦିର ଓ ଗୋଶାଳା ନିର୍ମିତ ହେବ ।

ବାବା ଶିବଶକ୍ତି

ବାବା ଥରେ ତାଙ୍କ ଭକ୍ତମାନଙ୍କ ସହିତ ଚିତ୍ରାବତୀ ନଦୀର ବାଲୁକା ଶଯ୍ୟାରେ ପଦଚାଳନା କରୁଥିଲେ । ସେ ସମୟରେ ତାଙ୍କ ମୁଖମଣ୍ଡଳ ସୁମଧୁର ହାସ୍ୟରେ ପରିପୂର୍ଣ୍ଣ ଥାଏ ଓ ପଦାରବିନ୍ଦରୁ ଆନନ୍ଦବିନ୍ଦୁ ସ୍ପଷ୍ଟ ଭାବେ ପରିଲକ୍ଷିତ ହେଉଥାଏ । ଏହି ଦୃଶ୍ୟରେ ମୋହିତ ହୋଇ ଜଣେ ଫଟୋଉଠାଳି ଗୋଟିଏ ଫଟ ନେବାକୁ ପ୍ରସ୍ତୁତ ହୋଇ ସ୍ୱାମୀଙ୍କୁ ଅନୁରୋଧ କଲା, ''ସ୍ୱାମୀ, ଗୋଟିଏ ମାତ୍ର ଫଟ ନେବି'' । ସ୍ୱାମୀ ତାକୁ ବାରଣ କରି କହିଲେ, ''ବଙ୍ଗାରୁ ଥାଉ'' (ବଙ୍ଗାରୁ ଅର୍ଥ ସୁନା, ସ୍ୱାମୀ ଏହି ଶବ୍ଦଟିକୁ ଅତି ସ୍ନେହରେ ଭକ୍ତମାନଙ୍କ ପ୍ରତି ବ୍ୟବହାର କରିଥାନ୍ତି), କିନ୍ତୁ, ଫଟଉଠାଳି କ୍ୟାମେରା ବୋତାମକୁ ଟିପି ଦେଲା । ପରବର୍ତ୍ତୀ ସମୟରେ ଯେତେବେଳେ ଫଟଟିକୁ ପ୍ରସ୍ତୁତ କରିସାରିଲା, ସେ ଫଟରେ ସ୍ୱାମୀ ''ଅର୍ଦ୍ଧନାରୀଶ୍ୱର'' ରୂପ ଧାରଣ କରିଥିବା ଦେଖାଗଲା । (''ଅର୍ଦ୍ଧନାରୀଶ୍ୱର'' ରୂପରେ ଭଗବାନଙ୍କର ଅର୍ଦ୍ଧଶରୀର ଶିବ ଓ ଅର୍ଦ୍ଧଶରୀର ପାର୍ବତୀଙ୍କ ଭଳି ଦୃଶ୍ୟ ହୁଏ ।)

୧୯୪୫ ବେଳର କଥା । ଦଶହରା ଉତ୍ସବ ବେଳେ ପୁରାତନ ମନ୍ଦିରରୁ ଶୋଭାଯାତ୍ରା ବାହାରୁଥିଲା ଏବଂ ସ୍ୱାମୀ ''ଅର୍ଦ୍ଧନାରୀଶ୍ୱର'' ରୂପରେ ସଜ୍ଜିତ ହେଉଥିଲେ । ସେ ମନମୋହନ ଦୃଶ୍ୟ ଅବଲୋକନ କରିଥିବା ଭକ୍ତମାନଙ୍କ ମଧ୍ୟରୁ କୁମାରାମ୍ମା ଓ ଶାକାମ୍ମା ସେମାନଙ୍କଠାରେ ଗଭୀର ରେଖାପାତ କରିଥିବା ସେହି ସ୍ମୃତିକୁ ବାରମ୍ବାର ରୋମନ୍ଥନ କରୁଥିଲେ ।

ତ୍ରେତା ଯୁଗର ମହର୍ଷି ଭରଦ୍ୱାଜଙ୍କ କଥା । ସେ ବୈଦିକ ଜ୍ଞାନପିପାସୁ ଥିଲେ । ତାଙ୍କ ଜୀବନର ଶତ ସମ୍ବତ୍ସର ସେ ଏଥିପାଇଁ ବିତାଇଥିଲେ । ତଥାପି ବୈଦିକ ଜ୍ଞାନ ଆହରଣ ସମ୍ପୂର୍ଣ୍ଣ ହୋଇ ନଥିଲା ।

ବେଦ ଅନନ୍ତ ହୋଇଥିବାରୁ ଏହା କେବେହେଲେ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ଭାବି ସେ ଇନ୍ଦ୍ରଙ୍କ ଉଦ୍ଦେଶ୍ୟରେ ତପଶ୍ଚରଣ କଲେ । ପରିଶେଷରେ ଇନ୍ଦ୍ର ମହର୍ଷିଙ୍କ ସମ୍ମୁଖରେ ଆବିର୍ଭାବ ହେଲେ ଏବଂ କହିଲେ, ''ତୁମେ କେବେହେଲେ ବେଦର ସମ୍ପୂର୍ଣ୍ଣ ଜ୍ଞାନ ଲାଭ କରିପାରିବ ନାହିଁ । ଏ ପ୍ରକାର ଉଦ୍ୟମରୁ ବିରତ ହୁଅ । ତାହା ବଦଳରେ ''ସର୍ବତ୍ର ଯାଗ'' ଅନୁଷ୍ଠାନ କର, ତାହାଦ୍ୱାରା ତୁମେ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଲାଭ କରିବ ଓ ବୈଦିକ ଜ୍ଞାନ ମଧ୍ୟ ଲାଭ କରିବ ।'' ଏଥିପାଇଁ ପ୍ରୟୋଜନ ସମସ୍ତ ପଦ୍ଧତି ମଧ୍ୟ ଦେବେନ୍ଦ୍ର ମହର୍ଷିଙ୍କୁ ବତାଇଦେଲେ ।

ମହର୍ଷି ଇଚ୍ଛା କଲେ ଯେ ଦେବୀ ପାର୍ବତୀ ତାଙ୍କ ଯଜ୍ଞରେ ବ୍ୟକ୍ତି ରୂପ ଧରି ଉପସ୍ଥିତ ହେବା ଦରକାର । ସେ ଦେବୀଙ୍କୁ ନିଜେ ନିମନ୍ତ୍ରଣ ଜଣାଇବା ପାଇଁ କୈଳାସ ଯାତ୍ରା ଆରମ୍ଭ କଲେ । ପହଞ୍ଚି ଦେଖିଲେ ଭଗବାନ ଶିବ ଓ ଦେବୀ ପାର୍ବତୀ ଦୁହେଁ ନୃତ୍ୟରତ । ନିଜର ଉଦ୍ଦେଶ୍ୟ ଜ୍ଞାପନ କରିବାପାଇଁ ସେ ଆଦୌ ସୁଯୋଗ ପାଇପାରୁ ନଥା'ନ୍ତି । ପ୍ରତୀକ୍ଷା କରି କରି ସାତଦିନ ବିତିଗଲା । ସେ ଭଗବାନ ଶିବଙ୍କ ଦର୍ଶନ କରିପାରୁଥା'ନ୍ତି, କିନ୍ତୁ ଶକ୍ତିଙ୍କ ଦର୍ଶନ ହୋଇପାରୁ ନ ଥାଏ । ସେ ହତାଶ ହେଲେ ଏବଂ ତାଙ୍କ ମନସ୍ତାପ ବଢ଼ିଲା । ଅଷ୍ଟମ ଦିବସରେ ଦେବୀ କୌଣସି ମତେ ତାଙ୍କ ପ୍ରତି ଏକ ପାର୍ଶ୍ୱଦୃଷ୍ଟି ନିକ୍ଷେପ କରି, ସହାସ୍ୟ ବଦନରେ ଘୂରିପଡ଼ି ପୁନର୍ବାର ନୃତ୍ୟରେ ମଜ୍ଜିଗଲେ । ଦେବୀ ତାଙ୍କୁ ଉପେକ୍ଷା କରିଛନ୍ତି ବୋଲି ଭୁଲ ଧାରଣାର ବଶବର୍ତ୍ତୀ ହୋଇ ସେ କୈଳାସ ଛାଡ଼ି ଗୃହାଭିମୁଖେ ଯାତ୍ରା ଆରମ୍ଭ କଲେ । ଫେରିବା ବେଳକୁ ସେ ଅନୁଭବ କଲେ ତାଙ୍କ ବାମ ହସ୍ତ ଓ ପଦରେ ଜୀବନ ନାହିଁ । ତାଙ୍କ ବାକ୍‌ଶକ୍ତି ମଧ୍ୟ ଚାଲିଯାଇଥିଲା । ବାମ ଚକ୍ଷୁ ମଧ୍ୟ ଦୃଷ୍ଟିଶକ୍ତି ହରାଇଥିଲା । ବୋଧହୁଏ ତାଙ୍କୁ ପକ୍ଷାଘାତ ଆକ୍ରମଣ କରିଥିଲା । ଭଗବାନ ଶିବ ତାଙ୍କୁ ଉଦ୍ଧାର କଲେ । ତାଙ୍କୁ ନିକଟକୁ ଘେନି ଯାଇ ସଦୟ କଣ୍ଠରେ ଆଶ୍ୱାସନା ଦେଇ ଶିବ କହିଲେ ''ବ୍ୟସ୍ତ ହୁଅ ନାହିଁ ଋଷି, ପ୍ରକୃତରେ ଦେବୀ ତୁମ ଯାଗ ତଥା ତୁମ୍ଭଙ୍କୁ ଆଶୀର୍ବାଦ କରିଛନ୍ତି ।'' ଏହାପରେ ଭଗବାନ ଶିବ ତାଙ୍କ କମଣ୍ଡଳୁରୁ କିଛି ଜଳ ଋଷିଙ୍କ ବାମ ଅଙ୍ଗ ଉପରେ ଛିଞ୍ଚିଦେଲେ ଏବଂ ଋଷି ସମ୍ପୂର୍ଣ୍ଣ ସୁସ୍ଥ ହୋଇଉଠିଲେ । ଉଭୟ ଶିବ ଓ ଶକ୍ତି ଶପଥ କରି କହିଲେ ଯେ ସେମାନେ ତାଙ୍କ ଯାଗରେ ଉପସ୍ଥିତ ହେବେ । ମହର୍ଷି ଆନନ୍ଦରେ ବିଦାୟ ନେଇ ଫେରିଲେ ।

ଭରଦ୍ୱାଜ ସୁବ୍ୟବସ୍ଥିତ ଭାବରେ ଯାଗ ସମ୍ପୂର୍ଣ୍ଣ କଲେ ଓ ଭଗବାନ ଶିବ ଓ ଦେବୀ ପାର୍ବତୀଙ୍କ ଆଶିଷ ଲାଭ କଲେ । ପ୍ରଭୁ ଅତିଶୟ ସନ୍ତୁଷ୍ଟ ହୋଇ ଭରଦ୍ୱାଜଙ୍କୁ କହିଲେ, ''ଆମେ ଦୁହେଁ ମାନବ ଶରୀର ଧାରଣ କରି ତୁମ ଗୋତ୍ରରେ ତିନିଥର ଅବତାର ଗ୍ରହଣ କରିବୁ । ପ୍ରଥମ ଅବତାରରେ ମୁଁ ହେବି ଶିରଡ଼ିର ସାଇବାବା । ଦ୍ୱିତୀୟ ଅବତାରରେ ଆମେ ଦୁହେଁ ମିଶି ପୁଟ୍ଟପର୍ତ୍ତିର ସତ୍ୟସାଇ ବାବା ହେବୁ ଓ ଶେଷଥର ଦେବୀ ଶକ୍ତି ପ୍ରେମସାଇ ଭାବେ ଅବତାର ଗ୍ରହଣ କରିବେ ।'' ପୁନଶ୍ଚ ସେ କହିଲେ, ''ହେ ଋଷି, ତୁମେ ଯେତେବେଳେ କୈଳାସରେ ପହଞ୍ଚିଲ ଦେବୀ ତୁମକୁ ଆଠଦିନ ପର୍ଯ୍ୟନ୍ତ ଅବହେଳା କଲେ, ତୁମେ କଷ୍ଟଭୋଗିଲ । ଆମେ ଦୁହେଁ ମିଶି ତୁମ ଗୋତ୍ରରେ ପୁଟ୍ଟପର୍ତ୍ତିରେ ଅବତାର ଗ୍ରହଣ କଲାବେଳେ ଦେବୀ ମଧ୍ୟ ସେହିଭଳି ଭାବେ ସେତିକିଦିନ ଧରି କଷ୍ଟ ପାଇବେ । ସେ କଷ୍ଟ ଭୋଗର ସମୟ ବିତିଗଲା ପରେ ମୁଁ ତାଙ୍କ ଉପରେ ପବିତ୍ର ଜଳ ସିଞ୍ଚନ କରି ତାଙ୍କୁ ଆରୋଗ୍ୟ ପ୍ରଦାନ କରିବି ।''

୧୯୬୩ ମସିହା ଜୁନ୍ ୨୯ ତାରିଖରେ ଭଗବାନ ବାବା ଥ୍ରମ୍ବୋସିସ୍ ରୋଗରେ ପଡ଼ିଲେ, ତାଙ୍କ ବାମ ପାର୍ଶ୍ୱ ପକ୍ଷାଘାତ ଭୋଗିଲା । ସେ ସମୟରେ ପ୍ରଶାନ୍ତି ନିଲୟମ୍‌ରେ ଉପସ୍ଥିତ ଥିବା ଶହ ଶହ ଭକ୍ତ ତାଙ୍କ ପ୍ରଭୁଙ୍କର ଏ କଷ୍ଟ ଦେଖି ଗଭୀର ଦୁଃଖରେ ଭାଙ୍ଗିପଡୁଥାନ୍ତି । ସେ ସପ୍ତାହକ ଭିତରୁ ୩ଦିନ ସ୍ୱାମୀ ''କୋମା''ରେ ଥିଲେ । ସେହି ସମୟ ମଧ୍ୟରେ ତାଙ୍କର ଚାରିଥର ହୃଦାଘାତ ହୋଇଥିଲା । ମର୍ମାହତ ଭକ୍ତମାନେ ଅସହାୟଭାବେ ଲୋତକ ବର୍ଷଣ କରିବା ଛଡ଼ା ଅନ୍ୟ ଉପାୟ ପାଇ ନଥିଲେ । ପୂରା ଏକ ସପ୍ତାହ ପରେ ଗୁରୁପୂର୍ଣ୍ଣିମା ଦିନ (ଜୁଲାଇ ୬ ତାରିଖ) ଭଗବାନଙ୍କୁ ଅତି ସତର୍କତାର ସହ ଉପର ମହଲାରୁ ଶ୍ରୀ କସ୍ତୁରୀ, ଶ୍ରୀ ରାଜା ରେଡ୍ଡି ଓ ଶ୍ରୀ କୃଷ୍ଣାପ୍ପା ପ୍ରଭୃତିଙ୍କ ହାତରେ ତଳେଥିବା ଭଜନଗୃହକୁ ଅଣାଗଲା । ବାବାଙ୍କୁ ତାଙ୍କ ଉଚ୍ଚ ସିଂହାସନରେ ବସାଇବା ପ୍ରକୃତରେ କଷ୍ଟକର ଥିଲା । ତେଣୁ ତାଙ୍କ ରୌପ୍ୟ ସିଂହାସନ ଉପରୁ ତଳକୁ ଅଣାଗଲା, ଭୂମି ଉପରେ ସ୍ଥାପନା କରାଗଲା, କୋମଳ ଗଦିମାନ ପକାଗଲା ଏବଂ ବାବାଙ୍କୁ କଷ୍ଟ ନ ହେଲା ଭଳି ସିଂହାସନରେ ବସାଇ ଦିଆଗଲା । ବାବାଙ୍କ ବାମ ହାତ କଠିନ ହୋଇଯାଇଥିଲା । ବାମ ଗୋଡ଼ ମଧ୍ୟ ନିଜ ନିୟନ୍ତ୍ରଣ ବାହାରେ ଥିଲା । ବାମ ଚକ୍ଷୁ ସ୍ପଷ୍ଟ ଦେଖିପାରୁ ନଥିଲା । ସମସ୍ତଙ୍କର ପ୍ରିୟ ପ୍ରଭୁଙ୍କର ଏପ୍ରକାର ଅବସ୍ଥା ଦେଖି ଭକ୍ତମାନେ ଉଚ୍ଚସ୍ୱରରେ ବୁକୁଫଟା ବିଳାପ କରିଥିଲେ । ସ୍ୱାମୀ ଅତି ଅସ୍ପଷ୍ଟ ସ୍ୱରରେ କସ୍ତୁରୀଙ୍କୁ ଫୁସ୍‌ଫୁସ୍ କରି କହିଲେ, ''ଏ ରୋଗ ମୋର ନୁହେଁ । ମୁଁ ସ୍ୱଇଚ୍ଛାରେ ଏ ରୋଗ ମୋ ଉପରକୁ ଘେନି ଆସିଛି । କୌଣସି ରୋଗ ମୋତେ ଆକ୍ରମଣ କରିପାରିବ ନାହିଁ । କେହି ବ୍ୟସ୍ତ ନ ହୁଅନ୍ତୁ, ମୋ ଭକ୍ତଙ୍କ କଷ୍ଟ ମୋତେ ଅସହ୍ୟ ହେଉଛି ।'' କସ୍ତୁରୀ ମାଇକ୍‌ରେ ବାବା କହିଥିବା କଥା ଭକ୍ତମାନଙ୍କୁ ଶୁଣାଇଦେଲେ ।

ସ୍ୱାମୀ ପାଣି ପାଇଁ ଠାରିଲେ । ଗିଲାସେ ପାଣି ତାଙ୍କ ପାଖକୁ ଅଣାଗଲା, ସେ ତାକୁ ଠିକ୍ ଭାବରେ ଧରି ପାରିଲେ ନାହିଁ । ଦକ୍ଷିଣ ହସ୍ତର ଅଙ୍ଗୁଳି ପାଣି ଭିତରକୁ ପଶିଗଲା । ସେହି ଅଙ୍ଗୁଳିରେ ଲାଗିଥିବା ପାଣିକୁ ସେ ନିଜ ବାମ ହସ୍ତ ଓ ପାଦ ଉପରେ ଛିଞ୍ଚିଦେଲେ । କିଛି ସମୟ ପରେ ଦୁଇ ହାତକୁ ବ୍ୟବହାର କରି ନିଜ ବାମ ପାଦ ଓ ଗୋଡ଼କୁ ମଧ୍ୟ ମୃଦୁ ଆଘାତ କଲେ ।

ଭକ୍ତମାନେ ଆଚମ୍ବିତ ହୋଇଗଲେ, ପୁନର୍ବାର ଆନନ୍ଦାତିଶଯ୍ୟରେ ଅଶ୍ରୁମୋଚନ କରିଲାଗିଲେ, ତାଙ୍କ ପ୍ରଭୁ ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ କରିଦେଇଛନ୍ତି । ସେମାନେ ଶୁଣିପାରିଲେ ତାଙ୍କ ପ୍ରଭୁ ମାଇକ୍ ପାଖେ ଦଣ୍ଡାୟମାନ ହୋଇ ସମ୍ବୋଧନ କରୁଛନ୍ତି ''ପ୍ରେମସ୍ୱରୂପୁଲାରା'' ଏବଂ ପରେ ପରେ ଚିରାଚରିତ ପଦ୍ଧତିରେ ଝରିଲା ଗୁରୁ ପୂର୍ଣ୍ଣମୀ ସମ୍ଭାଷଣ ।

ସ୍ୱାମୀ ଏକଘଣ୍ଟାକାଳ ଅଦ୍ୱିତୀୟ ବାଗ୍ମିତା, ମଧୁରିମା ଓ ହାସ୍ୟରୋଳ ସହ ସମ୍ଭାଷଣ ପ୍ରଦାନ କରିଥିଲେ । ଋଷି ଭରଦ୍ୱାଜ କୈଳାସରେ ଆଠ ଦିନ ଧରି କଷ୍ଟ ଭୋଗ କରିବା ଏବଂ କମଣ୍ଡଳୁ ଜଳରେ ତାଙ୍କୁ ଆରୋଗ୍ୟ କରିବା କଥା, ନିଜ ପ୍ରତିଶ୍ରୁତି ଅନୁଯାୟୀ ଶିବଶକ୍ତି ଅବତାର ଗ୍ରହଣ କରିବା ଓ (ବାମ ପାର୍ଶ୍ୱ ସ୍ତ୍ରୀ ଅଙ୍ଗ) ଦେବୀଙ୍କ କଷ୍ଟ ତଥା ଅଷ୍ଟଦିବସ ଅତିକ୍ରାନ୍ତ ହୁଅନ୍ତେ ପବିତ୍ର ଜଳ ସିଞ୍ଚନଦ୍ୱାରା ଆରୋଗ୍ୟ କରିବା ବିଷୟ ସେ ସମ୍ଭାଷଣର ଅନ୍ତର୍ଭୁକ୍ତ ଥିଲା ।

ଅନୁରଣୀତ ହେବା କଣ୍ଠରେ ସ୍ୱାମୀ କହିଲେ, ‘‘ମୁଁ ହିଁ ଶିବ-ଶକ୍ତି, ଭରଦ୍ୱାଜ ଗୋତ୍ର ସମ୍ଭୂତ, ତ୍ରେତା ଯୁଗରେ ଶିବ ଓ ଶକ୍ତିଙ୍କର ବରଦାନର ସତ୍ୟତା ପ୍ରତିପାଦନ କରି ଆସିଅଛି ।’’

ଶିରିଡ଼ି ସାଇବାବାଙ୍କ ଜନ୍ମବୃତ୍ତାନ୍ତ

ଶିରିଡ଼ି ସାଇ ବାବାଙ୍କ ଆଗମନର ପୂର୍ବ କଥା କେହି ଜାଣନ୍ତି ନାହିଁ । ତାଙ୍କ ପିଲାବେଳ ବିଷୟ ବିଶଦ ଭାବେ କେଉଁଠାରେ ବର୍ଣ୍ଣନା କରାଯାଇନାହିଁ । ତାଙ୍କ ଜନ୍ମ କେବେ ଓ କେଉଁଠାରେ, ତାଙ୍କ ପିତାମାତା କିଏ, ଶିରିଡ଼ିରେ ଦେଖା ଦେବା ପୂର୍ବ କଥା କ'ଣ, ଏ ସବୁକଥା ୧୯୯୦ ସେପ୍ଟେମ୍ବର ୨୮ରେ ଭଗବାନ ସତ୍ୟସାଇ ବାବା ପ୍ରକାଶ କରିବା ପୂର୍ବରୁ କାହାରିକୁ ଜଣା ନଥିଲା । ସେପ୍ଟେମ୍ବର ୨୮ ଶିରିଡ଼ି ବାବାଙ୍କ ଜନ୍ମ ଦିନ ବୋଲି ମଧ ସତ୍ୟସାଇ ସେହିଦିନ ପ୍ରକାଶ କଲେ । ଅବଶ୍ୟ ଗୋଟିଏ ଅବତାରଙ୍କ ସ୍ୱଳ୍ପଜ୍ଞାତ ବିଷୟ ଉପରେ ଆଉ ଜଣେ ଅବତାର ହିଁ ଅଧିକ ଆଲୋକପାତ କରିପାରନ୍ତି । ଶିରିଡ଼ି ସାଇଙ୍କ ଜନ୍ମବୃତ୍ତାନ୍ତକୁ ଭଗବାନ ଶ୍ରୀ ସତ୍ୟସାଇ ବାବା ଏହିଭଳି ପ୍ରକାଶ କରିଛନ୍ତି ।

ନିଜାମଙ୍କ ରାଜ୍ୟ ଅନ୍ତର୍ଗତ ପତ୍ରିଗ୍ରାମରେ ଗଙ୍ଗାଭାବ ଓ ଦେବଗିରି ଆମ୍ମା ନାମରେ ଗୋଟିଏ ଭକ୍ତ ଦମ୍ପତି ବାସ କରୁଥିଲେ । ମହିଳାଜଣକ ଗୌରୀ ଦେବୀଙ୍କର ନିଷ୍ଠାପର ଭକ୍ତ ଓ ତାଙ୍କ ସ୍ୱାମୀ ଭଗବାନ ଶିବଙ୍କର ପ୍ରଗାଢ଼ ଭକ୍ତ ଥିଲେ । ସେମାନେ ନିଃସନ୍ତାନ ଥିଲେ, ତେଣୁ ସଂସାର ପ୍ରତି ଅନାସକ୍ତ ଥିଲେ । ଶିବପାର୍ବତୀଙ୍କୁ ପୂଜା କରି ସେମାନଙ୍କ ସମୟ ବିତୁଥିଲା । ଜୀବିକା ପାଇଁ ଗଙ୍ଗାଭାବ ଗୋଟିଏ ନୌକା ଚଳାଉଥିଲେ । ବର୍ଷାଦିନ ଥାଏ, ନଦୀରେ ବନ୍ୟା ଆସିଥାଏ, ବନ୍ୟା ସ୍ରୋତରେ ନୌକାଟି ଭାସିଯିବ ଭାବି ଗଙ୍ଗାଭାବ ନିଜ ସ୍ତ୍ରୀଙ୍କୁ ଜଣାଇ ରାତିସାରା ନୌକା ଜଗିବାକୁ ନଦୀ ତଟକୁ ବାହାରିଗଲେ । ସଂଧ୍ୟା ବେଳୁ ସ୍ତ୍ରୀ ସ୍ୱାମୀକୁ ରାତି ଖାଦ୍ୟ ଦେଇ ସାରି ନିଜେ ମଧ ରାତ୍ରିଭୋଜନ ଶେଷ କରି ବିଶ୍ରାମ କଲେ ।

ରାତ୍ରି ପ୍ରାୟ ୯ ଘଟିକା ବେଳକୁ ଦାଣ୍ଡ କବାଟରେ କାହାର କରାଘାତ

ଶୁଣାଗଲା । ନିଜ ସ୍ୱାମୀ ହୋଇ ଥାଇପାରନ୍ତି, ଏତେ ଶୀଘ୍ର ଫେରି ଆସିବାର କାରଣ କ'ଣ ହୋଇପାରେ, ଏପରି ଭାବି ସେ କବାଟ ଖୋଲିଦେଲେ । ଜଣେ ଅତି ବୃଦ୍ଧବ୍ୟକ୍ତି ବାହାରେ ଠିଆ ହୋଇଥିବାର ଦେଖିଲେ । ସେ ସଙ୍ଗେ ସଙ୍ଗେ ଭିତରକୁ ଚାଲିଆସି କହିଲେ, ''ମା', ବାହାରେ ଖୁବ୍ ଥଣ୍ଡା ଲାଗୁଛି, ଆଜି ରାତିଟା ପାଇଁ ଘର ଭିତରେ ମୋତେ ଟିକେ ସ୍ଥାନ ଦେଇପାରିବୁ ?'' ଆତିଥ୍ୟ ପ୍ରଦର୍ଶନ କରି ସେ ତାଙ୍କୁ ଖଣ୍ଡିଏ ମଶିଣା ବଢ଼ାଇଦେଇ ବାରଣ୍ଡାରେ ଶୋଇବାକୁ ଜାଗା ଦେଖାଇଦେଲେ । ସେ ନିଜେ ଶୋଇବାଘରକୁ ଯାଇ ଭିତରୁ କବାଟ ବନ୍ଦ କରି ଶୋଇଲେ । କିଛି ସମୟ ପରେ ପୁନର୍ବାର କବାଟ ଠକ୍ ଠକ୍ ହେଲା । କବାଟ ଖୋଲି ଦେଖିଲେ ସେହି ବୃଦ୍ଧ କହୁଛନ୍ତି, ''ମା, ମୋତେ ଭାରି ଭୋକ ହେଉଚି, ଭାତ ମୁଠାଏ ମିଳିବ ?'' ସାମାନ୍ୟ କିଛି ଛତୁଆ ଛଡ଼ା ଘରେ ଆଉ କିଛି ନଥିବାରୁ, ସେ ସେଥିରେ କିଛି ଦହି ମିଶାଇ ବୃଦ୍ଧଙ୍କୁ ଖାଇବାକୁ ଦେଲେ । ଏବେ ପୁଣି ନିଜ କକ୍ଷକୁ ଯାଇ, ଭିତରୁ କବାଟ କିଳି ଶୋଇବାକୁ ପ୍ରସ୍ତୁତ ହେଉଛନ୍ତି, ପୁନର୍ବାର କବାଟରେ କରାଘାତ ଶୁଭିଲା । କବାଟ ଖୋଲି ଦେଖିଲେ, ବୃଦ୍ଧ ଦ୍ୱାର ପାଖରେ ଠିଆହୋଇ କହୁଛନ୍ତି, ''ଆଲୋ ମାଆ, ମୋ ଗୋଡ଼ ଦୁଇଟା ଭାରି ବିନ୍ଧୁଛି, ଟିକିଏ ଘସି ଦିଅନ୍ତୁ ନାହିଁ ?''

ସେ ଅଡୁଆରେ ପଡ଼ିଗଲେ । ତାଙ୍କ ଘରେ ଥିବା ପାର୍ବତୀଙ୍କ ପୂଜା ବେଦୀ ପାଖକୁ ଯାଇ କାନ୍ଦି କାନ୍ଦି କହିଲେ, ''ହେ ମା, ଭଗବତୀ, ମୋତେ ଏ କି ପରୀକ୍ଷାରେ ପକାଉଛୁ ? ମୁଁ ଏବେ କ'ଣ କରିବି ? ଏ ଲୋକହସାରୁ ଦୟାକରି ରକ୍ଷା କର ।'' କିଛି କ୍ଷଣ ମଧ୍ୟରେ ସେ ସ୍ଥିତାବସ୍ଥାକୁ ଫେରି ଆସିଲେ । ତାଙ୍କୁ ଗୋଟିଏ ବୁଦ୍ଧି ଦେଖାଗଲା, ଘରର ବାଡ଼ି କବାଟ ଦେଇ ବାହାରକୁ ଗଲେ ଏବଂ ଗାଁରେ ଜଣକୁ ଖୋଜିଲେ ଯିଏ କିଛି ପଇସା ନେଇ ନିଜ ଅତିଥିଙ୍କ ସେବା କରିଦେବ; କିନ୍ତୁ ସେ କାହାକୁ ନ ପାଇ ଫେରି ଆସିଲେ । ଏହି ସମୟରେ ବାଡ଼ି କବାଟରେ କିଏ ଡାକୁଥିବାର ଶବ୍ଦ ଶୁଣିଲେ, କବାଟ ଖୋଲି ଦେଖିଲେ ଜଣେ ସ୍ତ୍ରୀ ଲୋକ । ସ୍ତ୍ରୀ ଲୋକଟି ଭିତରକୁ ଆସି କହିଲା, ''ତୁମେ ମୋ ଘରକୁ ଯାଇ ମୋତେ ଖୋଜୁଥିଲ ତୁମ ଅତିଥିଙ୍କ ସେବା କରିବା ପାଇଁ, ମୁଁ ସେହି ଉଦ୍ଦେଶ୍ୟରେ ଆସିଛି ।'' ଦେବଗିରି ଆମ୍ମାଙ୍କର ପ୍ରାର୍ଥନା ଦେବୀ ପାର୍ବତୀ ଶୁଣୁଛନ୍ତି ଭାବି ସେ ଅତି ଖୁସି ହୋଇଗଲେ । ସେ ସ୍ତ୍ରୀ ଲୋକଟିକୁ ବାରଣ୍ଡାକୁ ନେଇ ବୃଦ୍ଧଙ୍କ ପାଖରେ ପହଞ୍ଚାଇଦେଲେ ଓ ନିଜ ଶୟନକକ୍ଷକୁ ଯାଇ କବାଟ କିଳିଲେ ।

ଦେବଗିରି ଆମ୍ମାଙ୍କ ଭଳି ସାଧ୍ୱୀ ସ୍ତ୍ରୀଲୋକଠାରୁ ଏଭଳି ଅବାନ୍ତର ସେବା ଚାହୁଁଥିବା ବୃଦ୍ଧ ଏବଂ ପରେ ବୃଦ୍ଧଙ୍କ ସେବା କରିବାକୁ ଆସି ପହଞ୍ଚିଥିବା ମହିଳା କୌଣସି ସାଧାରଣ ମଣିଷ ନ ଥିଲେ । ବୃଦ୍ଧ ଥିଲେ ଭଗବାନ ଶିବ ଓ ମହିଳାଟି ଦେବୀ ପାର୍ବତୀ ।

ସେମାନେ ପରସ୍ପର କଥାବାର୍ତ୍ତା ହେଲେ । ଶିବ କହିଲେ, ''ଦେବୀ ! ଏ ସ୍ତ୍ରୀ ଲୋକଟିର ମନୋବାଞ୍ଛା ପୂରଣ କର ।'' ପାର୍ବତୀ କହିଲେ, ତୁମେ ପରମ ଈଶ୍ୱର, ତୁମେ ତା ମନୋବାଞ୍ଛା ପୂରଣ କରିଦିଅ ।'' ଶିବ କହିଲେ, ''ମୁଁ ଆସିଥିଲି ତାହାର ଭକ୍ତି ପରୀକ୍ଷା କରିବାକୁ, ତୁମେ ଆସିଛ ତା'ର ପ୍ରାର୍ଥନା ଶୁଣି, ତେଣୁ ତୁମେ ତାକୁ ବର ଦାନ କଲେ ଭଲ ହେବ ।''

ପୁନର୍ବାର ଦେବଗିରି ଆମ୍ମାଙ୍କ ଶୟନକକ୍ଷ କବାଟରେ ଶବ୍ଦ ଶୁଣାଗଲା । ଘରେ ଆଉ ଜଣେ ସ୍ତ୍ରୀ ଲୋକ ଥିବାରୁ ଦେବଗିରି ଆମ୍ମା ଅକୁଣ୍ଠ ଚିତ୍ତରେ ଦ୍ୱାର ଖୋଲିଦେଲେ । ସେ ଦେଖିଲେ ଭଗବାନ ଶିବ ଓ ଦେବୀ ପାର୍ବତୀ, ଦୁହେଁ ତାଙ୍କ ଆଗରେ ସମସ୍ତ ଦେବଦୁର୍ଲ୍ଲଭ ଆଭାରେ ମଣ୍ଡିତ ହୋଇ ଦଣ୍ଡାୟମାନ ହୋଇଛନ୍ତି । ସେ ଅବର୍ଣ୍ଣନୀୟ ଆନନ୍ଦକୁ ଧରି ରଖି ପାରିଲେ ନାହିଁ । ଆବେଗପୂର୍ଣ୍ଣ ହୃଦୟରେ ସେ ଉଭୟଙ୍କ ପାଦ ଉପରେ ପଡ଼ିଗଲେ । ପାର୍ବତୀ କହିଲେ, ''ମୁଁ ତୁମକୁ ଏହି ବର ଦେଉଛି ଯେ ତୁମର ଗୋଟିଏ ପୁତ୍ର ଜାତ ହେବ ଓ ବଂଶର ବର୍ଯ୍ୟାଦା ବଢ଼ାଇବ ଓ ଗୋଟିଏ କନ୍ୟା ଜନ୍ମ ହେବ ଯାହାକୁ ବିବାହ ଦେଇ, କନ୍ୟାଦାନ କରି, ତୁ ବହୁ ପୁଣ୍ୟ ଅର୍ଜନ କରିବୁ ।'' ଦେବଗିରି ଆମ୍ମା ଶିବଙ୍କ ପାଦସ୍ପର୍ଶ କରନ୍ତେ ସେ କହିଲେ, ''ଝିଅ, ମୁଁ ତୋର ଭକ୍ତିରେ ଅତୀବ ସନ୍ତୁଷ୍ଟ, ମୁଁ ନିଜେ ମାନବ ରୂପ ଧରି ତୋର ତୃତୀୟ ସନ୍ତାନ ଭାବେ ଜନ୍ମ ଲାଭ କରିବି ।'' ଭାବରାଜ୍ୟରେ କାହିଁ କେତେ ଦୂର ଭାସିଯାଇଥିବା, କୃପାସ୍ନାତ ଦେବଗିରି ଆମ୍ମା ଲୋତକପୂରିତ ନୟନରେ ଅନ୍ତରର ଗଭୀରତା ସହ ଶିବ-ଗୌରୀଙ୍କୁ ପ୍ରାଣଭରି ପ୍ରଣିପାତ କରି ମଥା ଉତ୍ତୋଳନ କରି ଦେଖିଲେ ଉଭୟ ଅନ୍ତର୍ହିତ ହୋଇଯାଇଛନ୍ତି । ଦେବଗିରି ଆମ୍ମା ବର୍ତ୍ତମାନ ଭାବାବେଶରେ ବାୟାଣୀ ପାଲଟିଯାଇଛନ୍ତି । ସେ ବ୍ୟଗ୍ର, ଅଧୈର୍ଯ୍ୟ, କେତେବେଳେ ରାତି ପାହିବ ? କେତେବେଳେ ସ୍ୱାମୀ ଘରକୁ ଆସିବେ ? ଏ ନୈସର୍ଗିକ ଅନୁଭୂତିଗୁଡ଼ିକ ଶୁଣାଇବାକୁ ମନ ବ୍ୟାକୁଳ ହୋଇଉଠୁଛି । ନିଦ୍ରାଦେବୀ ବର୍ତ୍ତମାନ ତାଙ୍କ ପାଖେ ପରାସ୍ତ । ସୂର୍ଯ୍ୟୋଦୟ ପରେ ସ୍ୱାମୀ ଗୃହକୁ ପ୍ରତ୍ୟାବର୍ତ୍ତନ କରି ସ୍ତ୍ରୀଠାରୁ ସବୁକଥା ଶୁଣିଲେ, କିନ୍ତୁ ଏହା ତାଙ୍କ ପାଇଁ ବିଶ୍ୱାସଯୋଗ୍ୟ ହେଲା ନାହିଁ । ସେ କହିଲେ, ''ଦେବଗିରି, ଜଣା ପଡୁଛି, ତୁମ ମୁଣ୍ଡ ଖରାପ ହୋଇଗଲାଣି, ତୁମେ ବର୍ତ୍ତମାନ ବି ସ୍ୱପ୍ନାବସ୍ଥାରେ ଅଛ । ଭଗବାନ ଶିବ ଓ ଦେବୀ ପାର୍ବତୀ ସଶରୀରରେ ଆମ ଘରକୁ ଆସିଥିଲେ, ତୁମକୁ ଦର୍ଶନ ଦେଲେ, ବାଜେ କଥା ଏ ସବୁ ।'' ସ୍ୱାମୀଙ୍କୁ ବୁଝାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ସ୍ୱାମୀ ଏ ସବୁକୁ ପରିହାସ କରିବାରେ ଲାଗିଲେ ।

ସମୟ ଗଡ଼ିଚାଲିଲା, ଦେବଗିରି ଆମ୍ମା ଗର୍ଭଧାରଣ କଲେ । ଯାହା ବିଧିନିର୍ଦ୍ଦିଷ୍ଟ ଥିଲା ତାହା ହିଁ ହେଲା, ପୁତ୍ରସନ୍ତାନ ଜାତ ହେଲା । ବର୍ଷକ ପରେ କନ୍ୟାସନ୍ତାନଟିଏ କୋଳକୁ

ଆସିଲା । ଗଙ୍ଗାଭାବ ଲକ୍ଷ୍ୟ କଲେ ଦୁଇଟି ଘଟଣା ସତ୍ୟ ହେଲାଣି । ବର୍ତ୍ତମାନ ସେ ବିଶ୍ୱାସ କରି ବସିଲେ ଯେ ପ୍ରକୃତରେ ଭଗବାନ ଶିବ ଓ ଦେବୀ ପାର୍ବତୀ ନିଶ୍ଚିତ ଭାବେ ଦେବଗିରିଙ୍କୁ ଦର୍ଶନ ଦେଇଛନ୍ତି । ସେ ସ୍ତ୍ରୀଙ୍କୁ ଡାକି କହିଲେ, ''ଦେବଗିରି, ଆଜି ମୁଁ ବୁଝୁଛି ତୁମେ କେତେ ଭାଗ୍ୟବତୀ, ମୁଁ କିନ୍ତୁ ସେ ଭାଗ୍ୟ ପାଇଲି ନାହିଁ ।''

ଏ ଭାବନାର ଚେର ତାଙ୍କ ମନରେ ଗଭୀରରୁ ଗଭୀରକୁ ମାଡ଼ିଚାଲିଲା, ସମୟାନୁସାରେ ତାହା ବଢ଼ି ବଢ଼ି ଚାଲିଲା । ସେ ଭଗବାନ ଶିବ ଓ ଦେବୀ ପାର୍ବତୀଙ୍କ ଦର୍ଶନ ଲାଭ କରିବାକୁ ଦୃଢ଼ସଂକଳ୍ପ ହୋଇ ଉଠିଲେ । ବର୍ତ୍ତମାନ ସ୍ତ୍ରୀ ପୁନର୍ବାର ଗର୍ଭବତୀ । ଏହା ତୃତୀୟ ଗର୍ଭ । ଏ ସର୍ବଶେଷ ପ୍ରମାଣ ତାଙ୍କ ମନକୁ ଅଧିକ ଶକ୍ତି ଯୋଗାଇଲା । ଜ୍ଞାନ ମାୟାର ସ୍ଥାନ ହାସଲ କରିନେଲା, ତାଙ୍କ ମନ ଅଥୟ ହୋଇ ଉଠିଲା । ସେ ଘରଦ୍ୱାର ଛାଡ଼ି କେତେ ଶୀଘ୍ର ଅନ୍ୟତ୍ର ପଳାନ୍ତେ ଓ ତପସ୍ୟା ଆରମ୍ଭ କରନ୍ତେ, ସେ ସୁଯୋଗକୁ ସେ ଅପେକ୍ଷା କରି ରହିଲେ । ପ୍ରଭୁ ଓ ଦେବୀଙ୍କ ଦର୍ଶନ ବହୁ ବିଳମ୍ବିତ ହୋଇଯାଉଛି, କେବେ ମିଳିବ ? ଏହି ପ୍ରକାର ଭାବନାଗୁଡ଼ିକ ତାଙ୍କ ହୃଦୟକୁ ବିଦାରଣ କଲା, ସେ ତପ ଆଚରଣ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ପଡ଼ିଲେ । ଏତେବେଳକୁ ନଅ ମାସ ବିତିଗଲାଣି, ସେ ଅଧିକରୁ ଅଧିକ ଅଧୈର୍ଯ୍ୟ ହୋଇଉଠିଲେ । ଆଉ ସମ୍ଭାଳି ହେଉନାହିଁ, ନିଷ୍ପତ୍ତି ନେଲେ, ଏହି ମୁହୂର୍ତ୍ତରୁ ଅରଣ୍ୟ ବାସ କରି କଠୋର ତପସ୍ୟା ଆରମ୍ଭ କରିଦେବେ । ଦେବଗିରି ଆମ୍ମା ପଛରୁ ଟାଣି ଧରିବା ଲୋକ ନ ଥିଲେ ସେ ମଧ୍ୟ ସେ ଅବସ୍ଥାରେ ସ୍ୱାମୀଙ୍କ ଅନୁଗମନ କଲେ । ଯିବା ବାଟରେ ଅରଣ୍ୟ ମଧ୍ୟରେ ଗୋଟିଏ ବଟବୃକ୍ଷ ମୂଳେ ପୁତ୍ର ସନ୍ତାନଟିଏ ଭୂମିଷ୍ଠ ହେଲା । ସେଦିନ ଥିଲା ୧୮୩୮ ମସିହା ସେପ୍ଟେମ୍ବର ୨୮ ତାରିଖ ।

ଦେବଗିରି ଆମ୍ମା ନବଜାତ ଶିଶୁଟିକୁ ନିଜର ଖଣ୍ଡେ ଶାଢ଼ୀରେ ଗୁଡ଼ାଇ ତା' ଉପରେ କଅଁଳିଆ ପତ୍ର ଘୋଡ଼ାଇ ଦେଇ ସେ ସ୍ଥାନରେ ଛାଡ଼ି ଦେଇ ନିଜ ସ୍ୱାମୀଙ୍କ ଅନୁଗମନ କଲେ । ଭଗବାନ ଶ୍ରୀ ସତ୍ୟସାଇ ବାବା, ପ୍ରାୟ ଶତାଧିକ ବର୍ଷ ତଳର ଏକଥା ପ୍ରକାଶ ନ କରିବା ପର୍ଯ୍ୟନ୍ତ କେହି ଶିରିଡ଼ି ବାବାଙ୍କ ପିତାମାତାଙ୍କ ବାବଦରେ କିଛି ଜାଣିପାରି ନଥିଲେ ।

ଏହି ଅରଣ୍ୟର ନିକଟବର୍ତ୍ତୀ ଗ୍ରାମରେ ଜଣେ ନିଃସନ୍ତାନ ସୁଫି ଫକୀର ଥିଲେ । ସେ ଏହି ପରିତ୍ୟକ୍ତ ଶିଶୁଟିକୁ ଦେଖି ନିଜ ଘରକୁ ଘେନିଗଲେ । ୧୮୩୮ ରୁ ୧୮୪୨, ଚାରିବର୍ଷ ଶିଶୁଟି ଫକୀରଙ୍କ ଘରେ ରହିଲା । ଫକୀରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଶିଶୁଟିକୁ ଯତ୍ନରେ ପାଳିଲେ । ପିଲାର ବ୍ୟବହାର ପ୍ରଥମରୁ ବଡ଼ ଅସ୍ୱାଭାବିକ ଥିଲା । ସେ ହିନ୍ଦୁ

ମନ୍ଦିରମାନଙ୍କୁ ଯାଇ ଉଚ୍ଚସ୍ୱରରେ କହୁଥିଲା, ''ମୁଁ ଆଲ୍ଲା ଓ ଆଲ୍ଲା ମାଲିକ୍ ହେଁ ।'' ହିନ୍ଦୁମାନେ ତାକୁ ବଡ଼ ହଇରାଣ କରୁଥିଲେ । ସେ ମସ୍‌ଜିଦ୍‌କୁ ଯାଇ ଚିତ୍କାର କରିବ, ''ରାମ ହିଁ ଏକମାତ୍ର ଭଗବାନ ଓ ଶିବ ହିଁ ଆଲ୍ଲା ।'' ପିଲାର ଏଭଳି ଅବାନ୍ତର ବ୍ୟବହାର ଦେଖି ଉଭୟ ଧର୍ମର ଲୋକେ ଫକୀରଙ୍କ ସ୍ତ୍ରୀ ଆଗରେ ଆପତ୍ତି କଲେ । ସେ ମଧ୍ୟ ପିଲାକୁ ସଜାଡ଼ି ପାରିଲେ ନାହିଁ । ସେ ସମୟରେ ଭେଙ୍କୁଶା ନାମକ ଜଣେ ପଣ୍ଡିତ ଓ ମହାତ୍ମା ଥିଲେ, ଯାହାଙ୍କୁ ଫକୀରଙ୍କ ସ୍ତ୍ରୀ ଜାଣିଥିଲେ । ସେ ନିଜର ଅମାନିଆଁ ପିଲାଟିକୁ ନେଇ ମହାତ୍ମାଙ୍କ ତତ୍ତ୍ୱାବଧାନରେ ଛାଡ଼ିଲେ । ୧୮୪୨ ରୁ ୧୮୫୧ ପର୍ଯ୍ୟନ୍ତ ନଅ ବର୍ଷ ସେ ଭେଙ୍କୁଶାଙ୍କ ଆଶ୍ରମରେ ରହିଲେ, ଭେଙ୍କୁଶା ମଧ୍ୟ ପିଲାଟିକୁ ଆଦର ଯତ୍ନ କରୁଥିଲେ । ଏ କଥା ଦେଖି ଆଶ୍ରମର ଅନ୍ୟ ପିଲାମାନେ ଈର୍ଷାପରାୟଣ ହୋଇଉଠିଲେ । ଦିନେ ପିଲାଟି ଆଶ୍ରମ ପରିତ୍ୟାଗ କରି ପଳାୟନ କଲା ଓ ଶିରିଡ଼ିରେ ପହଞ୍ଚିଲା, ସେଠାରେ କିଛି ଦିନ ରହି ସେଠାରୁ ମଧ୍ୟ ଅନ୍ୟତ୍ର ଚାଲିଗଲା, କିଛିବର୍ଷ ଧରି ବିଭିନ୍ନ ସ୍ଥାନରେ ଘୂରିବୁଲିଲା ।

ଏହିଭଳି ବୁଲିବା ସମୟରେ ସେ ଧୁପଖେଡ଼ା ଗ୍ରାମରେ ପହଞ୍ଚିଲା । ସେ ଗ୍ରାମରେ ଥିବାବେଳେ ସେ ଗ୍ରାମରେ ଚାନ୍ଦଭାଇ ପଟେଲଙ୍କ ସ୍ତ୍ରୀର ଭାଇର ବିଭାଘର ଶିରିଡ଼ିରେ ସ୍ଥିର ହେଲା ଏବଂ ବରଯାତ୍ରୀ ଦଳରେ ଏହି ଇତସ୍ତତଃ ଘୁରିବୁଲୁଥିବା ବାଳକ ଆସି ଶିରିଡ଼ିରେ ପହଞ୍ଚିଲା । ଏହା ୧୮୫୭ ମସିହା କଥା । ସେହିବର୍ଷଠାରୁ ୧୯୧୮ରେ ତାଙ୍କ ମହାପ୍ରୟାଣ ପର୍ଯ୍ୟନ୍ତ ସେ ଶିରିଡ଼ିରେ ହିଁ ରହିଥିଲେ । ସେ ସାଇବାବା ନାମରେ ଖ୍ୟାତି ଲାଭ କରିଥିଲେ । ତାଙ୍କଠାରେ ଥିବା ଅତିମାନବୀୟ ଆଧ୍ୟାତ୍ମିକ ଶକ୍ତି ସମସ୍ତଙ୍କ ଆଖିରେ ପଡ଼ିଲା । ଲୋକମାନେ ତାଙ୍କ ପାଖରେ ଭିଡ଼ କରିବାରେ ଲାଗିଲେ । ସେ ଲୋକମାନଙ୍କ ପ୍ରତି ଦୟା ଓ ସମବେଦନା ପ୍ରକାଶ କରୁଥିଲେ । ଧୈର୍ଯ୍ୟର ସହ ସେମାନଙ୍କ ସମସ୍ୟା ଶୁଣୁଥିଲେ ଏବଂ ସେ ସମସ୍ୟାରୁ ଉଦ୍ଧାର ପାଇବା ଲାଗି ସୁଚିନ୍ତିତ ପରାମର୍ଶ ଦେଉଥିଲେ । ସେ ଲୋକମାନଙ୍କୁ ମାନସିକ ବଳ, ଆତ୍ମ ବିଶ୍ୱାସ ଓ ଆଧ୍ୟାତ୍ମିକ ପରାମର୍ଶମାନ ଦେଉଥିଲେ । କ୍ରମେ କ୍ରମେ ତାଙ୍କ ଖ୍ୟାତି ବହୁ ଦୂରକୁ ପ୍ରସାରିତ ହୋଇଗଲା ।

ଉପରୋକ୍ତ ବିଷୟ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କଦ୍ୱାରା ବର୍ଣ୍ଣିତ । ଶିରିଡ଼ି ବାବା ଓ ତାଙ୍କ ଭକ୍ତ ହରିବିନାୟକ ସାଠେ, କେଲକାର, ଶାମ ଓ ଅନ୍ୟମାନଙ୍କ କଥା ମଧ୍ୟ ସତ୍ୟସାଇ ବାବା ବର୍ଣ୍ଣନା କରିଛନ୍ତି । ଶିରିଡ଼ି ବାବାଙ୍କ ମରଶରୀରର ମହାପ୍ରୟାଣ ନିକଟ ହୋଇଆସିଲାବେଳକୁ, ତାଙ୍କ ନିକଟଭକ୍ତ ଅବ୍‌ଦୁଲ୍ଲାକୁ ଦୁଃଖ କରିବାର ଦେଖି ସେ କହିଥିଲେ, ''ମୋ ଜୀବନାବସାନରେ ଦୁଃଖ କରିବ ନାହିଁ, କାରଣ, ମୁଁ ପୁନର୍ଜନ୍ମ ଲାଭ କରି ତୁମ୍ଭମାନଙ୍କୁ ପୁଣି ଦର୍ଶନ ଦେବି ।'' ଅବ୍‌ଦୁଲ୍ଲା ପଚାରିଲା, ''କେତେଦିନ

ଭିତରେ ଏ ସବୁ ଘଟିବ ।?'' ବାବା କହିଲେ, ''ଠିକ୍ ଆଠବର୍ଷ ପରେ ।'' ପ୍ରଥମ ଅବତାର ମହାରାଷ୍ଟ୍ରରେ, ଦ୍ୱିତୀୟଟି ହେବ ମାଡ୍ରାସ ପ୍ରେସିଡେନ୍ସିରେ (ସେ ସମୟରେ ପୁଟ୍ଟପର୍ତ୍ତି ଗ୍ରାମ ମାଡ୍ରାସ ପ୍ରେସିଡେନ୍ସି ଅନ୍ତର୍ଗତ ଥିଲା ।) ଅବଦୁଲ୍ଲା ପୁନଶ୍ଚ ପଚାରିଲା, ବାବା ଆପଣ କେଉଁ ରୂପ ଧରି ପୁର୍ନଜନ୍ମ ଲଭିବେ ? ବାବା କହିଥିଲେ, ତାଙ୍କ ନାମ ହେବ ସତ୍ୟ, । ବର୍ତ୍ତମାନର ସତ୍ୟସାଇ ଅବତାର କଥା ସେତେବେଳୁ କୁହାଯାଇଛି । ''ଶରୀର ଦୁଇଟି ଭିନ୍ନ ଭିନ୍ନ, କିନ୍ତୁ ଦୈବତ୍ୱ ସମାନ ଓ ଏକ'', ସ୍ୱାମୀ କହନ୍ତି ।

ସ୍ୱାମୀ ତାଙ୍କ ପୂର୍ବଜନ୍ମର କଥା ଶେଷ କରିବାକୁ ଯାଇ କହିଛନ୍ତି, ''ପ୍ରଥମ ଅବତାରର ଉଦ୍ଦେଶ୍ୟ ଥିଲା ଭଗବାନଙ୍କ ବିଷୟ ଜଣାଇବା, ଦ୍ୱିତୀୟ ବା ବର୍ତ୍ତମାନ ଅବତାରର ଉଦ୍ଦେଶ୍ୟ ହେବ ଦୈବତ୍ୱ ଉପହାର ଦେବା ଓ ତୃତୀୟ ଅବତାରର କାମ ହେବ ଦୈବତ୍ୱ ଶିକ୍ଷା ଦେବା ।

ଶିରିଡ଼ି ସାଇଙ୍କ ପ୍ରତିଶ୍ରୁତି

ପୂର୍ବବର୍ତ୍ତୀ ଅଧ୍ୟାୟରେ ଆମେ ଶିରିଡ଼ିସାଇଙ୍କର ଜଣେ ବଡ଼ଭକ୍ତ ଶ୍ରୀମତୀ ଗାଲି ଶରାଦାଦେବୀଙ୍କ କଥା ପଢ଼ିଲେ । ସେ ଅଳ୍ପ ବୟସରେ ସଂସାର ଆରମ୍ଭ କରିଥିଲେ, ଛଅଟି ପୁତ୍ରସନ୍ତାନର ଜନନୀ ହୋଇଥିଲେ, କିନ୍ତୁ କେହି ଛଅବର୍ଷ ବୟସରୁ ଅଧିକ ବଞ୍ଚୁ ନ ଥିଲେ । ଏଥିରେ ଅତିଶୟ ଦୁଃଖିତ ହୋଇ ସେ ଶିରିଡ଼ି ସାଇଙ୍କ ପାଖକୁ ଯାଇ ଆଧ୍ୟାତ୍ମିକ ଶାନ୍ତି ପ୍ରାର୍ଥନା କରିଥିଲେ । ବାବା ତାଙ୍କୁ ଗ୍ରହଣ କରିଥିଲେ, ଆଶ୍ୱାସନା ଦେଇଥିଲେ ଏବଂ ଆଧ୍ୟାତ୍ମିକ ଅଗ୍ରଗତିର ମାର୍ଗ ପ୍ରଦର୍ଶନ କରାଇଥିଲେ । ଶାରଦାଦେବୀ ଆତ୍ମିକ ଉନ୍ନତି ପାଇଁ ଏକ ଶକ୍ତିଶାଳୀ ମନ୍ତ୍ରରେ ଦୀକ୍ଷିତ କରିବାକୁ ବାବାଙ୍କୁ ଅନୁରୋଧ କରିଥିଲେ । ବାବା କିନ୍ତୁ ସବୁଥର ତାଙ୍କ ଅନୁରୋଧକୁ ଏଡ଼ାଇ ଯାଉଥିଲେ ଓ ବେଳେବେଳେ ରାଗିଯାଉଥିଲେ । ୧୯୧୮ରେ ବାବାଙ୍କ ମହାପ୍ରୟାଣର କିଛି ଦିନ ପୂର୍ବରୁ ଶାରଦାଦେବୀ ବାବାଙ୍କ ପାଦକୁ ଜାବୁଡ଼ିଧରି ମନ୍ତ୍ରୋପଦେଶ ପାଇବାକୁ ଅଳିକରି ବସିଲେ । ଏଥିରେ ବିରକ୍ତି ପ୍ରକାଶ କରି ବାବା କ୍ରୋଧରେ ତାଙ୍କ ଆଡ଼କୁ ବୁଲିପଡ଼ି ଏକ ଗୋଇଠା ମାରିଲେ, ଏହା ଶାରଦାଙ୍କ ଛାତିରେ ବାଜିଲା, ଗଭୀର ଆଘାତ ପାଇ, ସେ ବାବାଙ୍କ ପାଖରୁ ଚାଲିଆସି ନ ଖାଇ, ନ ପିଇ, ଦ୍ୱାରକାମାୟୀ ସାମନାରେ ଥିବା ଗଛ ମୂଳେ ଏକ ଖୋଲା ସ୍ଥାନରେ ରାତିସାରା ଶୋଇରହିଲେ । ବିଳମ୍ବିତ ରାତିରେ ଦୟାଳୁ ବାବା ତାଙ୍କ ପାଖକୁ ଆସି ଅତି କୋମଳ କଣ୍ଠରେ କହିଲେ, ''ଝିଅ ଗୌରୀ, ତୋତେ କିଛି କଥା କହିବାକୁ ଚାହୁଁଛି, ଲେଣ୍ଡି ବାଗାନ୍‌କୁ ଚାଲ ତୁ ଉପାସ ପଡ଼ିଛୁ, ମୁଁ କିଭଳି ଆରାମରେ ଶୋଇପାରିବି ? ଲେଣ୍ଡି ବାଗାନରେ ପହଞ୍ଚି, ବାବା ନିଜ ହାତ ଉପରକୁ

ଉଠାଇ କହିଲେ, "ଆଲ୍ଲା ମାଲିକ୍ ହୈ ।" ତାଙ୍କ ହାତରୁ କିଛି ପୁରୀ ଓ ଖୁଆ ସୃଷ୍ଟି କଲେ । ଶାରଦା ପାଣି ଆଣିବାକୁ ଯିବାକୁ ଉଦ୍ୟତ ହେଲେ, ବାବା ତାଙ୍କୁ ମନା କଲେ, ଯେଉଁ ଉପାୟରେ ଖାଦ୍ୟ ଆଣିଥିଲେ ସେହି ଉପାୟରେ ଏକ ଜଳପାତ୍ର ମଧ୍ୟ ସୃଷ୍ଟି କଲେ । ଶାରଦା ଖାଇସାରିଲା ପରେ, ବାବା ସ୍ନେହଭରା କଣ୍ଠରେ କହିଲେ, "ଝିଅ ଗୌରୀ, ମୋର ତୋତେ କିଛି କହିବାକୁ ଅଛି, କିନ୍ତୁ ତା ପୂର୍ବରୁ ମୋ ପାଦ ଧରି ଶପଥ କର ଯେ ତୁ ଏକଥା କାହାରି ଆଗରେ ପ୍ରକାଶ କରିବୁ ନାହିଁ ।" ଶାରଦା କଥା ମାନିଲେ ।"ମୁଁ ଆନ୍ଧ୍ର ଅଞ୍ଚଳରେ ଏଇ ସାଇବାବା ନାମ ଧରି ପୁନର୍ବାର ଜନ୍ମ ଗ୍ରହଣ କରୁଛି । ତୁ ସେତେବେଳେ ମୋ ପାଖକୁ ଆସିବୁ, ମୋ ସାନ୍ନିଧ୍ୟ ଲାଭ କରିବୁ ଏବଂ ସୁଖ ପାଇବୁ । ତୁ ମନ୍ତ୍ରରେ ଦୀକ୍ଷିତ ହେବା ଅବସ୍ଥା ଅତିକ୍ରମ କରିସାରିଛୁ । ମୋ ଦ୍ୱିତୀୟ ଅବତାରର ଦର୍ଶନ ପାଇସାରିଲା ପରେ, ଯଦି ଦରକାର ପଡ଼େ ଏକଥା ଅନ୍ୟମାନଙ୍କ ଆଗରେ ପ୍ରକାଶ କରିପାରୁ ।" ଶାରଦା ଦେବୀ ନିଜକୁ ଧନ୍ୟ ମନେକଲେ, ନିଜକୁ ଭାଗ୍ୟବତୀ ଭାବିଲେ । ଏ ଘଟଣାର ଅଳ୍ପ ଦିନ ମଧ୍ୟରେ ୧୯୧୮ ମସିହା ଅକ୍ଟୋବର ୧୫, (ଦଶହରା ଦିନ) ଦିବା ଘ. ୨.୩୦ମି. ସମୟରେ ଶିରିଡ଼ି ବାବାଙ୍କ ମହାପ୍ରୟାଣ ହୋଇଥିଲା ।

୨୦ ବର୍ଷରୁ ଅଧିକ ସମୟ ବିତିଗଲାଣି, ଏହା ମଧ୍ୟରେ ଶାରଦା ଦେବୀ ଗୋଟିଏ ଅନାଥାଶ୍ରମ ପରିଚାଳନା କରୁଥିଲେ । ବିଭିନ୍ନ ସ୍ଥାନ ବୁଲୁଥିଲେ; ହରିକଥା ଗାନ କରି କିଛି ଅର୍ଥ ସଂଗ୍ରହ କରୁଥିଲେ । ବିଭିନ୍ନ ସ୍ଥାନ ବୁଲିବା ଭିତରେ ସେ ଥରେ ଉରବକୋଣ୍ଡାରେ ପହଞ୍ଚିଲେ । ସେଠାରେ ସେ ଚମତ୍କାରୀ ବାଳକ ସତ୍ୟ ବିଷୟରେ ଶୁଣିଲେ । ତାକୁ ସାକ୍ଷାତ କରିବାକୁ ସେ ତା ବଡ଼ଭାଇ ଶେଷମା ରାଜୁଙ୍କ ବାସଗୃହକୁ ଯାଇଥିଲେ । ସତ୍ୟ ଏହାଙ୍କୁ ଭିତରକୁ ଡାକି ନିଜ ପାଖରେ ବସାଇଲା । ସେ ଯେତେବେଳେ ଅତିକୋମଳ କଣ୍ଠରେ ତାଙ୍କୁ "ଗୌରୀ" ବୋଲି ଡାକିଲେ, ଶାରଦାଦେବୀ ଆଶ୍ଚର୍ଯ୍ୟ ହୋଇଗଲେ । ସେ ପ୍ରକାର ସମ୍ବୋଧନ, ସେଇ ମଧୁର ସ୍ନେହପୂର୍ଣ୍ଣ ଡାକ ଶିରିଡ଼ିବାବାଙ୍କ ଛଡ଼ା ଆଉ କେହି ତ ବ୍ୟବହାର କରନ୍ତି ନାହିଁ ? ସତ୍ୟ କହିଲା, "ତୋର ମନେ ଅଛି ମୋଠାରୁ ୧୬ଟଙ୍କା ଋଣ କରିଥିଲୁ," ଶାରଦାଦେବୀ ତାଙ୍କୁ ପ୍ରଥମ ଥର ସାକ୍ଷାତ କରୁଛନ୍ତି, ଟଙ୍କା କେବେ ଋଣ ନେଲେ ସେ ? ସତ୍ୟ କହିଚାଲିଲା, "ଶିରିଡ଼ିକୁ ପଠାଇବା ପାଇଁ ୪୦ ଟଙ୍କା ସଂଗ୍ରହ କରିଥିଲୁ, ସେଥିରୁ ୨୪ ଟଙ୍କା ବଳରାମ ହାତରେ ପଠାଇଲୁ, ତେଣୁ ୧୬ ଟଙ୍କା ତୋ ଉପରେ ରହିଲା ନାହିଁ କି ?" ଆହୁରି ପରିଷ୍କାର କରିବାକୁ ଯାଇ ସତ୍ୟ କହିଲା, "ମୁଁ ତୋତେ ଏକଥା ମନେ ପକାଇ ଦେଉଛି, କାରଣ, ମୁଁ ଯେ

ସେଇ ଶିରିଡ଼ିବାବା ଏ କଥା ତୋର ବିଶ୍ୱାସ ହେଉ । ଘର ଭିତରକୁ ଆସି ମୋତେ ନମସ୍କାର ମଧ କରିନାହୁଁ, ମୋ ପାଖରେ ବସିଗଲୁ ।'' ବିଚରା ଶାରଦା ଦେବୀ ବର୍ତ୍ତମାନ ଝାଳନାଳ ହୋଇଗଲେଣି । ସେ ସତ୍ୟର ପାଦ ଉପରେ ପଡ଼ିଯାଇ ପାଦଦୁଇଟିକୁ ନିଜ ବକ୍ଷରେ ଜଡ଼ାଇ ଧରିଲେ, ଠିକ୍ ଯେମିତି ଶିରିଡ଼ିରେ ବାବାଙ୍କ ପାଦକୁ ଧରୁଥିଲେ । ସତ୍ୟ ତାଙ୍କୁ ବୋଧ ଦେଇ ଶାନ୍ତ କଲା ଏବଂ କହିଲା, ''ମୁଁ ସେତେବେଳେ ତୋତେ କହିଥିଲି, କିନ୍ତୁ ତୁ ବିଶ୍ୱାସ କରି ନଥିଲୁ, ସମ୍ପୂର୍ଣ୍ଣ ଭୁଲିଗଲୁ, ଯାହାହେଉ ବର୍ତ୍ତମାନ ମୋ ପାଖରେ ପହଞ୍ଚିଗଲୁ । ମୁଁ ପୁଟ୍ଟପର୍ତ୍ତି ଯାଉଛି, ମୋ ପଛେ ପଛେ ଆ, ସେଠାରେ ତୋତେ ସବୁକଥା ଜଣାଇବି ।'' ପରେ ପରେ ଶାରଦାଦେବୀ ପ୍ରଶାନ୍ତି ନିଳୟମ୍‌ର ସ୍ଥାୟୀ ବାସିନ୍ଦା ପାଲଟିଗଲେ । ପୂର୍ବରୁ କୁହାଯାଇଛି ଯେ ବାବା ତାଙ୍କୁ ''ପେଦ୍ଦା ବଙ୍ଗୁ ଆମ୍ମା'' ନାମରେ ନାମିତ କଲେ । ସେ ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ବାବାଙ୍କ ସାନ୍ନିଧ ଲାଭ କରିଥିଲେ ।

ଶିରିଡ଼ିବାବା ଅନେକ ସମୟରେ କ୍ରୋଧ ପ୍ରକାଶ କରୁଥିଲେ, କିନ୍ତୁ ସତ୍ୟସାଇ ସଦାସର୍ବଦା ମଧୁର ଓ ସ୍ନିଗ୍ଧ ମନୋଭାବର । ଏ ପାର୍ଥକ୍ୟ ବିଷୟରେ ସ୍ୱାମୀ ଥରେ କହିଛନ୍ତି, ''ମାଆ ଯେତେବେଳେ ରନ୍ଧନଶାଳାରେ ଖାଦ୍ୟ ପ୍ରସ୍ତୁତ କରିବାରେ ବ୍ୟସ୍ତ ସେତେବେଳେ ପିଲାମାନଙ୍କର ସାମାନ୍ୟ ଗଣ୍ଡଗୋଳ ବିରକ୍ତିକର ଲାଗେ । କିନ୍ତୁ ପରେ ଯେତେବେଳେ ସେ ଖାଦ୍ୟ ପରିବେଷଣ କରୁଥାଏ ସେତେବେଳେ ସେ ସ୍ନେହ, ପ୍ରେମ ଓ ଧୈର୍ଯ୍ୟ ପ୍ରକଟନ କରିଥାଏ । ଶିରିଡ଼ି ଅବତାର ଥିଲା ଖାଦ୍ୟ ରନ୍ଧନ କରିବା ସମୟ, ବର୍ତ୍ତମାନ ସେହି ସୁସ୍ୱାଦୁ ଖାଦ୍ୟକୁ ମୁଁ ତୁମ୍ଭମାନଙ୍କ ଆଗରେ ପ୍ରେମର ସହ ପରିବେଷଣ କରୁଛି ।''

ଶରୀର ଦୁଇଟି, ମାତ୍ର ଦୈବତ୍ୱ ଏକ

ଓଁ ଶ୍ରୀ ସାଇ ଶିରିଡ଼ିସାଇ ଅଭେଦଶକ୍ତି ଅବତାରାୟ ନମଃ

ବାଲ୍ୟାବସ୍ଥାରେ ମାଧବ ଏସ୍. ଦୀକ୍ଷିତ ଶିରିଡ଼ି ସାଇବାବାଙ୍କ ଦର୍ଶନ ଲାଭ କରିଥିଲେ ଏବଂ ତାଙ୍କ ଜୀବନର ଶେଷ ପର୍ଯ୍ୟାୟ ବିତିଥିଲା ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ସହ ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍ ଫିଲଡ୍ (ବୃନ୍ଦାବନ) ରେ । ବାଲ୍ୟାବସ୍ଥାରେ ସେ ଅତି ସାଙ୍ଘାତିକ ମୁଣ୍ଡବିନ୍ଧା ରୋଗରେ କଷ୍ଟ ପାଉଥିଲେ । ଏ ବାଳକର ବଡ଼ବାପା, ହରି ସୀତାରାମ ଦୀକ୍ଷିତ ତାଙ୍କୁ ଶିରିଡ଼ି ବାବାଙ୍କ ପାଖକୁ ନେଇଯାଇଥିଲେ । ହରି ସୀତାରାମ ଦୀକ୍ଷିତ କାକା ସାହେବ ଦୀକ୍ଷିତ ହିସାବରେ ଜଣାଶୁଣା ଥିଲେ । ବାବା ତାଙ୍କ ଧୂନିରୁ କିଛି ପାଉଁଶ ନେଇ ବାଳକଟିର ମଥାରେ ଘସି ଦେଲେ ଏବଂ ସେଠାରୁ ଚାଲିଯିବାକୁ ଅଭଦ୍ରଭାବରେ ଆଦେଶ ଦେଲେ । ବାଳକକୁ ଲାଗିଲା ସତେ ଯେପରି ତା ଗାଲରେ

ଚାପଡ଼ା ବାଜିଛି । ସେ ମନେ ମନେ ସ୍ଥିର କଲା, ଆଉ ବାବାଙ୍କ ପାଖକୁ ଯିବ ନାହିଁ । କିନ୍ତୁ ତା' ବଡ଼ବାପା ତାକୁ ବୁଝାଇ କହିଲେ, ତୁ ଯାହାକୁ ଚାପୁଡ଼ା ବୋଲି ଭାବୁଛୁ ତାହା ପ୍ରକୃତରେ କୃପା ଏବଂ ଚାଲିଯିବାକୁ ଦେଇଥିବା ଆଦେଶ ତୋ ପ୍ରତି ଉଦ୍ଦିଷ୍ଟ ନଥିଲା, ତାହା ଥିଲା ମୁଣ୍ଡବିନ୍ଧା ପ୍ରତି । ଆମେ ସମସ୍ତେ ସେହିଭଳି ଏକ କୃପା ପାଇଁ ଏଠାରେ ଅପେକ୍ଷା କରିଛୁ । ବାବା ଯଦି କାହାକୁ ପ୍ରକୃତରେ ଚାପୁଡ଼ା ଦିଅନ୍ତେ ତେବେ ସେ ଲୋକ ନିଜକୁ ଭାଗ୍ୟବାନ୍ ମନେକରନ୍ତା ।'' ଏହି ଘଟଣା ପରଠାରୁ ଆଉ କେବେ ତାଙ୍କର ସେ ମୁଣ୍ଡବିନ୍ଧା ଦେଖା ଦେଇ ନଥିଲା ।

ବହୁବର୍ଷ ପରେ ଶିରିଡ଼ିବାବା ସତ୍ୟସାଇ ବାବା ଭାବେ ଅବତାର ଗ୍ରହଣ କରିଛନ୍ତି ବୋଲି ଶୁଣି ଏମ.ଏସ୍. ଦୀକ୍ଷିତ କେତେକ ବନ୍ଧୁଙ୍କୁ ସାଙ୍ଗରେ ଧରି ପୁଟ୍ଟପର୍ତ୍ତି ଆସିଲେ । ୧୯୬୨ ଅକ୍ଟୋବର ୨୩ରେ ବିଜୟଦଶମୀ ପଡ଼ିଥାଏ । ସେଦିନ ସ୍ୱାମୀ କହିଲେ, ''ଦିବ୍ୟଶକ୍ତି ୧୯୧୮ରୁ ମୋ ପୂର୍ବ ଶରୀରକୁ ତ୍ୟାଗ କଲାଣି । ସେ ସମୟରେ ମୁଁ କହିଥିଲି ଯେ ଆଠ ବର୍ଷ ମଧ୍ୟରେ ମୁଁ ପୁନର୍ବାର ଆସିବି । ଏକଥା କାଗଜ କଲମ ଧରି ଲେଖିଲା ବେଳକୁ କାକା ସାହେବ ଦୀକ୍ଷିତ ତା' ଡାଏରୀରେ ଲେଖିଲା, ମୁଁ ଆଠବର୍ଷର ବାଳକ ହିସାବରେ ଆସିବି । ମୋ କଥା ଶୁଣିବାମାତ୍ରେ ତାକୁ ନ ଲେଖି, ଏହାର ବହୁଦିନ ପରେ, ନିଜ ସ୍ମୃତିଶକ୍ତି ଉପରେ ପୂର୍ଣ୍ଣ ମାତ୍ରାରେ ଆସ୍ଥା ରଖି ସେ ଏହାକୁ ଲିପିବଦ୍ଧ କରିଥିଲା । ଏଥିପାଇଁ ଏ ପ୍ରକାର ଭୁଲଟାଏ ହୋଇଗଲା ।

ଏମ୍.ଏସ୍. ଦୀକ୍ଷିତ ଶିବରାତ୍ରି ପର୍ବ ବେଳକୁ ପୁଟ୍ଟପର୍ତ୍ତି ଆସିଥାନ୍ତି । ତାଙ୍କ ମନରେ ଗୋଟିଏ ସନ୍ଦେହ ଜାତ ହେଲା, ''ଶିରିଡ଼ିବାବା ଜଣେ ସରଳ ପୋଷାକଧାରୀ ଓ ନିଜ ଶକ୍ତି ଜାହିର ନ କରିବା ଲୋକ ଥିଲେ, ସେ କ'ଣ ଏଭଳି ସୁନ୍ଦର ପୋଷାକ ପରିହିତ, ଏ ଦିବ୍ୟ ରୂପ ଧାରଣ କରି ପୁନର୍ଜନ୍ମ ଲାଭ କରିଥିବେ ? ଏଠାରେ ମୋ ସମ୍ମୁଖରେ ମୁଁ ଯାହାଙ୍କୁ ଦେଖୁଛି ସେ ତ ଚିତ୍ରତାରକାମାନଙ୍କ ପରି ବେଶ ହୋଇଛନ୍ତି । ଶିବରାତ୍ରି ଦିନ ସେ ଦେଖିଲେ ବାବା ଗୋଟିଏ ଶୂନ୍ୟ ପାତ୍ରରୁ ଅଜସ୍ର ବିଭୂତି ଝରାଇ ଶିରିଡ଼ିବାବାଙ୍କ ମୂର୍ତ୍ତିକୁ ଅଭିଷେକ କରାଉଛନ୍ତି । ଭଗବାନଙ୍କ ମୁଖ ମଧ୍ୟ ଦେଇ ନିର୍ଗତ ହେଉଥିବା ଶିବଲିଙ୍ଗୋଦ୍ଭବ ଦୃଶ୍ୟ ମଧ୍ୟ ସେ ଦେଖିଲେ । ସେଦିନ ଶିବରାତ୍ରି ସମ୍ଭାଷଣରେ ବାବା କହିଥିଲେ, ''ଏଠାରେ ଉପସ୍ଥିତ ଥିବା କେତେକ ବ୍ୟକ୍ତି ଭାବୁଛନ୍ତି ଯେ ମୁଁ ଚିତ୍ରତାରକାମାନଙ୍କ ଭଳି ରେଶମୀ ପୋଷାକ ପିନ୍ଧିବା ଉଚିତ ହେଉନାହିଁ ଏବଂ ମୋର କେଶସଜ୍ଜା ମଧ୍ୟ କେତେକଙ୍କୁ ପସନ୍ଦ ହେଉନାହିଁ ।'' ଦୀକ୍ଷିତ ଆଶ୍ଚର୍ଯ୍ୟ ହୋଇଗଲେ, ବାବା ଯେ ତାଙ୍କ ଭାବନାର ଉତ୍ତର ଦେବାକୁ ଯାଇ ଏକଥା କହିଛନ୍ତି, ଏଥିରେ ତାଙ୍କର ସନ୍ଦେହ ରହିଲା ନାହିଁ, ସେ ବିବ୍ରତ ଜଣାଗଲେ ।

ଭଗବାନ ଏମ୍.ଏସ୍. ଦୀକ୍ଷିତଙ୍କୁ ସାକ୍ଷାତ୍‌କାର କକ୍ଷକୁ ଡକାଇଲେ । ତାଙ୍କ ପକେଟରେ ତାଙ୍କ ବଡ଼ବାପା କାକା ସାହେବ ଦୀକ୍ଷିତଙ୍କର ଖଣ୍ଡେ ଫଟ ଥିଲା । ସ୍ୱାମୀ ତାକୁ ଦେଖି ପଚାରିଲେ, ''ଏ ତୋ ବଡ଼ବାପା ଏଚ୍. ଏସ୍. ଦୀକ୍ଷିତର ଫଟୋ । ମୁଁ ଶିରିଡ଼ିରେ ଥିଲାବେଳେ ସେ ମୋ ଭକ୍ତ ଥିଲା, ତୋ ଭିତରେ ଆହୁରି ସନ୍ଦେହ ଅଛି ?'' ଦୀକ୍ଷିତଙ୍କ ମନରୁ ସମସ୍ତ ସନ୍ଦେହ ଉଭାଇଗଲା । ତଥାପି ଗୋଟିଏ ଗୂଢ଼ ଇଚ୍ଛା ଅପୂର୍ଣ୍ଣ ରହିଗଲା । ଶିରିଡ଼ିବାବାଙ୍କ ଦ୍ୱାରପାଳ ଭାବେ କିଛି ସେବା ପ୍ରଦାନ କରିବାର ଗୋଟିଏ ଇଚ୍ଛା ତାଙ୍କଠାରେ ବଳବତୀ ହୋଇ ରହିଥିଲା । ଭଗବାନ ତାହା ଜାଣିଥିଲେ ଓ ବୃନ୍ଦାବନରେ ସେହି କାମ କରିବାର ଦାୟିତ୍ୱ ତାଙ୍କୁ ଦେଇଥିଲେ । ସ୍ୱାମୀ ତାଙ୍କୁ କହିଲେ, ''ତୋର ସ୍ୱର୍ଗକୁ ଯିବାବେଳ ହୋଇଗଲାଣି କିନ୍ତୁ ମୁଁ ତୋ ଆୟୁଷ ଆଠ ବର୍ଷ ବଢ଼ାଇ ଦେଉଛି, କାରଣ ତୁ ଶିରିଡ଼ି ବାବାଙ୍କ ସହ ଆଠ ବର୍ଷ ଥିଲୁ ।'' ବୃନ୍ଦାବନ ଫାଟକର ଠିକ୍ ସାମନା ଘରେ ଦୀକ୍ଷିତ ରହୁଥିଲେ ଏବଂ ଠିକ୍ ଆଠ ବର୍ଷ ପରେ ତାଙ୍କର ଦେହାନ୍ତ ହୋଇଥିଲା ।

୧୯୯୬ ଅକ୍ଟୋବର ୨ ତାରିଖ ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିଖିତ ଦିବସ । ଭକ୍ତମାନେ ସେହିଦିନ ୧୦୦୮ ହଳ ପାଦୁକା ସାଇ କୁଲବନ୍ତ ସଭାଗୃହରେ ପୂଜା କରିଥିଲେ । ଡଃ. ଡି.ଜେ. ଗଡ଼ିଆ ସେଦିନ ଭାଷଣ ଦେଇଥିଲେ । ତାଙ୍କ ପରେ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଲେ, ''ଗଡ଼ିଆ, ଏମ୍.ଏସ୍. ଦୀକ୍ଷିତର ପୁଅ ଓ କାକା ସାହେବ ଦୀକ୍ଷିତଙ୍କର ଡାଏରୀସବୁ ଆଣି ମୋତେ ଦେଖାଇଥିଲା । ସେ ତା ଡାଏରୀରେ ଲେଖିଛି, ଜୀବନରେ ଯେତେ ଅସୁବିଧା ଆସିଲେ ବି ସ୍ୱାମୀଙ୍କୁ ପରିତ୍ୟାଗ କରିବି ନାହିଁ । ଏ ଡାକ୍ତରର ବାପା ଏମ୍.ଏସ୍. ଦୀକ୍ଷିତ ୩୦ ବର୍ଷଧରି ବୃନ୍ଦାବନରେ ରହିଥିଲା । ମୁଁ ହିଁ ଏ ଗଡ଼ିଆକୁ ଡାକ୍ତରୀ ପଢ଼ିବା ପାଇଁ ଉତ୍ସାହିତ କରିଥିଲି ଏବଂ ମନିପାଲ ପଠାଇଥିଲି, ତା ପରେ ତାକୁ ଲଣ୍ଡନ ଯିବାକୁ ବାଧ କରିଥିଲି । ଏହିଭଳି ଭାବେ ଦେଖିବାକୁ ଗଲେ ସାଇବାବାଙ୍କ ସହିତ ଏହାର ସମ୍ପର୍କ ଦୀର୍ଘଦିନ ପୂର୍ବରୁ ତା'ର ପୂର୍ବପୁରୁଷମାନଙ୍କ ସମୟରୁ ଗଢ଼ିଆସୁଛି ।

''ଏ କଥା ଏଠାରେ ଥିବା ସମସ୍ତଙ୍କ ପ୍ରତି ପ୍ରଯୁଜ୍ୟ, ତା' ନହୋଇଥିଲେ ତୁମ୍ଭମାନଙ୍କର ଏଠାକୁ ଆସିବାର ସମ୍ଭାବନା ହିଁ ନାହିଁ । ତୁମ୍ଭେମାନେ ତୁମ ବହୁ ଜନ୍ମର ବହୁ ଗଚ୍ଛିତ ପୁଣ୍ୟ ଫଳରେ ଏ ମାର୍ଗରେ ପ୍ରବେଶ କରିଛ । ଭାରତରେ କୋଟି କୋଟି ଲୋକ ଅଛନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ଏଠାକୁ ଆସିବାକୁ ସମର୍ଥ ହେଲେଣି ? କେତେକଙ୍କର ଏଠାକୁ ଆସିବାକୁ ଇଚ୍ଛା ଅଛି, ମାତ୍ର ସେ ଇଚ୍ଛା ପୂରଣ କରିବାକୁ ତାଙ୍କର

ସାମର୍ଥ୍ୟ ନାହିଁ । ତୁମ୍ଭେମାନେ ଏଠାକୁ ଆସିଛ ତା' ପଛରେ ଏକ ଦିବ୍ୟ ଆଶିଷ ନିଶ୍ଚିତ ଭାବେ ଅଛି ।''

ବାବା - ସର୍ବବ୍ୟାପୀ

ଟାଇଡ୍‌ମାନ ଜୋହାନେସେନ୍ ନରୱେ ଦେଶର ଓସ୍‌ଲୋ ସହରରୁ ପୁଟ୍ଟପର୍ତ୍ତି ଆସିଥିଲେ । ତାଙ୍କର ଯେଉଁସବୁ ସମସ୍ୟା ଥିଲା ସେ ସବୁକୁ ଦୂର କରିବା ପାଇଁ ବାବା ଏକ ମୁଦି ସୃଷ୍ଟି କରି ତାଙ୍କୁ ଦେଲେ । ଏହାର କିଛି ବର୍ଷ ପରେ ବାଙ୍ଗଲାଦେଶରେ ବୁଲୁଥିବା ବେଳେ ଚିଟାଗଞ୍ଜ ନିକଟସ୍ଥ ନଦୀରେ ତାଙ୍କର ସେହି ମୁଦିଟି ପଡ଼ି ହଜିଗଲା । ଏ ଘଟଣାର ମାସକ ପରେ ଟାଇଡ୍‌ମାନ୍ ହ୍ୱାଇଟ୍ ଫିଲଡ୍ ଆସି ପହଞ୍ଚିଲେ । ଭଗବାନ ତାଙ୍କ ପାଖକୁ ଆସି ହଜିଯାଇଥିବା ମୁଦିଟିକୁ ପୁନର୍ବାର ତାଙ୍କୁ ଦେଇ କହିଲେ, ''ଏ ମୁଦି ମୋ ହାତରେ ପଡ଼ିଲା । କାରଣ ମୁଁ ସେ ନଦୀ ଭିତରେ ଥିଲି, କେବଳ ସେହି ନଦୀଟିରେ ନୁହେଁ, ମୁଁ ପ୍ରତ୍ୟେକ ନଦୀରେ ଅଛି, ସର୍ବତ୍ର ଅଛି ।'' ସ୍ୱାମୀ ସର୍ବବ୍ୟାପୀ, ସର୍ବତ୍ର ବିଦ୍ୟମାନ ।

ଥରେ ଶିରିଡ଼ିସାଇ ଦ୍ୱାରକାମାୟୀରେ ବସିଥିବାବେଳେ କାନ୍‌ପୁରରୁ ଜଣେ ମହିଳା ଆସି ପ୍ରଣାମ କରି ବସିପଡ଼ିଲେ । ବାବା ପଚାରିଲେ, ''ପୁଅର ଜନ୍ମଦିନ ଉତ୍ସବ ପାଳନ ହେଲା ତ ?'' ମହିଳା କହିଲେ, ''ବାବା, ସେଦିନଟି ଆମେ ଅତି ଆନନ୍ଦରେ ପାଳନ କରିଥିଲୁ । ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିଥିଲୁ, ଭୋଜି କରିଥିଲୁ । ଏହାପୂର୍ବରୁ ସମସ୍ତ ଖାଦ୍ୟ ପଦାର୍ଥରୁ କିଛି କିଛି ଗୋଟିଏ ରୁପା ଥାଳିରେ ନେଇ ପୂଜାଘରେ ତୁମଠାରେ ପ୍ରସାଦ ଲଗାଇବା ପାଇଁ ରଖିଥିଲୁ । କିଛି ସମୟ ପରେ ପ୍ରସାଦ ଆଣି ଅତିଥିମାନଙ୍କୁ ଦେବାପାଇଁ ପୂଜାଘରକୁ ଯାଇ ଦେଖିଲୁ ଥାଳି ନାହିଁ । ମୁଁ ଓ ସ୍ୱାମୀଙ୍କ ବ୍ୟତୀତ କେହି ପୂଜାଘରକୁ ଯାଇନାହାନ୍ତି । ଏହା କିପରି ଘଟିଲା ? ସେଥିଲାଗି ଆମ ମନ ଖରାପ ହୋଇଥିଲା । ବାବା, ଥାଳି ଅନ୍ତର୍ଦ୍ଧାନ ହେଲା କିପରି ?'' ବାବା କହିଲେ, ''ତୋର ମନେ ଅଛି, ପୂଜାଘରେ ମୋ ଉଦ୍ଦେଶ୍ୟରେ ଥାଳି ରଖି ମୋତେ ପ୍ରାର୍ଥନା କରିଥିଲୁ ଯେ ମୁଁ ସଶରୀରରେ ସେଠାକୁ ଯାଇ ପୁଅର ଜନ୍ମ ଉତ୍ସବରେ ଯୋଗଦେଇ ନୈବେଦ୍ୟ ଗ୍ରହଣ କରେ ବୋଲି ? ତୋ ପ୍ରାର୍ଥନା ଅନୁଯାୟୀ ମୁଁ ସେଠାରେ ପହଞ୍ଚି ସବୁ ଖାଇଦେଲି । ମୁଁ ଖାଇଦେଇଛି ବୋଲି ତୁ ବିଶ୍ୱାସ କରିବୁ ନାହିଁ ଭାବି ମୁଁ ସେ ରୂପା ଥାଳିଟି ନେଇ ଆସିଥିଲି । ଏଇ ସେ ଥାଳି ।'' ବାବା ତାଙ୍କ ତକିଆ ପଛକୁ ହାତ ପୂରାଇ ଦେଲେ ଓ ଥାଳିଟି ଆଣି ସେ ମହିଳାକୁ ଦେଲେ । ମହିଳା ଜଣକ ଯେତିକି ଆଚମ୍ଭିତ ହେଲେ ସେତିକି ଆନନ୍ଦିତ ହେଲେ ମଧ୍ୟ ।

ଅବଦୁଲ୍ଲା ନିୟମିତ ଭାବେ ଦ୍ୱାରକାମାୟୀର, ସର୍ବତ୍ର ଭଲଭାବେ ପରିଷ୍କାର କରୁଥିଲା । ତକିଆ ଓ ବିଛଣା ଚଦରଗୁଡ଼ିକୁ ସଜାଡ଼ି ରଖିବା ତା'ର ନିତିଦିନିଆ କାମ । ଦିନେ ଅବଦୁଲ୍ଲା କୌଣସି କାରଣରୁ ଆସିପାରିଲା ନାହିଁ ତ ଅନ୍ୟ ଜଣେ ସେ କାମ କଲା । ସେ ପର୍ଯ୍ୟନ୍ତ କେହି ହେଲେ ତକିଆ ପଛରେ ଥିବା ସେ ଥାଳିକୁ ଦେଖି ନ ଥିଲେ । ହଠାତ୍ ସେଠାରୁ ତାହା ବାହାରି ଆସିଲା କିପରି ? ଭଗବାନ ନିଜକୁ ସର୍ବବ୍ୟାପୀ ବୋଲି କହିଲାବେଳେ ଆମକୁ ବୁଝିବାକୁ ହେବ ସେ ଯାହା କହୁଛନ୍ତି ତାହାର ଅର୍ଥ କ'ଣ ?

ମୁଁ ଜାଣେ, ତୁମେ ଜାଣ ନାହିଁ

ସତ୍ୟସାଇ ବାବା ସେତେବେଳେ କେରଳ ଯାଇଥାନ୍ତି । ଭକ୍ତଙ୍କ ଅନୁରୋଧ କ୍ରମେ ଆଜିର ତିରୁଅନନ୍ତପୁରମ୍ ନିକଟସ୍ଥ ଗୋଟିଏ ଗ୍ରାମକୁ ଯାଇଥିଲେ । ତାଙ୍କ ସହ ଯାଇଥିବା ଦଳ ମଧ୍ୟରେ ଥିଲେ ବିଖ୍ୟାତ ବୈଜ୍ଞାନିକ ଏସ. ଭଗବନ୍ତମ୍ । ସେଠାରେ ଅନୁଷ୍ଠିତ ହୋଇଥିବା ସଭାରେ ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି ଯୋଗ ଦେଇଥିଲେ । ବାବା ତାଙ୍କ ପାଖରେ ଥିବା ଭଗବନ୍ତମ୍‌ଙ୍କୁ ଜଣେ ବୃଦ୍ଧାକୁ ଦେଖାଇ ଦେଲେ, ସେ ଜନସମାଗମର ଗୋଟିଏ କଣରେ ଠିଆ ହୋଇଥିଲା । ବାବା କହିଲେ ସେ ତାକୁ ତା'ର ଶୈଶବାବସ୍ଥାରୁ ଜାଣିଛନ୍ତି । ଡଃ ଭଗବନ୍ତମ୍ ମନେ ମନେ ଭାବିଲେ, ବାବାଙ୍କ ବୟସ କମ୍, ବୃଦ୍ଧାଜଣକ ନିଶ୍ଚିତ ଭାବେ ବାବାଙ୍କଠାରୁ ଯଥେଷ୍ଟ ଅଧିକ ବୟସ୍କା । ତାର ଶୈଶବାବସ୍ଥା ବାବାଙ୍କୁ ଜଣାଥିବ କିପରି ? ସେ ବାବାଙ୍କୁ ପଚାରିଲେ, ''ସ୍ୱାମୀ, ଆପଣଙ୍କୁ ମାତ୍ର ୩୦ ବର୍ଷ । ବୃଦ୍ଧାଙ୍କ ବୟସ ନିଶ୍ଚିତ ଭାବେ ୭୦ରୁ ବେଶୀ । ଆପଣ ତାକୁ ତା'ର ପିଲାବେଳୁ ଜାଣନ୍ତି, ଏହା କିପରି ସମ୍ଭବ ?'' ତତ୍କ୍ଷଣାତ୍ ବାବା ଉତ୍ତର ଦେଲେ, ''ମୁଁ ତାକୁ ମୋ ପୂର୍ବ ଅବତାର ବେଳୁ ଜାଣିଛି ।''

କିଛି ସମୟ ପରେ ଡଃ ଭଗବନ୍ତମ୍ ଏକତ୍ରିତ ହୋଇଥିବା ଲୋକମାନଙ୍କ ଆଡ଼କୁ ଗଲେ । ଧୀରେ ଧୀରେ ସେ ସେହି ବୃଦ୍ଧାଙ୍କ ପାଖକୁ ଯାଇ ଅନ୍ୟାନ୍ୟ କଥାବାର୍ତ୍ତା ଭିତରେ ପଚାରିଲେ, ''ତୁମେ କେବେ ଶିରିଡ଼ି ଯାଇଛ କି ?'' ସେ କହିଲେ, ମୁଁ ଯେତେବେଳେ ସାନ ପିଲାଟିଏ ଥିଲି ସେତେବେଳେ ମୋ ଦାଦା ମୋତେ ଶିରିଡ଼ି ବାବାଙ୍କ ଦର୍ଶନ ପାଇଁ ନେଇଥିଲେ । ବାବା ମୋତେ ଗୋଟିଏ ଲକେଟ୍ ଦେଇଥିଲେ, ଏବେ ବି ସେଇଟି ମୋ ବେକରେ ଅଛି । ଏହା କହି ସେ ସେହି ଲକେଟ୍‌ଟିକୁ କାଢ଼ି ଭଗବନ୍ତମ୍‌ଙ୍କୁ ଦେଖାଇଲେ । ଭଗବନ୍ତମ୍‌ଙ୍କ ସନ୍ଦେହ ଦୂର ହେଲା ।

ଏ କଥା ଶୁଣିଲା ବେଳକୁ ଭଗବଦ୍ ଗୀତାର ୪ର୍ଥ ଅଧ୍ୟାୟର ପ୍ରାରମ୍ଭରେ ଥିବା ଶ୍ଳୋକ ମନେ ପଡୁଛି । ଯେଉଁଥିରେ ଭଗବାନ କୃଷ୍ଣ ଅର୍ଜୁନକୁ କହୁଛନ୍ତି, ''ମୁଁ ଏହି ଯୋଗ

କଥା ବହୁ ପୂର୍ବରୁ (ବିବସ୍ୱାନ) ସୂର୍ଯ୍ୟଙ୍କୁ ଶିଖାଇଥିଲି । ସେ ତାହା ମନୁଙ୍କୁ ଶିକ୍ଷା ଦେଲେ । ମନୁଙ୍କଠାରୁ ଶିଖିଲେ ତାଙ୍କ ପୁତ୍ର ଇକ୍ଷ୍ୱାକୁ । ବର୍ତ୍ତମାନ ମୁଁ ସେଇ ପ୍ରାଚୀନ ଯୋଗବିଦ୍ୟା ତୁମକୁ ଶିଖାଉଛି ।'' ଅର୍ଜୁନ ପଚାରିଲେ, ''ହେ କୃଷ୍ଣ, ସୂର୍ଯ୍ୟ ଦେବତା ସୃଷ୍ଟି ପ୍ରାରମ୍ଭରୁ ଚିରକାଳ ଅଛନ୍ତି । ସେ ସର୍ବପୁରାତନ, ତୁମେ ଆଧୁନିକ ଯୁଗର । ତୁମେ କହୁଛ ତୁମେ ସୂର୍ଯ୍ୟଙ୍କୁ ଏହି ବିଦ୍ୟା ଶିକ୍ଷା ଦେଇଥିଲ, ତାହା ପୁଣି ବହୁ ଯୁଗ ପୂର୍ବରୁ; ଏହା କିପରି ସମ୍ଭବ ?'' ଭଗବାନ ଶ୍ରୀକୃଷ୍ଣ ବୁଝାଇ କହିଲେ,

''ବହୁନି ମେ ବ୍ୟତୀତାନି ଜନ୍ମାନି ତବ ଚ ଅର୍ଜୁନ ।
ତାନି ଅହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ।''

ହେ ଅର୍ଜୁନ, ତୁମେ ତଥା ମୁଁ ଅସଂଖ୍ୟ ଜନ୍ମ ଅତିକ୍ରମ କରି ଆସି ଏଠାରେ ପହଞ୍ଚିଛୁ । ମୁଁ ସମସ୍ତ ଜନ୍ମର ଚେତନା ବହନ କରିପାରିଛି, ତୁମେ ତାହା ପାରିନାହଁ ।

ଓଁ ଶ୍ରୀ ସତ୍ୟ ସାଇ ପରଂବ୍ରହ୍ମଣେ ନମଃ
ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ଦ୍ୱିତୀୟ ଅଧ୍ୟାୟ ସମ୍ପୂର୍ଣ୍ଣ

ଦ୍ୱିତୀୟ ଦିବସ - ଶୁକ୍ରବାର

ଦ୍ୱିତୀୟ ଅଧ୍ୟାୟ

ସମ୍ଭବାମି ଯୁଗେ ଯୁଗେ

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତଥାନଂ ଅଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

-ଶ୍ରୀମଦ୍ ଭଗବଦ୍ ଗୀତା- ୪ : ୭ ଓ ୮

ପୁଟ୍ଟବର୍ଦ୍ଧିନୀ

ଆଜିକାର ପୁଟ୍ଟପର୍ତ୍ତିକୁ ପୂର୍ବରୁ କୁହାଯାଉଥିଲା ଗୋଲାପଲ୍ଲୀ । ସେ ଅଞ୍ଚଳସାରା ଗୋପାଳ ଓ ଗୋସମ୍ପଦରେ ପରିପୂର୍ଣ୍ଣ ଥିଲା । ଦିନେ ଜଣେ ଗୋପାଳ ଲକ୍ଷ୍ୟ କଲା ଯେ ତା' ଗାଈମାନଙ୍କ ମଧ୍ୟରୁ ଗୋଟିଏ ଚରିସାରି ଫେରିଲା ବେଳକୁ ତା'ଠାରେ ଆଦୌ କ୍ଷୀର ରହୁନାହିଁ । ପରବର୍ତ୍ତୀ କିଛି ଦିନ ଧରି ସେଇଆ ଘଟିଲା । ସେ ସ୍ଥିର କଲା, ଗାଈ ପଛେ ପଛେ ଲୁଚି ରହି ଦେଖିବ, କିଏ ତା' କ୍ଷୀର ଚୋରି କରୁଛି । ସବୁଦିନ ଭଳି ଗାଈଟି ଚରିବାକୁ ବଣ ଭିତରକୁ ଗଲା, ଜଗୁଆଳି ଅପଲକ ନେତ୍ରରେ ଜଗି ରହିଥାଏ ତାକୁ । ଗାଈଟି ଯାଇ ଗୋଟିଏ ହୁଙ୍କା ପାଖରେ ଠିଆ ହେଲା, ତା' ଭିତରୁ ଗୋଟିଏ ଚମତ୍କାର ସାପ ବାହାରି ଗାଈର ଗୋଡ଼ରେ ଗୁଡ଼ାଇ ହୋଇ, ଗାଈର କିଛି କ୍ଷତି ନ କରି, କ୍ଷୀର ପାନ କଲା । ଗୋପାଳ ଆଉ ନିଜ କ୍ରୋଧ ସମ୍ଭାଳି ପାରିଲା ନାହିଁ । ତା'କୁ ଜଣାପଡ଼ିଲା ନାହିଁ ଯେ ସାପଟି ଅସାଧାରଣ ସାପ ହୋଇପାରେ ବା କୌଣସି ଦିବ୍ୟ ସର୍ପ ହୋଇପାରେ ବୋଲି । ସେ ଖଣ୍ଡେ ଓଜନିଆ ପଥର ଉଠାଇ ସାପକୁ ଲକ୍ଷ୍ୟ କରି ଫିଙ୍ଗିଲା । ରକ୍ତ ଝରିଲା ଓ ପଥରକୁ ରଙ୍ଗ କରିଦେଲା, ସାପଟି ମରିଗଲା । ସେହିଦିନଠାରୁ ଗୋଲାପଲ୍ଲୀରୁ ଗାଈ ତଥା ଗୋପାଳମାନଙ୍କ ସଂଖ୍ୟା କମିବାରେ ଲାଗିଲା ଏବଂ ହୁଙ୍କାମାନ ବଢ଼ିବାରେ ଲାଗିଲା । ଗ୍ରାମବାସୀମାନେ ଭାବିଲେ ଏ ସବୁ ଘଟୁଛି ସେଇ ମୃତ୍ୟୁବରଣ କରିଥିବା ସାପର ଅଭିଶାପରୁ । ସମୟ ବଢ଼ିବା ସଙ୍ଗେ ସଙ୍ଗେ ଗୋଲାପଲ୍ଲୀ ଗ୍ରାମ ପୁଟ୍ଟବର୍ଦ୍ଧିନୀ (ହୁଙ୍କା ପରିପୂର୍ଣ୍ଣ) ନାମ ଧାରଣ କଲା ।

ଘଟିଯାଇଥିବା ଭୁଲ ପାଇଁ ଗ୍ରାମର ଅନୁତପ୍ତ ଅଧିବାସୀମାନେ ସେଇ ରକ୍ତରଞ୍ଜିତ ପଥରଖଣ୍ଡକୁ ନେଇ, ତାହାକୁ ଗୋପାଳ ସ୍ୱାମୀ ନାମରେ ନାମିତ କରି, ଗ୍ରାମରେ ନିୟମିତ ପୂଜା କରିବାକୁ ସ୍ଥାପନା କଲେ । କୃଷ୍ଣଙ୍କର ଯାଦୁକରୀ ନାମ, ତାଙ୍କ ବାଲ୍ୟାବସ୍ଥାର ଖେଳ ଓ ଗୋପାଳ ବାଳକମାନଙ୍କ ସହ ତାଙ୍କ ଲୀଳା ପ୍ରଭୃତି ବିଷୟ ମନେ ପକାଇଦିଏ । କ୍ଷୀର ଲବଣୀ ଚୋରି, ସାଥୀବାଳକମାନଙ୍କ ସଙ୍ଗେ ବଣଭୋଜି ସହ ବଂଶୀବାଦନ ପ୍ରଭୃତିର ସ୍ମୃତି ପ୍ରକୃତରେ ଆତ୍ମାନନ୍ଦଦାୟକ । ନିଜ କୃତକର୍ମର ପ୍ରାୟଶ୍ଚିତ୍ତ କରିବାକୁ ଯାଇ ଗ୍ରାମବାସୀମାନେ ସେ ପଥରଖଣ୍ଡିକୁ ପୂଜା କରି ଲାଗିଲେ । ଅତି ଶୀଘ୍ର ଗ୍ରାମର ସମୃଦ୍ଧି ପରିଲକ୍ଷିତ ହେଲା ଓ ପୁଟ୍ଟପର୍ତ୍ତି ନାମରେ ଖ୍ୟାତି ଲାଭ କଲା । ବିଜୟନଗର ସାମ୍ରାଜ୍ୟର ବିଖ୍ୟାତ ରାଜା ଶ୍ରୀକୃଷ୍ଣ ଦେବରାୟଙ୍କ ଶାସନକାଳରେ ଏହି ଗ୍ରାମର ଯୁବକମାନେ ଅତି ସାହସୀ ଯୋଦ୍ଧା ଭାବେ ଙ୍କ୍ଷା ହୋଇ ରାଜାଙ୍କ ସୈନ୍ୟବାହିନୀରେ ସେବା ପ୍ରଦାନ କରୁଥିଲେ । ଗ୍ରାମରେ ମନ୍ଦିର ନିର୍ମାଣ କରାଗଲା ଏବଂ ବିଧିମୁତାବକ ପୂଜାପ୍ରାର୍ଥନାର ବ୍ୟବସ୍ଥା କରାଗଲା । ପାରମ୍ପରିକ ରୀତିରେ ପୂଜା, ଦୀପଦାନ, ଧୂପ ଓ ନୈବେଦ୍ୟ ଅର୍ପଣର ବ୍ୟବସ୍ଥା କରାଗଲା । ଗ୍ରାମର ସମୃଦ୍ଧି ଅଧିକରୁ ଅଧିକ ବଢ଼ିଲା । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଅବତରଣ ପରେ ସେ ସେହି ଠାକୁରଙ୍କ ଦୈବତ୍ୱକୁ ପ୍ରତିପାଦନ କଲେ । ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଠାକୁରଙ୍କୁ ଅଭିଷେକ କରାଗଲା ଓ ଚନ୍ଦନ ଲେପନ କରାଗଲା । ଭକ୍ତମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ପଥରଖଣ୍ଡିକ ବଂଶୀଧାରୀ କୃଷ୍ଣଙ୍କ ରୂପ ପ୍ରକଟ କରିଥିଲା ।

ପୁଟ୍ଟପର୍ତ୍ତିରେ ''ରତ୍ନାକର ବଂଶ'' ନାମରେ ଗୋଟିଏ ପରିବାର ଅଛନ୍ତି । ମହାନ୍ ସନ୍ଥ ୱେଙ୍କାବଧୂତ ଏହି ବଂଶର ପୂର୍ବଜ । ସତ୍ୟସାଇଙ୍କର ଜେଜେ ବାପା, କୋଣ୍ଡମା ରାଜୁ, ଅତି ଉନ୍ନତ ଆତ୍ମା ଥିଲେ ଓ ସେ ସଦାସର୍ବଦା ଭକ୍ତିମାର୍ଗରେ ଜୀବନ ଯାପନ କରୁଥିଲେ । ସେ ନିଜ ସ୍ମୃତିପଟରୁ ମହାଭାରତ ଓ ରାମାୟଣର କଥାମାନ ଗାନ କରିପାରୁଥିଲେ । ଥରେ ଗୋଟିଏ ସ୍ୱପ୍ନଦ୍ୱାରା ଅନୁପ୍ରେରଣା ଲାଭ କରି ସେ କୃଷ୍ଣପତ୍ନୀ ସତ୍ୟଭାମାଙ୍କ ପାଇଁ ଗୋଟିଏ ମନ୍ଦିର ତୋଳାଇ ଦେଲେ । ବର୍ତ୍ତମାନ ପୁଟ୍ଟପର୍ତ୍ତିରେ ଏହାକୁ ସତ୍ୟାମ୍ମାଙ୍କ ମନ୍ଦିର ବୋଲି କୁହାଯାଇଛି । ଲକ୍ଷାମ୍ମା କୋଣ୍ଡାମା ରାଜୁଙ୍କ ସ୍ତ୍ରୀ । ଏହି ପବିତ୍ର ଦମ୍ପତିଙ୍କର ଦୁଇ ପୁଅ ଥିଲେ । ୱେଙ୍କାବଧୂତଙ୍କ ନାମାନୁସାରେ ବଡ଼ପୁଅର ନାମ ପେଦ୍ଦା ୱେଙ୍କମା ରାଜୁ ଓ ସାନପୁଅର ନାମ ଚିନ୍ନା ୱେଙ୍କମା ରାଜୁ ରଖାଯାଇଥିଲା । ସେ ଦୁଇଭାଇ ତାଙ୍କ ପିତାଙ୍କ ଭଳି ଭକ୍ତିମୂଳକ ଗୀତ ଓ ଶ୍ଲୋକମାନ ଗାଇବାରେ ପ୍ରସିଦ୍ଧ ଥିଲେ ।

ଈଶ୍ୱରାମ୍ମା

କୋଣ୍ଡମା ରାଜୁଙ୍କର କେତେକ ନିକଟ ସମ୍ପର୍କୀୟ, କୁର୍ଣ୍ଣୁଲ ଜିଲ୍ଲାର କୋଲିମିକୁଣ୍ଟଲା ଓ କୋୟଲାକୁଣ୍ଟଲା ତାଲୁକରେ ବସବାସ କରୁଥିଲେ । ସେମାନଙ୍କ ବଂଶ ନାମ ଥିଲା ମିଶ୍ରଗଣ୍ଡ । ସେ ପରିବାରର ସୁବ୍‌ବାରାଜୁ ତାଙ୍କ ଗ୍ରାମରେ ଏକ ଶିବ ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିର ନିର୍ମାଣାଧୀନ ଥିବାବେଳେ ସୁବ୍‌ବାରାଜୁ ଗୋଟିଏ କନ୍ୟା ସନ୍ତାନ ଲାଭ କଲେ । ତାହାର ନାମ ରଖାଗଲା ନାମଗିରି । କୋଣ୍ଡମା ରାଜୁ ତୀର୍ଥାଟନରେ ଯାଇଥିଲେ ଏବଂ ଫେରିବା ସମୟରେ ଏହି ଗ୍ରାମ ବାଟ ଦେଇ ଫେରିଲେୟ । ସେ ଅଞ୍ଚଳରେ ଡକାୟତମାନଙ୍କ ଉତ୍ପାତ ଯୋଗୁଁ ତାଙ୍କ ବନ୍ଧୁବାନ୍ଧବଙ୍କ ଦୁରବସ୍ଥା ଦେଖି ତାଙ୍କ ମନ ଦୁଃଖ ହୋଇଗଲା । ଚିତ୍ରାବତୀ ନଦୀ ତଟବର୍ତ୍ତୀ ପୁଟ୍ଟପର୍ତ୍ତି ଗ୍ରାମର ଠିକ୍ ଅପରପାର୍ଶ୍ୱରେ ଥିବା କର୍ଣ୍ଣାଟନାଗପଲ୍ଲୀ ସେ ସମୟରେ ସ୍ୱର୍ଗ ସଦୃଶ ନିରାପଦ ଅଞ୍ଚଳ ଥିଲା । କୋଣ୍ଡମା ରାଜୁ ନିଜ ବନ୍ଧୁବାନ୍ଧବମାନଙ୍କୁ ସେହି ଗ୍ରାମରେ ବସବାସ କରିବାକୁ ନିମନ୍ତ୍ରଣ କଲେ । ଏଥିପାଇଁ ପ୍ରଲୋଭନ ଦେଖାଇ ପ୍ରତିଶ୍ରୁତି ଦେଇ କହିଲେ ଯେ ସେ ନାମଗିରିକୁ ନିଜ ବୋହୂ କରିବେ । ମିଶ୍ରଗଣ୍ଡ ପରିବାର କାଳବିଳମ୍ବ ନକରି କର୍ଣ୍ଣାଟ ନାଗପଲ୍ଲୀରେ ବସତି ସ୍ଥାପନ କରି କୃଷିକର୍ମ ଆରମ୍ଭ କରିଦେଲେ । ବିଧିର ବିଧାନ ଅନୁସାରେ ସୁବ୍‌ବା ରାଜୁଙ୍କ କନ୍ୟା ସହ ପେଦ୍ଦା ଓ୍ୱେଙ୍କମା ରାଜୁଙ୍କ ଶୁଭବିବାହ ଅନୁଷ୍ଠିତ ହେଲା । ବୋହୂର ପୂର୍ବନାମକୁ ପସନ୍ଦ ନକରି କୋଣ୍ଡମା ରାଜୁ ତାକୁ ପରିବର୍ତ୍ତନ କରି ନୂତନ ନାମ ''ଈଶ୍ୱରାମ୍ମା'' ରଖିଲେ । ଏହାର ଅର୍ଥ ଈଶ୍ୱର ବା ଭଗବାନ ଶିବଙ୍କ ମାତା । ଏ ନାମଟି କେବଳ ଉପଯୁକ୍ତ ଥିଲା ତାହା ନୁହେଁ, ତାହା ଏକ ଭବିଷ୍ୟବାଣୀ ଭାବେ ପ୍ରମାଣିତ ହେଲା । ଏହି ଭକ୍ତିପୂର୍ଣ୍ଣ ଦମ୍ପତିଙ୍କ ପ୍ରଥମ ପୁତ୍ର ଶେଷମା ରାଜୁ ଏବଂ ଓ୍ୱେଙ୍କାମ୍ମା ଓ ପାର୍ବତ୍ୟାମ୍ମା ନାମ୍ନୀ ଦୁଇଟି କନ୍ୟା ଜାତ ହେଲା ପରେ ଚାରିଥର ଈଶ୍ୱରାମ୍ମାଙ୍କର ଗର୍ଭ ନଷ୍ଟ ହୋଇଗଲା । ଏଥିରେ ଲକ୍ଷାମ୍ମାଙ୍କ ବେଦନା ଦେଖେ କିଏ ? ସେ ସଦାସର୍ବଦା ପୂଜା ପ୍ରାର୍ଥନାରେ ସମୟ ବିତାଉଥିଲେ ତାଙ୍କ ପରିବାରକୁ ଆଉ ଗୋଟିଏ ସନ୍ତାନ ଆସିବା ଆଶାରେ ।

ସ୍ୱାମୀଙ୍କ ଅବତରଣ

ଦିବ୍ୟ ସଙ୍କଳ୍ପ ପୂରଣ ହେବାର ମୁହୂର୍ତ୍ତ ଆସି ଉପସ୍ଥିତ ହୋଇଗଲା, ଅସଂଖ୍ୟ ଋଷିମୁନି, ସାଧୁସନ୍ଥ ଓ ସନ୍ନ୍ୟାସୀମାନେ ଭଗବାନ ଆବିର୍ଭାବ ହେବା ପାଇଁ କରୁଥିବା ପ୍ରାର୍ଥନା ଫଳବତୀ ହେବାକୁ ବସିଲା । ଦୁର୍ଗତ ଓ ଦୁର୍ଦ୍ଦଶାରେ ନିପତିତ ମାନବ ସମାଜର

ଅନ୍ତର୍ଦାହ ଦୟାମୟ ପରଂବ୍ରହ୍ମଙ୍କୁ ବିଗଳିତ କଲା । ଈଶ୍ୱରାମ୍ମା ପୁନର୍ବାର ୮ମ ଥରପାଇଁ ଗର୍ଭବତୀ ହେଲେ । ଏହା ଗୂଢ଼ ତାତ୍ପର୍ଯ୍ୟପୂର୍ଣ୍ଣ, କାରଣ ଭଗବାନ ଶ୍ରୀକୃଷ୍ଣ ମାତା ଦେବକୀଙ୍କ ଅଷ୍ଟମ ଗର୍ଭସମ୍ଭୂତ । ବୋଧାତୀତ, ଜ୍ଞାନାତୀତ, ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ନିଜକୁ ପ୍ରକଟ କରିବାକୁ ବସିଛନ୍ତି । ଗୃହରେ ଥିବା ମୃଦଙ୍ଗ ଓ ତାନପୁରା ପ୍ରଭୃତି ନିଜେ ନିଜେ ସଙ୍ଗୀତ ମୂର୍ଚ୍ଛନା ଶୁଣାଇବାରେ ଲାଗିଲେ । ଏ ପ୍ରକାର ଅସ୍ୱାଭାବିକ ଘଟଣାରେ ଲୋକମାନେ ଆଚମ୍ବିତ ହେବା ସଙ୍ଗେ ସଙ୍ଗେ ଆନନ୍ଦିତ ମଧ୍ୟ ହେଲେ, କିନ୍ତୁ ସେମାନଙ୍କ ମନରେ ଭ୍ରାନ୍ତି ଓ ଦ୍ୱନ୍ଦ୍ୱ ମଧ୍ୟ ସ୍ଥାନ ପାଇଲା । ପେଦା ଓ୍ୱେଙ୍କମା ରାଜୁ ବୁକ୍କାପଟ୍ଟଣମ୍ ସହରରେ ଥିବା ଜ୍ୟୋତିଷମାନଙ୍କ ସହ ପରାମର୍ଶ କରିବାକୁ ଗଲେ । ଜ୍ୟୋତିଷମାନେ ପ୍ରାଚୀନ ଶାସ୍ତ୍ର ପ୍ରଭୃତି ପଢ଼ି ପଚାରିଲେ, ଘରେ କୌଣସି ମହିଳା ଗର୍ଭଧାରଣ କରିଛନ୍ତି କି ? ପ୍ରଶ୍ନର ଅସ୍ତିବାଚକ ଉତ୍ତର ଶୁଣି ଜ୍ୟୋତିଷ କହିଲେ, ‘‘ଗର୍ଭସ୍ଥ ସନ୍ତାନର ମନୋରଞ୍ଜନ ପାଇଁ ଦେବଲୋକରୁ ସଙ୍ଗୀତଜ୍ଞମାନେ ବାଦ୍ୟ ବଜାଉଛନ୍ତି । ଭଗବାନ ଯେତେବେଳେ ଅବତରଣ କରିବାକୁ ବସନ୍ତି ଏଭଳି ଦିବ୍ୟାଶ୍ଚର୍ଯ୍ୟ ଘଟଣାମାନ ଘଟେ ।’’ ସେମାନେ ତାଙ୍କ ମତାମତ ସପକ୍ଷରେ ଶାସ୍ତ୍ରୋକ୍ତ ପ୍ରବନ୍ଧମାନ ପେଦା ଓ୍ୱେଙ୍କମା ରାଜୁଙ୍କୁ ଦେଖାଇଲେ ।

୧୯୨୬ ନଭେମ୍ବର ୨୩ ତାରିଖ, ହିନ୍ଦୁ ପଞ୍ଜିକା ଅନୁସାରେ ଦିନଟି ଥିଲା ସୋମବାର, ପୂର୍ଣ୍ଣମୀପର ତୃତୀୟା, କାର୍ତ୍ତିକ ମାସ, ଅକ୍ଷୟ ସମ୍ବତ୍ସର ଓ ଆର୍ଦ୍ରା ନକ୍ଷତ୍ର । ହିନ୍ଦୁମାନେ କାର୍ତ୍ତିକ ମାସ ସୋମବାରଗୁଡ଼ିକୁ ଶିବଙ୍କ ପ୍ରିୟ ଦିନ ଭାବନ୍ତି ଓ ସେଥିପାଇଁ ସ୍ୱତନ୍ତ୍ର ପୂଜା-ଆରାଧନା କରନ୍ତି । ସେଦିନ ଭୋର ୪ ଘଟିକା ବେଳୁ ଲକ୍ଷାମ୍ମା ତାଙ୍କ ପଡ଼ୋଶୀ ପୁରୋହିତଙ୍କ ଘରେ ଅନୁଷ୍ଠିତ ହେଉଥିବା ଶ୍ରୀ ସତ୍ୟନାରାୟଣ ବ୍ରତ ପୂଜାରେ ଯୋଗ ଦେଇ ପୂରାପୂରି ହଜି ଯାଇଥିଲେ । ବୋହୂର ପ୍ରସବ ସମୟ ଉପସ୍ଥିତ ହୋଇଯାଇଥିବାରୁ ତାଙ୍କୁ ବାରମ୍ବାର ଖବର ଦିଆଯାଉଥିଲା । ସେ କିନ୍ତୁ ପୂଜାସ୍ଥଳ ଛାଡ଼ି, ପୂଜାକୁ ଅସମ୍ପୂର୍ଣ୍ଣ ରଖି, ପ୍ରସାଦ ଗ୍ରହଣ ନକରି ଫେରିବାକୁ ଚାହୁଁ ନଥିଲେ । ପୂଜା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସେ ବସି ରହିଲେ ଏବଂ ପ୍ରସାଦ ଧରି ଘରକୁ ଫେରିଲେ ଏବଂ ବୋହୂ ପାଟିରେ ପ୍ରସାଦ ଖୁଆଇଦେଲେ । ଭୋର ସମୟ, ପ୍ରାତଃ ୫ ଘଣ୍ଟା ୬ ମିନିଟ୍ ହୋଇଥାଏ, ଶୀତଳ ସମୀରଣ ତା’ର ମୃଦୁମନ୍ଦ ସ୍ପର୍ଶ ଦେଇ ବହିଯାଉଥାଏ ଏବଂ ଧ୍ୱଜାସ୍ତମ୍ଭରେ ଲାଗି ଥିବା କ୍ଷୁଦ୍ର ଘଣ୍ଟିମାନ ମଧୁର ସଙ୍ଗୀତର ସ୍ୱର ଶୁଣାଉଥା’ନ୍ତି । ଗୃହାଙ୍ଗନ ମଧ୍ୟ ଗୃହସ୍ଥ ବାଦ୍ୟଯନ୍ତ୍ରର ସ୍ୱତଃସ୍ଫୂର୍ତ୍ତ ସୁଶ୍ରାବ୍ୟ କୋମଳ ଧ୍ୱନିରେ ପ୍ରତିଧ୍ୱନିତ ହେଉଥାଏ । ଏପ୍ରକାର ଶୁଭ ଓ ଶୋଭନ ମୁହୂର୍ତ୍ତରେ ସତ୍ୟସାଇ ଅବତାର ଆବିର୍ଭୂତ ହୋଇଥିଲେ । ତାଙ୍କ ବାମ ଗାଲରେ ଗୋଟିଏ କଳାଜାଇ ଥାଏ । ବକ୍ଷରେ ମଧ୍ୟ ଆଉ ଗୋଟିଏ କଳାଜାଇ ଥାଏ,

ଠିକ୍ ଶ୍ରୀବିଷ୍ଣୁଙ୍କ ବକ୍ଷରେ ଶ୍ରୀବତ୍ସାଙ୍କ ଶୋଭା ପାଇଲା ପରି । ତାଙ୍କ ପାଦତଳେ ଶଙ୍ଖ ଓ ଚକ୍ର ଚିହ୍ନ ପରିଲକ୍ଷିତ ହୁଏ, ତାହା ଦୈବତ୍ୱର ପରିଚାୟକ ।

ସେଠାକାର ପରମ୍ପରା ଅନୁଯାୟୀ ଲକ୍ଷାମ୍ମା ନବଜାତ ଶିଶୁଟିକୁ ଏନ୍ତୁଡ଼ିଶାଳର ଗୋଟିଏ କୋଣରେ ତାଳପତ୍ର ଉପରେ ସଯତ୍ନରେ ଶୁଆଇଦେଲେ । କିଛି କ୍ଷଣ ପରେ ସେ ଶିଶୁର ବିଛଣା ତଳେ କିଛି ଗୋଟିଏ ହଲଚଲ ହେଉଥିବା ଲକ୍ଷ୍ୟ କଲେ । ଶିଶୁଟିକୁ ଉଠାଇ ଆଣି ଦେଖିଲେ ଶଯ୍ୟା ତଳେ ଗୁଡ଼ାଇ ହୋଇ ରହିଛି ଗୋଟିଏ ନାଗ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନଥିଲା, କାରଣ ପୁଟ୍ଟପର୍ତ୍ତିରେ ସର୍ବତ୍ର ସାପ ବିଚରଣ କରୁଥିଲେ । ତାହା ସଙ୍ଗେ ସଙ୍ଗେ ଭାବିବାକୁ ହେଉଛି ଯେ ଏନ୍ତୁଡ଼ିଘରେ ନବଜାତ ଶିଶୁପାଇଁ ଉଦ୍ଦିଷ୍ଟ ଶେଯ ତଳେ ନାଗ ନିଜକୁ ବୃତ୍ତାକାରରେ ସଜାଇ ରଖିବା ଏକ ଅସ୍ୱାଭାବିକ କଥା । ସାପ ଯୋଗୁଁ ସୃଷ୍ଟି ହୋଇଥିବା ଦୁଶ୍ଚିନ୍ତା ଓ ଅସ୍ଥିରତା ଦୂର ହେଲା ପରେ ସାପଟିକୁ ଖୋଜାଗଲା, କିନ୍ତୁ ସେ ଆଉ ଦେଖିବାକୁ ମିଳି ନଥିଲା । ଏଥିରେ ଆଉ ସନ୍ଦେହର ଅବକାଶ ନାହିଁ ଯେ ସେ ସାପଟି ଥିଲା ବୈକୁଣ୍ଠରେ ଶ୍ରୀମହାବିଷ୍ଣୁଙ୍କୁ ଶଯ୍ୟା ସେବା ପ୍ରଦାନ କରୁଥିବା ଆଦିଶେଷ । ଏହା ଥିଲା ଶ୍ରୀ ସତ୍ୟସାଇଙ୍କ ଦୈବତ୍ୱର ପ୍ରଥମ ନିଦର୍ଶନ ।

ଶ୍ରୀସତ୍ୟନାରାୟଣ ସ୍ୱାମୀଙ୍କ ପ୍ରସାଦ ପାଇବାକ୍ଷଣି ଶିଶୁଟି ଭୂମିଷ୍ଠ ହୋଇଥିବାରୁ ତାହାର ନାମ ରଖାଗଲା ସତ୍ୟନାରାୟଣ । ବୃଦ୍ଧ କୋଣ୍ଡମା ରାଜୁ ଏହି ନାମ ଶୁଣି ଅତିଶୟ ଆନନ୍ଦିତ ହେଲେ । ଶ୍ରୀମହାଭାଗବତ କଥା ତାଙ୍କର ସ୍ମୃତି ପଟକୁ ଆସିଗଲା, ଶ୍ରୀ ନାରାୟଣ ଯେତେବେଳେ ମାନବ ରୂପ ଧରି ଶ୍ରୀକୃଷ୍ଣ ରୂପେ ଜନ୍ମ ହୋଇଥିଲେ, ଭଗବାନ ବ୍ରହ୍ମା ନିଜକୁ ତାଙ୍କ ସମକ୍ଷରେ ଉପସ୍ଥିତ କରାଇ ଏହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ :-

ସତ୍ୟବ୍ରତଂ ସତ୍ୟପରଂ ତ୍ରିସତ୍ୟମ୍
ସତ୍ୟସ୍ୟ ଯୋନିଂ ନିହିତଂ ଚ ସତ୍ୟେ,
ସତ୍ୟସ୍ୟ ସତ୍ୟଂ ଋତ ସତ୍ୟନେତ୍ରମ୍,
ସତ୍ୟାତ୍ମକଂ ତ୍ୱଂ ଶରଣଂ ପ୍ରପନ୍ନାଃ ।

(ହେ ପ୍ରଭୁ, ତୁମେ ହିଁ ସତ୍ୟମୂର୍ତ୍ତି, ତୁମେ ପ୍ରକୃତରେ ସତ୍ୟ, ତୁମେ ହିଁ ଶାଶ୍ୱତ ସତ୍ୟ, ତୁମ ପାଖରେ ପହଞ୍ଚିବା ପାଇଁ ସତ୍ୟ ହିଁ ପଥ, ହେ ସତ୍ୟପୁରୁଷ, ମୁଁ ତୁମର ଶରଣାପନ୍ନ ।)

ଶିଶୁଟିକୁ ଦିଆଯାଇଥିବା ନାମକୁ ଦେଖିଲେ ଜଣାଯିବ ଯେ ସେ ହିଁ ପ୍ରକୃତରେ ଭଗବାନ ଶ୍ରୀ ସତ୍ୟନାରାୟଣ ଏବଂ ସତ୍ୟର ସାକାର ପ୍ରତିମା । "ସତ୍ୟ" ଶବ୍ଦର ଅନ୍ତର୍ନିହିତ, ଗଭୀର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ସ୍ୱାମୀଙ୍କ ଜୀବନରେ ସଠିକ୍ ଭାବେ ପ୍ରକାଶ ଲାଭ କରିଛି ।

ଶ୍ରୁତିମାତା (ବେଦମାତା)ଙ୍କ କର୍ଣ୍ଣାଳଙ୍କାର ଭାବେ ଋତ ଓ ସତ୍ୟକୁ ଗ୍ରହଣ କରାଯାଇଛି । ଏହାର ଅର୍ଥ ଓ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଉପରେ ଗଭୀର ଅନୁଧ୍ୟାନ କଲେ ସେଥିରୁ ନୂତନ ସୌନ୍ଦର୍ଯ୍ୟ ପରିପ୍ରକାଶ ହେବା ଜଣାଯିବ । ସତ୍ୟ (ଶାଶ୍ୱତ, ଚିରନ୍ତନ) ଓ ନିତ୍ୟ (ଆରମ୍ଭ ବା ଶେଷ ନଥିବା) ତ ପ୍ରକୃତ ପକ୍ଷେ ଧ୍ୟେୟ ।

ପ୍ରସବ ନୁହେଁ, ପ୍ରବେଶ

ଶ୍ରୀମହାଭାଗବତରେ ଉଲ୍ଲେଖ ଅଛି ଯେ ଭଗବାନ ନାରାୟଣ ଭୂପୃଷ୍ଠରେ ଅବତରିବାକୁ ଇଚ୍ଛା କଲେ ଏବଂ ଦେବକୀଙ୍କ ଗର୍ଭରେ ପ୍ରବେଶ କରିଗଲେ । ଭଗବାନ ସତ୍ୟସାଇ ନିଜକୁ ଦ୍ୱାପର ଯୁଗର କୃଷ୍ଣ ବୋଲି କହନ୍ତି । ଏହା ଶୁଣି ସଙ୍ଗୁଭାଟ୍‌ଲା ରାମଶର୍ମା ନାମକ ଜଣେ ବିଶିଷ୍ଟ ପଣ୍ଡିତଙ୍କ ମନରେ ସନ୍ଦେହ ଉପୁଜିଲା, ସେ ଭେଙ୍କଟଗିରି ରାଜାଙ୍କର ଆସ୍ଥାନ ପଣ୍ଡିତ ଥିଲେ ଏବଂ ଶାସ୍ତ୍ର ଓ ପୁରାଣ ଜ୍ଞାନରେ ପ୍ରବୀଣ ଥିଲେ । ଦିନେ ସେ ସତ୍ୟସାଇଙ୍କ ସହିତ ମନ୍ଦିରରେ ବିଭିନ୍ନ ଆଧ୍ୟାତ୍ମିକ ବିଷୟ ଆଲୋଚନା କରୁଥିଲେ । ସେ ସ୍ୱାମୀଙ୍କୁ ପଚାରିଲେ, ''ସ୍ୱାମୀ, ଆପଣଙ୍କ ଜନ୍ମ ପ୍ରସବ ନା ପ୍ରବେଶ ଫଳରେ ସମ୍ଭବ ହୋଇଛି ?'' ସେଠାରେ ଉପସ୍ଥିତ ଥିବା ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇଗଲେ । ଏ କି ଅବାନ୍ତର କଥା, ଏଠାରେ ଏହାର ପ୍ରାସଙ୍ଗିକତା କ'ଣ ? ପ୍ରତ୍ୟେକଙ୍କ ମନ ଭିତରେ ଏ ପ୍ରଶ୍ନ ସୃଷ୍ଟି ହେଲା । କିନ୍ତୁ ଏ ପ୍ରଶ୍ନର ଅନ୍ତର୍ନିହିତ ଅର୍ଥ ଓ ସୁଗଭୀର ରହସ୍ୟ ସ୍ୱାମୀଙ୍କୁ ନିଶ୍ଚିତ ଭାବେ ଜଣାଥିଲା । ସେ ପ୍ରଥମ ଧାଡ଼ିରେ ବସିଥିବା ମାତା ଈଶ୍ୱରାମ୍ମାଙ୍କ ଆଡ଼କୁ ବୁଲିପଡ଼ି କହିଲେ, ''ସେଦିନ କୂଅରୁ ପାଣି କାଢ଼ିଲାବେଳେ ଯାହା ଘଟିଲା, ରାମଶର୍ମାଙ୍କୁ କହ ।''

ଈଶ୍ୱରାମ୍ମା ତାଙ୍କ ଅନୁଭୂତି ବର୍ଣ୍ଣନା କଲେ, ''ମୁଁ କୂଅରୁ ପାଣି କାଢୁଥିଲି, ହଠାତ୍ ଦେଖିଲି ଗୋଟିଏ ନୀଳ ଉଜ୍ଜ୍ୱଳ ଗୋଲାକାର ପେଣ୍ଡୁ ଆକାଶରୁ ତଳକୁ ଗଡ଼ିଆସୁଛି । ସେଇଟି ଆସି ମୋ ଦେହରେ ପଶିଗଲା, ମୁଁ ଚେତା ହରାଇ ପଡ଼ିଗଲି । ମୋ ଶାଶୁଙ୍କ ସେବା ଯତ୍ନ ଫଳରେ ମୁଁ ଯେତେବେଳେ ସଚେତ ହେଲି, ଯାହା ଯାହା ଘଟିଥିଲା ତାଙ୍କୁ କହିଲି । ସେ ମୋତେ କହିଲେ, ''ଏ ବିଷୟରେ କାହାରିକୁ କିଛି କହିବୁ ନାହିଁ, ଲୋକମାନେ କିଏ କେତେ ପ୍ରକାର ଅବାଞ୍ଛିତ କଥା କହିବେ ଓ ପୂର୍ବରୁ ଘଟିଥିବା ଘଟଣାଗୁଡ଼ିକର ଅମୂଳକ ଉଦାହରଣମାନ ବାଢ଼ିବସିବେ ।''

ଭଗବାନ ଶ୍ରୀସତ୍ୟସାଇ ବର୍ତ୍ତମାନ ରାମଶର୍ମାଙ୍କ ଆଡ଼କୁ ମୁହଁ କରି କହିଲେ, ''ରାମଶର୍ମା ଏବେ ବୁଝିଲ, ମୋ ଜନ୍ମ ପ୍ରସବଜନିତ ନୁହେଁ, ପ୍ରବେଶଜନିତ ।''

କୋଣ୍ଡମା ରାଜୁ ଏହି ଅସାଧାରଣ ବାଳକଟିକୁ ନେଇ ନିଜ ପୂଜାକକ୍ଷରେ ବସାନ୍ତି ଓ ପୂଜା କର୍ମରେ ଲାଗନ୍ତି । ସେ କହନ୍ତି, ବାଳକଟିର ଉପସ୍ଥିତି ତାଙ୍କ ମନରେ

ସ୍ଥିରତା ଆଣି ଦେଉଚି ଏବଂ ଏକାଗ୍ର ଭାବେ ଧ୍ୟାନ କରିବା ପାଇଁ ତାଙ୍କୁ କଷ୍ଟ କରିବାକୁ ପଡୁନାହିଁ । କାହିଁକି ହୋଇ ନଥିବ ? ଏହା ତ ପରିଷ୍କାର କଥା ଯେ ଯିଏ ଭଗବାନଙ୍କୁ ନିଜ ହୃଦୟ ସିଂହାସନରେ ଅବସ୍ଥାପିତ କରିବ ସେ ଭାବାତୀତ ଶାନ୍ତି ପ୍ରାପ୍ତ ହେବ, ଏହା ପ୍ରତ୍ୟେକ ଭକ୍ତର ବ୍ୟକ୍ତିଗତ ଅନୁଭୂତିରୁ ସୁସ୍ପଷ୍ଟ ।

ଶିଶୁଟିର ରୂପ ଅତି ମନୋରମ ହୋଇଥାଏ । ପାଖ ପଡ଼ୋଶୀ ସ୍ତ୍ରୀଲୋକମାନେ ତା' ସହିତ ଖେଳି, ତାକୁ ସଜାଇ, କାଖେଇ ଘଣ୍ଟା ଘଣ୍ଟା ସମୟ ବିତାଇ ଦେଉଥାନ୍ତି । ସେମାନେ କି ଜାତିର, କେଉଁ ବର୍ଗର ବା ଧର୍ମର ଜାଣିବା ପାଇଁ ଈଶ୍ୱରାମ୍ମାଙ୍କର ବେଳ ନଥାଏ । କେଉଁଥିରେ ତାଙ୍କର କିଛି ଆପତ୍ତି ନଥାଏ । ଶିଶୁଟି ଧୀରେ ଧୀରେ ବଡ଼ମାନଙ୍କୁ ଭଲ ପାଇ ଲାଗିଲା । ମା' କୋଳରୁ ଡେଇଁ ଅନ୍ୟମାନଙ୍କ ଆଡ଼କୁ ଧାଏଁ । ଅନ୍ୟମାନଙ୍କ ସଙ୍ଗତରେ ଥିଲେ ଭଲ, ନଚେତ୍ ଅସ୍ଥିର । ଭଗବାନ ସତ୍ୟସାଇ ଥରେ କହିଲେ, ତାଙ୍କୁ ହୃଦୟ ଦେଇ ଭଲ ପାଉଥିବା ଲୋକଙ୍କ ପାଖକୁ ସେ ନିଶ୍ଚିତଭାବେ ଯିବେ । ତାଙ୍କ ବାଲ୍ୟାବସ୍ଥାର ଖେଳ ଓ କୌତୁକ କଥା ମନେ ପକାଇଲେ ଆମେ ଜାଣିପାରିବା ଯେ ସେ ବଡ଼ ହେଲା ପରେ ଯାହା ଭାଷାରେ ପ୍ରକାଶ କଲେ, ସେ ସବୁକୁ ସେ ପିଲାବେଲୁ କାମରେ କରୁଥିଲେ ।

କୋଣ୍ଡମା ରାଜୁଙ୍କ ଘରକୁ ଲାଗି ଗ୍ରାମ କରଣମ୍ (ଗ୍ରାମ୍ୟ ରାଜସ୍ୱ କର୍ମଚାରୀ)ଙ୍କ ଘର । ସୁବ୍‌ବାମ୍ମା ସେ ଘରର ଗୃହକର୍ତ୍ତ୍ରୀ । ସେ ଯେତେବେଳେ ଶିଶୁଟିକୁ ତାଙ୍କ କୋଳକୁ ନିଅନ୍ତି ଶିଶୁର ମୁଖ ଉଜ୍ଜ୍ୱଳ ହୋଇଉଠେ; ସେ ଖିଲ୍ ଖିଲ୍ ହସ ହସେ ଏବଂ ସୁବ୍‌ବାମ୍ମାଙ୍କ ଆନନ୍ଦର ସୀମା ରହେ ନାହିଁ । ସେ ନିଃସନ୍ତାନ ଥିଲେ । ସେ ଅନେକ ସମୟରେ ଶିଶୁଟିକୁ ନିଜ ଘରକୁ ଗର୍ବର ସହ ନେଇ ଯାଉଥିଲେ ସତେ ଯେମିତି ସବୁଠାରୁ ଅଧିକ ମୂଲ୍ୟବାନ ସମ୍ପତ୍ତିକୁ ସେ ଘରକୁ ଘେନି ଆସିଛନ୍ତି । ସେ ଶିଶୁଟିକୁ ମାତୃସୁଲଭ ସ୍ନେହ ପ୍ରଦାନ କରୁଥିଲେ । ସୁବ୍‌ବାମ୍ମା ବ୍ରାହ୍ମଣ ଥିଲେ ଓ ନିରାମିଷ ଆହାର ଭକ୍ଷଣ କରୁଥିଲେ । ଲୋକମାନେ ମଧ୍ୟ ଲକ୍ଷ୍ୟ କଲେ ଯେ ଜେଜେବାପା କୋଣ୍ଡମା ରାଜୁଙ୍କ ଭଳି ସତ୍ୟ ମଧ୍ୟ ନିରାମିଷ ପ୍ରେମୀ ଓ ସେଥିପାଇଁ ସୁବ୍‌ବାମ୍ମାଙ୍କ ଘରେ ଅଧିକ ସମୟ କଟାଉଛି । ପ୍ରକୃତରେ ସୁବ୍‌ବାମ୍ମାଙ୍କ ଘରେ ସେ ଯେତେ ଖୁସି ରହୁଥିଲେ ନିଜ ଘରେ ସେତେ ଖୁସି ପାଉ ନଥିଲ । କୋଣ୍ଡମା ରାଜୁଙ୍କ କେତେକ ବନ୍ଧୁ ମନ୍ତବ୍ୟ ଦେଲେ, ଈଶ୍ୱରାମ୍ମା ଯଦି ଦେବକୀ ତେବେ ସୁବ୍‌ବାମ୍ମା ଯଶୋଦା ।

ସତ୍ୟଠାରେ ଆଉ ଗୋଟିଏ ବିଚିତ୍ର ସ୍ୱଭାବ ଦେଖାଦେଲା, କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ବା ନିର୍ଦ୍ଦିଷ୍ଟ ପୋଷାକ ପାଇଁ ତା'ର କୌଣସି ଆଗ୍ରହ ନଥାଏ । ଘରର ଅନ୍ୟ

ପିଲାଙ୍କ ପାଇଁ ଲୁଗାପଟା ହିନ୍ଦୁପୁର ବା ଅନନ୍ତପୁର ସହରରୁ ଅଣାଯାଏ । ପିଲାମାନେ ଏ ଲୁଗା ଚାରିପଟେ ବେଢ଼ିଯାନ୍ତି ଓ ଯାହାର ଯାହା ପସନ୍ଦ ତାକୁ ଝାମ୍ପି ନିଅନ୍ତି । ସତ୍ୟର କିନ୍ତୁ ଭିନ୍ନ ନୀତି । ଶେଷକୁ ଯାହା ବଳିପଡ଼େ ସେଥିରେ ସେ ଅତିଖୁସି । ନିଜର କିଛି ଗୋଟାଏ ପସନ୍ଦ ଅଛି ବୋଲି ସେ ଜଣାଇଦେଉ ନଥାଏ । ଅପରପକ୍ଷରେ ଅନ୍ୟ ପିଲାମାନଙ୍କୁ ଖୁସିଥିବାର ଦେଖିଲେ ତାର ମୁହଁ ଶାନ୍ତି ଓ ସନ୍ତୋଷରେ ଝଲସିଉଠେ । ସ୍ୱାମୀ ବାରମ୍ବାର କହନ୍ତି, ''ତୁମ ଆନନ୍ଦ ହିଁ ମୋ ଆହାର ।'' ସେ ଶିଶୁ ଥିଲା ବେଳେ ମଧ୍ୟ ଏ ଉକ୍ତି ସତ୍ୟ ଥିଲା ।

କୌଣସି ଜୀବଜନ୍ତୁ କଷ୍ଟ ପାଉଥିବା ଦେଖିଲେ ତାଙ୍କ ମନ ଦୟା, ସମବେଦନା, ପ୍ରେମ ଓ କରୁଣାରେ ଭରିଯାଉଥିଲା । ଗାଁ ପିଲାମାନେ ଦିନେ ଡଜନେ ଖଣ୍ଡେ ବେଙ୍ଗ ଗୋଟିଏ ଟୋକେଇରେ ଭର୍ତ୍ତି କରି ନେଉଥିଲେ । ସେମାନେ ମନେ ମନେ ଭାବିଥିଲେ ବେଙ୍ଗମାନଙ୍କୁ ହଇରାଣ କରିବେ ଓ ସେମାନେ କଷ୍ଟ ପାଉଥିଲା ବେଳେ ମଜା ଦେଖିବେ । ବେଙ୍ଗଗୁଡ଼ିକୁ ଛାଡ଼ି ଦେବାକୁ ସତ୍ୟ ସେ ପିଲାମାନଙ୍କୁ କହିଲା, କିନ୍ତୁ ପିଲାମାନେ ରାଜି ହେଲେ ନାହିଁ । ହଠାତ୍ ସତ୍ୟ ତା' ଦିବ୍ୟ ସଙ୍କଳ୍ପ ବଳରେ ବେଙ୍ଗଗୁଡ଼ିକୁ ପାରାରେ ପରିଣତ କରିଦେଲା ଏବଂ ପିଲାଙ୍କୁ କହିଲା, ତୁମ ଟୋକେଇ ଭିତରେ ବେଙ୍ଗ ନାହାନ୍ତି । ପିଲାମାନେ ଏହାକୁ ବିଶ୍ୱାସ ନ କରି ଟୋକେଇର ଘୋଡ଼ଣି ଖୋଲି ଦେଖିବାକୁ ବସନ୍ତେ ପାରାଗୁଡ଼ିକ ସବୁ ଆକାଶକୁ ଉଡ଼ିଗଲେ ।

ଏ ଘଟଣାରେ ଗୋଟିଏ ଆଧ୍ୟାତ୍ମିକ ଅର୍ଥ ଥିବାର ଆମେ ଜାଣିପାରିବା, ସେଦିନଠାରୁ ଆଜି ପର୍ଯ୍ୟନ୍ତ ଭଗବାନ ସାଧାରଣ ବ୍ୟକ୍ତିମାନଙ୍କୁ ରୂପାନ୍ତରଣ କରିଆସୁଛନ୍ତି । ଯେଉଁମାନେ ବେଙ୍ଗମାନଙ୍କ ପରି ଅଜ୍ଞାନ ଯନ୍ତାରେ ପଡ଼ିଛନ୍ତି ସେ ସେମାନଙ୍କୁ ସବଳ ଓ ସୁଖୀ କରି ଆଧ୍ୟାତ୍ମିକ ମହାକାଶରେ ମୁକ୍ତ ବିହଙ୍ଗ ଭଳି ଉଡ଼ିବୁଲିବାକୁ ସାମର୍ଥ୍ୟ ଯୋଗାଇ ଦେଉଛନ୍ତି ।

ଛୋଟପିଲା ଅବସ୍ଥାରୁ ସତ୍ୟ ପ୍ରାକୃତିକ ଶୋଭାକୁ ଖୁବ୍ ଭଲ ପାଏ । ପ୍ରକୃତିକୁ ଅନୁଧ୍ୟାନ ଓ ନିରୀକ୍ଷଣ କରିବାରେ ସେ ବହୁତ ସମୟ ବିତାଉଥାଏ । ପାହାଡ଼, ପର୍ବତ, ଆକାଶ ଓ ନକ୍ଷତ୍ର ଆଡ଼କୁ ନିର୍ବାକ୍ ହୋଇ ଚାହିଁରହି ସେ ଭାରି ଖୁସି ହୁଏ । ଏହି ସମୟରେ ସେ ନିଜ ବାଲ୍ୟବୟସ ତୁଳନାରେ ଅଧିକ ଗମ୍ଭୀର ଓ ଶାନ୍ତ ଦେଖାଯାଏ । ପୁଟପର୍ତ୍ତି ଗ୍ରାମର ଯେଉଁ ମହିଳାମାନେ ତାକୁ ନିଜ ଚିନ୍ତା ରାଜ୍ୟରେ ଏଭଳି ମଗ୍ନ ହୋଇଯିବାର ଦେଖୁଥିଲେ, ତାକୁ ''ବ୍ରହ୍ମଜ୍ଞାନୀ'' ନାଁରେ ସମ୍ବୋଧନ କରିବା ଆରମ୍ଭ କରିଦେଲେ । ସେତେବେଳେ ସେମାନେ ଲଘୁ ମନ୍ତବ୍ୟ ଦେବାକୁ ଯାଇ ଏହା କହିଥାଇ ପାରନ୍ତି ।

ଯେଉଁ ବାଳକକୁ ମଜା-କୌତୁକରେ ଏ କଥା କହୁଥିଲେ ସେ ଯେ ପ୍ରକୃତରେ ବ୍ରହ୍ମଜ୍ଞାନୀ ତାହା ସେମାନେ ସେତେବେଳେ ଭାବିପାରି ନ ଥିବେ ।

ଦିବ୍ୟ ସ୍ପର୍ଶ

ଈଶ୍ୱରାମ୍ମା ଓ କରଣମ୍ ସୁବ୍‌ବାମ୍ମା ଗୋଧୂଳି ସମୟରେ ନିଜଘରର ଦାଣ୍ଡ ବାରଣ୍ଡାରେ ସମ୍ମୁଖସ୍ଥ ରାସ୍ତାକୁ ଚାହିଁ ବସି କଥାବାର୍ତ୍ତାରେ କିଛି ସମୟ ବିତାନ୍ତି । ତାଙ୍କ ସାମନା ରାସ୍ତାରେ ସତ୍ୟ ନିଜ ଆଖିରେ ପଟି ବାନ୍ଧି ସାଙ୍ଗମାନଙ୍କ ସହ ଅନ୍ଧପୁଚୁଳି ଖେଳ ଖେଳୁଥାଏ । ଗାଈଗୋରୁ ନିଜ ନିଜ ଘରକୁ ଫେରୁଥାନ୍ତି । ବେଳେବେଳେ ଅରଣା ଅମଣିଆ ଗାଈଗୋରୁ ରାସ୍ତାରେ ଯାଉଥିବା ଲୋକଙ୍କୁ ଶିଙ୍ଗ ହଲାଇ ଗୋଡ଼ାନ୍ତି । ଈଶ୍ୱରାମ୍ମା ପ୍ରିୟ ସନ୍ତାନର ନିରାପତ୍ତା ଘେନି ଉଦ୍‌ବିଗ୍ନ ରହିବା ସ୍ୱାଭାବିକ । କିନ୍ତୁ ସୁବ୍‌ବାମ୍ମା ସବୁବେଳେ ତାଙ୍କୁ ସାହସ ଦେଇ ବୁଝାନ୍ତି, ''ଧୀରସ୍ଥିର ହୋଇ ଦେଖ, ତାହାର କିଛି ଅଘଟଣ ଘଟିବ ନାହିଁ ।'' ଆଖିରେ ପଟି ବାନ୍ଧିଥିବା ସତ୍ୟ ଗୋଟିଏ ଗୋଟିଏ ଅମାନିଆ ପଶୁକୁ ଧରିପକାଏ । ତା'ର ସ୍ପର୍ଶ ପାଇ ସେ ପଶୁଗୁଡ଼ିକ ମଧ୍ୟ ବଶ ମାନିଯାଆନ୍ତି, ମୁଣ୍ଡ ତଳକୁ କରି କୌଣସି କ୍ଷତି ନକରି ଚାଲିଯାଆନ୍ତି । ଏ ଘଟଣା ଯିଏ ଦେଖେ ସେ ଚକିତ ହୋଇଯାଏ ।

ଆର୍ଦ୍ରା ନକ୍ଷତ୍ରରେ ଜନ୍ମ ହୋଇଥିବାରୁ, କାହାରି କଷ୍ଟ ଦେଖିଲେ ସତ୍ୟ ବିଚଳିତ ହୋଇଯାଏ । (ଆର୍ଦ୍ର ଅର୍ଥ ଦୟାମୟ) ଘରର ଦ୍ୱାରମୁହଁରେ କୌଣସି କ୍ଷୁଧିତ ଲୋକ ପହଞ୍ଚିଲେ, ସତ୍ୟ ଘର ଭିତରକୁ ଦୌଡ଼ିଯାଇ, କିଛି ନା କିଛି ଖାଦ୍ୟ ପଦାର୍ଥ ଆଣି, ଲମ୍ବି ଆସିଥିବା ଭିକ୍ଷୁକମାନଙ୍କ ହସ୍ତରେ ଅଜାଡ଼ି ଦିଏ । ଖାଦ୍ୟ ପାଇଲା ପରେ ତା' ଆଖିରେ ଖୁସିର ଯେଉଁ ଭାବ ସତ୍ୟ ଦେଖେ ସେଇଥିରେ ତା' ମନ ହୃଦୟ ସନ୍ତୁଷ୍ଟ ହୋଇଯାଏ । ଶୀତରେ ଥରୁଥିବା ଲୋକମାନଙ୍କୁ ଘରକୁ ଡାକି ଆଣି ସତ୍ୟ ସେମାନଙ୍କୁ ଲୁଗା ଓ ଚଦର ପ୍ରଭୃତି ଦେଇଦିଏ । ସେତେବେଳର ଚଳଣି ଅନୁସାରେ ଲୋକମାନେ ଚଢ଼େଇମାନଙ୍କୁ ଧରି ତାଙ୍କ ଗୋଡ଼କୁ ବାନ୍ଧି ଉପରକୁ ଓ ମୁଣ୍ଡ ତଳକୁ ଝୁଲାଇ ଧରି କଷ୍ଟ ଦେଉଥାନ୍ତି । ବଦଳମାନଙ୍କ ଲାଞ୍ଜକୁ ମୋଡ଼ି ନିଷ୍ଠୁର ଭାବେ ମାଡ଼ ଦେଇ ଦୌଡ଼ାଇବାକୁ ଚେଷ୍ଟା କରନ୍ତି । ପଶୁପକ୍ଷୀମାନଙ୍କ ପ୍ରତି କରାଯାଉଥିବା ଅସହ୍ୟ ନିଷ୍ଠୁରତା ଦେଖିଲେ ସତ୍ୟ ତାହା ତା' ନିଜ ପ୍ରତି କରାଯାଉଛି ବୋଲି ଭାବି ବହୁତ କଷ୍ଟ ପାଏ ।

ପୁଟ୍ଟପର୍ତ୍ତି ସ୍କୁଲ ପାଠ ସାରି ସତ୍ୟ ବୁକ୍କାପଟ୍ଟଣମ୍ ସ୍କୁଲରେ ଉପର ଶ୍ରେଣୀରେ ନାମ ଲେଖାଇଲା । ଦିନ ପରେ ଦିନ ବୁକ୍କାପଟ୍ଟଣମ୍ ଯିବା ପାଇଁ ପ୍ରସ୍ତୁତ ହେଉଥିବା ସତ୍ୟକୁ ଦେଖି ମାତା ଈଶ୍ୱରାମ୍ମା ରୁଦ୍ଧଶ୍ୱାସ ହୋଇପଡ଼ନ୍ତି । ଏଇମାତ୍ର ଝୁଲାଶଯ୍ୟାରୁ

ଉଠିଛି ସେ, ସହର ପର୍ଯ୍ୟନ୍ତ ଚାଲି ଚାଲି ଯିବ ? ସତ୍ୟ ସଫା ଜାମା ଓ ପ୍ୟାଣ୍ଟ ପିନ୍ଧି କପାଳରେ ବିଭୂତି ଓ ସିନ୍ଦୂରବିନ୍ଦୁ ଲଗାଏ । ଗୋଟିଏ ଛୋଟ ବ୍ୟାଗ୍‌ରେ ମଧ୍ୟାହ୍ନ ଭୋଜନ ପାଇଁ ମାଣ୍ଡିଆ ଜାଉ ଓ ବହିପତ୍ର ଧରି ସକାଳୁ ବାହାରିଯାଏ । ବିଚାରି ମାଆର ଆଖିଲୁହରେ ଡୋଳା ଦୁଇଟି ପହଁରିବା ଆରମ୍ଭ କରିଦିଅନ୍ତି । ସକାଳ ୮-୩୦ରେ ଘରୁ ବାହାରି ସନ୍ଧ୍ୟା ପୂର୍ବରୁ ଫେରେ । ଏତେ ସମୟ ଧରି ତା'ର ଅନୁପସ୍ଥିତି ସହିବା କେତେ କଷ୍ଟଦାୟକ ? ଦିନର ପ୍ରତିଟି କ୍ଷଣ ମନ ଭାରି ଭାରି ଲାଗେ ।

ସ୍କୁଲରେ ସହପାଠୀମାନେ ସତ୍ୟ ପ୍ରତି ଈର୍ଷାପରାୟଣ ହୋଇଉଠନ୍ତି । ସତ୍ୟ ନିଜର ପରିଷ୍କାର ପରିଚ୍ଛନ୍ନତା ଯୋଗୁଁ ଓ ପ୍ରତ୍ୟେକ କଥାର ଶୃଙ୍ଖଳିତ ଆଚରଣ ଯୋଗୁଁ ସ୍ୱାଭାବିକ ଭାବେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଥାଏ ଓ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଯାଏ । ଗାଁ ବାହାରକୁ ଚାଲିଯିବା ମାତ୍ରେ ସାଙ୍ଗମାନେ ସତ୍ୟକୁ ଧରି ଚିତ୍ରାବତୀ ପାଣିରେ ବୁଡ଼ାଇ ସତ୍ୟର ପରିଷ୍କାର ପୋଷାକକୁ ନିଜ ସାର୍ଟ ପ୍ୟାଣ୍ଟ୍ ଅପେକ୍ଷା ଅଧିକ ଅପରିଷ୍କାର କରିଦେବାକୁ ଚେଷ୍ଟା କରନ୍ତି । ଏଭଳି ଦୁଷ୍କର୍ମ କରି ସେମାନେ ଖୁସି ହୁଅନ୍ତି, ନିଜକୁ ସନ୍ତୁଷ୍ଟ କରନ୍ତି । କିନ୍ତୁ ଏ ବାବଦରେ ସତ୍ୟ ଦିନେ ହେଲେ ନିଜ ମାଆ ଆଗରେ ସାଥିମାନଙ୍କ ବିରୁଦ୍ଧରେ ଅଭିଯୋଗ କରେ ନାହିଁ ।

ଶିକ୍ଷକଙ୍କ ଆସନ

ବୁକ୍କାପଟ୍ଟଣମ୍ ସ୍କୁଲରେ କୋଣ୍ଡାପ୍ପା ନାମଧାରୀ ଜଣେ ଶିକ୍ଷକ ଦିନେ ଛାତ୍ରମାନଙ୍କୁ ପାଠ ଡାକୁଥା'ନ୍ତି ଓ ଛାତ୍ରମାନେ ମନୋଯୋଗ ସହକାରେ ସେଗୁଡ଼ିକୁ ନିଜ ନିଜ ଖାତାରେ ଲେଖି ନେଉଥାନ୍ତି । ଏକମାତ୍ର ସତ୍ୟ ଏହା କରୁ ନଥାଏ; ଏ କଥା ଶିକ୍ଷକଙ୍କୁ ଖରାପ ଲାଗିଲା । ସେ କିଭଳି ଜାଣନ୍ତେ ଯେ ଯିଏ ସବୁ ଜ୍ଞାନର ଅଧିକାରୀ ଓ ସର୍ବାର୍ଥସାଧକ ତାହାର କିଛି ଲେଖିବା ନିଷ୍ପ୍ରୟୋଜନ । ସେ ଦଣ୍ଡବିଧାନ ସ୍ୱରୂପ ସତ୍ୟକୁ ବେଞ୍ଚ ଉପରେ ଠିଆକରାଇ ଦେଲେ । ନିରୀହ ବାଳକଟି ଶିକ୍ଷକଙ୍କ ଆଦେଶ ମାନି ବେଞ୍ଚ ଉପରେ ଠିଆହେଲା । ସେ କ୍ଲାସ୍ ପାଇଁ ଉଦ୍ଦିଷ୍ଟ ସମୟ ସରିଲା । ଘଣ୍ଟା ବାଜିଲା, କୋଣ୍ଡାପ୍ପା କ୍ଲାସ୍ ଛାଡ଼ିବେ । ସେ ତାଙ୍କ ଆସନରୁ ଉଠିବାକୁ ଚେଷ୍ଟା କଲେ, କିନ୍ତୁ ପାରିଲେ ନାହିଁ, କାରଣ ଚୌକିଟି ଇତ୍ୟବସରରେ ତାଙ୍କ ପିଚାରେ ଲାଗିଯାଇଥାଏ । ପରବର୍ତ୍ତୀ ବିଷୟ ପଢ଼ାଇବାକୁ ଥାଏ ମେହବୁବ୍ ଖାଁଙ୍କର । ସେ ଆସି ଏସବୁ ଦେଖି ପରିସ୍ଥିତି ବୁଝିଗଲେ । ସେ ସତ୍ୟକୁ ବସିବାକୁ କହିଲେ । ସତ୍ୟ ନିଜ ଆସନରେ ବସିପଡ଼ିବା ମାତ୍ରେ କୋଣ୍ଡାପ୍ପା ତାଙ୍କ ଆସନ ଛାଡ଼ି ପାରିଲେ । ଏହା ସତ୍ୟର ଗୋଟିଏ ଛୋଟିଆ ଲୀଳା ଥିଲା, ସେ ଯେ ଅତିସାମାନ୍ୟ ବାଳକ ନୁହେଁ ତାହା ଜଣାଇ ଦେବା ତାହାର ଲକ୍ଷ୍ୟ ଥିଲା । ବୁକ୍କାପଟ୍ଟଣମ୍

ସାରା ଏ ସମାଚାର ଖେଳିଗଲା ଓ କିଛିଟା ଅସ୍ଥିରତା ସୃଷ୍ଟି କଲା ମଧ୍ୟ । ଏ ଘଟଣା ଫଳରେ ପ୍ରମାଣ ମିଳିଯାଇଥିଲା ଯେ ଭଗବାନ ମଣିଷଦ୍ୱାରା ନିର୍ମିତ ନିୟମଦ୍ୱାରା ବନ୍ଧା ନୁହନ୍ତି । ଏହାର କିଛି ବର୍ଷ ମଧ୍ୟରେ କୋଣ୍ଡାପ୍ପା ସତ୍ୟର ପ୍ରଶଂସାସୂଚକ କେତେକ କବିତା ଲେଖି ପ୍ରକାଶ କରିଥିଲେ ।

ଶିକ୍ଷକଙ୍କ ଚୌକି ଲାଗିଯିବା ବିଷୟ ଈଶ୍ୱରାମ୍ମାଙ୍କ କାନରେ ପଡ଼ିଲା । ସେ ଭୟ କଲେ ଯେ ତାଙ୍କ ପୁଅର ପାଠପଢ଼ାର ଭବିଷ୍ୟତ କ'ଣ ହେବ ! ସେ ସତ୍ୟକୁ ବୁଝାଇ କହିଲେ "ତୁ ଯଦି ମନ ଦେଇ ପାଠ ନ ପଢ଼ିବୁ ଓ ପରୀକ୍ଷାଦିରେ କୃତକାର୍ଯ୍ୟ ନ ହେବୁ ତାହାହେଲେ ଜୀବିକାର୍ଜନ ପାଇଁ ତୋତେ ଗାଈ ଚରାଇବାକୁ ପଡ଼ିବ ।"

ଭଗବାନଙ୍କ ମାଆଙ୍କ କଥା କ'ଣ ଭୁଲ ହେବ ? ସ୍ୱାମୀ ସ୍କୁଲ ପାଠ ବିଷୟରେ ଏତେ ପରିଶ୍ରମ କରନ୍ତି ନାହିଁ । ତାଙ୍କ ମାଆଙ୍କ କଥାନୁସାରେ ଏବେ ଗାଈ ଚରାଉଛନ୍ତି । ତାଙ୍କ ଯତ୍ନରେ ପ୍ରତିପାଳିତ ହେଉଥିବା ଜୀବଗୁଡ଼ିକ କ'ଣ ? ସମସ୍ତ ଜୀବଜଗତ ବର୍ତ୍ତମାନ ତାଙ୍କ ଦାୟିତ୍ୱରେ ଓ ତାଙ୍କଠାରୁ ପାଉଥିବା ସୁରକ୍ଷା ଫଳରେ ଆତଯାତ ହେଉଛନ୍ତି । ସେଥିପାଇଁ ସେ ପ୍ରକୃତପକ୍ଷେ ପଶୁପତି ଆଖ୍ୟା (ଶିବଙ୍କର ଅନ୍ୟ ନାମ) ଲାଭ କରିଛନ୍ତି । ତାଙ୍କ ସରଳହୃଦୟା ମାଆ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ, ସ୍କୁଲ ପାଠ ପ୍ରତି ଏତେ ଅନାଗ୍ରହୀ ପୁତ୍ର ସତକୁ ସତ ଭଗବାନ ହୋଇ ସମଗ୍ର ବିଶ୍ୱର କଲ୍ୟାଣ କରିବା ଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ମନ ଦେବ ବୋଲି ।

ବର୍ଷ ଶେଷରେ ସତ୍ୟ ପେନୁକୋଣ୍ଡା ସହରରେ ଅନୁଷ୍ଠିତ ହେଉଥିବା ବାର୍ଷିକ ପରୀକ୍ଷା ଦେବା ପାଇଁ ବାହାରିଲା । ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କଲା । ପେନୁକୋଣ୍ଡାର ଅଧିବାସୀମାନେ ଏ ବିଚକ୍ଷଣ ପିଲାର ସମ୍ମାନାର୍ଥେ ଗୋଟିଏ ଶୋଭାଯାତ୍ରା ଆୟୋଜନ କଲେ । ଏଥିରେ ଈଶ୍ୱରାମ୍ମା ସବୁଠାରୁ ବେଶୀ ଖୁସି ହେଲେ, ଏଣେ ଭୟ ଥାଏ ଯେ ପୁଅର ଏ କୃତିତ୍ୱ ଦେଖି ସାଙ୍ଗ ପିଲାମାନେ ଅଧିକ ଈର୍ଷା ଓ ଅସୂୟା ପ୍ରକାଶ କରିବେ । ସତ୍ୟ କହୁଥିବା କଥା, ସେ ନେଉଥିବା ନିଷ୍ପତ୍ତି, ତା'ର ସମାଧାନ ପଦ୍ଧତି, ତା' ବିଚାର ଧାରାର ତୀକ୍ଷ୍ଣତା ଏବଂ ଯେଉଁ ଶୈଳୀରେ ତାହା ସେ ପରିପ୍ରକାଶ କରୁଥିଲା ସେ ସବୁ ଦେଖି ମାଆ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ ।

ସୁବ୍ବାମ୍ମାଙ୍କ ସ୍ୱାମୀ, ଗାଁ କରଣମ୍ ହିଟଲର ଭଳି ନିଶ ରଖିଥିଲେ । ସେ ନିଶ ତାଙ୍କୁ ଆଦୌ ମାନୁ ନ ଥିଲା, ତାଙ୍କ ଆଚରଣ ମଧ୍ୟ ବଡ଼ ଅସ୍ୱାଭାବିକ ଥିଲା । ସତ୍ୟ ଏ ବିଷୟକୁ କେନ୍ଦ୍ର କରି ପରିହାସବ୍ୟଞ୍ଜକ କବିତା ଓ ଗୀତ ରଚନା କରି ନିଜ ସାଥୀମାନଙ୍କଦ୍ୱାରା ସର୍ବସାଧାରଣ ସ୍ଥାନରେ ବୋଲାଇଲା । ଈଶ୍ୱରାମ୍ମାଙ୍କୁ ଏ ଦୁଷ୍ଟାମି ଆଦୌ ପସନ୍ଦ ହୁଏ ନାହିଁ ।

ବିଭିନ୍ନ ଲୋକଙ୍କୁ ସଂଶୋଧନ କରିବାରୁ ତାଙ୍କୁ ନିବୃତ୍ତ କରାଇବାର ଦାୟିତ୍ୱ ଈଶ୍ୱରାତ୍ମା ସୁବ୍ବାତ୍ମାଙ୍କ ଉପରେ ନ୍ୟସ୍ତ କଲେ । ସୁବ୍ବାତ୍ମା ଈଶ୍ୱରାତ୍ମାଙ୍କୁ ଉପଦେଶ ଦେଇ କହନ୍ତି, ''ସେ ଲଘୁ-ଗୁରୁ, ଭଲ-ମନ୍ଦ ବାଛିବାରେ ସିଦ୍ଧହସ୍ତ, ତା'ଉପରେ ସବୁ ଛାଡ଼ିଦିଅ, ସେ ଯାହା ଚାହିଁଛି ତାକୁ କରିବାକୁ ଦିଅ ।''

ସାଙ୍ଗସାଥୀମାନେ ଯାହା ଚାହିଁବେ, ଫଳ ହେଉ, ଫୁଲ ହେଉ ବା ମିଠାଇ ହେଉ, ସତ୍ୟ ତତ୍କ୍ଷଣାତ୍ ହାତକୁ ଶୂନ୍ୟରେ ଘୂରାଇ ଦ୍ରବ୍ୟମାନ ସୃଷ୍ଟି କରି ଦିଏ । ''କେଉଁଠାରୁ ଆଣିଲୁ'' ବୋଲି ପିଲାମାନେ ପଚାରିଲେ ସେ କହେ, ଠାକୁର ମୋତେ ଏସବୁ ଦିଅନ୍ତି । ପ୍ରକୃତରେ ସେ ଯାହା କହେ ସେଥିରେ ସନ୍ଦେହ ରଖିବାର ନୁହେଁ । ସ୍ୱାମୀ ତ ପରମଈଶ୍ୱର, ଅନ୍ୟାନ୍ୟ ଠାକୁର-ଠାକୁରାଣୀମାନେ ତାଙ୍କ ଇଚ୍ଛା ପୂରଣ କରି ତାଙ୍କୁ ସେବା କରିବା ସ୍ୱାଭାବିକ ।

ବ୍ୟାଘ୍ରହନ୍ତାକୁ ଭର୍ତ୍ସନା

ଦିନେ ମଧ୍ୟାହ୍ନ ସମୟରେ ଜଣେ ଡ୍ରାଇଭର ନିଜ ସରକାରୀ ପୋଷାକ ପିନ୍ଧି ପୁଟପର୍ତ୍ତି ଭିତରକୁ ଆସିଲା । ସେ ଗାଁ ଭିତରକୁ ଆସିବା ଦେଖି ଗଛ ଶାଖାମାନଙ୍କରେ ବସିଥିବା ପକ୍ଷୀମାନେ ଭୟ ଓ ଆତଙ୍କରେ ଚିତ୍କାର କରିଲାଗିଲେ । କରଣମ୍ ସୁବ୍ବାତ୍ମାଙ୍କ ଦାଣ୍ଡ ବାରଣ୍ଡାରେ ସତ୍ୟ ସାଙ୍ଗମାନଙ୍କ ସହ କଥାବାର୍ତ୍ତା ହେଉଥିଲା । ଡ୍ରାଇଭର ସେଠାରେ ପହଞ୍ଚିବାରୁ ସାଙ୍ଗମାନେ ଭୟରେ ପଳାୟନ କଲେ । ଲୋକଟି ସତ୍ୟକୁ କହିଲା,''ମୋ ମାଲିକର ଜିପ୍‌ଗାଡ଼ିଟା ଚିତ୍ରାବତୀ ନଦୀ ଆରପାଖରେ ଖରାପ ହୋଇଯାଇଛି । ସେ ରାଗୀ ଲୋକ । ଏ ଗାଁରେ ଜଣେ ଚମତ୍କାରୀ ବାଳକ ଅଛି ଶୁଣି ସେ ମୋତେ ପଠାଇଛନ୍ତି, ବିଭୂତି ନେଇ ତାଙ୍କୁ ଦେଲେ ତାଙ୍କ ସମସ୍ୟା ଦୂର ହୋଇପାରେ । ସତ୍ୟ ସେ ଲୋକ ସହିତ ଜିପ୍‌ପାଖକୁ ଯିବାକୁ ଉଦ୍ୟତ ହେଲା । ମାଲିକ ସଗର୍ବରେ ଶିକାର କରି ଆଣିଥିବା ଗୋଟିଏ ବାଘୁଣୀକୁ ଜିପ୍‌ରେ ପକାଇ ତା' ପିଠି ଥାପୁଡ଼ାଉଥାନ୍ତି । ସତ୍ୟ ତାଙ୍କୁ କହିଲା,''ସେ ବିଚରା ତୁମର କି କ୍ଷତି କରିଥିଲା, କୌଣସି କାରଣ ନଥାଇ ତୁମେ ତାକୁ ହତ୍ୟା କରିଛ । ତାର ଛୋଟଛୁଆ ଦୁଇଟି ମାଆକୁ ହରାଇ ବିକଳ ହେଉଛନ୍ତି । ମୁଁ ଇଚ୍ଛା କରି ତୁମ ଜିପକୁ ଏଠାରେ ଅଟକାଇ ଦେଇଛି, ତୁମକୁ ଏହି କଥା ଶୁଣାଇବା ପାଇଁ । ସେ ବାଘଛୁଆଙ୍କ ପାଖକୁ ଯାଅ, ତାଙ୍କୁ ଯତ୍ନ କରି ଆଣ ଏବଂ ଉପଯୁକ୍ତ ଚିଡ଼ିଆଖାନାରେ ରଖାଇବାର ବ୍ୟବସ୍ଥା କର । ନିଜର ଖୁସି ଓ ବାହାଦୁରୀ ପାଇଁ

ତୁମେ ଜୀବହତ୍ୟା କରିବା ଉଚିତ ନୁହେଁ । ତୁମେ ତାର ଫଟ ଉଠାଇ ପାରିଥାନ୍ତ, ବନ୍ଧୁକଚାଳନା କରିବାର ନ ଥିଲା । ସେଥିରେ ତୁମର ନାମ ଓ ଖ୍ୟାତି ବଢ଼ିଥା'ନ୍ତା ।'' ସତ୍ୟ ହାତର ସ୍ପର୍ଶମାତ୍ରେ ଆଶ୍ଚର୍ଯ୍ୟଜନକ ଭାବେ ଜିପ୍‌ଗାଡ଼ିଟି ଠିକ୍ ହୋଇଗଲା ଓ ଯେଉଁଦିଗରୁ ଆସିଥିଲା ସେହି ଦିଗକୁ ଫେରିଲା ।

ଘରେ ପିତା ପେଦ୍ଦା ଓ୍ୱେଙ୍କମା ରାଜୁ ଭୟଭୀତ ହୋଇ ରହିଥାନ୍ତି । ହାତରେ ବନ୍ଧୁକ ଧରିଥିବା ଇଂରେଜ ଲୋକର କଥା ଟାଳିବା ଯୋଗୁଁ ପୁଲିସ୍ ହଇରାଣ କରିପାରେ । ଅପର ପକ୍ଷରେ ଇଂରେଜ ଲୋକଟି ତୀବ୍ର ଅନୁତାପ କଲା । କିଛିଦିନ ପରେ ସେ ମୃତ ବ୍ୟାଘ୍ରର ଛାଲଟି ଆଣି ସତ୍ୟର ପାଦାସନ ଭାବେ ବ୍ୟବହୃତ ହେବା ଉଦ୍ଦେଶ୍ୟରେ ସତ୍ୟକୁ ଉପହାର ଦେଇଥିଲା । ଆଜି ମଧ୍ୟ ସେଇଟି ସ୍ୱାମୀଙ୍କର ପାଦାସନ ଭାବେ ପ୍ରଶାନ୍ତି ନିଳୟମ୍‌ରେ ସ୍ୱାମୀଙ୍କ ସିଂହାସନ ତଳେ ଅଛି ।

ସ୍ୱାମୀଙ୍କ ଜୀବନର ପ୍ରତ୍ୟେକଟି ଘଟଣା ଦର୍ପଣ ଭଳି ସ୍ୱାମୀଙ୍କର ଦୈବତ୍ୱର ପ୍ରତିଫଳନ ଦେଖାଉଅଛି । ସ୍ୱାମୀ ଅହିଂସାର ସାକାର ପ୍ରତିମା । ମୂକ ଜୀବମାନଙ୍କ ପ୍ରତି ଦୟା ଓ କରୁଣାର ପ୍ରତିମୂର୍ତ୍ତି । ତାଙ୍କଠାରେ ଯୀଶୁ ଓ ବୁଦ୍ଧ ଉଭୟ ରୂପ ଗ୍ରହଣ କରିଛନ୍ତି । ଭଗବାନ ଶ୍ରୀ ସତ୍ୟସାଇ ବାବା ଗୁରୁମାନଙ୍କର ଗୁରୁ ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ତୃତୀୟ ଅଧ୍ୟାୟ ସମ୍ପୂର୍ଣ୍ଣ

ଦ୍ୱିତୀୟ ଦିବସ -(ଅବଶିଷ୍ଟାଂଶ)

ଚତୁର୍ଥ ଅଧ୍ୟାୟ

ସାଇଙ୍କ ପ୍ରସ୍ଫୁଟନ

ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଯେଉଁ ଦୈବୀ ସତ୍ତାକୁ ଆଧାର କରି ତିଷ୍ଠିଛି, ତାହା ପ୍ରତ୍ୟେକଙ୍କର ପ୍ରକୃତ ପରିଚୟ । ସେହି ଦୈବତ୍ୱକୁ ପ୍ରତ୍ୟେକଙ୍କ ଭିତରୁ ପରିପ୍ରକାଶ କରାଇବା ଲକ୍ଷ୍ୟରେ ସମସ୍ତଙ୍କୁ ଜ୍ଞାନାଲୋକ ଦେଇ ବିଶ୍ୱାସ ସୃଷ୍ଟି କରି, ମଣିଷକୁ ମଣିଷ ସହ ବାନ୍ଧି ରଖିଥିବା ସେହି ''ଏକ'' ଦୈବ ସୂତ୍ରକୁ ଚିହ୍ନିବା ପାଇଁ ଶିକ୍ଷା ପ୍ରଦାନ କରି, ସମଗ୍ର ମାନବଜାତିକୁ ଭ୍ରାତୃତ୍ୱ-ବନ୍ଧନରେ ବାନ୍ଧି, ଏକ ପରିବାରଭୁକ୍ତ କରିବାର ଲକ୍ଷ୍ୟ ହାସଲ କରିବାର ଗୁରୁ ଭାର ବହନ କରି ଏହି ସାଇ ଆସିଛନ୍ତି, ଯାହା ଫଳରେ ମଣିଷ ନିଜକୁ ପଶୁତ୍ୱରୁ ମୁକ୍ତ କରି, ତା'ର ଲକ୍ଷ୍ୟ ଦୈବତ୍ୱଠାରେ ପହଞ୍ଚି ପାରିବ ।

- ବାବା

ଶେଷମା ରାଜୁ କଡ଼ପ୍ପା ଜିଲ୍ଲାର କମଲାପୁରମ୍‌ର ପଶୁମର୍ତ୍ତି ଓ୍ୱେଙ୍କଟ ରାଜୁଙ୍କ ଭଗିନୀଙ୍କୁ ବିବାହ କରିଥିଲେ । ସାନଭାଇ ସତ୍ୟ ହାଇସ୍କୁଲରେ ପଢ଼ିବା ଉପରେ ସେ ବହୁ ଗୁରୁତ୍ୱ ଦେଉଥିଲେ । କିନ୍ତୁ ଶିକ୍ଷକମାନଙ୍କ ସହ ତାଲିମ୍ ନେବାପାଇଁ ତାଙ୍କୁ ଅନ୍ୟତ୍ର ଯିବାକୁ ପଡ଼ିଲା।

ପୁଷ୍ପଗିରି ମେଳା

ହାଇସ୍କୁଲରେ ନାମ ଲେଖାଇବାର କିଛିଦିନ ପରେ ପାଖରେ ଥିବା ମନ୍ଦିରମାଳିନୀ ପୁଷ୍ପଗିରି ସହରରେ ତାଙ୍କ ବାର୍ଷିକ ମେଳାର ଯୋଜନା କରାଗଲା । ଏ ସ୍କୁଲର ବ୍ୟାୟାମ ଶିକ୍ଷକ ସେ ମେଳାରେ ସ୍କାଉଟ୍ ପିଲାମାନଙ୍କୁ ଘେନି ଏକ ସେବାଶିବିର ଆୟୋଜନ କଲେ । ଏହା ମାଧ୍ୟମରେ ସମାଜସେବାମୂଳକ କାମ କରିବାର ସୁଯୋଗ ମିଳିବ ଭାବି ସତ୍ୟ ସେ ଦଳରେ ନିଜ ନାମ ମଧ୍ୟ ଲେଖାଇଲା । ନିଜ ପାଖରେ ଖର୍ଚ୍ଚ କରିବାକୁ ଯଥେଷ୍ଟ ପଇସା ନ ଥିବାରୁ ସ୍କୁଲରୁ ବାହାରୁଥିବା ଦଳ ସହିତ ନ ଯାଇ ଏକାକୀ ଚାଲି ଚାଲି ପୁଷ୍ପଗିରିରେ ଠିକ୍ ସମୟରେ ପହଞ୍ଚିଗଲା । ଖାଦ୍ୟପଦାର୍ଥ କିଣିବାକୁ ମଧ୍ୟ ପଇସା ନ ଥାଏ । ତେଣୁ ପୁଷ୍ପଗିରି ରହଣି ସାରା ତାକୁ ଉପବାସରେ ରହିବାକୁ ହେଲା । ସେ କଥା ସେ ତା'ର ସାଙ୍ଗସାଥୀ କିମ୍ବା ଶିକ୍ଷକଙ୍କୁ ଜଣାଏ ନାହିଁ । କିନ୍ତୁ ଆନନ୍ଦରେ ସମସ୍ତ ପିଲାମାନଙ୍କ ସାଥିରେ ସେବା କାର୍ଯ୍ୟରେ ହସି ହସି ଯୋଗ ଦିଏ । କେହି ଯଦି କହେ ଯେ ସେ ଖାଇନାହିଁ ସେତେବେଳେ ସତ୍ୟ ତା' ହାତ ବଢ଼ାଇ ଦିଏ

ଶୁଙ୍ଘିବାକୁ । ତା' ହାତ ଖାଣ୍ଟି ଘିଅରେ ତିଆରି ହୋଇଥିବା ମିଠାଇ ଭଳି ବାସ୍ନା ହୁଏ । ସାଙ୍ଗମାନେ ବିଶ୍ୱାସ କରି ଯାଆନ୍ତି ଯେ ସତ୍ୟ ତା'ର କୌଣସି ବନ୍ଧୁଙ୍କ ଘରେ ସୁସ୍ୱାଦୁ ଭୋଜନ କରିଛି । ସ୍କାଉଟ୍ ଦଳର ନେତା ଭାବେ ଶିକ୍ଷକ ସମସ୍ତ ପିଲାମାନଙ୍କୁ ସମାନ କାମ ବାଣ୍ଟିଦିଅନ୍ତି, ସତ୍ୟ କିନ୍ତୁ ଏତେ ସବଳ ନଥାଏ । ହଜିଯାଇଥିବା ପିଲାଙ୍କୁ ତାଙ୍କ ବାପାମାଆଙ୍କ ପାଖରେ ପହଞ୍ଚାଇବା, ଯାତ୍ରୀମାନଙ୍କୁ ପାନୀୟ ଜଳ ଯୋଗାଇବା, କାହାର କି ଔଷଧ ଦରକାର ସେ କଥା ବୁଝିବା, ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ପ୍ରଭୃତି କାମରେ ସତ୍ୟ ନିୟୋଜିତ ହୋଇଥାଏ । ନିଜର ନିଷ୍ଠା ଓ ଅଧ୍ୟବସାୟ ଫଳରେ ସତ୍ୟ ସମାଜସେବାରେ ଉତ୍ତମ ଉଦାହରଣ ପ୍ରଦର୍ଶନ କରିପାରିଥିଲା ।

ପୁଷ୍ପଗିରି ମେଳାରେ ସ୍କାଉଟ୍ ଦଳର ଉଜ୍ଜ୍ୱଳ ତାରକା, ସତ୍ୟ ଆଜି ସମଗ୍ର ପୃଥିବୀରେ ସେବା ପ୍ରଦାନ କରୁଥିବା ଶ୍ରୀ ସତ୍ୟସାଇ ସେବାଦଳର ଅଗ୍ରଦୂତ ।

ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ତାଲିମ୍ ଗ୍ରହଣ କରି ସାରିବାପରେ, ଶେଷମା ରାଜୁ ତେଲୁଗୁ ଶିକ୍ଷକ ଭାବେ ଉରବକୋଣ୍ଡାରେ ଅବସ୍ଥାପିତ ହେଲେ । ଶିକ୍ଷକତା ଦୃଷ୍ଟିରୁ ସେ ପିଲାମାନଙ୍କୁ ବାଲକୃଷ୍ଣ ଓ ବଳରାମଙ୍କ ଶୈଶବର ଲୀଳାମାନ ବର୍ଣ୍ଣନା କରନ୍ତି, ଅଥଚ ନିଜ ଘରେ ହେଉଥିବା ଅବତାରଙ୍କ ଲୀଳାର ଅର୍ଥ ବୁଝିପାରନ୍ତି ନାହିଁ । ସେ ଓ ତାଙ୍କ ବାପା ଉଭୟେ ଏସବୁ କାମକୁ ଭୌତିକ ବା ଦୁଷ୍ଟ ବେତାଳର କାର୍ଯ୍ୟକଳାପ ବୋଲି ରୂପ ଦିଅନ୍ତି । ଶେଷମା ରାଜୁ ପୂର୍ଣ୍ଣମାତ୍ରାରେ ବିଶ୍ୱାସ କରୁଥିଲେ ଯେ ସାନଭାଇକୁ ତାଙ୍କ ଦାୟିତ୍ୱରେ ଛାଡ଼ିଦେଲେ ସେ ତାଙ୍କ ବେତ ବ୍ୟବହାର କରି ସବୁ ଠିକ୍ କରିଦେବେ । ଛାତିରେ ପଥର ଲଦି ବିଚାରୀ ଈଶ୍ୱରାମ୍ମା ପୁଅକୁ ଉରବକୋଣ୍ଡା ପଠାଇବାକୁ ବାଧ୍ୟ ହୋଇଥିଲେ ।

ମୁଁ ସମସ୍ତଙ୍କ ପରିଚାରକ

ଉରବକୋଣ୍ଡା ସ୍କୁଲର ଅଷ୍ଟମ ଶ୍ରେଣୀରେ ସତ୍ୟର ନାମ ଲେଖାଗଲା । ସେ ଭାଇ ଶେଷମା ରାଜୁଙ୍କ ସହ ରହିଲା । ଘରେ ପାନୀୟ ଜଳ ନଥାଏ । ଏକ ମାଇଲ (୧.୬ କି.ମି.) ଦୂରରେ ଥିବା ସହରରୁ ତାହା ସଂଗ୍ରହ କରିବାକୁ ପଡୁଥାଏ, ଘରର ପାଣି ଖର୍ଚ୍ଚ ପାଇଁ ସତ୍ୟକୁ ସକାଳ ଓ ସନ୍ଧ୍ୟା ଦୁଇତିନି ଥର ଯା'ଆସ କରି ପାଣି ଭରିବାକୁ ପଡୁଥିଲା । ପ୍ରତ୍ୟେକ ଥର ଦୁଇଟି ବଡ଼ ଗରାରେ ବାହୁଙ୍ଗି କରି କାନ୍ଧରେ ସତ୍ୟକୁ ପାଣି ବୋହିବାକୁ ପଡୁଥାଏ । ପଡ଼ୋଶୀମାନେ ସତ୍ୟର ଏ କାମ ଦେଖିଲେ ଏବଂ ସେ କାହାକୁ ମନା କରି ପାରେନାହିଁ ବୋଲି ମଧ୍ୟ ଜାଣିଗଲେ । ସେମାନେ ମଧ୍ୟ ସତ୍ୟକୁ ତାଙ୍କ ପାଇଁ ପାଣି ଆଣିଦେବାକୁ କହିଲେ, ସତ୍ୟ ଆନନ୍ଦରେ ସେମାନଙ୍କର ଆବଶ୍ୟକତା ପୂରଣ କରିଦେଉଥିଲା ।

ଛୁଟିଦିନଗୁଡ଼ିକରେ ସତ୍ୟ ପୁଟ୍ଟପର୍ତ୍ତି ଆସେ । ଈଶ୍ୱରାମ୍ମା ସାନପୁଅକୁ ତେଲ ଲଗାଇ ଗାଧୋଇ ଦେବାକୁ ପ୍ରସ୍ତୁତ ହୋଇ ପଡ଼ନ୍ତି । ଦେହରେ ତେଲ ଲଗାଇଲା ବେଳେ ପୁଅ କାନ୍ଧରେ କଳା ବିଣ୍ଡି ଦାଗ ଦେଖନ୍ତି । ପଚାରିଲେ ସତ୍ୟ ଅସଲ କଥାଟାକୁ ଏଡ଼ାଇ ଯାଏ, କିନ୍ତୁ ମାଆ ଯେତେବେଳେ ଜୋରଦେଇ ପଚାରନ୍ତି, ତାହାକୁ ଗୋଟିଏ ହାଲୁକା ଘଟଣାର ରୂପ ଦେଇ ହସି ହସି କେହ, ‘‘ଭାଇ ଘରକୁ ପାଣି ବୋହିବାଯୋଗୁଁ ହେଇଥିବ ବୋଧହୁଏ ।’’ ମା’ଙ୍କ ଚକ୍ଷୁ ଭରିଉଠେ, ଅଶ୍ରୁପୂରିତ ଚକ୍ଷୁକୁ ପୋଛିନେଇ ମାତା ପଚାରନ୍ତି, ‘‘ପାଣି କାହିଁକି ବୋହିବାକୁ ପଡ଼େ ?’’ ସତ୍ୟ ଉତ୍ତର ଦେଇ କହେ, ‘‘ସେଠାକାର ଖାରିଆପାଣି ସେମାନେ କିପରି ପିଇବେ, ଏହାଛଡ଼ା, ମାଆ, ମୋ ଜନ୍ମର କାରଣ କ’ଣ ? ମୁଁ ଲୋକଙ୍କୁ ସେବା ପ୍ରଦାନ କରିବା ପାଇଁ ତ ଆସିଛି।’’ ପୁଅର କଷ୍ଟ ଦେଖି ଦୁଃଖିତ ମାତାର ମନ ଏ ଉତ୍ତରରୁ କୌଣସି ଆଶ୍ୱାସନା ଖୋଜି ବସିଲେ ବି ପାଏ ନାହିଁ ।

ଆନି ମୋରୀ ମାରଓ୍ୱାଃ ନାମ୍ନୀ ଜଣେ ମହିଳା ଦିଲ୍ଲୀସ୍ଥିତ ଜର୍ମାନୀ ରାଷ୍ଟ୍ରଦୂତ ଅଫିସରେ କାମ କରୁଥିଲେ । ସେ ଭଗବାନଙ୍କ ପ୍ରେମର ମଧୁରତା ଆସ୍ୱାଦନ କରିବାର ସୌଭାଗ୍ୟ ଲାଭ କରିଥିଲେ । ସେ ଅନେକ ଥର ପୁଟ୍ଟପର୍ତ୍ତି ଆସୁଥିଲେ, ଥରେ ସେ ପଚାରିଲେ, ‘‘ସ୍ୱାମୀ, ଆପଣଙ୍କ ଅବତାରର ପ୍ରକୃତ ଉଦ୍ଦେଶ୍ୟ କ’ଣ ? ମୁଁ କିଛି ବୁଝିପାରୁନାହିଁ ।’’ ଭଗବାନ କୋମଳ କଣ୍ଠରେ ଉତ୍ତର ଦେଲେ, ‘‘କ’ଣ କହିବି, ସଂକ୍ଷେପରେ କହିବାକୁ ଗଲେ, ମୁଁ ସମସ୍ତଙ୍କର ପରିଚାରକ ।’’ ଏ ଉତ୍ତର ଶୁଣି ସେ ଆହତ ହୋଇପଡ଼ିଲେ, ନିଜ କୋହ ସମ୍ଭାଳି ପାରିଲେ ନାହିଁ, କଇଁ କଇଁ ହୋଇ କାନ୍ଦି କାନ୍ଦି ସେ କହିଲେ, ‘‘ସ୍ୱାମୀ ଏଭଳି କଥା କାହିଁକି କହିଲେ ?’’ ସ୍ୱାମୀ କହିଲେ, ‘‘ଝିଅ, ତାହା ହିଁ ତ ସତ୍ୟ, ପ୍ରତ୍ୟେକେ ମୋତେ ଗୋଟିଏ ଗୋଟିଏ କାମ ବତାଇ ଦିଅନ୍ତି, ଯିଏ ପ୍ରତ୍ୟେକଙ୍କର କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିଦିଏ ସେ ପ୍ରକୃତରେ ସମସ୍ତଙ୍କର ପରିଚାରକ । ଏହା ସତ୍ୟ ନୁହେଁ କି ?’’

ଭଗବାନଙ୍କ କଥା ଓ କର୍ମ, ତାହା ପିଲାଦିନର ହେଉ ବା ବର୍ତ୍ତମାନ ସମୟର ହେଉ, ସବୁବେଳେ ସମାନ । ବାଳକ ଅବସ୍ଥାରେ ସ୍ୱାମୀ ପାଣି ବୋହୁଥିଲେ । ବର୍ତ୍ତମାନ ପରିଣତ ବୟସରେ ମଧ୍ୟ ସେ ନିର୍ମଳ ସ୍ୱାସ୍ଥ୍ୟପ୍ରଦ ପାନୀୟଜଳ ଯୋଗାଉଛନ୍ତି । ପାର୍ଥକ୍ୟ ହେଉଛି, ତାଙ୍କ ପରିଶ୍ରମକୁ ନୂତନ ନାମକରଣ କରାଯାଇଛି, ‘‘ଶ୍ରୀ ସତ୍ୟସାଇ ପାନୀୟ ଜଳ ଯୋଜନା ।’’ ଉରବକୋଣ୍ଡାରେ ଥିବା ସମୟରେ ପଡ଼ୋଶୀମାନେ ଅନୁରୋଧ କରି ସ୍ନେହରେ କହୁଥିଲେ, ‘‘ବାବୁରେ ଆମ ପାଇଁ କିଛି ପାନୀୟ ଜଳ ଆଣି ଦେଇପାରିବୁ ?’’ ବର୍ତ୍ତମାନ ଲୋକେ ପ୍ରାର୍ଥନା କରି କହୁଛନ୍ତି, ‘‘ବାବା, ଆମ ପାଇଁ ପାନୀୟ ଜଳର ବ୍ୟବସ୍ଥା କରି ଦିଅନ୍ତୁ ।’’ ଭଗବାନ ଅସୀମ ପ୍ରେମ ଓ ସ୍ନେହର ସହିତ

ଉତ୍ତର ଦିଅନ୍ତି, ''ହଁ, ହଁ ନିଶ୍ଚିତଭାବେ ବ୍ୟବସ୍ଥା କରିଦେବି ।'' ସେମାନଙ୍କ ମଧ୍ୟରୁ କେତେକ ପୁଟ୍ଟପର୍ତ୍ତି ନାମ ଶୁଣିଛନ୍ତି, କିନ୍ତୁ ପୁଟ୍ଟପର୍ତ୍ତି ଦେଖିନାହାଁନ୍ତି । ପୁଟ୍ଟପର୍ତ୍ତିରେ ପହଞ୍ଚିବାକୁ ହେଲେ ସେମାନଙ୍କୁ ପଚାରି ପଚାରି ଆସିବାକୁ ପଡ଼ିବ । ଅସୁବିଧା ଓ ଅସମୟରେ ସେମାନେ ଦୁଃଖ ଭୁଲି ତାଙ୍କର ମାଆ ଭଗବତୀ, ବାବାଙ୍କର ସହାୟତା ଲୋଡ଼ିବସନ୍ତି । କରୁଣାମୟୀ ମାଆ ତାଙ୍କ ପ୍ରାର୍ଥନା ଶୁଣନ୍ତି, ''ଆହା ବିଚରା ପିଲାମାନେ ମୋତେ ତ ମହାର୍ଘ ଭୋଜି ମାଗୁନାହାନ୍ତି, ପିଇବା ପାଇଁ ପାଣି ମାତ୍ର ମାଗୁଛନ୍ତି ।'' ଭଗବାନଙ୍କର ମାତୃସୁଲଭ ପ୍ରତିଶ୍ରୁତି ସ୍ୱତଃ ପ୍ରକାଶିତ ହୋଇଯାଏ, ''ନିଶ୍ଚିତ ଭାବେ, ନିଶ୍ଚିତଭାବେ ।'' ଏ କଥା ଗୋଟିଏ ମାଆର କଥା ନୁହେଁ, ଜଣକ ଭିତରେ କୋଟିଏ ମାଆର ପ୍ରେମ ଏ ପ୍ରତିଶ୍ରୁତି ଦିଏ । ବାସ୍ତବିକ ଏହା କୋଟିଏ ମାଆର ପ୍ରେମ ।

ସ୍ୱାମୀ ଏକା ଏକା ଯାହା କରିପାରନ୍ତି, ଗୋଟିଏ ସରକାର ବା ଦେଶ ତାହା କରିପାରେ ନାହିଁ । ଉପକାର ପାଉଥିବା ଲୋକମାନେ ତାଙ୍କ ନିଜ ସନ୍ତାନ । ସେମାନଙ୍କ କଲ୍ୟାଣାର୍ଥେ ସେ ଶତକୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଏବେ ବି ପାନୀୟ ଜଳ ଯୋଜନାରେ ଖର୍ଚ୍ଚ କରୁଛନ୍ତି । ଲୋକମାନେ କୃତଜ୍ଞ ହେଉଛନ୍ତି କିନ୍ତୁ ଏ ଅପର୍ଯ୍ୟାପ୍ତ ଋଣ କ'ଣ ପରିଶୋଧ ହୋଇପାରିବ ?

ଶ୍ରୀ ସତ୍ୟସାଇ ପାନୀୟ ଜଳ ଯୋଜନାରେ ୭୫୦ ଗ୍ରାମ ଓ ୧୧ଟି ସହରକୁ ଜଳ ଯୋଗାଇ ଦିଆଗଲାଣି । ଏହି ଯୋଜନାଟି ସମଗ୍ର ପୃଥିବୀରେ ବିସ୍ମୟ ସୃଷ୍ଟି କରିଛି । ୨୫୦୦ କି.ମି. ଦୂରରୁ ପାଇପ୍ ମଧ୍ୟ ଦେଇ ଜଳ ପ୍ରବାହିତ ହୋଇ ଆନ୍ଧ୍ରର ରୟାଲ୍ ସୀମା ଅଞ୍ଚଳର କୋଟି କୋଟି ଲୋକଙ୍କ ତୃଷା ନିବାରଣ କରୁଛି । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପ୍ରେମରସ ଏହି ଜଳ ଯୋଜନାର ପ୍ରତିଟି ମିଟର ପାଇପ ମାଧ୍ୟମରେ ଦୃଷ୍ଟିଗୋଚର ହେଉଛି ।

କହିବା ପରି କରୁଛ ତ ?

ଉରବକୋଣ୍ଡାରେ ପଢୁଥିଲା ବେଳେ, ମାନବିକ ମୂଲ୍ୟବୋଧକୁ ଆଧାରିତ କରି ଏକ କ୍ଷୁଦ୍ର ନାଟକ ରଚନା କରିବା ପାଇଁ ସତ୍ୟକୁ ଉତ୍ସାହିତ କରାଯାଇଥିଲା । ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଢଙ୍ଗରେ ନାଟକଟିର ନାମ ରଖାଯାଇଥିଲା ''କହିବା ପରି କରୁଛ ତ ?'' ସୁଦୀର୍ଘ ଅତୀତରେ ଲିଖିତ ନାଟକଟି ବର୍ତ୍ତମାନ ମଧ୍ୟ ଗ୍ରହଣଯୋଗ୍ୟ ।

ନାଟକର ପ୍ରଥମ ଦୃଶ୍ୟ - ଜଣେ ସ୍ତ୍ରୀଲୋକ ଅନ୍ୟକେତେକ ସ୍ତ୍ରୀଲୋକଙ୍କୁ ଶ୍ରୀମହାଭାଗବତରୁ ଶ୍ଳୋକମାନ ପଢ଼ି ବୁଝାଉଥାଏ । ବିଷୟଟିରେ କୁହାଯାଇଛି - ସମର୍ଥ, କର୍ମକ୍ଷମ ଓ ଅଳସୁଆ ଲୋକଙ୍କୁ ଦାନ ଦେଇ ଧନ ନଷ୍ଟ ନକରି ଅସମର୍ଥ, ଅକର୍ମଣ୍ୟ, ବୃଦ୍ଧ ବା ଅଙ୍ଗହାନି ଘଟିଥିବା ଲୋକଙ୍କୁ ସାହାଯ୍ୟ କରିବା ଉଚିତ । ଭାଗବତ ପଢ଼ା

ସରିଯିବା ପରେ ସ୍ତ୍ରୀ ଲୋକମାନେ ନିଜ ନିଜ ଘରକୁ ଚାଲିଯା'ନ୍ତି । ଏହାପରେ ଜଣେ ଅନ୍ଧ ଭିକ୍ଷୁକ ଆସି ଭିକ୍ଷା ମାଗନ୍ତି । ସ୍ତ୍ରୀ ଲୋକଟି ବିରକ୍ତ ହୋଇ ତାକୁ ତଡ଼ି ଦିଅନ୍ତି । ଏହାର କିଛି ସମୟ ପରେ ଜଣେ ହରିଦାସ, ସୁନ୍ଦରବେଶ ପୋଷାକରେ ସଜ୍ଜିତ ହୋଇ, ଗୀତ ବୋଲି ବୋଲି ଭିକ୍ଷା କରିବାକୁ ଆସିଲେ । ହାତରେ ଗୋଟିଏ ତାରଯନ୍ତ୍ର ବଜାଉଥାନ୍ତି । ଏଥର ସ୍ତ୍ରୀ ଲୋକଟି ତାଙ୍କୁ ଚାଉଳ ସହିତ କିଛି ପଇସା ଦିଅନ୍ତି ଏବଂ ତାଙ୍କ ପାଦତଳେ ପଡ଼ି ଆଶୀର୍ବାଦ ଲୋଡ଼ନ୍ତି ।

ତାଙ୍କ ପୁଅ କୃଷ୍ଣ ଏସବୁ ଦେଖୁଥାଏ । ଏଥିରେ ଅଧୀର ହୋଇ ସେ ପଚାରେ, "ମାଆ, ଭାଗବତ ପଢ଼ାବେଳେ କ'ଣ କହୁଥିଲ ଓ ବର୍ତ୍ତମାନ କ'ଣ କଲ ?" ଏଥିରେ କ୍ରୋଧ ପ୍ରକାଶ କରି ମାଆ କହନ୍ତି, "ଚୁପ୍ କର, କେହି କ'ଣ କହିଲାପରି କରେ ?"

ଦ୍ୱିତୀୟ ଦୃଶ୍ୟ-

ସେହି କୃଷ୍ଣ ତା ବାପାଙ୍କ ସହ ଅଫିସଘରେ ବସିଥାଏ । ବାପା ଶିକ୍ଷାର ମହତ୍ତ୍ୱକୁ ପ୍ରଶଂସା କରି କହୁଥାନ୍ତି, ସମସ୍ତେ ଭଲ ଶିକ୍ଷା ପାଇବା ଉଚିତ । ଏ ଦିଗରେ ଯେତେ ବାଧା ଉପୁଜିଲେ ମଧ୍ୟ ସେ ସବୁକୁ ଅତିକ୍ରମ କରି ପାଠପଢ଼ିବା ଉଚିତ । ବାହାରେ ଗୋଟିଏ ଦରିଦ୍ର ବାଳକ ଏଭଳି କଥା ଶୁଣି ଭିତରକୁ ଆସି କହିଲା, "ମହାଶୟ, ଆପଣଙ୍କ ଭଳି ଉଦାରଚେତା ବ୍ୟକ୍ତି ପ୍ରକୃତରେ ଧନ୍ୟ । ମୁଁ ମୋ ସ୍କୁଲ ଦେୟ ପ୍ରତିମାସରେ ଦେଇଦିଏ । ଏଥର ମୋର ଗୋଟିଏ ଟଙ୍କା ଅଭାବ ପଡ଼ିଛି ଆପଣ ଦୟା କରି ମୋ ପାଠପଢ଼ା ପାଇଁ ସେତକ ସାହାଯ୍ୟ କରିବେ ?" ଭଦ୍ରଲୋକ ଜଣକ କହନ୍ତି, "ମୋ ପାଖରେ ବର୍ତ୍ତମାନ ଗୋଟିଏ ହେଲେ ପଇସା ନାହିଁ ।" ଏହା କହିବା ସହିତ ନିଜର ଖାଲି ପକେଟ୍ ଦେଖାଇବାକୁ ବାହାରନ୍ତି । ପିଲାଟି ଫେରିଯାଏ । ଏହାପରେ ଭଦ୍ରଲୋକଙ୍କର କେତେକ ସହକର୍ମୀ ଆସି ପହଞ୍ଚନ୍ତି ଓ ନୂଆ ହୋଇ ଆସିଥିବା ଜଣେ ଅଫିସରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଚାନ୍ଦା ମାଗନ୍ତି । ଉତ୍ତରରେ ସେ କହନ୍ତି, "ହ, ହଁ ଏଭଳି ଅବସର ଭଲଭାବେ ପାଳନ କରାଯିବା ଦରକାର, ଏଇ ନିଅ ମୋ ତରଫରୁ ୨୦ ଟଙ୍କା ।"

ପୁଅ କୃଷ୍ଣ ଏ ସବୁ ଦେଖି, ଶୁଣି ବାପାଙ୍କୁ ପଚାରେ, "ବାପା, ତୁମେ କହିଲ, ଶିକ୍ଷା ଲାଭ କରିବା ସବୁଠାରୁ ବଡ଼ କଥା, ତାହାର ମୂଲ୍ୟାୟନ କରିହେବ ନାହିଁ, ପରିସ୍ଥିତି ଯାହା ହେଉ ପଛେ ଜଣେ ପାଠ ପଢ଼ିବା ଦରକାର, କିନ୍ତୁ ଦରିଦ୍ର ବାଳକଟି ତା' ପାଠପଢ଼ା ପାଇଁ ଟଙ୍କାଟିଏ ମାଗିବାରୁ ତାକୁ ମନା କରିଦେଲ, ଅଥଚ ତୁମ ସାଙ୍ଗମାନଙ୍କ କଥାରେ ୨୦ ଟଙ୍କା ବଢ଼ାଇଦେଲ କାହିଁକି ?" ବାପା ବିରକ୍ତ ହୋଇ କହନ୍ତି, "କଥା ଓ କର୍ମ କ'ଣ ସମାନ ହୁଏ ? ଚୁପ୍‌କରି ସ୍କୁଲକୁ ଯା ।"

ତୃତୀୟ ଦୃଶ୍ୟ -

କୃଷ୍ଣ ତା ଶ୍ରେଣୀ କକ୍ଷରେ ବସିଥାଏ । ଶିକ୍ଷକ ତରତର ହୋଇ ପଶିଆସି କହିଲେ, ଆଜି ସ୍କୁଲ ପରିଦର୍ଶକ ଆମ ସ୍କୁଲକୁ ଆସୁଛନ୍ତି । ଆମର ଏ ପର୍ଯ୍ୟନ୍ତ ୨୩ତମ ପାଠ ପଢ଼ାସରିଛି । ପରିଦର୍ଶକ ପଚାରିଲେ କହିବ ୩୨ ପାଠ ପଢ଼ାସରିଛି, ମୁଁ ବର୍ତ୍ତମାନ ୩୩ତମ ପାଠ ପଢ଼ାଉଛି । ପରିଦର୍ଶକ ମହାଶୟ ଆସି ପହଞ୍ଚିଗଲେ ମୁଁ ସେଇ ପାଠକୁ ପୁନର୍ବାର ପଢ଼ାଇବି, ପ୍ରଥମ ଥର ପଢ଼ାଇଲା ଭଳି । ଏବେ ଯେଉଁ ପ୍ରଶ୍ନଗୁଡ଼ିକ ପଚାରିବି ତାଙ୍କ ଉପସ୍ଥିତିରେ ସେହିଗୁଡ଼ିକ ପୁନର୍ବାର ପଚାରିବି । ତୁମ୍ଭେମାନେ ସଠିକ୍ ଉତ୍ତର ଦେଲେ ସେ ଭଲ ଧାରଣା ନେଇ ଫେରିବେ ।''

କୃଷ୍ଣ କିଛି ସମୟ ପରେ ଶିକ୍ଷକଙ୍କୁ ଏକାକୀ ଭେଟି ପଚାରେ, ''ମହାଶୟ, ଆପଣ ଆଜି ଯେଉଁ ନୂଆ ବିଷୟଟି ପଢ଼ାଇଲେ ତାହା ସତ୍ୟ ହରିଶ୍ଚନ୍ଦ୍ରଙ୍କ କଥା, ଯିଏ ପରିଣତିକୁ ଖାତିର ନକରି ସତ୍ୟପରାୟଣ ଜୀବନ ଯାପନ କରିଥିଲେ । ସେ ଭଳି ମହାନ୍ ରାଜାଙ୍କ କଥା ପଢ଼ାଇବା ସଙ୍ଗେ ସଙ୍ଗେ ଆମକୁ ମିଥ୍ୟା କହିବାକୁ ମଧ୍ୟ ଶିଖାଇଲେ, ଏ କ'ଣ ଠିକ୍ ହେଲା ?'' ଶିକ୍ଷକ ଜଣକ ରାଗରେ ଅଗ୍ନିଶର୍ମା ହୋଇ ଯାଇ କହନ୍ତି, ''ଏମିତି କେହି ଜଣେ ଅଛି ଯାହାର କଥା ଓ କାମ ସମାନ ?''

ଚତୁର୍ଥ ଦୃଶ୍ୟ-

କୃଷ୍ଣ ନିଜର ବହିଖାତା ସବୁକୁ ଫିଙ୍ଗି ଦେଇ ସ୍କୁଲ ଯିବାକୁ ମନା କଲା । ତାକୁ ବୁଝାଇବାରେ ଅସମର୍ଥ ହୋଇ ବାପା-ମାଆ ଶିକ୍ଷକଙ୍କୁ ଡକାଇ ପଠାନ୍ତି । ତିନିଜଣଙ୍କ ଉପସ୍ଥିତିରେ କୃଷ୍ଣ କହେ, ''ଆପଣମାନେ ମୋତେ ଭଲକଥା ଶିକ୍ଷା ଦେଉଛନ୍ତି ସତ, କିନ୍ତୁ ଆପଣଙ୍କ କଥା ଅନୁସାରେ କାମ କରିବାକୁ ମୋତେ ଦିଆଯାଉନାହିଁ । ଏ ପାଠର ଅର୍ଥ କ'ଣ ? ସେ ପ୍ରକାର ପାଠ ପଢ଼ିବାକୁ ମୁଁ ଚାହୁଁନାହିଁ ।'' ଏହା ଶୁଣି ଗୁରୁଜନମାନେ ନିର୍ବାକ୍ ହୋଇଯାଆନ୍ତି । ପରେ ଦୁଃଖ ପ୍ରକାଶ ମଧ୍ୟ କରନ୍ତି ।

ମାତ୍ର ୧୨ ବର୍ଷ ବୟସର ବାଳକ ସତ୍ୟଦ୍ୱାରା ରଚିତ ନାଟକର ସାରାଂଶ ଏଭଳି । ଏହା ମଞ୍ଚସ୍ଥ ହେଲାବେଳେ ସେ କୃଷ୍ଣ ଭୂମିକାରେ ଅଭିନୟ କରିଥିଲା । ସେ ଏହି ନାଟକ ମାଧ୍ୟମରେ ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇଥିଲା ଯେ ଭଣ୍ଡାମି ଦୂର ହେବା ଦରକାର ଏବଂ ପ୍ରତ୍ୟେକେ ନିଜ କଥା ଅନୁଯାୟୀ କାମ କରିବା ଦରକାର । ସେହି ଦିନଠାରୁ ଏ ପର୍ଯ୍ୟନ୍ତ ସେ ଲୋକମାନଙ୍କୁ କହିଆସୁଛନ୍ତି, ''କଥା କେବଳ ଯଥେଷ୍ଟ ନୁହେଁ, ତୁମ କାର୍ଯ୍ୟ ତୁମ କଥାକୁ ସାବ୍ୟସ୍ତ କରୁଥିବା ଦରକାର ।'' ଏହି ବାର୍ତ୍ତା ସମଗ୍ର ପୃଥିବୀରେ ଅନୁରଣିତ ହେଉ ଏବଂ ପ୍ରତ୍ୟେକ ସାଧକକୁ ଆଧ୍ୟାତ୍ମିକ ଉନ୍ନତି ପଥରେ ଆଗେଇ ନେଉ ।

ହଜିଥିବା ଘୋଡ଼ା

ସତ୍ୟ ଉରବକୋଣ୍ଡା ସ୍କୁଲରେ ଥିବା ସମୟରେ, ସେହି ସହରରେ ଜଣେ ଦରିଦ୍ର ମୁସଲମାନ ଘୋଡ଼ାଗାଡ଼ି ଚଳାଇ ନିଜର ଜୀବିକା ନିର୍ବାହ କରୁଥିଲା। ଦିନେ ତା' ଘୋଡ଼ା ହଜିଗଲା। ଖୋଜାଖୋଜି କରି ନ ପାଇବାରୁ ସେ ସତ୍ୟର ସାହାଯ୍ୟ ନେବାକୁ ଆସିଲା। ସତ୍ୟ ତାକୁ ସେଠାରୁ ଦେଢ଼ ମାଇଲ ଦୂରବର୍ତ୍ତୀ ଗୋଟିଏ ଜଙ୍ଗଲିଆ ସ୍ଥାନକୁ ପଠାଇଲା ଏବଂ ସେ ନିଜ ଘୋଡ଼ା ସେଠାରେ ଚରୁଥିବାର ଦେଖିଲା। ସେହିଦିନଠାରୁ ସେ ଅଞ୍ଚଳର ମୁସଲମାନମାନେ ସତ୍ୟକୁ ଭଲପାଇ ବସିଲେ ଓ ସମ୍ମାନ କଲେ। ସତ୍ୟର ଅସାଧାରଣ ଶକ୍ତି ଥିବା କଥା ଚତୁର୍ଦ୍ଦିଗକୁ ବ୍ୟାପିଲା।

ଏହାର ବହୁ ବର୍ଷ ପୂର୍ବରୁ, ଶିରଡ଼ି ସାଇବାବା ଅନୁରୂପ ଏକ ଚମତ୍କାରିତା ପ୍ରଦର୍ଶନ କରିଥିଲେ । ଔରଙ୍ଗାବାଦ ଜିଲ୍ଲାର ଧୂପଖେଡ୍ ଗ୍ରାମର ଚନ୍ଦୁଭାଇ ପଟିଲ ନାମକ ଜଣେ ଆର୍ଥିକ ସ୍ୱଚ୍ଛଳ ଲୋକର ଘୋଡ଼ୀ ହଜିଯାଇଥିଲା । ତାକୁ ଖୋଜାଖୋଜି କରି ହତାଶ ଓ କ୍ଲାନ୍ତ ପଟିଲ ଘୋଡ଼ୀର ଜିନକୁ କାନ୍ଧରେ ପକାଇ ମନ ଦୁଃଖରେ ଘରକୁ ଫେରୁଥିବା ଅବସ୍ଥାରେ ଶିରିଡ଼ି ବାବାଙ୍କ ଦର୍ଶନ ପାଇଲା । ବାବା ତା'ର ନୈରାଶ୍ୟର କାରଣ ବୁଝିପାରିଲେ ଏବଂ ପାଖରେ ଥିବା ନାଳ ଆଡ଼କୁ ପଠାଇଲେ । ଚାନ୍ଦ ପଟିଲ କଥା ମାନି ନାଳ ପାଖରେ ପହଞ୍ଚି ତା ଘୋଡୀଟି ସେଠାରେ ଚରୁଥିବାର ଦେଖିଲା ।

ଏ ଦୁଇଟି ଅନୁରୂପ ଘଟଣାର ଅନ୍ତରାର୍ଥ କ'ଣ ହୋଇପାରେ ? ଘୋଡ଼ା ଓ ଘୋଡ଼ୀ ମଣିଷ ମନର ପ୍ରତୀକ, ମନ ସଦାସର୍ବଦା ଚଞ୍ଚଳ ଓ ବିଚଳିତ । ଯିଏ ଏହି ମନର ପ୍ରକୃତ ସ୍ୱଭାବକୁ ଠାବ କରିପାରେ ସେ ପ୍ରକୃତରେ ଚିତ୍ତଚୋର । ''ଅଶ୍ୱ'' ଅର୍ଥ କେବଳ ଘୋଡ଼ା ନୁହେଁ, ଯାହା ସଦାସର୍ବଦା ଚଳଚଞ୍ଚଳ ତାହାକୁ ଅଶ୍ୱ କୁହାଯାଏ । ଘୋଡ଼ା ସବୁବେଳେ ତା'ର ଲାଞ୍ଜ, ଗୋଡ଼ ପ୍ରଭୃତିକୁ ହଲାଉଥାଏ । ତେଣୁ ଅଶ୍ୱ ଅସ୍ଥିରତା ଓ ଚିର ଅଶାନ୍ତ ସ୍ୱଭାବକୁ ସୂଚାଏ । ସଂସ୍କୃତରେ ଅଶ୍ୱମେଧ ଅର୍ଥ ''ନିଜର ବିଚଳିତ ମନକୁ ଭଗବାନଙ୍କ ନିକଟରେ ସମର୍ପି ଦେବା ।'' ସଂସ୍କୃତ ଶବ୍ଦ ଅଶ୍ୱତ୍ଥ ବୃକ୍ଷର ଅର୍ଥ ''ଯାହାର ପତ୍ରଗୁଡ଼ିକ ସର୍ବଦା ହଲଚଲ ହେଉଥାଏ ।'' ସାମାନ୍ୟ ପବନରେ ମଧ୍ୟ ସେଗୁଡ଼ିକ ହଲିଯାଆନ୍ତି। ମଣିଷ ମନ ସଦାସର୍ବଦା, ନିଦ୍ରାରେ ଓ ଜାଗ୍ରତାବସ୍ଥାରେ ବିଚଳିତ ହେଉଥାଏ।

ବାବା କହନ୍ତି, ଅଶ୍ୱମେଧର ଅର୍ଥ ନୁହେଁ, ରକ୍ତମାଂସଧାରୀ ଘୋଡ଼ାକୁ ମାରି ଭଗବାନଙ୍କୁ ନୈବେଦ୍ୟ ଦେବା । ତାହାର ଅର୍ଥ ହେଉଛି, ଆମର ପଶୁପ୍ରବୃତ୍ତିକୁ ଭଗବାନଙ୍କ ନିକଟରେ ସମର୍ପଣ କରିବା ।

ଜଗତକୁ ନଚାଉଥିବା ଭଗବାନ ନର୍ତ୍ତକୀ ହେଲେ

ସତ୍ୟ ଉରବକୋଣ୍ଡାରେ ଥିବା ସମୟରେ ତା' ପ୍ରଧାନ ଶିକ୍ଷକ ସ୍କୁଲର ଉନ୍ନତି କଳ୍ପେ କିଛି ଅର୍ଥ ବ୍ୟବସ୍ଥା କରିବା ପାଇଁ ଚାହିଁଲେ । ସେ ସମୟର ବିଶିଷ୍ଟ ନର୍ତ୍ତକୀ

ରକ୍ଷ୍ୟେନ୍ଦ୍ରମଣିକୁ ଡାକି ନୃତ୍ୟ କାର୍ଯ୍ୟକ୍ରମ ସ୍ଥିର କରାଗଲା । କିନ୍ତୁ ସେଭଳି କିଛି ଗୋଟିଏ ଅସୁବିଧା ହେବାରୁ ରକ୍ଷ୍ୟେନ୍ଦ୍ରମଣି ତା' ଜବାବ ରକ୍ଷା କରିପାରିଲା ନାହିଁ । ପ୍ରଧାନଶିକ୍ଷକ ଲକ୍ଷ୍ମୀପତି ବ୍ୟସ୍ତ ହୋଇ ପଡ଼ିଲେ ଏବଂ ଦୁଶ୍ଚିନ୍ତାର ଶିକାର ହୋଇଗଲେ । ସତ୍ୟ ତାଙ୍କ ପାଖକୁ ଯାଇ ବ୍ୟସ୍ତ ନ ହେବାକୁ ଅନୁରୋଧ କଲା । ସେ କହିଲା, ରକ୍ଷ୍ୟେନ୍ଦ୍ରମଣି ସ୍ଥାନରେ ସେ ନିଜେ ନୃତ୍ୟ ପ୍ରଦର୍ଶନ କରିବ । ରକ୍ଷ୍ୟେନ୍ଦ୍ରମଣିର ପ୍ରସିଦ୍ଧିର କାରଣ ଥିଲା ତା' ନୃତ୍ୟର କଷ୍ଟକର ଓ ବିସ୍ମୟସୃଷ୍ଟିକାରୀ ଅଂଶ । ସେ ନିଜ ମୁଣ୍ଡ ଉପରେ ଗୋଟିଏ କାଚ ବୋତଲ ରଖେ, ତା ଉପରେ ଗୋଟିଏ ଥାଳି ରଖେ, ଥାଳିରେ ଜଳନ୍ତା ଦୀପ ଥୁଏ । ନାଚ ଦେଖାଉଥିବା ସମୟରେ ଭୂମିରେ ଥିବା ରୁମାଲକୁ ପାଟିରେ ଉଠାଇ ଆଣେ । ସତ୍ୟ କହିଲା, ''ମୁଁ ତା'ଠାରୁ ଆହୁରି ଆଶ୍ଚର୍ଯ୍ୟକର ଖେଳ ଦେଖାଇବି । ମହାଶୟ, ସେ ତା' ପାଟିରେ ରୁମାଲ ଉଠାଇଛି, ମୁଁ ଆଖିପତା ସାହାଯ୍ୟରେ ଭୂମି ଉପରୁ ଛୁଞ୍ଚି ଉଠାଇ ଆଣିବି । କିନ୍ତୁ, ଆପଣ ପ୍ରଚାର କରିବେ ଯେ ରକ୍ଷ୍ୟେନ୍ଦ୍ରମଣି ହିଁ ଆସୁଛି ।''

ଏହାର ବହୁ ବର୍ଷ ପରେ, ସ୍ୱାମୀ ନିଜ ଭାଷାରେ ବର୍ଣ୍ଣନା କଲେ ସେଦିନ ଯାହା ଯାହା ଘଟିଥିଲା । ମୋ ମାପ ତୁଳନାରେ ବହୁତ ବଡ଼ ଶାଢ଼ୀଟାଏ ମୋତେ ପିନ୍ଧାଇ ଦିଆଗଲା । ସ୍ତ୍ରୀ ଲୋକମାନଙ୍କ ବେଣୀ ଭଳି ଏକ ନକଲି ବେଣୀ ପିନ୍ଧାଇ ଦିଆଗଲା । ତୁମେ ସବୁ ଜାଣିଥିବ, ନର୍ତ୍ତକୀମାନେ ନୃତ୍ୟ ପ୍ରଦର୍ଶନ କଲାବେଳେ ତାଙ୍କ ବେଣୀକୁ ଏ ପାଖରୁ ସେ ପାଖକୁ ପକାଇ ଦେଉଥାନ୍ତି । ମୋ କ୍ଷେତ୍ରରେ ବେଣୀ ହଲାଇବା ବେଳେ କାଳେ ଖସିପଡ଼ିବ ସେଥିପାଇଁ ଲମ୍ବା ଓ ଶକ୍ତ ଏକ ବେଣୀ ମୋ ମୁଣ୍ଡ ସାରା ଭଲଭାବେ ବନ୍ଧାବନ୍ଧି କରିଦେଲେ, ପାଦରେ ଘୁଙ୍ଗୁର ପିନ୍ଧାଇ ଦିଆଗଲା । ବେଶ ପଡ଼ିବା ସ୍ଥାନରୁ ନୃତ୍ୟ ପ୍ରଦର୍ଶନ ମଞ୍ଚ ପର୍ଯ୍ୟନ୍ତ ମୋତେ ନେବା ପାଇଁ ଗୋଟାଏ ଭଙ୍ଗା ମଟରଗାଡ଼ି ବ୍ୟବସ୍ଥା କରାଗଲା, ନୃତ୍ୟ କାର୍ଯ୍ୟକ୍ରମ ହରାଇବାକୁ କେହି ଚାହୁଁ ନଥିଲେ । ବହୁତ ଟିକଟ ମଧ୍ୟ ବିକ୍ରୟ ହୋଇଥିଲା ।

ବାଦ୍ୟଯନ୍ତ୍ରଗୁଡ଼ିକ ବାଜିବା ଆରମ୍ଭ ହେବାକ୍ଷଣି ମୁଁ ମୋ ଘୁଙ୍ଗୁର ପିନ୍ଧା ପାଦକୁ ହଲାଇ ମନମୁଗ୍ଧକର ଶବ୍ଦ ସୃଷ୍ଟି କରିଦିଏ । ଦର୍ଶକବୃନ୍ଦ ଆନନ୍ଦ-ଉଲ୍ଲାସରେ ହଜିଯାଆନ୍ତି । ପ୍ରଧାନଶିକ୍ଷକ ମୋ ମଥା ଉପରେ ଗୋଟିଏ ବୋତଲ ରଖିଲେ, ଅନ୍ୟ ଏକ ଶିକ୍ଷକ ତା' ଉପରେ ଗୋଟିଏ ଥାଳି ରଖିଲେ ଓ ତା' ଉପରେ ଜଳନ୍ତା ଦୀପ ସ୍ଥାପନ କଲେ । ଏସବୁ କଥା ସର୍ବସାଧାରଣଙ୍କ ସମ୍ମୁଖରେ କରାଯିବାର କାରଣ, କେହି ନ ଭାବନ୍ତୁ ଯେ ଏଗୁଡ଼ିକ ମୋ ମୁଣ୍ଡ ସହ ଅଠା ଦିଆହୋଇ ଜଡ଼ାଇ ଦିଆଯାଇଛି । ସମସ୍ତେ ଦେଖନ୍ତୁ, ଏଗୁଡ଼ିକ ଗୋଟିକ ଉପରେ ଗୋଟିଏ କେବଳ ରଖି ଦିଆହୋଇଛି ।

ମୋ ନୃତ୍ୟ ପାଇଁ ବାଦ୍ୟଯନ୍ତ୍ର ଓ ସଂଗୀତ ପରିବେଷଣ ଆରମ୍ଭ ହୋଇଯାଇଥାଏ, ମୁଁ ମଞ୍ଚ ଉପରେ ଘୂରି ଘୂରି ବୁଲୁଥାଏ । ନାଚୁ ନାଚୁ ହଠାତ୍ ନଇଁ ପଡ଼ି ଭୂମିରେ ରଖାଯାଇଥିବା ଛୁଞ୍ଚିକୁ ଆଖିପତାଟିରେ ଧରି ଉଠାଇ ଆଣିଲି । ଦର୍ଶକମାନେ ବହୁ ସମୟ ଧରି ପ୍ରଶଂସାସୂଚକ ତାଳି ମାରିଚାଲିଲେ । ଜଣେ ଇଂରେଜ ଭଦ୍ରବ୍ୟକ୍ତି ''ଜିଲ୍ଲାପାଳ'' ମଞ୍ଚ ଉପରକୁ ଆସି ମୋତେ ଗୋଟିଏ ପଦକ ପୁରସ୍କାର ଦେବାକୁ ଚାହିଁଲେ । ତାଙ୍କ ନାମ ହର୍ଷଲେ । ମୋତେ ପଦକଟି ଦେବା ପୂର୍ବରୁ ମୋତେ ପ୍ରଶଂସା କରି ପିଠି ଥାପୁଡ଼ାଇବାକୁ ଚାହିଁଲେ । ମୁଁ ବାରଣ କଲି । ସେ କହିଲେ, ''ମୁଁ ତୁମ ଭାଇ ଭଳି, ମୁଁ ଏହି ପଦକଟି ତୁମ ଗଳାରେ ପିନ୍ଧାଇ ଦେବାକୁ ଚାହୁଁଛି ।'' ମୁଁ କହିଲି, ''ମୁଁ ତୁମ ଭଉଣୀଭଳି, ପଦକଟି ମୋ ହାତକୁ ଦିଅନ୍ତୁ ।''

ପର୍ଦ୍ଦା ପଛପଟୁ ପ୍ରଧାନଶିକ୍ଷକ ଇଙ୍ଗିତ କରି କହୁଥାନ୍ତି, ସେ ଜିଲ୍ଲାପାଳ ମହୋଦୟ, ତେଣୁ ବେଶୀ ଅଡୁଆ ସୃଷ୍ଟି ନ କରି ମୁଁ ପଦକଟି ନେଇଯିବା ଉଚିତ । କିନ୍ତୁ ମୁଁ ସେଠାରେ ରକ୍ଷ୍ୟେନ୍ଦ୍ରମଣି ହିସାବରେ ପରିଗଣିତ ହେଉଥିଲି, ତେଣୁ ପୁରୁଷମାନେ ମୋତେ ସ୍ପର୍ଶ କରନ୍ତୁ, ତାହା ମୁଁ ଚାହୁଁ ନଥିଲି । ଇତ୍ୟବସରରେ ଦର୍ଶକମାନଙ୍କ ମଧ୍ୟରେ କୋଳାହଳ ଶୁଣାଗଲା ଓ ଜିଲ୍ଲାପାଳ ପଦକଟିକୁ ମୋ ହାତରେ ଦେଇଦିଅନ୍ତୁ ବୋଲି ଉଚ୍ଚସ୍ୱରର ଶବ୍ଦ ଶୁଣାଗଲା । ଜିଲ୍ଲାପାଳ ମୋ ହାତରେ ପଦକଟି ଦେଇ ନିରାଶ ହୋଇ ନିଜ ଆସନକୁ ଫେରିଗଲେ ।

ସେ ସମୟରେ କଡ଼ପ୍ପା ଜିଲ୍ଲା ପରିଷଦର ସଭାନେତ୍ରୀ ଥିଲେ ଶ୍ରୀମତୀ ରାମାସୁବ୍‌ବାମ୍ମା । ସେ ତା' ପରଦିନ ସ୍କୁଲକୁ ଆସିଲେ ଓ କହିଲେ, ''ରକ୍ଷ୍ୟେନ୍ଦ୍ରମଣିଙ୍କ ନୃତ୍ୟ ପାଇଁ ବିଦ୍ୟାଳୟ ତା'ର ପକ୍କାଘର ତୋଳିବାକୁ ଏତେ ଟଙ୍କା ପାଇପାରିଲା, ସେଥିପାଇଁ ମୁଁ ରକ୍ଷ୍ୟେନ୍ଦ୍ରମଣି ପାଇଁ ଉପହାର ସ୍ୱରୂପ ଗୋଟିଏ ମୂଲ୍ୟବାନ ଶାଢ଼ୀ ଆଣିଛି, ତାଙ୍କୁ ଡକାନ୍ତୁ ସେ ମଞ୍ଚ ଉପରେ ମୋଠାରୁ ଏହାକୁ ଗ୍ରହଣ କରିବେ ।'' ରକ୍ଷ୍ୟେନ୍ଦ୍ରମଣିଙ୍କୁ କେଉଁଠୁ ଅଣାଯିବ ? ଦର୍ଶକମାନେ ସୁପ୍ରସିଦ୍ଧ ନର୍ତ୍ତକୀକୁ ଆଉ ଥରେ ଦେଖିବାଲାଗି ଅପେକ୍ଷା କରିଥାନ୍ତି । ମୁଁ ଆସି ପହଞ୍ଚିଲି । ମୁଁ ହାଫପ୍ୟାଣ୍ଟ ପିନ୍ଧିଥାଏ । ଜଗୁଆଳି ମୋତେ ମଞ୍ଚ ଉପରକୁ ଯିବାକୁ ବାରଣ କଲା । ଏଥିରେ ଆମ ପ୍ରଧାନଶିକ୍ଷକ ହସ୍ତକ୍ଷେପ କରି କହିଲେ, ''ଗତକାଲିର ରକ୍ଷ୍ୟେନ୍ଦ୍ରମଣି ଆମ ସ୍କୁଲର ଏହି ବାଳକ, ତାଙ୍କୁ ଭିତରକୁ ଆସିବାକୁ ଦିଅ ।'' ମୋତେ ଦେଖି ସମସ୍ତେ ଦ୍ୱନ୍ଦ୍ୱରେ ପଡ଼ିଲେ । ଶ୍ରୀମତୀ ରାମାସୁବ୍‌ବାମ୍ମା ମୋତେ କାଖେଇ ପକାଇଲେ, ଚୁମ୍ବନ ଦେଇ କହିଲେ, ତୁମେ ଆମ୍ଭମାନଙ୍କ ମର୍ଯ୍ୟାଦା ରକ୍ଷା କରିଛ । ତୁମ ଭଳି ପ୍ରତିଭାବାନ୍ ବାଳକ ଆମ ଦେଶରେ ଅଛନ୍ତି ଦେଖି ମୁଁ ଗର୍ବିତ, ଇତ୍ୟାଦି କହି କେବଳ ପ୍ରଶଂସା କରି ଲାଗିଲେ । ସେହିଦିନଠାରୁ ସେ ସ୍ୱାମୀଙ୍କୁ ଭଲ

ପାଇ ବସିଲେ । ଯେଉଁ ସ୍ଥାନମାନଙ୍କୁ ସେ ଗଲେ ସେଠାରେ ସ୍ୱାମୀଙ୍କ ମହିମା ପ୍ରଚାର କଲେ ।

ପରଂବ୍ରହ୍ମଙ୍କ ପାଇଁ ଏ ସମଗ୍ର ବିଶ୍ୱ ଏକ ରଙ୍ଗମଞ୍ଚ । ସେହି ଦିନଠାରୁ ଭଗବାନ ଶ୍ରୀ ସତ୍ୟସାଇ ବାବା ନାନାବିଧ ରୂପ ଧରି ଏ ପୃଥିବୀକୁ ନାନା ପ୍ରକାର ମଧୁର ସଙ୍ଗୀତ ଓ ଦିବ୍ୟ ନୃତ୍ୟ ଦେଖାଇ ମୁଗ୍ଧ କରିବାରେ ଲାଗିଛନ୍ତି ।

ବିଛା କାମୁଡ଼ା

୧୯୪୦ ମସିହା ମାର୍ଚ୍ଚ ୮ ତାରିଖରେ ଉରବକୋଣ୍ଡାରେ ଏକ ଅଚିନ୍ତନୀୟ ଘଟଣା ଘଟିଲା । ସତ୍ୟକୁ ଗୋଟିଏ ବଡ଼ କଳାରଙ୍ଗର ବିଛା କାମୁଡ଼ିଲା । ଦେହ ବଧିରା ହୋଇଗଲା ଓ ସେ ଅଚେତ୍ ହୋଇଗଲା । ଏ ସମ୍ବାଦ ବନାଗ୍ନିଭଳି ସର୍ବତ୍ର ଖେଳିଗଲା ଓ ଲୋକମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ସେ ଅଞ୍ଚଳରେ ବିଛା କାମୁଡ଼ିଲା ମାନେ ଜାଣ ମୃତ୍ୟୁ ଆସିଲା । ସତ୍ୟକୁ ଔଷଧ, ଇଞ୍ଜେକସନ୍ ପ୍ରଭୃତି ଦିଆଯିବା ସତ୍ତ୍ୱେ କିଛି ଫଳ ହେଲା ନାହିଁ । କିଛିଦିନ ପରେ ସେ ଧୀରେ ଧୀରେ ସୁସ୍ଥ ହେଲା ଓ ଚଲାବୁଲା ଆରମ୍ଭ କଲା । କିନ୍ତୁ ଶାରୀରିକ ଓ ମାନସିକ ଦୃଷ୍ଟିରୁ ସେ ପୂରାପୂରି ଭିନ୍ନ ହୋଇ ଯାଇଥିଲା । ଜଣାପଡ଼ିଲା ସତେ ଯେପରି ତା' ଅନ୍ତରରେ ଥିବା ଏକ ଦୈବୀ ଅଗ୍ନିସ୍ଫୁଲିଙ୍ଗ ହଠାତ୍ ଜୀବନ୍ତ ହୋଇଉଠିଲା । ଘନ ଅନ୍ଧକାର ଅପସରି ଯିବା ପରେ ପରମସତ୍ତା ଉଜ୍ଜ୍ୱଳ ହୋଇ ଝଲସି ଉଠନ୍ତି । ଶିରିଡ଼ି ଭଗବାନ ନିଜର ସମସ୍ତ ଆଧ୍ୟାତ୍ମିକ ଶକ୍ତି ସହିତ ଏ ବାଳକ ଦେହରେ ନିଜକୁ ଅନାବରଣ କରିବା ସମୟ ଆସିଯାଇଥିଲା । ସତ୍ୟ ନିଜ ଭାବରାଜ୍ୟରେ ବୁଡ଼ି ନିଜ ଦେହାତ୍ମବୋଧ ହରାଇଲା ଭଳି ଜଣାପଡୁଥିଲା, କେତେବେଳେ ସଂସ୍କୃତ ଶ୍ଳୋକ ଆବୃତ୍ତି କରେ ତ କେତେବେଳେ ଗୀତ ଗାଏ । ବେଳେବେଳେ ସମ୍ଭାଷଣ କରିବା ଆରମ୍ଭ କରିଦିଏ । ତା'ର ବ୍ୟବହାର ଅସ୍ୱାଭାବିକ ଓ ଅବୋଧ ହୋଇଉଠିଲା । ଶେଷମାରାଜୁ ଓ ତାଙ୍କ ପିତାମାତା ଗଭୀର ଦୁଶ୍ଚିନ୍ତାରେ ପଡ଼ିଲେ ।

ବହୁବର୍ଷ ପରେ ସ୍ୱାମୀଙ୍କ ଉପସ୍ଥିତିରେ ଜଣେ ଭାଷଣ ଦେଉ ଦେଉ କହିଲେ, ସ୍ୱାମୀଙ୍କୁ ବିଛା କାମୁଡ଼ିବା ଦିନଠାରୁ ସେ ଆଧ୍ୟାତ୍ମିକ ଶକ୍ତିର ଅଧିକାରୀ ହୋଇଗଲେ । ସେ ବକ୍ତାଙ୍କ ପରେ ବାବା ନିଜ ସମ୍ଭାଷଣରେ କହିଲେ, ''ମୋତେ ବିଛା କାମୁଡ଼ିବା ଦିନଠାରୁ ମୋଠାରେ ଆଧ୍ୟାତ୍ମିକ ଶକ୍ତି ସବୁ ଦେଖାଗଲା ବୋଲି ଯିଏ କହିଲେ, ତାଙ୍କୁ ଶହେ ବିଛା କାମୁଡ଼ିଲା ପରେ ତାଙ୍କଠାରେ ଆଧ୍ୟାତ୍ମିକ ଶକ୍ତି ଆସିଯିବ ?'' ଅବଶ୍ୟ ଏକଥା ସ୍ୱୀକାର୍ଯ୍ୟ ଯେ ସେହି ଘଟଣା ସ୍ୱାମୀଙ୍କ ଜୀବନକୁ ଏକ ଭିନ୍ନ ମୋଡ଼ ଦେଇଥିଲା । ଏହା ତାଙ୍କ ଦିବ୍ୟଶକ୍ତିର କାରଣ ହୋଇ ନପାରେ, ଏହା ସେଭଳି ଏକ ଘଟଣା ଯେଉଁଦିନଠାରୁ ସେ ନିଜ ଦୈବତ୍ୱ ପରିପ୍ରକାଶ କରିବାର ସଙ୍କଳ୍ପକୁ ଏକ ବିଶେଷ ଗୁରୁତ୍ୱ ପ୍ରଦାନ କଲେ ।

ଜ୍ଞାନପ୍ରଦାତା

ଉରବକୋଣ୍ଡା ଘଟଣା ପରେ, ଦିନେ ସତ୍ୟ ସମ୍ପୂର୍ଣ୍ଣ ନିମଜ୍ଜିତ ଥିବା ଦେଖାଗଲା । ହଠାତ୍ ସେ କହି ଉଠିଲା, ପଡ଼ିଶା ଘରେ ନାରାୟଣ ଶାସ୍ତ୍ରୀ ଶ୍ରୀମହାଭାଗବତ ପଢ଼ୁଛନ୍ତି, କିନ୍ତୁ ତାଙ୍କ ଉଚ୍ଚାରଣରେ ବହୁତ ଭୁଲ ରହିଯାଉଛି । ତାଙ୍କୁ ଡକାଅ, ଜଣେ ଗଲେ ଓ ପଣ୍ଡିତ ନାରାୟଣ ଶାସ୍ତ୍ରୀଙ୍କୁ ସତ୍ୟ ପାଖକୁ ଡାକିଲେ । ଶାସ୍ତ୍ରୀ ଅବଜ୍ଞାପୂର୍ଣ୍ଣ କଣ୍ଠରେ କହିଲେ, ‘‘ଛାର ବାଳକଟାଏ, ମୋ ପାଣ୍ଡିତ୍ୟର ଭୁଲ ଦେଖିବ ସିଏ ? ସେ ଜାଣିଛି କ’ଣ ?’’ ଶାସ୍ତ୍ରୀ ଆସିଲେ ନାହିଁ । ସତ୍ୟ କିନ୍ତୁ ଜିଦ୍ ଧରିଲା, ଏଥର ସେ ଲୋକଟି ଯାଇ ବହୁତ ବୁଝାସୁଝା କରି ପଣ୍ଡିତଙ୍କୁ ସତ୍ୟ ପାଖକୁ ଆଣିଲେ । ବାଳକ ସତ୍ୟ ପଣ୍ଡିତଙ୍କର ସବୁ ଭୁଲ ତାଙ୍କୁ ସୂଚାଇଦେଲା । ସେ ମଧ୍ୟ କେତେକ ପୌରାଣିକ ପ୍ରଶ୍ନ ଶାସ୍ତ୍ରୀଙ୍କୁ ପଚାରିଲା । ଶାସ୍ତ୍ରୀ ନିଜର ଅପାରଗତା ସ୍ୱୀକାର କଲେ ଓ ସତ୍ୟଦ୍ୱାରା ସଂଶୋଧିତ ଭୁଲଗୁଡ଼ିକୁ ମାନିଲେ । ବାଳକର ତେଜ ଓ ପାଣ୍ଡିତ୍ୟରେ ନିର୍ବାକ୍ ଶାସ୍ତ୍ରୀ ସତ୍ୟକୁ ପ୍ରଣାମ କଲେ ।

ଆଜିକାଲି ମଧ୍ୟ ଭଗବାନ ଅନେକ ପଣ୍ଡିତଙ୍କୁ ଦେଖୁଛନ୍ତି, ଯେଉଁମାନଙ୍କର ସାଧନା କେବଳ ଶାସ୍ତ୍ର ପଠନ ଓ ମନ୍ତ୍ର ଉଚ୍ଚାରଣରେ ସୀମିତ । ସେମାନେ ତାଙ୍କ ପାଣ୍ଡିତ୍ୟ ପ୍ରଦର୍ଶନ ସକାଶେ ବହୁ ସମୟ ବିତାଉଛନ୍ତି । ସେମାନେ ଏକାଗ୍ରଭାବେ ପାଣ୍ଡିତ୍ୟ ଆହରଣ କରିବାରେ ଲାଗିଛନ୍ତି କିନ୍ତୁ ଯେଉଁ ପାଣ୍ଡିତ୍ୟର ଲକ୍ଷ୍ୟ ଭଗବତ୍ ଉପଲବ୍ଧି, ତାହା ସେମାନେ ପାଉନାହାନ୍ତି । କାରଣ ସେମାନେ ଜାଣୁନାହାନ୍ତି ଯେ ସେଇ ଭଗବାନ ମଣିଷ ଶରୀର ଧାରଣ କରି ତାଙ୍କ ସମ୍ମୁଖରେ ବିଦ୍ୟମାନ । ଗଭୀର ଜ୍ଞାନର ମାପକାଠି ଧରିଥିବାରୁ ସେମାନେ ତାଙ୍କର ଅତି ନିକଟରେ, ରକ୍ତମାଂସ ଶରୀର ଧରିଥିବା ବ୍ୟକ୍ତିଠାରେ ପରମ ସତ୍ତାକୁ ଦର୍ଶନ କରିପାରୁନାହାନ୍ତି । ବହୁ ଦୂରକୁ ଚାହିଁବା ଯୋଗୁଁ ନିକଟରେ ମିଳିବା ଜିନିଷକୁ ମଧ୍ୟ ହରାଉଛନ୍ତି । ସେଭଳି ଲୋକମାନଙ୍କୁ ସେମାନଙ୍କର ଆବଶ୍ୟକ ଥିବା ଅନ୍ତର୍ଦୃଷ୍ଟି ଭଗବାନ ପ୍ରଦାନ କରନ୍ତି ।

ଏହି ପ୍ରରିପ୍ରେକ୍ଷୀରେ ଭଗବାନଙ୍କ ଗଭୀର ଶାସ୍ତ୍ରଜ୍ଞାନ ଦର୍ଶାଉଥିବା କେତୋଟି ପ୍ରାସଙ୍ଗିକ ଘଟଣା ମନେ ପକାଇବା । କିଛି ବର୍ଷ ପୂର୍ବ କଥା, ଦଶହରା ଉତ୍ସବ ପାଇଁ ଯଜ୍ଞ ହେବାର ପ୍ରୟୋଜନୀୟ ସମସ୍ତ ବ୍ୟବସ୍ଥା କରାଯାଇଥାଏ । ଯଜ୍ଞ ବେଦିକା ପ୍ରସ୍ତୁତ ହେଉଥାଏ । ବେଦ ଓ ଶାସ୍ତ୍ରରେ ବିଶେଷ ପାଣ୍ଡିତ୍ୟ ଲାଭ କରିଥିବା ପଣ୍ଡିତମାନେ ଉପସ୍ଥିତ ଥାଆନ୍ତି । ସେମାନଙ୍କ ଭିତରୁ କେତେକଙ୍କର ବାବାଙ୍କ ଦିବ୍ୟତ୍ୱ ଉପରେ ବିଶ୍ୱାସ ନଥାଏ । ବାବାଙ୍କ ପ୍ରତି ସେମାନଙ୍କ ମନରେ ପ୍ରେମ ଓ ଭକ୍ତି ନ ଥାଏ । ଭକ୍ତି ଅଭାବ ଯୋଗୁଁ ହେଉ ବା ନିଷ୍ଠାର ଅଭାବ ଯୋଗୁଁ, ଗୋଟିଏ ଭୁଲ ରହିଗଲା । ମନ୍ତ୍ରୋଚ୍ଚାରଣ କରୁଥିବା ପଣ୍ଡିତମାନଙ୍କ ମଧ୍ୟରୁ ଜଣେ ଭୁଲ ଉଚ୍ଚାରଣ କରୁଥିଲେ । ନିଜ ଭୁଲକୁ ସଂଶୋଧନ ନ

କରି ସେ ସେହି ଭୁଲ ମନ୍ତ୍ର ବୋଲି ଚାଲିଲେ, ଭାବିଲେ ଏ ଭୁଲ ଧରାପଡ଼ିବ ନାହିଁ । ଭଗବାନ ତାଙ୍କ ଆଡ଼କୁ ବୁଲି ପଡ଼ିଲେ, ଗମ୍ଭୀର ହୋଇ ମୁହୂର୍ତ୍ତେ ଚାହିଁଲେ ଓ କଡ଼ା ସ୍ୱରରେ କହିଲେ, ''ଶାସ୍ତ୍ରୀ, ସଠିକ୍ ଭାବେ ପୁନର୍ବାର ଉଚ୍ଚାରଣ କର ।'' ଶାସ୍ତ୍ରୀ ଥରି ଉଠିଲେ । ଏଥର ସ୍ୱାମୀ ନିର୍ଭୁଲ ଭାବେ ସଠିକ୍ ସ୍ୱରରେ ସଠିକ୍ ତାନ ସୃଷ୍ଟି କରି ମନ୍ତ୍ରୋଚ୍ଚାରଣ ଆରମ୍ଭ କଲେ ଏବଂ ସମବେତ ପଣ୍ଡିତବର୍ଗ ସ୍ୱାମୀଙ୍କ ସହ ମନ୍ତ୍ରଗାନରେ ଭାଗ ନେଲେ ।

ସହନଶୀଳତା

ସତ୍ୟର ଖ୍ୟାତି ଯେତିକି ଯେତିକି ପ୍ରଚାରିତ ହେଲା, ଏ ଆଶ୍ଚର୍ଯ୍ୟ ବାଳକକୁ ଦେଖିବା ପାଇଁ ଦୂର ଦୂରାନ୍ତରୁ ବହୁସଂଖ୍ୟକ ଲୋକ ଆସି ଉରବକୋଣ୍ଡାରେ ରୁଣ୍ଡ ହେଲେ । କିଏ କହିଲା ବୀର ପେଷା ଯାଇଛି, କିଏ କହିଲା ତାକୁ ଭୂତ ଲାଗିଛି, କିଏ କହିଲା ତା' ଭିତରେ ବେତାଳ ପଶିଯାଇଛି, କିଏ କହିଲା ବ୍ରହ୍ମରାକ୍ଷସ ତାକୁ କାବୁ କରି ନେଇଛି । ତାନ୍ତ୍ରିକକୁ ଡାକ, ସେ ଭଲ କରିଦେବ । ଶେଷରେ ଶେଷମାରାଜୁ ଜଣେ ଦେବୀ ସାଧକଙ୍କୁ ଡାକିଲେ, ତାକୁ ଦେଖି ସତ୍ୟ କହିଲା, ''ତୁ ମୋତେ ସବୁଦିନ ପୂଜା କରୁଛୁ, ଦୈନିକ ମୋ ଆଶୀର୍ବାଦ ଭିକ୍ଷା କରୁଛୁ, ବର୍ତ୍ତମାନ ମୋ ଚିକିତ୍ସା କରିବାକୁ କିପରି ସାହସ କଲୁ ? ମୋ ପାଦତଳେ ପ୍ରଣାମ କରି ସୁନା ପିଲାଟି ଭଳି ଏଠାରୁ ଚାଲିଯାଅ ।'' ତାନ୍ତ୍ରିକ ବିଚରା ଡରିଗଲା, ସତ୍ୟକୁ ନମସ୍କାର କରି ସେ ସ୍ଥାନ ପରିତ୍ୟାଗ କଲା ।

ପିତାମାତା ଯାଇ ଉରବକୋଣ୍ଡରୁ ସତ୍ୟକୁ ପୁଟ୍ଟପର୍ତ୍ତି ଘେନି ଆସିଲେ । ବେଲାରୀ ଓ ଧର୍ମବରମ୍‌ର ପ୍ରସିଦ୍ଧ ଡାକ୍ତରମାନଙ୍କ ପରାମର୍ଶ ନିଆଗଲା । କେହି ତା'ର ରୋଗ ନିରୂପଣ କରି ପାରିଲେ ନାହିଁ । ମଝିରେ ମଝିରେ ସତ୍ୟ ଚିତ୍କାର କରିଉଠେ, ଏଇ ଦେଖ, ଦେବତାମାନେ ଆସିଛନ୍ତି, ତାଙ୍କୁ ଆରତୀ କର । ଏଥିରେ ଘରର ସଦସ୍ୟମାନେ ଭୟ ତଥା ଉଦ୍‌ବେଗରେ ପଡ଼ନ୍ତି । ସେମାନେ ଶୁଣିଲେ ଯେ କାଦିରୀ ସହରରେ ଗୋଟିଏ ଗୁଣିଆ ଅଛି, ଯିଏ ସବୁଠାରୁ ସାଙ୍ଘାତିକ ଭୂତ ପ୍ରେତମାନଙ୍କୁ ମଧ୍ୟ ତଡ଼ି ଦେଇପାରେ । ପେଦ୍ଦା ଓ୍ୱେଙ୍କମା ରାଜୁ ସତ୍ୟକୁ ଗୋଟିଏ ଶଗଡ଼ରେ ସେଠାକୁ ନେଇ ବାହାରିଲେ । ଗୁଣିଆର ମୁହଁ ଓ ଆଖି ଦୁଇଟି ଭୟଙ୍କର ଦେଖାଯାଉଥାଏ । ବାଳକଟିକୁ ତା'ର କ୍ରୂର ଚିକିତ୍ସା ପ୍ରଣାଳୀ ପାଖରେ ଟେକି ଦିଆଗଲା । ସେ ପ୍ରଥମେ ସତ୍ୟର ମୁଣ୍ଡକୁ ଲଣ୍ଡା କରିଦେଲା । ଗୋଟିଏ କ୍ଷୁରଦ୍ୱାରା ମୁଣ୍ଡର ବିଭିନ୍ନ ସ୍ଥାନରେ କଟାକଟି କଲା । ଧାର ଧାର ରକ୍ତ ଝରିଲା । କଟା ସ୍ଥାନରେ ସେ ଲେମ୍ବୁରସ ଓ ପିଆଜ ରସ ଢାଳିଲା । ବାଳକ ଆଖିରେ କି ମଲମ ବୋଳିଲା କେଜାଣି, ଆଖି ଦୁଇଟି ଭୀଷଣଭାବେ ଜଳାପୋଡ଼ା କଲା । ରକ୍ତ ଝରୁଥିବା ଓ ଜ୍ୱାଳା କରୁଥିବା ମୁଣ୍ଡରେ ଗୁଣିଆ ୧୦୧ ମାଠିଆ ପାଣି

ଢାଳିଲା । ସତ୍ୟ ଉପରେ ଯେଉଁ ଅକଥନୀୟ ଅମାନୁଷିକ ଅତ୍ୟାଚାର କରାଗଲା, ସେସବୁକୁ ସତ୍ୟ ଧୈର୍ଯ୍ୟର ସହ ସହିଲା ସିନା, ପରିବାରର ଅସହାୟ ସଦସ୍ୟମାନଙ୍କୁ ବହୁତ କଷ୍ଟ ହେଲା। ସେମାନେ ବ୍ୟତିବ୍ୟସ୍ତ ହୋଇ ଉଠିଲେ, ଦୁଃଖରେ ଅଭିଭୂତ ହୋଇ ପଡ଼ିଲେ।

ତା' ଉପଚାରରେ ଭୂତ ଛାଡ଼ି ଯାଇନାହିଁ ଦେଖି ଗୁଣିଆ ଆହୁରି ହିଂସ୍ର ହୋଇ ଉଠିଲା । ସେ କଷ୍ଟ ପରିବାରବର୍ଗଙ୍କ ପକ୍ଷେ ଅସହନୀୟ ହେବାରୁ ବାଳକକୁ ଅମାନୁଷିକ ଦଣ୍ଡଭୋଗରୁ ବଞ୍ଚାଇବା ଉଦ୍ଦେଶ୍ୟରେ ପରିବାର ଲୋକେ ଗୁଣିଆକୁ ଅନୁରୋଧ କରି ପିଲାକୁ ଫେରାଇ ଆଣିବାକୁ ବସିଲେ । ସେମାନେ କହିଲେ, ''ଆଉ ଥରେ ଆମେ ତାକୁ ତୁମ ପାଖକୁ ଆଣିବୁ, ଆଜି ତାକୁ ଛାଡ଼ିଦିଅ ।'' ଏହିପରି ଭାବେ ନିଜ ପୁଅକୁ ଗୁଣିଆ ହାତରୁ ଉଦ୍ଧାର କଲେ।

ଏ ଘଟଣାର ବହୁ ବର୍ଷ ପରେ, ଜଣେ ହରିଦାସ ଭଗବାନଙ୍କ ଉପସ୍ଥିତିରେ ଭଗବାନଙ୍କ ଜୀବନ ଗାଥା ଗାନ କରୁଥିଲେ । ଯେତେବେଳେ ଏହି ହୃଦୟହୀନ ଗୁଣିଆ ହାତରେ ସ୍ୱାମୀଙ୍କ କଷ୍ଟ ଭୋଗ କଥା ଆରମ୍ଭ ହେଲା, ସ୍ୱାମୀ କହିଲେ, ''ସେ କଥା ଶୁଣିବା ମଧ୍ୟ କଷ୍ଟକର, ବଙ୍ଗାରୁ ତାକୁ ଛାଡ଼ି ଅନ୍ୟ ବିଷୟ ଗାଅ ।'' କିଛି ସମୟ ପରେ କସ୍ତୁରୀ ପଚାରିଲେ, ''ସ୍ୱାମୀ ସେ ସମୟର କଥା ଯଦି ଶୁଣିବାକୁ ଏତେ କଷ୍ଟକର, ସେତେବେଳେ ଆପଣ କାହିଁକି ସେପରି ଅମାନବିକ ଚିକିତ୍ସା ଗ୍ରହଣ କରୁଥିଲେ ?'' ଭଗବାନଙ୍କ ଉତ୍ତର ତାଙ୍କ ସ୍ୱରୂପ ପ୍ରକାଶ କରିଛି । ସେ ବୁଝାଇଲେ, ''ଏ ଶରୀର ଯେତେ କଷ୍ଟ ପାଇଲେ ମଧ୍ୟ ତାହା ମୋତେ ବାଧେ ନାହିଁ। ମୁଁ ସମସ୍ତ ପ୍ରକାର ସୁଖ ଓ ଦୁଃଖର ଅତୀତ । ମୁଁ ତାହା ସମସ୍ତଙ୍କୁ ଦେଖାଇ ଦେବାକୁ ଚାହିଁଲି । ସେଥିପାଇଁ ସେ ସମସ୍ତ ଅତ୍ୟାଚାରକୁ ନିମନ୍ତ୍ରଣ କରିଥିଲି । ମୋ କଷ୍ଟଭୋଗ ମୋ ଆଧ୍ୟାତ୍ମିକତା ବିଷୟରେ ଲୋକଙ୍କୁ ଧାରଣା ଦେବ, ସେମାନେ ମୋ ପ୍ରତି ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିବେ ଏବଂ ନିଶ୍ଚିତ ପୁରସ୍କୃତ ହେଉଥିବା, ଭକ୍ତିମାର୍ଗରେ ଅଗ୍ରସର ହେବେ ।''

ପେନୁକୋଣ୍ଡା ସହରରରେ କୃଷ୍ଣମାଚାରୁଲୁ ନାମକ ଜଣେ ଓକିଲ ଥିଲେ । ସେ ସତ୍ୟକୁ ଦେଖିବାକୁ ପୁଟ୍ଟପର୍ତ୍ତି ଆସିଲେ ଓ କହିଲେ, ମୁଁ ଯାହା ଭାବିଥିଲି ସତ୍ୟର ଅବସ୍ଥା ତାହାଠାରୁ ଅନେକ ବେଶୀ ଖରାପ, ମୋ ମତରେ ତାକୁ ଘଟିକାଚଳମ୍‌କୁ ନେଇଯାଅ, ସେଠାରେ ଅଧିଷ୍ଠିତ ଦେବତା ନରସିଂହ ସ୍ୱାମୀଙ୍କ ଦର୍ଶନ ଲାଭ କଲେ ସତ୍ୟ ଆରୋଗ୍ୟ ଲାଭ କରିବ । ଓକିଲଙ୍କର ଏ କଥା ଶୁଣି ସତ୍ୟ ପୁଣି ହସି ହସି କହିଲା, ''ମହାଶୟ, ମୁଁ ହିଁ ଘଟିକାଚଳମ୍‌ର ନରସିଂହ ସ୍ୱାମୀ, ଆପଣ ଉପଦେଶ ଦେଉଛନ୍ତି ମୁଁ ମୋର ଦର୍ଶନ କରିବାକୁ ଯିବି ?''

ମୁଁ ସାଇବାବା

୧୯୪୦ ମେ ମାସ ୨୩ ତାରିଖ । ସତ୍ୟ ତାଙ୍କ ଦାଣ୍ଡ ବାରଣ୍ଡାରେ ବସି ମିଶ୍ରି ଓ ଫୁଲମାଳ ସୃଷ୍ଟି କରି ପ୍ରତ୍ୟେକଙ୍କୁ ବାଣ୍ଟୁଥାଏ । ଦୃଶ୍ୟ ବଡ଼ ଆନନ୍ଦଦାୟକ ତଥା ସୁଖପ୍ରଦ ଥିଲା । କେତେକ ଲୋକ ପେଦ୍ଦା ୱେଙ୍କମା ରାଜୁଙ୍କୁ ଡାକି ଆଣିଲେ ଏ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଉପଭୋଗ କରିବା ପାଇଁ । କିନ୍ତୁ ବାପା ଭାବିଲେ ଏ ସବୁ ପୁଅର ହାତସଫେଇ ଓ ଶସ୍ତା ଯାଦୁ ଖେଳ । ସେ ଏସବୁକୁ ଆଉ ସହି ନପାରି ଗୋଟିଏ ଶକ୍ତ ଠେଙ୍ଗା ଧରି ସତ୍ୟ ଆଡ଼କୁ ଦୌଡ଼ି ଆସି ଚଢ଼ା ଗଳାରେ ପାଟିକରି ଉଠିଲେ, ''କହ ତୁ କିଏ ? ତୁ ଦେବତା ନା ଭୂତପ୍ରେତ ?'' ସତ୍ୟ ନିଜ ବାପାଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କଲା । ସେ ସଂପୂର୍ଣ୍ଣ ଶାନ୍ତ, ଧୀର କିନ୍ତୁ ଦୃଢ଼ କଣ୍ଠରେ କହିଲା, ''ମୁଁ ସାଇବାବା, ମୁଁ ଆପସ୍ତମ୍ଭ ସୂତ୍ରର, ଭରଦ୍ୱାଜ ଗୋତ୍ରର । ତୁମେମାନେ ମାନସିକ ବଳ ଅଭାବରୁ ଭୟାକ୍ରାନ୍ତ ହୋଇ ପଡ଼ିଥିବାରୁ ମୁଁ ତୁମ ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ଆସିଛି । ତୁମର ପୂର୍ବଜ ୱେଙ୍କାବଧୂତ ତୁମ ପରିବାରରେ ମୁଁ ଜନ୍ମ ନିଏ ବୋଲି ପ୍ରାର୍ଥନା କରିଥିଲେ ଏବଂ ପ୍ରାର୍ଥନାର ପୁରସ୍କାର ସ୍ୱରୂପ ମୁଁ ଏଠାରେ ଅବତାର ଗ୍ରହଣ କରିଛି ।'' ପେଦ୍ଦା ୱେଙ୍କମା ରାଜୁ ନିର୍ବାକ୍ ଓ ନିଶ୍ଚଳ ହୋଇଗଲେ । ତାଙ୍କ ହାତରୁ ଏତେ ବଡ଼ ଠେଙ୍ଗୋଟା ଖସି ତଳେ ପଡ଼ି ଯାଇଥିଲା କିନ୍ତୁ ସେ ତାହା ଜାଣି ପାରିନଥିଲେ ।

ପିତା ପେଦ୍ଦା ୱେଙ୍କମା ରାଜୁ ମୁହୂର୍ତ୍ତକ ମଧ୍ୟରେ କାହିଁକି ଅଭିଭୂତ ତଥା ମୂକ ପାଲଟି ଗଲେ ? ମହାନ୍ ଅବଧୂତଙ୍କ ନାମ ଶୁଣିବା ମାତ୍ରେ କାହିଁକି ତାଙ୍କଠାରେ ଏ ରୂପାନ୍ତରଣ ପରିଲକ୍ଷିତ ହେଲା ?

ପେଦ୍ଦା ୱେଙ୍କମା ରାଜୁଙ୍କ ପିତା କୋଣ୍ଡମା ରାଜୁଙ୍କ ବାସଗୃହକୁ ମହାପୁରୁଷ ୱେଙ୍କାବଧୂତ ବାରମ୍ବାର ପଦାର୍ପଣ କରୁଥିଲେ । ସେ ସଦା ସର୍ବଦା ତାଙ୍କ ମୁଖରେ ସ୍ମିତ ହାସ୍ୟ ଖେଳାଇ ରଖୁଥିଲେ । ସେ ଆଧ୍ୟାତ୍ମିକ ଶାନ୍ତି ଓ ଆନନ୍ଦର ଏକ ଚିତ୍ର ପ୍ରତିମା ଥିଲେ । ତାଙ୍କ ବସ୍ତ୍ର ଚିରି ଖଣ୍ଡ ଖଣ୍ଡ ହୋଇଗଲେ ମଧ୍ୟ ସେ ତା' ପ୍ରତି କୌଣସି ଗୁରୁତ୍ୱ ଦେଉ ନଥିଲେ । ସେ ଯାହା ମଥାରେ ତାଙ୍କର ହାତ ରଖିଦିଅନ୍ତି, ସେ ଅପୂର୍ବ ଆଧ୍ୟାତ୍ମିକ ଅନୁଭୂତିମାନ ଲାଭ କରୁଥିଲେ । ତାଙ୍କ ନିବାସ କେଉଁଠି, ସେ କେଉଁଆଡ଼େ ଯାଆନ୍ତି, କେଉଁଠୁ ଆସନ୍ତି, ତାହା କାହାରିକୁ ଜଣା ନଥିଲା । ସେ ପ୍ରକୃତ ଅର୍ଥରେ ଜଣେ ସନ୍ନ୍ୟାସୀ ଥିଲେ, ଜଳସ୍ରୋତରେ ଭାସୁଥିବା କାଠ ଖଣ୍ଡ ଭଳି । ତାଙ୍କ ଭଳି ଅହିଂସା ଓ ତ୍ୟାଗର ସର୍ବୋଚ୍ଚ ସ୍ତର ତଥା ଉପଲବ୍ଧି ହାସଲ କରିଥିବା ମହାପୁରୁଷମାନଙ୍କୁ ଅବଧୂତ କୁହାଯାଏ । ସୂକ୍ଷ୍ମତମ ତଥା ପରମୋଲ୍ଲସିତ ଜ୍ଞାନ ସହ ଭଲ ଭାବେ ପରିଚିତ ପଣ୍ଡିତମାନଙ୍କ ମତରେ ଏ ୱେଙ୍କାବଧୂତ ହେଉଛନ୍ତି ସେହି ଭେଙ୍କୁଶା ଯିଏ ଶିରିଡ଼ିସାଇଙ୍କୁ ତାଙ୍କ ଶୈଶବରେ

ଲାଳନ ପାଳନ କରିଥିଲେ । ଏହି ଅବଧୂତ କୋଣ୍ଡମା ରାଜୁଙ୍କ ସହିତ ଆଧ୍ୟାତ୍ମିକ ବିଷୟମାନ ଆଲୋଚନା କରିବା ଉଦ୍ଦେଶ୍ୟରେ ବାରମ୍ବାର ଆସୁଥିଲେ ।

ଦିନେ ଉଭୟଙ୍କ ମଧ୍ୟରେ କଦଳୀ ବଗିଚାରେ କଥାବାର୍ତ୍ତା ଚାଲିଥିଲା । ହଠାତ୍ ଓ୍ୱେଙ୍କାବଧୂତ ନୀରବ ହୋଇଗଲେ । କୋଣ୍ଡମା ରାଜୁ ଏହାର କାରଣ ପଚାରନ୍ତେ ଉତ୍ତର ଆସିଲା, କୋଣ୍ଡମା ରାଜୁ, ଧରିତ୍ରୀମାତା ରୋଦନ କରୁଛନ୍ତି । ତାଙ୍କ କୋହ ଶୁଣିପାରୁନାହଁ ? କୋଣ୍ଡମା ରାଜୁ ବିଶ୍ୱାସ ନ କରି ଚାହିଁ ରହିଲେ । ଓ୍ୱେଙ୍କାବଧୂତ କହିଚାଲିଲେ, ଅତି ଶୀଘ୍ର ପରଂବ୍ରହ୍ମ ମାନବରୂପ ଧରି ପୃଥିବୀପୃଷ୍ଠରେ ଅବତାର ଗ୍ରହଣ କରିବେ, ସେ ଅବତାରଙ୍କୁ ଅବଲୋକନ କରିବା ତୁମ ଭାଗ୍ୟରେ ମଧ୍ୟ ଜୁଟିବ । ଏ କଥା ସେ ବାରମ୍ବାର କହୁଥିଲେ । ସେ କୋଣ୍ଡମା ରାଜୁଙ୍କୁ କହିଲେ, ମୋ ହାତରେ ହାତ ରଖି କହ, ତୁମେ ମୋର ଏ ଅସାଧାରଣ ଭବିଷ୍ୟବାଣୀକୁ ବିଶ୍ୱାସ କରୁଛ । ଏହାର କିଛି ଦିନ ପରେ ଓ୍ୱେଙ୍କାବଧୂତ ତାଙ୍କ ମରଶରୀର ତ୍ୟାଗ କରିଥିଲେ ।

ବର୍ତ୍ତମାନ ପେଦା ଓ୍ୱେଙ୍କମା ରାଜୁ, ତାଙ୍କ ପୁତ୍ର ସେହି ମହାନ୍ ସନ୍ଥଙ୍କ ମହିମାମୟ ନାମ ଉଲ୍ଲେଖ କରିବା ଶୁଣିଲେ । ସେ ଦିବ୍ୟ ପୁରୁଷଙ୍କର ତାଙ୍କ ପରିବାର ସହ ସଂପର୍କ ଓ ତାଙ୍କ କଳ୍ପନାତୀତ ଭବିଷ୍ୟବାଣୀ (ଅବତାରଙ୍କ ଆଗମନ ସମ୍ବନ୍ଧୀୟ) କଥା ପିତାଙ୍କର ମନେ ପଡ଼ିଗଲା । ଏ ସବୁ ଯାହା ଘଟିଗଲା, ତାହାର ପୂର୍ଣ୍ଣ ବିବରଣୀ ବୟୋବୃଦ୍ଧ କୋଣ୍ଡମା ରାଜୁଙ୍କ କର୍ଣ୍ଣଗୋଚର ହେବା ମାତ୍ରେ ତାଙ୍କ ନୟନରୁ ଆନନ୍ଦାଶ୍ରୁର ନିର୍ଝର ସ୍ରୋତସ୍ୱିନୀ ବହିବାକୁ ଲାଗିଲା ।

ଏଥିପୂର୍ବରୁ କେହି ସାଇବାବା ନାମ ଶୁଣି ନଥିଲେ । ସତ୍ୟ ମୁହଁରୁ ସେ ନାମଟି ଶୁଣି ସମସ୍ତେ ଚିନ୍ତା କଲେ, ଏ ସାଇବାବା କିଏ ? ପେଦା ଓ୍ୱେଙ୍କମା ରାଜୁ ଶୁଣିଥିଲେ ଯେ ଜଣେ ସରକାରୀ ଅଫିସର ବଦଳି ହୋଇ ଆସି ପେନୁକୋଣ୍ଡାରେ ଅଛନ୍ତି, ସେ ସାଇବାବା ନାମକ ଜଣେ ଫକୀରଙ୍କୁ ପୂଜା କରନ୍ତି । ଦିନେ ସେ ପୁଅକୁ ନେଇ ତାଙ୍କ ପାଖରେ ପହଞ୍ଚିଲେ । ସେ ଭଦ୍ରବ୍ୟକ୍ତି ପିଲାକୁ ଦେଖି କହିଲେ, ''ପିଲାଟି ସାଂଘାତିକ ମସ୍ତିଷ୍କ ବେମାରୀରେ ପଡ଼ିଛି । କୌଣସି ବଡ଼ ଡାକ୍ତରଖାନାକୁ ନେଇ ତାକୁ ଚିକିତ୍ସା କରାଯାଉ ।'' ଏ ଉପଦେଶ ଶୁଣି ସତ୍ୟ ତାଙ୍କୁ ପଚାରିଲା, ''ମସ୍ତିଷ୍କ ରୋଗ କାହାର ହୋଇଛି, ମୋର ନା ତୁମର ? ଯେଉଁ ସାଇଙ୍କୁ ଦୈନିକ ପୂଜା କରୁଛ ସେ ରକ୍ତମାଂସ ଶରୀର ଧରି ତୁମ ସମ୍ମୁଖରେ ଉପସ୍ଥିତ ହେବା ଦେଖି ମଧ୍ୟ ତୁମର ମସ୍ତିଷ୍କ ଦୁର୍ବଳତାରୁ ତାଙ୍କୁ ଚିହ୍ନିପାରୁନାହଁ ।'' ସେ ତାଙ୍କୁ ତାଙ୍କ ହାତ ଧରିବାକୁ କହିଲେ ଏବଂ ହାତକୁ ଘୂରାଇ ଗଦା ଗଦା ବିଭୂତି ସୃଷ୍ଟି କରି ତାଙ୍କ ହାତରେ ଅଜାଡ଼ିଲେ । ଆଶ୍ଚର୍ଯ୍ୟଚକିତ ପରିବାରର ଘର ସାରା ବିଭୂତି ବୁଣିଦେଲେ ।

ଗୋଟିଏ ଗୁରୁବାରରେ ସତ୍ୟକୁ ଘେରି ରହିଥିବା ଲୋକମାନଙ୍କ ମଧ୍ୟରୁ ଜଣେ କହିଲା, ''ତୁ ସାଇବାବା, ଏହାର କିଛି ପ୍ରମାଣ ଅଛି ଯଦି ଦେଖା ।'' ସତ୍ୟ ତାଙ୍କୁ ପଚାରିଲା, ତୁମର ପ୍ରକୃତରେ ପ୍ରମାଣ ଦରକାର କି ? ସତ୍ୟ କିଛି ମଲ୍ଲୀଫୁଲ ମଗାଇଲା ଓ ନିଜ ହାତରେ ଧରି ଘର ଚଟାଣ ଉପରେ ପକାଇ ଦେଲା । ଉପସ୍ଥିତ ଥିବା ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଯେ ସେ ଫୁଲଗୁଡ଼ିକ ଆପେ ଆପେ ସଜାଇ ହୋଇ ତେଲୁଗୁରେ ସାଇବାବା ଲେଖି ହୋଇଗଲା । ସମସ୍ତଙ୍କ ସନ୍ଦେହ ଦୂର ହୋଇଗଲା ।

ମହାନ୍ ଉଦ୍‌ଘୋଷଣା

୧୯୪୦ ଅକ୍ଟୋବର ୨୦ ସୋମବାର । ଅନେକ ଦିନ ସ୍କୁଲ୍ ବନ୍ଦ କରିବା ପରେ ସତ୍ୟ ବର୍ତ୍ତମାନ ଉରବକୋଣ୍ଡାରେ । ସ୍କୁଲ୍ ଅଭିମୁଖେ ଯାତ୍ରା କରୁ କରୁ ହଠାତ୍ ପଛକୁ ବୁଲିପଡ଼ି ଘରକୁ ଫେରିଲା । ବହିପତ୍ର ସବୁ ଫୋପାଡ଼ି ଦେଇ ବଡ଼ ପାଟିରେ କହିଲା, ''ମୁଁ ଆଉ ତୁମ୍ଭମାନଙ୍କର ନୁହେଁ, ମାୟା ଏବେ ମୋତେ ଛାଡ଼ି ଚାଲିଯାଇଛି । ମୋ ଭକ୍ତମାନେ ଉଦଗ୍ରୀବ୍ ହୋଇ ମତେ ଡାକିଲେଣି ।'' ଏସବୁ କଥା ରୋଷେଇଘର ଝରକା ଭିତରୁ ତାଙ୍କ ଭାଉଜ ଶୁଣିଲେ । ସତ୍ୟ ମଥା ଚତୁଃପାର୍ଶ୍ୱରେ ସେ ଏକ ଉଜ୍ଜ୍ୱଳ ଆଲୋକ ବଳୟ ଦେଖିଲେ, ତାହାର ଉଜ୍ଜ୍ୱଳତା ସହି ନପାରି ତାଙ୍କ ଆଖି ବନ୍ଦ ହୋଇଯାଇଥିଲା । ସତ୍ୟ କହିଲା, ''ମୁଁ ଯାଉଛି, ଯେଉଁ କାମ ପାଇଁ ଏଠାକୁ ଆସିଛି ତାହା ଆରମ୍ଭ କରିବାକୁ ପଡ଼ିବ ।'' ସତ୍ୟ ଏସବୁ କହୁଥିବା ସମୟରେ ଭାଇ ଶେଷମା ରାଜୁ ଓ ପଡ଼ୋଶୀ ନାରାୟଣ ଶାସ୍ତ୍ରୀ ସେ ସ୍ଥାନରେ ପହଞ୍ଚିଲେ । ତାଙ୍କ ମଥା ଚାରିପାଖେ ଜ୍ୟୋତି ବଳୟ ଦେଖି ଶାସ୍ତ୍ରୀ ସତ୍ୟର ପାଦ ତଳେ ପଡ଼ିଗଲେ । ଶେଷମା ରାଜୁ ନିର୍ବାକ୍ ଓ ନିଶ୍ଚଳ ହୋଇ ରହିଗଲେ ।

ଏକ ଉଜ୍ଜ୍ୱଳ ଆଲୋକର ମୁକୁଟ ପିନ୍ଧି ନିକଟରେ ଥିବା ଅବକାରୀ ଇନ୍ସପେକ୍ଟର ଶ୍ରୀ ଆଞ୍ଜାନେୟୁଲୁଙ୍କ ପ୍ରଶସ୍ତ ବଗିଚା ଭିତରକୁ ଚାଲିଲା ସତ୍ୟ । ସେଠାରେ ପଡ଼ିଥିବା ଗୋଟିଏ ବଡ଼ ପଥର ଉପରେ ଯାଇ ବସିଲା । କେତେକ ଲୋକ ଆଗ୍ରହରେ ସେଠାରେ ରୁଣ୍ଡ ହୋଇଗଲେ । ସତ୍ୟ ଗୋଟିଏ ଭଜନ ବୋଲିଲା, ସେ ଭଜନଟି ସହସ୍ର ସହସ୍ର ଭଜନ ମଧ୍ୟରୁ ପ୍ରଥମ ଭଜନ ଥିଲା । ତାହା ଆଜି ସମଗ୍ର ପୃଥିବୀରେ ସର୍ବତ୍ର ପ୍ରତିଧ୍ୱନିତ ହେଉଛି, 'ମାନସ ଭଜରେ ଗୁରୁଚରଣମ୍, ଦୁସ୍ତର ଭବସାଗର ତରଣମ୍ ।'

ପ୍ରଥମେ ଶିକ୍ଷା କର ଯେ ତୁମେ ଭବସାଗରରେ ପଡ଼ିଛ, ତାହା ପରେ ତାହାକୁ ଅତିକ୍ରମ କରିବାକୁ ସଂକଳ୍ପବଦ୍ଧ ହୁଅ । ଜଣକୁ ଗୁରୁ ଭାବେ ଗ୍ରହଣ କର ବା ତୁମକୁ ଭଲ ଲାଗୁଥିବା ଭଗବାନଙ୍କର ନାମ ଓ ରୂପକୁ ଗ୍ରହଣ କର । ତାଙ୍କ ମହିମା ସ୍ମରଣ କର । ମନ ପ୍ରାଣ

ଦେଇ ଏକାଗ୍ରତାର ସହ ଭଜନ କର, ହୃଦୟ ସହିତ ଭଗବାନଙ୍କ ପଦାରବିନ୍ଦକୁ ସ୍ତୁତି କର, ତାହା ତୁମକୁ ଦୁସ୍ତର ଜନ୍ମ-ମୃତ୍ୟୁର ସାଗରରୁ ପାର କରାଇ ଦେବ ।

ସତ୍ୟ ସ୍ୱର ସହିତ ସ୍ୱର ମିଶାଇ ଗାଇବା ବେଳେ ଭକ୍ତମାନେ ନିଜକୁ ଭୁଲି ଯାଉଥିଲେ । କେହି କେହି ଧୂପକାଠି ଲଗାଇଲେ, କେହି କେହି ଫୁଲମାଳ ପିନ୍ଧାଇଲେ । ଜଣେ ଫଟଉଠାଳି ଆସି ପହଞ୍ଚି ଫଟ ଉଠାଇବା ପାଇଁ ପ୍ରସ୍ତୁତ ହେଲା । ସତ୍ୟ ବସିଥିବା ଜାଗାରେ ସତ୍ୟ ସାମ୍‌ନାରେ ଖଣ୍ଡେ ପଥର ପଡ଼ିଥିଲା । ଫଟବାଲା ସେଇଟିକୁ ଘୁଞ୍ଚାଇ ଦେବାକୁ ଇଚ୍ଛା କଲା । ସତ୍ୟ କହିଲା, ''ଥାଉ, ଫଟ ଉଠାଅ ।'' ଫଟ ପ୍ରସ୍ତୁତ ହୋଇ ସାରିଲା ବେଳକୁ ଫଟରେ ଦେଖାଗଲା, ପଥର ସ୍ଥାନରେ ଶିରିଡ଼ି ସାଇବାବାଙ୍କ ମୂର୍ତ୍ତି ।

ପୁରାଣ ଶାସ୍ତ୍ରରେ ସତ୍ୟସାଇ ବାବାଙ୍କ ବିଷୟରେ ଉଲ୍ଲେଖ

ଡଃ. ଇ.ଭି.ଭି. ଶାସ୍ତ୍ରୀ ଭାରତୀୟ ଜ୍ୟୋତିଷ ବିଦ୍ୟା ଗବେଷଣା କେନ୍ଦ୍ରର ସଭ୍ୟ। ସେ ହଜାର ହଜାର ବର୍ଷ ପୂର୍ବରୁ ଅନେକ ଯୋଗୀଋଷିମାନଙ୍କଦ୍ୱାରା ଲିଖିତ ଅନେକ ନାଡ଼ିଶାସ୍ତ୍ର ପାଠ କରିଛନ୍ତି ଏବଂ ସେ ସବୁଥିରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ବିଷୟରେ ଥିବା ଉଲ୍ଲେଖମାନ ସଂଗ୍ରହ କରି ପୁସ୍ତକ ପ୍ରକାଶନ କରିଛନ୍ତି। ତାହାର କିଛି ଉଦ୍ଧୃତାଂଶ ଏଠାରେ ଦିଆଗଲା ।

(୧) ଅଗସ୍ତ୍ୟ ନାଡ଼ିରେ ଅଛି; ସତ୍ୟସାଇ ବାବା ବିଜୁଳି ବେଗରେ ଲୋକମାନଙ୍କର ରୋଗ ଆରୋଗ୍ୟ କରିଦେବେ । ଇଚ୍ଛାମାତ୍ରେଣ ସ୍ୱାସ୍ଥ୍ୟ ପ୍ରଦାନ କରିବେ । ତାଙ୍କଦ୍ୱାରା ବହୁ ଶିକ୍ଷାନୁଷ୍ଠାନ ସ୍ଥାପିତ ହେବ। ଅସଂଖ୍ୟ ଆଧ୍ୟାତ୍ମିକ ପୁସ୍ତକ ପ୍ରକାଶିତ ହେବ, ସେ ମଣିଷଠାରେ ଆଧ୍ୟାତ୍ମିକତା ବିକାଶ କରିବେ। ଧର୍ମ ସ୍ଥାପନ ଓ ଧର୍ମକୁ ପୁନରୁଜ୍ଜୀବିତ କରିବା ତାଙ୍କର ମୁଖ୍ୟ କାମ ହେବ। ପୂର୍ବ ଅବତାରରେ ସେ ଶିରିଡ଼ିସାଇ ବାବା ଥିବେ। ସେ ଦୟା ଓ କରୁଣାର ଅବତାର ହେବେ। ସେ ବିଶ୍ୱ ବ୍ରହ୍ମାଣ୍ଡର ପିତା। ସେ ଭଗବାନଙ୍କର ଗୋଟିଏ ଦୟାମୟ ଅବତାର, ଜ୍ଞାନପ୍ରଦାୟକ, ଉଦ୍ଧାରକାରକ, ଜଗତ ଜନକ।

(୨) ବୁଧ ନାଡ଼ିରେ ଅଛି, 'ବାବା ସଦା ସର୍ବଦା ଆନନ୍ଦ ନିମଜ୍ଜିତ ହୋଇ ରହିବେ ।'

(୩) ଶୁକ୍ର ନାଡ଼ି କହେ, ତାଙ୍କ ବାସଗୃହର ନାମ ହେବ ପ୍ରଶାନ୍ତି ନିଲୟମ୍। ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ନୀତିଦ୍ୱାରା ସେ ବିଶ୍ୱସାରା ଶାନ୍ତି ପ୍ରତିଷ୍ଠା ଓ ପ୍ରସାର କରିବେ। ମଣିଷର ସେବା କରି ସେ ଆନନ୍ଦ ଉପଭୋଗ କରିବେ । ସବୁ ପ୍ରକାର ସିଦ୍ଧି ଓ ଶକ୍ତି ତାଙ୍କ ହାତରେ ରହିବ । ଦିବ୍ୟ ଗୁଣଧାରୀ ବ୍ୟକ୍ତିମାନେ ପୂର୍ବର ଶିରିଡ଼ି ଅଧିବାସୀ ହୋଇଥିବେ ।

ସେ ସଙ୍କଳ୍ପସିଦ୍ଧ । ସେ ନିର୍ବିକଳ୍ପ ସମାଧିରେ ରହିବେ । ସେ ଈଶ୍ୱରଙ୍କ ଅବତାର । ମାନବଜାତିର ସେବା କରି ସେ ଅଖଣ୍ଡ ଆନନ୍ଦ ଲାଭ କରିବେ ।

(୪) ଶ୍ରୀ ଚିନ୍ନା ଦୁରାଇ ବ୍ରହ୍ମ ନାଡ଼ି ପାଠ କରି ଭଗବାନ ସତ୍ୟସାଇଙ୍କ ବାବଦରେ ସଂକ୍ଷିପ୍ତ ଉଲ୍ଲେଖ କରିଛନ୍ତି । ତାଙ୍କ ଜୀବନରେ ଗୁରୁବାରଗୁଡ଼ିକ ଶୁଭ ବାର ଭାବେ ପରିଗଣିତ ହେବ । ତାଙ୍କ ଜୀବନ ଓ କର୍ମ ଭିତରେ ପ୍ରାସଙ୍ଗିକତା ରହିବ । ଜଣେ ସାଧାରଣ ଲୋକ ଭାବେ ପୁଟ୍ଟପର୍ତ୍ତିରେ ବାସ କରୁଥିବାର ମାୟା ସେ ସଞ୍ଚାର କରିବେ । ସେ ନାରାୟଣ ନାମ ବହନ କରିବେ, ସେ ଶିବଶକ୍ତିଙ୍କ ଅବତାର ଓ ଶିରିଡ଼ିସାଇଙ୍କ ପରବର୍ତ୍ତୀ ଅବତାର । ଚିତ୍ରାବତୀ ତୀରସ୍ଥ ଶାନ୍ତ ପରିବେଶରେ ଜାତ ହୋଇ ସେ ପରମଶାନ୍ତିର ପ୍ରତିମୂର୍ତ୍ତି ଭାବେ ଗୃହୀତ ହେବେ ।

(୫) ପଲାନି ସ୍ଥିତ ସୁବ୍ରହ୍ମଣ୍ୟ ସ୍ୱାମୀଙ୍କ ମନ୍ଦିରରେ ସୁରକ୍ଷିତ ହୋଇ ରହିଥିବା ନାଡ଼ିରେ ଲିଖିତ ଅଛି ଯେ ତାମିଲ, କେରଳ ଓ କର୍ଣ୍ଣାଟକ ଅଞ୍ଚଳ ପରିବେଷ୍ଟିତ ଆନ୍ଧ୍ରର ଏକ ଅଞ୍ଚଳରେ ଚିତ୍ରାବତୀ ନଦୀ ତଟରେ ଭଗବାନ ଅବତାର ଗ୍ରହଣ କରିବେ । ତାଙ୍କ ନାମ ହେବ ସତ୍ୟନାରାୟଣ, ସେ ଜଣେ ମହାନ୍ ଯୋଗୀ, ଯୋଗେଶ୍ୱର, ସେ ନିଦ୍ରା ଯାଉ ନଥିବେ ।

(୬) ପଦ୍ମପୁରାଣରେ ମହର୍ଷି ପରାଶର ଲେଖିଛନ୍ତି, ପର୍ତ୍ତି ନାମକ ଏକ ଗ୍ରାମରେ ସତ୍ୟମ୍ ନାମଧାରୀ ବ୍ୟକ୍ତି ଜନ୍ମ ଲାଭ କରିବେ । ତାଙ୍କ ଉଚ୍ଚତା ୫ ଫୁଟ ୩ ଇଞ୍ଚ ହେବ, ଅତି ଶକ୍ତିଶାଳୀ ଚୁମ୍ବକ ଭଳି ସେ ସମଗ୍ର ପୃଥିବୀକୁ ନିଜ ପ୍ରତି ଆକର୍ଷିତ କରିବେ । ବାବା ନିଜେ କହିଛନ୍ତି ଯେ ପଦ୍ମ ପୁରାଣ ଜଣେ ଇଂରେଜ (ଉଇଲସନ୍‌ଙ୍କ) ଦ୍ୱାରା ଇଂରାଜୀରେ ଅନୂଦିତ ହୋଇଛି । ବାବା ଆହୁରି କହିଛନ୍ତି ଯେ ଜୈମିନୀ ଭାରତମ୍‌ର ସଂପୂର୍ଣ୍ଣ ସଂସ୍କରଣ ଆଧ୍ୟାତ୍ମିକତାର ବହୁ ଉଚ୍ଚରେ ଥିବା କେତେକଙ୍କ ହାତରେ ଅଛି, ସେଥିରେ ମଧ୍ୟ ସତ୍ୟସାଇଙ୍କ ବିଷୟରେ ପରିଷ୍କାର ସୂଚନା ଦିଆଯାଇଛି ।

(୭) ବିଷ୍ଣୁପୁରାଣ କହେ, ସେ ନୂତନ ସତ୍ୟ ଯୁଗ ପ୍ରତିଷ୍ଠା କରି ଅଲୌକିକ ଶକ୍ତି ପ୍ରଦର୍ଶନ କରିବେ । ତାଙ୍କ ପିତାମାତା ଭଗବାନ ବିଷ୍ଣୁଙ୍କ ଭକ୍ତ ଥିବେ ଏବଂ କୃଷ୍ଣଙ୍କ ଗୋପାଳ ରୂପକୁ ପୂଜା କରୁଥିବେ ।

(୮) ଶ୍ରୀ ଅରବିନ୍ଦ ଜଣେ ମହାନ୍ ଯୋଗୀ ଓ ମହର୍ଷି ମଧ୍ୟ ଥିଲେ । ସେ ୧୯୨୩ ରୁ ୧୯୨୬ ପର୍ଯ୍ୟନ୍ତ ତାଙ୍କ ଆଶ୍ରମ ପଣ୍ଡିଚେରୀରେ କଠୋର ସାଧନାରେ ପ୍ରବୃତ୍ତ ହୋଇଥିଲେ । ତାଙ୍କ ପ୍ରାର୍ଥନା ଥିଲା, ମାନବଜାତିର ଉତ୍‌ଥାନ ପାଇଁ ଭଗବାନ ଅବତାର ଗ୍ରହଣ କରନ୍ତୁ । ୧୯୨୬ ନଭେମ୍ବର ୨୪ ତାରିଖରେ ସେ ତାଙ୍କ ସମାଧି ଅବସ୍ଥାରୁ ବାହାରି ଘୋଷଣା କଲେ ଯେ ଗତ କାଲି ଭଗବାନ ଭୂପୃଷ୍ଠରେ ଅବତାର

ଗ୍ରହଣ କଲେ, ତାଙ୍କ ଅସୀମ ଦିବ୍ୟଶକ୍ତି ବଳରେ ସେ ମଣିଷର ମନକୁ ଉଚ୍ଚତର ଓ ମହତ୍ତର ଲକ୍ଷ୍ୟ ଆଡ଼କୁ ଘେନିଯିବେ । ପ୍ରତ୍ୟେକଙ୍କ ହୃଦୟରେ ସେ ଆଧ୍ୟାତ୍ମିକ ପ୍ରଦୀପ ପ୍ରଜ୍ୱଳନ କରିବେ । ତାଙ୍କ ଐଶ୍ୱରୀୟ କଣ୍ଠସ୍ୱର ସମଗ୍ର ମାନବଜାତି କାନରେ ଅନୁରଣିତ ହୋଇଉଠିବ । ମହର୍ଷି ଅରବିନ୍ଦ ଦେଇଥିବା ତାରିଖରୁ ପରିଷ୍କାର ଭାବେ ଜଣାପଡୁଛି ଯେ ସେ ଅବତାର ହେଉଛନ୍ତି ଶ୍ରୀ ସତ୍ୟସାଇ ବାବା ।

(୯) ମହାପୁରୁଷ ମହମ୍ମଦଙ୍କ ସମ୍ଭାଷଣଗୁଡ଼ିକ ତାଙ୍କ ମହାପ୍ରୟାଣର ୭୦୦ ବର୍ଷ ପରେ ୨୫ ଖଣ୍ଡ ପୁସ୍ତକ ଆକାରରେ ପ୍ରକାଶ ଲାଭ କରିଛି । ସେଗୁଡ଼ିକ ଏକତ୍ରିତ ଭାବେ ନାମ ଧାରଣ କରିଛି ''ଆଲୋକ ସାଗର ।'' ପୃଥିବୀକୁ ଭବିଷ୍ୟତରେ ଆସୁଥିବା ଭଗବାନଙ୍କ ଅବତାରଙ୍କୁ ଚିହ୍ନିବାରେ ସହାୟକ ହେଲା ଭଳି ସୂଚନାମାନ ଏଥିରେ(୧୩ଶ ଖଣ୍ଡ) ଦିଆଯାଇଛି । ତାହା ହେଉଛି, ତାଙ୍କ ମଥାରେ ବହୁତ ବହଳିଆ କେଶ ଥିବ । କପାଳ ପ୍ରଶସ୍ତ ଥିବ, ଗାଲରେ ଜନ୍ମରୁ କଳାଜାଇ ଥିବ, ମୁହଁ ସବୁବେଳେ ପରିଷ୍କାର ଭାବେ କ୍ଷୌର ହୋଇଥିବ, ସେ ଦୁଇଖଣ୍ଡି ବସ୍ତ୍ର ପରିଧାନ କରୁଥିବେ, ତାଙ୍କ ବସ୍ତ୍ର ଜ୍ୱଳନ୍ତ ଅଗ୍ନିବର୍ଣ୍ଣର ହୋଇଥିବ, ତାଙ୍କ ମୁହଁ ରଙ୍ଗ କେତେ ବେଳେ ତମ୍ବା, କେତେବେଳେ ସୁନା, କେତେବେଳେ ମୃତ୍ତିକା ବର୍ଣ୍ଣର ଦିଶିବ । ବେଳେ ବେଳେ ସେ ଚନ୍ଦ୍ର ପରି ଦିଶିବେ । ସେ ଖର୍ବକାୟ ହେବେ, ତାଙ୍କ ପାଦ ସ୍ତ୍ରୀ ଲୋକମାନଙ୍କ ପାଦ ସଦୃଶ କୋମଳ ଥିବ । ଜନ୍ମ ହେବା ମୁହୂର୍ତ୍ତରୁ ସେ ନିଜ ମଥାରେ ସମସ୍ତ ଜ୍ଞାନ ଧାରଣ କରିଥିବେ । ସମଗ୍ର ପୃଥିବୀରେ ଥିବା ବିଭିନ୍ନ ଧର୍ମର ଶିକ୍ଷା ଓ ବାଣୀ ତାଙ୍କୁ ଜନ୍ମରୁ ବିଦିତ ଥିବ । ଭଗବାନଙ୍କୁ ମଗାଯାଉଥିବା ସବୁ କିଛି ସେ ପ୍ରଦାନ କରିପାରୁଥିବେ । ପୃଥିବୀର ସମସ୍ତ ସମ୍ପତ୍ତି ତାଙ୍କ ପାଦତଳେ ଠୁଳ ହେବ । ସେ ତାଙ୍କ ଭକ୍ତମାନଙ୍କ ମଧ୍ୟରେ ବୁଲିବେ, ନିଜ ହାତ ପାପୁଲିରେ ସେମାନଙ୍କ ମଥା ସ୍ପର୍ଶ କରିବେ, ତାଙ୍କ ଉପରେ ଦୃଷ୍ଟି ପଡ଼ିବାକ୍ଷଣି ଜଣେ ଶାନ୍ତି ଓ ଆନନ୍ଦ ଉପଲବ୍ଧି କରିବ । ସେ ଗୋଟିଏ ପାହାଡ଼ ଉପରେ ବାସ କରିବେ । ସେ ୯୫ ବର୍ଷ ବଞ୍ଚିବେ । ସେ ସାରା ପୃଥିବୀକୁ ଶାନ୍ତି ଓ ସ୍ଥିରତାରେ ପରିପୂର୍ଣ୍ଣ କରି ଦେବେ । ସେ ବିଶ୍ୱପତି, ନିଜ ରୂପକୁ ଶରୀରରୁ ନିଜ ମୁଖ ମଧ୍ୟ ଦେଇ ସୃଷ୍ଟି କରୁଥିବେ । ସେଥିରେ ଦିଆଯାଇଥିବା ୨୭ଟି ଲକ୍ଷଣରୁ ଯାହା ଜଣାପଡୁଛି ସେ ହେଉଛନ୍ତି ସତ୍ୟସାଇ ବାବା ।

(୧୦) ୧୬ଶ ଶତାବ୍ଦୀର ଜଣେ ଫରାସୀ ଭଦ୍ରବ୍ୟକ୍ତି ଯେଉଁ ଭବିଷ୍ୟବାଣୀ ପ୍ରଦାନ କରିଥିଲେ, ସେହିସବୁକୁ ଶତାବ୍ଦୀ (ସେଞ୍ଚୁରୀ) ନାମକ ପୁସ୍ତକରେ ଏକତ୍ରିତ କରାଯାଇଛି । ସେ କହନ୍ତି ଯେ ପୃଥିବୀର ଆଗାମୀ ସମ୍ରାଟ ଏସିଆରେ ଜନ୍ମ ଲାଭ କରିବେ । ସେ ଗୁରୁବାରକୁ ଶୁଭ ଓ ପବିତ୍ର ମନେ କରିବେ । ପୃଥିବୀର ସମସ୍ତ ଦେଶ ତାଙ୍କୁ, ତାଙ୍କ ଅସୀମ ଜ୍ଞାନ ଓ ଅସୀମ କ୍ଷମତାକୁ ଶ୍ରଦ୍ଧା ଓ ଭକ୍ତି କରିବେ । ତାଙ୍କୁ ସମ୍ମାନିତ କରିବା ପାଇଁ ପୃଥିବୀର ସମସ୍ତ ଅଞ୍ଚଳରୁ ଲୋକମାନେ ତାଙ୍କ ପାଖକୁ ଆସିବେ ।

(୧୧) ବାଇବେଲ୍ ଅନ୍ତର୍ଗତ ବୁକ୍ ଅଫ୍ ରିଭିଲେସନ୍‌ରେ ଭଗବାନଙ୍କ ଆଗମନର ସୂଚନାମାନ ଦିଆଯାଇଛି । ଜନ୍‌ଙ୍କ ସମ୍ମୁଖରେ ଜଣେ ପରୀ ଉପସ୍ଥିତ ହୋଇ କହୁଛନ୍ତି । ଦେଖ ଗୋଟିଏ ଶ୍ୱେତଅଶ୍ୱ ଏବଂ ତା' ଉପରେ ଯିଏ ଅବସ୍ଥାପିତ ସେ ବିଶ୍ୱସ୍ତ ଓ ସତ୍ୟ.... ତାଙ୍କ ଚକ୍ଷୁ ଅଗ୍ନିଶିଖା ସଦୃଶ, ତାଙ୍କ ମଥାରେ ଅନେକ ମୁକୁଟ.... ତାଙ୍କ ପୋଷାକ ଲୋହିତବର୍ଣ୍ଣ ରଞ୍ଜିତ.... ଏବଂ ତାଙ୍କ ନାମ ଭଗବତ୍ ବାଣୀ.... ତାଙ୍କ ମୁଖରୁ ତୀକ୍ଷ୍ଣ ଖଡ୍‌ଗ ବାହାରୁଥିବ.... ।

ପ୍ରେମ ଓ କରୁଣାର ସାକାର ରୂପ ଭଗବାନ ଶ୍ରୀ ସତ୍ୟସାଇ ବାବା ଅସଂଖ୍ୟ ଶାସ୍ତ୍ରରେ ଏହିଭଳି ଭାବେ ବର୍ଣ୍ଣିତ ହୋଇଛନ୍ତି ।

ତାଙ୍କ ପଦପଙ୍କଜରେ ଶତ ସହସ୍ର ପ୍ରଣାମ ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

ଚତୁର୍ଥ ଅଧ୍ୟାୟ ସଂପୂର୍ଣ୍ଣ

ତୃତୀୟ ଦିବସ - ଶନିବାର

ପଞ୍ଚମ ଅଧ୍ୟାୟ

ଧର୍ମର ପୁନରୁତ୍‌ଥାନ

ଧର୍ମରେ ଯେତେବେଳେ ଗ୍ଲାନି ଆସେ.... ମୁଁ ନିଜକୁ ସୃଷ୍ଟି କରେ, କାରଣ ବିଶ୍ୱ ବ୍ରହ୍ମାଣ୍ଡର ଆଧ୍ୟାତ୍ମିକ ସୌଧକୁ ରକ୍ଷା କରିବା ମୋ ମୌଳିକ ସଂକଳ୍ପର ଗୋଟିଏ ଅଂଶ । ମୁଁ ମୋ ନିରାକାର ତତ୍ତ୍ୱକୁ ପୃଥକ କରି ଯେଉଁ ଉଦ୍ଦେଶ୍ୟରେ ଆସିଛି ତାହା ପାଇଁ ଆବଶ୍ୟକ ଥିବା ଗୋଟିଏ ନାମ ଓ ରୂପ ଧାରଣ କରେ । ଯେତେବେଳେ ଅସତ୍ ସତ୍‌କୁ ବିନଷ୍ଟ କରିଦେବାକୁ ବସେ, ସେତେବେଳେ ଆସି ସତ୍‌ର ପୁନରୁତ୍‌ଥାନ କରିବାକୁ ହୋଇଥାଏ ମୋତେ ।

-ବାବା

ମନ୍ଦିରମାନଙ୍କର ପୁନରୁଜ୍ଜୀବନ

ବଦ୍ରିନାଥ : ଭଗବାନ ଅନେକ କ୍ଷେତ୍ରରେ କହିଛନ୍ତି ଯେ ଏହି ଅବତାରର ପ୍ରଧାନ ପ୍ରଧାନ କାମ ମଧ୍ୟରେ ବହୁ ପୁରାତନ ମନ୍ଦିରସ୍ଥ ଦେବତାମାନଙ୍କର ଦୈବୀ ଶକ୍ତିକୁ ପୁନରୁଜ୍ଜୀବିତ କରିବା ମୋର ଗୋଟିଏ ମୁଖ୍ୟ କାମ । ୧୯୬୧ ମସିହା ଜୁନ୍ ୧୧ ତାରିଖରେ ସେ ଉତ୍ତର ପ୍ରଦେଶର ହିମାଳୟ ଅଞ୍ଚଳରେ ଅବସ୍ଥିତ ବିଖ୍ୟାତ ବଦ୍ରିନାଥ ମନ୍ଦିରକୁ ଯାଇଥିଲେ । ସାଙ୍ଗରେ ଥିଲେ ପିତା, ମାତା ତଥା ଅନ୍ୟ ଭକ୍ତମାନେ । ଶ୍ରୀ ବୁରଗୁଲ୍ଲା ରାମକୃଷ୍ଣ ରାଓ, ଉତ୍ତର ପ୍ରଦେଶର ତତ୍କାଳୀନ ରାଜ୍ୟପାଳ, ହରିଦ୍ୱାରଠାରୁ ଏ ଯାତ୍ରାରେ ଯୋଗ ଦେଇଥିଲେ । ବାବା କୌତୁକ କରିବା ଛଳରେ କହିଲେ, ଲୋକମାନେ ବଦ୍ରି ଯାଆନ୍ତି ସେଠାରେ ନାରାୟଣଙ୍କ ଦର୍ଶନ କରିବା ପାଇଁ । କିନ୍ତୁ ତୁମ୍ଭେମାନେ ନାରାୟଣଙ୍କ ସହିତ ଯାଉଛ ମନ୍ଦିରରେ ସ୍ଥାପିତ ମୂର୍ତ୍ତିମାନ ଦେଖିବା ପାଇଁ । ବଦ୍ରିନାଥ ମନ୍ଦିରର ମାହାତ୍ମ୍ୟ ବର୍ଣ୍ଣନା କରି ବାବା କହିଲେ, "ମହାନ୍ ତପସ୍ୱୀ ଆଦି ଶଙ୍କରାଚାର୍ଯ୍ୟ ଭଗବାନ ଶିବଙ୍କୁ ପ୍ରାର୍ଥନା କରି ତାଙ୍କଠାରୁ ପାଞ୍ଚଟି ଲିଙ୍ଗ ପାଇଥିଲେ । ସେ ସେଗୁଡ଼ିକ ମଧ୍ୟରୁ ଗୋଟିଏ ହିମାଳୟର (ଉତ୍ତର ପ୍ରଦେଶ) ବଦ୍ରିଠାରେ, ଗୋଟିଏ ଓଡ଼ିଶାର ପୁରୀଠାରେ, ଗୋଟିଏ କର୍ଣ୍ଣାଟକର ଶୃଙ୍ଗେରୀଠାରେ, ଗୋଟିଏ ଗୁଜରାଟର ଦ୍ୱାରକାଠାରେ ଓ ଗୋଟିଏ ତାମିଲନାଡୁର ଚିଦାମ୍ବରମ୍‌ଠାରେ ସ୍ଥାପନା କରିଥିଲେ ।

ବଦ୍ରିନାଥ ମନ୍ଦିର ଭିତରେ ବାବା ତାଙ୍କ ଉନ୍ମୁକ୍ତ ହସ୍ତ ଚାଳନା କରନ୍ତେ ତାଙ୍କ ହାତକୁ ଆସିଗଲା ଏକ ସୁବର୍ଣ୍ଣ ଥାଳିରେ ସୁବର୍ଣ୍ଣ ଶତଦଳ ପଦ୍ମ । ସୁବର୍ଣ୍ଣ ଶତଦଳ ପଦ୍ମକୁ ସେ ଅନ୍ୟ ଏକ ରୌପ୍ୟ ଥାଳିରେ ସ୍ଥାପନା କଲେ । ଆଉ ଥରେ ହସ୍ତ ଚାଳନା କରି ସେ ଏକ ଲିଙ୍ଗ ସୃଷ୍ଟି କଲେ । ବୁଝାଇ କହିଲେ ଯେ ତାହା ହେଉଛି ''ନେତ୍ର ଲିଙ୍ଗ'' ଯାହାକୁ ୧୨୦୦ ବର୍ଷ ପୂର୍ବେ ଆଦି ଶଙ୍କରାଚାର୍ଯ୍ୟ ବଦ୍ରିନାଥ ଠାକୁରଙ୍କ ମୂର୍ତ୍ତିତଳେ ସ୍ଥାପନା କରିଥିଲେ । ମୂର୍ତ୍ତିକୁ ଦେଖି ହୁଏ, ପୂଜା କରିହୁଏ, କିନ୍ତୁ ଲିଙ୍ଗ ସ୍ଥାପନା ହେବା ଦିନଠାରୁ ତଳେ ଲୁକ୍କାୟିତ ହୋଇ ରହିଯାଇଛି । ବର୍ତ୍ତମାନ ତାହା ବାବାଙ୍କଦ୍ୱାରା ପୂଜିତ ହେବା ଉଦ୍ଦେଶ୍ୟରେ ବାହାରକୁ ଆସିଛି । ସଂସ୍କୃତରେ ନେତ୍ର ଅର୍ଥ ଚକ୍ଷୁ । ନାମକୁ ସାର୍ଥକ କରି ଏହି ନେତ୍ର ଲିଙ୍ଗରେ ପରିଷ୍କାର ଭାବେ ଗୋଟିଏ ବିସ୍ଫାରିତ ନେତ୍ର ଦୃଷ୍ଟିଗୋଚର ହେଉଥିଲା । ବାବା ତାହାକୁ ସ୍ୱର୍ଣ୍ଣପଦ୍ମ ଭିତରେ ରଖିଲେ । ପୁନର୍ବାର ସେ ହସ୍ତ ଚାଳନା କରି ଗୋଟିଏ ପାତ୍ର ସହ ଗଙ୍ଗୋତ୍ରିର ଜଳ ସୃଷ୍ଟି କଲେ । ବାବା ଜଳ ପାତ୍ର ତଳେ ହାତ ଲଗାଇଲେ । ସେ ହାତ ଫେରାଇ ଆଣିଲା ମାତ୍ରେ ପାତ୍ରସ୍ଥ ଜଳ ନେତ୍ରଲିଙ୍ଗ ଉପରେ ଆସି ପଡୁଥାଏ । (ଅଭିଷେକ) ତାଙ୍କ ଅଙ୍ଗୁଳି ସ୍ପର୍ଶ ଜଳ ପାତ୍ର ତଳେ ଏକ ଛିଦ୍ର ସୃଷ୍ଟି କରିଥିଲା । ଅଭିଷେକ ସମାପ୍ତ ହେବା ପରେ ବାବା ତାଙ୍କ ହାତକୁ ହଲାଇଲେ, ଚାହୁଁ ଚାହୁଁ ସ୍ୱର୍ଣ୍ଣ ଓ ରୌପ୍ୟ ପୁଷ୍ପମାନ ଆସି ନେତ୍ରଲିଙ୍ଗ ଉପରେ ପଡ଼ି ତାହାକୁ ଘୋଡ଼ାଇ ପକାଇଲା । (ପୁଷ୍ପ ଅଭିଷେକ) ଭଗବାନ ଶିବ ଗୟସ ଫୁଲ ପ୍ରିୟ ବୋଲି ଉଲ୍ଲେଖ ଅଛି, ମନ୍ଦିର ପୁରୋହିତ ଏକଥା ବାବାଙ୍କୁ କହିଲା ମାତ୍ରେ, ବାବା ଫୁଲ ସୃଷ୍ଟି କରି ଗଦା କରି ଦେଲେ । ଏ ସବୁଥିରେ ଲିଙ୍ଗ ପୂଜା କରାଗଲା । ଭଗବାନ ନେତ୍ରଲିଙ୍ଗକୁ ପୂଜା ମାଧ୍ୟମରେ ତଥା ନିଜ ଅଲୌକିକ ଶକ୍ତି ସାହାଯ୍ୟରେ ପୁନରୁଜ୍ଜୀବିତ କରାଇ ପୁନର୍ବାର ଯଥାସ୍ଥାନକୁ (ବଦ୍ରିନାଥଙ୍କ ମୂର୍ତ୍ତି ତଳେ)ପଠାଇ ଦେଲେ ।

ପୁଟ୍ଟପର୍ତ୍ତିକୁ ଫେରି ବଦ୍ରିନାଥ ଯାତ୍ରାରେ ଯାଇ ପାରି ନଥିବା ଲୋକମାନଙ୍କୁ ସମ୍ବୋଧନ କରି ବାବା କହିଲେ, ''ନିରାଶ ହୁଅ ନାହିଁ । ତୁମ୍ଭେମାନେ ତୀର୍ଥ ଯାତ୍ରା କରି ନ ପାରିଥିବାରୁ ସେଠାରେ ଯାହା ଘଟିଲା ତାହା ଅବଲୋକନ କରିପାରିଲ ନାହିଁ ସିନା, ଭଗବାନ ନାରାୟଣ ଏଠାରେ ତୁମ ସମ୍ମୁଖରେ, ତୁମ ସହିତ ତୁମ ପାଖେ ପାଖେ ଉପସ୍ଥିତ ଅଛନ୍ତି । ମନ ଭରି ତାଙ୍କ ଦର୍ଶନ କର । ଏତେ ଦୂରରେ ଥିବା ନାରାୟଣଙ୍କ ମୂର୍ତ୍ତିରୂପ ଦର୍ଶନ ପାଇଁ ଏତେ ବ୍ୟସ୍ତ କିପାଇଁ ? ଭକ୍ତି ଓ ଭାବର ସହିତ ତୁମ ସମ୍ମୁଖରେ ଥିବା, ତୁମ ଆଖି ଆଗରେ ଥିବା, ଏହି ମାଟି ଉପରେ ଥିବା ଏହି ଜୀବନ୍ତ ନାରାୟଣଙ୍କୁ ପୂଜା କର ଓ ଆତ୍ମାନନ୍ଦ ଲାଭ କର ।''

ବାରାଣସୀ : ଏହା ଅନ୍ୟ ଏକ ପୂଜାପୀଠ । ଭଗବାନ ତାଙ୍କ ଦିବ୍ୟ ହସ୍ତ ସ୍ପର୍ଶଦ୍ୱାରା ଏ କ୍ଷେତ୍ରରେ ମଧ୍ୟ ଅଧ୍ୟାତ୍ମ ଶକ୍ତି ସଞ୍ଚାର କରିଥିଲେ । ୧୯୬୧ ଏପ୍ରିଲ ଦୁଇ ତାରିଖର କଥା । ଉତ୍ତର ପ୍ରଦେଶ ରାଜ୍ୟପାଳ ଶ୍ରୀ ବୁରଗୁଲ୍ଲା ରାମକୃଷ୍ଣ ରାଓ, ଭଗବାନଙ୍କ ପିତାମାତା ଓ ଅନ୍ୟ କେତେକ ଭକ୍ତମାନଙ୍କ ସହିତ ବାରାଣସୀ ଯାଇଥିଲେ । ଭଗବାନ ବିଶ୍ୱେଶ୍ୱରଙ୍କ ଲିଙ୍ଗ ସମୀପକୁ ଯାଇ ବାବା ତାଙ୍କ ସ୍ୱଭାବସୁଲଭ ଢଙ୍ଗରେ ହାତରୁ କୈଳାସ ବିଭୂତି ସୃଷ୍ଟି କରି ଲିଙ୍ଗ ଉପରେ ତ୍ରିପୁଣ୍ଡ୍ରକ ରେଖା ଟାଣି ଦେଲେ । ନିଜ ଶ୍ରୀ ହସ୍ତରୁ ଘୋରା ଚନ୍ଦନ ସୃଷ୍ଟି କରି ତ୍ରିପୁଣ୍ଡ୍ରକ ମଧ୍ୟଭାଗରେ ଲଗାଇ ଦେଲେ । ଏହା ପରେ ହୀରା, ପାନ୍ନା ଓ ପଦ୍ମରାଗ ମଣି ଲାଗିଥିବା ତିନିଟି ବୃତ୍ତାକାର ଉଜ୍ଜ୍ୱଳ ଅଳଙ୍କାର ସୃଷ୍ଟି କରି ତାହାକୁ ଚନ୍ଦନ ଟୋପାର ମଝିରେ ଲଗାଇ ଦେଲେ, ଆଖି ପିଛୁଳାକେ ସେ ଅଳଙ୍କାରଟି ସେଠାରେ ଲାଖି ରହିଗଲା । ବାରାଣସୀପତି ଭଗବାନ ବିଶ୍ୱନାଥ ଅଧିକ ମହିମାମଣ୍ଡିତ ହୋଇଗଲେ ।

ସୋମନାଥ : ଜାମନଗରର ରାଜମାତାଙ୍କ ନିମନ୍ତ୍ରଣ କ୍ରମେ ବାବା ଗୁଜରାଟର ସୋମନାଥ ମନ୍ଦିରକୁ ଯାଇଥିଲେ । ସୋମା "ସ + ଉମା", ଭଗବାନ ଶିବଙ୍କ ସହ ପାର୍ବତୀ । ଇତିହାସରୁ ସମସ୍ତଙ୍କୁ ଜଣାଅଛି ଯେ ଗଜନୀର ରାଜା ମହମ୍ମଦ ଅନେକ ବାର ଭାରତ ଆକ୍ରମଣ କରିଥିଲେ । ସେ ଏହି ମନ୍ଦିରକୁ ଛାରଖାର କରିଦେଇଥିଲେ ଏବଂ ସେଠାରେ ଥିବା ସୁନା ଓ ହୀରା ସବୁ ଲୁଟି ନେଇଥିଲେ । ଶେଷଥର ସେ ମନୋମୁଗ୍ଧକର ଶିବଲିଙ୍ଗଙ୍କୁ ଉତ୍ପାଟନ କରି ତା' ତଳେ ଥିବା ମୂଲ୍ୟବାନ ମାଣିକ୍ୟ ପଥର ସବୁ ବୋହି ନେଇଥିଲେ । ମୂଳ ଲିଙ୍ଗ ବଦଳରେ ମନ୍ଦିର ପୂଜକମାନେ ନୂତନ ପ୍ରସ୍ତର ଲିଙ୍ଗ ସ୍ଥାପନ କରି ସର୍ବବିଧ ସେବା ପୂଜା ଚଳାଇ ଆସୁଛନ୍ତି ।

ଜାମନଗରର ମହାରାଜା ଦିଗ୍‌ବିଜୟ ସାହେବ ଏହି ମନ୍ଦିରର ହୃତଗୌରବ ଫେରାଇ ଆଣିବା ପାଇଁ ଅତୀବ ଆଗ୍ରହୀ ଥିଲେ । ସମସ୍ତ ସମ୍ବଳ ବିନିଯୋଗ କରି ବହୁ ପରିଶ୍ରମ କରି, ବହୁ ସମସ୍ୟା ଅତିକ୍ରମ କରି ତାଙ୍କ ଲକ୍ଷ୍ୟ ସାଧନ କଲେ ଓ ମନ୍ଦିରର ସୌନ୍ଦର୍ଯ୍ୟ ଫେରାଇ ଆଣିଲେ । ଏକ ବିରାଟ ସ୍ତମ୍ଭ ନିର୍ମାଣ କରି ମନ୍ଦିରକୁ ମୁକୁଟ ମଣ୍ଡିତ କରିଥିଲେ । ତାହାର ନାମ ରଖାଗଲା ଦିଗ୍‌ବିଜୟ ଗୋପୁରମ୍ । ତାହା ଭଗବାନ ବାବାଙ୍କଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ମନ୍ଦିର ଗର୍ଭଗୃହରେ ପ୍ରବେଶ କରି ବାବା ସ୍ୱର୍ଣ୍ଣ ବିଲ୍ୱଦଳମାନ ସୃଷ୍ଟି କରି, ଚାରିଫୁଟ ଉଚ୍ଚରେ ଶିବଲିଙ୍ଗ ଉପରେ ବୃଷ୍ଟି କରି ଅଭିଷେକ କଲେ । ସେ ଘୋଷଣା କଲେ ଯେ ଶିବଲିଙ୍ଗର ନିମ୍ନଭାଗରେ ଗୋଟିଏ ଜ୍ୟୋତିର୍ଲିଙ୍ଗ ଅଛି (ତାହା ଦେଖାଯାଉଛି) । ନିଜ ଶକ୍ତି ବଳରେ ସେ ସେହି ଲିଙ୍ଗଟିକୁ ନିଜ ହାତକୁ ଆଣି ଉପସ୍ଥିତ ସମସ୍ତଙ୍କୁ ଦେଖାଇଲେ । ତାହା ବିଦ୍ୟୁତ ଚମକ ଭଳି ଉଜ୍ଜ୍ୱଳ ଥିଲା । ନିଜ

ଦିବ୍ୟ ସ୍ପର୍ଶ ବଳରେ ସେ ଲିଙ୍ଗଟିକୁ ପୁନରୁଜ୍ଜୀବିତ କରି ବଦ୍ରିଭଳି ତାହାର ପୂର୍ବସ୍ଥାନକୁ ଫେରାଇ ଦେଇ ନଥିଲେ । ଏଠାରେ ସେ ଘୋଷଣା କଲେ, ''ଆଜିଠାରୁ ଏ ମନ୍ଦିର ଉପରେ କୌଣସି ପ୍ରକାର ଆକ୍ରମଣ ହେବ ନାହିଁ । କୌଣସି ପାଖରୁ ଆକ୍ରମଣକାରୀ ଏ ମନ୍ଦିର ଉପରେ ଅଶୁଭ ଦୃଷ୍ଟି ପକାଇବେ ନାହିଁ । ଭବିଷ୍ୟତରେ କୌଣସି ବିପଦ ମଧ୍ୟ ନାହିଁ । ତେଣୁ ଏହି ଲିଙ୍ଗକୁ ମୁଁ ସର୍ବସାଧାରଣଙ୍କ ଦର୍ଶନ ଓ ପୂଜନ ଉଦ୍ଦେଶ୍ୟରେ ଏଠାରେ ସ୍ଥାପନା କରୁଛି ।'' ଏହା ପରେ ବାବା ଏକ ରୌପ୍ୟ ପୀଠ ସୃଷ୍ଟି କରି ତା' ଉପରେ ଲିଙ୍ଗଟିକୁ ପ୍ରତିଷ୍ଠା କଲେ ।

ଦ୍ୱାରକା : ସେହି ଯାତ୍ରାର ଅବଧି ଭିତରେ ବାବା ଓ ତାଙ୍କ ସହ ଯାଇଥିବା ସଭିଏଁ ଭଗବାନ ଶ୍ରୀ କୃଷ୍ଣଙ୍କ ନିବାସ ଦ୍ୱାରକାରେ ପହଞ୍ଚିଥିଲେ । ମନ୍ଦିର ବେଢ଼ାରେ ନିଜ ଶ୍ରୀପାଦ ସ୍ପର୍ଶ ଦେଇ ସେ ସମସ୍ତ ଅଞ୍ଚଳକୁ ପବିତ୍ର କରିଥିଲେ । ଭଗବାନ ସାଇକୃଷ୍ଣ ସମବେତ ସହସ୍ର ସହସ୍ର ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ଭକ୍ତମାନଙ୍କ ସହ ସମୁଦ୍ର କୂଳକୁ ଯାଇ ନିଜେ ବସି ପଡ଼ିଲେ ଓ ଅନ୍ୟମାନଙ୍କୁ ନିଜ ଚତୁଃପାର୍ଶ୍ୱରେ ବାଲି ଉପରେ ବସିବାକୁ କହିଲେ । ସେ ବାଲିକୁ ଏକତ୍ର କରି ଗୋଟିଏ ଛୋଟ ଢୁଙ୍କା ଭଳି କଲେ । ତା'ପରେ ନିଜ ହାତକୁ ତା' ଭିତରକୁ ପୂରାଇ କାଢ଼ି ଆଣିଲେ । ତାଙ୍କ ହାତରେ ଥିଲା ଗୋଟିଏ ସୁବର୍ଣ୍ଣ ନିର୍ମିତ କୃଷ୍ଣମୂର୍ତ୍ତି । ଏହି ଆଚମ୍ଭିତ ଘଟଣାରେ ଦ୍ୱାରକା ମନ୍ଦିର ଦିବ୍ୟ ଶକ୍ତିରେ ଦିବ୍ୟାୟିତ ହୋଇଛି ବୋଲି ବାବା ଘୋଷଣା କଲେ ।

ଶ୍ରୀଶୈଳମ୍ : ଆନ୍ଧ୍ର ପ୍ରଦେଶର ଶ୍ରୀ ଶୈଳମ୍‌ରେ ଅବସ୍ଥିତ ମଲ୍ଲିକାର୍ଜ୍ଜୁନ ମନ୍ଦିର, ଯାହାକୁ ଭଗବାନ ବାବା ନିଜ ଦିବ୍ୟସ୍ପର୍ଶ ଦେଇ ନବଯୌବନ ପ୍ରଦାନ କରିଥିଲେ । ସୋମନାଥ ମନ୍ଦିର ଭଳି ଏଠାରେ ମଧ୍ୟ ବାବା ମନ୍ଦିରର ଗର୍ଭଗୃହରେ ପ୍ରବେଶ କରି ସ୍ୱର୍ଣ୍ଣ ବିଲ୍ୱପତ୍ର ଓ ସ୍ୱର୍ଗସ୍ଥ ଗୟସ ଫୁଲମାଳ ସୃଷ୍ଟି କରି ମଲ୍ଲିକାର୍ଜ୍ଜୁନ ଭଗବାନଙ୍କୁ ଅଭିଷେକ କରିଥିଲେ ।

ପଣ୍ଢରପୁର : ୧୯୬୫ ଜୁନ୍ ୧୩ ଦିନ ବାବା ମହାରାଷ୍ଟ୍ର ପଣ୍ଢରପୁର ପରିଦର୍ଶନ କରିଥିଲେ । ଏଠାରେ ଭଗବାନ ଶ୍ରୀକୃଷ୍ଣ ପାଣ୍ଡୁରଙ୍ଗ ବିଠଲା ଭାବେ ପୂଜିତ ହୁଅନ୍ତି । ବାବା ମନ୍ଦିରର ଗର୍ଭଗୃହରେ ପ୍ରବେଶ କରି ଭଗବାନ ପାଣ୍ଡୁରଙ୍ଗ ଓ ରୁକ୍ମିଣୀ ଦେବୀଙ୍କ ଦର୍ଶନ କଲା ମାତ୍ରେ ଶୁଭ୍ର ଜ୍ୟୋତିର୍ମୟ ମଣିର କଣ୍ଠହାର ସୃଷ୍ଟି କଲେ ଓ ଦେବୀଙ୍କ ଗଳାରେ ପିନ୍ଧାଇ ଦେଲେ ।

ଏହିଭଳି ବିଭିନ୍ନ ଅବସରରେ ଭଗବାନ ବାବା ମୁଖ୍ୟ ମୁଖ୍ୟ ମନ୍ଦିରମାନଙ୍କୁ ଯାଇ ସେଠାକାର ଅଧିଷ୍ଠାତା ଓ ଅଧିଷ୍ଠାତ୍ରୀ ଦେବଦେବୀଙ୍କୁ ପୁନରୁଜ୍ଜୀବିତ କରିଛନ୍ତି ଓ ତାହାର ଆଧାତ୍ମିକ ଶକ୍ତି ବୃଦ୍ଧି କରିଛନ୍ତି । ଅବଶ୍ୟ ପ୍ରତ୍ୟେକ ମନ୍ଦିର ସ୍ୱାମୀଙ୍କ ନିଜ ବାସସ୍ଥଳୀ । ମାନବ ଶରୀର ମଧ୍ୟ ଭଗବାନଙ୍କ ଆସ୍ଥାନ, ଦେହ ଏକ ଦେବାଳୟ । ଏ ଦେହକୁ ଧାରଣ କରିଛନ୍ତି ସ୍ୱୟଂ ଭଗବାନ । ପ୍ରତ୍ୟେକ ଲୋକ ମନ୍ଦିରର ଅନ୍ତରାର୍ଥ ଓ ନିହିତ ତାତ୍ପର୍ଯ୍ୟ ଉପରେ ଗଭୀର ଧ୍ୟାନ ଦେବା ଉଚିତ ।

ବୈଦିକ ଧର୍ମର ପୁନରଭ୍ୟୁଦୟ

ବଦ୍ରିନାଥରୁ ଫେରିବାର କେତେ ମାସ ପରେ ଭଗବାନ ଚାହିଁଲେ ପ୍ରଶାନ୍ତି ନିଳୟମ୍‌ରେ ଗୋଟିଏ ଯଜ୍ଞ ଅନୁଷ୍ଠାନ କରିବା ପାଇଁ । ଉତ୍ତର ଭାରତ ତଥା ଆନ୍ଧ୍ର ପ୍ରଦେଶର କୋଣସୀମା ଅଞ୍ଚଳରୁ ବେଦଜ୍ଞ ପଣ୍ଡିତମାନେ ଆସି ପ୍ରଶାନ୍ତି ନିଳୟମ୍‌ରେ ପହଞ୍ଚିଲେ । ବାବା କହିଲେ ସମ୍ପୂର୍ଣ୍ଣ ବୈଦିକ ମତ ଅନୁସାରେ ଯଜ୍ଞ ଅନୁଷ୍ଠିତ ହେବ । ସେ ଆହୁରି କହିଲେ ଯେ "ମୋ ଅବତାରୀୟ କାର୍ଯ୍ୟର ଗୋଟିଏ ଅଂଶ ହେଉଛି ବେଦ ସଂରକ୍ଷଣ ପାଇଁ ଗୋ-ବ୍ରାହ୍ମଣମାନଙ୍କ କଲ୍ୟାଣ ସାଧନା କରିବା । ତାହାରି ମାଧ୍ୟମରେ ବୈଦିକ ଧର୍ମର ଅଭ୍ୟୁଦୟ ଘଟିବ ।"

ଏ ଯଜ୍ଞର ନାମ ରଖାଗଲା, "ବେଦପୁରୁଷ ସପ୍ତାହ ଜ୍ଞାନଯଜ୍ଞ ।" ୧୯୬୧ ଅକ୍ଟୋବର ଦଶହରା ଉତ୍ସବ ସମୟରେ ଏହି ଯଜ୍ଞ ଏକ ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାର ସ୍ଥିର ହେଲା । ବାବା ନିଜେ ହେଉଛନ୍ତି ବେଦପୁରୁଷ । ବେଦପଣ୍ଡିତମାନେ ବିଭିନ୍ନ କର୍ମକର୍ମାଣିର ଦାୟିତ୍ୱରେ ରହିଲେ । ବେଦସମ୍ରାଟ ବ୍ରହ୍ମଶ୍ରୀ ଚେରୁକମିଲ୍ଲୀ କାମାବଧାନୁଲୁ ଥିଲେ ସମସ୍ତ କାର୍ଯ୍ୟର ତଥା ଅନ୍ୟ ପଣ୍ଡିତମାନଙ୍କ ଅଧୀକ୍ଷକ । ଆମ୍ନାୟାର୍ଥ ବାଚସ୍ପତି ବ୍ରହ୍ମଶ୍ରୀ ଉପ୍ପୁଲୁରୀ ଗଣପତି ଶାସ୍ତ୍ରୀ ବେଦ ଓ ଈଶ୍ୱର ତତ୍ତ୍ୱ ଉପରେ ଆଲୋଚନା ଚକ୍ରଗୁଡ଼ିକର ସଭାପତି ଭାବେ ବଛା ହୋଇଥିଲେ । ଶ୍ରୀ ବୁଲୁସୁ ଆପାନ୍ନା ଶାସ୍ତ୍ରୀ, ଶ୍ରୀ କଡ଼ିଆଲା ସୀତାରାମ ଶାସ୍ତ୍ରୀ, ଶୀ କୁପ୍ପା ଲକ୍ଷ୍ମାବଧନୀ, ଶ୍ରୀ ବାରାଣସୀ ସୁବ୍ରହ୍ମଣ୍ୟ ଶାସ୍ତ୍ରୀ, ଶ୍ରୀ କୁପ୍ପା ବୈରାଗୀ ଶାସ୍ତ୍ରୀ, ଶ୍ରୀ ଭେମରାଲ ସୂର୍ଯ୍ୟନାରାୟଣ ଶାସ୍ତ୍ରୀ, ଶ୍ରୀ କୁମ୍ଭେଲାଆମ୍ମାନ୍ନା ଶାସ୍ତ୍ରୀ, ଶ୍ରୀ ହୋତା ଭେଙ୍କଟରାମା ଶାସ୍ତ୍ରୀଙ୍କ ଭଳି ବିଶିଷ୍ଟ ପଣ୍ଡିତମାନେ ଏହି କର୍ମରେ ଯୋଗ ଦେଇଥିଲେ । ବୈଦିକ ଧର୍ମାକାଶରେ ଏହା ଥିଲା ଏକ ଉଜ୍ଜ୍ୱଳ ନୀହାରିକା । ଏଥିରେ ପାର୍ଥିବ ଶିବଲିଙ୍ଗ ଅର୍ଚ୍ଚନା, ମନ୍ତ୍ରଜପ, ରାମାୟଣ, ଶ୍ରୀମହାଭାଗବତ, ଦେବୀ ଭାଗବତ, ଶ୍ରୀଭାଷ୍ୟ, ସୂର୍ଯ୍ୟନମସ୍କାର, ନବଗ୍ରହ ଜପ ପ୍ରଭୃତି ଅନ୍ତର୍ଭୁକ୍ତ ଥିଲା । ଋକ୍, ଯଜୁ ଓ ସାମବେଦ ପାରାୟଣ ଭକ୍ତମାନଙ୍କ ପାଇଁ ଅତି ଉପଭୋଗ୍ୟ ହୋଇଥିଲା । ସର୍ବୋପରି ଅତ୍ୟନ୍ତ ନିଷ୍ଠାର ସହିତ ଗଭୀର ମନଧ୍ୟାନ ସହ ସମସ୍ତ ଉପଚାର ପାଳିତ ହୋଇ "ଅତି ରୁଦ୍ର ଯାଗ" ଅନୁଷ୍ଠିତ ହୋଇଥିଲା ।

ବିଶାଳ ଜନସମାବେଶ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମଦ୍ୱାରା ବହୁଳ ଭାବେ ପରିତୃପ୍ତ ହୋଇଥିଲେ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ ଲାଭାନ୍ୱିତ ହୋଇଥିଲେ ।

ଶେଷଦିନ ଭଗବାନ ଶ୍ରୀ ସତ୍ୟସାଇ ବାବା ଏକ ସମ୍ଭାଷଣ ପ୍ରଦାନ କରିଥିଲେ । ସେ ସମ୍ଭାଷଣରେ ବାବା ସମବେତ ଜନତାଙ୍କୁ ଏକ (ଆତ୍ମସ୍ୱରୂପୁଲାରା) ତାତ୍ପର୍ଯ୍ୟାତ୍ମକ ସମ୍ବୋଧନ କରି କହିଲେ, "ମୋର ଏ ଅବତାରର ଉଦ୍ଦେଶ୍ୟ ହେଉଛି ଧର୍ମ ସ୍ଥାପନ

କରିବା ଏବଂ ତାହାରି ଫଳରେ ପ୍ରତ୍ୟେକ ଦେଶର ପ୍ରତ୍ୟେକ ଲୋକଙ୍କୁ ଶାନ୍ତି ଓ ସୁଖ ପ୍ରଦାନ କରିବା । ମୋ ସଙ୍କଳ୍ପ ପଛଘୁଞ୍ଚା କ'ଣ ଜାଣେ ନାହିଁ । ମୋ ଅଭିଯାନର ଅଗ୍ରଗତିକୁ କେହି ବାଧା ଦେଇ ପାରିବେ ନାହିଁ । ଏହା ନିଶ୍ଚିତଭାବେ ବିଜୟ ହାସଲ କରିବ । ଏହା ନିଶ୍ଚିତ ଓ ସୁନିଶ୍ଚିତ ।

''ପୂର୍ବ ଅବତାରରେ ମୁଁ ପରିଷ୍କାର କରି ଦେଇଥିଲି ଯେ ଯେଉଁ ଯଜ୍ଞମାନ ସଂକୀର୍ଣ୍ଣ ବ୍ୟକ୍ତିଗତ କାମନା ଚରିତାର୍ଥ କରିବା ଉଦ୍ଦେଶ୍ୟରେ କରାଯାଏ, ତାହାର କୌଣସି ସୁଫଳ ମିଳେ ନାହିଁ । ସମଗ୍ର ବିଶ୍ୱର କଲ୍ୟାଣାର୍ଥେ କରାଯାଉଥିବା ଜ୍ଞାନ ଯଜ୍ଞ ହିଁ ସର୍ବୋତ୍ତମ । ଯଜ୍ଞ ଅର୍ଥ ତ୍ୟାଗ, ତ୍ୟାଗ ଅର୍ଥ ନିଃସ୍ୱାର୍ଥପରତା ।

''ବେଦମାନେ କହନ୍ତି, ଭଗବତ କୃପା ଲାଭ କରିବା ଉଦ୍ଦେଶ୍ୟରେ ଯଜ୍ଞ କରାଯିବା ଉଚିତ । ଅଗ୍ନି ମାଧ୍ୟମରେ ଘୃତାଦି ଦ୍ରବ୍ୟମାନ ଭଗବାନଙ୍କୁ ଅର୍ପଣ କରାଯାଏ । ଏସବୁ ଯେଉଁ ଦେବତାମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥାଏ, ଅଗ୍ନି ସେସବୁକୁ ସେହି ଦେବଦେବୀମାନଙ୍କ ପାଖରେ ପହଞ୍ଚାଇଦିଏ । କ୍ଷୁଦ୍ରମନା ବ୍ୟକ୍ତିମାନେ ଏ କଥାକୁ ବିଶ୍ୱାସ କରି ନପାରନ୍ତି । ସେମାନେ କହି ପାରନ୍ତି, ''ଏହା କ'ଣ ସତ୍ୟ, ଏହା କ'ଣ ସମ୍ଭବ ?'' ଆମେ ସ୍ଥାନୀୟ ଡାକଘରକୁ ଯାଇ କୌଣସି ଲୋକ ପାଖକୁ ଟଙ୍କା ପଠାଇଲୁ । ପାଇବା ଲୋକ ପାଖରେ ଥାନ୍ତୁ ବା ଦୂରରେ ଥାନ୍ତୁ, ସେ ଟଙ୍କା ପାଆନ୍ତି । ତେବେ ବେଦବାକ୍ୟରେ ସନ୍ଦେହ କାହିଁକି ? ଭଗବାନ ସନ୍ତୁଷ୍ଟ ହୋଇ ସମୟ ଅନୁସାରେ ଆମକୁ ବର୍ଷା ଦିଅନ୍ତି । ଶସ୍ୟ ଉତ୍ପାଦିତ ହେବାରୁ ଆମକୁ ଖାଦ୍ୟ ମିଳେ । ଖାଦ୍ୟ ଜୀବନ ବଞ୍ଚାଏ । ଏ ଦୃଷ୍ଟିରୁ ଯଜ୍ଞ ହିଁ ବିଶ୍ୱକଲ୍ୟାଣର ମୂଳ କାରଣ ।

''କର୍ମରୁ ଯଜ୍ଞର ସୃଷ୍ଟି, କର୍ମ ବ୍ରହ୍ମଙ୍କଠାରୁ ସୃଷ୍ଟ, ବ୍ରହ୍ମ ଅକ୍ଷରପୁରୁଷ ଆକାରରେ ବିଦ୍ୟମାନ । ପ୍ରଣବ ହିଁ ସେ ଅକ୍ଷରର ସ୍ୱରୂପ ଏବଂ ପ୍ରଣବ ହିଁ ବେଦର ମୂଳ । ସେଥିପାଇଁ ଉଲ୍ଲେଖ ଅଛି ଯେ ଯେଉଁ ଯଜ୍ଞ ମୋ ନାମ ଓ ରୂପ ପ୍ରତି ନିର୍ଦ୍ଦେଶିତ ହୁଏ ତାହା ମଣିଷ ପାଇଁ ସର୍ବୋତ୍ତମ । ଯେଉଁମାନେ ଏହି ଯଜ୍ଞ ପ୍ରସାଦ ଗ୍ରହଣ କରିଛନ୍ତି, ସେମାନେ ତାଙ୍କ ସାଂସାରିକ ଜୀବନରେ ସୁଖ ଶାନ୍ତି ପାଇବା ସଙ୍ଗେ ସଙ୍ଗେ ମୃତ୍ୟୁ ପରେ ପରଂବ୍ରହ୍ମ ତତ୍ତ୍ୱରେ ଲୀନ ହେବେ । ଏହା ସମ୍ପୂର୍ଣ୍ଣ ଭାବେ ନିଃସନ୍ଦେହ ।''

ଅନ୍ୟ ଏକ ଯଜ୍ଞ ଅବସରରେ ଭଗବାନ କହିଲେ, ''ଯୁଗ ଯୁଗ ଧରି ପାଳିତ ହୋଇ ଆସୁଥିବା ତ୍ୟାଗ, ନିଃସ୍ୱାର୍ଥପରତା ଓ ପ୍ରେମପୂର୍ଣ୍ଣ ସେବା ଭଳି ମହାନ୍ ନୀତିଗୁଡ଼ିକୁ ଆଜି ଲୋକମାନେ ଭୁଲି ଯାଇଛନ୍ତି । ଲୋଭ, ଅସୂୟା ଓ ସ୍ୱାର୍ଥପରତା ବିକଶିତ ହେବାରେ ଲାଗିଛି । ବେଦଗୁଡ଼ିକ କୃଷ୍ଣମୃଗ ରୂପ ଧରି ଘଞ୍ଚ ଅରଣ୍ୟ ମଧ୍ୟକୁ ଚାଲିଯାଇଛନ୍ତି । ମହର୍ଷି ତଥା ବେଦଜ୍ଞ ପଣ୍ଡିତମାନେ ତାହାକୁ ସନ୍ଧାନ କରିବାରେ ଲାଗି ମଧ୍ୟ ବିଫଳ ହେଲେଣି ।

ସେମାନେ ତାହାର ଚର୍ମକୁ ପୁନରୁଦ୍ଧାର କରିଛନ୍ତି । ତାହାରି ସ୍ମୃତିରେ, ଯଜ୍ଞ କର୍ମରେ, ଋତ୍ୱିକମାନେ କୃଷ୍ଣମୃଗ ଚର୍ମ ଆବଶ୍ୟକ କରନ୍ତି ଓ ଅଗ୍ନିରେ ଘୃତାଦି ଅର୍ପଣ କଲାବେଳେ ସେହି ଚର୍ମ ଉପରେ ଉପବେଶନ କରନ୍ତି । ବାହ୍ୟ ଦୃଷ୍ଟିରୁ ତାହା ଏକ ଚର୍ମ, କିନ୍ତୁ ଯଜ୍ଞ ଦୃଷ୍ଟିରୁ ତାହା ଏକ ଶର୍ମ (ଆନନ୍ଦ) । ଯଜ୍ଞ କର୍ମରେ ସକ୍ରିୟ ଅଂଶଗ୍ରହଣ କରୁଥିବା ସମସ୍ତେ ଆନନ୍ଦ ଅନୁଭବ କରିବା ସହିତ ସମଗ୍ର ବିଶ୍ୱରେ ଆନନ୍ଦ ପ୍ରସାର କରନ୍ତି ।’’

ପ୍ରଶାନ୍ତି ନିଳୟମ୍‌ରେ କରାଯାଉଥିବା ଯେ କୌଣସି ଯଜ୍ଞର ଚରମ ଲକ୍ଷ୍ୟ ହେଉଛି ତ୍ୟାଗ, ଅର୍ଥାତ୍ କର୍ମଫଳାଶାକୁ ପୂର୍ଣ୍ଣମାତ୍ରାରେ ତ୍ୟାଗ କରିବାଦ୍ୱାରା ସେଥିରୁ ଉପୁଜୁଥିବା ଆନନ୍ଦ । ଏ ପ୍ରକାର ଯଜ୍ଞ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଦେଶର ଉପକାର ପାଇଁ ହୁଏ ନାହିଁ; ସମଗ୍ର ବିଶ୍ୱର କଲ୍ୟାଣ ଏହାର ଲକ୍ଷ୍ୟ ।

ପ୍ରତ୍ୟେକ ଯଜ୍ଞଶେଷରେ ପୂର୍ଣ୍ଣାହୁତି ପରେ ପରେ ସ୍ୱାମୀ ନିଜେ ନିଜ ହାତରେ ଉପସ୍ଥିତ ଥିବା ହଜାର ହଜାର ଲୋକଙ୍କ ଉପରେ ଶାନ୍ତି ଉଦକ ସିଞ୍ଚନ କରନ୍ତି, ଏହାଦ୍ୱାରା ସେ ସମସ୍ତଙ୍କୁ ଆଧ୍ୟାତ୍ମିକ ମୁକ୍ତି ପ୍ରଦାନ କରନ୍ତି ।

ସଠିକ୍ ମୁହୂର୍ତ୍ତ ଆଉ କିଏ ଜାଣେ ?

ବିଶିଷ୍ଟ ବେଦଜ୍ଞ ପଣ୍ଡିତମାନେ, ବୈଦିକ କର୍ମକର୍ମାଣିରେ ବିଶେଷଜ୍ଞମାନେ ଏବଂ ସଠିକ୍ ସ୍ୱର ଓ ସଠିକ୍ ଉଚ୍ଚାରଣ କରିପାରୁଥିବା ବ୍ୟକ୍ତିମାନେ ଜ୍ଞାନଯଜ୍ଞର ଦାୟିତ୍ୱରେ ରହିଥିଲେ । ଯଜ୍ଞ ଆରମ୍ଭ କରିବା ପାଇଁ ଶୁଭ ସମୟ ନିର୍ଣ୍ଣୟ କରି ଭଗବାନ ବାବା କହିଲେ ପ୍ରାତଃ ୯.୩୦ ମିନିଟ୍ ହିଁ ଶୁଭ ମୁହୂର୍ତ୍ତ । ସେଦିନ ଥିଲା ୧୯୬୧ ମସିହା ଅକ୍ଟୋବର ୧ ତାରିଖ । ବେଦପଣ୍ଡିତମାନେ ଗ୍ରହନକ୍ଷତ୍ରଙ୍କ ସ୍ଥିତିକୁ ଗଣନା କରି ନିର୍ଣ୍ଣୟ କଲେ, ସକାଳ ୭.୩୦ ମି. ହେଉଛି ଯଜ୍ଞାରମ୍ଭ ପାଇଁ ଯଜ୍ଞଶାଳାରେ ପ୍ରବେଶ କରିବା ଲାଗି ସବୁଠାରୁ ଭଲ ମୁହୂର୍ତ୍ତ । ପଣ୍ଡିତମାନେ ତାଙ୍କ ମତାମତ ସ୍ୱାମୀଙ୍କୁ ଜଣାଇବାରୁ ସ୍ୱାମୀ କହିଲେ ଘ. ୯.୩୦ମି. ସବୁଠାରୁ ଶୁଭ ମୁହୂର୍ତ୍ତ ବୋଲି ମୁଁ ଭାବୁଛି । ତୁମ୍ଭେମାନେ ଆଉ ଥରେ ଗଣନା କଲେ ଭଲ ହୁଅନ୍ତା । ମୁହୂର୍ତ୍ତ ନିର୍ଣ୍ଣୟ କରିବା ଦାୟିତ୍ୱରେ ଯେଉଁମାନେ ଥିଲେ ସେମାନେ ହେଲେ ଶ୍ରୀ ବାରାଣସୀ ସୁବ୍ରହ୍ମଣ୍ୟ ଶାସ୍ତ୍ରୀ, ଶ୍ରୀ ଚେରୁକୁମିଲି କାମାବଧାନୀ ଓ ଶ୍ରୀ କୁପ୍ପା ବୈରାଗୀ ଶାସ୍ତ୍ରୀ । ଏ ସମସ୍ତେ ସାଇଙ୍କ ଶକ୍ତି ବିଷୟରେ ଅବଗତ ଥିଲେ । କିନ୍ତୁ ଅନ୍ୟ ପଣ୍ଡିତମାନେ ପୁନର୍ବାର ସ୍ୱାମୀଙ୍କୁ କହିଲେ ଘ.୭.୩୦ମି. ସମୟ ହିଁ ପ୍ରକୃଷ୍ଟ ସମୟ । ସ୍ୱାମୀ ଏଥିରେ ଏକମତ ହୋଇଗଲେ, ତା ସହିତ ସେ ସାମାନ୍ୟ ଆଖିମିଟିକା ମାରିବା ଓ ଚାପା ହସ ହସିବା କେହି ଲକ୍ଷ୍ୟ କରିପାରିଥିଲେ କି ନାହିଁ ଜଣା ନାହିଁ ।

ନିର୍ଦ୍ଦିଷ୍ଟ ଦିବସରେ ଋତ୍ୱିକମାନେ ଓ ବେଦଜ୍ଞ ପଣ୍ଡିତମାନେ ଚିତ୍ରାବତୀରେ ନିଜ ସ୍ନାନାଦି କର୍ମ ସାରି ସନ୍ଧ୍ୟା ବନ୍ଦନା ପ୍ରଭୃତି ପରେ ପ୍ରାତଃ ଘ.୬ ୩୦ମି. ସୁଦ୍ଧା ସ୍ୱାମୀଙ୍କ ପ୍ରଦତ୍ତ ପାଟବସ୍ତ୍ରମାନ ପରିଧାନ କରି ରୌପ୍ୟ ପାତ୍ରରେ ତୀର୍ଥ ଜଳ ସଂଗ୍ରହ କରି ସକାଳ ୭ ଘଟିକା ବେଳକୁ ଯଜ୍ଞଶାଳାକୁ ବାହାରି ପଡ଼ିଲେ ଠିକ୍ ୭.୩୦ରେ ଯଜ୍ଞାରମ୍ଭ କରିବା ପାଇଁ । ହଠାତ୍ ଆକାଶରେ ମେଘମାଳା ଦେଖାଗଲା ଓ ପ୍ରଚଣ୍ଡ ବର୍ଷା ଆରମ୍ଭ ହୋଇଗଲା, ଘଡ଼ଘଡ଼ି ଓ ଚଡ଼ଚଡ଼ି ଘନ ଘନ ଡରାଇବାକୁ ଲାଗିଲେ । ଏହା ଲାଗି ରହିଲା ସକାଳ ୯ ପର୍ଯ୍ୟନ୍ତ । ଚିତ୍ରାବତୀରେ ବନ୍ୟା ଆସିଗଲା ଏବଂ ପଣ୍ଡିତମାନେ ଆରପାଖେ ଅଟକି ଗଲେ । ସେମାନେ ସ୍ଥିର କରିଥିବା ମୁହୂର୍ତ୍ତ ବନ୍ୟାରେ ଧୋଇଗଲା । ଅବଶ୍ୟ ସେମାନେ ଖୁସି ଥିଲେ ସ୍ୱାମୀଙ୍କ ସର୍ବଜ୍ଞ ଶକ୍ତିକୁ ମନେପକାଇ । ନଅଟା ସୁଦ୍ଧା ଆକାଶ ପରିଷ୍କାର ହୋଇଗଲା ।

ଭଗବାନଙ୍କଦ୍ୱାରା ସ୍ଥିରୀକୃତ ହୋଇଥିବା ସମୟ ଆସିଗଲା । ଭଗବାନ ନିଜେ ଯଜ୍ଞଶାଳା ଅଭିମୁଖେ ପ୍ରସ୍ଥାନ କଲେ ତାଙ୍କ ପଛେ ଋତ୍ୱିକଦଳ ମନ୍ତ୍ର ଗାନ କରି କରି ଚାଲିଲେ । ଶତସହସ୍ର ଭକ୍ତ ଭକ୍ତିରେ ଭଜନ ଗାନ କରୁଥିଲେ । ଭକ୍ତିପୂର୍ଣ୍ଣ ଯନ୍ତ୍ର ସଙ୍ଗୀତ ମଧ୍ୟ ବାଦନ କରାଯାଉଥିଲା । ଠିକ୍ ୯-୩୦ମି. ରେ ବାବା ଯଜ୍ଞବେଦୀ ନିକଟରେ ଉପସ୍ଥିତ ହେଲେ ଓ ସପ୍ତାହବ୍ୟାପୀ ଯଜ୍ଞକର୍ମର ଶୁଭାରମ୍ଭ କରାଗଲା ।

ଯଜ୍ଞ କଳସ

ଯଜ୍ଞାରମ୍ଭର ଦିନେ ଦୁଇଦିନ ପୂର୍ବରୁ ଋତ୍ୱିକମାନଙ୍କ ଦାୟିତ୍ୱରେ ଥିବା ବ୍ରହ୍ମଶ୍ରୀ ଶିବରାମ ବୈରାଗୀ ଶାସ୍ତ୍ରୀଙ୍କୁ ବାବା ଡକାଇ କହିଲେ, "ପୂରାପୂରି ବୈଦିକ ନୀତି ଓ ରୀତି ଅନୁସାରେ ସଠିକ୍ ନିୟମ ଓ ଶୃଙ୍ଖଳା ମାନି ଯଜ୍ଞ କର୍ମ ସମ୍ପାଦନ ହେବ । ଆବଶ୍ୟକ ସାମଗ୍ରୀରୁ କିଛି ଅଭାବ ରଖିବ ନାହିଁ । ଯଜ୍ଞ ଆରମ୍ଭ ପୂର୍ବରୁ ସମସ୍ତ ଆବଶ୍ୟକ ସାମଗ୍ରୀର ଗୋଟିଏ ତାଲିକା ପ୍ରସ୍ତୁତ କରି ମୋତେ ଦିଅ । ସମସ୍ତ ସାମଗ୍ରୀ ବ୍ୟବସ୍ଥା କରିବା ମୋ ଦାୟିତ୍ୱ ।" ଶାସ୍ତ୍ରୀ ତାଙ୍କ ସହକର୍ମୀମାନଙ୍କ ପରାମର୍ଶରେ ଗୋଟିଏ ଲମ୍ବା ତାଲିକା ପ୍ରସ୍ତୁତ କଲେ । ତାଲିକା କରାଯାଇଥିବା ସବୁକିଛି ଯୋଗାଇଦିଆଗଲା ।

ଯଜ୍ଞାରମ୍ଭ ଦିନ ଯଜ୍ଞଶାଳାକୁ ଯିବାକୁ ଭଗବାନ ପ୍ରସ୍ତୁତ ହେଲେଣି, ଆଉ ପାଞ୍ଚ ମିନିଟ୍ ପରେ ଯଜ୍ଞାରମ୍ଭ ହେବ, ହଠାତ୍ ଶାସ୍ତ୍ରୀଙ୍କର ମନେ ପଡ଼ିଲା ଯେ ସାମଗ୍ରୀ ତାଲିକାରେ ଯଜ୍ଞ କଳସ ଲେଖା ହୋଇନଥିଲା, ସେ ଦୃଷ୍ଟିରୁ ସେଇଟି ସଂଗ୍ରହ କରାଯାଇନାହିଁ । ବର୍ତ୍ତମାନ ଏ କଥା କିଏ କିଭଳି ଭାବେ ସ୍ୱାମୀଙ୍କୁ ଜଣାଇବ ? ସେ ଅକଥନୀୟ ମାନସିକ

ଯନ୍ତ୍ରଣା ପାଇଲେ । ହାତରେ ସମୟ ବି ଆଉ ନାହିଁ । ସମସ୍ତ ସାହସ ସଞ୍ଚୟ କରି, ସମସ୍ତ ଦୋଷ ନିଜ ଉପରକୁ ନେଇ ସ୍ୱାମୀଙ୍କୁ ଜଣାଇବା ପାଇଁ ବିଚାର କଲେ । ଏଭଳି ଏକ ଅକ୍ଷମଣୀୟ ଅପରାଧ କ୍ଷମା କରିବା ପାଇଁ ସେ ସ୍ୱାମୀଙ୍କୁ ପ୍ରାର୍ଥନା କଲେ ।

ସ୍ୱାମୀ ତାଙ୍କ ଚିରାଚରିତ ରୀତିରେ ଦୟାର ସ୍ରୋତ ପ୍ରବାହ କଲେ । ସେ କହିଲେ, ''ମୁଁ ତୁମକୁ ଡାକି ପ୍ରତ୍ୟେକ ସାମଗ୍ରୀର ତାଲିକା ପ୍ରସ୍ତୁତ କରିବାକୁ କହିଥିଲି, ଯଜ୍ଞାରମ୍ଭ ହେବାକୁ ପାଞ୍ଚମିନିଟ୍ ମାତ୍ର ସମୟ ବାକି ଅଛି, ଏବେ ମୋତେ ଏ କଥା କହୁଛ ?'' ସେ ନିଜ କୋଠରୀ ଭିତରକୁ ଗଲେ ଓ ତିନି ମିନିଟ୍ ପରେ ହାତରେ ଗୋଟିଏ ରୌପ୍ୟ କଳସ ଧରି ବାହାରି ଆସିଲେ, ସେ କଳସଟି ନାନା କାରୁକାର୍ଯ୍ୟରେ ମଣ୍ଡିତ ହୋଇଥିଲା । ସେଥିରେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତିମାନ ମଧ୍ୟ ଶୋଭାପାଉଥିଲା । ଆଶ୍ଚର୍ଯ୍ୟଚକିତ ଶାସ୍ତ୍ରୀଙ୍କୁ ସ୍ୱାମୀ କହିଲେ, ''ମୁଁ ଶିରିଡ଼ିରେ ଥିବା ସମୟରେ, ଏହି କଳସଟିକୁ ଚିଞ୍ଚୋଲି ରାଜପ୍ରାସାଦରେ ରଖିଥିଲି । ଏଇଟି କେତେକ ପୁରୁଣା ପରିତ୍ୟକ୍ତ ଜିନିଷ ସହିତ ପଡ଼ିଥିଲା । ମୋତେ ସେଠାକୁ ଯାଇ, ଖୋଜାଖୋଜି କରି ଏଠାକୁ ଆଣିବାକୁ ପଡ଼ିଲା । ସେଥିପାଇଁ ତିନି ମିନିଟ୍ ସମୟ ଲାଗିଲା । ଏ କଳସଟି ଆମ କାମ ପାଇଁ ଶାସ୍ତ୍ରୋକ୍ତ ମତରେ ଅତି ଉପଯୁକ୍ତ ଜିନିଷ । ଏବେ ଯଜ୍ଞକର୍ମ ଆରମ୍ଭ କର ।'' ସେ କଳସ ଉପରେ ହିନ୍ଦୀରେ ଦୁଇଟି ଅକ୍ଷର ଦସ୍ତଖତ ଥିବା ଦେଖାଗଲା । ''ସା'' ''ବା'' । ଏଥିରୁ ପ୍ରମାଣିତ ହେଲା ଯେ ସେଇଟି ସାଇବାବାଙ୍କର । ଏହାର କିଛି ବର୍ଷ ପରେ ବୈରାଗୀ ଶାସ୍ତ୍ରୀ ଦିନେ ପ୍ରେକ୍ଷାଳୟରେ ସ୍ୱାମୀଙ୍କ ଉପସ୍ଥିତିରେ ବକ୍ତୃତା ଦେବାବେଳେ ଏ ଘଟଣାକୁ ବିଶଦ ଭାବେ ବର୍ଣ୍ଣନା କରିଥିଲେ ।

ଆୟୁଧ ପୂଜା

ଆମ ପରମ୍ପରା ଅନୁଯାୟୀ, ବିଜୟାଦଶମୀ ଦିନ ଯୁଦ୍ଧରେ ବ୍ୟବହୃତ (ଅସ୍ତ୍ର ଶସ୍ତ୍ର) ଆୟୁଧମାନ ପୂଜା କରାଯାଇଥାଏ । ଏହାକୁ ଆୟୁଧ ପୂଜା କୁହାଯାଏ । ବାବା କହନ୍ତି, ମଣିଷର ଆଧାତ୍ମିକ ଅଗ୍ରଗତିରେ ପ୍ରତିବନ୍ଧକ ହେଉଥିବା ଷଡ଼ରିପୁ (କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ) ମଧ୍ୟ ପୂଜା ହେବା କଥା । କିନ୍ତୁ ଏଠାରେ ଗୋଟିଏ ସୂକ୍ଷ୍ମ ପାର୍ଥକ୍ୟ ଅଛି । ତାହା ହେଉଛି, ଏମାନଙ୍କ ପୂଜାଦ୍ୱାରା ଏମାନଙ୍କୁ ଈଶ୍ୱରାଭିମୁଖୀ କରାଇ ଦେବା ଉଚିତ, ତାହେଲେ ସେମାନେ ଆଉ ପ୍ରତିବନ୍ଧକ ନ ହୋଇ ସାହାଯ୍ୟକାରୀ ହେବେ । ଏହା ଫଳରେ ଦୁଷ୍ଟ ସ୍ୱଭାବମାନ ଭଲ ସ୍ୱଭାବରେ ପରିଣତ ହୋଇଯିବ । ଏହା କିପରି ସମ୍ଭବ ହେବ, ଆସ ଶୁଣିବା ବାବା କ'ଣ କହୁଛନ୍ତି:-

କାମ ହେଉଛି ପ୍ରବଳ ପୀଡ଼ା ପ୍ରଦାନକାରୀ କାମନା । ଏହାକୁ ଭଗବାନଙ୍କ ଆଡ଼କୁ ମୁହାଁଇ ଦିଅ, ଫଳରେ ତାହା ଭଗବାନଙ୍କ ଦର୍ଶନ କରିବା ପାଇଁ ବ୍ୟାକୁଳ ହୋଇ

ଉଠିବ । ତାଙ୍କ କୃପା ଓ ତାଙ୍କ ଆଶୀର୍ବାଦ ପାଇବା ପାଇଁ ବ୍ୟଗ୍ର ହୋଇଉଠିବ । ଭଗବାନଙ୍କ ପାଖରେ ପହଞ୍ଚିବା ପାଇଁ କାମ ସତତ ଚେଷ୍ଟିତ ହେବ ।

କ୍ରୋଧକୁ ମଧ୍ୟ ଭଗବତ୍ ଅଭିମୁଖୀ କରିଦିଅ ଏବଂ ତାକୁ କ୍ରୋଧ କରି ପଚାର, ଭଗବାନ ମୋ ପାଖକୁ କାହିଁକି ଏ ପର୍ଯ୍ୟନ୍ତ ଆସିନାହାନ୍ତି । ମୁଁ କେତେଦିନ ତାଙ୍କୁ ଅପେକ୍ଷା କରିବି ? ମୁଁ କି ଦୋଷ କରିଛି ? ସେ ମୋତେ କାହିଁକି କୃପା କରୁନାହାନ୍ତି ।ଏସବୁ ଦୋଷ କ୍ରୋଧ ଉପରେ ଲଦି ଦିଅ ଏବଂ ଅଧୈର୍ଯ୍ୟ ହୋଇ ତାକୁ ଏସବୁ ପଚାରିଲାଗ । ତୁମ କ୍ରୋଧ ଦୃଢ଼ସଙ୍କଳ୍ପରେ ରୂପାନ୍ତରିତ ହୋଇଯିବ, ଚାହା ତୁମ ଜୀବନର ଏକ ସକାରାତ୍ମକ ଉପକାରୀ ବନ୍ଧୁ ହୋଇଯିବ ।

ଲୋଭକୁ ତୁମେ ଯେତେବେଳେ ଭଗବତ୍ ଅଭିମୁଖୀ କରିଦେବ, ତୁମେ ସବୁକିଛି ହାସଲ କରିବାକୁ ଇଚ୍ଛା କରିବ । ତୁମେ ଅନୁଭବ କରିବ, ''ସେ କେବଳ ମୋର, ପୂରାପୂରି ମୋର । ସେ ମୋ ପ୍ରଭୁ ଏବଂ ମୁଁ ତାଙ୍କ ବିନା ଆଉ କାହାରି ନୁହେଁ ।'' ତୁମ ମନ ବିଳାପ କରି ଉଠିବ । ତାଙ୍କୁ ପାଇବା ଲାଗି ତୀବ୍ର କାମନା ସୃଷ୍ଟି କରିବ। ଲୋଭ ରୂପାନ୍ତରିତ ହୋଇ ବ୍ୟାକୁଳତାରେ ପରିଣତ ହୋଇଯିବ ଏବଂ ତାଙ୍କୁ ପାଇବା ଲାଗି ଏକାଗ୍ର ଚିତ୍ତ କରାଇଦେବ।

ମୋହ ଅର୍ଥ ବିଚାରଶକ୍ତି ହରାଇବା। ଏହାକୁ ଭଗବାନଙ୍କ ଆଡ଼କୁ ମୁହାଁଇ ଦେଲେ ଜଣେ ଅନୁଭବ କରିବ ଯେ ଭଗବାନଙ୍କ ବିନା ବଞ୍ଚିବା ଅସମ୍ଭବ। ଏ ସଂସାରରେ ତାଙ୍କ ବିନା କୌଣସି ସୁଖ ନାହିଁ। ଭଗବାନ ଯଦି ମୋ ସହିତ ନାହାନ୍ତି, ତାହେଲେ ଜୀବନ ନିରର୍ଥକ। ସେ କୌଣସି କୈଫିୟତ୍ ଶୁଣିବାକୁ ପ୍ରସ୍ତୁତ ହୁଏ ନାହିଁ । ସେ କେବଳ ଭଗବାନଙ୍କୁ ପାଇବାକୁ ଇଚ୍ଛା କରେ। ମୋହ ବର୍ତ୍ତମାନ ଭକ୍ତିରେ ପରିଣତ ହୋଇ ଭଗବାନଙ୍କ ପାଇଁ ମଣିଷକୁ ଅନ୍ଧ ଓ ବାଧ୍ୟ କରିଦିଏ।

ମଦ ଅର୍ଥ ଗର୍ବ ଓ ଅହଂକାର । ଏହାକୁ ଭଗବତ୍ ଅଭିମୁଖୀ କରିପାରିଲେ ତୁମେ ଭଗବାନଙ୍କ କୃପା ଓ ସମର୍ଥନ ଲାଭ କଲାଭଳି ଅନୁଭବ କରିବ । ତୁମେ ଜାଣିପାରିବ ଯେ ତୁମ ପାଖରେ ଆଉ ଏକ ଶକ୍ତି ପ୍ରବେଶ କରିଯାଇଛି, ବର୍ତ୍ତମାନ କେହି ତୁମ ରାସ୍ତା ଅବରୋଧ କରିପାରିବେ ନାହିଁ, ମୋର ଆଉ ଭୟ ନାହିଁ, ଭଗବାନ ମୋତେ ଛାଡ଼ି କେଉଁଆଡ଼େ ଯାଇପାରିବେ ନାହିଁ । ଏ ପ୍ରକାର ଭାବନା ମଦକୁ ଭଗବାନଙ୍କଠାରେ ବିଶ୍ୱାସ ଓ ଆସ୍ଥା ସ୍ଥାପନ କରିବାରେ ବ୍ୟବହାର କରାଇଥାଏ ।

ମାତ୍ସର୍ଯ୍ୟ ଅର୍ଥ ଅସୂୟା । ଏହାକୁ ଭଗବତ୍ ଅଭିମୁଖୀ କରାଇଦେଲେ ତୁମେ ଅନୁଭବ କରିବ, ''ମୋ ଭଗବାନ, ମୋ ପ୍ରଭୁ ଜଣେ କାହାଦ୍ୱାରା ବିତାଡ଼ିତ

ହୋଇଯାଉଛନ୍ତି, ସେ ମୋଠାରୁ ଦୂରକୁ ଚାଲିଯାଉଛନ୍ତି ।'' ଏ ପ୍ରକାର ଭାବନା ଦ୍ୱାରା ତୁମେ ଉତ୍ତେଜିତ ହୋଇପଡ଼ିବ ଏବଂ ତୁମେ ଜାଣିପାରିବ ଯେ ତୁମ ମାତ୍ସର୍ଯ୍ୟ ଭଗବାନଙ୍କ ସାନ୍ନିଧ ପାଇବା ଲାଗି ପ୍ରବଳ ଆକାଂକ୍ଷା ସୃଷ୍ଟି କରୁଛି ।

ସର୍କସମାନଙ୍କର ସିଂହଗୁଡ଼ିକ ସେମାନଙ୍କୁ ଖେଳାଉଥିବା ମାଲିକର କଥା ମାନିଥାନ୍ତି । ଠିକ୍ ସେହିପରି ମଣିଷର ଷଡ଼ରିପୁ ସେମାନଙ୍କୁ ଖେଳାଉଥିବା ମାଲିକର କଥା ମାନିବେ ଓ ନିଜର ସ୍ୱଭାବଗତ ଅମାନିଆ ଗୁଣକୁ ଛାଡ଼ି ଆଜ୍ଞାବହ ହୋଇଯିବେ । ଏହା ହିଁ ଆୟୁଧ ପୂଜାର ଅନ୍ତରାର୍ଥ ।

କେତେକ ଭକ୍ତ ଯଜ୍ଞକୁଣ୍ଡରେ ଉତ୍ସର୍ଗ କରିବା ପାଇଁ ସୁନା ଓ ମଣିମୁକ୍ତା ପ୍ରଭୃତି ଆଣିଥିଲେ । ସେମାନଙ୍କୁ ସ୍ୱାମୀ କହିଲେ, ଯଜ୍ଞକୁଣ୍ଡରେ ତୁମ ଗୁଣଗୁଡ଼ିକୁ ଅର୍ପଣ କର । ସେଗୁଡ଼ିକୁ ବର୍ଜନ କରି ପାରିଲେ ତାହା ହିଁ ମୂଲ୍ୟବାନ ମୁକ୍ତା ଓ ଅଳଙ୍କାର ଉତ୍ସର୍ଗ ସହ ସମାନ ହେବ । ଯଜ୍ଞ କର୍ମ ସମ୍ପାଦନ କରୁଛ ଯେତେବେଳେ ଆତ୍ମୋତ୍‌ଥାନ ପାଇଁ ଲକ୍ଷ୍ୟ ରଖିବା ଦରକାର, ତାହା ହିଁ ଯଜ୍ଞକର୍ମ ସମ୍ପାଦନ କରିବାର ମହତ୍ତ୍ୱ ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ପଞ୍ଚମ ଅଧ୍ୟାୟ ସମ୍ପୂର୍ଣ୍ଣ

ତୃତୀୟ ଦିବସ - (ଅବଶିଷ୍ଟାଂଶ)

ଷଷ୍ଠ ଅଧ୍ୟାୟ

ପରମ ଈଶ୍ୱର

ଏହି ମାନବ ଶରୀର ଭିତରେ ସମସ୍ତ ଦିବ୍ୟ ଶକ୍ତି ଓ ପ୍ରତ୍ୟେକ ଐଶ୍ୱରୀୟ ତତ୍ତ୍ୱ ବିଦ୍ୟମାନ । ମଣିଷ ଭଗବାନଙ୍କୁ ପ୍ରଦାନ କରିଥିବା ସମସ୍ତ ନାମ ଓ ରୂପ ଏ ଶରୀର ମାଧ୍ୟମରେ ପ୍ରକାଶିତ ହେଉଛନ୍ତି । ଏ ଜୀବନରେ ତୁମେ ସର୍ବଦେବତା ସ୍ୱରୂପଙ୍କ ଦର୍ଶନାନନ୍ଦ ଲାଭ କରିବାର ସୌଭାଗ୍ୟ ହାସଲ କରିଥିବାରୁ ପ୍ରକୃତରେ ବହୁ ଭାଗ୍ୟବାନ ।

-ବାବା

ସର୍ବଦେବତାତୀତ

ମହର୍ଷି ଗର୍ଗ ଜ୍ୟୋତିଷ ବିଦ୍ୟାରେ ଅତି ପାରଙ୍ଗମ ଥିଲେ । ସେ ମଧ୍ୟ ଯାଦବମାନଙ୍କ କୁଳପୁରୋହିତ ଥିଲେ । ଗର୍ଗ ସଂହିତା ତାଙ୍କ ରଚନା । ଏହି ଶାସ୍ତ୍ରର ପ୍ରାରମ୍ଭରେ ସେ ପୂର୍ଣ୍ଣାବତାରର ଗୁଣ ଓ ଲକ୍ଷଣମାନ ବର୍ଣ୍ଣନା କରିଛନ୍ତି ।

ଯସ୍ମିନ୍ ସର୍ବାଣି ତେଜାସ୍ମି ବିଲିନୟଂ ତେ ସ୍ୱ ତେଜସ୍ୱୀ
ତାଂ ବଦନ୍ତି ପରେ ସାକ୍ଷାତ୍ ପରିପୂର୍ଣ୍ଣତମଂ ସ୍ୱୟମ୍ ॥

ଅର୍ଥାତ୍ ''ଯେଉଁ ଅବତାର ନିଜଠାରେ ଅନ୍ୟ ସମସ୍ତ ଦେବାଦେବୀଙ୍କ ଦିବ୍ୟ ମହିମା ଧାରଣ କରି ପାରନ୍ତି ତାଙ୍କୁ ପୂର୍ଣ୍ଣ ଅବତାର ବୋଲି କୁହାଯାଏ ।'' ଭଗବାନ ଶ୍ରୀ ସତ୍ୟସାଇ ବାବା ଏସବୁକୁ ସର୍ବତୋଭାବେ ଧାରଣ କରିଛନ୍ତି ।

ପେଦ୍ଦା ବଟ୍ଟୁ ଉଭୟ ଶିରଡ଼ିସାଇ ଓ ସତ୍ୟସାଇଙ୍କ ଅତ୍ୟନ୍ତ ନିଷ୍ଠାପର ଭକ୍ତ ଥିଲେ । ସେ ଭଗବାନ ଶ୍ରୀ ସତ୍ୟସାଇଙ୍କ ପୂଜା ବିଧାନ ପୁସ୍ତକ ରଚନା କରିଛନ୍ତି । ତାହାର ନାମ ''ଶ୍ରୀ ସତ୍ୟସାଇ ବ୍ରତକଳ୍ପମ୍ ।'' ସେ ହାତ ଲେଖା ପାଣ୍ଡୁଲିପିଟିକୁ ନିଜ ବାକ୍ସରେ ରଖିଦେଇଥିଲେ । କିଛିଦିନ ପରେ ସେ ବାକ୍ସ ଖୋଲି ପାଣ୍ଡୁଲିପିଟିକୁ ଦେଖିଲେ ଯେ ସେ ଲେଖାଗୁଡ଼ିକ ବହୁ ଯାଗାରେ ନାଲି କାଳିରେ ସଂଶୋଧନ କରାଯାଇଛି । ତାହା ଯେ ଭଗବାନଙ୍କ ହସ୍ତାକ୍ଷର ଏଥିରେ କୌଣସି ସନ୍ଦେହ ନଥିଲା । ସେ ଯେଉଁସବୁ ସ୍ଥାନରେ ଲେଖିଥିଲେ ''ସର୍ବଦେବତାସ୍ୱରୂପ'' ତାହାକୁ ପରିବର୍ତ୍ତନ କରାଯାଇ ସେଠାରେ ଲେଖାଥିଲା ''ସର୍ବଦେବତାତୀତସ୍ୱରୂପ'' । ଶତାବ୍ଦୀ ପୂର୍ବରୁ ତେଲୁଗୁ ଭକ୍ତକବି ପୋତନା ଯେତେବେଳେ ଶ୍ରୀ ମହାଭାଗବତକୁ ସଂସ୍କୃତରୁ ତେଲୁଗୁକୁ ଅନୁବାଦ କରୁଥିଲେ, ପ୍ରଭୁ

ଶ୍ରୀରାମ ତାଙ୍କୁ ସାହିତ୍ୟ ରଚନାରେ ସାହାଯ୍ୟ କରିଥିଲେ ବୋଲି କୁହାଯାଏ । ଠିକ ସେହିପରି ଭଗବାନ ଶ୍ରୀ ସତ୍ୟସାଇ ବାବା ପେଦ୍ଧା ବଙ୍କୁଙ୍କ ରଚନାର ମହତ୍ତ୍ୱ ନିଜ ଶ୍ରୀହସ୍ତରେ ବଢ଼ାଇଦେଇଛନ୍ତି । ଏହାଦ୍ୱାରା ସେ ଜଗତକୁ ଲିଖିତ ଆକାରରେ ଜଣାଇଦେଲେ ଯେ ସେ ନିଜେ ସର୍ବଦେବତାତୀତ ।

ଭଗବାନ ତାଙ୍କ ନିଜ ଭାଷାରେ କହନ୍ତି, ''ମୋର ଏହି ମା଼ବ ଦେହ ସମସ୍ତ ଧର୍ମ ଓ ସମସ୍ତ ଦିବ୍ୟ ଶକ୍ତି ଧାରଣ କରିଛି । ଏଥିରେ ଆଦୌ ସନ୍ଦେହ ରଖ ନାହିଁ । ତୁମେ ମୋର ଏ ଦିବ୍ୟରୂପକୁ ଯଦି ନିଜ ହୃଦୟସିଂହାସନରେ ଅଟଳ ବିଶ୍ୱାସର ସହ ସ୍ଥାପନ କରିପାରିବ, ତେବେ ମୋ ଦିବ୍ୟ ବିଶ୍ୱରୂପର ଦର୍ଶନ ଲାଭ କରିପାରିବ । ମଣିଷ ଯାହା ଆଶା କରି ଭଗବାନଙ୍କୁ ପୂଜା କରିଥାଏ, ଭଗବାନଙ୍କ ଯେଉଁ ଗୁଣ ଓ ଯେଉଁ ରୂପ ଦର୍ଶନ କରିବାକୁ ପ୍ରାର୍ଥନା କରେ, ସେ ସବୁକିଛି ଏହି ସାଇଙ୍କ ରୂପ, ତାହା ମୁଁ ପ୍ରମାଣ କରିଦେବି ।''

ମହାଗଣପତି

ଅରୁଣାଚଳମ୍‌ର ବିଖ୍ୟାତ ସନ୍ଥ ଶ୍ରୀ ରମଣ ମହର୍ଷିଙ୍କ ଶିଷ୍ୟ, ସ୍ୱାମୀ ଅମୃତାନନ୍ଦ ଥରେ ଅରୁଣାଚଳମ୍‌ରୁ ପୁଟପର୍ତ୍ତି ଯାଇଥିଲେ ଭଗବାନ ବାବାଙ୍କ ଦର୍ଶନ କରିବା ଉଦ୍ଦେଶ୍ୟରେ । ଭଗବାନ ତାଙ୍କ ପାଖକୁ ଲାଗି ଆସି ମଧୁର କଣ୍ଠରେ କହିଲେ, ''ଅମୃତ..'' । ସ୍ୱାମୀ ଅମୃତାନନ୍ଦ ଉଲ୍ଲସିତ ହୋଇଉଠିଲେ । ରମଣ ମହର୍ଷି କେବଳ ତାଙ୍କୁ ଏହି ନାମରେ ଏତିକି ସ୍ନେହରେ ଡାକୁଥିଲେ । ସାଇବାବାଙ୍କ ଆହ୍ୱାନ ଶୁଣି ତାଙ୍କୁ ଲାଗିଲା, ଏହା ତ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଲୀଳା । ୮୫ ବର୍ଷ ବୟସ୍କ ଅମୃତାନନ୍ଦଙ୍କ ସହ ବାର୍ତ୍ତାଳାପ କରୁ କରୁ ସ୍ୱାମୀ ତାଙ୍କୁ କହିଲେ, ''ତୁମେ ୭ ବର୍ଷ ବୟସର ହୋଇଥିଲାବେଳେ ୪୫ ଦିନ ଧରି ଗଣପତି ହୋମ କରିଥିଲ । ହୋମ କଲାବେଳେ ପ୍ରତ୍ୟେକ ଥର ଆହୁତି ସହିତ କେତେକ ମନ୍ତ୍ରର ବୀଜାକ୍ଷର ଉଚ୍ଚାରଣ ମଧ କରୁଥିଲ । ଦିନକୁ ପ୍ରାୟ ହଜାରେ ଥର ଓଁ ଶ୍ରୀଂ ହ୍ରୀଂ କ୍ଲୀଂ ଗ୍ଲୌଂ ମନ୍ତ୍ର କରିଥିଲ । ଏହି ଯାଗ କଲେ କି ଫଳ ମିଳେ ବୋଲି ଶାସ୍ତ୍ରମାନେ କହୁଛନ୍ତି ? କୁହାଯାଇଛି, ଯଦି ଜଣେ ଭକ୍ତ ନିର୍ଦ୍ଧାରିତ ନୀତିରେ ଏହି ଯାଗ ସମ୍ପାଦନ କରିବ ତେବେ ହୋମକୁଣ୍ଡରୁ ମାତଙ୍ଗ ବଦନ ଭଗବାନ ମହାଗଣପତି ତପ୍ତକାଞ୍ଚନ ବର୍ଣ୍ଣ ଧାରଣ କରି ଦିବ୍ୟ ଦର୍ଶନ ଆଶୀର୍ବାଦ ପ୍ରଦାନ କରନ୍ତି ।'' ବାବା ପଚାରିଲେ, ତୁମର ସେ ଦର୍ଶନ ଲାଭ ହୋଇଥିଲା ?

ଅମୃତାନନ୍ଦ କହିଲେ, ''ମୁଁ ସେତେବେଳେ ମାତ୍ର ସାତ ବର୍ଷ ବୟସର ହୋଇଥିଲି । କେବଳ ହୋମକୁଣ୍ଡରେ ଆହୁତି ଦେଇଦେଲେ କ'ଣ ମହାଗଣପତିଙ୍କର ଦର୍ଶନ ମିଳିଯିବ ?''

ଶ୍ରୀ ସାଇବାବା ତାଙ୍କୁ ଆଶ୍ୱାସନା ଦେଇ କହିଲେ, ''ତୁମେ ପିଲାବେଳେ କରିଥିବା ସେହି ମନ୍ତ୍ର ଓ ଆହୁତିର ସୁଫଳ ଆଜି ତୁମକୁ ଏ ପରିଣତ ବୟସରେ ମୋ ପାଖରେ ଆଣି ପହଞ୍ଚାଇଅଛି । ତୁମେ ତୁମର ସେ ହୋମର ଫଳ ବର୍ତ୍ତମାନ ଏହିଠାରେ ପ୍ରାପ୍ତ ହେବ । ଶାସ୍ତ୍ରମାନେ କେବେ ଭୁଲକଥା କହି ନଥାନ୍ତି ।'' ଅମୃତାନନ୍ଦଙ୍କୁ ବାବା ତାଙ୍କ ନିଜ ଆଡ଼କୁ ଚାହିଁବା ପାଇଁ କହିଲେ ଓ ସେ ତାହା କରିବା ମାତ୍ରେ ଦେଖିଲେ ବାବାଙ୍କ ସ୍ଥାନରେ ତପ୍ତକାଞ୍ଚନ ବର୍ଣ୍ଣର ମହାଗଣପତି ଦଣ୍ଡାୟମାନ ।

ଶ୍ରୀ ସୁବ୍ରହ୍ମଣ୍ୟ ସ୍ୱାମୀ

ଭଗବାନ ସୁବ୍ରହ୍ମଣ୍ୟ ସ୍ୱାମୀ ମହୀଶୂରର ଭଟ୍ଟ ପରିବାରର ଇଷ୍ଟଦେବତା । ୧୯୪୩ରେ ଶ୍ରୀମତୀ ଭଟ୍ଟଙ୍କୁ କ୍ୟାନସର ହୋଇଛି ବୋଲି ଡାକ୍ତରମାନେ ମତ ଦେଲେ । ଡାକ୍ତରମାନେ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଲେ, କିନ୍ତୁ ତାଙ୍କ ଶାଶୁ ଏଥିରେ ଏକମତ ହେଲେ ନାହିଁ । ସେ କହିଲେ ଆମେ ସବୁ ଶ୍ରୀ ସୁବ୍ରହ୍ମଣ୍ୟ ସ୍ୱାମୀଙ୍କ ଭକ୍ତ, ସେ ନିଶ୍ଚିତ ଭାବେ ରୋଗକଥା ବୁଝିବେ । ଦୀର୍ଘ ଛଅମାସ ଧରି ପରିବାରଟି ଅବିଚଳିତ ବିଶ୍ୱାସର ସହିତ ଦୈନିକ ପୂଜା ଆରାଧନା ଚଳାଇରଖିଲେ । ରୋଗୀର ଅବସ୍ଥା ଦିନକୁ ଦିନ ଖରାପ ଆଡ଼କୁ ଯାଉଥାଏ । ଦିନେ ରାତିରେ ଶୋଇଥିବା ବେଳେ ସେ ସ୍ୱପ୍ନ ଦେଖିଲେ ଗୋଟାଏ ବିରାଟ ସାପ ତାଙ୍କ ଶଯ୍ୟା ଚାରିପାଖେ ବୁଲୁଛି । ଭୟଭୀତ ହୋଇ ସେ ତାଙ୍କ ଶାଶୁଙ୍କୁ ଡାକ ପକାଇଲେ । ଘରର ଆଲୁଅ ଜଳାଇ ଦିଆଗଲା, ଦେଖାଗଲା କେଉଁଠି କିଛି ନାହିଁ । ସମସ୍ତେ ଶୋଇଲେ । କିନ୍ତୁ ଏହାର ଅଳ୍ପ ସମୟ ପରେ ଶ୍ରୀମତୀ ଭଟ୍ଟ ପୁନର୍ବାର ସ୍ୱପ୍ନ ଦେଖିଲେ ଯେ ସେଇ ବିରାଟ ସାପଟା ସୁବ୍ରହ୍ମଣ୍ୟ ସ୍ୱାମୀ ପାଲଟିଗଲା ଓ ସେ ନିଜ ହାତରେ ଧରିଥିବା ଆୟୁଧରେ ତାଙ୍କ ଛାତିକୁ ଭୂଷି ଦେଲେ ଓ ଏହା ପରେ ତାଙ୍କୁ ଗୋଟିଏ ପର୍ବତ ଶିଖରକୁ ନେଇଗଲେ । ସେଠାରେ ସେ ପଚାରିଲେ ''ଏଠାରେ ରହିବୁ ନା ତୋ ପରିବାରକୁ ଫେରିବୁ ।'' ମହିଳା ପ୍ରଶ୍ନକର୍ତ୍ତାଙ୍କ ପାଦ ତଳେ ପଡ଼ି କହିଲେ, ''ମୁଁ ମୋ ସ୍ୱାମୀ ଓ ସନ୍ତାନମାନଙ୍କ ପାଖକୁ ଫେରିଯିବାକୁ ଚାହୁଁଛି ।'' ଭଗବାନ କହିଲେ, ''ବର୍ତ୍ତମାନ ତୁ ସମ୍ପୂର୍ଣ୍ଣ ସୁସ୍ଥ, ମୁଁ ତୋତେ ସଦା ସର୍ବଦା ରକ୍ଷା କରୁଥିବି ।'' ସେ ଦେଖିଲେ ଯେ ସେ ଗୋଟିଏ ସଂକୀର୍ଣ୍ଣ ସୁନ୍ଦର ପାହାଚ ଦେଇ ଫେରି ଆସୁଛନ୍ତି । ସ୍ୱପ୍ନ ପୂରାପୂରି ସତ୍ୟ ଭଳି ଲାଗୁଥିଲା । ତା' ପରଦିନଠାରୁ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଗଲା ଓ ସେ ଅତିଶୀଘ୍ର ଆରୋଗ୍ୟ ଲାଭ କଲେ । ସେ ତାଙ୍କର ଦୈନିକ ପୂଜା ଉପାସନା କରିବା ସହିତ ତାଙ୍କ ସାମର୍ଥ୍ୟ ଅନୁସାରେ ଦୁଃଖୀ ଦରିଦ୍ରଙ୍କ ସେବା କରିବା ପାଇଁ ମଧ୍ୟ ସମୟ ଦେଇପାରୁଥିଲେ ।

ଏହାର କୋଡ଼ିଏ ବର୍ଷ ପରେ ଏହି ଭକ୍ତ ଦମ୍ପତି ପ୍ରଥମ ଥର ପାଇଁ ପୁଟ୍ଟପର୍ତ୍ତି ଆସି ଭଗବାନ ବାବାଙ୍କ ଦର୍ଶନ ଲାଭ କଲେ । ସ୍ୱାମୀ ତାଙ୍କୁ ବ୍ୟକ୍ତିଗତ ସାକ୍ଷାତ୍‌କାର ପ୍ରଦାନ କରି କହିଲେ, ''ମୁଁ କୋଡ଼ିଏ ବର୍ଷ ପୂର୍ବରୁ ତୋ ସହିତ ଥରେ କଥାବାର୍ତ୍ତା ହୋଇଥିଲି । ସେ ଅବାକ୍ ହୋଇଗଲେ ଓ କହିଲେ, ''ସ୍ୱାମୀ, ଆମେ ଏହି ପ୍ରଥମ ଥର ପାଇଁ ତୁମକୁ ଦେଖୁଛୁ ।'' କିନ୍ତୁ ସ୍ୱାମୀ କହିଲେ, ''ନା, ନା, ତୁ ମହୀଶୂରରେ ଥିଲାବେଳେ ମୁଁ ତୋ ପାଖକୁ ଯାଉଥିଲି ।'' ମହିଳାଟି ରୋଗରେ ପଡ଼ିଲାବେଳେ ସେମାନେ ସହରର ଯେଉଁ ଗଳିରେ ରହୁଥିଲେ ତା ନାଁ ମଧ୍ୟ ଭଗବାନ କହିଦେଲେ । ସେମାନେ ଆଶ୍ଚର୍ଯ୍ୟ ହେଉଥାନ୍ତି । ଗଳିର ନାଁ ବି ଠିକ୍ ଥିଲା । ହେଲେ ସ୍ୱାମୀ କେତେବେଳେ ସେଠାକୁ ଯାଇଥିଲେ ? କେତେବେଳେ ମୋ ସହିତ କଥାବାର୍ତ୍ତା ହୋଇଥିଲେ ? ତାଙ୍କର କିଛି ମନେ ପଡୁନଥାଏ । ଏହି ସମୟରେ ବାବାଙ୍କ ସାକ୍ଷାତ୍‌କାର ଦେବା କୋଠରୀରୁ, ଉପର ମହଲାକୁ ଯାଇଥିବା ପାହାଚ ଉପରେ ତାଙ୍କ ଆଖି ପଡ଼ିଲା, ସେ ଗୋଟି ଗୋଟି କରି ଗଣିବାରୁ ତାହା ଅଠର ହେଲା । ସେଗୁଡ଼ିକ ସଂକୀର୍ଣ୍ଣ କିନ୍ତୁ ସୁନ୍ଦର ଥିଲା। ଏସବୁ ସେ ପୂର୍ବରୁ କେଉଁଠାରେ ଦେଖିଛନ୍ତି । ହଠାତ୍ ତାଙ୍କର ମନେ ପଡ଼ିଗଲା ଯେ କୋଡ଼ିଏ ବର୍ଷ ପୂର୍ବରୁ ସେ ସ୍ୱପ୍ନରେ ଯାହା ଦେଖିଥିଲେ ତାହା ଏହି ପାହାଚ। ଏହି ପାହାଚ ମଧ୍ୟଦେଇ ସୁବ୍ରହ୍ମଣ୍ୟ ସ୍ୱାମୀ ତାଙ୍କୁ ସଂସାରକୁ ଫେରାଇ ଆଣିଥିଲେ। ମୁହୂର୍ତ୍ତକ ମଧ୍ୟରେ ସେ ସେହି ବିସ୍ମୟ ଜଗତରୁ ଫେରିଆସି ଦେଖନ୍ତି ତ ବାବା ତାଙ୍କ ଶ୍ରୀହସ୍ତ ଚାଳନା କରି ତାଙ୍କ ପାଇଁ ସୁବ୍ରହ୍ମଣ୍ୟ ସ୍ୱାମୀଙ୍କର ଗୋଟିଏ ରୂପ ସୃଷ୍ଟି କରିଛନ୍ତି, ସେଥିରେ ସୁବ୍ରହ୍ମଣ୍ୟ ସ୍ୱାମୀଙ୍କୁ ସର୍ପାଳଙ୍କାରରେ ବିଭୂଷିତ କରାଯାଇ ଏକ ରଥରେ ଆସୀନ କରାଯାଇଛି । କୃତକୃତ୍ୟ ହୋଇଯାଉଥିବା ମହିଳାଙ୍କ ହାତରେ ବାବା ସେଇଟିକୁ ଦେଲେ । ମହିଳାଜଣକ ବୁଝିପାରିଲେ ଯେ ତାଙ୍କ ଘରେ ଦୈନିକ ପୂଜିତ ହେଉଥିବା ସୁବ୍ରହ୍ମଣ୍ୟ ସ୍ୱାମୀ ଏହି ଦୟାମୟ ସାଇବାବାଙ୍କ ବ୍ୟତୀତ ଆଉ କେହି ନୁହନ୍ତି । ଆନନ୍ଦାତିଶଯ୍ୟରେ ଅଭିଭୂତ ହୋଇ ପଡ଼ିଥିବା ମହିଳାଜଣକ ତାଙ୍କ ଅଶ୍ରୁପ୍ଲାବନରେ ବାବାଙ୍କ ପଦ୍ମପାଦକୁ ଧୋଇ ଦେଇଥିଲେ ସେଦିନ । ଭଗବାନ ସୁବ୍ରହ୍ମଣ୍ୟ ସ୍ୱାମୀ ବର୍ତ୍ତମାନ ପ୍ରଶାନ୍ତି ନିଳୟମ୍‌ରେ ତାଙ୍କ ଜ୍ୟେଷ୍ଠଭ୍ରାତା ମହାଗଣପତିଙ୍କ ପାର୍ଶ୍ୱରେ ଦଣ୍ଡାୟମାନ ହୋଇଛନ୍ତି । ଏହି ମୂର୍ତ୍ତି ୧୯୯୭ ସେପ୍ଟେମ୍ବରର ୨୧ ତାରିଖରେ ଭଗବାନ ବାବାଙ୍କ ଦିବ୍ୟହସ୍ତରେ ପ୍ରତିଷ୍ଠିତ ହୋଇଥିଲା।

ପରମଶିବ

ବେଲାରୀ ଜିଲ୍ଲାର ତତ୍‌କାଳୀନ ମୁନିସ୍‌ପାଲଟି ସଭାପତି ରାମାରାଜୁ ସତ୍ୟଙ୍କୁ ସାକ୍ଷାତ କରିବା ଲକ୍ଷ୍ୟରେ ଉରବକୋଣ୍ଡା ଆସିଥିଲେ । ସେ ସମୟରେ ସତ୍ୟଙ୍କୁ ମଧ୍ୟ ରାଜୁ

କୁହାଯାଉଥିଲା । ରାମାରାଜୁ ଶେଷମା ରାଜୁଙ୍କୁ କହିଲେ, ଆଗାମୀ ଛୁଟିରେ ତୁମ ରାଜୁକୁ ଆମେ ବେଲାରୀ ନେବାକୁ ଚାହୁଁଛୁ । ତୁମେ ତୁମ ଭାଇକୁ ଜଣେ ସାଧାରଣ ବାଳକ ବୋଲି ଭାବୁଛ । ତାହା ସମ୍ପୂର୍ଣ୍ଣ ଭୁଲ । ତା'ର ପବିତ୍ରତା ଓ ମୁଖର ଉଜ୍ଜ୍ୱଳତା ଦେଖି ମୋ ମନ ଓ ହୃଦୟ ବିଚଳିତ ହୋଇଯାଇଛି । ମୁଁ ତା'ଠାରେ ଦିବ୍ୟ ପରିପ୍ରକାଶ ଲକ୍ଷ୍ୟ କରିପାରୁଛି । ଆମ ଅନୁରୋଧ ରକ୍ଷା କରି ତା' ସହିତ ତୁମେ ମଧ୍ୟ ଆସି ଆମ ସହିତ କିଛି ଦିନ ରହ । ସେ ସମୟରେ ସାନଭାଇର ଏପରି ଅସ୍ୱାଭାବିକ ବ୍ୟବହାର ଦେଖି ଶେଷମା ରାଜୁ ବଡ଼ ବ୍ୟତିବ୍ୟସ୍ତ ହେଉଥିଲେ । ସେ ଭାବିଲେ ଜଳବାୟୁ ପରିବର୍ତ୍ତନ ହେଲେ ସତ୍ୟର ମାନସିକ ସ୍ୱାସ୍ଥ୍ୟରେ କିଛି ପରିବର୍ତ୍ତନ ଆସିପାରେ । ସେ ରାମାରାଜୁଙ୍କ ନିମନ୍ତ୍ରଣ ରକ୍ଷା କରି ବେଲାରୀ ଗଲେ । ଦିନେ ସେ ହାମ୍ପି (ପୂର୍ବକାଳର ବିଜୟ ନଗର ସାମ୍ରାଜ୍ୟର ରାଜଧାନୀ) ଯାଇ ସେଠାକାର ବିଖ୍ୟାତ ବିରୂପାକ୍ଷ ମନ୍ଦିର ଦର୍ଶନ କରିବାର ଏକ କାର୍ଯ୍ୟକ୍ରମ ରଖିଲେ । ସମସ୍ତେ ମନ୍ଦିର ଭିତରକୁ ଗଲେ, କିନ୍ତୁ ପେଟ ଭଲ ନାହିଁ କହି ସତ୍ୟ ମନ୍ଦିର ବାହାରେ ରହିଲା । ମନ୍ଦିର ପୂଜକ ଯେତେବେଳେ ମୁଖ୍ୟ ଦେବତାଙ୍କୁ ଆରତୀ ଅର୍ପଣ କଲେ ବିରୂପାକ୍ଷଙ୍କ ସ୍ଥାନରେ ସମସ୍ତେ ସତ୍ୟକୁ ଦେଖିଲେ । ଶେଷମା ରାଜୁ ରାଗିଗଲେ, ସେ ଭାବିଲେ ସତ୍ୟ ମନ୍ଦିର ଭିତରକୁ ଆସିବ ନାହିଁ ବୋଲି କହି କେତେବେଳେ ସମସ୍ତଙ୍କ ଅଲକ୍ଷ୍ୟରେ ଯାଇ ବିରୂପାକ୍ଷଙ୍କ ଆସ୍ଥାନ ଉପରେ ପହଞ୍ଚିଗଲାଣି ? ଭଗବାନଙ୍କ ଅବମାନନା କରିଛି ସେ । କ୍ରୋଧଜର୍ଜରିତ ହୋଇ ବାହାରକୁ ଯାଇ ଦେଖିଲେ ସତ୍ୟ ଗୋଟିଏ ଗଛ ମୂଳେ ଠିଆ ହୋଇଛି । ଶେଷମା ରାଜୁ କିଛି ସ୍ଥିର କରିପାରିଲେ ନାହିଁ । ବାହାରେ ଠିଆ ହୋଇଥିବା ସତ୍ୟ ଉପରେ ନିଜେ ଦୃଷ୍ଟିଦେଇ ଆଉ ଜଣକୁ ମନ୍ଦିର ଭିତରକୁ ପଠାଇ ଅନୁସନ୍ଧାନ କରାଇଲେ । ଏ ଜଣକ ସତ୍ୟକୁ ଭିତରେ ଦେଖି ଯାଇ ଶେଷମା ରାଜୁଙ୍କୁ ଜଣାଇଲା । ଶେଷମା ରାଜୁ କେବଳ ବିସ୍ମୟ ବିସ୍ଫାରିତ ନେତ୍ରରେ ଥରେ ସତ୍ୟକୁ ଆଉ ଥରେ ବିରୂପାକ୍ଷଙ୍କ ଆଡ଼କୁ ଚାହୁଁଥିଲେ । କୁହାଯାଇଛି "ଅନ୍ତର୍ବହିଶ୍ଚ ତତ୍ ସର୍ବଂ ବ୍ୟାପ୍ୟ ନାରାୟଣ ସ୍ଥିତଃ" ।

ଭଗବାନ ନାରାୟଣ ସର୍ବବ୍ୟାପୀ, ସେ ଭିତରେ ତଥା ବାହାରେ ସର୍ବତ୍ର ସର୍ବକାଳେ ବିଦ୍ୟମାନ । ସେ ଦଳରେ ଥିବା ସମସ୍ତେ ଉପଲବ୍ଧି କଲେ ଯେ ଏହି ସତ୍ୟ ନାରାୟଣ ମଧ୍ୟ ସର୍ବବ୍ୟାପୀ । ଏକ ସମୟରେ ଭିତରେ ବାହାରେ ତଥା ସର୍ବତ୍ର ବିରାଜିତ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେତେବେଳ ସୁଦ୍ଧା ସେ ନିଜ ଅବତାରତ୍ୱ ବିଷୟରେ ଉଦ୍‌ଘୋଷଣା ପ୍ରଦାନ କରି ନଥିଲେ । ଦଳଟି ମନ୍ଦିର ଭିତରୁ ବାହାରକୁ ଆସି ସତ୍ୟର ମୁହଁକୁ ଚାହିଁଲେ କିନ୍ତୁ କୌଣସି ପ୍ରକାର ଅସ୍ୱାଭାବିକତା ଲକ୍ଷ୍ୟ କରି ପାରିଲେ ନାହିଁ । ଯେପରି ସେଭଳି କିଛି ଘଟିନାହିଁ ।

ସ୍ୱାମୀ ବିଭୂତି ସୃଷ୍ଟି କରନ୍ତି ବୋଲି ସମସ୍ତେ ଜାଣନ୍ତି । ପ୍ରତିଦିନ ସେ ବହୁ ପରିମାଣରେ ବିଭୂତି ସୃଷ୍ଟି କରି ଭକ୍ତମାନଙ୍କୁ ବାଣ୍ଟନ୍ତି । ଶିବରାତ୍ରି ପାଳନ ଅବସରରେ ଗୋଟିଏ ଶୂନ୍ୟ କୁମ୍ଭରୁ ଅଜସ୍ର ବିଭୂତି ସୃଷ୍ଟି କରି ବାବା ଶିରିଡ଼ି ବାବାଙ୍କ ମୂର୍ତ୍ତିକୁ ଅଭିଷେକ କରନ୍ତି । କେବେ ହେଲେ ବିଭୂତି କମିଯାଏ ନାହିଁ ।

ଗୋଟିଏ ନିର୍ଦ୍ଦିଷ୍ଟ ଘଟଣା ଏଠାରେ ବର୍ଣ୍ଣିତ ହେଉଛି । ପ୍ରଶାନ୍ତି ମନ୍ଦିର ନିକଟରେ ଶାନ୍ତି ବେଦିକା ନାମକ ଏକ ବେଦୀ ଥିଲା । ଚାରିଫୁଟ ଉଚ୍ଚତା ବିଶିଷ୍ଟ ଶିରିଡ଼ିସାଇଙ୍କ ଏକ ରୌପ୍ୟ ମୂର୍ତ୍ତିକୁ ସେଠାରେ ସ୍ଥାପନା କରାଯାଇଥିଲା । ଶ୍ରୀ କସ୍ତୁରୀ ତାହାର ଗୋଟିଏ ପାର୍ଶ୍ୱରେ ମୂର୍ତ୍ତିର ଅଙ୍କ ଉପରେ ଗୋଟିଏ ଶୂନ୍ୟ କୁମ୍ଭକୁ ତଳମୁହାଁ କରି ଧରନ୍ତି । ଅନ୍ୟ ପାର୍ଶ୍ୱରେ ଭଗବାନ ବାବା ଠିଆ ହୋଇ ନିଜର ଡାହାଣ ହାତ କୁମ୍ଭ ମୁହଁରେ ପୂରାଇ ନିଜ ହାତ ଘୂରାନ୍ତି । ହାତ ଘୂରାଉଥିବା ପର୍ଯ୍ୟନ୍ତ ଶୂନ୍ୟ କୁମ୍ଭରୁ ଅପର୍ଯ୍ୟାପ୍ତ ବିଭୂତି ଝରେ ଓ ମୂର୍ତ୍ତି ଉପରେ ହୁଙ୍କା ପ୍ରମାଣେ ତାହା ଗଦା ହୁଏ । କିଛି ସମୟ ପରେ ବାବା ନିଜ ଡାହାଣ ହାତ କାଢ଼ି ବାମ ହାତ ପୂରାନ୍ତି । ଶିରିଡ଼ି ମୂର୍ତ୍ତି ସଂପୂର୍ଣ୍ଣ ଭାବେ ବିଭୂତିରେ ବୁଡ଼ି ଯାଆନ୍ତି । ଭକ୍ତମାନେ ଆନନ୍ଦରେ ଫାଟି ପଡ଼ନ୍ତି, ତାଳି ବର୍ଷା କରନ୍ତି ।

ଏହାପରେ ବାବା ଖଣ୍ଡେ ବସ୍ତ୍ର ଧରି ଶିରିଡ଼ିସାଇଙ୍କ ମୁହଁ ଓ ମଥାକୁ ପୋଛି ଶ୍ରୀହସ୍ତ ଚାଳନା କରି ପାନ୍ନାଟିଏ ସୃଷ୍ଟି କରି ଶିରିଡ଼ି ମୂର୍ତ୍ତିର କପାଳରେ ଲଗାଇ ଦିଅନ୍ତି । ତାହା ସେଠାରେ ଲାଗି ରହିଯାଏ । ଏହି ଚମତ୍କାରିତା ଏକ ଅଲୌକିକ ଦୃଶ୍ୟ । ଏସବୁ ଦେଖିବାର ସୁଯୋଗ ପାଇ ଆମ୍ଭେମାନେ ଧନ୍ୟ ହୋଇଛୁ । ଏଭଳି ଦୃଶ୍ୟ ଅବଲୋକନ କରି ଆତ୍ମବିସ୍ମୃତ ହୋଇ, ଭଗବତ୍ ଚିନ୍ତନରେ ଏକାକାର ହୋଇ ନିଜକୁ ମଜ୍ଜାଇଦେବା ହିଁ ବିଜ୍ଞତାର ପରିଚୟ ।

ସେହି ଶିବରାତ୍ରି ସନ୍ଧ୍ୟାରେ ଭକ୍ତମାନଙ୍କ ସମକ୍ଷରେ ବାବା ତାଙ୍କ ନାଭିକମଳରୁ ଶିବଲିଙ୍ଗ ଉଦ୍ଭବ କରି ମୁଖ ମଧ୍ୟ ଦେଇ ବାହାରକୁ ଆଣିଥିଲେ । ବାବା ଦିବ୍ୟ ସମ୍ଭାଷଣ ପ୍ରଦାନ କରୁଥିଲେ । ହଠାତ୍ ସମ୍ଭାଷଣ ଦେବା ବନ୍ଦ କରିଦେଇ ବସିପଡ଼ିଲେ । ଭକ୍ତମାନେ ଉଚ୍ଚସ୍ୱରରେ ଭଜନ ଗାନ କରୁଥିଲେ । ବାବାଙ୍କ ସମଗ୍ର ଶରୀର ସ୍ୱେଦାକ୍ତ ହୋଇଯାଇଥିଲା । ଘନ ଘନ ଜଳ ପାନ କରୁଥିଲେ । ଉଦର ମଧ୍ୟରେ କିଛି ଗୋଟାଏ ଚଳପ୍ରଚଳ ହେବା ଭଳି ଜଣାଗଲା । ସେ କଷ୍ଟ ପାଇଲା ଭଳି ଭିଡ଼ି ମୋଡ଼ି ହେଲେ । ଭଜନ ଗାନ ତୀବ୍ରତର ହେଉଥାଏ । ଆତ୍ମଲିଙ୍ଗ ଉର୍ଦ୍ଧ୍ୱଗତି ଲାଭ କଲା । କଣ୍ଠଦେଶରେ ପହଞ୍ଚିଲା ଏବଂ ହଠାତ୍ ମୁଖ ମଧ୍ୟ ଦେଇ ପ୍ରକଟିତ ହୋଇଗଲା । ବାବା ତାହାକୁ ନିଜ ହସ୍ତାଞ୍ଜଳିରେ ଧରି ପକାଇଲେ । ତା'ପରେ ତାହାକୁ ଉପରକୁ ଟେକି ଧରିଲେ, ହଜାର

ହଜାର ଭକ୍ତ ଦର୍ଶନ କରିବାକୁ ସୁବିଧା ପାଇବେ ବୋଲି । ଲିଙ୍ଗର ଆକାର ବହୁତ ବଡ଼ ଥିବାରୁ ପାଟିର କଣ ଦୁଇଟି ଚିରି ଯାଇ ରକ୍ତ ଦାଗ ଦେଖାଯାଉଥିଲା ।

ଏହି ଲିଙ୍ଗୋଦ୍ଭବର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ସ୍ୱାମୀ କହିଲେ, ତୁମେ ଭଗବାନଙ୍କ ସ୍ୱଭାବକୁ ପୂର୍ଣ୍ଣ ମାତ୍ରାରେ ଜାଣିପାରିବ ନାହିଁ କିମ୍ୱା ଦୈବୀ ଶକ୍ତି ଓ ତାହାର ମହିମାକୁ ମାପି ପାରିବ ନାହିଁ । ଏହାକୁ ଦେଖି ହେବ ନାହିଁ ବା ହାସଲ କରିହେବ ନାହିଁ । ଏହି ଲିଙ୍ଗୋଦ୍ଭବକୁ ଦେଖି ତୁମ୍ଭେମାନେ ତୁମର ସୀମିତ ସୁଯୋଗ ବଳରେ ତୁମ୍ଭମାନଙ୍କ ମଧ୍ୟରେ ଓ ତୁମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ଥିବା ଭଗବାନଙ୍କୁ ଅନ୍ତତଃପକ୍ଷେ କଳନା କରିପାରିବ । ତୁମର ସୌଭାଗ୍ୟ ଓ ଦିବ୍ୟ କୃପା ବଳରେ ତୁମେ ଏହି ଦେବଦୁର୍ଲଭ ଦୃଶ୍ୟ ଦେଖିବାର ସୁଯୋଗ ଲାଭ କରିଛ ।

୧୯୭୪ ମସିହା ଶିବରାତ୍ରିର ଲିଙ୍ଗୋଦ୍ଭବ ପରେ ଭଗବାନ ଏକ ରୋମାଞ୍ଚକାରୀ ଘୋଷଣା କରିଥିଲେ । ଭକ୍ତମାନଙ୍କୁ ସମ୍ବୋଧନ କରି ସେ କହିଲେ, ଏହା ଦଶଇଞ୍ଚ ବିଶିଷ୍ଟ ଆତ୍ମଲିଙ୍ଗ (ଦଶାଙ୍ଗୁଳମ୍) ଯାହା ବିଷୟରେ କପିଳ ମୁନି ବେଦ ଉପନିଷଦ୍‌ରେ ବର୍ଣ୍ଣନା କରିଛନ୍ତି । ଏହାକୁ ଦର୍ଶନ କରିଥିବାରୁ ତୁମର ଜୀବନ ପରିପୂର୍ଣ୍ଣତା ହାସଲ କରିପାରିଛି ଏବଂ ତୁମ୍ଭେମାନେ ଜନ୍ମ-ମୃତ୍ୟୁର ଆବର୍ତ୍ତରୁ ମୁକ୍ତି ପାଇଛ । ଏହି ଲିଙ୍ଗ ଦଶଇଞ୍ଚ ବିଶିଷ୍ଟ । ଏହି ଲିଙ୍ଗର ଭିତରେ ଜ୍ୟୋତି ଶିଖା ରୂପେ ତ୍ରିଶୂଳ ଚିହ୍ନ ଅଛି, ଯାହାର ରଙ୍ଗ ପ୍ରତି ଦଶ ମିନିଟ୍‌ରେ ପରିବର୍ତ୍ତନ ହେଉଅଛି ।

ବହୁ ବର୍ଷ ପରେ ଭଗବାନ ହିରଣ୍ୟଗର୍ଭ ଲିଙ୍ଗ ଉଦ୍ଭବ କଲେ ୧୯୯୯ ଶିବରାତ୍ରିରେ । ତା'ପର ବର୍ଷ ଶିବରାତ୍ରିରେ ଭଗବାନ ସତ୍ୟସାଇ ସୃଷ୍ଟି କଲେ ସ୍ୱର୍ଣ୍ଣଲିଙ୍ଗ । ଏହାକୁ ସୃଷ୍ଟି କରି ସେ ସାଇ କୁଲବନ୍ତ ସଭାଗୃହରେ ଉପସ୍ଥିତ ଥିବା ଲକ୍ଷ୍ୟ ଲକ୍ଷ୍ୟ ଭକ୍ତଙ୍କୁ ତାହା ଦେଖାଇଥିଲେ ଓ ଭକ୍ତମାନେ ଏଥିରେ କୃତକୃତ୍ୟ ହୋଇଯାଇଥିଲେ । ଏହାରି ମାଧ୍ୟମରେ ସେମାନେ ଧନ୍ୟ ହୋଇଛନ୍ତି ବୋଲି ଭାବିଥିଲେ ।

ଶ୍ରୀରାମଚନ୍ଦ୍ର

୧୯୭୨ ମସିହା । ବୃନ୍ଦାବନରେ ଗ୍ରୀଷ୍ମ ଶିକ୍ଷା ଶିବିର ଆରମ୍ଭ ହେବାକୁ ଯାଉଥାଏ । ଭାରତର ବିଭିନ୍ନ ପ୍ରଦେଶରୁ ୮୦୦ ଯୁବକ ଯୁବତୀ ହ୍ୱାଇଟ୍ ଫିଲ୍ଡ଼ରେ ସମବେତ ହୋଇଥା'ନ୍ତି । ମାତା ଈଶ୍ୱରାମ୍ମା ଅନ୍ୟ ମହିଳାମାନଙ୍କ ସହିତ ମାସକ ପାଇଁ ଏହି ଶିକ୍ଷା ଶିବିରରେ ଯୋଗ ଦେବାର ଅନୁମତି ଭଗବାନଙ୍କଠାରୁ ପାଇଥା'ନ୍ତି । ଭଗବାନଙ୍କ ବାସଗୃହର ତଳମହଲାରେ ତାଙ୍କୁ ରହିବାକୁ ଦିଆଯାଇଥାଏ ।

ଛାତ୍ରଛାତ୍ରୀମାନେ ଦୈନିକ ଭୋର ସମୟରୁ ଉଠନ୍ତି, ଓଁକାର, ସୁପ୍ରଭାତମ୍, ଭଜନ, ଯୋଗାସନ, ସେବା ଆବଶ୍ୟକ କରୁଥିବା ଲୋକମାନଙ୍କ ସେବା ତଥା ଅନ୍ୟ କାର୍ଯ୍ୟସବୁ କରନ୍ତି । ଏଥିରେ ଅଂଶ ଗ୍ରହଣ କରିଥିବା ସମସ୍ତେ ଖୁବ୍ ଉତ୍ସାହୀ ଓ ଖୁସି ଥିବା ଜଣାପଡୁଥାଏ । ମାତା ଈଶ୍ୱରାମ୍ମାଙ୍କୁ ଏସବୁ ଦେବୀ ସରସ୍ୱତୀଙ୍କ ମନ୍ଦିରରେ ଦୈନନ୍ଦିନ ଲାଗିଥିବା ଉତ୍ସବ ପରି ଲାଗୁଥାଏ ।

ଏ ଶିବିର ଆରମ୍ଭ ହେବାର ଏକାଦଶ ଦିବସରେ ଈଶ୍ୱରାମ୍ମାଙ୍କର ଏକ ରୋମାଞ୍ଚକର ଅନୁଭୂତି ହେଲା, ତା' ପରଦିନ ସେ ପେଦ୍ଦା ବଟ୍ଟୁ (ଶିରଡ଼ି ମା)ଙ୍କ ପାଖକୁ ଦୌଡ଼ିଲେ । ପେଦ୍ଦା ବଟ୍ଟୁଙ୍କୁ କହିଲା ବେଳେ ମଧ୍ୟ ସେ ଅଧୀର ହୋଇପଡ଼ିବା ଲକ୍ଷ୍ୟ କରାଯାଉଥିଲା । ସେ କହିଲେ, ମୁଁ ଯେଉଁ ଆଚମ୍ବିତ କଥା ଅନୁଭବ କରିଛି, ତାହା ତୁମକୁ କହିବି, କିନ୍ତୁ ମୋତେ ଜବାବ ଦିଅ ଏକଥା ଅନ୍ୟ କାହାକୁ କହିବ ନାହିଁ । ପେଦ୍ଦା ବଟ୍ଟୁ ପାଖକୁ ଘୁଞ୍ଚି ଆସି ପଚାରିଲେ, କ'ଣ ହେଇଛି ? ଈଶ୍ୱରାମ୍ମା କହିଲେ, ଆମ ସ୍ୱାମୀ ପ୍ରକୃତରେ ଭଗବାନ, ଏଥିରେ ମୋର ଆଉ ସନ୍ଦେହ ନାହିଁ । ପେଦ୍ଦା ବଟ୍ଟୁ ହସରେ ଫାଟି ପଡ଼ିଲେ । ଈଶ୍ୱରାମ୍ମା ପଚାରିଲେ, ମୋ କଥାରେ ଏତେ ହସିବାର ଅଛି କ'ଣ ? ପେଦ୍ଦା ବଟ୍ଟୁ ତାଙ୍କୁ ବୁଝାଇ କହିଲେ, ମୁଁ ତୁମ କଥା ଶୁଣି ହସୁନାହିଁ । ଏତେ ଦିନ ପରେ ତୁମେ ଏକଥା ଜାଣିଛ ସେଥିପାଇଁ ମୁଁ ହସୁଛି । ହଉ ସେ କଥା ଛାଡ଼, କ'ଣ ପାଇଁ ଆଜି ତୁମର ଏ ଧାରଣା ହେଲା ? ଈଶ୍ୱରାମ୍ମା କହିଲେ, ତୁମେ ଜାଣିଛ, ଗତ ଚାରିଦିନ ହେଲା ମୋତେ ଖୁବ୍ ଜର ହୋଇଛି । ଗତ ରାତିରେ ସ୍ୱାମୀ ମୋ ପାଖକୁ ଆସିଲେ । ପେଦ୍ଦା ବଟ୍ଟୁ ପଚାରିଲେ, ସ୍ୱପ୍ନରେ ? ନା, ମୁଁ ଶୋଇପାରୁ ନଥିଲି, ଏକଡ଼ରୁ ସେକଡ଼ ହୋଇ ବଡ଼ ଅଶ୍ୱସ୍ତିରେ ବିଛଣାରେ ଗଡୁଥିଲି । ସ୍ୱାମୀ ସଶରୀରେ ମୋ ପାଖକୁ ଆସି ପଚାରିଲେ, କ'ଣ ହୋଇଛି ? ମୁଁ କହିଲି, ସାରା ଶରୀର ବିନ୍ଧୁଛି । କିପରି ବର୍ଣ୍ଣିବି ପେଦ୍ଦା ବଟ୍ଟୁ, ସେ ଆମ ସବୁଦିନିଆ ସ୍ୱାମୀ ନୁହେଁ । ଯାହାକୁ ତୁମେ ସବୁଦିନ ଦେଖୁଛ, ମୁହୂର୍ତ୍ତକରେ ସେ ଶ୍ରୀରାମଚନ୍ଦ୍ର ହୋଇଗଲେ, ମଥାରେ ସୂର୍ଯ୍ୟ ଭଳି ମୁକୁଟ, କାନ୍ଧରେ କୋଦଣ୍ଡ ଧରି ମୋ ଆଗରେ ଦଣ୍ଡାୟମାନ ହୋଇଗଲେ, ମୁଁ ଆଶ୍ଚର୍ଯ୍ୟ ହୋଇଯାଉଥିଲେ ମଧ୍ୟ ନମସ୍କାର କଲି । ଉଠି ବସିବାକୁ ବହୁତ ଚେଷ୍ଟା କଲି । ବିଛଣାରୁ ତଳକୁ ଆସିବାକୁ ଚେଷ୍ଟା କରି ବିଫଳ ହେଲି । ଏହାର କିଛି ସମୟ ପରେ ଶ୍ରୀରାମଚନ୍ଦ୍ର ପୁନର୍ବାର ଆମ ପ୍ରିୟ ସ୍ୱାମୀ ପାଲଟି ଗଲେ । ସ୍ମିତ ହସ ହସି ମୋତେ ବିଭୂତି ପ୍ରସାଦ ଦେଇ କହିଲେ, ବ୍ୟସ୍ତ ହୁଅ ନାହିଁ, ଜ୍ୱର ଭଲ ହୋଇଯିବ । ଏହା ପରେ ସେ ଚାଲିଗଲେ । ପେଦ୍ଦା ବଟ୍ଟୁ ଖୁସିରେ

ଉତ୍‌ଫୁଲ୍ଲିତ ହୋଇ କହିଲେ , ''ସ୍ୱାମୀ ତୁମକୁ କୃପା କରିଛନ୍ତି, କି ମନୋମୁଗ୍ଧକର ଅନୁଭୂତି !'' ବାବାଙ୍କୁ ଯେତେବେଳେ ସେ ଶ୍ରୀରାମଚନ୍ଦ୍ର ଭାବେ ଦେଖିଲେ ସେତେବେଳେ ଈଶ୍ୱରାମ୍ମା ସଂପୂର୍ଣ୍ଣ ଜାଗ୍ରତ ଓ ସଚେତନ ଥିଲେ । ପ୍ରକୃତରେ ସେ ଅନନ୍ୟ ସୌଭାଗ୍ୟବତୀ ।

ପରବର୍ତ୍ତୀ ଘଟଣାବଳୀରୁ ଜଣାଯାଏ ଯେ ତାଙ୍କୁ ଏ ଦିବ୍ୟ ଅନୁଭୂତି ଦିଆଯାଇଥିଲା, କାରଣ ଈଶ୍ୱରାମ୍ମାଙ୍କ ଆତ୍ମା ପରମାତ୍ମାଙ୍କ ସହ ଲୀନ ହେବା ସମୟ ପାଖେଇ ଆସିଥିଲା । ଠିକ୍ ତା' ପରଦିନ ୧୯୭୨ ମେ' ମାସ ୬ ତାରିଖ ପ୍ରାତଃ ୬ ଘଟିକା ସମୟରେ ଛାତ୍ରଛାତ୍ରୀମାନେ ନଗର ସଂକୀର୍ତ୍ତନରୁ ଫେରିଥାଆନ୍ତି । ସ୍ୱାମୀ ଉପର ମହଲାରୁ ଦର୍ଶନ ଦେଇ ସ୍ନାନାଗାରକୁ ଗଲେ । ଇତ୍ୟବସରରେ ଈଶ୍ୱରାମ୍ମା ନିଜ ସ୍ନାନାଦି କର୍ମ ସାରି କଫି ପିଇସାରି ଭିତର ବାରଣ୍ଡାରେ ଆରାମ କରୁଥିଲେ । ହଠାତ୍ ସେ ସ୍ନାନାଗାର ଆଡ଼କୁ ଦୌଡ଼ିଲେ ଓ ସ୍ୱାମୀ, ସ୍ୱାମୀ ବୋଲି ଡାକିଲେ । ସ୍ୱାମୀ ମଧ୍ୟ ଭିତରୁ କହିଲେ, ଆସୁଛି, ଆସୁଛି । ଈଶ୍ୱରାମ୍ମା ପଡ଼ିଗଲେ ଓ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

୧୯୮୩ ମସିହା ମେ' ୬ ତାରିଖରେ ଈଶ୍ୱରାମ୍ମାଙ୍କ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ସ୍ୱାମୀ ଏ ପ୍ରସଙ୍ଗରେ କହୁଥିଲେ । ଈଶ୍ୱରାମ୍ମାଙ୍କ ଭଳି ସରଳ ତଥା ବିରଳ ମହିଳା ଯେଉଁଭଳି ଭାବରେ ସଂସାରରୁ ବିଦାୟ ନେଲେ, ସେ କଥା ବର୍ଣ୍ଣନା କରିବି । ଜୀବନର ଶେଷ ମୁହୂର୍ତ୍ତରେ ଜଣକର ମନ ଅଳଙ୍କାର ବା ସେହିଭଳି କିଛି ମୂଲ୍ୟବାନ ପଦାର୍ଥ ଉପରେ ସାଧାରଣତଃ ଥାଏ । ବହୁତ କମ୍ ଲୋକ ଅଛନ୍ତି ଯେଉଁମାନଙ୍କର ମନ ଶେଷ ମୁହୂର୍ତ୍ତରେ ସ୍ୱାମୀଙ୍କ କଥା ଭାବେ । ତଳ ମହଲାରୁ ସେ ସ୍ୱାମୀ, ସ୍ୱାମୀ ଡାକିଥିଲେ, ତାଙ୍କ ପ୍ରାଣବାୟୁ ଉଡ଼ିଗଲାବେଳକୁ ମୁଁ କହୁଥାଏ ''ଯାଉଛି, ଯାଉଛି ।'' ଶ୍ରୀ ମହାବିଷ୍ଣୁ ଗଜେନ୍ଦ୍ରକୁ ଉଦ୍ଧାର କରିବା ଭଳି ଏ ପରିସ୍ଥିତି ଥିଲା । ଗୋଟିଏ ସମୟରେ ଦୁଇଟି ବିଦ୍ୟୁତ୍ ଶକ୍ତି ସମ୍ପନ୍ନ ତାର ଝଲସି ଉଠନ୍ତି ଓ ଜଣେ ମୁକ୍ତି ଲାଭ କରେ । ଏହି ସମୟରେ ଈଶ୍ୱରାମ୍ମାଙ୍କର ଝିଅ ଓ ନାତୁଣୀ ଓ୍ୱେଙ୍କାମ୍ମା ଓ ଶୈଳଜା ତାଙ୍କ ପାଖରେ ଥିଲେ, କିନ୍ତୁ ସେ ବିକଳ ହୋଇ ସ୍ୱାମୀଙ୍କୁ ଡାକ ପକାଇଥିଲେ । ଏହା ଥିଲା ତାଙ୍କ ଧାର୍ମିକତା ଓ ଧର୍ମପରାୟଣତା ଏବଂ ଅମୂଲ୍ୟ ସାଧନାର ପୁରସ୍କାରର ପ୍ରମାଣ । କାହାର ପ୍ରିୟ ହେବା ପାଇଁ ଚେଷ୍ଟା କରାଯିବା ଦରକାର, ଏହା ଥିଲା ତାହାର ପ୍ରକୃଷ୍ଟ ଉଦାହରଣ ।

ଶ୍ରୀ ଶ୍ୟାମସୁନ୍ଦର

ସ୍ୱାମୀ କାରୁଣ୍ୟାନନ୍ଦ ଅରୁଣାଚଳମ୍‌ରେ ରମଣ ମହର୍ଷିଙ୍କ ସହିତ ଅନେକ ବର୍ଷ

ରହିଲେ । କିଛି ବର୍ଷ ଧରି ସେ ତିରୁପତି ନିକଟବର୍ତ୍ତୀ ଗୋଗର୍ଭମ୍‌ର ମଳୟଲା ସ୍ୱାମୀଙ୍କ ସହିତ ମଧ୍ୟ ଥିଲେ । ୧୯୨୭ରେ ସେ ଋଷିକେଶର ସ୍ୱାମୀ ଶିବାନନ୍ଦଙ୍କ ଦ୍ୱାରା ସନ୍ନ୍ୟାସାଶ୍ରମରେ ଦୀକ୍ଷିତ ହୋଇଥିଲେ । ସେ ବହୁ ଆଧ୍ୟାତ୍ମିକ ସାଧନାମାନ କରିଥିଲେ । ପରବର୍ତ୍ତୀ ସମୟରେ ସେ ଆନ୍ଧ୍ରପ୍ରଦେଶର ଗୋଦାବରୀ ତଟସ୍ଥ ରାଜମହେନ୍ଦ୍ରୀଠାରେ ଗୌତମୀ ଜୀବ କାରୁଣ୍ୟ ସଂଘ ସ୍ଥାପନ କରି ଦୀନଦୁଃଖୀମାନଙ୍କ ପାଇଁ ଅନେକ ସେବା କାର୍ଯ୍ୟ କରଥିଲେ । ତାଙ୍କ ଆଧ୍ୟାତ୍ମିକ ସାଧନା ଓ ମାନବ ସେବା କାର୍ଯ୍ୟର ପୁରସ୍କାରସ୍ୱରୂପ ସେ ଭଗବାନ ବାବାଙ୍କ ସାନ୍ନିଧ୍ୟ ଲାଭ କରିବାର ସୌଭାଗ୍ୟ ହାସଲ କରିଥିଲେ ।

ଥରେ ଭଗବାନ ବାବା କାରୁଣ୍ୟାନନ୍ଦଙ୍କୁ ଡାକି ତାଙ୍କ କକ୍ଷରେ ଶୋଇବାକୁ କହିଲେ । କିନ୍ତୁ ତାଙ୍କର ଘୁଙ୍ଗୁଡ଼ି ମାରିବା ଅଭ୍ୟାସ ଥିବାରୁ ସେ ବାବାଙ୍କ ଆଦେଶ ରକ୍ଷା କରିବାକୁ କୁଣ୍ଠା ପ୍ରକାଶ କଲେ । ଭଗବାନ କିନ୍ତୁ କହିଲେ, ସେଥିପାଇଁ ବିବ୍ରତ ନ ହୋଇ ମୋ ନିର୍ଦ୍ଦେଶ ପାଳନ କର ।

ସେଦିନଠାରୁ କାରୁଣ୍ୟାନନ୍ଦ ଜାଣିଲେ, ଭଗବାନ ଶ୍ରୀ ସତ୍ୟସାଇ ବାବା କଦାପି ଶୟନ କରନ୍ତି ନାହିଁ । ସେ ତାଙ୍କ ଶଯ୍ୟାରେ ବାମ ପାଖ ମାଡ଼ି ପଡ଼ିଥା'ନ୍ତି । ତାଙ୍କ ଚକ୍ଷୁ ଅର୍ଦ୍ଧ ନିମୀଳିତ ଅବସ୍ଥାରେ ଥାଏ । ତାଙ୍କ ଚତୁଃପାର୍ଶ୍ୱରେ ଯାହା ଯାହା ଘଟୁଛି, ସେ ବିଷୟରେ ସେ ପୂରା ସଚେତନ ଥା'ନ୍ତି । ଭଗବାନ ନିଜ ଇଚ୍ଛା ବଳରେ କାରୁଣ୍ୟାନନ୍ଦଙ୍କୁ ଏକ ଅବିସ୍ମରଣୀୟ ଅନୁଭୂତି ପ୍ରଦାନ କରିଥିଲେ । ସ୍ୱାମୀ ତାଙ୍କ ଶଯ୍ୟାରେ ଥା'ନ୍ତି । କାରୁଣ୍ୟାନନ୍ଦ ଚଟାଣରେ ତାଙ୍କ ବିଛଣା ପାରି ଶୋଇଲେ । କିଛି ସମୟ ପରେ ସେ ଉଠି ବସି ସ୍ୱାମୀଙ୍କ ଶଯ୍ୟା ଆଡ଼କୁ ଚାହିଁଲେ । ସ୍ୱାମୀଙ୍କ ଶଯ୍ୟାରେ ମନୋରମ ରୂପ ଧାରଣ କରି ବାଳକ କୃଷ୍ଣ ଶୋଇଥା'ନ୍ତି । ତାଙ୍କ ଦେହରୁ ନୀଳ ଉଜ୍ଜ୍ୱଳ ଆଲୋକ ବିକିରିତ ହେଉଥାଏ । ଆଶ୍ଚର୍ଯ୍ୟବିମୁଗ୍ଧ କାରୁଣ୍ୟାନନ୍ଦ ଏ ଦୃଶ୍ୟକୁ ଆସ୍ୱାଦନ କରିବାକୁ ବ୍ୟାକୁଳ ହେଲେ । ବିଶ୍ୱାସ, ଅବିଶ୍ୱାସ ଭିତରେ ପଡ଼ି ସେ ତାଙ୍କ ଆଖିକୁ ଭଲ ଭାବେ ଦଳି ପୁନର୍ବାର ଚାହିଁଲେ । ସେ ନିଜକୁ ପରୀକ୍ଷା କରି ଦେଖିଲେ ସେ ସଂପୂର୍ଣ୍ଣ ଜାଗ୍ରତ ଓ ନିଜ ଇନ୍ଦ୍ରିୟମାନେ ମଧ୍ୟ ସତେଜ ଅଛନ୍ତି । କୌଣସି ସନ୍ଦେହର ଅବକାଶ ନ ଥିଲା । ଏ ନିଶ୍ଚିତ ଭାବେ ବାଳକ କୃଷ୍ଣ, ବାବାଙ୍କ ଶଯ୍ୟାରେ ଶାୟିତ । ଏହାର କିଛି ମୁହୂର୍ତ୍ତ ପରେ ପୁନଶ୍ଚ ବାବା ତାଙ୍କ ଶଯ୍ୟାରେ ଶୋଇଥିବା ଦୃଷ୍ଟିଗୋଚର ହେଲେ ।

ପରବର୍ତ୍ତୀ ସମୟରେ କାରୁଣ୍ୟାନନ୍ଦ ବର୍ଣ୍ଣନା କରିଥିଲେ, ମୁଁ ଯାହା ଦେଖିଲି ତାହା ଏକ କଳ୍ପନା ନ ଥିଲା । ମୁଁ ସଂପୂର୍ଣ୍ଣ ଜାଗ୍ରତ ଅବସ୍ଥାରେ ଥିଲି । ସେ ନିଶ୍ଚିତ ଭାବେ

ବାଳକ କୃଷ୍ଣ ଥିଲେ । ବାଳକ କୃଷ୍ଣ ସତ୍ୟସାଇ ରୂପକୁ ପରିବର୍ତ୍ତିତ ହେବା ମଧ୍ୟ ମୁଁ ସନ୍ଦର୍ଶନ କଲି । ଭଗବାନ ସତ୍ୟସାଇ ସର୍ବସାଧାରଣରେ ନିଜ ଦୈବତ୍ୱ ପ୍ରଦର୍ଶନ କରନ୍ତି ନାହିଁ । ବୋଧହୁଏ ସେ ଭାବନ୍ତି ଯେ ଏ ପ୍ରକାର ଲୀଳା ପ୍ରଦର୍ଶନ ଅସାଧାରଣ ଭିଡ଼ ସୃଷ୍ଟି କରିବ । କୋଡ଼ାଇକେନାଲଠାରେ ଥିବା ଭଗବାନଙ୍କ ପାଇଁ ଉଦ୍ଦିଷ୍ଟ ବାସଗୃହ ‘‘ସାଇଶ୍ରୁତି’’ ଠାରେ ସ୍ୱାମୀ ଛାତ୍ରମାନଙ୍କ ସହ କଥାବାର୍ତ୍ତା କଲାବେଳେ ଗୋଟିଏ ଦୈବୀ ରହସ୍ୟ ଉନ୍ମୋଚନ କରିଥିଲେ । ସେ କହିଲେ, ‘‘ଭଗବାନ ଶ୍ରୀମନ୍ ନାରାୟଣ ଶ୍ରୀ ସତ୍ୟସାଇ ଭାବେ ମାନବ ଶରୀର ଧରି ଏ ଧରାଧାମରେ ଅବତୀର୍ଣ୍ଣ ହୋଇଛନ୍ତି । ଏହାକୁ ଭଲ ଭାବେ ବୁଝ ଓ ଗ୍ରହଣ କରିନିଅ । ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଭଳି ଏ ମଧ୍ୟ ପୂର୍ଣ୍ଣାବତାର । ଦିବ୍ୟଶକ୍ତି ବଳରେ ଥରକୁ ଥର ମହର୍ଷି ତଥା ସଦ୍‌ଗୁରୁମାନଙ୍କୁ ଏଠାକୁ ପଠାଯାଇଥିଲା । କିନ୍ତୁ ଏଠାରେ ତୁମେ ସ୍ୱୟଂ ପରଂବ୍ରହ୍ମଙ୍କୁ ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହେବା ଦେଖୁଅଛ ।’’

ଗୌତମ ବୁଦ୍ଧ

ଥରେ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦଠାରେ ବୈଜ୍ଞାନିକମାନଙ୍କର ଏକ ସମ୍ମିଳନୀ ଡଃ ବାଳକୃଷ୍ଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଉଥିଲା । ଅନ୍ୟାନ୍ୟ ବୈଜ୍ଞାନିକମାନଙ୍କ ମଧ୍ୟରେ ଜାପାନର ବୈଜ୍ଞାନିକ ପ୍ରଫେସର ହାଇକାଓ୍ୱା ମଧ୍ୟ ଉପସ୍ଥିତ ଥିଲେ । ଡଃ ବାଳକୃଷ୍ଣ ତାଙ୍କୁ ନିଜ ବାସ ଭବନକୁ ନିମନ୍ତ୍ରଣ କଲେ । ସେଠାରେ ହାଇକାଓ୍ୱା ପ୍ରଥମ ଥର ପାଇଁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ରଙ୍ଗୀନ ଫଟୋଟିଏ ଦେଖିବାକୁ ପାଇଲେ । ସେ ତତ୍‌କ୍ଷଣାତ୍ ସେ ଆଡ଼କୁ ଟାଣି ହୋଇଗଲେ । ଡଃ ବାଳକୃଷ୍ଣଙ୍କ ମନ୍ଦିର ସଦୃଶ ଭବନରେ ଏହି ଆକର୍ଷଣୀୟ ଫଟୋଟି ସୁସଜ୍ଜିତ ହୋଇ ରଖାଯାଇଥିଲା । ସେ ପ୍ରଥମେ ଭାବିଲେ ଏ ଫଟୋଟି ବୋଧହୁଏ ଏହି ପରିବାରର କୌଣସି ଅତି ସମ୍ମାନୀୟ ପୂର୍ବପୁରୁଷଙ୍କର ହୋଇଥିବ । ପରେ କଥାବାର୍ତ୍ତାରୁ ଜଣାପଡ଼ିଲା ଯେ ତାହା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଏବଂ ଡଃ ବାଳକୃଷ୍ଣ ବାବାଙ୍କ ଦୈବତ୍ୱ ତଥା ଅବତାରତ୍ୱ ଉପରେ କିଛି ଆଲୋକପାତ କଲେ ।

ଘଟଣା ଏଭଳି ଘଟିଲା ଯେ ଠିକ୍ ସେହି ସମୟରେ ସ୍ୱାମୀ ହାଇଦ୍ରାବାଦ ସହରରେ ଥିଲେ ଏବଂ ବୈଜ୍ଞାନିକଦ୍ୱୟ ସ୍ୱାମୀଙ୍କ ଦର୍ଶନକୁ ବାହାରିଲେ । ସ୍ୱାମୀ ଦୟାକରି ଉଭୟଙ୍କୁ ସାକ୍ଷାତ୍‌କାର ପ୍ରଦାନ କରିବା ପାଇଁ ଭିତରକୁ ଡାକିଲେ । ସ୍ୱାମୀଙ୍କ ପାଖରେ ଥିବାବେଳେ ପ୍ରଫେସର ହାଇକାଓ୍ୱା ପରିଷ୍କାର ଭାବେ ଅନୁଭବ କଲେ ଯେ ସେ ଜଣେ ଦିବ୍ୟ ପୁରୁଷଙ୍କ ଉପସ୍ଥିତି ଲାଭ କରିଛନ୍ତି । ସ୍ୱାମୀ ଧୀର ଭାବରେ ନିଜର ଶ୍ରୀହସ୍ତ ଚାଳନା

କରି ମୁଖମଣ୍ଡଳରେ ସ୍ମିତହାସ୍ୟ ଖେଳାଇ ଗୋଟିଏ ମଣିଷ ହୃତ୍‌ପିଣ୍ଡ ସୃଷ୍ଟି କରି ତାଙ୍କୁ ଦେଖାଇଲେ । ସେ ଆଶ୍ଚର୍ଯ୍ୟ ହୋଇ ଆବାକାବା ହୋଇଗଲେ । ଭଗବାନ ପଚାରିଲେ, ''ଏଇଟି କ'ଣ ?'' ହାଇକାଓ୍ୱା କହିଲେ, ''ଏହା ଏକ ମଣିଷ ହୃତ୍‌ପିଣ୍ଡ ।'' ଏଇଟି କାହାର ତୁମେ ଜାଣ କି ? ପ୍ରଫେସର କହିଲେ, ମୁଁ କିପରି ଜାଣିବି ? ବାବା କହିଲେ ''ଏଇଟି ତୁମର ହୃତ୍‌ପିଣ୍ଡ, ତୁମ ଜନ୍ମ ସମୟର ।''

ହାଇକାଓ୍ୱା ନିର୍ବାକ୍ ହୋଇଗଲେ । ସ୍ୱାମୀ ବୁଝାଇଦେଲେ, ଏଇଟି ପ୍ରକୃତରେ ତୁମ ନିଜ ହୃତ୍‌ପିଣ୍ଡ । ବ୍ୟସ୍ତ ହୋଇ ପଡ଼ ନାହିଁ । ତୁମେ ଜନ୍ମ ହୋଇପଡ଼ିଲା ମାତ୍ରକେ ତୁମ ହୃତ୍‌ସ୍ପନ୍ଦନ ବନ୍ଦ ହୋଇଯାଇଥିଲା । ତୁମେ ମୃତବତ୍ ପଡ଼ିଥିଲ । ତୁମ ଶରୀର ନୀଳ ରଙ୍ଗର ହୋଇଗଲା । ତୁମ୍ଭ ପିତା ଗଭୀର ଈଶ୍ୱରବିଶ୍ୱାସୀ ଓ ଭକ୍ତିପୂର୍ଣ୍ଣ ଥିଲେ । ସେ ତୁମ ଦେହଟାକୁ ମୋ ପାଦତଳେ ସମର୍ପି ଦେଇ ପ୍ରାର୍ଥନା କଲେ, ହେ ପ୍ରଭୁ, ମୁଁ ଗୋଟିଏ ସନ୍ତାନ ପାଇଁ ତୁମ ପାଖରେ ପ୍ରାର୍ଥନା କରିଥିଲି । ତୁମେ ଏହିପରି ମୋ ପ୍ରାର୍ଥନାର ଉତ୍ତର ଦେଲ ? ଏ ମୃତ ଦେହଟା ମୋର କି କାମରେ ଆସିବ ? ମୁଁ ତତ୍‌କ୍ଷଣାତ୍ ତୁମ ହୃତ୍‌ପିଣ୍ଡକୁ ଚଳାଇ ତୁମଠାରେ ଜୀବନ ସଞ୍ଚାର କରିଥିଲି ।

ବୟସ ଦୃଷ୍ଟିରୁ ହାଇକାଓ୍ୱା ଭଗବାନଙ୍କଠାରୁ ବୟସ୍କ ଥିଲେ ଏବଂ ତାଙ୍କ ପିତା ହାଇକାଓ୍ୱାଙ୍କ ମୃତ ଦେହରେ ଜୀବନ ସଞ୍ଚାର କରିବା ପାଇଁ ଭଗବାନ ବୁଦ୍ଧଙ୍କୁ ପ୍ରାର୍ଥନା କରିଥିଲେ । ଏ ଘଟଣା ହାଇକାଓ୍ୱାଙ୍କ ପିତାମାତାଙ୍କ ବିନା ଅନ୍ୟ କାହାରିକୁ ଜଣା ନଥିଲା । ହାଇକାଓ୍ୱା ଉପଲବ୍ଧି କଲେ ଯେ ଯେଉଁ ବୁଦ୍ଧ ଶତାବ୍ଦୀ ଶତାବ୍ଦୀ ପୂର୍ବରୁ ଏ ଭୂପୃଷ୍ଠରେ ଥିଲେ, ସେ ହିଁ ଭଗବାନ ଶ୍ରୀ ସତ୍ୟସାଇ ରୂପେ ପୁନର୍ବାର ଅବତୀର୍ଣ୍ଣ ହୋଇଛନ୍ତି ।

ଯୀଶୁଖ୍ରୀଷ୍ଟ

ଆମେରିକାର ଏକ ରୋମାନ୍ କାଥଲିକ୍ ଦମ୍ପତି ଭଗବାନଙ୍କ ବିଷୟ ଶୁଣି ପୁଟପର୍ତ୍ତି ଆସି ପହଞ୍ଚିଲେ । ସର୍ବସାଧାରଣ ଦର୍ଶନ ସ୍ଥାନରେ ସେମାନେ ସତ୍ୟସାଇଙ୍କର ମହିମାମଣ୍ଡିତ ରୂପ ଦର୍ଶନ କଲେ । ତାଙ୍କ ଆଡ଼କୁ ଅତି ଶକ୍ତିଶାଳୀ ଆଧ୍ୟାତ୍ମିକ ତରଙ୍ଗମାନ ଆସି ପହଞ୍ଚିବାର ସେମାନେ ଅନୁଭବ କଲେ । ଆନନ୍ଦାଲୋକ ଅନୁଭବ କରି ସେମାନେ ଆଚମ୍ବିତ ତଥା ଆନନ୍ଦିତ ହେଲେ । ପୁରୁଷଜଣକ ବାବାଙ୍କର ହୃଦୟବତ୍ତା ଓ କରୁଣାପୂର୍ଣ୍ଣ ପ୍ରେମଚକ୍ଷୁ ଦେଖି ଭାବବିହ୍ୱଳ ହୋଇଗଲେ । ସେ ସଂପୂର୍ଣ୍ଣ ଭାବରେ ବୁଝିଗଲେ, ସେ ସ୍ୱୟଂ ଯୀଶୁଖ୍ରୀଷ୍ଟ, ଧରାଧାମରେ ସାଇଙ୍କ ରୂପ ଧାରଣ କରି ପୁନରାଗମନ କରିଛନ୍ତି । ସେ ଏସବୁ କଥା ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ କହିଲେ । ସ୍ତ୍ରୀ କାହିଁକି କେଜାଣି ଏ ସପକ୍ଷରେ କିଛି ମତାମତ

ପ୍ରକାଶ କଲେ ନାହିଁ । ସେ କହିଲେ, କି ବାଜେ କଥା କହୁଚ, ଆମ୍ଭେମାନେ ରୋମାନ୍ କାଥଲିକ୍ । ଏ ହିନ୍ଦୁ ଲୋକଟିକୁ ଯୀଶୁଖ୍ରୀଷ୍ଟ କହିବା ତୁମ ପକ୍ଷରେ ଠିକ୍ ହେଉନାହିଁ । ମୁଁ ଏ ବାବଦରେ ତୁମ ସହିତ ଆଦୌ ଏକମତ ନୁହେଁ । ସେ ସତ୍ୟସାଇଙ୍କଠାରୁ ଦୂରେଇ ହୋଇ ରହିଲେ ।

ଦିନେ ସ୍ୱାମୀ ଏହି ଦମ୍ପତିଙ୍କୁ ସାକ୍ଷାତକାର କୋଠରୀ ଭିତରକୁ ଡାକିଲେ । ପୁରୁଷଜଣକ ସ୍ୱାଭାବିକ ଭାବେ ଅତି ଆନନ୍ଦିତ ହେଲେ । ତାଙ୍କ ସ୍ତ୍ରୀ କିନ୍ତୁ ଅନାଗ୍ରହ ପ୍ରକାଶ କରି ଦୂରେଇ ହୋଇ ବସି ରହିଲେ । ସାକ୍ଷାତ୍‌କାର ସରି ଆସିବା ବେଳକୁ ପୁରୁଷଜଣକ ପଚାରିଲେ, ସ୍ୱାମୀ ଆପଣଙ୍କର ଗୋଟିଏ ଫଟ ଉଠାଇ ପାରିବି ? ସ୍ୱାମୀଙ୍କ ଅନୁମତି ପାଇ ସେ ନିଜ କ୍ୟାମେରାରେ କେତୋଟି ଫଟ ଉଠାଇନେଲେ । ନିଜ ଘରକୁ ଫେରିବା ପରେ ଫଟଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା । ଫଟରେ ସେମାନେ ଯାହା ଦେଖିଲେ ତାହା ସତ୍ୟସାଇ ବାବାଙ୍କର ନ ଥିଲା, ଫଟରେ ଥିଲେ ପ୍ରେମ ଓ କରୁଣାର ପ୍ରତିମୂର୍ତ୍ତି ଯୀଶୁଖ୍ରୀଷ୍ଟ । ସେମାନେ ବିସ୍ମୟାଭିଭୂତ ହୋଇପଡ଼ିଲେ । ମହିଳାଜଣକ ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ହୋଇଗଲେ ତାଙ୍କ ସମ୍ମୁଖରେ ସଶରୀରେ ଦଣ୍ଡାୟମାନ ହୋଇଥିବା ଯୀଶୁଖ୍ରୀଷ୍ଟଙ୍କୁ ସତ୍ୟସାଇ ବାବା କହି ଦୂରେଇ ଦେଇଥିଲେ ବୋଲି । କହିବା ବାହୁଲ୍ୟ ଯେ ମହିଳାଜଣକ ସେହି ମୁହୂର୍ତ୍ତରୁ ସ୍ୱାମୀଙ୍କ ଭକ୍ତ ପାଲଟିଗଲେ ।

ଜଣେ ଭକ୍ତ ସ୍ୱାମୀଙ୍କୁ ପଚାରିଲେ, ''ଯୀଶୁଖ୍ରୀଷ୍ଟ ପ୍ରତିଶ୍ରୁତି ଦେଇଥିଲେ ପୁନର୍ବାର ଫେରିଆସିବେ ବୋଲି, ଆପଣ ସେଇ ଯୀଶୁଖ୍ରୀଷ୍ଟ ?'' ସ୍ୱାମୀ ତାଙ୍କୁ ବୁଝାଇଦେଲେ, ''ଯୀଶୁ ପ୍ରକୃତରେ କହି ନଥିଲେ ଯେ ସେ ଫେରି ଆସିବେ ! ସେ ପ୍ରକୃତରେ କହିଥିଲେ, ମୋତେ ଯିଏ ଭୂଧାମକୁ ପଠାଇଛନ୍ତି ସେ ନିଜେ ଆସିବେ । ସେ ଗୋଟିଏ ମେଣ୍ଢା ଆଡ଼କୁ ହାତ ଦେଖାଇଥିଲେ । ମେଣ୍ଢା ବା.... ବା.... ଶବ୍ଦ କରେ । ଯୀଶୁଖ୍ରୀଷ୍ଟ ଏହାରି ମାଧ୍ୟମରେ ସୂଚନା ଦେଇଥିଲେ ଯେ ସେ ଏହି ବାବା ନାମ ବହନ କରି ଆସିବେ । କିନ୍ତୁ ତାଙ୍କ ଭକ୍ତମାନେ ତାଙ୍କ ବାଣୀକୁ ସଠିକ୍ ଭାବେ ଅବଧାରଣ କରିପାରି ନଥିଲେ । ମୁଁ ହିଁ ଯୀଶୁଙ୍କୁ ଧରାଧାମକୁ ପ୍ରେରଣ କରିଥିଲି ।''

ବାବାଙ୍କ ହାତରେ କାବା

ଇସ୍‌ଲାମ ଧର୍ମାବଲମ୍ବୀ ପ୍ରଫେସର ବଶିରୁଦ୍ଦିନ୍ ଯେତେବେଳେ ଶ୍ରୀ ସାଇବାବାଙ୍କ ପାଖକୁ ଯାଇଥିଲେ ବାବା ତାଙ୍କ ଦିବ୍ୟ ହସ୍ତରୁ ସୃଷ୍ଟି କରି ତାଙ୍କୁ ଗୋଟିଏ ଲକେଟ୍ ଦେଇଥିଲେ । ସେଥିରେ ଆରବୀ ଭାଷାରେ ଲେଖା ଥିଲା ''ଆଲ୍ଲା'' । ଆରବୀ ଭାଷାରେ

ଆଲ୍ଲା, ସଂସ୍କୃତରେ ସର୍ବାନ୍ତର୍ଯ୍ୟାମୀ ଓ ଇଂରାଜୀରେ ଓମନିପ୍ରେଜେଣ୍ଟ - ଶବ୍ଦଗୁଡ଼ିକ ସମାନ ଅର୍ଥବିଶିଷ୍ଟ । କେତେକ ଆରବୀୟ ଲୋକ ପ୍ରଶାନ୍ତି ନିଲୟମ୍‌ରେ ବାବାଙ୍କୁ ଦର୍ଶନ କରିଥିଲେ । ସେ ଦିନଟି ଥିଲା ପବିତ୍ର ବକ୍ରିଦ । ସ୍ୱାମୀ ସେମାନଙ୍କୁ ସାକ୍ଷାତ୍‌କାର ଦେବାକୁ କୋଠରୀ ଭିତରକୁ ଡାକିଲେ । ସେ ତାଙ୍କ ହାତପାପୁଲିରେ ଦେଖିଲେ ହଜାର ହଜାର ମୁସଲମାନ ଭକ୍ତ ଆଣ୍ଠୁମାଡ଼ି ସାଉଦି ଆରବର କାବା ପୀଠରେ ପ୍ରାର୍ଥନା କରୁଥିବା ଦୃଶ୍ୟ ।

ଏ ସବୁ ହେଉଛି କେତେକ ଘଟଣା, ଯାହାଦ୍ୱାରା ଏହା ସାବ୍ୟସ୍ତ କରାଯାଇପାରିବ ଯେ ବାବା କେବଳ ସମସ୍ତ ଦେବତାଙ୍କର ସମାହାର ନୁହଁନ୍ତି, ସେ ସମସ୍ତ ଦେବଦେବୀ ପାଖରେ ଥିବା ଦୈବୀ ଶକ୍ତିର ଆଧାର । ଇହୁଦୀ ଧର୍ମାବଲମ୍ବୀ ଅନେକ ବ୍ୟକ୍ତି, ଯଥା - ଡଃ ସାମୁଏଲ୍ ସ୍ୟାଣ୍ଡ୍‌ୱାଇଶ୍ ବାବାଙ୍କୁ ପରୀକ୍ଷା କରି ସାରିବା ପରେ କହିଛନ୍ତି, ମୁଁ ସମ୍ପୂର୍ଣ୍ଣ ଦୃଢ଼ତାର ସହ ମତ ଦେଉଛି, ବାବା ହିଁ ଈଶ୍ୱରଙ୍କ ଅବତାର । ଭଗବାନଙ୍କ ବିଷୟରେ ହିନ୍ଦୁ, ଖ୍ରୀଷ୍ଟିୟାନ୍, ଇହୁଦୀ ଆଦି ଧର୍ମଗ୍ରନ୍ଥରେ ଯାହାସବୁ ବର୍ଣ୍ଣିତ ଅଛି ସେଗୁଡ଼ିକ କପୋଳକଳ୍ପିତ ନୁହେଁ । ସେ ସମସ୍ତ ସତ୍ୟ । ସମସ୍ତ ଧର୍ମଶାସ୍ତ୍ର ଘୋଷଣା କରିଛନ୍ତି ଯେ ''ଭଗବାନ ପ୍ରୟୋଜନ ଅନୁଯାୟୀ ଯେତେବେଳେ ଯେଉଁ ରୂପରେ ଅବତୀର୍ଣ୍ଣ ହେବାକୁ ଚାହିଁବେ ସେ ପ୍ରକାରେ ଆସିବାର ସମସ୍ତ କ୍ଷମତା ତାଙ୍କ ପାଖରେ ଅଛି ।''

ଦତ୍ତାତ୍ରେୟ

୧୯୭୮ ମସିହା ଶିବରାତ୍ରି ଦିନ, ବାବା କାର ଯୋଗେ ଉଟିରୁ ବାଙ୍ଗାଲୋର ଯାତ୍ରା କରୁଥିଲେ । କେତେକ ଛାତ୍ର ଓ ଭକ୍ତ ମଧ୍ୟ କାରରେ ତାଙ୍କ ସହିତ ଯାଉଥିଲେ । ବାଙ୍ଗାଲୋରରେ ବାବାଙ୍କ ଖାଦ୍ୟ ପ୍ରସ୍ତୁତ କରୁଥିବା ଶ୍ରୀମତୀ ରତନଲାଲ୍ ଭାଟିଆ ମଧ୍ୟ ତାଙ୍କ ସହିତ ଥିଲେ । ବାବା ଗୋଟିଏ ସ୍ଥାନରେ ଗାଡ଼ି ଅଟକାଇଲେ, ଅନ୍ୟ ଗାଡ଼ିଗୁଡ଼ିକ ମଧ୍ୟ ଅଟକିଲା । ସମସ୍ତେ ବିଶ୍ରାମ ନେବା ପାଇଁ ବସିପଡ଼ିଲେ । ବାବା ଆଧ୍ୟାତ୍ମିକ ବିଷୟ ଉପରେ କଥାବାର୍ତ୍ତା ଆରମ୍ଭ କରିଦେଲେ । ବାବା ଜାଣିଥିଲେ ଯେ ଜଣେ ଛାତ୍ର ମନରେ ତାଙ୍କ ପ୍ରତି ସନ୍ଦେହ ଅଛି । ବାବା ସେହି ଛାତ୍ରଟିକୁ କହିଲେ, ''ତୁ ମନରେ ମୋ ବାବଦରେ ଆହୁରି ସନ୍ଦେହ ରଖି ହଇରାଣ ହେଉଛୁ । ନୁହେଁ କି ? ତୁ ହାତରେ ଧରିଥିବା ପୋଲାରଏଡ୍ କ୍ୟାମେରାରେ ମୋ ଫଟ ଉଠା, ମୋ ପ୍ରକୃତ ସ୍ୱରୂପ ଜାଣିପାରିବୁ ।''

ବାବା ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଦଣ୍ଡାୟମାନ ହେଲେ ଏବଂ ଛାତ୍ରଟି ଫଟ

ଉଠାଇବାକୁ ଉଦ୍ୟତ ହେଉଛି; ହଠାତ୍ ଶ୍ରୀମତୀ ଭାଟିଆ ବାବାଙ୍କ ବସ୍ତ୍ରର ଭାଙ୍ଗଗୁଡ଼ିକୁ ସଜାଡ଼ି ଦେବାକୁ ଦୌଡ଼ି ଆସିଲେ । ସ୍ୱାମୀ କଡ଼ାଗଳାରେ ତାଙ୍କୁ ଦୂରରେ ରହିବା ପାଇଁ କହିଲେ । ବାବା ଚଢ଼ାଗଳାରେ ଓ ଉଚ୍ଚସ୍ୱରରେ କହିବାରୁ ମହିଳାଜଣକ ଡରିଯାଇ ପଛକୁ ଫେରିଗଲେ ଏବଂ ଖଣ୍ଡେ ଦୂରରେ ଠିଆ ହୋଇ ରହିଲେ । ଛାତ୍ରଟି କ୍ୟାମେରା ବୋତାମଟିକୁ ଟିପିଦେଲା । କିଛି କ୍ଷଣ ଭିତରେ ପୋଲାରଏଡ୍ ରଙ୍ଗିନ୍ ଛବି ବାହାରିଆସିଲା, ଦେଖାଗଲା ଫଟରେ ଅଛନ୍ତି ତିନି ମଥା ବିଶିଷ୍ଟ ଦତ୍ତାତ୍ରେୟ, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ମିଳିତ ରୂପ । ଭଗବାନ ଦତ୍ତାତ୍ରେୟଙ୍କ ପାଖରେ ଥିଲେ ଚାରିଟି କୁକୁର ଗୋଟିଏ ଗାଈ । ଫଟଟି ସ୍ୱାମୀଙ୍କୁ ଦେଖାଇବା ବେଳେ ସେ ଶ୍ରୀମତୀ ଭାଟିଆଙ୍କୁ କହିଲେ, ''ଏବେ ବୁଝିପାରୁଛୁ ଫଟ ଉଠାଇବା ବେଳେ ମୁଁ ଚଢ଼ାଗଳାରେ କାହିଁକି ମନା କରୁଥିଲି ? ସେତେବେଳେ ମୋ ଦେହରୁ ଅତି ଶକ୍ତିଶାଳୀ କିରଣ ବାହାରୁଥିଲା, ତୁ ତାହାର ପ୍ରଭାବ ସମ୍ଭାଳି ପାରି ନ ଥା'ନ୍ତୁ ।'' ସତ୍ୟସାଇ ହିଁ ପରଂବ୍ରହ୍ମ, ସୃଷ୍ଟି, ସ୍ଥିତି ଓ ଲୟ ଚକ୍ରର ମୂଳ ଉତ୍ସ । ଏହି ଘଟଣା ମାଧ୍ୟମରେ ଶ୍ରୀ ସତ୍ୟସାଇ ଜଣାଇଦେଲେ ଯେ ସେ ହିଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଏକତ୍ରିତ ରୂପ, ତ୍ରିନାଥ ଓ ତ୍ରିନାଥାତୀତ ଦିବ୍ୟସତ୍ତା ।

ମୋ ମାନବ ଦେହରେ ସମସ୍ତ ଦେବାଦେବୀଙ୍କ ଶକ୍ତି ବିଦ୍ୟମାନ

ଶ୍ରୀ ସତ୍ୟସାଇ ବାବା ଥରେ ଘୋଷଣା କଲେ, ''ଯେହେତୁ ମୁଁ ତୁମ୍ଭମାନଙ୍କ ଭିତରେ ବୁଲୁଛି, ତୁମ ପରି ଖାଦ୍ୟ ଗ୍ରହଣ କରୁଛି, ତୁମ ସହ ବାର୍ତ୍ତାଳାପ କରୁଛି, ମୋତେ ଜଣେ ସାଧାରଣ ମାନବ ଭାବିବା ଭଳି ଭୁଲ ତୁମଦ୍ୱାରା ହୋଇଯାଇପାରେ । ସେ ପ୍ରକାର ଭୁଲ କଲେ ତୁମେ ଅଡୁଆରେ ପଡ଼ିଯିବ, ମୋହ ଜାଲରେ ଛନ୍ଦି ହୋଇଯିବ । ସଦାସର୍ବଦା ସତର୍କ ଦୃଷ୍ଟିସମ୍ପନ୍ନ ହୁଅ ଏବଂ ସେ ବିପଦଠାରୁ ଦୂରେଇ ରହ । ମାୟାଜାଲ ମୋ ସହ ବିଦ୍ୟମାନ ଥାଏ । ତେଣୁ ମୁଁ ତୁମ ସହ ଭଜନ କରିପାରେ, କଥାବାର୍ତ୍ତା କରିପାରେ, ସମସ୍ତ କର୍ମରେ ତୁମ ସହ ଅଂଶ ଗ୍ରହଣ କରିପାରେ ଏବଂ ଏସବୁ ମାଧ୍ୟମରେ ତୁମଠାରେ ମାୟା ସୃଷ୍ଟି କରିପାରେ । କିନ୍ତୁ ଯେ କୌଣସି ମୁହୂର୍ତ୍ତରେ ହଠାତ୍ ମୋ ଦୈବତ୍ୱ ପ୍ରକଟନ କରିପାରେ ମଧ୍ୟ । ତେଣୁ ତୁମେ ତୁମକୁ ସର୍ବଦା ଜାଗ୍ରତ କରି ରଖ, ସବୁବେଳେ, ଯେତେବେଳେ ସେତେବେଳେ, ସେହି ମହାନ୍ ମୁହୂର୍ତ୍ତ ପାଇଁ ପ୍ରସ୍ତୁତ ହୋଇଥାଅ ।

''ଏ ମାନବ ଶରୀର ମଧ୍ୟରେ ପ୍ରତ୍ୟେକ ଧର୍ମର ଓ ପ୍ରତ୍ୟେକ ଦେବଦେବୀଙ୍କର ଶକ୍ତିମାନ ଠୁଳ ହୋଇ ରହିଛି । ମଣିଷ ଭଗବାନଙ୍କୁ ଯେତେ ନାମ, ଯେତେ ରୂପ ଓ

ଯେତେ କ୍ଷମତାର ଅଧିକରୀ ଭାବେ ଚିତ୍ରଣ କରିଛି ସେ ସମସ୍ତ ସତ୍ୟସାଇଙ୍କର, ଅନ୍ୟ କାହାରି ନୁହଁ । ଭଗବାନଙ୍କ ପ୍ରତି କରାଯାଉଥିବା ପ୍ରାର୍ଥନାସମୂହ ଓ ସକଳ ନୈବେଦ୍ୟ ମୋ ପାଖରେ ହିଁ ପହଞ୍ଚେ । ତୁମକୁ ସଂଶୟମୁକ୍ତ କରି ମୁଁ ତାହା ପ୍ରଦର୍ଶନ କରିପାରିବି । ସେଥିପାଇଁ ମୁଁ ଦିବ୍ୟ ସମ୍ଭାଷଣଗୁଡ଼ିକରେ ଗୁରୁତ୍ୱ ଦେଇ କହେ ଯେ ଆଲ୍ଲା, ଯୀଶୁ, ଜେହୋଭା, ରାମ, କୃଷ୍ଣ, ଈଶ୍ୱର ଓ ସାଇ ପ୍ରଭୃତି ନାମଗୁଡ଼ିକରେ କୌଣସି ପାର୍ଥକ୍ୟ ନାହିଁ, ସବୁଗୁଡ଼ିକ ମୋର, କେବଳ ମୋର ।

"ଭଗବାନ ଯେତେବେଳେ ମାନବାକାର ହୋଇ ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି, ତାଙ୍କ ବାହ୍ୟ ରୂପରୁ ତାଙ୍କ ବିଷୟକ ସତ୍ୟ ଜାଣିବା କଷ୍ଟକର ହେଇଥାଏ । ଅବତାରଙ୍କ ଶରୀର ଓ ସାଂସାରିକ କାର୍ଯ୍ୟକଳାପ ସହ ମଣିଷ ନିଜକୁ ତୁଳନା କରି ଭୁଲବଶତଃ ଭାବି ନିଏ ଯେ ଦୁଇଜଣ ଯାକ ସମାନ ସ୍ତରର ଓ ଏକ ପ୍ରକାରର । ସତ କହିବାକୁ ଗଲେ, ସମଗ୍ର ମାନବଜାତି ହଜାର ବର୍ଷ ଧରି କଠୋର ତପଃ ସାଧନା କଲେ ମଧ୍ୟ ମୋର 'ପ୍ରକୃତ ତତ୍ତ୍ୱ' ବିଷୟରେ କୌଣସି ଥଳକୂଳ ପାଇପାରିବ ନାହିଁ । ତୁମ ସମ୍ମୁଖରେ ଏକ ପବିତ୍ର ନାମ ଓ ରୂପ ଧରି ଦଣ୍ଡାୟମାନ ହୋଇଥିବା ଦିବ୍ୟ ଶକ୍ତିର କୃପା ଲାଭ କରିପାରିଲେ ତୁମେ ଶୀଘ୍ର ପରମୋପଲବ୍ଧି ହାସଲ କରିପାରିବ । ଏ ବିରଳ ସୌଭାଗ୍ୟ ପାଇଥିବାରୁ ତୁମ୍ଭେମାନେ ବହୁପରିମାଣରେ ଭାଗ୍ୟବାନ । ପୂର୍ବ କାଳରେ ଯୋଗୀ, ଋଷି ତଥା ସନ୍ନ୍ୟାସୀମାନେ ଯାହା ଯାହା ପାଇଥିଲେ, ଏହା ସେସବୁଠାରୁ ବହୁ ଅଧିକ ମୂଲ୍ୟବାନ । ଏକଥା ଭୁଲିଯାଅ ନାହିଁ ।"

ସ୍ୱାମୀ ବିଶ୍ୱ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ

ଲୀଇଲା ଓ ହୋମର କାଲିଫର୍ଣ୍ଣିଆର ଦମ୍ପତି । ହୋମର ଉପଗ୍ରହ ଉତ୍କ୍ଷେପଣ ବିଭାଗରେ କାମ କରନ୍ତି । ୧୯୭୨ରେ ଲୀଇଲା ମେକ୍ସିକୋର ଇନ୍ଦ୍ରାଦେବୀଙ୍କ ଦଳରେ ଯୋଗ ଦେଇ ବାବାଙ୍କୁ ଦର୍ଶନ କରିବା ପାଇଁ ପୁଟପର୍ତ୍ତି ଆସିଲା । ହୋମର ଇଚ୍ଛା କଲେ, ତାଙ୍କ ସ୍ତ୍ରୀ ପୁଟପର୍ତ୍ତିରେ ଥିବା ସମୟରେ ଅନ୍ତରିକ୍ଷରୁ ପୁଟପର୍ତ୍ତିର ଫଟ ନେବେ । ଗୋଟିଏ ଉପଗ୍ରହ ମାଧ୍ୟମରେ ୨୦୦ କି.ମି. ଉପରୁ କେତେକ ଫଟ ନିଆଯାଇଥିଲା । ଦୂରତା ବେଶୀ ହୋଇଯିବାରୁ କୌଣସି ଫଟ ପରିଷ୍କାର ଭାବେ ଆସିଲା ନାହିଁ, କେବଳ କେତେକ କଳାଧଳା ବିନ୍ଦୁ ଓ କେତେକ ରେଖାର ଫଟ ଆସିଲା । ସେଥିରୁ କିଛି ଜଣା ପଡ଼ିଲା ନାହିଁ । ଲୀଇଲା ପୁଟପର୍ତ୍ତିରୁ ଫେରି ଫଟଗୁଡ଼ିକ ଦେଖି ହତାଶ ହେଲା । ମଧ୍ୟବିତ୍ତ ବର୍ଗର ଲୋକ ହୋଇଥିବାରୁ ଏଭଳି ଫଟରେ ୬୦ ଡଲାର ଖର୍ଚ୍ଚ କରିବା ଉଚିତ ହେଲା ନାହିଁ ଭାବି ସେ ଦୁଃଖ କଲା ।

ଅନେକ ବର୍ଷ ଚାଲିଗଲା । କେତେକ ସାଇଭକ୍ତ ଇନ୍ଦ୍ରାଦେବୀଙ୍କ ଝିଅ ବିଭାଘର ଉତ୍ସବରେ ଯୋଗ ଦେବା ପାଇଁ ଆସିଥିଲେ । ସେମାନେ ହୋମର ଘରକୁ ମଧ୍ୟ ଆସିଥିଲେ, କାରଣ ସେ ସେତେବେଳେ ଗୋଟିଏ ସାଇ ପୁସ୍ତକ କେନ୍ଦ୍ର ପରିଚାଳନା କରୁଥାନ୍ତି । ସେ କେନ୍ଦ୍ରରେ ସାଇବାବାଙ୍କର ବିଭିନ୍ନ ଭଙ୍ଗୀର ଫଟ ଥିଲା । ଏହି ଲୋକମାନଙ୍କର ଫଟ ପ୍ରତି ଥିବା ଆଗ୍ରହ ଦେଖି ହୋମର ତାଙ୍କୁ ଉପଗ୍ରହ ଫଟ ମଧ୍ୟ ଦେଖାଇଲେ । କ୍ରେତାମାନେ ଫଟଗୁଡ଼ିକ ତନ୍ନ ତନ୍ନ କରି ଦେଖୁଥିଲେ । ହଠାତ୍ ଜଣେ ମହିଳା ବଡ଼ ପାଟିରେ କହି ଉଠିଲେ ''ଏଇଠି ସାଇବାବା'', ଉତ୍କଣ୍ଠିତ ହୋଇ ସମସ୍ତେ ତାହା ଦେଖିବାକୁ ଲାଗିଲେ । ଆଶ୍ଚର୍ଯ୍ୟର କଥା ସେ ସମସ୍ତେ ଅନେକ ବିନ୍ଦୁର ସମ୍ମିଶ୍ରଣରେ ବାବାଙ୍କ ମୁହଁ ପରିଷ୍କାର ଭାବେ ଦେଖିପାରିଲେ । ଏ ବିଷୟରେ ହୋମର ଓ ଲୀଇଲା କେହି କିଛି ପୂର୍ବରୁ ଜାଣି ପାରିନଥିଲେ । ବର୍ତ୍ତମାନ ବାବାଙ୍କ ମୁଖର ଦୃଶ୍ୟ ପରିଷ୍କାର ହୋଇ ଉଠିଲା । ମଥାରେ ଥିବା ମୁକୁଟ ସମ ଗହଳ କେଶ, ଚକ୍ଷୁ, ନାସାର ଆକାର ଓ ସବୁଠାରୁ ବେଶୀ ଆଶ୍ଚର୍ଯ୍ୟର କଥା, ବାମ ଗାଲରେ ଥିବା କଳାଜାଇ ମଧ୍ୟ ପରିଷ୍କାର ଭାବେ ଜଣାପଡୁଥିଲା ।

ହୋମର ନିଜେ ହିସାବ କରିବାରେ ଲାଗିଲେ ଓ ଦେଖିଲେ, ସେ ୪୦ ମାଇଲ୍ ଲମ୍ବ ଓ ୨୦ ମାଇଲ୍ ପ୍ରସ୍ଥ ଫଟ ନେଇଛନ୍ତି । ସେ ଉପଲବ୍ଧି କଲେ ଯେ ସ୍ୱାମୀଙ୍କ ରୂପର କ୍ଷେତ୍ରଫଳ କେତେ ବେଶୀ । ସେ ଯେଉଁ ପରି ମାପିଲେ, ସେଥିରୁ ଜାଣିଲେ ଯେ ସ୍ୱାମୀ ପ୍ରଶାନ୍ତି ନିଲୟମ୍‌କୁ କେନ୍ଦ୍ର କରି ବହୁ ପ୍ରଶସ୍ତ କ୍ଷେତ୍ରକୁ ଚାହିଁ ରହିଛନ୍ତି ।

୧୯୭୮ରେ ହୋମର ପୁଟ୍ଟପର୍ତ୍ତିରେ ବାବାଙ୍କୁ ଦର୍ଶନ କରିବାକୁ ଆସିଲେ । ସେ ସ୍ୱାମୀଙ୍କ ମଥା ଚତୁଃପାର୍ଶ୍ୱରେ ବିରାଟ ଗୋଲାକାର ଆଭା ଦେଖି ପାରିଲେ । ସେ ଆହୁରି ଫଟ ଉଠାଇ ସ୍ୱାମୀଙ୍କୁ ଦେଖାଇଲେ । ସ୍ୱାମୀ ହସି ଦେଇ କୃଷ୍ଣ ଅର୍ଜୁନଙ୍କୁ କହିଲା ପରି କହିଲେ,''ମୋର ଅନନ୍ତ ମହିମା ତୁଳନାରେ ଏଗୁଡ଼ିକ ସବୁ ଅତି ନଗଣ୍ୟ ।''

ନେତି, ନେତି

ସଂସ୍କୃତରେ କୁହାଯାଇଛି,

''ଯତୋ ବାଚା ନିବର୍ତ୍ତନ୍ତେ ଆପ୍ରାପ୍ୟ ମନସା ସଃ
ଆନନ୍ଦ ବ୍ରହ୍ମଣୋ ବିଦ୍ୱାନ୍ ନ ବିଭେତି କୃତଶ୍ଚ ନେତି ।''

ପରବ୍ରହ୍ମ ପଞ୍ଚଇନ୍ଦ୍ରିୟ ତଥା ମନର ଗୋଚର ନୁହନ୍ତି, କେବଳ ଜଣେ ପ୍ରକୃତ ଭକ୍ତ, ଧାରଣା ବହିର୍ଭୂତ ପରଂବ୍ରହ୍ମଙ୍କ ଅସଲ ସ୍ୱରୂପ ବାବଦରେ ଉପଲବ୍ଧି ପାଇପାରିବ

ଓ ଭାବାତୀତ ଆନନ୍ଦ ଲାଭ କରିପାରିବ। ସେ ନିର୍ଭୟ ହୋଇଯିବ, ସମସ୍ତ ପ୍ରକାର ଭୟର ଊର୍ଦ୍ଧ୍ୱକୁ ଚାଲିଯିବ ଏବଂ ଚିରନ୍ତନ ଆନନ୍ଦ ଉପଭୋଗ କରିପାରିବ ।

ଏହି ସର୍ବୋଚ୍ଚ ଆଧ୍ୟାତ୍ମିକ ତତ୍ତ୍ୱକୁ ଭଗବାନ ବାବା ରାମାୟଣର ଗୋଟିଏ ସରଳ ଓ ମନୋରମ ଗଳ୍ପ ମାଧ୍ୟମରେ ପରିଷ୍କାର କରିଦେଇଛନ୍ତି ।

''ସୀତା, ରାମ ଓ ଲକ୍ଷ୍ମଣ ଭରଦ୍ୱାଜ ଆଶ୍ରମରେ ପହଞ୍ଚିଥିଲେ । ସେ ସମୟର ପ୍ରଥା ଅନୁଯାୟୀ ଋଷିମାନେ ଗୋଟିଏ ପାଖରେ ବସିଲେ ଓ ତାଙ୍କ ସ୍ତ୍ରୀ ଓ ଅନ୍ୟ ମହିଳାମାନେ ଅନ୍ୟ ପାଖରେ ବସିଲେ । ପୁରୁଷ ଓ ମହିଳା ମିଳିମିଶି ବସିବା, ଆଜିକାଲି ଯାହା ଘଟୁଛି, ସେତେବେଳେ ହେଉନଥିଲା । ସୀତା ମହିଳାମାନଙ୍କ ପାଖରେ ବସିଲେ ଓ ରାମ-ଲକ୍ଷ୍ମଣ ପୁରୁଷମାନଙ୍କ ପାଖରେ ବସିଲେ । ରାମ-ଲକ୍ଷ୍ମଣ ସନ୍ନ୍ୟାସୀ ବେଶ ଧାରଣ କରିଥିଲେ । ସେଥିପାଇଁ ହେଉ ବା ଉଭୟ ରାଜକୁମାରଙ୍କ ଉଜ୍ଜ୍ୱଳ ରୂପ ଯୋଗୁଁ ହେଉ ସେମାନେ ମଧ୍ୟ ଋଷିକୁମାରମାନଙ୍କ ଭଳି ଦେଖା ଯାଉଥିଲେ । କିଏ ରାମ, କିଏ ଲକ୍ଷ୍ମଣ ତାହା ଚିହ୍ନିବା କଷ୍ଟକର ହୋଇପଡୁଥାଏ , କିନ୍ତୁ ସୀତାଙ୍କର ବିଶେଷ ପରିବର୍ତ୍ତନ ହୋଇ ନଥିଲା । ତେଣୁ ତାଙ୍କୁ ସହଜରେ ଚିହ୍ନି ହୋଇଯାଉଥିଲା । ମହିଳାମାନେ ସ୍ୱଭାବତଃ ଅଧିକ କଥା କହନ୍ତି ଓ ସବୁ କଥା ଜାଣିବାକୁ ଇଚ୍ଛା କରନ୍ତି । ଅପର ପକ୍ଷରେ ଋଷିମାନେ ଅଧିବିଦ୍ୟା ବିଷୟରେ ନିଜ ନିଜ ଭିତରେ କଥାବାର୍ତ୍ତା କରୁଥାନ୍ତି । ସ୍ତ୍ରୀଲୋକମାନେ ଅତି ନିମ୍ନ ସ୍ୱରରେ କଥାବାର୍ତ୍ତା କରୁଥିଲେ । ସେ ସୀତାଙ୍କୁ ପଚାରିଲେ, ''ସୀତା ଦେବୀ, ତୁମ ପତିଦେବ ମଧ୍ୟ ଆସିଛନ୍ତି ?'' ସୀତା କହିଲେ, ''ହଁ ମୁଁ ତାଙ୍କରି ସାଙ୍ଗରେ ଆସିଛି, ସେ ଋଷିମାନଙ୍କ ସାଙ୍ଗରେ ବସିଛନ୍ତି ।'' ମହିଳାମାନେ ପୁଣି ପଚାରିଲେ ସେ ଦୁଇଜଣଙ୍କ ଭିତରୁ କିଏ ପତି ? ସୀତା କ'ଣ ସେଠାରେ ସମସ୍ତଙ୍କ ସମକ୍ଷରେ ଦେଖାଇ ଦେଇଥାନ୍ତେ କିଏ ତାଙ୍କ ପତି ? ସେ ଅତି ପରିମାର୍ଜିତ, ସମ୍ଭ୍ରାନ୍ତ ଓ ପତିବ୍ରତା ଥିଲେ । କୌଣସି ସ୍ପଷ୍ଟ ଉତ୍ତର ନ ଦେଇ ସେ ମୁହଁ ତଳକୁ କରି ବସିଲେ । କିନ୍ତୁ ମହିଳାମାନେ ତାଙ୍କୁ ଛାଡ଼ିଲେ ନାହିଁ । ସେମାନେ ପଚାରିଲେ, ''ସେଇ ଯିଏ, ଆଗକୁ ବସିଛନ୍ତି ସିଏ, ତା' ହେଲେ ପଛକୁ ଆଡ଼କୁ ବସିଥିବା ବ୍ୟକ୍ତିଜଣକ ?'' ଭଲ ପୋଷାକ ପିନ୍ଧିଥିବା ଜଣକ ? ସେ ଗୋରା ଜଣକ ? ଏହିଭଳି ଗୋଟିଏ ପରେ ଗୋଟିଏ, ଏ ଲୋକ ପରେ ସେ ଲୋକର ବର୍ଣ୍ଣନା ଶୁଣାଇ ବାରମ୍ବାର ପଚାରିବାରେ ଲାଗିଲେ । ସୀତା କିନ୍ତୁ ଅତି ଧୈର୍ଯ୍ୟବତୀ ଥିବାରୁ, ତାଙ୍କ ସ୍ୱାମୀଙ୍କ ଛଡ଼ା ଆଉ ଯେତେ ଜଣକ କଥା ତାଙ୍କୁ ପଚରାଗଲା ''ନା'', ''ନା'' କହିବା ପାଇଁ ମୁଣ୍ଡ ହଲାଇ ଲାଗିଥାନ୍ତି । ଯେତେବେଳେ ରାମଙ୍କୁ ଦେଖାଇ ପଚରାଗଲା

ସେତେବେଳେ ସେ ନୀରବ ହୋଇଗଲେ ଏବଂ ଅତି ସମ୍ଭ୍ରମରେ ମୁଣ୍ଡ ତଳକୁ କରିଦେଲେ। ତାଙ୍କ ଅଙ୍ଗଭଙ୍ଗୀ ତାଙ୍କ ସମ୍ମତି ଜଣାଇ ଦେଲା ଯେ ବର୍ତ୍ତମାନ ଯାହାଙ୍କୁ ଦେଖାଇ ପ୍ରଶ୍ନ କରାଗଲା ସେ ହେଉଛନ୍ତି ଶ୍ରୀରାମ।

ଠିକ୍ ସେହିଭଳି ଭାବେ, ବେଦମାନେ ପରଂବ୍ରହ୍ମ ତତ୍ତ୍ୱ ବର୍ଣ୍ଣନା କରିବାକୁ ଚେଷ୍ଟା କରି ଅନ୍ୟ ସବୁକୁ ''ନେତି'', ''ନେତି'' ବୋଲି କହିଛନ୍ତି। ପରଂବ୍ରହ୍ମ ତତ୍ତ୍ୱକୁ ପରିଶେଷରେ ଯେତେବେଳେ ବର୍ଣ୍ଣନା କରାଯାଇଛି, ସେତେବେଳେ ବେଦମାନେ ମୂକ, ଭାଷାଶୂନ୍ୟ ହୋଇଯାଇଛନ୍ତି, ସେଥିପାଇଁ କୁହାଯାଇଛି ଯେ 'ମୌନ ବାକ୍ୟ ପ୍ରକଟିତ ପରଂବ୍ରହ୍ମ ତତ୍ତ୍ୱ' ଅର୍ଥାତ୍ ପରଂବ୍ରହ୍ମ ତତ୍ତ୍ୱକୁ କେବଳ ନିଃଶବ୍ଦ ବା ଗଭୀର ନୀରବତାଦ୍ୱାରା ସୂଚାଇହେବ।

କି ସୁନ୍ଦର ଉପାଖ୍ୟାନ ଭଗବାନ ବାଛିଲେ ଓ କେତେ ସୁନ୍ଦର ଭାବେ ବୁଝାଇ ଦେଲେ ? ସରଳ ଭାଷା ମନୋରମ ଗଳ୍ପ ମାଧ୍ୟମରେ ବୈଦିକ ଶବ୍ଦ 'ନେତି', 'ନେତି'ର ଅର୍ଥ ସୁସ୍ପଷ୍ଟ କରି ଦେଇଛନ୍ତି। ତାହାର ଆଧ୍ୟାତ୍ମିକ ତାତ୍ପର୍ଯ୍ୟକୁ ମଧ୍ୟ ସେ ବୁଝାଇଛନ୍ତି।

ସାଧାରଣତଃ ହାଲୁକା ଭାବେ ଓ ଆକ୍ଷରିକ ଭାବେ ଏହାର ଅର୍ଥ ହେଉଛି ''ଏହା ନୁହେଁ।'' କିନ୍ତୁ ଏହାର ଅନ୍ୟ ଗୋଟିଏ ସୂକ୍ଷ୍ମ ଅର୍ଥ ଅଛି। ପରଂବ୍ରହ୍ମ ବିଶ୍ୱସାରା ପରିବ୍ୟାପ୍ତ। ତାଙ୍କ ବିସ୍ତାର ଓ ପ୍ରସାରର ସୀମା ନାହିଁ। ସେ ପ୍ରକାଶ କରିଥିବା ବିଭିନ୍ନତା ମଧ୍ୟ ଅଗଣିତ। ତାହାକୁ ବିନାଶ କରିହେବ ନାହିଁ, ପରିବର୍ତ୍ତନ କରି ହେବ ନାହିଁ। ତେଣୁ ପରଂବ୍ରହ୍ମଙ୍କ ସ୍ୱଭାବ ବିଚାର କଲାବେଳେ 'ନେତି' ଶବ୍ଦ ବ୍ୟବହାର କରାଯାଏ। ଆମେ ସେ ଶବ୍ଦର ଅର୍ଥକୁ 'ଏହା ନୁହେଁ' ପରିବର୍ତ୍ତେ ''କେବଳ ଏହା ନୁହେଁ'' ''ଏତିକି ମାତ୍ର ନୁହେଁ'' ବୋଲି ଗ୍ରହଣ କରିପାରିବା। ତାହାର ଅର୍ଥ ''କେବଳ ଏହା ନୁହେଁ, ଏହା ସହିତ ଆହୁରି ବହୁତ କିଛି ଅଛି।'' ଏହିଭଳି ଭାବେ ଆମେ ଯଦି ଏହାର ଗଭୀର ଅର୍ଥ ଖୋଜି ବସିବା ଏହା ଗଭୀରରୁ ଗଭୀରତର ଜଣାପଡ଼ିବ।

ସମଗ୍ର ଜଗତ (ଚରାଚର) ସବୁ କିଛି ଏହି ପରଂବ୍ରହ୍ମଙ୍କଦ୍ୱାରା ଆବୃତ୍ତ ଓ ଏକୀଭୂତ। ଏହା ସର୍ବତ୍ର ବିରାଜିତ, ଏଭଳି କୌଣସି ବିନ୍ଦୁ ନାହିଁ, କୌଣସି କାଳ ନାହିଁ ଯେଉଁଠାରେ ପରଂବ୍ରହ୍ମ ତତ୍ତ୍ୱ ବିଦ୍ୟମାନ ନଥାଏ। ତେଣୁ ଆମେ ଯେତେବେଳେ କୌଣସି ବସ୍ତୁ ବା ପଦାର୍ଥ ଆଡ଼କୁ ଚାହିଁ ପରଂବ୍ରହ୍ମଙ୍କୁ ଚିହ୍ନଟ କରିବାକୁ ବସୁ, ଆମେ ନିଜକୁ ପ୍ରଶ୍ନ କରୁ, ''ଏହା କ'ଣ ବ୍ରହ୍ମ ? ଏହା କ'ଣ ସେଇଆ ?? ଉତ୍ତର ପାଉ – ନେତି, ନେତି, ଏହା ବ୍ରହ୍ମ ନୁହେଁ, ଏହା ସେଇଆ ନୁହେଁ। ଏହି ନେତି ଆମକୁ ଯଥେଷ୍ଟ ସନ୍ତୋଷ ଦେଇପାରେ ନାହିଁ। ଅପର ପକ୍ଷରେ ''କେବଳ ଏହା ନୁହେଁ, କେବଳ ଏହା ନୁହେଁ''

ଏ ଉତ୍ତର ପରଂବ୍ରହ୍ମ ତତ୍ତ୍ୱକୁ ବର୍ଣ୍ଣନା କରିବା ପାଇଁ ଉପଯୁକ୍ତ ମନେ ହୁଏ ।

ଆମେ ଯେତେବେଳେ ସତ୍ୟସାଇ ପରଂବ୍ରହ୍ମଙ୍କ କରୁଣା, ଚମତ୍କାରିତା ଓ ସ୍ୱାତନ୍ତ୍ର୍ୟ କଥା ବୁଝିବାକୁ ଚେଷ୍ଟା କରୁ, ଆମେ ନିଜକୁ ପ୍ରଶ୍ନ କରୁ, ''ତାହା କ'ଣ ମାତ୍ର ଏତିକି ?'' ଆମେ ଅତି ଶୀଘ୍ର ଉପଲବ୍ଧି କରୁ ଯେ ''ଏହା ସବୁକିଛି ନୁହେଁ, ଆହୁରି ବହୁତ କଥା ଅଛି ।'' ତେଣୁ ତାହା ହିଁ ସଠିକ ଉତ୍ତର, ସନ୍ତୋଷଜନକ ଉତ୍ତର । ତେଣୁ ବୈଦିକ ଶବ୍ଦ ''ନେତି'' ''ନେତି'' ର ପ୍ରକୃତ ଅର୍ଥ ହେଉଛି, ''କେବଳ ଏହା ନୁହେଁ, ଏହା ସହିତ ଆହୁରି ବହୁତ କଥା ଅଛି ।'' ଭଗବାନଙ୍କ ପ୍ରଦତ୍ତ ବର୍ଣ୍ଣନା ଜ୍ଞାନୀମାନଙ୍କୁ ମଧ୍ୟ ଜ୍ଞାନ ପ୍ରଦାନ କରିବ ।

ଜ୍ଞାନର ସର୍ବବୃହତ୍ ଗନ୍ତାଘର ସାଇଙ୍କ ପ୍ରତି ଆମର ବିନମ୍ର ପ୍ରଣତି ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

ଷଷ୍ଠ ଅଧ୍ୟାୟ ସମ୍ପୂର୍ଣ୍ଣ

ଚତୁର୍ଥ ଦିବସ - ରବିବାର

ସପ୍ତମ ଅଧ୍ୟାୟ

ସର୍ବଶକ୍ତିମାନ : ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା, ସଂହାରକର୍ତ୍ତା

ମୁଁ ହିଁ ଆତ୍ମା, ଜୀବଜଗତର ସମସ୍ତଙ୍କଠାରେ ବାସ କରୁଛି । ମୁଁ ସବୁ କିଛିର ଆଦି, ମଧ୍ୟ ଓ ଅନ୍ତ । ସଚରାଚର ଜଗତରେ ଯାହା ସବୁ ଦେଖୁଛ, ସେସବୁ ଏହି ଆତ୍ମାର ବିଭିନ୍ନ ପରିପ୍ରକାଶ ।

-ବାବା

ସୃଷ୍ଟି

ସଜୀବ ପଦାର୍ଥକୁ ନିର୍ଜୀବ କରିଦେବା ଓ ନିର୍ଜୀବ ପଦାର୍ଥକୁ ସଜୀବରେ ରୂପାନ୍ତରିତ କରିବା ଭଗବାନଙ୍କର ଗୋଟିଏ ଲୀଳା ଭାବେ ଗ୍ରହଣ କରାଯାଏ । ଏହି ଲୀଳା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କଦ୍ୱାରା ବାରମ୍ବାର ପ୍ରଦର୍ଶିତ ହୋଇଅଛି, ହେଉଅଛି ମଧ୍ୟ ।

ଜନ୍ଦାରୁ ମାଳି

ଶ୍ରାବଣ ମାସରେ ପବିତ୍ର ଶୁକ୍ରବାରଗୁଡ଼ିକରେ ବିବାହିତା ସ୍ତ୍ରୀଲୋକମାନେ ଗୌରୀ ପୂଜା କରିଥାନ୍ତି । ଗୋଟିଏ ହିନ୍ଦୁ ଦମ୍ପତି ଥରେ ଏହି ଅବସରରେ ଭଗବାନ ବାବାଙ୍କ ପାଦପୂଜା କରିବାରେ ସୁଯୋଗ ଖୋଜିଲେ, ତାଙ୍କ ଅନୁରୋଧ କ୍ରମେ ସ୍ୱାମୀ ଅନୁମତି ଦେଲେ । ସେମାନେ ଆବଶ୍ୟକ ସାମଗ୍ରୀମାନ ଯୋଗାଡ଼ କଲେ, କିନ୍ତୁ ସେମାନେ କଳା ମାଳି ଯୋଗାଡ଼ କରି ପାରି ନଥିଲେ । ତାହା କିନ୍ତୁ ଏ ପୂଜା ପାଇଁ ଅତ୍ୟାବଶ୍ୟକ ଥିଲା । ନିର୍ଦ୍ଧାରିତ ସମୟରେ ସ୍ୱାମୀ ଆସି ଆସନ ମଣ୍ଡନ କଲେ । ଅତି ଆନନ୍ଦଉତ୍ସାହରେ ଦମ୍ପତି କଳାମାଳି କଥା ଭୁଲି ଯାଇ ପୂଜା ଆରମ୍ଭ କରିଦେଲେ । ହଠାତ୍ ଗୋଟିଏ କାଳ ଜନ୍ଦା, ସ୍ୱାମୀଙ୍କୁ ଅର୍ପଣ କରାଯାଇଥିବା ଫୁଲରୁ ବାହାରି ଆସିଲା । ସ୍ୱାମୀ ହସି ହସି, କହିଲେ, ''ହେ, ତୁମେ କ'ଣ ମୋତେ ଜନ୍ଦା ଅର୍ପଣ କରି ପୂଜା କରୁଛ ?'' ବାବା ଏହା କହୁ କହୁ ଜନ୍ଦାଟିକୁ ଉଠାଇ ଆଣି ମହିଳାର ହାତରେ ଧରାଇ ଦେଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥାନ୍ତି, ହଠାତ୍ ଜନ୍ଦାଟି ଦୁଇଟି କଳାମାଳିରେ ପରିଣତ ହୋଇଗଲା । ଏହି ପୂଜା ପାଇଁ ଯାହା ନିହାତି ଦରକାର ଥିଲା ତାହା ବର୍ତ୍ତମାନ ଦମ୍ପତିଙ୍କ ହାତରେ । କୃତଜ୍ଞତାପୂର୍ଣ୍ଣ ହୃଦୟରେ ଦମ୍ପତି ସ୍ୱାମୀଙ୍କ ଜାଣିବା ଶକ୍ତି ଓ ଅଭାବ କଥା ଜାଣି ତାହାକୁ

ପୂରଣ କରିବାର ଶକ୍ତି ଦେଖି କୃତକୃତ୍ୟ ହୋଇଗଲେ । ସେମାନଙ୍କ ପୂଜାକୁ ସଠିକ୍ ରୀତିରେ ଓ ସଠିକ୍ ନୀତିରେ ସନ୍ତୋଷଜନକ ଭାବେ ସମାପନ କରିବା ପାଇଁ ବାବା ସମସ୍ତ ସୁବିଧା କରି ଦେଇଥିବାରୁ ମହିଳାଜଣକ ଆନନ୍ଦାତିଶଯ୍ୟରେ ଅଧୀର ହୋଇ ଉଠୁଥିଲେ ।

ଏଠାରେ ଗୋଟିଏ ଜୀବକୁ ତା' ଜୀବନ ନ ନେଇ ବାବା ନିର୍ଜୀବ ପଦାର୍ଥରେ ପରିଣତ କରିଦେଲେ । ଅନ୍ୟ ଏକ ଘଟଣାରେ ବାବା ଗୋଟିଏ ନିର୍ଜୀବ ପଦାର୍ଥକୁ ଜୀବନ୍ତ ପକ୍ଷୀ କରିଦେଇଥିଲେ ।

ପାନପତ୍ରରୁ ଶୁଆ

ସ୍ୱାମୀ ଆନ୍ଧ୍ରପ୍ରଦେଶ ଭ୍ରମଣ କରୁଥିବା ସମୟରେ ଜଣେ ଭକ୍ତ ଘରେ ରହିଥିଲେ । ଭୋଜନ ସରିବା ପରେ ରୂପାଥାଳିରେ ପାନପତ୍ର, କଟା ଗୁଆ, ଚୂନ ଓ ଅନ୍ୟ ସାମଗ୍ରୀମାନ ବାବାଙ୍କ ପାଖରେ ରଖାଗଲା । ବାବା ଧୀରେ ଧୀରେ ପାନରୁ ଶିରାଗୁଡ଼ିକ କାଢ଼ିଲେ ଏବଂ ଥାଳିରେ ପାନଶିରାଗୁଡ଼ିକୁ ଗୋଟିଏ ଶୁଆ ଆକାରରେ ସଜାଇ ରଖିଲେ । ସେ ପର୍ଯ୍ୟନ୍ତ ସେ ସମବେତ ସମସ୍ତଙ୍କ ସହ ଲଘୁ ବାର୍ତ୍ତାଳାପରେ ବ୍ୟସ୍ତ ଥିଲେ । ହଠାତ୍ ପଚାରିଲେ, ''ବର୍ତ୍ତମାନ ଭଗବାନ କେଉଁ କର୍ମରେ ବ୍ୟସ୍ତ ଅଛନ୍ତି ବୋଲି ଭାବୁଛ ?'' ସେମାନେ କହିଲେ ''ଭଗବାନ ସୃଷ୍ଟି କରିବାରେ ବ୍ୟସ୍ତ ଅଛନ୍ତି ।'' ସ୍ୱାମୀ ହଠାତ୍ ଥାଳିକୁ ନିଜ ସମ୍ମୁଖକୁ ଆଣି ଶୁଆ ଆକାରରେ ସଜା ହୋଇଥିବା ପାନଶିରାଗୁଡ଼ିକୁ ଛୁଇଁଦେଲେ, ତତ୍‌କ୍ଷଣାତ୍ ତାହା ଗୋଟିଏ ଜୀବନ୍ତ ଶୁଆରେ ପରିଣତ ହୋଇଗଲା ଓ ଡେଣା ପିଟି ଖୁବ୍ ଜୋରରେ ଉଡ଼ିଗଲା । ଭକ୍ତମାନେ ଏ ଦୃଶ୍ୟ ଦେଖି ଅଭିଭୂତ ହୋଇଯାଇଥିଲେ । ଭକ୍ତମାନଙ୍କ ଖୁସି ଦେଖି ସ୍ୱାମୀ ମଧ୍ୟ ଖୁବ୍ ଆନନ୍ଦରେ ହସୁଥିଲେ ।

ବରା ଭିତରେ ହୀରା

ଇନ୍ଦୁଲାଲ ଶାହ ଥରେ ଭଗବାନ ବାବାଙ୍କୁ ତାଙ୍କ ବମ୍ବେ (ମୁମ୍ବଇ) ଘରକୁ ନିମନ୍ତ୍ରଣ କରିଥିଲେ । ଭୋଜନ ଟେବୁଲର ଗୋଟିଏ ପାଖରେ ଭଗବାନ ବସିଥିଲେ । ତାଙ୍କ ସାମନା ପାଖରେ ବସିଥିଲେ ଶାହ ଓ ତାଙ୍କ କନ୍ୟା । ଶ୍ରୀମତୀ ଶାହ ସଦ୍ୟ ପ୍ରସ୍ତୁତ କରାଯାଇଥିବା ବରା ଗୋଟିଏ ଥାଳିରେ ଆଣି ଭଗବାନଙ୍କ ପାଖରେ ରଖିଲେ । ବାବା ଗୋଟିଏ ବରା ନେଇ ଶାହଙ୍କ କନ୍ୟା ଥାଳିରେ ରଖିଦେଲେ ଏବଂ କହିଲେ, ''ଏଇଟିକୁ ଖାଇବା ପୂର୍ବରୁ ଦୁଇଫାଳ କରି ଖାଇବୁ ।'' ସେ ବାବାଙ୍କ କଥା ମାନି ସେଇଆ କଲା ଏବଂ ଦେଖିଲା ଦୁଇଫାଳ ବରା ଭିତରେ ଦୁଇଟି ହୀରା ଖଚିତ କାନଫୁଲ । ସମସ୍ତେ ଅଭିଭୂତ ହୋଇପଡ଼ିଲେ । ସ୍ୱାମୀ ନିଜ ହାତରେ କାନଫୁଲ ଦୁଇଟିକୁ କନ୍ୟା କାନରେ ପିନ୍ଧାଇଦେଇଥିଲେ ।

୧୯୯୭ ମସିହା ଏପ୍ରିଲ ଚତୁର୍ଥ ସପ୍ତାହର କଥା, କେତେକ ଭକ୍ତ ସ୍ୱାମୀଙ୍କ ସହିତ ଭୋଜନ କରୁଥିଲେ । ସ୍ୱାମୀ ନିଜ ଭୋଜନ ଶେଷ କରି ଭକ୍ତମାନଙ୍କ ଭୋଜନ ପରିଦର୍ଶନ କରୁଥିଲେ । ବିଭିନ୍ନ ବିଷୟରେ କଥାବାର୍ତ୍ତା ମଧ୍ୟ କରୁଥିଲେ । ସେ ଜଣେ ଭକ୍ତପାଖକୁ ଯାଇ କହିଲେ ପୁରିଟାକୁ ଚିରିଦେଇ ଖାଇବୁ । ବାବା କହିବା ଅନୁସାରେ ସେ ସେଇଆ କଲେ । ପୁରି ଭିତରେ ଥିଲା ଗୋଟିଏ ସୁନା ମୁଦି । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ବାବା କହିଲେ "ସେଇଟି ତୁମର, ପାଖରେ ରଖ !" ଅନିଲ କୁମାର ମଧ୍ୟ ସେଠାରେ ପୁରି ଖାଉଥିଲେ । ସ୍ୱାମୀ ତାଙ୍କୁ କହିଲେ "ଶୀଘ୍ର ଶୀଘ୍ର ଖାଅ ।" ଅନିଲ କୁମାର କହିଲେ, "ଆପଣ କେଉଁ ପୁରିରେ କ'ଣ ରଖିଛନ୍ତି କିଏ ଜାଣେ ? ତେଣୁ ମୁଁ ସବୁ ପୁରିକୁ ଭଲଭାବେ ଦେଖି ସାରିବା ପରେ ସାବଧାନ ହୋଇ ଖାଉଛି ।" ଉପସ୍ଥିତ ଥିବା ପ୍ରତ୍ୟେକ ଅନିଲ କୁମାରଙ୍କ କଥା ଶୁଣି ଖୁବ୍ ହସିଲେ । ଏଭଳି ଘଟଣାଗୁଡ଼ିକ ବଡ଼ କଥା ନୁହେଁ ଯେ କେଉଁଥିରୁ କ'ଣ ବାହାରିଲା । ମୂଳ କଥା ହେଲା ସ୍ୱାମୀଙ୍କ ସଙ୍କଳ୍ପ । ତାହା ହିଁ ଅସଲ କଥା, ତାହା ହିଁ କାରଣ ଓ ତାହା ହିଁ ଫଳାଫଳ ।

ସ୍ମୃତି

ବୃନ୍ଦାବନରେ ଅବସ୍ଥିତ "ତ୍ରୟୀ"ରେ ଥରେ ଛାତ୍ର ଓ କର୍ମଚାରୀମାନଙ୍କୁ ସମ୍ଭାଷଣ ପ୍ରଦାନ କରିବା ପାଇଁ ସ୍ୱାମୀ ବ୍ରିଗେଡ଼ିଅର ଏସ୍.କେ. ବୋଷଙ୍କୁ ନିମନ୍ତ୍ରଣ କଲେ । ବ୍ରିଗେଡ଼ିଅର ବୋଷ ତାଙ୍କ ସମ୍ଭାଷଣରେ ସେ ସ୍ୱାମୀଙ୍କ ପାଦପଦ୍ମରେ ରହି ଶିକ୍ଷା କରିଥିବା କଥାମାନ କହିଲେ । ସମ୍ଭାଷଣ ପ୍ରଦାନ କରିସାରି ସେ ସ୍ୱାମୀଙ୍କ ପାଦସ୍ପର୍ଶ କରିବା ପାଇଁ ଅନୁମତି ମାଗନ୍ତେ ବାବା ତାଙ୍କୁ ପାଦ ଛୁଇଁବାକୁ ନ ଦେଇ କହିଲେ, "ତୁ ସେ ଦଶହରା ଦିନର ଘଟଣା କାହିଁକି କହିଲୁ ନାହିଁ ?" ଶ୍ରୀ ବୋଷ କହିଲେ "ମୁଁ ତ ଆପଣଙ୍କ ଦିବ୍ୟ ହସ୍ତର ଜଣେ ନିମିତ୍ତ ମାତ୍ର, ମୁଁ ସେ ବିଷୟ କ'ଣ କହିଥାନ୍ତି । ସେଥିରେ ମୋ ବ୍ୟକ୍ତି ସତ୍ତାର କିଛି ବାହାଦୁରୀ ନ ଥିଲା । ଆପଣ ସେଦିନ ମୋ ଜୀବନ ବଞ୍ଚାଇଛନ୍ତି, ଏହା ମୁଁ ମୋ ଜୀବନ ଯାକ ଭୁଲିବି ନାହିଁ । ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି କେବଳ । ମୁଁ ଏଭଳି ଭାବେ ଋଣୀ ଯେ ତାହା ପ୍ରକାଶ କରିବା ପାଇଁ ମୋର ଭାଷା ଅଭାବ ପଡୁଛି ।" ଏହା ପରେ ସ୍ୱାମୀ ତାଙ୍କୁ ପାଦ ସ୍ପର୍ଶ କରିବା ପାଇଁ ଅନୁମତି ଦେଲେ । ବ୍ରିଗେଡ଼ିଅର ନିଜ ଆସନକୁ ଫେରିଯିବା ପରେ ବାବା ଛାତ୍ର ଓ କର୍ମଚାରୀମାନଙ୍କୁ କହିଲେ "ସେଦିନ ବୋଷ ବାସ୍ତବିକ ମରିଯାଇଥିଲା । ମୁଁ ତାହାର ଜୀବନ ଫେରାଇ ଆଣିଛି, ମୋ ପାଇଁ ବହୁତ କିଛି କରିବାର ଅଛି ତା'ର ।"

ଏହାର ଦୁଇମାସ ପୂର୍ବରୁ ସ୍ୱାମୀ ବୋଷଙ୍କୁ ଗୋଟିଏ କାମର ଦାୟିତ୍ୱ ଦେଇଥିଲେ, ତାହା ହେଉଛି ମନ୍ଦିର ଚତୁଃପାର୍ଶ୍ୱରେ ୧୨ ଫୁଟ ଓସାରର କଂକ୍ରିଟ୍ ପକାଇବା । ସ୍ୱାମୀ ସୂଚାଇ ଦେଇଥିଲେ ଯେ ଏ କାମ ଦଶହରା ପୂର୍ବରୁ ସରିବା ଦରକାର ।

ଦିନକୁ ୧୨ ଘଣ୍ଟା କାମ କରି ମଧ୍ୟ ସେ କାମ ୨୫ ଦିନ ସମୟ ନେଲା । ପ୍ରେମ ଓ ଭକ୍ତିର ସହ ଅନେକ ଭକ୍ତ ମଧ୍ୟ ଏ କାମରେ ଶ୍ରମଦାନ କରୁଥିଲେ । ଏ କାମ ସରିଯିବା ପରେ ବୋଷ ଦଶହରା ଦଶଦିନ ସାରା ଭଗବାନ ପ୍ରଦାନ କରୁଥିବା ଦିବ୍ୟ ସମ୍ଭାଷଣ ପ୍ରତ୍ୟହ ଶୁଣୁଥିଲେ । ୧୯୮୮ ମସିହା ଅକ୍ଟୋବର ୨୦ ତାରିଖ ଗୁରୁବାର ଦଶହରା ଦିନ ତାଙ୍କୁ ଖୁବ୍ ଜ୍ୱର ହୋଇଥିଲା । ତା' ସତ୍ତ୍ୱେ ସେ ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟ ପର୍ଯ୍ୟନ୍ତ ବଡ଼ କଷ୍ଟରେ ଆସି ମଞ୍ଚକୁ ଲାଗିଥିବା ଏକ ଚୌକିରେ ବସିଲେ ।

ସ୍ୱାମୀ ଦିବ୍ୟ ସମ୍ଭାଷଣ ଆରମ୍ଭ କରିଛନ୍ତି, ବୋଷଙ୍କ ଶ୍ୱାସ ରୁଦ୍ଧ ହୋଇ ଆସିଲା । ହଠାତ୍ ସେ ତାଙ୍କ ଚୌକିରେ ଢଳି ପଡ଼ିଲେ । ଆଶ୍ଚର୍ଯ୍ୟର କଥା ତାଙ୍କ ଆଖି ବନ୍ଦ ଥିବା ସତ୍ତ୍ୱେ ତାଙ୍କ ଚତୁଃପାର୍ଶ୍ୱରେ କ'ଣ ଘଟିଯାଉଛି ସେ ଜାଣି ପାରୁଥିଲେ । ସେ ଦେଖିଲେ ଗୋଟିଏ ବିରାଟ ସୁବର୍ଣ୍ଣ ରଙ୍ଗର ପକ୍ଷୀ ତାଙ୍କ ଆଡ଼କୁ କରୁଣାପୂର୍ଣ୍ଣ ଦୃଷ୍ଟିରେ ଚାହିଁଚି । ବୋଷ ଭାବିପାରିଲେ ନାହିଁ, କିପରି ଏତେ ବଡ଼ ପକ୍ଷୀଟା ପ୍ରେକ୍ଷାଳୟ ଭିତରକୁ ଆସିପାରିଲା । କିନ୍ତୁ ପରେ ପରେ ସେ ଦେଖିଲେ ସ୍ୱାମୀ ତାଙ୍କର ହସ୍ତଦ୍ୱୟ ଉତ୍ତୋଳନ କରିଛନ୍ତି ଏବଂ ତାହାଦ୍ୱାରା ପକ୍ଷୀଟିକୁ ଘଉଡ଼ାଇ ଦେଉଛନ୍ତି । ପକ୍ଷୀଟି ତତ୍କ୍ଷଣାତ୍ ଉଡ଼ିଗଲା । ସେଦିନର ସମ୍ଭାଷଣରେ ସ୍ୱାମୀ ଗୋଟିଏ ଶ୍ଳୋକ ଗାନ କରୁଥିଲେ । ତାହାକୁ ମଝିରୁ ବନ୍ଦ କରିଦେଇ ଅତି ଚଞ୍ଚଳ ପଦକ୍ଷେପରେ ଚାଲି ଆସିଲେ । ସେ ତାଙ୍କ ଦକ୍ଷିଣ ହାତ ମୁଠା ଭିତରେ କିଛି ଗୋଟାଏ ଧରିଥିଲା ପରି ଜଣାପଡୁଥିଲା । କାନ୍ଧକୁ ବାମ ହାତରେ ଉଠାଇ ଧରିବା ସହ ଡାହାଣ ହାତରେ ତାଙ୍କ ମୁଣ୍ଡ ପଛକୁ ଧୀରେ ଧୀରେ ଥାପୁଡ଼ାଉଥିଲେ । ସମ୍ଭବତଃ ସେ ଡାହାଣ ହାତ ମୁଠାରେ ବୋଷଙ୍କ ଜୀବନ ନାଡ଼ିକାକୁ ଧରି ବୋଷଙ୍କ ମୁଣ୍ଡ ପଛବାଟେ ତାଙ୍କ ଦେହରେ ଥାପୁଡାଇବା ବାହାନାରେ ଜୀବନ ସଞ୍ଚାର କରୁଥିଲେ । ବୋଷ ଆଖି ଖୋଲିଲେ । ସ୍ୱାମୀଙ୍କୁ ନିଜର ଅତି ପାଖରେ ପୁଣି ବିଜୟା ଦଶମୀ ଭଳି ଦିବସରେ ଦଣ୍ଡାୟମାନ ହୋଇଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ସ୍ୱାମୀଙ୍କ ପାଦ ସ୍ପର୍ଶ କରିବା ଉଦ୍ଦେଶ୍ୟରେ ସେ ହସ୍ତ ପ୍ରସାରଣ କଲେ । ସେ ଉଠି, ଠିଆ ହେବା ସ୍ୱାମୀ ଚାହୁଁଥିଲେ। ବୋଷ କିନ୍ତୁ ବସି ରହି ନମସ୍କାର କରି ଚାଲୁଥିଲେ । ସ୍ୱାମୀ ତାଙ୍କ ପିଠି ଆପୁଡ଼ାଇ ଲାଗିଲେ ତାଙ୍କୁ ଶକ୍ତି ଦେବା ପାଇଁ । ସ୍ୱାମୀ କହିଲେ, ''ଠିଆ ହୁଅ, ମଞ୍ଚ ପାଖକୁ ଆସ ଓ କବାଟ ପାଖରେ ବସ ।'' ବୋଷ ତାଙ୍କ କଥା ମାନିଲେ ଓ ସ୍ୱାମୀ ତାଙ୍କ ଅସମ୍ପୂର୍ଣ୍ଣ ସମ୍ଭାଷଣ ପୂର୍ଣ୍ଣ କରିବାକୁ ଯାଇ ଦୀର୍ଘ ଏକ ଘଣ୍ଟାକାଳ କହିଲେ । ବୋଷଙ୍କର ନିର୍ଜୀବ ମୁଖମଣ୍ଡଳ ସେହି ଘଣ୍ଟାକ ଭିତରେ ଧୀରେ ଧୀରେ ଜୀବନ ଆଲୋକ ଲାଭ କଲା ।

ଦୁଇମାସ ବ୍ୟବଧାନରେ ହିଲ୍‌ଭିଉ ଷ୍ଟାଡିୟମ୍‌ରେ କ୍ରୀଡ଼ା ଉତ୍ସବ ପାଳନ

ଅବସରରେ ସ୍ୱାମୀ ପତାକା ଉତ୍ତୋଳନ କରିଥିଲେ । ସେଠାରେ ଶ୍ରୀ ବୋଷ ଉପସ୍ଥିତ ଥିଲେ ଏବଂ ସେ ପତାକାରେ ଶ୍ରୀମହାବିଷ୍ଣୁଙ୍କର ବାହନ ଦିବ୍ୟପକ୍ଷୀ ଗରୁଡ଼ଙ୍କୁ ଦେଖି ବୋଷଙ୍କ ଦେହରେ ଶିହରଣ ଖେଳିଗଲା । ବୋଷଙ୍କର ମନେ ପଡ଼ିଗଲା, ଗତ ବିଜୟା ଦଶମୀଦିନ ଏହି ପକ୍ଷୀ ତାଙ୍କ ଉପରେ ବସିଯାଇଥିଲା ଓ ତା'ର ଚକ୍ଷୁରେ କରୁଣା ଭରି ରହିଥିଲା । ବୋଷଙ୍କର ଆହୁରି ମନେ ପଡ଼ିଗଲା ଯେ ଗରୁଡ଼ ପୁରାଣର ବର୍ଣ୍ଣନା ଅନୁଯାୟୀ ସାଧୁସନ୍ଥମାନଙ୍କ ଆତ୍ମାକୁ ବ୍ରହ୍ମଲୋକ ଘେନି ଯିବାକୁ ଗରୁଡ଼ ହିଁ ଆସିଥାଏ ।

ଏହିଭଳି ଭାବରେ ଭଗବାନ ତାଙ୍କୁ ବିଜୟାଦଶମୀରେ ପୁନର୍ଜୀବନ ପ୍ରଦାନ କରିଥିଲେ, ଯାହା ବର୍ଣ୍ଣିବାକୁ ତାଙ୍କ ପାଖରେ ଭାଷାର ଅଭାବ ଦର୍ଶାଇ ସେ ସେଦିନ ଅତି ବିନୀତ ଭାବେ ସ୍ୱାମୀଙ୍କୁ କହୁଥିଲେ ।

ତୁମ୍ଭେମାନେ ଆତ୍ମସ୍ୱରୂପ

ବାବା ଥରେ ଆତ୍ମାର ସ୍ୱଭାବ ଓ ଭୌତିକ ଶରୀର ଓ ତାହାର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ, ଯଥା-ଇନ୍ଦ୍ରିୟ, ମନ, ବୁଦ୍ଧି ପ୍ରଭୃତି ସହ ଆତ୍ମାର ସମ୍ପର୍କ ବିଷୟ ବର୍ଣ୍ଣନା କରିଥିଲେ, ଯାହାର ସାରାଂଶ ପ୍ରଦାନ କରାଯାଉଛି ।

ମାନସ, ଚିତ୍ତ, ଇନ୍ଦ୍ରିୟଗୁଡ଼ିକ ମିଶି ସମ୍ପୂର୍ଣ୍ଣ ଦେହ ଗଠନ କରିଛନ୍ତି, କିନ୍ତୁ ଆତ୍ମା ଏ ସବୁର ସମାହାର ନୁହେଁ । ଦେହରେ ଆତ୍ମା ବିଦ୍ୟମାନ, ମନରେ ଆତ୍ମା ବିଦ୍ୟମାନ, ଚିତ୍ତରେ ଆତ୍ମା ବିଦ୍ୟମାନ, ଇନ୍ଦ୍ରିୟମାନଙ୍କରେ ମଧ୍ୟ ଆତ୍ମା ବିଦ୍ୟମାନ । ଏସବୁଗୁଡ଼ିକ ଆତ୍ମାର ନିର୍ଦ୍ଦେଶରେ କାମ କରନ୍ତି ।

ଗୋଟିଏ ଛୋଟ ଉଦାହରଣ ମାଧ୍ୟମରେ ଏହାକୁ ବୁଝାଇହେବ । ଗୋଟିଏ କାରରେ ଷ୍ଟିଅରିଂ, କ୍ଲଚ, ବ୍ରେକ୍ ଓ ଆହୁରି ଅନେକ କଥା ଅଛି । ଏସବୁଗୁଡ଼ିକ ତାଙ୍କ ମନଇଚ୍ଛା କାମ କରନ୍ତି କି ? କାର ଚାଲୁଥିଲା ବେଳେ ହର୍ଣ୍ଣ ମନକୁ ମନ ବାଜେ କି ? ଷ୍ଟିଅରିଂ ମନକୁ ମନ କାମ କରେ କି ? ନା, ଏସବୁ ପଛରେ ଡ୍ରାଇଭର ଥାଏ । ସେହିପରି ଦେହ ଏକ ଗାଡ଼ି ଓ ଆତ୍ମା ଡ୍ରାଇଭର । ସେ ଡ୍ରାଇଭର ଆଖିକୁ ଦେଖିବା କାମରେ ଲଗାଏ, କାନକୁ ଶୁଣିବାରେ ବ୍ୟବହାର କରେ, ପାଟିକୁ କଥା କହିବା କାମରେ ବ୍ୟବହାର କରେ । ଡ୍ରାଇଭର ଥିବା ପର୍ଯ୍ୟନ୍ତ ସବୁ କଥା ଠିକ୍ ଭାବେ ବ୍ୟବହୃତ ହୁଏ । ଡ୍ରାଇଭର ଦେହକୁ ଛାଡ଼ିଦେଲେ ସେହି ଆଖି ଦେଖିପାରିବ ନାହିଁ, ସେହି ପାଟି ଆଉ କଥା କହିପାରିବ ନାହିଁ । ସବୁ ଇନ୍ଦ୍ରିୟ ଓ ଅଙ୍ଗପ୍ରତ୍ୟଙ୍ଗ ଅଚଳ ହୋଇଯା'ନ୍ତି । ପୂର୍ବରୁ ଏ ସବୁ ସଚଳ ଥିଲେ ତାଙ୍କ ମାଲିକ ବା ଡ୍ରାଇଭର ଆତ୍ମା ସକାଶେ । ମାଲିକ ଥିବା ପର୍ଯ୍ୟନ୍ତ ଦେହ ''ଶିବ'' । ମାଲିକ ଚାଲିଗଲେ ଦେହ ''ଶବ'' ।

ସ୍ୱାମୀ ଆମ୍ଭମାନଙ୍କୁ ଯାହା ବାରମ୍ବାର କହୁଛନ୍ତି, ଆମ ନିଜ ସ୍ୱରୂପ ବାବଦରେ ଆମେ ଯଦି ଗଭୀର ଭାବେ ଚିନ୍ତା କରିବା, ଆମେ ଅତି ଶୀଘ୍ର ଉପଲବ୍ଧି କରିବା ଯେ ଆମ୍ଭେମାନେ ଆତ୍ମାର ପ୍ରତିମୂର୍ତ୍ତି । ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଉପକରଣମାତ୍ର, ଆତ୍ମା ନୁହଁନ୍ତି ।

ଶିମଲା ଘଟଣା

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଅତିମାନବୀୟ ଦିବ୍ୟ ଶକ୍ତିର ଅନ୍ୟ ଏକ ପରିଚୟ ଏ ଘଟଣାରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ।

ଥରେ ବାବା ତାଙ୍କର କେତେକ ଭକ୍ତଙ୍କୁ ନେଇ ଶିମଲା ଯାଇଥିଲେ । ସ୍ୱାମୀ କାରୁଣ୍ୟାନନ୍ଦ ସେ ଦଳରେ ଥିଲେ । ସେଥର ଏକ ଅବିଶ୍ୱାସ୍ୟ ଘଟଣା ଘଟିଲା । ଶିମଲାରେ ରହିବା ପାଇଁ ଯେଉଁ ଗୃହ ସ୍ଥିର କରାଯାଇଥିଲା ସେଠାରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଯାଇଥିଲା । ପ୍ରାୟ ସନ୍ଧ୍ୟା ୬.୩୦ମି. ସମୟ । ଅନ୍ଧକାର ଆଗତପ୍ରାୟ, ଏହି ସମୟରେ ସେ ସହରର ଗୋଟିଏ ଘରେ ଜଣେ ଦୁଇ ବର୍ଷ ବୟସ୍କ ବାଳକ ମରିଯାଇଥାଏ । ତା' ବାପା-ମାଆ ଶୋକାଭିଭୂତ ହୋଇପଡ଼ିଥାନ୍ତି । ତାଙ୍କ ଅବସ୍ଥା ଦେଖି ତାଙ୍କର ଜଣେ ବନ୍ଧୁ କହିଲେ, ଶ୍ରୀ ସତ୍ୟସାଇ ବାବା ବର୍ତ୍ତମାନ ଆମ ସହରରେ ଅଛନ୍ତି । ପୁଅର ମୃତ ଦେହକୁ ତାଙ୍କ ପାଦତଳେ ସମର୍ପି ଦେଇ ତାଙ୍କ ଦୟା ଭିକ୍ଷା କର । ପିତାମାତା ପୁତ୍ରର ଶବକୁ ଖଣ୍ଡେ କନାରେ ଗୁଡ଼ାଇ ବାବାଙ୍କ ପାଖକୁ ଗଲେ । ପିଲାର ମାଆ ପିଲାଟିକୁ ବାବାଙ୍କ ପାଦ ତଳେ ଶୁଆଇଦେଇ ଅତିଶୟ ଦୁଃଖରେ ହୃଦୟବିଦାରକ କଣ୍ଠରେ କାନ୍ଦି କାନ୍ଦି କହୁଥିଲା, "ବାବା, ମୋ ପୁଅକୁ ବଞ୍ଚାଇଦିଅ, ତା'ର ଜୀବନ ଫେରାଇ ଆଣ ।" ମାଆର କାନ୍ଦ ଶୁଣି, କରୁଣାର ହିମଗିରି ତରଳିବାକୁ ଆରମ୍ଭ କଲା । ସ୍ୱାମୀ ମୃତ ପୁତ୍ର ପ୍ରତି କୃପାକଟାକ୍ଷ ପ୍ରଦାନ କଲେ । ହଠାତ୍ ଶିଶୁଟି ଜୀବନ ଫେରିପାଇ କାନ୍ଦି ଉଠିଲା । ପିତାମାତାଙ୍କ ଦୁଃଖ ଓ ନୈରାଶ୍ୟର ଅଶ୍ରୁ ବର୍ତ୍ତମାନ ଆନନ୍ଦାଶ୍ରୁରେ ପରିଣତ ହୋଇଯାଇଥିଲା । ସେ ଦୁହେଁ ସେଦିନ ସ୍ୱାମୀଙ୍କ ପାଦ ପ୍ରକ୍ଷାଳନ କରିଦେଇଥିଲେ ତାଙ୍କ ନୟନର ପବିତ୍ର ଅଶ୍ରୁ ଜଳରେ । ଉପସ୍ଥିତ ଥିବା ଭକ୍ତମାନେ ମଧ୍ୟ ଏହା ଦେଖି ଅଭିଭୂତ ତଥା ଆନନ୍ଦ ଉତ୍ଫୁଲ୍ଲିତ ହୋଇ ଉଠି "ଜୟ ସାଇରାମ, ଜୟ ସାଇରାମ" ଧ୍ୱନି କରିଚାଲିଲେ ।

ଲୟ

କରଣମ୍ ସୁବ୍ବାମ୍ମା ଅତି ସୌଭାଗ୍ୟବତୀ ଥିଲେ, ସେ ବାବାଙ୍କୁ ଶୈଶବରୁ ପୁତ୍ରତୁଲ୍ୟ ଭଲ ପାଉଥିଲେ ।

କ୍ରମେ କ୍ରମେ ଦର୍ଶନାଭିଳାଷୀ ଭକ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସୁବ୍‌ବାମ୍ମା ଏ ସମସ୍ତଙ୍କୁ ଖୁଆଇବା ଦାୟିତ୍ୱ ନେଲେ । ସ୍ୱାମୀ ଓ ତାଙ୍କ ଭକ୍ତମାନଙ୍କ ପାଇଁ ପ୍ରଶାନ୍ତିନିଳୟମ୍ ନିର୍ମାଣାଧୀନ ଥିବା ସମୟରେ ସ୍ୱାମୀ ତାଙ୍କୁ କହିଲେ ଯେ ସେ ଆଉ ବର୍ଷେ ମାତ୍ର ବଞ୍ଚିବେ । ଏଥିରେ ପ୍ରଥମେ ବ୍ୟଥିତ ହୋଇପଡ଼ିଥିବା ସୁବ୍‌ବାମ୍ମା, କୌଣସିମତେ ଶକ୍ତି ଓ ସାହସ ସଞ୍ଚୟ କରି ପୂର୍ବାପେକ୍ଷା ଅଧିକ ନିଷ୍ଠା ଓ ଭକ୍ତିର ସହ ସ୍ୱାମୀଙ୍କ ସେବାରେ ଲାଗି ରହିଲେ । କ୍ରମେ କ୍ରମେ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଗଲା । ତାଙ୍କ ବାପଘର ଲୋକେ ତାଙ୍କୁ ସେଠାରୁ ନେଇ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରୁଥାନ୍ତି । ସେ କିନ୍ତୁ ସ୍ୱାମୀଙ୍କଠାରୁ ଦୂରରେ ରହିବାର କଷ୍ଟ ସହ୍ୟ କରିପାରି ନଥିଲେ ଏବଂ ପୁଟ୍ଟପର୍ତ୍ତି ଛାଡ଼ିବା ପୂର୍ବରୁ ସ୍ୱାମୀ ସୁବ୍‌ବାମ୍ମାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ତାଙ୍କ ମୃତ୍ୟୁ ବେଳେ ସେ ତାଙ୍କ ପାଟିରେ ଗଙ୍ଗାଜଳ ପାନ କରାଇବେ ।

କିଛିଦିନ ଭିତରେ ସୁବ୍‌ବାମ୍ମାଙ୍କ ଦେହାନ୍ତ ହୋଇଗଲା, କେତେକ ଲୋକ ସ୍ୱାମୀଙ୍କ ପ୍ରତିଶ୍ରୁତି କଥା ମନେ ପକାଇଲେ, କେତେକ ପରିହାସ କରି କହିଲେ ଯେ ସ୍ୱାମୀ ତାଙ୍କ ପ୍ରଦତ୍ତ ପ୍ରତିଶ୍ରୁତି ପାଳନ କରିବାରେ ଅକୃତକାର୍ଯ୍ୟ ହେଲେ ।

ଏ ସମୟରେ ବାବା ତାଙ୍କ ଭକ୍ତମାନଙ୍କ ସହିତ ତିରୁପତି ନିକଟସ୍ଥ (ପୁଟ୍ଟପର୍ତ୍ତିରୁ ବହୁତ ଦୂରରେ) ଏକ ସ୍ଥାନରେ ଥିଲେ । । ପୁଟ୍ଟପର୍ତ୍ତି ଫେରିବା ନିହାତି ଦରକାର କହି ବାବା ବାହାରିପଡ଼ିଲେ । ବାବା ଆସି ଶୁଣିଲେ, ଅନେକ ଘଣ୍ଟା ପୂର୍ବରୁ ସୁବ୍‌ବାମ୍ମା ଦେହ ତ୍ୟାଗ କଲେଣି । ସ୍ୱାମୀ ଆସି ଦେଖିଲେ ସୁବ୍‌ବାମ୍ମାଙ୍କ ଦେହ ସାରା ପିମ୍ପୁଡ଼ି ଚାଲିଲେଣି । ସ୍ୱାମୀ କହିଲେ, ସୁବ୍‌ବାମ୍ମା ମରିନାହିଁ, ବଞ୍ଚିଛି । ସେଠାରେ ଉପସ୍ଥିତ ଥିବା ସମସ୍ତେ କହିଲେ, ''ନା ସ୍ୱାମୀ, ସେ ଅନେକ ସମୟ ପୂର୍ବରୁ ମରିଯାଇଛି ।'' ସ୍ୱାମୀ କିନ୍ତୁ ପୁନର୍ବାର କହିଲେ, ''ସୁବ୍‌ବାମ୍ମା ବଞ୍ଚିଛି ।'' ସେ ତା' ଶବ ପାଖକୁ ଯାଇ ପାଟିକରି କହିଲେ, ''ସୁବ୍‌ବାମ୍ମା, ଆଖି ଖୋଲ । ଦେଖ ତୋ' ସ୍ୱାମୀ, ମୁଁ ଆସିଛି ।'' ଚାରି ପାଖରେ ଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ସୁବ୍‌ବାମ୍ମା ଆଖି ଖୋଲିଲେ, ତାଙ୍କ ଆଖିରୁ ଲୁହ ଗଡ଼ି ଆସିଲା, ସମସ୍ତେ ନିର୍ବାକ ହୋଇଗଲେ । ସ୍ୱାମୀ ନିଜ ଆଙ୍ଗୁଳିରେ ତାଙ୍କ ଓଠକୁ ସ୍ପର୍ଶ କଲେ, ଏହି ସମୟରେ ସୁଶୀତଳ ନିର୍ମଳ ସ୍ୱର୍ଗୀୟ ଗଙ୍ଗାଜଳ ସ୍ୱାମୀଙ୍କ ଅଙ୍ଗୁଳିରୁ ବାହାରି ସୁବ୍‌ବାମ୍ମାଙ୍କ ଶୁଷ୍କ ଓଠ ଦେଇ ମୁଖ ମଧ୍ୟକୁ ବହିଗଲା ଓ ସୁବ୍‌ବାମ୍ମା ତାକୁ ପାନ କଲେ । ତାଙ୍କ ମୁହଁ ଏକ ଅବର୍ଣ୍ଣନୀୟ ସନ୍ତୋଷରେ ଝଲସି ଉଠିଲା, ସେ ସ୍ୱାମୀଙ୍କ ହାତକୁ ସ୍ପର୍ଶ କଲେ ଏବଂ ଶେଷ ଥର ପାଇଁ ଚକ୍ଷୁ ମୁଦିଲେ । ପ୍ରତ୍ୟେକ ମୃତ୍ୟୁର ସଠିକ୍ ମୁହୂର୍ତ୍ତ ସ୍ୱାମୀ ସବୁଠାରୁ ଭଲ ଭାବରେ ଜାଣନ୍ତି ।

ସୃଷ୍ଟି, ସ୍ଥିତି ଓ ଲୟ, ଏ ସବୁକିଛି ସ୍ୱାମୀଙ୍କ ନିଜ ନିୟନ୍ତ୍ରଣରେ, ସେଥିପାଇଁ ସେ ''ସ୍ୱୟଂ ଭଗବାନ ।''

ସୃଷ୍ଟି, ସ୍ଥିତି ଓ ଲୟ ମୋ ହାତମୁଠାରେ

ସ୍ୱାମୀ ନିଜ ସାକ୍ଷାତକାର କକ୍ଷରେ କେତେକ ଭକ୍ତମାନଙ୍କ ସହିତ କଥାବାର୍ତ୍ତା ହେଉଥିଲେ । ସେ ସେମାନଙ୍କୁ ନିଜ ହାତ ପାପୁଲି ଦେଖାଇଲେ ଓ ସେଥିରେ କ'ଣ ଅଛି ବୋଲି ପଚାରିଲେ । କେତେକ କହିଲେ, ଏଥିରେ କିଛି ନାହିଁ । ବାବା ଅତି ସରଳ ଭାବରେ କହିଲେ, ''ଏଇ ଶୂନ୍ୟ ହସ୍ତ ସବୁ କିଛିରେ ପରିପୂର୍ଣ୍ଣ ।'' ସେ ହାତକୁ ମୁଠାକରି ପର ମୁହୂର୍ତ୍ତରେ ଖୋଲି ଦେଲେ, ଦେଖାଗଲା ତାଙ୍କ ହାତରେ ଗୋଟାଏ ପଙ୍ଗପାଳ । ଆହୁରି ଆଶ୍ଚର୍ଯ୍ୟର କଥା ଯେ ସେ ଖାଇ ବଞ୍ଚିବା ପାଇଁ ଛୋଟ ପତ୍ର ଖଣ୍ଡେ ମଧ୍ୟ ସ୍ୱାମୀଙ୍କ ପାପୁଲିରେ ଥିଲା । ପଙ୍ଗପାଳଟି ସେ ପତ୍ରକୁ ଖାଉଥିଲା । କିଛିକ୍ଷଣ ପରେ ସ୍ୱାମୀ ହାତ ମୁଠା କରି ପୁଣି ଖୋଲି ଦେଖାଇଲେ, ସେଥିରେ କିଛି ନଥିଲା । ସେଠାରେ ଥିବା ଭକ୍ତମାନେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଏହି ଘଟଣା ମାଧ୍ୟମରେ ସ୍ୱାମୀ ଆମ ଭଳି ଅଜ୍ଞମାନଙ୍କୁ ଦେଖାଇ ଦେବାକୁ ଚାହିଁଲେ ଯେ ତାଙ୍କ ଅଧୀନରେ ସୃଷ୍ଟି, ସ୍ଥିତି ଓ ଲୟ ଅଛି । ଏହା ତିରିଶ ବର୍ଷ ତଳର ଘଟଣା ।

ଅତି ସାରଗର୍ଭକ ଶବ୍ଦ ବ୍ୟବହାର କରି ସ୍ୱାମୀ ତାଙ୍କ ଦୈବତ୍ୱ ବାବଦରେ ବୁଝାଇଛନ୍ତି । 'ଭ' ଅର୍ଥ ସୃଷ୍ଟି, 'ଗ' ଅର୍ଥ ସ୍ଥିତି 'ବା' ଅର୍ଥ ଲୟ । ଏ ତିନିଟି କ୍ଷମତାର ସାକାର ପ୍ରତିମୂର୍ତ୍ତି ଯିଏ ସେ ଭଗବାନ । ଏହା ହିଁ ମୋ ଦୈବତ୍ୱର ସୂକ୍ଷ୍ମ ରହସ୍ୟ ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ
ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ସପ୍ତମ ଅଧ୍ୟାୟ ସମ୍ପୂର୍ଣ୍ଣ

୪ର୍ଥ ଦିବସ - (ଅବଶିଷ୍ଟାଂଶ)

ଅଷ୍ଟମ ଅଧ୍ୟାୟ

ବିଶ୍ୱ ବ୍ରହ୍ମାଣ୍ଡର ନାୟକ

ନାଟକ ତାଙ୍କର, ଭୂମିକା ତାଙ୍କର, ରଚନା ତାଙ୍କର, ନିର୍ଦ୍ଦେଶନା ମଧ୍ୟ ତାଙ୍କର । ରୂପସଜ୍ଜା, ବେଶପରିପାଟୀ, ମଞ୍ଚସଜ୍ଜା, ଅଙ୍ଗଭଙ୍ଗୀ, କଣ୍ଠସ୍ୱର, ପ୍ରବେଶ, ପ୍ରସ୍ଥାନ ସବୁ କିଛି ତାଙ୍କ ପରିକଳ୍ପନା । ତୁମକୁ ଅଭିନୟ କରିବାକୁ ହେବ ଏବଂ ପର୍ଦ୍ଦା ପଡ଼ିବା ବେଳକୁ ତାଙ୍କ ଅନୁମୋଦନ ଲାଭ କରିବାକୁ ହେବ । -ବାବା

ସବୁ ମହାଭୂତ ତାଙ୍କ ଅଧୀନରେ

ପଞ୍ଚ ମହାଭୂତ (କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ) ଶ୍ରୀ ସତ୍ୟସାଇ ବାବାଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ । କେତେକ ଘଟଣାରୁ ଏ କଥାର ସତ୍ୟତା ପରିଲକ୍ଷିତ ହୋଇ ପାରିବ ।

ଅଗ୍ନିକାଣ୍ଡରୁ ଉଦ୍ଧାର

ଦିନେ ବାବାଙ୍କୁ ହଠାତ୍ ୧୦୪.୫ ଡିଗ୍ରୀ ପର୍ଯ୍ୟନ୍ତ ଜ୍ୱର ହେବା ଦେଖାଗଲା । ଭକ୍ତମାନେ ବ୍ୟସ୍ତ ହୋଇପଡ଼ିଲେ । କିନ୍ତୁ ଭକ୍ତମାନଙ୍କୁ ଆନନ୍ଦିତ କରି ବାବାଙ୍କ ଦେହର ଉତ୍ତାପ ପାଞ୍ଚ ମିନିଟ୍ ଭିତରେ ୯୯ ଡ୍ରିଗୀକୁ ଖସି ଆସିଲା । କେହି କଳନା କରି ପାରିଲେ ନାହିଁ କାହିଁକି ଉତ୍ତାପ ଏତେ ବଢ଼ିଗଲା ଓ ପରମୁହୂର୍ତ୍ତରେ ଖସି ଆସିଲା ।

ରାତି ୯.୩୦ ମିନିଟ୍ ସମୟ । ସ୍ୱାମୀଙ୍କ ବାସଭବନ ଛାତ ଉପରେ ମୁକ୍ତ ବାୟୁ ସେବନ ସହିତ ରାତ୍ରିଭୋଜନର ବ୍ୟବସ୍ଥା ହୋଇଥାଏ । ଜ୍ୟୋତ୍ସ୍ନା ବିଧୌତ ଶୀତଳ ରାତ୍ରିଟି ସୁଖକର ହୋଇଥାଏ । ସୁନ୍ଦର ବାତାବରଣରେ ପ୍ରତ୍ୟେକେ ଭୋଜନ ଉପଭୋଗ କରୁଥିଲେ । ବାବା ଜଣେ ଭକ୍ତ ଆଡ଼କୁ ଚାଲି ଆସି କହିଲେ, ଆସନ୍ତା କାଲି ଗାଁକୁ ଫେରି ତୋ' ମାଆକୁ କହିବୁ ନିଆଁ ପ୍ରତି ସାବଧାନ ରହିବ । ଏହା ସହ ଆହୁରି କହିବୁ ଯେ ସ୍ୱାମୀ ସଦାସର୍ବଦା ତାକୁ ସବୁପ୍ରକାର ସୁରକ୍ଷା ଦେବାପାଇଁ ତା' ପାଖେ ପାଖେ ଅଛନ୍ତି । ଅନ୍ୟମାନେ ଭାବିଲେ, କ'ଣ ପାଇଁ ନିଆଁ ଓ ତଜ୍ଜନିତ ବିପତ୍ତି କଥା ବାବା କହୁଛନ୍ତି ? ସେମାନେ ବାବାଙ୍କୁ ଏହାର ରହସ୍ୟ ଜଣାଇବା ପାଇଁ ଅଳି କଲେ । ସ୍ୱାମୀ କହିଲେ, ''ତା' ମାଆ ପୂଜା ଘରେ ପ୍ରାର୍ଥନା କରୁଥିଲା, ତା' ଚାରି ପାଖରେ କେତେ ଗୁଡ଼ିଏ ଦୀପ ଜଳୁଥିଲା, ପ୍ରାର୍ଥନା କରୁ କରୁ ତା' ଅଲକ୍ଷ୍ୟରେ ଲୁଗାରେ ନିଆଁ ଲାଗିଗଲା । ମୋତେ ସେଠାକୁ ଯାଇ ନିଆଁ ଲିଭାଇବାକୁ ପଡ଼ିଲା । କେତେକ ଭକ୍ତ ବାବାଙ୍କ ଅନୁମତି ନେଇ ସେ ମହିଳାଙ୍କ ଅବସ୍ଥା ବୁଝିବାକୁ ଫୋନ୍ କଲେ । ମହିଳାଜଣକ ନିଜେ ଫୋନ୍ ଧରିଲେ ଏବଂ ବାବା ଏଠାରେ ଯାହା କହିଥିଲେ ସେ ଠିକ୍ ଠିକ୍ ସେହି ସବୁ କଥା କହିଲେ । ସ୍ୱାମୀ ମଧ୍ୟ ତାଙ୍କୁ ଆଶ୍ୱାସନା ଦେଇ କହିଲେ, ସେ ନିଜେ ଦୟାପରବଶ ହୋଇ ନିଆଁ ଲିଭାଇଥିଲେ । ଉକ୍ତ ମହିଳାଜଣକ ଉଦ୍‌ବେଗର ସହିତ ଜାଣିବାକୁ ଚାହିଁଲେ, ସ୍ୱାମୀ

ମୋ ପାଇଁ ନିଆଁ ଲିଭାଇବା ବେଳେ ନିଜ ହାତରେ ନିଆଁ ଲାଗିଯାଇନାହିଁ ତ ? ବାବା ତାଙ୍କୁ ଅତି ମଧୁର ଭାବରେ ବୁଝାଇ କହିଲେ, ନା, ଆଦୌ ନୁହେଁ, ନିଆଁ ମୋର କିଛି କ୍ଷତି କରିନାହିଁ । କେବଳ ମୋ ଦେହର ଉତ୍ତାପ ବଢ଼ିଯାଇଥିଲା, କିନ୍ତୁ ପରମୁହୂର୍ତ୍ତରେ କମିଯାଇଥିଲା । ମୋ ପାଇଁ ବ୍ୟସ୍ତ ହେବ ନାହିଁ ।

ବନ୍ୟାରୁ ଉଦ୍ଧାର

ବାବା ପୁରାତନ ମନ୍ଦିରରେ ରହୁଥିବା ସମୟର କଥା । ଥରେ ଚିତ୍ରାବତୀରେ ବନ୍ୟା ଆସିଲା, ବନ୍ୟାଜଳ କ୍ରମାଗତ ଭାବେ ବଢ଼ିବାରେ ଲାଗିଲା, ଧୀରେ ଧୀରେ ମନ୍ଦିର ଚତୁଃପାର୍ଶ୍ୱରେ ମଧ୍ୟ ବନ୍ୟାଜଳ ଭରିଗଲା । ବେଳକୁ ବେଳ ଅବସ୍ଥା ଉଦ୍‌ବେଗଜନକ ହେଲା ଏବଂ ଜଣାଗଲା, କ୍ଷଣକ ମଧ୍ୟରେ ପାଣି ମନ୍ଦିର ଭିତରେ ପଶି ସବୁ କିଛି ପ୍ଲାବିତ କରିଦେବ । ଏହି ସମୟରେ ସ୍ୱାମୀ ପାଣି ଭିତରେ ପଶି କହିଲେ, ''ବାସ୍, ବହୁତ ହୋଇଗଲା, ଏଥର ଫେରିଯାଆ ।'' ପରେ ପରେ ପାଣି କମିବାରେ ଲାଗିଲା ।

ପ୍ରଥମଥର ପାଇଁ ଯେତେବେଳେ ବେଦ ପୁରୁଷ ସପ୍ତାହ ଜ୍ଞାନ ଯଜ୍ଞ ଆୟୋଜନ କରାଗଲା, ପୂର୍ବରୁ କୁହାଯାଇଛି ଯେ ସହସ୍ର ସହସ୍ର ଭକ୍ତଙ୍କ ସମାଗମ ହୋଇଥିଲା । ପୂର୍ଣ୍ଣାହୁତି ପର୍ବ ଆରମ୍ଭ ହେବାକୁ ଯାଉଛି, ଆକାଶ ମେଘାଛନ୍ନ ହୋଇଗଲା । ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ସମ୍ଭାବନା ଦେଖାଗଲା । ବର୍ତ୍ତମାନର ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟ ସେତେବେଳେ ନିର୍ମିତ ହୋଇ ନଥିଲା । ମୁକ୍ତାକାଶ ତଳେ ଆଶ୍ରୟ ନେଇଥିବା ଭକ୍ତମାନଙ୍କ ଅବସ୍ଥା କ'ଣ ହେବ ? ବର୍ଷା ହେଲେ ସମସ୍ତ କାର୍ଯ୍ୟକ୍ରମ ଭଣ୍ଡୁର ହୋଇଯିବ । ଏଭଳି ଏକ ବିଘ୍ନ ଆଶଙ୍କା କରି ଲୋକମାନେ ଅସ୍ଥିର ହୋଇ ଉଠିଲେ । ଭକ୍ତମାନଙ୍କର ଉଦ୍‌ବେଗ ଦେଖି ବାବା ସମସ୍ତଙ୍କୁ ଆଶ୍ୱସ୍ତ କରି କହିଲେ, ''ବ୍ୟସ୍ତ ହୁଅ ନାହିଁ, ବର୍ଷା ହେବ ନାହିଁ ।'' କିଛିକ୍ଷଣ ମଧ୍ୟରେ କଳାବାଦଲମାନେ ଅପସରିଗଲେ, ପୂର୍ଣ୍ଣାହୁତି କାର୍ଯ୍ୟ ନିର୍ବିଘ୍ନରେ ସମାପନ ହେଲା ।

ପାଣିରୁ ପେଟ୍ରୋଲ

ବାବା ଥରେ କାର୍‌ରେ ବାଙ୍ଗାଲୋର ଯାଉଥିଲେ, ଚିକ୍‌ବଲପୁର ସହରର ଅଳ୍ପ ପୂର୍ବରୁ ଗାଡ଼ି ଅଟକିଗଲା, ଦେଖାଗଲା ଟାଙ୍କିରୁ ପେଟ୍ରୋଲ ସରିଯାଇଛି । ତେଲ ପକାଇବା ପାଇଁ ଆଖପାଖରେ କୌଣସି ତେଲ ଟାଙ୍କି ନ ଥିଲା । ବାବା କହିଲେ, ନିକଟରେ ଥିବା ପୋଖରୀରୁ ପାଣି ଆଣ । ଜଳପାତ୍ରରେ ହାତ ପୂରାଇ ବାବା କିଛି ସମୟ ଘଣ୍ଟାଘଣ୍ଟି କଲେ ଏବଂ ସେହି ପାଣିକୁ ଗାଡ଼ିରେ ପକାଇବା ପାଇଁ କହିଲେ । ଗାଡ଼ି ଷ୍ଟାର୍ଟ ହେଲା ଏବଂ କୌଣସି ସମସ୍ୟା ସୃଷ୍ଟି ନକରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ସେହିଭଳି ଅନ୍ୟ ଏକ ଅବସରରେ ବାବା କେତେକ ଭକ୍ତମାନଙ୍କ ଗହଣରେ ଔରଙ୍ଗାବାଦ ଓ ଏଲୋରା ପରିଦର୍ଶନ ସାରି ହାଇଦ୍ରାବାଦ ଅଭିମୁଖେ ଯାଉଥିଲେ । ଇନ୍ଧନ ସରିଯିବାରୁ ଗାଡ଼ି ଅଟକିଗଲା । ସେ ସମୟରେ ପେଟ୍ରୋଲ ବିକ୍ରେତାମାନେ ରାଜ୍ୟବ୍ୟାପୀ

ଆନ୍ଦୋଳନ ଚଳାଇଥାନ୍ତି । ତେଣୁ ତେଲ ପାଇବାର ଅନ୍ୟ ଉପାୟ ନ ଥିଲା । ଭଗବାନ କାର୍‌କୁ ଆଦେଶ ଦେଲେ, 'ଚାଲ', ଗାଡ଼ି ଚାଲିଲା । ହାଇଦ୍ରାବାଦରେ ପହଞ୍ଚି ବାବା କସ୍ତୁରୀଙ୍କୁ କହିଲେ, ''କସ୍ତୁରୀ, ଗାଡ଼ିରେ ବୁନ୍ଦାଏ ତେଲ ନଥାଇ ଆମେ ୧୫୦ ମାଇଲ୍ ବାଟ ଆସିଲେଣି । ପେଟ୍ରୋଲ କ'ଣ, ଏଥର ତ ପାଣି ବି ମିଳିଲା ନାହିଁ ଗାଡ଼ିରେ ପକାଇବା ପାଇଁ । ଆମେ ଯେଉଁ ବାଟରେ ଆସିଲେ ସେ ବାଟରେ ପୋଖରୀ ବା ନାଳଟାଏ ତ ନ ଥିଲା ।''

ହିମାଳୟରେ ସୂର୍ଯ୍ୟାଲୋକ

ପୂର୍ବରୁ କୁହାଯାଇଛି ଯେ ୧୯୬୧ ଜୁନ୍‌ରେ ଭଗବାନ ତାଙ୍କ ପିତାମାତା ଓ ଅନ୍ୟ କେତେକ ଭକ୍ତଙ୍କ ଗହଣରେ ବଦ୍ରିନାଥ ଯାଇଥିଲେ । ଉତ୍ତର ପ୍ରଦେଶରେ ଥିବା ତଦାନୀନ୍ତନ ରାଜ୍ୟପାଳ ଶ୍ରୀ ବୁରଗୁଲ୍ଲା ରାମକୃଷ୍ଣ ରାଓ ବାବା ତଥା ତାଙ୍କ ଦଳର ସମସ୍ତଙ୍କରର ସୁବିଧା ଅସୁବିଧା କଥା ବୁଝୁଥାନ୍ତି । ବରଫ ବର୍ଷା ହେଉଥିବା ହିମାଳୟର ସୁଉଚ୍ଚ ପ୍ରଦେଶରେ ଥିବା ଋଷିକେଶ ଓ ବଦ୍ରିନାଥ ଯାଇ ପୁନର୍ବାର ଋଷିକେଶ ଫେରିବାକୁ ମାତ୍ର ସାତଦିନ ଲାଗିଥିଲା । ସେ ସପ୍ତାହ ମଧ୍ୟରେ କେହି କିନ୍ତୁ ବରଫ ବର୍ଷାର ସମ୍ମୁଖୀନ ହୋଇନଥିଲେ । ଅପର ପକ୍ଷରେ ସୂର୍ଯ୍ୟକିରଣ ଦେଖାଯାଇଥିଲା । ଅତିଥିପରାୟଣ ସୂର୍ଯ୍ୟ ପାଗଟିକୁ ଉପଭୋଗ୍ୟ ଓ ଆରାମଦାୟକ କରିଥିଲେ । ସ୍ଥାନୀୟ ଅଧିବାସୀ ମଧ୍ୟ ଏ ପ୍ରକାର ପାଗଯୋଗକୁ ଲକ୍ଷ୍ୟ କରି ଖୁସି ହୋଇଥିଲେ ।

ସେଠାକାର ସୁଉଚ୍ଚ ନିର୍ଜନ ସ୍ଥାନରେ ତପସ୍ୟାରତ ସାଧୁସନ୍ଥମାନେ ମଧ୍ୟ ଏ କଥା ଲକ୍ଷ୍ୟ କରିଥିଲେ । ସେମାନେ ଅନୁମାନ କରିଥିଲେ ଯେ ନିଶ୍ଚିତ ଭାବେ କୌଣସି ଅତିମାନବୀୟ ଆଧ୍ୟାତ୍ମିକ ଶକ୍ତିସମ୍ପନ୍ନ ବ୍ୟକ୍ତି ଆମ ଅଞ୍ଚଳରେ ପଦାର୍ପଣ କରିଛନ୍ତି ଯାହାଙ୍କ ଉପସ୍ଥିତି ଯୋଗୁଁ ଆମେ ଅସମୟରେ ମଧ୍ୟ ଏତେ ସୁନ୍ଦର ପାଗ ଉପଭୋଗ କରୁଛେଁ ।

ଜଣେ ଭକ୍ତ ଭଗବାନଙ୍କୁ ପଚାରିଲେ, ''ସ୍ୱାମୀ, ଆପଣ ବହୁତ କମ୍ ଖାଉଛନ୍ତି । ଆପଣଙ୍କ ଶରୀର ତ ପଞ୍ଚ ମହାଭୂତଦ୍ୱାରା ଗଠିତ । ତେବେ କ'ଣ ସେଇମାନଙ୍କଠାରୁ ଆପଣଙ୍କ ଦେହ ଶକ୍ତି ଆହରଣ କରୁଛି ?'' ବାବା ଗୋଟିଏ ସାରଗର୍ଭକ ଉତ୍ତର ଦେଇ କହିଲେ, ''ପଞ୍ଚ ମହାଭୂତ ମୋତେ କୌଣସି ଶକ୍ତି ଦିଅନ୍ତି ନାହିଁ ବରଂ ମୁଁ ସେମାନଙ୍କୁ ଶକ୍ତି ଦେଇଥାଏ ।''

ଓଁ ଶ୍ରୀ ସତ୍ୟସାଇ ପରଂ ବ୍ରହ୍ମଣେ ନମଃ

ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ଅଷ୍ଟମ ଅଧ୍ୟାୟ ସମ୍ପୂର୍ଣ୍ଣ

ଚତୁର୍ଥ ଦିବସ - (ଅବଶିଷ୍ଟାଂଶ)

ନବମ ଅଧ୍ୟାୟ

ମୁଁ ଥାଉଁ ଥାଉଁ ଭୟ କାହିଁକି ?

ଭଗବାନ ତୁମଠାରୁ ଦୂରରେ ନାହାନ୍ତି ବା ସେ ତୁମଠାରୁ ଭିନ୍ନ ନୁହନ୍ତି ।

-ବାବା

କସ୍ତୁରୀ ପ୍ରଶାନ୍ତି ନିଳୟମ୍‌ରେ ଘର ନେଇ ବସବାସ ଆରମ୍ଭ କଲାବେଳେ ସେଠାରେ ବହୁତ କମ୍ ଲୋକ ବସବାସ କରୁଥିଲେ । ସେତେବେଳେ ସ୍ୱାମୀ ସେମାନଙ୍କ ବସାଘରକୁ ବୁଲି ଆସୁଥିଲେ । ସେ ଲୋକମାନେ ସ୍ୱାମୀଙ୍କ ଆନନ୍ଦଦାୟକ ସାନ୍ନିଧ୍ୟ ଉପଭୋଗ କରୁଥିଲେ । ଦିନେ ସ୍ୱାମୀ କସ୍ତୁରୀଙ୍କ ଘରକୁ ବୁଲି ଆସିଥିଲେ ଓ ଶ୍ରୀମତୀ କସ୍ତୁରୀଙ୍କୁ ଗୋଟିଏ ଭଜନ ବୋଲିବାକୁ କହିଲେ । ସେ ଗୋଟିଏ ସ୍ୱରଚିତ କନ୍ନଡ଼ ଗୀତ ବୋଲିଲେ ।

ନିନ୍ନୁ ନାମ୍ବି ବନ୍ଦେ
ଏନ୍ନା କାଇ ବିଡାଦିରୁ
ଘନ ମହିମାନେ ସାଇନାଥା ।

(ହେ ପିତା ସାଇ, ତୁମେ ମୋତେ ରକ୍ଷା କରିବ ଏହି ବିଶ୍ୱାସର ସହିତ ମୁଁ ତୁମ ପାଖକୁ ଆସିଛି । ଦୟା କର, ମୋ ହାତରୁ ଖସି ପଳାଅ ନାହିଁ ।)

ଶ୍ରୀମତୀ କସ୍ତୁରୀ ବୋଲି ସାରିଲା ପରେ ସ୍ୱାମୀ ଉତ୍ତରରେ ତାଙ୍କ ସ୍ୱରଚିତ ତାମିଲ ଗୀତଟି ବୋଲିଲେ (ତାମିଲ ଶ୍ରୀମତୀ କସ୍ତୁରୀଙ୍କ ମାତୃଭାଷା)

ବିରୁମ୍ବମ୍ ମୁନ୍ନେ ତରୁ ବାରେ
ସାଇବାବା, ବେନ୍ଦମ୍, ମୁନ୍ନେ ତରୁବାରେ

(ଭୟ କାହିଁକି କରୁଛ, ତୁମେ ମାଗିବା ପୂର୍ବରୁ ସାଇବାବା ବର ପ୍ରଦାନ କରନ୍ତି । ପ୍ରାର୍ଥନା କରିବା ପୂର୍ବରୁ ସେ ସୁରକ୍ଷା ପ୍ରଦାନ କରିବା ପାଇଁ ତୁମ ପାଖକୁ ଧାଆଁନ୍ତି ।)

ଭକ୍ତ ପ୍ରାର୍ଥନାର କି ଚମତ୍କାର ଉତ୍ତର ? ଏ ଉତ୍ତର କେବଳ ଶ୍ରୀମତୀ କସ୍ତୁରୀଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ଏ ସୁବିଶାଳ ପୃଥିବୀରେ ଥିବା ପ୍ରତ୍ୟେକଟି ଦୁଃଖିତ, ପୀଡ଼ିତ ଓ ଦୁର୍ଗତମାନଙ୍କ ଉଦ୍ଦେଶ୍ୟରେ ଏ ବାଣୀ ଝରିଥିଲା । ସଠିକ୍ ଭାବେ କହିବାକୁ ଗଲେ ସମଗ୍ର ବିଶ୍ୱର ପ୍ରତ୍ୟେକଙ୍କ ପାଇଁ ଏହା ଉଦ୍ଦିଷ୍ଟ ।

ଟ୍ରକ ଧକ୍‌କାରୁ ଉଦ୍ଧାର

୧୯୫୫ ମସିହା ଘଟଣା । ପ୍ରଶାନ୍ତି ନିଳୟମ୍‌ରେ ସ୍ୱାମୀଙ୍କ ବାସଭବନ ଚତୁଃପାର୍ଶ୍ୱରେ ଭକ୍ତମାନଙ୍କ ବସାଘରମାନ ନିର୍ମିତ ହେଉଥାଏ । ଏ କାମରେ ସକ୍ରିୟ

ଭାବେ ଯୋଗ ଦେଇଥାଏ ଗୋଟିଏ ଏଗାର ବର୍ଷ ବୟସ୍କ ବାଳକ । ଗୋଟିଏ ଇଟା ବୋଝେଇ ଟ୍ରକ୍ ଆସି ପହଞ୍ଚିଲା ଓ ବାଳକଟି ତାକୁ ଖାଲି କରିବାରେ ସାହାଯ୍ୟ କରୁଥାଏ । ଟ୍ରକ୍‌ଟି ଖାଲି ହୋଇଯିବା ପରେ ସେ ଟ୍ରକ୍ ପଛପାଖେ ଠିଆ ହୋଇ ନିଜ ଦେହରୁ ଧୂଳି ମାଟି ଝାଡ଼ି ସଫା କରୁଥାଏ । ଡ୍ରାଇଭର ଇଞ୍ଜିନ୍‌କୁ ଷ୍ଟାର୍ଟ୍ କରି ଗାଡ଼ିକୁ ପଛକୁ ଚଲାଇଦେବା କଥା ସେ ଲକ୍ଷ୍ୟ କରି ନ ଥିଲା । ଡ୍ରାଇଭର ମଧ୍ୟ ବାଳକଟିକୁ ଦେଖି ନପାରି ଖୁବ୍ ଜୋରରେ ପଛକୁ ଗାଡ଼ି ଚଳାଇଦେଇଥିଲା ।

ବାଳକଟି ଆଶ୍ଚର୍ଯ୍ୟ ହୋଇ ଦେଖୁଥାଏ, ଏଣେ ଏତେବଡ଼ ଗାଡ଼ି ତାକୁ ଖୁବ୍ ଜୋରରେ ଧକ୍କା ଦେଇ ଚାଲିଥାଏ । ଭୟ ଓ କାତର ହୋଇ ସେ ଦେହ ଚେତନା ହରାଇ ଯେଉଁଠାରେ ଠିଆ ହୋଇଥିଲା ସେହିଠାରେ ଅଜ୍ଞାନ ହୋଇ ପଡ଼ିଗଲା ।

ଅପ୍ରତିରୋଧନୀୟ ଘଟଣା ଘଟିଗଲା । ବିଶାଳ ଯାନର ବିରାଟ ଚକ ବାଳକର ଗୋଡ଼ ଉପରେ ଚଢ଼ିଗଲା । ବାଳକଟି ଏ ପରିସ୍ଥିତିରେ ଅଚେତ ହୋଇପଡ଼ିବା ପୂର୍ବରୁ ''ସ୍ୱାମୀ'' ବୋଲି ଗୋଟିଏ କରୁଣ ଚିତ୍କାର ମାତ୍ର କରିଥିଲା । ପାଖରେ ଥିବା ଲୋକମାନେ ତା ପାଖକୁ ଦୌଡ଼ିଲେ, ଟ୍ରକ ଚକା ତଳୁ ତା'କୁ ଘୋଷାରି ଆଣିଲେ, ତା'ର ସେ ଗୁଣ୍ଡ ହୋଇ ଯାଇଥିବା ଗୋଡ଼ରେ ତଉଲିଆ ଗୁଡ଼ାଇଲେ । ଏହା ପରେ କ'ଣ କରିବେ ସେମାନେ କିଛି ସ୍ଥିର କରିପାରିଲେ ନାହିଁ । ସେମାନେ କେବଳ ନିଜ ମୁଣ୍ଡ ଉପରକୁ ଉଠାଇ ସ୍ୱାମୀଙ୍କ ବାସଭବନ ଆଡ଼କୁ ଚାହିଁଥାନ୍ତି । ସ୍ୱାମୀ ତାଙ୍କ ଉପର ଘର ବାରଣ୍ଡାରୁ ସେମାନଙ୍କ ଆଡ଼କୁ ଚାହୁଁଥିବାର ଦେଖିଲେ । ସେମାନେ କିଛି କହିବା ପୂର୍ବରୁ ସ୍ୱାମୀ ତାଙ୍କ ଘର ପାଖରେ ଥିବା ଡାକ୍ତରଖାନାକୁ ବାଳକକୁ ନେଇ ଯିବାକୁ କହିଲେ । ସ୍ୱାମୀଙ୍କ କଥା କାର୍ଯ୍ୟକାରୀ କରାଗଲା ।

ପରେ ପରେ ବାଳକଟିର ଭାଇ ସ୍ୱାମୀଙ୍କ ପାଖକୁ ଧାଇଁଲା । ସେ ବଡ଼ ପାଟିକରି କାନ୍ଦି ଉଠିଲା, ''ସ୍ୱାମୀ, ମୋ ସାନଭାଇ ଗୋଡ଼ଟି ଚାଲିଗଲା ।'' ସ୍ୱାମୀ ତାକୁ ଆଶ୍ୱାସନା ଦେଇ କହିଲେ, ''ବ୍ୟସ୍ତ ହୁଅ ନାହିଁ, ତା' ଗୋଡ଼ କିଛି ହୋଇନାହିଁ । ଶାନ୍ତ ଭାବରେ ଏ କଥା କହୁ କହୁ ସ୍ୱାମୀ ନିଜ ପିନ୍ଧା ଜାମାର ହାତ ଉପରକୁ ଉଠାଇ ତାଙ୍କ ଶୂନ୍ୟ ପାପୁଲି ଦେଖାଇଲେ । ଟ୍ରକ୍ ଚକରେ ଲାଗିଥିବା ଟାୟାରର ଦାଗ ପରିଷ୍କାର ଭାବେ ସ୍ୱାମୀଙ୍କ ପାପୁଲିରେ ଦେଖାଯାଉଥାଏ । ସେ ଅସ୍ଥିର ଯୁବକକୁ ସ୍ୱାମୀ କହିଲେ, ''ସେ ଦୁର୍ଘଟଣା ଘଟିଲାବେଳେ ମୁଁ ନିଜ ହାତକୁ ଟ୍ରକ୍ ଚକ ତଳେ ପୂରାଇ ଦେଇଥିଲି, କାରଣ ପିଲାର କୋମଳ ଗୋଡ଼ କ'ଣ ଟ୍ରକ୍ ଚକାର ଓଜନ ସମ୍ଭାଳି ପାରିଥାଆନ୍ତା ?''

ଡାକ୍ତରମାନେ ଦେଖି ଆଶ୍ଚର୍ଯ୍ୟ ହେଲେ ଯେ ବାଳକର ଗୋଡରେ କୌଣସି ହାଡ଼ ଭାଙ୍ଗି ନାହିଁ । ସମସ୍ତେ ଆଶ୍ୱସ୍ତ ହେଲେ । ସ୍ୱାମୀଙ୍କ ଦିବ୍ୟ ସଙ୍କଳ୍ପ ଓ ଅସୀମ ଦୟା ଫଳରେ ବାଳକଟି ଅତି ଶୀଘ୍ର ଆରୋଗ୍ୟ ଲାଭ କରିଥିଲା ।

୧୯୯୯ ମସିହାରେ ଅନୁରୂପ ଏକ ଘଟଣା ଘଟିଲା । ପ୍ରଶାନ୍ତି ନିଳୟମ୍‌ରେ ବାର୍ଷିକ କ୍ରୀଡ଼ା ଉତ୍ସବ ହିଲ୍‌ଭିଉ ଷ୍ଟାଡ଼ିୟମ୍‌ରେ ହେଉଥାଏ । ସ୍ୱାମୀଙ୍କ ବାରଣ ସତ୍ତ୍ୱେ ଛାତ୍ରମାନେ ଦୁଃସାହସିକ ଖେଳମାନ ଦେଖାଇବାକୁ ଯାଉଥାନ୍ତି । ସେଥର ଜଣେ ଛାତ୍ର ଟ୍ରକ୍ ଉପରେ ଗୋଇଠିକୁ ମୁଣ୍ଡ ଉପରକୁ କରି ଏକ ଦୁଃସାହସିକ ତଥା ବିପଦଜନକ ଖେଳ ଦେଖାଇବାକୁ ବାହାରିଥାଏ । ସେ ଖେଳ ଦେଖାଇବା ପାଇଁ ଦରକାର ଥିବା ଲୁହା ଧାରଣାର ନଟ୍ ବୋଲ୍‌ଟ ଢିଲା ହୋଇଯାଇଥିବା କାହାରି ଆଖିରେ ପଡ଼ି ନଥାଏ । ଛାତ୍ରମାନେ ଯେ ଯାହାର ଖେଳ ସଫଳତାର ସହ ଦେଖାଇ ସାରିଥାନ୍ତି, ଖୁବ୍ ତାଳି ବାଜୁଥାଏ । ପ୍ରତି ଥର ଖେଳ ଓ କ୍ରୀଡ଼ା ପ୍ରଦର୍ଶନ ପରେ ସ୍ୱାମୀ ଛାତ୍ରମାନଙ୍କ ସହ ଫଟ ଉଠାନ୍ତି, କିନ୍ତୁ ସେ ଥର ଫଟ ଉଠାଇବାକୁ ଆସିଲେ ନାହିଁ । ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟକୁ ଫେରି ଆସିଲେ । ସେଠାରେ ନିଜ ବାସଭବନରେ ପହଞ୍ଚି ଇନ୍ଦୁଲାଲ ଶାହ ଓ ଅନ୍ୟ କେତେକଙ୍କୁ ନିଜ ଦେହ ଦେଖାଇଲେ । ପ୍ରଚୁର ରକ୍ତସ୍ରାବ ହେଉଥିଲା । ସମସ୍ତେ ବିବ୍ରତ ତଥା ଶୋକାର୍ତ୍ତ ହୋଇପଡ଼ିଲେ । ସ୍ୱାମୀ ତାଙ୍କ ସ୍ୱାଭାବିକ ଶାନ୍ତ ଭାବ ଓ କରୁଣାପୂର୍ଣ୍ଣ କଣ୍ଠରେ କହିଲେ, ''ପିଲାମାନଙ୍କୁ ବଞ୍ଚାଇବାକୁ ଯାଇ ମୋତେ ଟ୍ରକ୍ ତଳେ ଶୋଇ ଯିବାକୁ ପଡ଼ିଲା, ଏବେ ମୁଁ ଏସବୁକୁ ଧୋଇଦେବି । ପିଲାମାନେ ମୋତେ ତାଙ୍କ ସାଥିରେ ଫଟ ଉଠାଇବାକୁ ଅନୁରୋଧ କରୁଥିଲେ, ଛୁଆଗୁଡ଼ା କିଛି ଜାଣୁନାହାନ୍ତି ।''

ଭଗବାନ ନିଜ ସ୍ୱାମୀଠାରୁ ଅଧିକ ଆପଣାର

ପୁଟ୍ଟପର୍ତ୍ତିର ସତ୍ୟସାଇ କଲେଜର ଜଣେ ଛାତ୍ର, କୁମାର । ତା' ପିତାମାତାଙ୍କୁ ବାବା ତାଙ୍କ ବାସଭବନ ସନ୍ନିକଟ ପୂର୍ବ ପ୍ରଶାନ୍ତିର ତଳ ମହଲାରେ ବାସ ଯୋଗାଇ ଦେଇଥିଲେ । ଦିନେ ସନ୍ଧ୍ୟା ଭଜନରେ କୁମାର ଗୋଟିଏ ଭଜନ ବୋଲିଲା ''ସାଇ ପିତା ଔର ମାତା ସାଇ'' । ସ୍ୱାମୀ ନିଜ ସିଂହାସନରେ ବସି ଭଜନର ତାଳେ ତାଳେ ନିଜ ମଥାକୁ ଝୁଲାଉଥିଲେ । ସ୍ୱାମୀଙ୍କ ଆଖି ଡୋଳାରୁ ଦୟା ଏବଂ କରୁଣା ଉଚ୍ଛୁଳି ପଡୁଥିଲା । ଭଜନର ପ୍ରଥମ ପଂକ୍ତିଟି ବୋଲା ସରିଛି କି ନାହିଁ, ସ୍ୱାମୀ ହଠାତ୍ ଉଠିପଡ଼ି ବାହାରକୁ ଚାଲିଗଲେ । କୁମାର ଭାବିଲା, ମୋ ଭଜନ ବୋଧହୁଏ ସ୍ୱାମୀଙ୍କୁ ଭଲ ଲାଗିଲା ନାହିଁ । ସ୍ୱାମୀ କୁମାରର ବାପା-ମାଆ ରହୁଥିବା ଘରକୁ ପଶିଗଲେ । ଯେଉଁମାନେ ଏହା ଦେଖିଲେ ସେମାନେ ଆଶ୍ଚର୍ଯ୍ୟ ହେଲେ । ଆଜିକାଲି ସ୍ୱାମୀ ତାଙ୍କ ବାସଭବନ ଛାଡ଼ି ଅନ୍ୟ କାହା ଘରକୁ ଯିବା ଦେଖାଯାଏ ନାହିଁ ।

କୁମାରର ପିତାମାତାଙ୍କ ବାସଗୃହରେ ଏଣେ କୁମାର ମାଆ ହୃଦାଘାତରେ ଆକ୍ରାନ୍ତ ହୋଇଥାନ୍ତି ଏବଂ ସେ ଜୀବନ ପାଇଁ ସଂଗ୍ରାମ କରୁଥାନ୍ତି । ବାବା ଘର ଭିତରକୁ

ପଶିଯାଇ ଗୋଟିଏ ଗିଲାସରେ କିଛି ପାଣି ତାଙ୍କୁ ଦେଲେ ଓ ବିଭୂତି ସୃଷ୍ଟି କରି ଦେଲେ । ମହିଳାଙ୍କୁ ପଦେ ଆଶ୍ୱାସନା ଓ ସାହସ ପ୍ରଦାନ କରି ବାବା ଭଜନଗୃହକୁ ଫେରି ଆସି ସିଂହାସନ ମଣ୍ଡନ କଲେ । ଠିକ୍ ସେତିକିବେଳେ କୁମାରର ଭଜନ ସରି ଆସୁଥାଏ । ଭଜନ ସରିଗଲା ପରେ ସ୍ୱାମୀ କୁମାରକୁ କହିଲେ, ''ମୁଁ କାହିଁକି ବାହାରକୁ ଚାଲିଗଲି ଜାଣିଛୁ ? ତୋ ମାଆ ମୃତ୍ୟୁମୁଖରେ ପଡ଼ିଥିଲେ, ତାଙ୍କୁ ବଞ୍ଚାଇବା ପାଇଁ ଯାଇଥିଲି । ତୁ ଏଠାରେ ବୋଲୁଛୁ ''ତୁମେ ହିଁ ପିତା ତୁମେ ହିଁ ମାତା'' । ସେ ପାଖରେ ତୋ ମାଆ କଷ୍ଟ ପାଉଥିଲା ବେଳେ ମୁଁ ଏଠାରେ ତୋ ଭଜନ ଉପଭୋଗ କରିବା ପାଇଁ କିପରି ବସିଥାନ୍ତି ? ତାଙ୍କୁ ବଞ୍ଚାଇବା ପାଇଁ ମୋତେ ତତ୍କ୍ଷଣାତ୍ ସେଠାରେ ପହଞ୍ଚିବାକୁ ପଡ଼ିଲା ।''

କୁମାରର ବାପା ଭଜନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭକ୍ତମାନଙ୍କ ସହିତ ଭଜନଗୃହରେ ଥିଲେ । ତାଙ୍କ ପୁଅ ଭଜନ ବୋଲୁଥିଲା । ଏ ସମୟରେ କେବଳ ଭଗବାନ ମହିଳାଟିକୁ ବଞ୍ଚାନ୍ତେ ସିନା । ଏହା ନିଃସନ୍ଦେହ ଯେ ଭଗବାନ ହିଁ ସମସ୍ତ ବନ୍ଧୁବାନ୍ଧବମାନଙ୍କ ଅପେକ୍ଷା ଅଧିକ ଆପଣାର ଓ ଅନ୍ତରଙ୍ଗ, ନିଜ ବିବାହିତ ସ୍ୱାମୀଙ୍କଠାରୁ ମଧ ଆପଣାର ।

ଭଗବାନ ମାଆଠାରୁ ଆହୁରି ନିକଟତର

ମାନ୍ଦ୍ରାସ (ଆଜିକାଲିର ଚେନ୍ନୈ) ଏସ୍.ଏ.ପି. କଲ୍ୟାଣ ମଣ୍ଡପଠାରେ ସ୍ୱାମୀଙ୍କର ସମ୍ଭାଷଣ ପ୍ରଦାନ କରିବାର କାର୍ଯ୍ୟକ୍ରମ ଥାଏ । ସ୍ୱାମୀଙ୍କ ଦର୍ଶନ ଓ ପ୍ରେରଣାଦାୟକ ସମ୍ଭାଷଣ ଶୁଣିବା ଲାଳସାରେ ସହସ୍ରାଧିକ ଭକ୍ତ ସମବେତ ହୋଇଥାନ୍ତି । ସ୍ୱାମୀଙ୍କ ଦିବ୍ୟ ସୌନ୍ଦର୍ଯ୍ୟ ଦର୍ଶକମାନଙ୍କୁ ନେତ୍ରାନନ୍ଦ ପ୍ରଦାନ କରୁଥାଏ । ଏହାପରେ ସ୍ୱାମୀ ତେଲୁଗୁରେ ସମ୍ଭାଷଣ ପ୍ରଦାନ କରିବା ଆରମ୍ଭ କଲେ । ପ୍ରସିଦ୍ଧ ଚିତ୍ରତାରକା ତଥା ସ୍ୱାମୀଙ୍କ ଭକ୍ତ ଚିତ୍ତୁର ନାଗାୟା ସ୍ୱାମୀଙ୍କ ପାଖରେ ଠିଆହୋଇ ତାଙ୍କ ସମ୍ଭାଷଣକୁ ତାମିଲ୍‌ରେ ଅନୁବାଦ କରୁଥିଲେ । ସମବେତ ଜନତା ସମ୍ମୋହିତ ହୋଇଯାଇଥିଲେ । ଭଗବାନଙ୍କ ସମ୍ଭାଷଣରୁ ଝରୁଥିବା ମଧୁର ମକରନ୍ଦକୁ ସମସ୍ତେ ଭକ୍ତିର ସହିତ ପାନ କରିବାରେ ଲାଗିଥିଲେ । ପ୍ରିୟତମ ଭଗବାନଙ୍କ ସ୍ୱର୍ଗୀୟ ସମ୍ଭାଷଣ ଶୁଣି ସେମାନେ ନିଜକୁ ଭୁଲିଯାଇଥିଲେ । ହଠାତ୍, ଏକ ଶିଶୁ (ଏକ ବର୍ଷର) ତା' ମାଆ କୋଳରେ ଥାଇ ଚିତ୍କାର କରି କାନ୍ଦି ଉଠିଲା । ସମବେତ ଜନତା ବିକ୍ଷୁବ୍ଧ ହୋଇ ଉଠିଲେ । ତାଙ୍କ ଆନନ୍ଦ ଆହରଣ ବାଧାପ୍ରାପ୍ତ ହୋଇଗଲା । ଏହି ପିଲାର ଚିତ୍କାର ଆସୁଥିବା ଦିଗକୁ ସମସ୍ତେ ଚାହିଁଲେ । କାନ୍ଦର କାରଣ ଜାଣିବାକୁ ଇଚ୍ଛା କଲେ, ଇତ୍ୟବସରରେ କେତେ ମିନିଟ୍ ବିତିଗଲା । ସମସ୍ତେ ମୁହଁ ଫେରାଇ ମଞ୍ଚ ଆଡ଼କୁ ଚାହିଁଲେ । ଦେଖିଲେ ସ୍ୱାମୀ ଅତି ଭଦ୍ରାମିର ସହ ହସୁଛନ୍ତି । ସେ ନିଜ ହାତ ପାପୁଲିକୁ ଅଭୟ ମୁଦ୍ରାରେ କାନ୍ଦୁଥିବା ଶିଶୁ ଆଡ଼କୁ ବଢ଼ାଇଥିଲେ ଏବଂ ହଠାତ୍ ହାତକୁ ଜୋର୍‌ରେ ମୁଠା କରିଦେଲେ । ସେହି ମୁହୂର୍ତ୍ତରେ ଶିଶୁଟି ନୀରବ ହୋଇଗଲା । ଶିଶୁଟି କାହିଁକି ଏତେ ଉଚ୍ଚଶବ୍ଦରେ କାନ୍ଦିଲା ଓ କାହିଁକି ହଠାତ୍ ନୀରବ ହୋଇଗଲା, କେହି ଜାଣିପାରିଲେ

ନାହିଁ । ଏଥର ସ୍ୱାମୀ ତାଙ୍କ ବନ୍ଦ ଥିବା ହାତମୁଠାକୁ ନାଗାୟା ଆଡ଼କୁ ବଢ଼ାଇ ଖୋଲିଦେଇ କହିଲେ, ''ଗୋଟିଏ ପଚିଶି ପଇସା ମୁଦ୍ରା ପିଲାଟିର ତଣ୍ଟିରେ ଲାଗିଯାଇଥିଲା, ମୁଁ ସଙ୍ଗେ ସଙ୍ଗେ ସେଇଟିକୁ ସେଠାରୁ କାଢ଼ି ଆଣିଚି ।'' ଶ୍ରୀ ନାଗାୟା ଆବେଗ ଆବେଶରେ ଅଧୀର ହୋଇ ଉଠିଲେ ଏବଂ ଆନନ୍ଦ ତଥା ଆଶ୍ଚର୍ଯ୍ୟ ହୋଇ ଡାକବାଜି ଯନ୍ତ୍ରରେ ସେ କଥା ସମସ୍ତଙ୍କ ଉଦ୍ଦେଶ୍ୟରେ ଘୋଷଣା କରି ଶୁଣାଇଲେ । ସମବେତ ଜନତା ଅଭିଭୂତ ହୋଇ ଆନନ୍ଦରେ ତାଳି ମାରି ଲାଗିଲେ । ଶିଶୁଟି ନିଜ ମାଆ କୋଳରେ ଥିଲେ ମଧ୍ୟ ମାଆ ଜାଣି ପାରିଲା ନାହିଁ ପିଲାର କ'ଣ ହୋଇଛି । ନିଜ ମାଆଠାରୁ ଭଗବାନ ଯେ ଅଧିକ ଆପଣାର, ଅତ୍ୟଧିକ ନିକଟତର, ଏଥିରେ ଭାବିବାର କ'ଣ ଅଛି ?

ଆତ୍ମହତ୍ୟାରୁ ଉଦ୍ଧାର

ଜଣେ ଯୁବକ କୋଲକାତାର ଗୋଟିଏ କମ୍ପାନୀରେ ହିସାବରକ୍ଷକ ଭାବେ କାମ କରୁଥିଲା । ତା'ର ମାଆ ସ୍ୱାମୀଙ୍କ ଭକ୍ତ, କିନ୍ତୁ ପୁଅ ମାଆଠାରୁ କିଛି ଶିକ୍ଷା କରେ ନାହିଁ । ଘଟଣାଚକ୍ରରେ ଯୁବକଟି ଥରେ କମ୍ପାନୀର ଧନ ଆତ୍ମସାତ୍ କରିବା ଅଭିଯୋଗରେ ଧରା ପଡ଼ିଲା । ଏ ବଦ୍‌ନାମ ଅସହ୍ୟ ହେବାରୁ ସେ ଆତ୍ମହତ୍ୟା ଭଳି ଆଉ ଏକ ଅପରାଧ କରିବାକୁ ନିଷ୍ପତ୍ତି କଲା । ତା'ର ମାଆ ଏଣେ ସ୍ୱାମୀଙ୍କୁ ପତ୍ର ଲେଖି ଅନୁରୋଧ କରୁଥାଏ ଯେ ତାଙ୍କ ହତଭାଗ୍ୟ ପୁତ୍ର ପୁଟ୍ଟପର୍ତ୍ତି ଆସି ସ୍ୱାମୀଙ୍କ ଆଶ୍ରିତ ହେଉ । କିନ୍ତୁ ଡାକ ଠିକଣା ଜଣା ନଥିବାରୁ ମା'ଟି ଚିଠି ଲେଖି ତାଙ୍କ ନିଜ ଘରେ ପୂଜା ହେଉଥିବା ବାବାଙ୍କ ଫଟ ପଛ ପାଖେ ରଖିଦେଇଥାନ୍ତି ।

କୋଲକାତାରେ ଯୁବକଟି ଗଙ୍ଗା ନଦୀ ପୋଲ ଉପରକୁ ଯାଇ ନଦୀକୁ ଡେଇଁ ସହଜ ମରଣ ବରଣ କରିବ ବୋଲି ଭାବୁଥାଏ । ସେ ଠିକ୍ ନଦୀ ଭିତରକୁ ଡେଇଁବାକୁ ଉଦ୍ୟତ ହୋଇଛି ତାକୁ ଗୋଟିଏ କଣ୍ଠସ୍ୱର ଶୁଣାଗଲା – 'ପୁଟ୍ଟପର୍ତ୍ତିକୁ ଆ', 'ପୁଟ୍ଟପର୍ତ୍ତିକୁ ଆ' । ସେ କିଛି ବୁଝି ପାରିଲା ନାହିଁ । ତା କାନରେ କେବଳ ପୁଟ୍ଟପର୍ତ୍ତି ପୁଟ୍ଟପର୍ତ୍ତି ଶବ୍ଦ ଝଙ୍କୃତ ହେଲା । ଏଥର ସେ ଆତ୍ମହତ୍ୟା କରିବା ନିଷ୍ପତ୍ତି ବଦଳାଇ ରେଳଷ୍ଟେସନକୁ ଦୌଡ଼ିଲା । ବାଙ୍ଗାଲୋର ପର୍ଯ୍ୟନ୍ତ ଟିକଟ କିଣି ରେଳଗାଡ଼ିରେ ବସିଗଲା । ଗାଡ଼ି ଚାଲିଲା ବେଳେ ରେଳଗାଡ଼ିରୁ ସୃଷ୍ଟି ହେଉଥିବା ଶବ୍ଦ ମଧ୍ୟ ତାକୁ ପୁଟ୍ଟପର୍ତ୍ତି ପୁଟ୍ଟପର୍ତ୍ତି ଶୁଣାଗଲା । ଗାଡ଼ିର ଗତି ବଢ଼ିଲା ବେଳେ ତାକୁ ଶୁଣାଯାଇଥିବା ପୁଟ୍ଟପର୍ତ୍ତି ଶବ୍ଦର ଗତି ମଧ୍ୟ ଦ୍ରୁତତର ହେଉଥାଏ, ଗାଡ଼ିର ଗତି କମିବାବେଳେ ଏ ଶବ୍ଦର ଗତି ମଧ୍ୟ ଗାଡ଼ି ଗତିର ତାଳେ ତାଳେ କମ୍ ହେଉଥାଏ ।

ବାଙ୍ଗାଲୋରରେ ପହଞ୍ଚି ସେ ପେନୁକୋଣ୍ଡା ପର୍ଯ୍ୟନ୍ତ ଆଉ ଏକ ଟିକେଟ୍ କିଣିବାକୁ ଟିକେଟ୍ ଘର ଆଡ଼କୁ ଗଲା । ଟିକେଟ୍ ବିକ୍ରେତା ଜାଣିଥିଲା ଯେ ପେନୁକୋଣ୍ଡା ପାଇଁ

ଟିକେଟ୍ ମାଗୁଥିବା ଲୋକ ସ୍ୱାମୀଙ୍କ ଦର୍ଶନ ପାଇଁ ହିଁ ଯାଉଥିବ । ସେ ଏହି ଯୁବକକୁ ପଚାରିଲା, 'ତୁମେ ସ୍ୱାମୀଙ୍କ ଦର୍ଶନକୁ ଯାଉଛ କି ?' ଯୁବକ ହଁ କହିବାରୁ ସେ ଜଣାଇଦେଲା ଯେ ସ୍ୱାମୀ ବର୍ତ୍ତମାନ ବାଙ୍ଗାଲୋର ପାଖ ହ୍ୱାଇଟ୍ ଫିଲ୍ଡ୍‌ରେ ଅବସ୍ଥାନ କରୁଛନ୍ତି । ଯୁବକଟି କିଛି ସମୟ ଅଟକିଗଲା, କିନ୍ତୁ ତା' କାନରେ ତ ପୁଟ୍ଟପର୍ତ୍ତି ଶବ୍ଦ ବାଜୁଥାଏ । ତେଣୁ ସେ ପୁଟ୍ଟପର୍ତ୍ତି ଯିବା ପାଇଁ ପେନୁକୋଣ୍ଡା ପର୍ଯ୍ୟନ୍ତ ଟିକେଟ୍ ଖଣ୍ଡେ ମାଗିଲା । ସେ ସମୟରେ ପୁଟ୍ଟପର୍ତ୍ତି ଯିବାକୁ ହେଲେ ପେନୁକୋଣ୍ଡା ଷ୍ଟେସନ୍‌ଠାରୁ କିଛି ମାଇଲ୍ ବାଟ ପାଦରେ ଚାଲି ଯିବାକୁ ପଡୁଥିଲା । ଯୁବକଟି ଚାଲିବା ଆରମ୍ଭ କଲା ବେଳେ ମଧ୍ୟ ପୁଟ୍ଟପର୍ତ୍ତି ପୁଟ୍ଟପର୍ତ୍ତି ଶବ୍ଦ ତା' କାନରୁ ଲିଭି ନଥିଲା ।

ରାତି ୮ ଘଣ୍ଟା ବେଳକୁ ସେ ପୁଟ୍ଟପର୍ତ୍ତିରେ ପହଞ୍ଚିଲା ଏବଂ ଜାଣିବାକୁ ପାଇଲା ଯେ ମାତ୍ର ଘଣ୍ଟାକ ପୂର୍ବରୁ ଅର୍ଥାତ୍ ସନ୍ଧ୍ୟା ୭ଟା ବେଳେ ବାବା ପୁଟ୍ଟପର୍ତ୍ତି ଫେରିଛନ୍ତି । ସେ ସମୟରେ ଗ୍ରୀଷ୍ମ ଶିକ୍ଷା ଶିବିର ହ୍ୱାଇଟ୍ ଫିଲ୍ଡ୍‌ରେ ଆରମ୍ଭ ହୋଇଥାଏ । ଏହା ସତ୍ତ୍ୱେ ବାବା କାହିଁକି ପୁଟ୍ଟପର୍ତ୍ତି ଫେରିଲେ ତାହା କେହି ଜାଣି ପାରିଲେ ନାହିଁ । କେତେକ ଭକ୍ତ ସେ ପ୍ରଶ୍ନ ପଚାରିବାରୁ ସ୍ୱାମୀ କହିଲେ, ଗ୍ରୀଷ୍ମ ଶିକ୍ଷା ଶିବିରକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଆବଶ୍ୟକ ଚାଉଳ ସଂଗ୍ରହ କରି ବୃନ୍ଦାବନ ନେବାକୁ ସେ ଆସିଛନ୍ତି ।

ପରଦିନ ସକାଳେ ସର୍ବସାଧାରଣଙ୍କୁ ଦର୍ଶନ ଦେବା ବେଳେ ସ୍ୱାମୀ ସେ ଯୁବକଟି ପାଖକୁ ଆସି କହିଲେ, 'ହେ କଲକତା, ଭିତରକୁ ଆ ।' ସାକ୍ଷାତକାର କକ୍ଷ ଭିତରେ ସ୍ୱାମୀ ତାକୁ କହିଲେ, କଲକତା ଅଫିସରରେ ଯାହା ଘଟିଛି ସେଥିପାଇଁ ବ୍ୟସ୍ତ ହେବୁ ନାହିଁ । ତାକୁ ପୁନର୍ବାର ସାହସ ଓ ଉତ୍ସାହ ଦେଇ ଜୀବନାବସାନ କରିବାକୁ ମନାକଲେ ଏବଂ କଲକତା ଫେରିବା ପୂର୍ବରୁ ନଅଦିନ ପୁଟ୍ଟପର୍ତ୍ତିରେ ରହିବାକୁ ନିର୍ଦ୍ଦେଶ ଦେଲେ । ସମୟାନୁଯାୟୀ ଯୁବକଟି ତା' କର୍ମକ୍ଷେତ୍ରକୁ ଫେରିଲା । ଚିଠି ପକାଇବାକୁ ଅସମର୍ଥ, ଗୋଟିଏ ମାଆର ପ୍ରାର୍ଥନା ବଳରେ ପୁତ୍ରର ପ୍ରାଣ ରକ୍ଷା କରିଥିଲେ ବାବା ।

ଅସୀମ କରୁଣା

ବାବା ଥରେ କାର୍‌ରେ ବାଙ୍ଗାଲୋରରୁ ପୁଟ୍ଟପର୍ତ୍ତି ଫେରୁଥିଲେ । ତାଙ୍କ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଗାଡ଼ି ଚଳାଉଥିଲା । ପଛ ଗାଡ଼ିମାନଙ୍କରେ ଅନ୍ୟ ଭକ୍ତମାନେ ସ୍ୱାମୀଙ୍କ ଗାଡ଼ିକୁ ଅନୁସରଣ କରୁଥିଲେ । ପାହାଡ଼ ଅଞ୍ଚଳର ପଥୁରିଆ ରାସ୍ତା ନୀରବ ଓ ଜନଶୂନ୍ୟ ଥିଲା । ଗୋଟିଏ ଲମ୍ବା ଗୋଖର ସାପ ରାସ୍ତା ପାର ହେଉଥିଲା । ସ୍ୱାମୀଙ୍କ ଗାଡ଼ିର

ଡ୍ରାଇଭର ଛାତ୍ରଟି ଦୂରରୁ ତାକୁ ଦେଖିଥିଲା । କିନ୍ତୁ ସେ ସ୍ଥିର କରିପାରିଲା ନାହିଁ, ଗାଡ଼ି ଅଟକାଇବ ନା ଚାଲିଯିବ । ସେ ପଛରେ ବସିଥିବା ସ୍ୱାମୀଙ୍କୁ ଚାହିଁଲା, ସ୍ୱାମୀ ଯୋଗମୁଦ୍ରାରେ ଥିଲେ । ସେ ଭାବିଲା ସ୍ୱାମୀ ବୋଧହୁଏ ଶୋଇପଡ଼ିଛନ୍ତି । ଯଦି ସେ ଗାଡ଼ିକୁ ହଠାତ୍ ବ୍ରେକ୍ ଦେଇ ଅଟକାଇ ଦେବ ସ୍ୱାମୀଙ୍କ ନିଦ ଭାଙ୍ଗି ଯାଇପାରେ । ତେଣୁ ସେ ଗାଡ଼ି ନ ଅଟକାଇ ସାପ ଉପରେ ଚଢ଼ାଇ ଚାଲିଗଲା ।

ପୁଟ୍ଟପର୍ତ୍ତିରେ ପହଞ୍ଚି ଛାତ୍ରଟି ଗାଡ଼ିରୁ ଓହ୍ଲାଇପଡ଼ି ସ୍ୱାମୀଙ୍କ ପାଖ କବାଟ ଖୋଲିଦେଲା । ସ୍ୱାମୀ ଗାଡ଼ିରୁ ଓହ୍ଲାଇ ନିଜ ବାସଭବନ ବାରଣ୍ଡାକୁ ଚାଲିଗଲେ । ଛାତ୍ର ଡ୍ରାଇଭର ଦେଖିଲା ସ୍ୱାମୀଙ୍କ ପୋଷାକର ପିଠି ଉପରେ ବେଶ ଓସାରିଆ ମାଟି ଦାଗ ଲାଗିଛି । ସେ କହିଲା, ‘‘ସ୍ୱାମୀ ଆପଣଙ୍କ ପୋଷାକ ମାଟି ହେଲା କିଭଳି ?’’ ସ୍ୱାମୀ ଉତ୍ତର ଦେଇ କହିଲେ, ‘‘ଅଳ୍ପ ସମୟ ପୂର୍ବରୁ ସେ ସାପଟିକୁ ବଞ୍ଚାଇବାକୁ ଯାଇ ମୋତେ କାର ଚକର ଟାୟାର ତଳକୁ ଯିବାକୁ ପଡ଼ିଥିଲା ।’’

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ନବମ ଅଧ୍ୟାୟ ସମ୍ପୂର୍ଣ୍ଣ

ଚତୁର୍ଥ ଦିବସ (ଅବଶିଷ୍ଟାଂଶ)

ଦଶମ ଅଧ୍ୟାୟ

କାଳର ଅଧିପତି

ଓଁ କାଳସ୍ୱରୂପାୟ ନମଃ

ଅତୀତ ବିତି ଯାଇଛି, ଫେରି ଆସିପାରିବ ନାହିଁ
ଭବିଷ୍ୟତ ବାବଦରେ କୌଣସି ନିଶ୍ଚିତତା ନାହିଁ ।
ତୁମକୁ ଦିଆଯାଇଥିବା ସମୟଟି ହେଉଛି "ବର୍ତ୍ତମାନ"
ଏହି "ବର୍ତ୍ତମାନ" ସର୍ବଦା ବିଦ୍ୟମାନ ।

-ବାବା

ବହୁ ବର୍ଷ ପୂର୍ବେ ପ୍ରଶାନ୍ତି ନିଳୟମ୍‌ରେ ଶାକାମ୍ମା ନାମ୍ନୀ ଜଣେ ମହିଳା ବାସ କରୁଥିଲେ । ସେ ଥରେ ସ୍ୱାମୀଙ୍କୁ ପ୍ରଶ୍ନ କରିଥିଲେ, "ବାବା, ମହାଭାରତ ଯୁଦ୍ଧ ବେଳେ କୌରବ ସେନାମାନେ ଯୁଦ୍ଧ କରିବାକୁ ସଜ୍ଜିତ ହୋଇ ରହିଥିବା ବେଳେ ଭଗବାନ ଶ୍ରୀକୃଷ୍ଣ ୭୦୦ ଶ୍ଳୋକ ବିଶିଷ୍ଟ ଗୀତା ଅର୍ଜ୍ଜୁନଙ୍କୁ ବୁଝାଇବାକୁ ସମୟ ପାଇଲେ କିପରି ? ଶ୍ରୀକୃଷ୍ଣ କହିବାକୁ କେତେ ସମୟ ନେଇଥିବେ ଓ ଅର୍ଜ୍ଜୁନ ଶୁଣିବାରେ ଲାଗିଥିବେ, ଶତ୍ରୁପକ୍ଷ ଏତେ ସମୟ ଅପେକ୍ଷା କରିଥିବେ, ମୁଁ କିଛି ବୁଝିପାରୁନାହିଁ ।" ସ୍ୱାମୀ ସେତେବେଳେ ସେଠାରେ ତାଙ୍କୁ ଉତ୍ତର ଦେଲେ ନାହିଁ ।

ସେହିଦିନ ସନ୍ଧ୍ୟାରେ, ଅନ୍ୟ ଭକ୍ତମାନଙ୍କ ସହ ସ୍ୱାମୀ ଚିତ୍ରାବତୀ ନଦୀ ବାଲିକୁ ଚାଲିଲେ । ଭକ୍ତମାନେ ସ୍ୱାମୀଙ୍କୁ ଘେରି ବସିଲେ । ସେମାନଙ୍କ ମଧ୍ୟରେ ଶାକାମ୍ମା ମଧ୍ୟ ଥିଲେ । ସ୍ୱାମୀ ବାଲି ଭିତରେ ନିଜ ହାତ ପୂରାଇ ଏକ ଫୁଟ ଲମ୍ବର ହାତୀଦାନ୍ତରେ ନିର୍ମିତ ଗୋଟିଏ ମୂର୍ତ୍ତି ବାହାର କରି ଆଣିଲେ । ତାହା ଥିଲା ନନ୍ଦିଘୋଷ ରଥ ଉପରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୀତୋପଦେଶ ଦେଉଥିବାର ମୂର୍ତ୍ତି । ମୂର୍ତ୍ତିଟି ଅତି କମନୀୟ ଥିଲା , ଦକ୍ଷତା ସହ ଖୋଦେଇ ହୋଇଥିଲା, କାରିଗରୀ ମଧ୍ୟ ଉଚ୍ଚ କୋଟିର ଥିଲା । ବିଶେଷକରି ଶାକାମ୍ମା ସେ ଆଡ଼କୁ ପାଟି ଆଁ କରି ଚାହିଁ ରହିଥିଲେ । ସ୍ୱାମୀ କହିଲେ, "ଏହି ହାତୀଦାନ୍ତ ନିର୍ମିତ ମୂର୍ତ୍ତିକୁ ସାଧାରଣ କାରିଗର କେତେ ଦିନ ସମୟ ନେଇଥାନ୍ତା ? ଏଥିରେ କେତେ ଲୋକଙ୍କ ସହଯୋଗ ଦରକାର ପଡ଼ିଥାନ୍ତା ? ଏହାର ପ୍ରାଥମିକ ରୂପକଳ୍ପନା ଓ ପରିଯୋଜନା ପାଇଁ କେତେ କଳାକାର ଦରକାର ହୋଇଥାନ୍ତେ କିନ୍ତୁ ଦେଖିଲ ତ ସ୍ୱାମୀଙ୍କ ସଙ୍କଳ୍ପ ମାତ୍ରେ ଆଖି ପିଛୁଳାକେ କି ଚମତ୍କାର ମୂର୍ତ୍ତି ସୃଷ୍ଟି ହୋଇଗଲା ! ଭଗବାନ ଇଚ୍ଛା

କଲେ ସେ କାଳ ବା ସମୟକୁ ଜିତିଯାଇପାରନ୍ତି । କାଳକୁ ନିୟନ୍ତ୍ରଣ କରିପାରନ୍ତି । ମଣିଷକୁ ଯାହା ମାସ ମାସ ଲାଗିଥାନ୍ତା ତାହାକୁ ମୁଁ ମୁହୂର୍ତ୍ତକ ମଧ୍ୟରେ କରିଦେଇପାରିଛି । ଠିକ୍ ସେହିଭଳି ଇଚ୍ଛା କଲେ ସମୟକୁ ମଧ୍ୟ ଲମ୍ବାଇଦେଇ ପାରେ । ମୁଁ ଯେଉଁଦିନ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କୁ ଗୀତାଜ୍ଞାନ ଦେଇଥିଲି ସେଦିନ ଆବଶ୍ୟକ ଥିବା ସମୟ ମୁଁ ତା' ମନରେ ସୃଷ୍ଟି କରିଦେଇଥିଲି । ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ଥିବା ଅନ୍ୟ ସମସ୍ତଙ୍କ ପାଇଁ ଏସବୁ ଅଳ୍ପ ସମୟର କଥା ଥିଲା ।''

ସମୟ ଶ୍ରୀ ସତ୍ୟସାଇଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ । ସେ ନିଜ ଇଚ୍ଛାନୁସାରେ ଏହାକୁ ଲମ୍ବାଇଦେଇପାରନ୍ତି, କମାଇଦେଇପାରନ୍ତି ମଧ୍ୟ ।

ସେ ସମୟକୁ ସଂକ୍ଷିପ୍ତ କରିଦିଅନ୍ତି

ନିମ୍ନଲିଖିତ ଘଟଣାରୁ ଜାଣିହେବ କିପରି ବର୍ଷ ବର୍ଷର ଦୀର୍ଘ ସମୟକୁ ମାତ୍ର ଘଣ୍ଟାକ ମଧ୍ୟରେ ସୀମିତ କରାଯାଇପାରିଥିଲା । ଶ୍ରୀଲଙ୍କାର କଲମ୍ବୋରେ ଜଣେ ଖ୍ରୀଷ୍ଟିଆନ୍ ଛାତ୍ର ଥିଲା । ସେ ଉଚ୍ଚଶିକ୍ଷା ଲାଭ କରିବା ଆଶାରେ ଭାରତକୁ ଆସି ମାଡ୍ରାସ୍‌ର ମାଡ୍ରାସ ଖ୍ରୀଷ୍ଟିଆନ୍ କଲେଜର ନାମ ଲେଖାଇଲା । ଦିନେ ସେ ରାମକୃଷ୍ଣ ମିଶନକୁ ଯାଇଥିଲା ଓ ରାମକୃଷ୍ଣ ପୂଜା କରୁଥିବା ମା' କାଳୀଙ୍କ ମୂର୍ତ୍ତି ପ୍ରତି ବହୁତ ଆକୃଷ୍ଟ ହେଲା । କ୍ରମେ କ୍ରମେ ସେ ମା' କାଳୀଙ୍କ ଭକ୍ତ ପାଲଟି ଗଲା, ଦୀକ୍ଷା ଗ୍ରହଣ କଲା, ଦେବୀ ମନ୍ତ୍ର ଉପରେ ଦୀର୍ଘ ସମୟ ଧରି ଗଭୀର ଧ୍ୟାନ କଲା । ଶେଷକୁ ସେ ଏଭଳି ସ୍ତରରେ ପହଞ୍ଚିଲା ଯେ ଘଣ୍ଟା ଘଣ୍ଟା ଧରି ସମାଧି ଅବସ୍ଥାରେ ରହିପାରିଲା । ପରିଶେଷରେ ସେ ହିନ୍ଦୁ ଧର୍ମ ଗ୍ରହଣ କରି ସନ୍ନ୍ୟାସ ବ୍ରତ ଅବଲମ୍ବନ କଲା ।

ଏହାର କିଛିଦିନ ପରେ ସେ ତା' ମାଆଙ୍କୁ ଦେଖିବାକୁ ଚାହିଁ କଲମ୍ବୋ ଯାଇ ପହଞ୍ଚିଲା । ମାଆ ପ୍ରିୟ ପୁଅକୁ ଏଭଳି ଏକ ସନ୍ନ୍ୟାସୀ ବେଶରେ ଦେଖି ବଡ଼ ଦୁଃଖ କଲେ । ସେ ଭାବିଲେ, ପୁଅ ବୋଧହୁଏ ବିବାହ କରିବ ନାହିଁ । ହଉ, ଯାହା ହେବା କଥା ହେଉ, କିନ୍ତୁ ତାଙ୍କ ମନରେ ଗୋଟିଏ ଇଚ୍ଛା ବଳବତୀ ହେଲା । ସେ ଭାବିଲେ ପୁଅ ଅନ୍ତତଃ ପକ୍ଷେ ହିନ୍ଦୁ ସନ୍ନ୍ୟାସୀ ବେଶ ଛାଡ଼ି ଖ୍ରୀଷ୍ଟିଆନ୍ ଫାଦର ବେଶ ହେଲେ ଭଲ ହୁଅନ୍ତା । ପୁଅ କିନ୍ତୁ ଏଥିରେ ରାଜି ନ ଥିଲା । ସେ ତା' ମାଆ ତଥା ଘରଦ୍ୱାର ଓ ସମ୍ପତ୍ତି ସବୁ ତ୍ୟାଗ କରି ଦେଇ ଭାରତକୁ ଫେରି ଆସିଲା । ଅବସ୍ଥାଚକ୍ରରେ ସେ ଦିନେ ପୁଟ୍ଟପର୍ତ୍ତିର ଆସି ପହଞ୍ଚିଥିଲା । ସ୍ୱାମୀ ତାକୁ ସାକ୍ଷାତ୍‌କାର ପ୍ରଦାନ କରିବାକୁ ଡାକିଲେ । ସାକ୍ଷାତ୍‌କାର କକ୍ଷରେ ଏକ ଘଣ୍ଟା ବିତିଗଲା, ହଠାତ୍ କକ୍ଷ ଭିତରୁ ଉଚ୍ଚସ୍ୱର ଚିତ୍କାର ଶୁଣାଗଲା, ''ଓ ମାଆ'' । ସେ ଶବ୍ଦ ଏତେ ଜୋର୍‌ରେ ଥିଲା ଯେ ବାରଣ୍ଡାରେ ଥିବା ଅନ୍ୟ ସମସ୍ତେ ମଧ୍ୟ ତାହା ଶୁଣିପାରିଲେ ।

କିଛି ସମୟ ପରେ ସ୍ୱାମୀ ଘରର ଦ୍ୱାର ଖୋଲିଲେ ଏବଂ ଶକ୍ତି ଉପାସକଜଣକ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ବିଭୂତିରେ ଗାଧୋଇ ବାହାରକୁ ବାହାରିଲା । ସାକ୍ଷାତକାର କକ୍ଷ ଭିତରେ ତା'ଠାରେ କି ଜ୍ଞାନ ପ୍ରକାଶିତ ହୋଇଥିଲା ? ସାକ୍ଷାତ୍‌କାର କକ୍ଷ ଭିତରେ ସ୍ୱାମୀ ତା' ପାଇଁ ଏକ ଜଙ୍ଗଲ ସୃଷ୍ଟି କଲେ ଏବଂ ତା' ଭିତରେ ଚାଲିବା ପାଇଁ ନିର୍ଦ୍ଦେଶ ଦେଲେ । ସନ୍ନ୍ୟାସୀ ଦିନ ଦିନ ଧରି ଚାଲୁଥାଏ । ଅବିରାମ ଗତିରେ କୌଣସିଠାରେ ବିଶ୍ରାମ ନ ନେଇ ବିରାଟ ବିରାଟ ବୃକ୍ଷ ମଧ୍ୟ ଦେଇ ସେ ଚାଲିଥାଏ, ଦିନ ପରେ ରାତି, ରାତି ପରେ ଦିନ, ମାସ ମାସ ଓ ବର୍ଷ ବର୍ଷ ସେ ଚାଲୁଥାଏ । ଦଶନ୍ଧି ଦଶନ୍ଧି ଧରି ସେ ମାଇଲ୍ ମାଇଲ୍ ବାଟ ଚାଲିଛି । ହଠାତ୍ ସ୍ୱାମୀ ଆଦେଶ ଦେଲେ, ''ରହ, ପଛକୁ ଚାହଁ ।'' ସନ୍ନ୍ୟାସୀ ରହିଗଲେ ଓ ପଛକୁ ଚାହିଁ ସ୍ଥାଣୁ ପାଲଟି ଗଲେ, ସେ ଦେଖିପାରିଲେ ଯେଉଁ କାଳୀମାତାଙ୍କୁ ସେ ଛାତ୍ରାବସ୍ଥାରୁ ଭଲପାଇ ପୂଜା କରି ଆସୁଥିଲେ ସେ ସମସ୍ତ ଐଶ୍ୱର୍ଯ୍ୟମଣ୍ଡିତ ହୋଇ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ।

ବହୁବର୍ଷ ତଳୁ ସନ୍ନ୍ୟାସୀ ଭାବୁଥିଲେ ସେ ଘରଦ୍ୱାର ଛାଡ଼ି ଜଙ୍ଗଲକୁ ଚାଲିଯିବେ ଏବଂ ଧ୍ୟାନରେ ସମୟ କଟାଇବେ । ତାଙ୍କର ସେ ବଳବତୀ ଇଚ୍ଛାକୁ ସ୍ୱାମୀ ଘଣ୍ଟାକ ମଧ୍ୟରେ ପୂରଣ କରିଦେଲେ । ସେ ତପସ୍ୟା କରିବାକୁ ବହୁତ ଇଚ୍ଛା କରିଥିଲେ । ତାହାକୁ ସ୍ୱାମୀ ଘଣ୍ଟାକରୁ କମ୍ ସମୟ ଭିତରେ ସୀମିତ କରିଦେଲେ । ଏହା ସଙ୍ଗେ ସଙ୍ଗେ ଭଗବାନ ସନ୍ନ୍ୟାସୀଙ୍କୁ ତାଙ୍କ ଆରାଧ୍ୟା ଦେବୀ କାଳୀଙ୍କ ଦର୍ଶନ କରାଇ ଦେଲେ । ସନ୍ନ୍ୟାସୀଙ୍କ ଦୀର୍ଘ ଦିନର ମନୋବାଞ୍ଛା ପୂରଣ ହୋଇଯିବାରୁ ତାଙ୍କ ଅନ୍ତରରୁ ''ଓ ମାଆ' ଶବ୍ଦ ନିର୍ଗତ ହୋଇଯାଇଥିଲା । ତାଙ୍କର ଭକ୍ତିବିହ୍ୱଳିତ 'ଓ ମା' ଶବ୍ଦ ଶୁଣି ସ୍ୱାମୀ ମଧୁର କଣ୍ଠରେ କହିଲେ, ''ହେ ପ୍ରିୟ ସନ୍ନ୍ୟାସୀ, କଳିଯୁଗରେ ଗଭୀର ତପସ୍ୟାର ଆବଶ୍ୟକତା ନାହିଁ । ଯଦି ତାଙ୍କ ନାମସ୍ମରଣ କରିପାରିଲ ଓ ସଦାସର୍ବଦା ମାନସିକ ସ୍ତରରେ ତାହାଙ୍କୁ ଭଜି ପାରିଲ ସେତିକି ଯଥେଷ୍ଟ । କେବଳ ନାମସ୍ମରଣ ମାଧ୍ୟମରେ ତୁମେ ପରିପୂର୍ଣ୍ଣତା ଲାଭ କରିପାରିବ ।'' ଏହା କହି ସ୍ୱାମୀ ବିଭୂତି ସୃଷ୍ଟି କରି ଆନନ୍ଦ ଉତ୍‌ଫୁଲ୍ଲିତ ସନ୍ନ୍ୟାସୀଙ୍କୁ ଅବଗାହନ କରାଇ ଦେଇଥିଲେ ।

ସେ ସମୟର ଦୈର୍ଘ୍ୟ ବଢ଼ାଇପାରନ୍ତି

ଏ ଘଟଣାଟିରେ ଭଗବାନ ବାବା ତିରିଶ ଦିନର ଆୟୁଷକୁ ତିରିଶ ବର୍ଷ ପର୍ଯ୍ୟନ୍ତ ବଢ଼ାଇଦେଇଥିଲେ । ସେତେବେଳେ ଲାଲ ବାହାଦୁର ଶାସ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ଥିଲେ । ଶ୍ରୀ ତ୍ୟାଗରାଜ ଥିଲେ ତାଙ୍କ ବ୍ୟକ୍ତିଗତ ସହାୟକ । ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛି ଅସୁବିଧା ଉପୁଜିଲା, ସେ ବାଙ୍ଗାଲୋର ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ । ଭଲଭାବେ ପରୀକ୍ଷା ନିରୀକ୍ଷା କରିସାରି ଡାକ୍ତର କହିଲେ, ତାଙ୍କର କ୍ୟାନସର ହୋଇଛି ଏବଂ ଆୟୁଷ ମାତ୍ର ତିନି ମାସ । ସେମାନେ ତାଙ୍କୁ ଆହୁରି କହିଲେ, ''ଆପଣ ଯଦି କିଛି ମନେ ନ

କରିବେ ଆମେ ଆଉ ଏକ ପ୍ରସ୍ତାବ ଦେବାକୁ ଚାହୁଁଛୁ । ଆପଣଙ୍କ ରୋଗ ଆରୋଗ୍ୟ ପାଇଁ ଆଉ ଗୋଟିଏ ବାଟ ଅଛି । ଆପଣ ଯଦି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପାଦ ତଳେ ଆପଣଙ୍କ ଜୀବନ ଭିକ୍ଷା କରିପାରିବେ ସେ ଆପଣଙ୍କୁ ବଞ୍ଚାଇ ଦେଇପାରିବେ । ଏହାଛଡ଼ା ଅନ୍ୟ ଉପାୟ ନାହିଁ । ବାବାଙ୍କ ଭକ୍ତ ଡଃ ଭଗବନ୍ତମ୍ ବର୍ତ୍ତମାନ ଏହି ଡାକ୍ତରଖାନାରେ ଅଛନ୍ତି । ଆସନ୍ତାକାଲି ସ୍ୱାମୀ ତାଙ୍କୁ ଦେଖିବାକୁ ଆସୁଛନ୍ତି । ଆପଣ ଏଭଳି ଏକ ସୁବିଧାର ସୁଯୋଗ ନେଇପାରନ୍ତି ।''

କିନ୍ତୁ ତ୍ୟାଗରାଜଙ୍କୁ ଏ ପ୍ରସ୍ତାବ ପସନ୍ଦ ହେଲା ନାହିଁ । ସେ କହିଲେ, ''ମୁଁ ଭାରତର ପ୍ରଧାନମନ୍ତ୍ରୀଙ୍କର ବ୍ୟକ୍ତିଗତ ସହାୟକ । ମୁଁ କୌଣସି ବାବାଙ୍କ ପାଦତଳକୁ ଯିବା ଦରକାର ନାହିଁ । ମୁଁ ଯେ କୌଣସି ସ୍ଥାନରେ ଯେ କୌଣସି ଚିକିତ୍ସା ପାଇପାରିବି ।'' ସେ ତାଙ୍କ ନିଜ ଇଚ୍ଛାନୁଯାୟୀ ବିଭିନ୍ନ ସ୍ଥାନରେ ଡାକ୍ତରୀ ଚିକିତ୍ସା ପାଇବାରେ ଲାଗିଲେ । ଦୁଇମାସ ବିତିଗଲା ପରେ ସେ ପୁନର୍ବାର ସେହି ଡାକ୍ତରଖାନାକୁ ଆସି ପୁନର୍ବାର ନିଜ ସ୍ୱାସ୍ଥ୍ୟ ପରୀକ୍ଷା କଲେ । ଡାକ୍ତରମାନେ ଏଥର ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣି ପାରି ତାଙ୍କୁ କହିଲେ, ଆପଣଙ୍କ ଜୀବନ ଆଉ ଏକ ମାସ ।'' ଏଥର ତ୍ୟାଗରାଜ ବ୍ୟସ୍ତ ହୋଇ ପଡ଼ିଲେ ପୁଟ୍ଟପର୍ତ୍ତି ଯିବାକୁ । ସେଠାରେ ପହଞ୍ଚି ଦର୍ଶନ ପାଇଁ ଅପେକ୍ଷା କରିଛନ୍ତି, ସ୍ୱାମୀ ତାଙ୍କ ପାଖକୁ ଆସି କହିଲେ, ''କ୍ୟାନ୍‌ସର ?'' ଏତିକିରେ ତ୍ୟାଗରାଜଙ୍କ ଚକ୍ଷୁ ଲୋତକାପ୍ଲୁତ ହୋଇଗଲା ଓ ସେ ସ୍ୱାମୀଙ୍କ ପାଦତଳେ ପଡ଼ିଗଲେ । ସ୍ୱାମୀ ବିଭୂତି ସୃଷ୍ଟି କରି ତ୍ୟାଗରାଜଙ୍କ ହାତରେ ଦେଲେ ଓ ତାହାକୁ ସେବନ କରିବାକୁ କହିଲେ । ତିନି ଦିନ ଧରି ସେ ତାହା ସେବନ କଲେ । ତୃତୀୟ ଦିନ ଭଗବାନ ତାଙ୍କୁ କହିଲେ, କ୍ୟାନସର କ୍ୟାନସେଲ୍ ହୋଇଯାଇଛି । କହିବା ବାହୁଲ୍ୟ ଯେ ତା'ପରେ ସମସ୍ତ ଡାକ୍ତରୀ ପରୀକ୍ଷାରେ ଜଣାଗଲା, ତ୍ୟାଗରାଜଙ୍କଠାରେ କ୍ୟାନସରର ଚିହ୍ନବର୍ଣ୍ଣ ନାହିଁ ।

ଏ ଘଟଣା ଘଟିଥିଲା ତିରିଶି ବର୍ଷ ପୂର୍ବରୁ । ତ୍ୟାଗରାଜ ପ୍ରଶାନ୍ତି ନିଳୟମ୍‌ରେ ସନାତନ ସାରଥି ଅଫିସ୍‌ରେ କାମ କଲେ । ବର୍ତ୍ତମାନ ସେ ପ୍ରଶାନ୍ତ ନିଳୟମ୍ ଭୋଜନାଳୟରେ ସେବା କାମ କରି ସ୍ୱାମୀଙ୍କ ଅସୀମ ସଦାଶୟତା ଲାଭ କରୁଛନ୍ତି ।

ଏହି ଅସାଧାରଣ ଘଟଣା ଦେଖାଇ ଦେଉଛି ଯେ ଭଗବାନଙ୍କ ଦିବ୍ୟ ସଙ୍କଳ୍ପ ତିରିଶ ଦିନର ଆୟୁଷକୁ ତିରିଶ ବର୍ଷରେ ପରିଣତ କରି ଦେଇପାରିଲା । କାଳ ବାବାଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଓ ଆଦେଶ ଅନୁସାରେ କାର୍ଯ୍ୟ କରେ । ସେଥିପାଇଁ ଶ୍ରୀ ସତ୍ୟସାଇ ଅଷ୍ଟୋତ୍ତର ସହସ୍ର ନାମାବଳୀରେ ଆମେ ତାଙ୍କୁ ଉପାସନା କରୁ ଏହିସବୁ ମନ୍ତ୍ରରେ – **କାଳାୟ ନମଃ, କାଳକାଳାୟ ନମଃ, କାଳାନ୍ତକାୟ ନମଃ, କାଳସ୍ୱରୂପାୟ ନମଃ ଇତ୍ୟାଦି ।**

ସ୍ଥାନ ଓ କାଳ ମୋତେ ବାନ୍ଧି ପାରେ ନାହିଁ

ବାବା ଥରେ ଭେଙ୍କଟଗିରି ଯାତ୍ରା କରିଥାନ୍ତି, ପୁଟପର୍ତ୍ତିକୁ ଫେରିବା ସମୟ ହୋଇଯାଇଥାଏ । ଭେଙ୍କଟଗିରି-ପୁଟପର୍ତ୍ତି ରାସ୍ତା କଡ଼ରେ ଥିବା ଭାୟଲପାଡୁ ଗ୍ରାମର ଜଣେ ବୃଦ୍ଧା ସାଧାରଣତଃ ପୁଟପର୍ତ୍ତିରେ ରହନ୍ତି, କିନ୍ତୁ ସେତେବେଳେ ସେ ତାଙ୍କ ଗାଁରେ ଥିଲେ । ସେ ଭାବିଲେ, ମୁଁ ସ୍ୱାମୀଙ୍କୁ ପ୍ରାର୍ଥନା କରିବି ସେ ତାଙ୍କ ଯାତ୍ରା ଏଠାରେ ଭଙ୍ଗ କରି ମୋ ଘରେ ପାଦ ସ୍ପର୍ଶ ଦେଇ ଫେରିବେ । ସ୍ୱାମୀ କେତେବେଳେ ଭେଙ୍କଟଗିରି ଛାଡ଼ିବେ ତାହା ସେ ଭଲ ଭାବେ ବୁଝିନେଲେ । ଧୈର୍ଯ୍ୟର ସହ ସ୍ୱାମୀଙ୍କୁ ପ୍ରତୀକ୍ଷା କରି ରାସ୍ତା କଡ଼ରେ ଦଣ୍ଡାୟମାନ ହୋଇ ରହିଲେ । ଗ୍ରାମର ଅଧିବାସୀମାନଙ୍କୁ ମଧ୍ୟ ସେ ସ୍ୱାମୀଙ୍କ ଗାଡ଼ି ପ୍ରତି ସତର୍କ ଦୃଷ୍ଟି ରଖିବାକୁ ଅନୁରୋଧ କଲେ, କିନ୍ତୁ ସ୍ୱାମୀଙ୍କ କାର୍ ଆସିଲା ନାହିଁ । କିଛି ସମୟ ପରେ ସେ ଖବର ପାଇଲେ ଯେ ସ୍ୱାମୀ ପୁଟପର୍ତ୍ତି ପହଞ୍ଚିଗଲେଣି । ସେ ମଧ୍ୟ ପୁଟପର୍ତ୍ତି ଫେରି ଆସିଲେ ।

ପୁଟପର୍ତ୍ତିରେ ପହଞ୍ଚିଥିବା ପରେ ସେ ଦେଖିଲେ ସ୍ୱାମୀ ତାଙ୍କ ବାସଭବନରେ ଉପର ମହଲା ବାରଣ୍ଡାରେ ଥାଇ ତଳେ ଥିବା କେତେକ ଲୋକଙ୍କ ସଙ୍ଗେ କଥାବାର୍ତ୍ତା ହେଉଛନ୍ତି । ସେ ଆଗକୁ ଚାଲିଯାଇ ଧଇଁ ସଇଁ ହୋଇ ବଡ଼ ପାଟିରେ କହିଲେ, ''ସ୍ୱାମୀ, ଆମ ଗ୍ରାମବାସୀ ଓ ମୁଁ ଭାୟଲପାଡୁ ପାଖ ରାସ୍ତାକଡ଼ରେ ଦିନ ସାରା, ରାତିସାରା ଜଗି ରହିଥିଲୁ । ତୁମ ଗାଡ଼ି କେତେବେଳେ କେଉଁ ବାଟରେ ଚାଲିଆସିଲା ? ତୁମେ କିପରି ଆସି ଏଠାରେ ପହଞ୍ଚିଗଲଣି ?'' ବୃଦ୍ଧାଙ୍କର ଉତ୍ତେଜିତ ଭାବ ଦେଖି ବାବା ହସି ପକାଇଲେ । ଉପସ୍ଥିତ ଅନ୍ୟମାନେ ସମସ୍ତେ ଉପର ମହଲାରେ ଥିବା ସ୍ୱାମୀଙ୍କ ଆଡ଼କୁ ଚାହିଁଥିଲେ । ହଠାତ୍ ସ୍ୱାମୀଙ୍କ ହସ ତାଙ୍କ ପାଖରୁ ଶୁଣାଗଲା । ସ୍ୱାମୀ ସେମାନଙ୍କ ପାଖରେ ଠିଆ ହୋଇ ହସୁଥିଲେ । ଉପର ମହଲାରେ ବାବା ଦେଖା ଯାଉ ନଥିଲେ । କେହି ବୁଝି ପାରିଲେ ନାହିଁ ସ୍ୱାମୀ କେତେବେଳେ କେଉଁ ବାଟ ଦେଇ ତଳକୁ ଓହ୍ଲାଇଲେ । ସ୍ୱାମୀ କହିଲେ ''ମୁଁ ଯଦି ଏ କଥା କରିପାରେ ତା' ହେଲେ ତୁମ ଗ୍ରାମ ବାଟେ, ଗାଡ଼ି ସହିତ ସମସ୍ତଙ୍କ ଅଲକ୍ଷ୍ୟରେ ଚାଲି ଆସିପାରିବି ନାହିଁ ?''

ଅନେକ ରୂପରୂପାୟ

ଭକ୍ତମାନଙ୍କ ଗହଣରେ ବାବା କୋଡ଼ାଇକାନାଲରେ ଅବସ୍ଥାନ କରୁଥିଲେ । ହଠାତ୍ ନିଜ ଶଯ୍ୟାରୁ ତଳକୁ ଡେଇଁପଡ଼ି ଠିଆ ହୋଇଗଲେ ଏବଂ ଚିତ୍କାର କଲେ, ''ଗୁଳି କର ନାହିଁ ।'' ଏ କଥା କହି ସେ ନିଜ ଶଯ୍ୟା ଉପରେ ପଡ଼ିଗଲେ । ସମଗ୍ର ଦେହ କଠିନ ହୋଇ ଆସିଲା । ଜଣାଗଲା ସେ ତାଙ୍କ ମରଶରୀର ତ୍ୟାଗ କରିଛନ୍ତି ।

ପ୍ରାୟ ଘଣ୍ଟାକ ପରେ ତାଙ୍କ ଦେହ ସଚଳ ହେଲା । ସେ ଆଖି ଖୋଲିଲେ ଭୋପାଳର ଏକ ଠିକଣା ଦେଇ ଏକ୍ସପ୍ରେସ୍ ଟେଲିଗ୍ରାମ କରିବାକୁ କହିଲେ, ସେଥିରେ ଲେଖାଯିବ, ‘‘ରିଭଲଭର ମୋ ପାଖରେ ଅଛି, ବ୍ୟସ୍ତ ହେବନି.... ବାବା ।’’ ସ୍ୱାମୀ ସଚ୍ଚିଦାନନ୍ଦ କହିଲେ, ‘‘ସ୍ୱାମୀ ପୋଷ୍ଟ ଅଫିସ୍ କର୍ମଚାରୀମାନେ ରିଭଲଭର୍ ଶବ୍ଦକୁ ଗ୍ରହଣ କରିବେ ନାହିଁ, ଆମେ ଯଦି ରିଭଲଭର ଶବ୍ଦ ପରିବର୍ତ୍ତେ ‘‘ଯନ୍ତ୍ର’’ ଲେଖିବା ତେବେ ସେମାନେ ଆପତ୍ତି କରିବେ ନାହିଁ ।’’ ସ୍ୱାମୀ ରାଜି ହେଲେ ଏବଂ ଟେଲିଗ୍ରାମଟି ସଙ୍ଗେ ସଙ୍ଗେ ପଠାଇ ଦିଆଗଲା । ଭକ୍ତମାନେ କିନ୍ତୁ ଏ ଘଟଣାର ଅଗମୂଳ କିଛି ଜାଣି ପାରିଲେ ନାହିଁ ।

ଚାରିଦିନ ପରେ ଭୋପାଳରୁ ଗୋଟିଏ ଚିଠି ଆସିଲା । ବାବା ସେଇଟିକୁ ଭକ୍ତମାନଙ୍କୁ ଦେଲେ । ଚିଠିଟି ପଢ଼ି ସମସ୍ତେ ଆଚମ୍ବିତ ହେବା ସଙ୍ଗେ ସଙ୍ଗେ ଆନନ୍ଦିତ ମଧ୍ୟ ହେଲେ । କ’ଣ ଘଟିଥିଲା ?

ଭୋପାଳର ସୈନ୍ୟ ବାହିନୀର ଜଣେ ଅଫିସର ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବହୁ ସେବା କରି ନିଜର ଖ୍ୟାତି ବଢ଼ାଇ ପାରିଥିଲେ । ଏହା ସତ୍ତ୍ୱେ ତାଙ୍କୁ ଦେଶର ବିକାଶ ଯୋଜନାରେ କୌଣସି ପଦବୀ ଦିଆଯାଉ ନ ଥାଏ, କାରଣ ବୟସ୍କମାନଙ୍କ ଅପେକ୍ଷା ଯୁବକମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଥାଏ । ହତାଶା ଓ ଘୋର ନୈରାଶ୍ୟର ଶିକାର ହୋଇ ସେ ଜୀବନ ହାରିଦେବାକୁ ସ୍ଥିର କଲେ । ସେତେବେଳକୁ ତାଙ୍କ ସ୍ତ୍ରୀ ତାଙ୍କ ବାପଘରକୁ ଯାଇଥାନ୍ତି । ତାଙ୍କୁ ଆଶ୍ୱାସନା ଦେଇ, ସତ୍ ପରାମର୍ଶ ପ୍ରଦାନ କରି ତାଙ୍କ ଅବସାଦ ଦୂର କରିବା ପାଇଁ ପାଖରେ କେହି ନ ଥାନ୍ତି । ଏଭଳି ପରିସ୍ଥିତିରେ ପଡ଼ି ସେ ଆତ୍ମହତ୍ୟା କରିବାକୁ ଉଦ୍ୟତ ହେଉଥିଲେ । ରିଭଲଭର ଠିକ୍ କାମ କରୁଛି କି ନାହିଁ ଥରେ ସେ ପରୀକ୍ଷା କରି ଦେଖିନେଲେ । ଭଲ କାମ କରୁଥିଲା । ଦ୍ୱିତୀୟ ଗୁଳିରେ ସେ ନିଜକୁ ହତ୍ୟା କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ସେ ଗୁଳି ଫୁଟାଇବା ପାଇଁ ପ୍ରସ୍ତୁତ ହୋଇଛନ୍ତି ଠିକ୍ ସେତିକିବେଳେ କୋଡ଼ାଇକାନାଲରେ ସ୍ୱାମୀ ପାଟି କରି ଉଠିଲେ ‘‘ଗୁଳି କର ନାହିଁ ।’’ ଅଳ୍ପ ସମୟ ଭିତରେ ଭୋପାଳରେ ଅଫିସରଙ୍କ କୋଠରୀ କବାଟ ହଠାତ୍ ଖୋଲିଗଲା । ସେ ଦେଖିଲେ ଦ୍ୱାରଦେଶରେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ, କଲେଜ ପଢ଼ିବା ବେଳର ସହପାଠୀ । ସେ ଏକା ଆସି ନ ଥିଲେ, ତାଙ୍କ ସହିତ ଥିଲେ ତାଙ୍କ ସ୍ତ୍ରୀ । ସେମାନଙ୍କ ପଛରେ ଥିଲା ଜିନିଷପତ୍ର ସହ କୁଲିଟିଏ ।

ଏମାନଙ୍କୁ ଦେଖି ଅଫିସରଜଣକ ନିଜ ଭିତର କକ୍ଷକୁ ଦୌଡ଼ିଯାଇ ରିଭଲଭରକୁ ଲୁଚାଇଦେଇ, ହସି ହସି ଅତିଥିମାନଙ୍କୁ ପାଛୋଟି ନେବାକୁ ଆସିଲେ । ଅତିଥିମାନେ କଥାବାର୍ତ୍ତା ଭିତରେ ଅଫିସରଜଣଙ୍କୁ ବହୁ ଆନନ୍ଦ ଦେଲେ । କଲେଜରେ ପଢୁଥିବା ସମୟର ବହୁ ସ୍ମରଣୀୟ ଘଟଣାମାନ ପୁନରାବୃତ୍ତି ହେଲା । କଲେଜ ଜୀବନ ତଥା

ଅବିବାହିତ ଜୀବନର ବହୁ ଘଟଣାର ସ୍ମୃତି ରୋମନ୍ଥନ କଲେ ସେମାନେ । ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଆନନ୍ଦିତ ଓ ବନ୍ଧୁଦ୍ୱୟ ଗୀତ ବୋଲିବା ଅବସ୍ଥାକୁ ଆସିଗଲେ । ବନ୍ଧୁ ପତ୍ନୀ ମଧ୍ୟ ଏମାନଙ୍କ ସହିତ ମିଶି ପରିସ୍ଥିତିକୁ ଆହୁରି ମନୋମୁଗ୍ଧକର କରିଦେଲେ । ଅତିଥିମାନଙ୍କ ବନ୍ଧୁତ୍ୱର ଉଷ୍ମତା ଅଫିସରଙ୍କ ମାନସିକ ଅବସାଦକୁ ଦୂର କରିଦେଲା ଏବଂ ସେ ସ୍ଥିରତା ଲାଭ କଲେ ।

ଅତିଥିମାନେ ଦେଖିଲେ ଅଫିସରଙ୍କ ଘରେ ତାଙ୍କ ସ୍ତ୍ରୀ ନାହାନ୍ତି । ତେଣୁ ସେମାନେ ଅନ୍ୟ ଜଣେ ବନ୍ଧୁଙ୍କ ଘରକୁ ଯିବାକୁ ଚାହିଁଲେ । ଅନ୍ୟ ବନ୍ଧୁଜଣଙ୍କର ଠିକଣା ମଧ୍ୟ ସେମାନେ ଉଲ୍ଲେଖ କଲେ । ଅଫିସରଜଣକ ବହୁତ ଅନୁରୋଧ କଲେ ତାଙ୍କ ପାଖରେ ରହିବା ପାଇଁ, କିନ୍ତୁ ଅତିଥିମାନେ ଭବିଷ୍ୟତରେ ଆସି ତାଙ୍କ ସହ ଅବସ୍ଥାନ କରିବେ କହି ଚାଲି ଆସିଲେ ।

ବର୍ତ୍ତମାନ ଅଫିସରଜଣକ ତରତର ହୋଇ ଅଳ୍ପ ସମୟ ପୂର୍ବରୁ ଲୁଚେଇଥିବା ରିଭଲଭରଟିକୁ ଖୋଜି ବସିଲେ । ଯେତେ ଖୋଜିଲେ ମଧ୍ୟ ସେଇଟି ମିଳିଲା ନାହିଁ । ହଠାତ୍ ତାଙ୍କର ବାବାଙ୍କ କଥା ମନେ ପଡ଼ିଲା । କିଛିଦିନ ପୂର୍ବରୁ ସେ ପୁଟ୍ଟପର୍ତ୍ତି ଯାଇଥିଲେ । ସ୍ୱାମୀଙ୍କ ଦର୍ଶନ ପାଇଥିଲେ । ତାଙ୍କ ସ୍ତ୍ରୀ ବାବାଙ୍କର ଜଣେ ନିଷ୍ଠାପର ଭକ୍ତ । ସେ ଭାବିନେଲେ ଏସବୁ ବାବାଙ୍କ ଲୀଳା ଛଡ଼ା ଆଉ କିଛି ନୁହେଁ । ଘର ତାଲା ପକାଇ ସେ ନିଜ ଅତିଥିମାନେ ଯାଇଥିବା ବନ୍ଧୁଙ୍କ ଘରକୁ ବାହାରିଲେ । ନୂତନ ବନ୍ଧୁ କହିଲେ ଯେ ତାଙ୍କ ପାଖକୁ କେହି ଆସିନାହାନ୍ତି । ଘରକୁ ଫେରି କୋଡ଼ାଇକାନାଲରୁ ଆସିଥିବା ବାବାଙ୍କ ଟେଲିଗ୍ରାମ୍ ପାଇଲେ । ସେଥିରେ ଲେଖାଥିଲା, "ବ୍ୟସ୍ତ ହୁଅ ନାହିଁ, ଯନ୍ତ୍ରଟି ମୋ ପାଖରେ ଅଛି.... ବାବା ।" ଏହାକୁ ପଢ଼ି ଅଫିସରଜଣକ ବ୍ୟଥିତ ହୋଇ ପଡ଼ିଲେ, ତାଙ୍କ କୃତଜ୍ଞତା ଜ୍ଞାପନ କରି ସେ ଏକ ଲମ୍ବା ଚିଠି ଲେଖି ବସିଲେ । ସେହି ଚିଠି ପଢ଼ି ବାବାଙ୍କ ଭକ୍ତମାନେ ଜାଣିଲେ କ'ଣ କ'ଣ ସବୁ ଘଟିଥିଲା ।

ଏଠାରେ ଉଲ୍ଲେଖ କରିବା କଥା ଯେ ଜଣେ ଭକ୍ତଙ୍କୁ ବଞ୍ଚାଇବାକୁ ଯାଇ ଭଗବାନ ତିନିଜଣ ମଣିଷଙ୍କ ରୂପ ପରିଗ୍ରହଣ କଲେ, ଅଫିସରଙ୍କ ବନ୍ଧୁ, ବନ୍ଧୁପତ୍ନୀ ଓ କୁଲି । ତାହା ପୁଣି ଏକ ସ୍ଥାନରେ ଓ ଏକ ସମୟରେ । ଏହାର ତାତ୍ପର୍ଯ୍ୟ କେତେ ଗଭୀର ଓ କେତେ ଅସାମାନ୍ୟ । ଏଥିରୁ ମଧ୍ୟ ପ୍ରତିପାଦିତ ହେଉଛି ଯେ ସମୟ କିଭଳି ସ୍ୱାମୀଙ୍କ ନିୟନ୍ତ୍ରଣାଧୀନ । ବେଦବାକ୍ୟ "ଏକୋଽହଂ ବହୁସ୍ୟାମ" ପ୍ରମାଣିତ ହୋଇଗଲା ।

ଅଚିନ୍ତନୀୟ

୧୯୮୮ ବେଳର ଘଟଣା । ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍ ଫିଲ୍ଡ଼, ବୃନ୍ଦାବନ

କଲେଜ ହଷ୍ଟେଲରେ ପ୍ରାୟ ୧୪୦୦ ଛାତ୍ର ରହୁଥିଲେ । ଭଗବାନ ବାବା ଦିନେ ରାତି ବେଳେ ହଷ୍ଟେଲ ପରିଦର୍ଶନରେ ବାହାରିଲେ । ଆନନ୍ଦିତ ଛାତ୍ରମାନେ ସମ୍ମାନ ପ୍ରଦର୍ଶନ କରି ବାବାଙ୍କ ପାଖରେ ଦଣ୍ଡାୟମାନ ହୋଇ ରହିଲେ । ହଠାତ୍ ବିଦ୍ୟୁତ୍ ସଂଯୋଗ କଟିଗଲା । ଅନ୍ଧକାର ଭିତରେ ସ୍ୱାମୀ ଗୋଟିଏ ପିଲା ଆଡ଼କୁ ସଧୀରେ ଚାଲି ଆସି ଚୁପ୍‌ଚୁପ୍ କରି କହିଲେ, ''ଅତୁଲ, ମୁଁ ତୋତେ ଗୋଟିଏ ଜିନିଷ ଦେଉଛି, ଧରିଥା ।'' ଅତୁଲ ତା'ର ଖାଲି ହାତ ସ୍ୱାମୀଙ୍କ ଆଡ଼କୁ ବଢ଼ାଇଲା ଓ ସ୍ୱାମୀ ତାକୁ ଗୋଟିଏ ଲଡ଼ୁ ଦେଲେ ଓ ପୁଣି କହିଲେ, କାହାକୁ ଦେଖାଇବୁ ନାହିଁ । ହାତ ପଛକୁ ନେଇଯାଆ ।'' ଏହି ସମୟରେ ବିଦ୍ୟୁତ ସଂଯୋଗ ଆସିଗଲା । ଚତୁର୍ଦ୍ଦିଗ ଆଲୋକିତ ହୋଇଗଲା । ଅତୁଲ ଚତୁର୍ଦ୍ଦିଗକୁ ଚାହିଁ ଦେଖିଲା, ୧୪୦୦ ଜଣ ଛାତ୍ର ସମସ୍ତେ ତାଙ୍କ ହାତ ପଛକୁ କରି ଠିଆ ହୋଇଛନ୍ତି । ପ୍ରତ୍ୟେକଙ୍କ ହାତରେ ଗୋଟିଏ ଲେଖାଏଁ ଲଡ଼ୁ ଥିଲା । ଆଶ୍ଚର୍ଯ୍ୟର କଥା । ଆମ ସ୍ୱାମୀ ଏଇ ପ୍ରକାରର । ଆମେ ଚମତ୍‌କାର ଲୀଳା ଦେଖି ଆଚମ୍ୱିତ ହୋଇଯାଉ । ଆମର ବିଚାରଶକ୍ତି ପରାସ୍ତ ହୋଇଯାଏ । ବାକ୍‌ଶକ୍ତି ସ୍ଥିର ହୋଇଯାଏ, ମନ ତା' କାମ କରିବାକୁ ଅସମର୍ଥ ହୋଇଯାଏ । କିଛି ବୁଝି ହୁଏ ନାହିଁ । ଏହା ଉପରେ ମନ୍ତବ୍ୟ ଦେଇ ହେବ ନାହିଁ । ବୁଝାଇବା ସାଧ୍ୟାତୀତ କଥା, ସ୍ୱାମୀଙ୍କ ଐଶ୍ୱରୀୟ କୌତୁକ ଏ ପ୍ରକାରର । ସେଥିପାଇଁ କୁହାଯାଇଛି :-
''ଯତୋ ବାଚୋ ନିବର୍ତ୍ତେନ୍ତେ ଅପ୍ରାପ୍ୟ ମନସା ସଃ'', ଅର୍ଥାତ୍ ପରଂବ୍ରହ୍ମ ମନ, ଇନ୍ଦ୍ରିୟ, ଶରୀର ମାଧ୍ୟମରେ ପ୍ରାପ୍ୟ ହୁଅନ୍ତି ନାହିଁ ।

ଅଜ୍ଞାତ ଭାବେ ଆବିର୍ଭୂତ

ପୁଟପର୍ତ୍ତିରୁ ବାଙ୍ଗାଲୋର ମଧ୍ୟରେ ମୁଦାନାହାଲି ଏକ ଛୋଟ ସହର । ସେଠାରେ ସ୍ୱାମୀଙ୍କର ଗୋଟିଏ ସ୍କୁଲ ଅଛି । ୧୯୯୩ ଫେବୃଆରୀରେ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହେବାର ଥାଏ । ଛାତ୍ର ତଥା ଶିକ୍ଷକମାନେ ସେ ଉତ୍ସବକୁ ସୌଭାଗ୍ୟ ମଣ୍ଡିତ କରିବା ପାଇଁ ସ୍ୱାମୀଙ୍କୁ ଅନୁରୋଧ କଲେ ଓ ସ୍ୱାମୀ ମଧ୍ୟ ସମ୍ମତି ଦେଲେ । କିନ୍ତୁ ଉତ୍ସବଦିନ ଛାତ୍ର, ଶିକ୍ଷକ ତଥା ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନେ ଯେତେ ଅପେକ୍ଷା କଲେ ମଧ୍ୟ ସ୍ୱାମୀ ଆସିଲେ ନାହିଁ । ପିଲାମାନଙ୍କର ନୃତ୍ୟଗୀତ, ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ସ୍ୱାମୀଙ୍କ ଅନୁପସ୍ଥିତିରେ ହୋଇ ଚାଲିଲା । ସ୍ୱାମୀଙ୍କ ଆଗମନକୁ ଅପେକ୍ଷା କରି କରି ସବୁ କାର୍ଯ୍ୟକ୍ରମ ସମ୍ପନ୍ନ ହେଲା । ସମସ୍ତଙ୍କ ମୁଖରେ କଳା ବାଦଲର ଛାଇ ପଡ଼ିଗଲା ।

ବିଭିନ୍ନ କାର୍ଯ୍ୟକ୍ରମର ଫଟଗୁଡ଼ିକ ଧୁଆହୋଇ ଛପାହେଲା ବେଳକୁ ଦେଖାଗଲା ଗୋଟିଏ ଫଟରେ ନୃତ୍ୟରତ ପିଲାଙ୍କ ସହ ସ୍ୱାମୀ । କେବଳ ସେତିକି ନୁହେଁ ସେ

ଫଟରେ ସ୍ୱାମୀ କେବଳ ଗୋଟିଏ ସ୍ଥାନରେ ନୁହେଁ, ପାଞ୍ଚ ଯାଗାରେ ପାଞ୍ଚ ପ୍ରକାର ବେଶରେ ଦଣ୍ଡାୟମାନ ହୋଇଛନ୍ତି ।

ସେଦିନର ଦର୍ଶକମାନଙ୍କ ମଧ୍ୟରେ ସୁପର ସ୍ପେଶାଲିଟି ହସ୍‌ପିଟାଲର ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡଃ ଭାଟିଆ ମଧ୍ୟ ଉପସ୍ଥିତ ଥିଲେ । ସେ ଫଟଗୁଡ଼ିକୁ ସାଙ୍ଗରେ ନେଇ ପୁଟପର୍ତ୍ତି ଗଲେ ଏବଂ ସ୍ୱାମୀଙ୍କୁ ଦେଖାଇଲେ । ସ୍ୱାମୀ ଆଖି ମିଟିକା ମାରି ହସି ହସି କହିଲେ, ''ଏ ହେଉଛି ଚାଲାକି ଫଟ ଉଠା ।'' ଡଃ ଭାଟିଆ ଆପତ୍ତି କରି କହିଲେ, ନା ସ୍ୱାମୀ ଏ ସବୁ ଆପଣଙ୍କ ଦିବ୍ୟ ଲୀଳା କେବଳ । ଦୟା କରନ୍ତୁ ଏ ଫଟ ଉପରେ ଆପଣଙ୍କ ସ୍ୱାକ୍ଷର ଥାଉ । ଫଟ ଉପରେ ''ପ୍ରେମର ସହ - ବାବା'' ଲେଖି ଦସ୍ତଖତ କରୁ କରୁ ବାବା ମଧୁର ହସ ବୃଷ୍ଟି କରୁଥାନ୍ତି । ଜଣାପଡୁଥାଏ ଫଟଗୁଡ଼ିକରେ ଯାହା ଦିଶୁଛି ତାହା ସତ୍ୟ ବୋଲି ବାବା କହୁଛନ୍ତି । ନିଃସନ୍ଦେହରେ କୁହାଯାଇପାରେ ଯେ ସେ ''ବହୁରୂପଧାରୀ'' । ଏକ ସଙ୍ଗେ, ଏକ ସମୟରେ, ଏକ ସ୍ଥାନରେ ବହୁ ରୂପ ଧାରଣ କରିଥାନ୍ତି ସେ ।

ଓଁ ଶ୍ରୀ ସତ୍ୟ ସାଇ ପରଂବ୍ରହ୍ମଣେ ନମଃ,

ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

ଦଶମ ଅଧ୍ୟାୟ ସମ୍ପୂର୍ଣ୍ଣ

ଏକାଦଶ ଅଧ୍ୟାୟ

ପ୍ରେମମୟୀ ସାଇମାତା

ପ୍ରେମ ମୋର ସ୍ୱରୂପ, ସତ୍ୟ ମୋର ନିଃଶ୍ୱାସ-ପ୍ରଶ୍ୱାସ
ଆନନ୍ଦ ମୋର ଆହାର ମୋ ଜୀବନ ହିଁ ମୋ ବାର୍ତ୍ତା ।
ସମ୍ପ୍ରସାରଣ ହିଁ ମୋ ଜୀବନ, ପ୍ରେମ ପାଇଁ ହେତୁ ନାହିଁ
ପ୍ରେମ ପାଇଁ ଋତୁ ନାହିଁ, ଜନ୍ମ ନାହିଁ, ମୃତ୍ୟୁ ନାହିଁ ।

-ବାବା

ସହସ୍ରମାତାଙ୍କ ପ୍ରେମ

ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ମୂଲ୍ୟବାନ୍ ସମୟର ତିନି-ଚତୁର୍ଥାଂଶ ତାଙ୍କ ଛାତ୍ରମାନଙ୍କୁ ଦେଇଥାନ୍ତି । ସେ କହନ୍ତି "ସମାଜର ଭବିଷ୍ୟତ ଏହି ସରଳ, କୋମଳ, ସ୍ୱଚ୍ଛ ହୃଦୟ ପିଲାମାନଙ୍କ ଉପରେ ନିର୍ଭର କରେ ।" ଭଗବାନଙ୍କ ପ୍ରେମ ଏହି ପିଲାମାନଙ୍କ ପାଇଁ କେବଳ । ସେ ଛାତ୍ରମାନଙ୍କୁ କହନ୍ତି, "ତୁମେ ତୁମ ନିଜ ଅନ୍ତରରେ ମୋତେ ଦେଖ, ମୁଁ ମୋଠାରେ ତୁମ୍ଭମାନଙ୍କୁ ଦେଖୁଛି । ତୁମ୍ଭେମାନେ ମୋ ଜୀବନ, ମୋ ଶ୍ୱାସପ୍ରଶ୍ୱାସ ଏବଂ ମୋ ଆତ୍ମା । ତୁମେ ସମସ୍ତେ, ପ୍ରତ୍ୟେକେ ମୋର ସ୍ୱରୂପ । ମୁଁ ତୁମକୁ ଭଲ ପାଇଲା ବେଳେ ମୋ ନିଜକୁ ହିଁ ଭଲ ପାଏ । ତୁମ୍ଭେମାନେ ତୁମକୁ ଭଲ ପାଇବା ବେଳେ, କେବଳ ମୋତେ ହିଁ ଭଲ ପାଉଛ ।"

ଭଗବାନ ବୃନ୍ଦାବନରେ ଛାତ୍ରମାନଙ୍କ ସହ ଅବସ୍ଥାନ କରୁଥାନ୍ତି । ଥରେ କହିଲେ, ମୁଁ ଏଠାରେ ରହିବାରୁ ତୁମେ ଭଲ ପାଠ ପଢ଼ିପାରୁନାହଁ, ବିଚଳିତ ହେଉଛ । ମୁଁ ପୁଟପର୍ତ୍ତି ଚାଲିଗଲେ ତୁମେ ଠିକ୍ ଭାବେ ପଢ଼ାପଢ଼ି କରିବ । । ମୁଁ ଆସନ୍ତାକାଲି ସକାଳ ୮.୩୦ରେ ପୁଟପର୍ତ୍ତି ବାହାରିବି । ଛାତ୍ରମାନେ ସ୍ୱାମୀଙ୍କ ପାଦ ତଳେ ପଡ଼ି ପ୍ରାର୍ଥନା କଲେ "ସ୍ୱାମୀ, ସ୍ୱାମୀ, ଦୟାକରି ଏହିଠାରେ ରହନ୍ତୁ । ଆମେ ଠିକ୍ ଭାବେ ପଢ଼ାପଢ଼ି କରିବୁ ।" କିନ୍ତୁ ସ୍ୱାମୀ କହିଲେ, "ମୁଁ ଚାଲିଯିବି, ତୁମ ପିତାମାତା ମୋ ଦାୟିତ୍ୱରେ ତୁମ୍ଭମାନଙ୍କ ଛାଡ଼ିଛନ୍ତି, ପାଠ ନପଢ଼ି କେବଳ ମୋ ଚାରିପାଖରେ ଘୂରିବୁଲିବା ଦେଖି ମୁଁ କିପରି ଖୁସି ହେବି ? ଆସନ୍ତାକାଲି ମୁଁ ନିଶ୍ଚିତ ଭାବେ ଯିବି ।"

ପରଦିନଟି ସୋମବାର ଥାଏ । ସକାଳ ୮.୩୦ ହେଲା । ତ୍ରୟୀ ସମ୍ମୁଖରେ ବାବାଙ୍କ ଶ୍ୱେତରଙ୍ଗର କାର ପ୍ରସ୍ତୁତ ହୋଇଯାଇଥାଏ । ଛାତ୍ରମାନେ ମନ ଦୁଃଖରେ

ମୁହଁକୁ ଓହଳାଇ ସେଠାରେ ଠିଆ ହୋଇଥାନ୍ତି । ସ୍ୱାମୀ ଉପର ମହଲାରୁ ଓହ୍ଲାଇଲେ । ଛାତ୍ରମାନେ ଅତି ବିନୀତ ଭାବେ ପୁନର୍ବାର ପ୍ରାର୍ଥନା କଲେ, କିନ୍ତୁ ବିଫଳ ହେଲେ । ସ୍ୱାମୀ କାର୍‌ରେ ବସି ଚାଲିଗଲେ ।

ଛାତ୍ରମାନେ ଗୁରୁ ଗମ୍ଭୀର ହୃଦୟ ନେଇ ହଷ୍ଟେଲକୁ ଫେରିଗଲେ । ସେମାନଙ୍କ ମନ ହୃଦୟରେ ସ୍ୱାମୀ ବସିଯାଇଥିଲେ । ସେମାନେ ଯାହା ପଢ଼ିଲେ ସେସବୁ ସେମାନଙ୍କର ମନେ ରହିଲା ନାହିଁ । ସ୍ୱାମୀଙ୍କ ଅନୁପସ୍ଥିତି ସମଗ୍ର ବାତାବରଣକୁ ରଙ୍ଗହୀନ, ଜୀବନଶୂନ୍ୟ, ଅନ୍ଧକାରାଚ୍ଛନ୍ନ ଓ ଉଦାସୀନ କରିଦେଇଥିଲା । ଛାତ୍ରମାନେ ନିଜ ନିଜ କକ୍ଷରେ ଚୁପ ହୋଇ ବସିଥିଲେ । କେହି କାହା ସହିତ କଥାବାର୍ତ୍ତା ହେଉନଥିଲେ, କେହି କାହାକୁ ଦେଖି ଖୁସି ବି ହେଉନଥିଲେ, କାହାରି ପାଟିରୁ ଶବ୍ଦଟିଏ ବି ବାହାରୁ ନଥିଲା । ଆନନ୍ଦ ନ ଥିଲା, ସବୁକିଛି ବିଷଣ୍ଣ ହୋଇଯାଇଥିଲା । ପନ୍ଦର ମିନିଟ୍ ଯାଇଛି କି ନାହିଁ ଜଣେ ଛାତ୍ର ପାଟି କରି ଉଠିଲା, ''ସ୍ୱାମୀ ଫେରି ଆସିଛନ୍ତି, ସ୍ୱାମୀ ଫେରି ଆସିଛନ୍ତି ।'' କେତେକ ଭାବିଲେ, କୌଣସି ଗୋଟିଏ ଗାଡ଼ି ବୋଧହୁଏ ଆସିଲା, ଯାହାକୁ ଦେଖି ସେ କହୁଛି ସ୍ୱାମୀ ଫେରିଛନ୍ତି ବୋଲି । କିନ୍ତୁ କେତେକ ଛାତ୍ର ଝରକା ଫାଙ୍କ ଦେଇ ଚାହିଁ ଦେଖିଲେ ପ୍ରକୃତରେ ସ୍ୱାମୀଙ୍କ ଗାଡ଼ି ଆଶ୍ରମ ଭିତରକୁ ପ୍ରବେଶ କରୁଛି । କେତେକ ଛାତ୍ର ଗାଡ଼ି ପଛେ ପଛେ ଦୌଡୁଥିଲେ । ହରିଣ ପିଠିରେ ଡେଣା ଲାଗିଗଲେ ସେ ଯେପରି ଦୌଡ଼ନ୍ତା ସେଭଳି ଗତିରେ ପିଲାମାନେ ଦୌଡ଼ିଲେ ସ୍ୱାମୀଙ୍କ ପାଇଁ । ସ୍ୱାମୀ ଗାଡ଼ିରୁ ନ ଓହ୍ଲାଉଣୁ ପିଲାମାନେ ଗାଡ଼ିକୁ ଘେରି ଯାଇଥିଲେ । ଏକପକ୍ଷରେ ଆଶ୍ଚର୍ଯ୍ୟ ଓ ଅନ୍ୟପକ୍ଷରେ ଆନନ୍ଦ, ସେମାନଙ୍କ କଣ୍ଠ ଅବରୁଦ୍ଧ କରିଦେଉଥିଲା । ସ୍ୱାମୀ ଭିତରେ ପ୍ରବେଶ କଲେ ଓ ପାହାଚ ଚଢ଼ିବା ଆରମ୍ଭ କଲେ । ପିଲାମାନେ ବୋକାଙ୍କ ପରି ଠିଆ ହୋଇଥାନ୍ତି, ପରସ୍ପର ଆଡ଼କୁ ଚାହିଁଥାନ୍ତି । କ'ଣ ହେଇଥାଇପାରେ, ସ୍ୱାମୀ କାହିଁକି ଫେରିଲେ ? କେହି କିଛି ଜାଣନ୍ତି ନାହିଁ । ଏବେ ସ୍ୱାମୀ କଥା କହିଲେ, ''ମୁଁ ଚାଲିଯାଉଛି ବୋଲି କହିଛି ମାତ୍ର, ତା' ଫଳରେ ଏତିକି ପ୍ରତିକ୍ରିୟା ଓ ଏତିକି ଆଲୋଡ଼ନ ? ସବୁ ଗୋଳମାଳ ହୋଇଗଲା ଏବଂ ସେ ଗୋଳମାଳ ଭିତରେ ମୁଁ ଚାବି ନେବାକୁ ଭୁଲିଗଲି ଓ ସେଥିପାଇଁ ଫେରିବାକୁ ପଡ଼ିଲା ।'' କ'ଣ ହୋଇପାରେ, ସ୍ୱାମୀ କ'ଣ ଚାବି ନେବାକୁ ଭୁଲିଯାଇପାରନ୍ତି ? ଛାତ୍ରମାନଙ୍କ ହୃଦୟ ଆବେଗରେ ବାଷ୍ପାକୁଳ ହୋଇଯାଉଥାଏ, ଅମାପ ଆନନ୍ଦ ବୁକୁରେ ଜାଗା ଧରୁ ନଥାଏ । କୌଣସି ଗୋଟିଏ ଚକ୍ଷୁ ଶୁଷ୍କ ଦେଖା ଯାଉ ନ ଥାଏ । ନୀରବତା ସାମ୍ରାଜ୍ୟ ବିସ୍ତାର କରିଥାଏ ।

ନୂତନ ଭୟ ତାଙ୍କୁ ଆବୋରି ବସିଲା । ସ୍ୱାମୀ ଚାବି ନେଇ ପୁଣି ଯାତ୍ରା ଆରମ୍ଭ କରିଦେଇ ପାରନ୍ତି । ଜଣେ ଛାତ୍ର ଥଙ୍ଗ ଥଙ୍ଗ ହୋଇ କହିଲା, ''ସ୍ୱାମୀ, ଆମେ ଗାଡ଼ିରୁ

ଜିନିଷପତ୍ର କାଢ଼ି ଆଣିବୁ ?'' ରାଗର ଅଭିନୟ କରି, ସମସ୍ତେ ଦେଖି ନ ପାରିଲା ଭଳି ଢଙ୍ଗରେ ସ୍ୱାମୀ କହିଲେ, ''ନା ଥାଉ, ମୁଁ ସନ୍ଧ୍ୟାରେ ଯିବି ।'' କିନ୍ତୁ ଚତୁର ଛାତ୍ରମାନେ ସ୍ୱାମୀଙ୍କ ରାଗ ଅଭିନୟ ଅନ୍ତରାଳରେ ଫୁଟିଉଠୁଥିବା ସ୍ମିତହାସ୍ୟକୁ ଲକ୍ଷ୍ୟ କରିନେଲେ । ସେମାନେ ଏକ ସ୍ୱରରେ କାନ୍ଦି ଉଠିଲେ, ''ସ୍ୱାମୀ ଏଇଠି ରହନ୍ତୁ, ଦୟାକରି ଏଇଠି ରହନ୍ତୁ ।'' ସ୍ୱାମୀ ତାଙ୍କ ଆଡ଼କୁ ମୁହଁ କରି କହିଲେ, ''ଦେଖ, ତୁମ୍ଭମାନଙ୍କର ନିଷ୍ପାପର, ସ୍ୱଚ୍ଛ ନିର୍ମଳ ବ୍ୟାକୁଳତା ମୋତେ ପଛକୁ ଟାଣି ଆଣିଲା । ଯଦି ଚାହୁଁଛ ମୁଁ ଏଠାରେ ରହେ, ତେବେ କଷ୍ଟ କରି ପାଠ ପଢ଼ିବାକୁ ହେବ । ମୁଁ ତୁମକୁ କଥା ଦେଉଛି ମୁଁ ଏଇଠି ରହିବି, ପାଠପଢ଼ାରେ ମନୋନିବେଶ କର ।''

ଭଗବାନଙ୍କୁ ଝୁରିହେବା, ତାଙ୍କ ପାଇଁ ବ୍ୟାକୁଳ ହେବା, ତାଙ୍କ ବିଛେଦରେ କଷ୍ଟ ପାଇବା, ତାଙ୍କୁ ସନ୍ଧାନ କରିବା ପାଇଁ ଦୁରବସ୍ଥାକୁ ମଧ୍ୟ ସ୍ୱାଗତ କରିବା ହେଉଛି ଆଧାତ୍ମିକତାର ମୁଖ୍ୟ ମୁଖ୍ୟ ଲକ୍ଷଣ ।

ପ୍ରେମପୁଷ୍ପ

ଥରେ ବାବା ମୁମ୍ବଇସ୍ଥିତ ଧର୍ମକ୍ଷେତ୍ରକୁ ଯାଇଥାନ୍ତି । ବାଳବିକାଶର ଛାତ୍ରଛାତ୍ରୀ ତଥା ଗୁରୁମାନେ ସ୍ୱାମୀଙ୍କୁ ସ୍ୱାଗତ କରିବା ପାଇଁ ଚମତ୍କାର ବ୍ୟବସ୍ଥା କରିଥାନ୍ତି । ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଭାବେ ଧାଡ଼ି ହୋଇ ବସିଥିଲେ, ପ୍ରତ୍ୟେକଙ୍କ ହାତରେ ଥିଲା ଗୋଟିଏ ଲେଖାଏଁ ଗୋଲାପ ଫୁଲ, ସ୍ୱାମୀଙ୍କୁ ଅର୍ପଣ କରିବା ପାଇଁ । ସେ ମୁହୂର୍ତ୍ତର ଆନନ୍ଦକୁ ଆଶା କରି ସମସ୍ତଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଦିଶୁଥାଏ । ସେମାନଙ୍କ ଭିତରେ ଗୋଟିଏ ଅତି ଛୋଟ ପିଲା ଥାଏ । ବାଳବିକାଶରେ ନାମ ଲେଖାଇବା ବୟସ ତା'ର ହୋଇ ନଥାଏ । ତା' ସତ୍ତ୍ୱେ ସେ ଅନ୍ୟମାନଙ୍କ ସହ ବାଳବିକାଶ ଶ୍ରେଣୀରେ ଯୋଗ ଦେଉଥାଏ । କେତୋଟି ଶ୍ଳୋକ ମଧ୍ୟ ମନେ ରଖିଥାଏ । ସେ ପ୍ରଥମ ଧାଡ଼ିରେ ବସିବା ପାଇଁ ଅତି ସାନ ହୋଇଥିବାରୁ ଗୁରୁ ତାକୁ ପଛ ଧାଡ଼ିରେ ବସାଇଥାନ୍ତି । ଭଗବାନଙ୍କ ପାଇଁ ଉଦ୍ଦିଷ୍ଟ ଗୋଲାପ ଫୁଲ ଧରିବାକୁ ମଧ୍ୟ ତାକୁ ଦିଆଯାଇ ନଥିଲା । ତାକୁ ଏଭଳି ଭାବେ ଦୂରେଇ ଦିଆଯାଇଥିବାରୁ ତା' ମନ ମଧ୍ୟ ଭଲ ନଥିଲା । ତାହା ତା' ମୁହଁରୁ ଜଣାପଡ଼ିଯାଉଥିଲା । ଅନ୍ୟମାନଙ୍କ ଭଳି ସେ ମଧ୍ୟ ଗୋଟିଏ ଫୁଲ ସ୍ୱାମୀଙ୍କୁ ଦେବାକୁ ଚାହୁଁଥିଲା, ଫୁଲଟିଏ ପାଇଁ ମଧ୍ୟ ଅନୁରୋଧ କରିଥିଲା, କିନ୍ତୁ ତାକୁ ଫୁଲ ଦିଆଯାଇ ନଥିଲା ।

ସ୍ୱାମୀ ଠିକ୍ ସମୟରେ ପହଞ୍ଚିଲେ । ସେ ପୁଅ ପିଲାଙ୍କ ଧାଡ଼ିରେ ଚାଲିଲେ । ପିଲାମାନେ ତାଙ୍କ ଆଡ଼କୁ ଫୁଲଟିମାନ ବଢ଼ାଇ ଧରୁଥିଲେ । ସ୍ୱାମୀ ଧୀରେ ଧୀରେ ଫୁଲଗୁଡ଼ିକୁ

ସ୍ପର୍ଶ କରି ପିଲାମାନଙ୍କୁ ଆଶୀର୍ବାଦ କରୁଥିଲେ । କୁନି ପୁଅଟି ସ୍ୱାମୀଙ୍କର ପ୍ରତିଟି ପଦକ୍ଷେପକୁ, ପ୍ରତିଟି ଅଙ୍ଗଭଙ୍ଗୀକୁ ଲକ୍ଷ୍ୟ କରୁଥିଲା । ଇତ୍ୟବସରରେ ସେ କୌଣସି ପ୍ରକାରେ ଖସି ଆସି ଆଗ ଧାଡ଼ିରେ ବସିଗଲା । ସ୍ୱାମୀ ବର୍ତ୍ତମାନ ତା'ର ନିକଟବର୍ତ୍ତୀ ହେଉଛନ୍ତି । ଠିକ୍ ସେହି ମୁହୂର୍ତ୍ତରେ ଦୈବ ଯୋଗକୁ ପିଲାଟି ତା' ସାମନାରେ ଗୋଟିଏ ଘାସ ଫୁଲ ଫୁଟିଥିବାର ଦେଖିଲା, ସେ ସେଇଟିକୁ ଆଣି ହାତରେ ଧରି ବସିଲା । ସ୍ୱାମୀ ଠିକ୍ ତା' ପାଖରେ ପହଞ୍ଚିଲା ବେଳକୁ ସେ ତା'ର କୁନି ହାତକୁ ଉପରକୁ ଟେକି ସେହି ଘାସ ଫୁଲଟିକୁ ପ୍ରେମର ସହ ଭଗବାନଙ୍କ ଆଡ଼କୁ ବଢ଼ାଇ ଦେଲା । ସ୍ୱାମୀ ମଧୁର ହସ ହସି ପିଲା ହାତରୁ ଫୁଲଟିକୁ ନେଲେ ଏବଂ ଅତି ଧୀର ଭାବରେ ପିଲାଟିର ଆଙ୍ଗୁଠିକୁ ଚାପିଦେଲେ । ପିଲାର କାମକୁ ପ୍ରଶଂସା କରି ସ୍ୱାମୀ ସ୍ନେହରେ ତା'ର ପିଠି ଥାପୁଡାଇଲେ ଏବଂ କଥା ପଦେ ମଧ୍ୟ କହିଲେ । ଅନ୍ୟମାନଙ୍କ ହାତରେ ଥିବା ସୁନ୍ଦର ଗୋଲାପଗୁଡ଼ିକୁ କେବଳ ସ୍ପର୍ଶ କରୁଥିଲା ବେଳେ ଏ ଛୋଟ ପିଲାଟିର ସପ୍ରେମ ଉପହାର, ଘାସ ଫୁଲଟିକୁ ଗ୍ରହଣ କରିନେଇଥିଲେ ।

ଏହାପରେ ତିନିଘଣ୍ଟା ଧରି ସଭା ହେଲା । ସଭା ସରିବା ପରେ ସ୍ୱାମୀ ବାହାରକୁ ଆସି ଉପସ୍ଥିତ ସମସ୍ତଙ୍କୁ ଆଶୀର୍ବାଦ କଲେ । ସେତେବେଳେ ମଧ୍ୟ ଦେଖାଗଲା ଯେ ତିନିଘଣ୍ଟା ପୂର୍ବରୁ ସେ ଗ୍ରହଣ କରିଥିବା ସେ ଘାସ ଫୁଲଟି ଭଗବାନଙ୍କ ହାତରେ ପୂର୍ବପରି ସତେଜ ଥିଲା । ଭକ୍ତ ଅନ୍ତରର ଗଭୀରତମ ପ୍ରଦେଶରେ ଥିବା ବ୍ୟାକୁଳତାକୁ ବାବା ଦେଖିପାରନ୍ତି ଓ ତାହାର ମହତ୍ତ୍ୱ ବଢ଼ାଇଥାଆନ୍ତି ।

ମୋ ପାଇଁ ବୃନ୍ଦାଏ ଲୁହ ଝରାଅ

୧୯୭୬ ମସିହା କଥା । ସ୍ୱାମୀ ବୃନ୍ଦାବନରେ ଥା'ନ୍ତି । କେତେକ ଇଞ୍ଜିନିୟର ହାତରେ କୋଠାତୋଳା ନକ୍‌ସା ଧରି ସେଠାରେ ରୁଣ୍ଡ ହୋଇଥାନ୍ତି । ଭଗବାନ ବାବା ସେମାନଙ୍କୁ ଦର୍ଶନ ଦେବା ଲାଗି ବାହାରକୁ ଆସିଲେ । ତାଙ୍କୁ ଘେରି ରହିଥିବା ଛାତ୍ରମାନଙ୍କୁ ଲକ୍ଷ୍ୟ କରି କହିଲେ, ''ପିଲାମାନେ, ତୁମମାନଙ୍କ ପାଇଁ ମୁଁ ଗୋଟାଏ ନୂଆ ହଷ୍ଟେଲ ତିଆରି କରିବାକୁ ଯାଉଛି । ସେଇଟି ବେଶ୍ ପ୍ରଶସ୍ତ ଓ ଆରାମଦାୟକ ହଷ୍ଟେଲ ହେବ । ସେ ହଷ୍ଟେଲଟି ତୁମ କଲେଜ ପଛପାଖରେ ସାମାନ୍ୟ ଦୂରରେ ନିର୍ମିତ ହେବ ।'' ପିଲାଙ୍କ ତରଫରୁ ଜଣେ କହି ପକାଇଲା, ''ସ୍ୱାମୀ, ଏଠାରେ ଆମ୍ଭେମାନେ ବହୁତ ଆରାମରେ ଅଛୁ, ଆମ୍ଭେମାନେ ଏଇଠାରେ ହିଁ ଖୁବ୍ ଖୁସିରେ ଅଛୁ । ଆମର ନୂଆ ହଷ୍ଟେଲ ଦରକାର ନାହିଁ । ସ୍ୱାମୀ, ଏଇ ବୃନ୍ଦାବନ ଆମ ଘର ।'' ସ୍ୱାମୀ ବୁଝାଇବାକୁ ବସିଲେ, ''ବୃନ୍ଦାବନକୁ ନିଜ ଘର ଭାବୁଛ, ଏ ତ ବହୁତ ଭଲ କଥା । ମୁଁ ଆହୁରି ଖୁସି ଯେ ତୁମେ ଏହା ସହିତ ଖାପଖୁଆଇ ଚଳିପାରୁଛ । କିନ୍ତୁ ସ୍ଥାନାଭାବ ଯୋଗୁଁ ତୁମ୍ଭେମାନେ

ଖୁନ୍ଦିଖାନ୍ଦି ହୋଇ ଚଳିବାରେ ମୁଁ ଖୁସି ହୋଇପାରୁନାହିଁ । ତୁମରି ସୁବିଧା ଦେଖିବା ମୋର କର୍ତ୍ତବ୍ୟ । ନୂଆ ହଷ୍ଟେଲର ଭିତ୍ତିପ୍ରସ୍ତର ଆସନ୍ତା ଗୁରୁବାର ଦିନ ଶୁଭ ଦିଆଯିବ ।'' ଏକଥା କହି ବାବା ଆଗକୁ ଯାଇ ଅନ୍ୟମାନଙ୍କୁ ଆଶୀର୍ବାଦ କରି ଚାଲିଲେ ।

ଭିତ୍ତିପ୍ରସ୍ତର ପକାଇବାର ଉତ୍ସବ ଆଉ ମାତ୍ର କେଇ ଘଣ୍ଟା ବାକି ଥାଏ । ଯନ୍ତ୍ରୀମାନେ ବ୍ୟସ୍ତ ଥାନ୍ତି, କିନ୍ତୁ ଛାତ୍ରମାନେ ଖୁସି ହୋଇପାରୁ ନଥାନ୍ତି । କ'ଣ କରିବାକୁ ହେବ ସେ ଜାଣିପାରୁନଥିଲେ ! ତା' ପରଦିନ ବାବା ହଷ୍ଟେଲକୁ ଆସିଲେ, ସେଠାରେ ପିଲାଙ୍କ ମଧ୍ୟରୁ ସବୁଠାରୁ ସାନ ଦିଶୁଥିବା ଛାତ୍ରଟି ବାବାଙ୍କ ହାତକୁ ଚିଠିଟିଏ ବଢ଼ାଇ ଦେଲା । ସେ ଚିଠିଟିକୁ ପଢ଼ିଲେ ଓ ସେ ସାନ ପିଲାଟି ପ୍ରତି ମୁହଁରେ ସ୍ନେହସିକ୍ତ ସ୍ମିତହାସ୍ୟ ଖେଳାଇ ଚାଲିଯାଇ ନିଜ ସିଂହାସନ ମଣ୍ଡନ କଲେ ଓ ହଷ୍ଟେଲ ଦାୟିତ୍ୱରେ ଥିବା ୱାର୍ଡ଼େନଙ୍କୁ ଡକାଇଲେ । ୱାର୍ଡ଼େନ ଆସି ପହଞ୍ଚିଲେ ଓ ସ୍ୱାମୀ ସେ ଚିଠିଟି ତାଙ୍କୁ ଦେଇ ବଡ଼ ପାଟିରେ ପଢ଼ିବାକୁ କହିଲେ, ଚିଠିରେ ଲେଖାଥିଲା–

ପ୍ରିୟତମା ସାଇ ଜନନୀ,

ଆପଣଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରଣାମ । ଆପଣ ଆମ ଉପରେ ଅସନ୍ତୁଷ୍ଟ ହୋଇଛନ୍ତି କି ? ଆପଣଙ୍କର ସବୁଠାରୁ ପ୍ରିୟ ନୀରବତା ଆମଦ୍ୱାରା ଭଙ୍ଗ ହୋଇଅଛି କି ? ହୋଇଥିବ ବୋଧହୁଏ । ତା' ନ ହୋଇଥିଲେ ଆପଣ କାହିଁକି ଆମକୁ ବୃନ୍ଦାବନର ସୁନ୍ଦର ପରିସରଠାରୁ ଦୂରକୁ ଠେଲି ଦେଇଥାନ୍ତେ ? ଏତେ ଦୂରରେ ନୂତନ ଛାତ୍ରାବାସ ନିର୍ମାଣ କାହିଁକି କରାନ୍ତେ ? ବୃନ୍ଦାବନ ସ୍ଥାନଟି ଧନ୍ୟ, ଏଠାରେ ଆମେ ଆପଣଙ୍କ କୃପା ଓ ସୁରକ୍ଷା, ଆପଣଙ୍କ ପ୍ରେମ ଓ ଯତ୍ନ ଅତି ନିକଟରେ ପାଉଥିଲୁ । ଦେବତାମାନେ ମଧ୍ୟ ଏହି ପ୍ରେମ ଲାଭ କରିବା ପାଇଁ ଲାଳାୟିତ ହେଉଥିବେ । ଆପଣଙ୍କ ସ୍ନେହ ଓ ପ୍ରେମ ଅଙ୍ଗେ ଅଙ୍ଗେ ଅନୁଭବ କରିଥିବା ଏକ ହୃଦୟର ମିନତି ଦୟାବହି ଶୁଣିବେ ।

ଇତି

ଆପଣଙ୍କ ଜଣେ ସନ୍ତାନ

ବିଶେଷ ଦ୍ରଷ୍ଟବ୍ୟ :– ଯଦି ନୂଆ ହଷ୍ଟେଲ ନିର୍ମାଣ କରିବାରେ ଆପଣ ଦୃଢ଼ପ୍ରତିଜ୍ଞ, ତେବେ ଦୟାକରି ହଷ୍ଟେଲ ପାଖରେ ଆପଣଙ୍କ ନୂତନ ବାସଭବନ ମଧ୍ୟ ନିର୍ମାଣ କରନ୍ତୁ ଓ ଆମ୍ଭମାନଙ୍କ ଅତି ନିକଟରେ ରହନ୍ତୁ ।

ୱାର୍ଡ଼େନ୍ ପତ୍ରଟିକୁ ପାଠ କରିସାରିଲା ବେଳକୁ ଦେଖାଗଲା ସମସ୍ତେ କୋହଗ୍ରସ୍ତ । କେହି ଜଣେ ହେଲେ ନ କାନ୍ଦି ରହି ନଥିଲେ । ସମସ୍ତେ ଏକସ୍ୱରରେ

କାନ୍ଦି କାନ୍ଦି କହିଲେ, ''ସ୍ୱାମୀ ଦୟାକରି, କୃପାକରି, ଆମ ଅନୁରୋଧ ରକ୍ଷା କରନ୍ତୁ ।'' ଏ ଦୃଶ୍ୟ ଦେଖି ଭଗବାନଙ୍କ ଅନ୍ତର ତରଳିଗଲା । ସେ ସଙ୍ଗେ ସଙ୍ଗେ ମୁଖ୍ୟ ଯନ୍ତ୍ରୀଙ୍କୁ ଡକାଇ ପଠାଇଲେ ଏବଂ ଛାତ୍ରମାନଙ୍କ ପ୍ରାର୍ଥନା ଜଣାଇଦେଲେ । ଅସ୍ତବ୍ୟସ୍ତ ହୋଇ କହିଲେ, ''ନକ୍‌ସାଗୁଡ଼ିକ ଅତି ଯତ୍ନ ସହକାରେ ଅଙ୍କାଯାଇଥିଲା । ଭିତ୍ତି ପ୍ରସ୍ତର ପକାଇବା ସମୟ ପାଖେଇ ଆସିଲାଣି । କିନ୍ତୁ ଛାତ୍ରମାନେ କହୁଛନ୍ତି ସେମାନଙ୍କ ଘର ହେବ ବୃନ୍ଦାବନ ।'' ପିଲାମାନଙ୍କ ମନର ଅବସ୍ଥା ଦେଖି ସ୍ୱାମୀ ପୁନର୍ବାର ନକ୍‌ସା ତିଆରି କରିବାକୁ ମୁଖ୍ୟ ଯନ୍ତ୍ରୀଙ୍କୁ କହିଲେ ।

ବୃନ୍ଦାବନ ପରିସର ଭିତରେ ନୂଆ ହଷ୍ଟେଲ ନିର୍ମାଣ କରିବା ପାଇଁ ନୂଆ ନକ୍‌ସା ତିଆରି କରାଗଲା । ଏହା ଶୁଣି ପିଲାମାନଙ୍କ ମନର ଆନନ୍ଦ ଶୀର୍ଷ ସ୍ଥାନରେ ପହଞ୍ଚିଗଲା । ଦିନେ ବାବା ଆରତୀରେ ଅଗ୍ନି ସଂଯୋଗ କରିବାକୁ ଯାଉଛନ୍ତି, ବାଳକଟିଏ ପଚାରିଲା, ''ସ୍ୱାମୀ ଆପଣ ଆମ ପାଇଁ ଏତେ କଥା କରୁଛନ୍ତି, କିନ୍ତୁ ଆପଣଙ୍କୁ ଦେଲାଭଳି ତ କିଛି ହେଲେ ଆମ ପାଖରେ ନାହିଁ ।'' ସ୍ୱାମୀ କହିଲେ, ''ତୁମ ଗଣ୍ଡ ଦେଶ ଦେଇ ବହି ଆସୁଥିବା ଅଶ୍ରୁବିନ୍ଦୁ ମୋ ପାଇଁ ଯଥେଷ୍ଟ । ମୋ ପାଇଁ ବୁନ୍ଦାଟିଏ ଲୁହ ଝରାଅ । ମୁଁ ଯଦି ସବୁଠାରୁ ବେଶୀ କୌଣସି କଥା ଚାହୁଁଥାଏ-ତାହା ହେଉଛି ତୁମ୍ଭମାନଙ୍କ ସୁଖ ।'' ବର୍ତ୍ତମାନ ବୃନ୍ଦାବନ ପରିସର ମଧ୍ୟରେ ଯେଉଁ ପ୍ରାସାଦସମ ସୌଧ ଦଣ୍ଡାୟମାନ ହୋଇଛି ତାହା ଛାତ୍ରମାନଙ୍କ ପ୍ରତି ସ୍ୱାମୀଙ୍କ ପ୍ରଗାଢ଼ ସ୍ନେହର ପ୍ରତୀକ ।

୧୯୭୬ରେ କେତେକ ମୃଗ ମୁଡୁମଲାଇ ଜଙ୍ଗଲରୁ ବୃନ୍ଦାବନ ଭିତରକୁ ଚାଲି ଆସିଥିଲେ । ତ୍ରୟୀର ଠିକ୍ ବିପରୀତ ଦିଗରେ ଗୋଟିଏ ସୁନ୍ଦର ସ୍ଥାନ ସେମାନଙ୍କୁ ଯୋଗାଇ ଦିଆଗଲା । ସ୍ୱାମୀ ସେମାନଙ୍କୁ ସ୍ନେହରେ ସେଓ ଖାଇବାକୁ ଦେଲେ, ଖୁବ୍ ଯତ୍ନ କଲେ । ଦିନେ ସ୍ୱାମୀ ତ୍ରୟୀରୁ ବାହାରକୁ ଆସିଲେ, ତାଙ୍କୁ ଦେଖି ଛାତ୍ରମାନେ ତାଙ୍କ ପାଖକୁ ଦୌଡ଼ିଲେ । ସେହି ସମୟରେ ବିପରୀତ ଦିଗରେ ଥିବା ହରିଣମାନେ ମଧ୍ୟ ସ୍ୱାମୀଙ୍କ ନିକଟବର୍ତ୍ତୀ ହେବାକୁ ଇଚ୍ଛା କରି ତାରବାଡ଼ ନିକଟକୁ ଚାଲି ଆସିଲେ ।

ବାବା ଜଣେ ଭକ୍ତକୁ ଡାକି ଦେଖାଇ ଦେଲେ, ଗୋଟିଏ ପାଖରେ ପିଲାଙ୍କ ପ୍ରେମ ଓ ଅନ୍ୟ ପକ୍ଷରେ ହରିଣମାନଙ୍କ ପ୍ରେମ । ସେ କହିଲେ, ''ଏମାନେ ଦୁଇଗୋଡ଼ିଆ ହରିଣ ଓ ସେମାନେ ଚାରିଗୋଡ଼ିଆ ହରିଣ, ଉଭୟ ମୋର ପ୍ରିୟ ।''

ଏନ୍‌ଫ୍ଲୁଏଞ୍ଜା ବିତାଡ଼ିତ

ପ୍ରଶାନ୍ତି ନିଳୟମ୍‌ରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଥରେ ଏନ୍‌ଫ୍ଲୁଏଞ୍ଜା ରୋଗ ତା'ର କରାମତି ଦେଖାଇଲା । ପ୍ରାୟ ୨୦୦ ଛାତ୍ର ଏଥିରେ ଆକ୍ରାନ୍ତ

ହୋଇପଡ଼ିଲେ । ସନ୍ଧ୍ୟା ଭଜନ ସରିବା ପରେ ସ୍ୱାମୀ ଡାକ୍ତର ଅଲରେଜାଙ୍କୁ କହିଲେ ସ୍କୁଲ ପିଲାଙ୍କୁ ଦେଖି ଆସିବା ପାଇଁ । ଡାକ୍ତର ଦେଖିଲେ ପାଖାପାଖି ୨୦୦ ଛାତ୍ରଙ୍କୁ ଖୁବ୍ ଜର, କାଶ ଓ ବାନ୍ତି ମଧ୍ୟ ହେଉଥାଏ । ଏ ସଂକ୍ରାମକ ରୋଗ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ । ସେତେବେଳକୁ ରାତି ୮.୦୦ ହୋଇଥାଏ । ଡାକ୍ତର ନିଜ ବସାକୁ ଫେରିବା ବେଳେ ଭାବିଲେ, ଏ ସମୟରେ ସ୍ୱାମୀଙ୍କ କୋଠରୀ ବନ୍ଦ ଥିବ, ଆସନ୍ତା କାଲି ସକାଳୁ ସ୍ୱାମୀଙ୍କୁ ସମସ୍ତ ବିବରଣୀ ପ୍ରଦାନ କରିବି । ୮.୩୦ରେ ଜଣେ ସେବାଦଳ ଆସି ଖବର ଦେଲା ଯେ ସ୍ୱାମୀ ତାଙ୍କୁ ଅପେକ୍ଷା କରିଛନ୍ତି । ଡାକ୍ତର ସ୍ୱାମୀଙ୍କ ପାଖକୁ ଦୌଡ଼ିଲେ । ବାବା ତାଙ୍କୁ କହିଲେ, "ମୁଁ ତୋତେ ଅପେକ୍ଷା କରିଛି, ସଙ୍ଗେ ସଙ୍ଗେ ମୋତେ ଖବର ଦେଲୁ ନାହିଁ କାହିଁକି ?" ଡାକ୍ତର କହିଲେ, "ମୁଁ ଫେରିଲା ବେଳକୁ ରାତି ୮.୦୦ ହୋଇଯାଇଥିଲା, ମୁଁ ଭାବିଲି ବର୍ତ୍ତମାନ ସ୍ୱାମୀଙ୍କ କୋଠରୀ ବନ୍ଦ ଥିବ । ପ୍ରାୟ ୨୦୦ ଛାତ୍ର ଏଥିରେ ଆକ୍ରାନ୍ତ । ଏହାକୁ ନିୟନ୍ତ୍ରଣ କରିବା ମୋ ପକ୍ଷରେ ଅସମ୍ଭବ ଜଣାପଡୁଛି । ମୋର ଧାରଣା, ଏ ଅବସ୍ଥାରେ କୌଣସି ଔଷଧ କାମ ଦେବ ନାହିଁ । ଆପଣ କେବଳ ପିଲାଙ୍କୁ ଭଲ କରିଦେଇ ପାରିବେ ।"

ପରଦିନ ସକାଳୁ ବାବା ସ୍କୁଲ ଓ ଡାକ୍ତରଖାନା ବୁଲିବାକୁ ଗଲେ । ସେ ପ୍ରତ୍ୟେକଟି ବାରଣ୍ଡା ଓ ଶ୍ରେଣୀ କକ୍ଷ ମଧ୍ୟ ଦେଇ ଚାଲିଲେ । ଛାତ ଉପରକୁ ଯିବା ପାଇଁ ବସିଲେ । ତାହା ଠିକ୍ ଭାବେ ପରିଷ୍କାର କରାଯାଇନାହିଁ କହି ଅଧ୍ୟକ୍ଷ ଉପରକୁ ଯିବାକୁ ମନା କଲେ ତଥାପି ବାବା ଛାତ ଉପରକୁ ଗଲେ । ବାବା ଗୋଟିଏ ଷ୍ଟିଲ ବାଲ୍‌ଟିରେ ପାଣି ମଗାଇଲେ । ସେ ବହୁ ପରିମାଣର ବିଭୂତି ସୃଷ୍ଟି କରି ପାଣିରେ ମିଶାଇଲେ । ସେ ବାଲ୍‌ଟିକୁ ଧରି ଚାଲିବା ପାଇଁ ଜଣେ ଶିକ୍ଷକଙ୍କୁ କହିଲେ । ସେ ବିଭୂତି ମିଶ୍ରିତ ପାଣି ପ୍ରତ୍ୟେକ ଛାତ୍ର ଓ ଶିକ୍ଷକମାନଙ୍କୁ ସେବନ କରିବାକୁ କହିଲେ । ସେଇ ମୁହୂର୍ତ୍ତରୁ ରୋଗ ଆଉ ବଢ଼ି ନଥିଲା । ମାତ୍ର ଚାରିଦିନ ମଧ୍ୟରେ ପ୍ରତ୍ୟେକ ରୋଗୀ ସୁସ୍ଥ ହୋଇ ଉଠିଲେ । ସ୍ୱାମୀଙ୍କର ଔଷଧୀୟ ଚିକିତ୍ସା ଆଶ୍ଚର୍ଯ୍ୟଜନକ ଓ ଅବୋଧ୍ୟ ।

ଆଧ୍ୟାତ୍ମିକ ଜ୍ଞାନର ଶ୍ରେଷ୍ଠତ୍ୱ

ଆମେ ଭଗବାନଙ୍କୁ କ'ଣ ପ୍ରାର୍ଥନା କରିବା ଉଚିତ ? ସାଂସାରିକ ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ଜାଗତିକ ଧନସମ୍ପତ୍ତି ? ନା, ଆମେ ତାଙ୍କୁ ହିଁ ପାଇବା ପାଇଁ ପ୍ରାର୍ଥନା କରିବା ଉଚିତ । ଭଗବାନଙ୍କୁ ପ୍ରାର୍ଥନା କରିବାଦ୍ୱାରା ସମସ୍ତ ପ୍ରକାର ଆଶୀର୍ବାଦ ମନକୁ ମନ ମିଳିଥାଏ । ଯେଉଁ ଶିକ୍ଷା ବଳରେ ମଣିଷ ଭଗବାନଙ୍କୁ ପାଇବା ପାଇଁ ବ୍ୟାକୁଳ ହୁଏ, ତାହାରି ନାମ ଆଧ୍ୟାତ୍ମିକ ଶିକ୍ଷା ।

ସ୍ୱାମୀ ଥରେ ବର୍ଣ୍ଣନା କରୁଥିଲେ, କିପରି ଯଶୋଦା ଶିଶୁସୁଲଭ ଦୁଷ୍ଟାମିରତ ପୁଅ କୃଷ୍ଣଙ୍କ ପଛରେ ଦୌଡୁଥିଲେ । ସେ କହିଲେ, ''ଗୋଟିଏ ହାତରେ ଲହୁଣୀ ମେଣ୍ଢା ଧରି ଯଶୋଦା କୃଷ୍ଣଙ୍କୁ ଆକର୍ଷଣ କରିବାକୁ ବସିଥାନ୍ତି, ଅନ୍ୟ ହାତରେ ବାଡ଼ିଖଣ୍ଡେ ମଧ୍ୟ ଧରିଥାନ୍ତି । କୃଷ୍ଣ ଯେତେବେଳେ ଲହୁଣୀ ପାଇଁ ପାଖକୁ ଆସନ୍ତି ସେ ତାଙ୍କୁ ଧରି ପକାଇ ଦି' ବାଡ଼ି ଥୋଇ ଦିଅନ୍ତି । ଦୁଷ୍ଟ ପିଲାଙ୍କୁ ସଜାଡ଼ିବା ପାଇଁ ସେ ଏହି ଉପାୟ ଅବଲମ୍ବନ କରିଥାନ୍ତି ।''

ଭଗବାନ ଶ୍ରୀ ସତ୍ୟସାଇ ଠିକ୍ ସେହି ଉପାୟ ଆମ୍ଭମାନଙ୍କଠାରେ ପ୍ରୟୋଗ କରନ୍ତି । ଗୋଟିଏ ହାତରେ ସାଂସାରିକ ଶିକ୍ଷା ପ୍ରଦାନ କରି ଅନ୍ୟ ହାତରେ ଆଧ୍ୟାତ୍ମିକ ଶିକ୍ଷା ଲୁଚାଇ ରଖିଥାନ୍ତି । ଯୁବକଯୁବତୀମାନେ ତାଙ୍କ ଶିକ୍ଷାନୁଷ୍ଠାନମାନଙ୍କୁ ଆସନ୍ତି ବିଶ୍ୱବିଦ୍ୟାଳୟ ଶିକ୍ଷା ଆଶାରେ । ସ୍ୱାମୀ ସେମାନଙ୍କୁ ଜାଗତିକ ଶିକ୍ଷା ସହିତ ଆଧ୍ୟାତ୍ମିକ ବିଦ୍ୟା ମଧ୍ୟ ଶିଖାଇ ଦିଅନ୍ତି । ଏପରିକି ଜଣେ ଅତି ସାମାନ୍ୟ ବ୍ୟକ୍ତି ମଧ୍ୟ କ୍ରମେ କ୍ରମେ ଏହି ପଦ୍ଧତିରେ ପଡ଼ିଯାଏ ଓ ଆଚରଣ ଶୁଦ୍ଧ ହୋଇଯାଏ । ପ୍ରକୃତରେ ମଣିଷ ସମୟାନୁସାରେ ଜ୍ଞାନୀ ପାଲଟିଯାଏ । ସ୍ୱାମୀଙ୍କ ବର୍ଣ୍ଣନାତୀତ ପ୍ରେମଦ୍ୱାରା ଏହା ସମ୍ଭବ ହୋଇଥାଏ ।

ବାବାଙ୍କ ଶିକ୍ଷାନୁଷ୍ଠାନମାନଙ୍କରେ ପିଲାମାନେ କେ.ଜି.ରୁ ପି.ଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ଲାଭ କରନ୍ତି । ଶ୍ରୀ ସତ୍ୟସାଇ ଉଚ୍ଚଶିକ୍ଷା ସଂସ୍ଥାନରେ ମଧ୍ୟ ଏମ୍.ବି.ଏ, ଏମ୍.ଏଫ୍.ଏମ୍., ଏମ୍.ଟେକ୍ ପ୍ରଭୃତି ପାଠ ପଢ଼ାଯାଉଛି । ଏସବୁ ଅବଶ୍ୟ ବି.ଏ, ବି.ଏସ୍.ସି, ବି.କମ୍. ଓ ଏମ୍.ଏ, ଏମ୍.ଏସ୍.ସି., ଏମ୍.କମ୍ ପାଠ ପରେ । ପି.ଏଚ୍.ଡ଼ି ପାଠର ସୁବିଧା ମଧ୍ୟ ସେଠାରେ ଅଛି । ବହୁ ସଂଖ୍ୟାରେ ବିଶାଳ ସୌଧମାନ ନିର୍ମିତ ହୋଇଅଛି । କୋଟି କୋଟି ଟଙ୍କା ବ୍ୟୟିତ ହୋଇ ମାନମନ୍ଦିର ନିର୍ମିତ ହୋଇଛି । ନଭେମ୍ବର ୨୦୦୧ରେ ସଙ୍ଗୀତ କଲେଜ ମଧ୍ୟ ଉଦ୍‌ଘାଟିତ ହୋଇଛି । ଏ ସବୁ ବାବାଙ୍କର ପିଲାମାନଙ୍କ ପ୍ରତି ଥିବା ଅସୀମ ପ୍ରେମର ନିଦର୍ଶନ । ଏ ପ୍ରକାର ଜାଗତିକ ଶିକ୍ଷା ସଙ୍ଗେ ସଙ୍ଗେ ଛାତ୍ରମାନେ ଆଧ୍ୟାତ୍ମିକ ଶିକ୍ଷା ମଧ୍ୟ ଆହରଣ କରିବା ବାବା ଦେଖିଥାନ୍ତି ।

ମୋ ଛାତ୍ରମାନେ ମୋ ସମ୍ପତ୍ତି

୧୯୮୧ ନଭେମ୍ବର ୨୨ ଦିନ ଶ୍ରୀ ସତ୍ୟସାଇ ଉଚ୍ଚଶିକ୍ଷା ସଂସ୍ଥାନ ଉଦ୍‌ଘାଟନ କରି ବାବା କହିଥିଲେ, ''ଛାତ୍ରମାନେ ହେଉଛନ୍ତି ମୂଳ, ଯେଉଁମାନେ ବଢ଼ି ସମଗ୍ର ପୃଥିବୀ ପାଇଁ ଶାନ୍ତି ଓ ନିରାପତ୍ତା ବୃକ୍ଷରେ ପରିଣତ ହେବେ । ଏହି ମୂଳଗୁଡ଼ିକରେ ପାଣି ଦେବା ମୋର ଉଦ୍ଦେଶ୍ୟ । ମୁଁ ସବୁ ଦିଗରୁ ପିଲାମାନଙ୍କ ପାଇଁ କାମ କରୁଛି । ସେମାନଙ୍କ

ଉପରେ ମୋର ଅଖଣ୍ଡ ବିଶ୍ୱାସ । ଯେ କୌଣସି ବ୍ୟକ୍ତିକୁ ପଚାର ସାଇବାବାଙ୍କ ନାମରେ କି କି ସମ୍ପତ୍ତି ସବୁ ଅଛି ? ତୁମେ ଶୁଣିବ, 'ଓ, ତାଙ୍କର ଅସଂଖ୍ୟ ସୌଧ, ଅପରିମିତ ଜମି, ଏଭଳି ଆହୁରି କେତେ କ'ଣ ।' ଏଗୁଡ଼ିକ ସବୁ କିଛି ନୁହେଁ । ମୋ ସମ୍ପତ୍ତି ହେଲା ମୋ ପିଲାମାନେ, ଅନ୍ୟ କିଛି ନୁହେଁ ।''

ଅନେକ ଲୋକ ଏହି ସରଳ କଥାଟି ବୁଝିବାକୁ ଅସମର୍ଥ । ଏଭଳି ହତଭାଗ୍ୟ ବ୍ୟକ୍ତି, ଯେଉଁମାନେ ଗୋଟିଏ ମାଆର ପ୍ରେମଭାବକୁ ଜାଣି ପାରନ୍ତି ନାହିଁ ସେମାନେ ସହସ୍ରମାତାର ପ୍ରେମଭାବକୁ କିଭଳି ଜାଣିବେ ? ଶ୍ରୀ ସତ୍ୟସାଇଙ୍କର ସବୁଠାରୁ ବଡ଼ଗୁଣ ହେଉଛି ତାଙ୍କ ଅସୀମ ଧୈର୍ଯ୍ୟ । ସେ କହନ୍ତି, ଅଗଣିତ ବ୍ୟକ୍ତି ମୋତେ ସମାଲୋଚନା କରନ୍ତି । ଆହୁରି ଅନେକ ଅଛନ୍ତି ଯେଉଁମାନେ ମୋତେ ସବୁପ୍ରକାର ନାମରେ ଡାକନ୍ତି । ସବୁ ପ୍ରକାର ଅସଭ୍ୟ କଥା ମଧ୍ୟ ମୋ' ନାଁରେ ସମ୍ବାଦପତ୍ରମାନଙ୍କରେ ଛାପନ୍ତି । ଏ ସବୁ କଥାର ଉତ୍ତର.... ''କେବଳ ମୋର ସ୍ମିତହାସ୍ୟ ।''

''ଏସବୁ ମୋର ଭଲ ଗୁଣର ଓ ଭଲ କର୍ମର ପ୍ରତିକ୍ରିୟା ମାତ୍ର । ଫଳନ୍ତି ଗଛକୁ ଟେକା ଫୋପଡ଼ାଯାଏ । କେତେକ ଲୋକ ସ୍ୱଭାବତଃ ଈର୍ଷାଳୁ ଓ ଅସହିଷ୍ଣୁ । ସତ୍ୟସାଇ ସଙ୍ଗଠନ ଅଧିକରୁ ଅଧିକ ବଢ଼ି ଚାଲିବାରୁ, ସତ୍ୟସାଇ ବିଶ୍ୱବିଦ୍ୟାଳୟ ଅଧିକ ଅଧିକ ବଢ଼ି ଚାଲିବାରୁ, ସେମାନଙ୍କ ଅସୂୟାଭାବ ମଧ୍ୟ ଦ୍ରୁତ ବେଗରେ ବଢ଼ି ଯାଉଛି । ସେମାନେ ଅନେକ ମନଗଢ଼ା ଗପ ତଥା ଗୁଜବ ସୃଷ୍ଟି କରିଚାଲନ୍ତି । ଏପରିକି ପିଲାମାନଙ୍କୁ ମଧ୍ୟ ଏତାଦୃଶ ଘୃଣ୍ୟ କାର୍ଯ୍ୟ ଭିତରକୁ ଟାଣି ନିଆଯାଉଛି ।

''ପରମାତ୍ମାସ୍ୱରୂପଲାରା(ହେ ପରମ ଈଶ୍ୱରଙ୍କ ପ୍ରତିମୂର୍ତ୍ତି), ଏ କ୍ଷୁଦ୍ରମନା ବ୍ୟକ୍ତିଙ୍କ କଥା କ'ଣ, ସମଗ୍ର ପୃଥିବୀ ଯଦି ମୋ ବିରୁଦ୍ଧରେ ଏକତ୍ରିତ ହୁଏ, ମୋର କୌଣସି କ୍ଷତି ହେବାର ନାହିଁ । ମୋ ଅନ୍ତର ସଦା ନିର୍ମଳ ମୋର କୌଣସି ସ୍ୱାର୍ଥ ନାହିଁ । ମୋ ନିଜର ବୋଲି କିଛି ନାହିଁ । ଏହା ହିଁ ମୋ ବାବଦୀୟ ସତ୍ୟ । କେବଳ ଅପରାଧୀମାନେ ଭୟରେ ଆତଙ୍କିତ ହୁଅନ୍ତି । କୌଣସି ଭୁଲ କରୁ ନଥିବା ସିଂହ କାହିଁକି ଭୟଭୀତ ହେବ ?

''ମୁଁ ଯାହା କରେ ସମଗ୍ର ଜଗତର ହିତ ପାଇଁ କରେ । ମୋ ପାଇଁ କରେ ନାହିଁ ଏହି ଦୁର୍ନିବାର ସତ୍ୟ ବାବଦରେ ମୁଁ ସଦା ସଚେତନ । ସେଥିପାଇଁ ମୁଁ ଆନନ୍ଦରେ, ଅଖଣ୍ଡ ଆନନ୍ଦରେ ଥାଏ ।''

ଭଗବାନ ବିଜ୍ଞାନାତୀତ

୧୯୮୩ରେ ସତ୍ୟସାଇ କଲେଜର ଛାତ୍ରମାନେ ବୃନ୍ଦାବନରେ ଥିବା କଲ୍ୟାଣ ମଣ୍ଡପରେ ଗୋଟିଏ ବିଜ୍ଞାନ ପ୍ରଦର୍ଶନୀ ବ୍ୟବସ୍ଥା କଲେ । ସେ ସମୟର କର୍ଣ୍ଣାଟକ

ରାଜ୍ୟପାଳ, ଶ୍ରୀ ଗୋବିନ୍ଦ ନାରାୟଣ ସ୍ୱାମୀଙ୍କ ଦର୍ଶନ ପାଇଁ ବୃନ୍ଦାବନ ଆସିଥିଲେ । ବାବା ତାଙ୍କୁ ସାଙ୍ଗରେ ଧରି ପ୍ରଦର୍ଶନୀ ଦେଖିବା ପାଇଁ ଆସିଲେ । ପିଲାଙ୍କଦ୍ୱାରା ନିର୍ମିତ କେତେକ ମଡେଲ, କେତେକ ବୈଜ୍ଞାନିକ ଯନ୍ତ୍ର ଓ ଉପକରଣମାନ ସେଠାରେ ପ୍ରଦର୍ଶିତ ହୋଇଥିଲା । ଏସବୁ ପ୍ରଦର୍ଶିତ ବସ୍ତୁ ମଧ୍ୟରେ ଥିଲା ଗୋଟିଏ ସତର୍କ ଘଣ୍ଟି । ଏଥିରେ ଆଲୋକର ରେଖା ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଲମ୍ବିଥିବ । ତା' ମଧ୍ୟରେ କାହାର ଆଙ୍ଗୁଠି ରହିଗଲେ ସତର୍କ ଘଣ୍ଟି ବାଜି ଉଠିବ । ସ୍ୱାମୀ ବୁଲୁ ବୁଲୁ ସେଠାରେ ପହଞ୍ଚିଗଲେ, ସେଠାରେ ଥିବା ପିଲାଟି କହିଲା, ''ସ୍ୱାମୀ ଏ ଆଲୋକ ରେଖା ଭିତରେ ଆପଣଙ୍କ ହାତ ରଖନ୍ତୁ ସତର୍କ ଘଣ୍ଟି ବାଜିବ ।'' ସ୍ୱାମୀ ତାହା କଲେ କିନ୍ତୁ ଘଣ୍ଟି ବାଜିଲା ନାହିଁ । ଛାତ୍ରଟି ଘାବରେଇ ଗଲା । ସେ କହିଲା, ''ଏଇ ସଙ୍ଗେ ସଙ୍ଗେ ଠିକ୍ ହୋଇଯିବ, କିଛି ତାର ଖସିଯାଇଛି ବୋଧହୁଏ ।'' ସେ ସବୁ କଥା ଦେଖିଦେଲା, ନିଜ ହାତକୁ ଦୁଇ ପ୍ରାନ୍ତ ମଝିରେ ରଖିଲା, ଘଣ୍ଟି ବାଜିଲା । ବର୍ତ୍ତମାନ ନିଶ୍ଚିତ ହୋଇ ସେ ସ୍ୱାମୀଙ୍କୁ ହାତ ପୂରାଇବାକୁ କହିଲା, କିନ୍ତୁ ଘଣ୍ଟି ବାଜିଲା ନାହିଁ । ପିଲାଟି ଏଥର ଦ୍ୱନ୍ଦ୍ୱାକ୍ରାନ୍ତ ହୋଇଗଲା, ଦ୍ୱିତୀୟବାର ମରାମତି ଦରକାର ବୋଲି ମନେ ମନେ ଭାବିଲା । ବର୍ତ୍ତମାନ ସ୍ୱାମୀ କହିଲେ, '' ଆଉ ମରାମତି ଦରକାର ନାହିଁ । ମୁଁ ସେଭଳି ଚୋର ନୁହେଁ ଯାହା ପାଇଁ ତୁ ଏ ଯନ୍ତ୍ର ତିଆରି କରିଛୁ । ତେଣୁ ଘଣ୍ଟି ନ ବାଜି ଠିକ୍ କରିଛି ।'' ସ୍ୱାମୀ ଆଗକୁ ଅଗ୍ରସର ହେଲେ । ସ୍ୱାମୀଙ୍କ ପର୍ଯ୍ୟନ୍ତ ପହଞ୍ଚିଲା ଭଳି ସାମର୍ଥ୍ୟ ବିଜ୍ଞାନର ଆସିନାହିଁ । ସେ ବିଜ୍ଞାନାତୀତ ।

ଉଦାରଚେତା

କିଛି ବର୍ଷ ପୂର୍ବରୁ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ସକାଳୁ ଥଣ୍ଡା ପାଣିରେ ସ୍ନାନ କରୁଥିଲେ । ସ୍ୱାମୀଙ୍କୁ ଏହା କଷ୍ଟ ହେଲା । ସେ ଭାବିଲେ, ''ସାନ ସାନ ପିଲାଙ୍କର ବାପାମାଆ ପିଲାମାନଙ୍କୁ ମୋ ଦାୟିତ୍ୱରେ ଛାଡ଼ିଛନ୍ତି ମୋ ଉପରେ ତାଙ୍କର ସେତିକି ଆସ୍ଥା ଅଛି ବୋଲି । ବିଚରା ପିଲାଗୁଡ଼ିକ ପ୍ରତ୍ୟହ ଥଣ୍ଡା ପାଣିରେ ସ୍ନାନ କରୁଛନ୍ତି ।'' ଏ ଭାବନା ସୌର ଚୁଲା ପର୍ଯ୍ୟନ୍ତ ଚାଲିଗଲା । ହଷ୍ଟେଲରେ ତାହା ଲଗାଗଲା, ସୂର୍ଯ୍ୟକିରଣରୁ ଉତ୍ତାପ ଆଣି ତାହା ପାଣିକୁ ଗରମ କରେ । ଏବେ ପିଲା ତଥା ଶିକ୍ଷକମାନେ ବେଶ୍ ଖୁସି ହେଲେ ଏବଂ ସ୍ୱାମୀଙ୍କୁ ତାହା ଉଦ୍‌ଘାଟନ କରିବାକୁ ନିମନ୍ତ୍ରଣ କଲେ । ସ୍ୱାମୀ ମଧ୍ୟ ସମ୍ମତ ହେଲେ ।

ଉଦ୍‌ଘାଟନ ଉତ୍ସବ ପାଇଁ ସମସ୍ତ ଆୟୋଜନ ସରିଲା । ଏହି ଯନ୍ତ୍ରଟିରୁ ଗୋଟିଏ ରବର ନଳୀ ଆସି କଳ ସହ ସଂଯୋଗ କରାଯାଇଥାଏ । ସ୍ୱାମୀ ଆସି କଳର ଚାବିଟିକୁ

ବୁଲାଇଦେଲେ ପାଣି ଆସି ତଳେ ଥିବା ବାଲ୍‌ଟିରେ ପଡ଼ିବ । ତାଙ୍କୁ ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ସଙ୍ଗେ ସଙ୍ଗେ ସ୍ୱାମୀ ଆସିଲେ, କଳର ଚାବି ବୁଲାଇ ଦେଲେ । ଦୁର୍ଭାଗ୍ୟବଶତଃ ରବର ନଳୀଟି ସେତିକି ବେଳକୁ ଖସି ଯାଇଥିଲା ଏବଂ ଗରମ ପାଣି ଆସି ସ୍ୱାମୀଙ୍କ ମୁହଁ ଓ ପୋଷାକରେ ପଡ଼ିଗଲା । ସେଠାରେ ଏକ ଅସ୍ୱସ୍ତିକର ନୀରବତା ଦେଖାଗଲା, ଆଶା କରାଯାଉ ନ ଥିବା ଦୁର୍ଘଟଣାରେ ସମସ୍ତେ ବ୍ୟଥିତ ହୋଇପଡ଼ିଲେ । ଦର୍ଶକମାନେ ପଥର ପାଲଟି ଯାଇଥିଲେ, କାହାରି ହାତ ଯାଉ ନଥାଏ ମରାମତି କରିଦେବା ପାଇଁ । ସ୍ୱାମୀ ତାଙ୍କ ହୃଦୟ କଥା ବୁଝିପାରି ପରିସ୍ଥିତି ବଦଳାଇ ଦେବା ଉଦ୍ଦେଶ୍ୟରେ ହସିଲେ ଓ କହିଲେ, ''ଦେଖ ଉଦ୍‌ଘାଟନୀ ସ୍ନାନ ମୋରିଠାରୁ ଆରମ୍ଭ ହେଲା ।'' ସ୍ୱାମୀଙ୍କ ହସ ଓ ମଜାକଥା ସମସ୍ତଙ୍କୁ କିଛିଟା ଆଶ୍ୱସ୍ତ କଲା । ତାଙ୍କ ମନ ହାଲୁକା ହୋଇ ଆସିଲା, ସେମାନେ ସହଜରେ ନିଃଶ୍ୱାସ ନେଇ ପାରିଲେ । ସ୍ୱାମୀଙ୍କ ସହିତ ସମସ୍ତେ ହସିଲେ ।

ବାବା ପରମ ଦୟାମୟ । କ୍ରୋଧ କ'ଣ ସେ ଜାଣନ୍ତି ନାହିଁ । ସେ କହନ୍ତି, ''ମୋ ଜୀବନ ହିଁ ମୋ ବାର୍ତ୍ତା ।'' ଏହା ଥିଲା ପ୍ରେମର ବାର୍ତ୍ତା, କରୁଣାର ବାର୍ତ୍ତା, ଦୟାର ବାର୍ତ୍ତା, କ୍ରୋଧ ପାଇଁ ସ୍ଥାନ ନାହିଁ ।

ବାବାଙ୍କ ସାନ୍ନିଧ୍ୟରୁ ଉପକାର

ସ୍ୱାମୀ କୋଡ଼ାଇକାନାଲ୍‌ରେ ଥିଲେ । ନିଜ କୋଠରୀ ଭିତରେ ଥାଇ ବାହାରେ ତାଙ୍କ ଦର୍ଶନ ପାଇଁ ପ୍ରତୀକ୍ଷା କରିଥିବା ସମବେତ ଜନତାଙ୍କ ଆଡ଼କୁ ଚାହିଁଥିଲେ । ତାଙ୍କ ପଦପ୍ରାନ୍ତରେ ମଧ୍ୟ କେତେକ ଛାତ୍ର ବସିଥିଲେ । ସ୍ୱାମୀ ସେମାନଙ୍କୁ କହିଲେ, ''ବୁଝିପାରୁଛ ତୁମ୍ଭେମାନେ କେତେ ଭାଗ୍ୟବାନ ? ବାହାରେ ସହସ୍ର ସହସ୍ର ଲୋକ ମୋ ଦର୍ଶନ ପାଇଁ ସମବେତ ହୋଇଛନ୍ତି । ତୁମେ କିନ୍ତୁ ମୋ ଅତି ନିକଟରେ ବସି ମୋ ପାଦସେବାର ସୁଯୋଗ ଲାଭ କରୁଛ । ତୁମ୍ଭେମାନେ କେତେ ଭାଗ୍ୟବାନ ଓ କପାଳିଆ ତୁମେ ଜାଣିନାହଁ । ମୁଁ ତୁମକୁ ଏ ସୁଯୋଗ ଦେଇଛି ବୋଲି ତୁମେମାନେ ମୋର ନିକଟବର୍ତ୍ତୀ ହୋଇଛ । ମୋର ଇଚ୍ଛା ହେଉଛି, ମୁଁ ଆକାଶରେ ଏ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ଚାଲିଯାଆନ୍ତି । କେବଳ ଏତିକି କରିଦେଲେ ସମଗ୍ର ପୃଥିବୀ ମୋ ପାଦ ପାଖରେ ଉପସ୍ଥିତ ହୋଇଯିବ । ଲକ୍ଷ ଲକ୍ଷ ଭକ୍ତ ମୋ ଚତୁଃପାର୍ଶ୍ୱରେ ବେଢ଼ିଯିବେ । ସେତେବେଳେ କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ ଜଣେ ହେଲେ ମୋ ସାନ୍ନିଧ୍ୟ ଲାଭର ସୁଯୋଗ ପାଇପାରିବ ନାହିଁ । ସଶସ୍ତ୍ର ପ୍ରହରୀ ମୋତେ ଜଗି ରହିବେ । ମୁଁ ଆଜିଠାରୁ କହି ରଖୁଛି, ଏ ଦିନ ଆସିବାକୁ ବେଶୀ ଡେରି ନାହିଁ । ମୋତେ ବିଶ୍ୱାସ କର, ଦିନ ଆସିବ ତୁମ୍ଭେମାନେ ବହୁତ ଦୂରରୁ, ବହୁ କଷ୍ଟକର

ଅବସ୍ଥାରେ ପଡ଼ି, ବହୁ ଉଦ୍ୟମ କଲେ, ମୋ ପୋଷାକର ନାଲିରଙ୍ଗର ଝଲକ ମାତ୍ର ଦେଖିପାରିବ । ମୁଁ ଯେତେବେଳେ ଆକାଶ ମାର୍ଗରେ ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଯିବା ଆସିବା କରିବି, ସେତେବେଳେ ତୁମ୍ଭେମାନେ ମୋ ମହିମା ଉପଲବ୍ଧି କରିବ । ତେଣୁ ଏବେଠାରୁ ସ୍ୱାମୀଙ୍କ ସାମୀପ୍ୟର ଉପକାର ଯେତେ ନେଇ ପାରିବ ନେଇଯାଅ ।''

ବାର୍ଷିକ କ୍ରୀଡ଼ା ଉତ୍ସବର କାର୍ଯ୍ୟକ୍ରମ ହିଲ୍ ଭିଉ ଷ୍ଟାଡିୟମ୍‌ଠାରେ ହେବାକୁ ଯାଉଥାଏ । ଉତ୍ସବ ଉଦ୍‌ଘାଟନ କରି ସ୍ୱାମୀ ଦୁଇଟି ଧଳା ପାରା ଆକାଶକୁ ଉଡ଼ାଇ ଦେଲେ । ବିଭିନ୍ନ ଖେଳ କସରତ ଆରମ୍ଭ ହୋଇଗଲା । ମଞ୍ଚ ଉପରେ ସ୍ୱାମୀ ଓ ଅନ୍ୟ କେତେକ ପଦସ୍ଥ ଅତିଥି ତାହା ସବୁ ଦେଖୁଥାନ୍ତି । କିଛି ସମୟ ପରେ ଦେଖାଗଲା, ଅଳ୍ପ ସମୟ ପୂର୍ବରୁ ଛଡ଼ା ଯାଇଥିବା ପାରା ଦୁଇଟି ସେହି ମଞ୍ଚ ଉପର ଆକାଶରେ ଗୋଟିଏ ପାଖରୁ ଅନ୍ୟ ପାଖ ପର୍ଯ୍ୟନ୍ତ ଘୂରି ବୁଲୁଛନ୍ତି । ସ୍ୱାମୀ ଲକ୍ଷ୍ୟ କରି କହିଲେ, ''ପାରା ଦୁଇଟିଙ୍କୁ ଦେଖୁଛ । ଆମ ସହିତ ବହୁ ସମୟ ପର୍ଯ୍ୟନ୍ତ ରହିଥିଲେ ବୋଲି ବର୍ତ୍ତମାନ ଖୋଲା ହୋଇଗଲା ପରେ ମଧ୍ୟ ସେମାନେ ଆକାଶ ସଙ୍ଗେ ନିଜକୁ ମିଶାଇ ପାରୁନାହାନ୍ତି ।'' ବାବା ସେ ପାରା ଦୁଇଟିକୁ ଦେଖାଇ ଏ କଥା କହୁଥିଲେ ସତ, କିନ୍ତୁ ଏ କଥା ତାଙ୍କର ସମସ୍ତ ଭକ୍ତ ଓ ଛାତ୍ରମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ଥିଲା ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ଏକାଦଶ ଅଧ୍ୟାୟ ସଂପୂର୍ଣ୍ଣ

ଦ୍ୱାଦଶ ଅଧ୍ୟାୟ

ଆରୋଗ୍ୟ ମନ୍ଦିର

ତୁମ୍ଭେମାନେ ମୋ କାର୍ଯ୍ୟକଳାପ ମାଧ୍ୟମରେ ମୋତେ ବୁଝିପାରିବ, ସେଥିପାଇଁ 'ମୁଁ କିଏ' ତାହା ଜାଣିବା ପାଇଁ ଅନେକ ସମୟରେ ମୁଁ ମୋ ପରିଚୟ ପତ୍ର ତୁମକୁ ଦେଖାଇଥାଏ, କିନ୍ତୁ ତୁମେ ତାକୁ କହିଥାଅ ଚମତ୍କାରିତା ।

-ବାବା

ସୁପର୍ ସ୍ପେଷାଲିଟି ହସ୍‌ପିଟାଲ୍

(ଅତି ବିଶିଷ୍ଟ ଚିକିତ୍ସା ପ୍ରଦାନକାରୀ ମନ୍ଦିର)

ଦରିଦ୍ରମାନଙ୍କ ଉପକାର ପାଇଁ ସ୍ୱାମୀ ୧୯୫୬ ମସିହାରେ ପୁଟ୍ଟପର୍ତ୍ତିରେ ଗୋଟିଏ ଡାକ୍ତରଖାନା ପ୍ରତିଷ୍ଠା କରିଥିଲେ । ସମସ୍ତେ ଜାଣନ୍ତି ଯେ ସେ ଡାକ୍ତରଖାନା ତଥା ଡାକ୍ତରମାନେ କେବଳ ନିମିତ୍ତମାତ୍ର ଥିଲେ । ପ୍ରକୃତ ଡାକ୍ତର ହେଉଛନ୍ତି ଭଗବାନ ବାବା । ଅଗଣିତ ଘଟଣାମାନ ଘଟିଛି ଯେଉଁଥିରେ ଡାକ୍ତରମାନେ ରୋଗ ନିରୂପଣ କରିପାରନ୍ତି ନାହିଁ । ଆଶା ତ୍ୟାଗ କରିବସନ୍ତି, କିନ୍ତୁ ଭଗବାନ ନିଜ ଉପରକୁ ସେ ରୋଗସବୁ ଘେନି ଯାଇ ଆଶ୍ଚର୍ଯ୍ୟଜନକ ଭାବେ ଆରୋଗ୍ୟ କରିଦିଅନ୍ତି ।

ଏହାପରେ ଭଗବାନ ଇଚ୍ଛା କଲେ, **ଅତି ବିଶିଷ୍ଟ ସେବା ଓ ଚିକିତ୍ସା** ପ୍ରଦାନ **କଲାଭଳି ଡାକ୍ତରଖାନା** ପ୍ରତିଷ୍ଠା କରିବାକୁ, ଯେଉଁଠାରେ ଲକ୍ଷାଧିକ ଟଙ୍କାର ସଂପୂର୍ଣ୍ଣ ମାଗଣାରେ ଦିଆଯାଇ ପାରିବ । ସେ ହସ୍‌ପିଟାଲ୍ ପୃଥିବୀର ଅନ୍ୟ ଏକ ଆଶ୍ଚର୍ଯ୍ୟରେ ପରିଣତ ହେବ । ଦିବ୍ୟ ସଙ୍କଳ୍ପ ପୂରଣ ହେବାକୁ ସମୟ ଲାଗିଲା ନାହିଁ । ୧୯୯୦ ମସିହା ନଭେମ୍ବର ୨୨ରେ ବାବା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଏବଂ ଘୋଷଣା କଲେ ଯେ ଠିକ୍ ବର୍ଷକ ପରେ ଅର୍ଥାତ୍ ୧୯୯୧ ନଭେମ୍ବର ୨୨ରେ ଏହା ଉଦ୍‌ଘାଟିତ ହେବ ।

ଏହି ଅତି ବିଶିଷ୍ଟ ଚିକିତ୍ସା ପ୍ରଦାନକାରୀ ଡାକ୍ତରଖାନାର ଡିଜାଇନ୍ ଲଣ୍ଡନର ପ୍ରିନ୍ସ ଅଫ୍ ୱେଲ୍‌ସର ସ୍ଥାପତ୍ୟ କଳା ଅନୁଷ୍ଠାନର ନିର୍ଦ୍ଦେଶକ ଡଃ କୀଥ୍ କ୍ରିଚ୍‌ଲୋଙ୍କ ଦ୍ୱାରା କରାଯାଇଥିଲା । ସାର୍ ଆଇଜାକ୍ ଟିଗ୍ରେଟ୍‌ଙ୍କ ପ୍ରସ୍ତାବ ଗ୍ରହଣ କରି ସେ ପ୍ରଶାନ୍ତିନିଳୟମ୍ ଆସି ଭଗବାନଙ୍କ ଦର୍ଶନ କରିଥିଲେ । ସ୍ୱାମୀ ତାଙ୍କୁ ସାକ୍ଷାତ୍‌କାର ପ୍ରଦାନ କରିଥିଲେ ଓ ପ୍ରସ୍ତାବିତ ଡାକ୍ତରଖାନାର ଡିଜାଇନ୍‌ରେ ହେବାକୁ ଥିବା ସ୍ଥାପତ୍ୟ କଳା ଓ ସୌନ୍ଦର୍ଯ୍ୟବର୍ଦ୍ଧକ କାରୁକାର୍ଯ୍ୟ ବିଷୟ ବୁଝାଇଦେଇଥିଲେ । ସେ ଯାହା ବୁଝିଥିଲେ, ଇଞ୍ଜିନିୟରଜଣକ

ସ୍ୱାମୀଙ୍କ କାରିଗରୀ ବିଦ୍ୟାରେ ଥିବା ଜ୍ଞାନ ଦେଖି ଚକିତ ହୋଇଯାଇଥିଲେ । ସେ ଲଣ୍ଡନ ଫେରିଗଲେ ଓ ସ୍ୱାମୀଙ୍କ ନିର୍ଦ୍ଦେଶ ଅନୁସାରେ ଡ୍ରଇଂ ଓ ଡିଜାଇନ୍ ଆରମ୍ଭ କଲେ । ସେଥିରେ ସେ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ । ଜଣେ ବନ୍ଧୁଙ୍କ ପରାମର୍ଶରେ ସେ ନିଜକୁ ସ୍ୱାମୀଙ୍କ ହାତରେ ଉପକରଣଟିଏ ବୋଲି ମନେକରିବା ଆରମ୍ଭ କଲେ, ବାବାଙ୍କ ଦୟା ଭିକ୍ଷା କରି ନିଜକୁ ସଂପୂର୍ଣ୍ଣ ସମର୍ପଣ କରିଦେଲେ । ବିକଳ ହୋଇ ପ୍ରାର୍ଥନା କଲେ ଓ ପୁନର୍ବାର ନୂଆ କରି କାମ ଆରମ୍ଭ କଲେ । ଲମ୍ୱା ଏକ ଡ୍ରଇଂ କାଗଜ ଧରି ତାହାର ଏକ ପ୍ରାନ୍ତରୁ ଅନ୍ୟ ଏକ ପ୍ରାନ୍ତ ପର୍ଯ୍ୟନ୍ତ ଏକା ଥରକେ ଡ୍ରଇଂ ଓ ନକ୍ସା କରି ଚାଲିଲେ । ସେ ପ୍ରତିଟି ପ୍ରାନ୍ତରେ ଗୋଟିଏ ଲେଖାଏଁ ରୋଗୀ ଶୋଇବା ଘର ଯୋଡ଼ି ରଖିଲେ । ଉଭୟ ପାଖକୁ ବଢ଼ାଇଚାଲିଲେ ଓ ମଝିରେ ସାମାନ୍ୟ ବଙ୍କା କରି ରଖିଲେ । ଜଣାଯିବ ଜଣକର ଦୁଇ ହାତ ମଝିରେ ସେ ପ୍ରେମ୍ୟ ବସ୍ତୁଟି ସଯତ୍ନରେ ରହିଛି । ସ୍ୱାମୀ ଠିକ୍ ଏହିପରି କରିବାକୁ କହିଥିଲେ ।

ବର୍ତ୍ତମାନ ଆଉ କେତେକ ସ୍ଥପତି କାର୍ଯ୍ୟଭାର ଗ୍ରହଣ କଲେ । ତିନି ମାସ ଧରି ଦିନକୁ ସତର ଘଣ୍ଟା ଲେଖାଏଁ ପରିଶ୍ରମ କରି କାମ ସାରିଦେଲେ । ସେ ସମସ୍ତ ଡ୍ରଇଂ, ନକ୍ସା ଓ ଅନ୍ୟାନ୍ୟ କାଗଜପତ୍ର, ସ୍ୱାମୀଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଭାରତର ଗୋଟିଏ ନିର୍ମାଣ ସଂସ୍ଥା ପାଖକୁ ପଠାଇଦେଲେ । କିନ୍ତୁ ଡଃ କ୍ରିଚ୍‌ଲୋଙ୍କ ନିଜର କିଛି ସନ୍ଦେହ ରହିଯାଇଥିଲା । ଆମେରିକା ଭଳି ଅତି ବିକଶିତ ଦେଶରେ ଏ ଧରଣର ଡାକ୍ତରଖାନା ନିର୍ମାଣ କରିବା ପାଇଁ ସାତବର୍ଷରୁ କମ୍ ସମୟ ଲାଗନ୍ତା ନାହିଁ । ସ୍ୱାମୀ ଏହାକୁ କିପରି ଅବଶିଷ୍ଟ ଛ'ମାସ ମଧ୍ୟରେ ସଂପୂର୍ଣ୍ଣ କରିବାକୁ ଯାଉଛନ୍ତି ।

ଯନ୍ତ୍ରୀମାନେ ଲଣ୍ଡନରୁ ଆସିଲେ । ସେମାନେ ମୂଳଦୁଆ ପକାଇଲେ, ତିନି ଚାରିଫୁଟ ଉଚ୍ଚର କଂକ୍ରିଟ୍ ସ୍ତମ୍ଭ ନିର୍ମାଣ କଲେ । ସ୍ୱାମୀ ମେ ମାସରେ ବାଙ୍ଗାଲୋର ଚାଲିଗଲା ପରେ ଏମାନେ ମଧ୍ୟ ନିଜ ଦେଶକୁ ଫେରିଗଲେ । ୧୯୯୧ ମେ ୨୨ରେ ବାଙ୍ଗାଲୋରରୁ କୋଡ଼ାଇକାନାଲ୍ ଯିବା ବେଳେ ସ୍ୱାମୀ କର୍ଣ୍ଣେଲ୍ ଯୋଗା ରାଓଙ୍କୁ ସାଥୀରେ ଧରି କାମର ଅଗ୍ରଗତି ଦେଖିବା ପାଇଁ ଗଲେ । ସେଦିନଠାରୁ (୧୯୯୧ ମେ ୨୨ରୁ) ଉଦ୍‌ଘାଟନ ଦିବସ ପ୍ରାୟ ୬ ମାସ ବାକି ଥାଏ । ସୌଧଟି ଚମତ୍କାର ହେବା ଦରକାର, ସର୍ବାଧୁନିକ ଯନ୍ତ୍ରପାତି ସଂଗୃହୀତ ହୋଇ ଯଥାସ୍ଥାନରେ ଖଞ୍ଜାଯିବା କଥା, ପୂରାପୂରି କାର୍ଯ୍ୟକ୍ଷମ ହେବା ପୂର୍ବରୁ ହଜାର ପ୍ରକାର କାମ ବାକି ରହିଥାଏ । କର୍ଣ୍ଣେଲ ଯୋଗା ରାଓ କହିଲେ, 'ସ୍ୱାମୀ ଆମେ ଯଦି ହଜାରେ ଶ୍ରମିକଙ୍କୁ ଦିନରାତି କାମରେ ଲଗାଇବା ତେବେ ବି କ'ଣ ଏ ବିରାଟ ପ୍ରକଳ୍ପକୁ ନଭେମ୍ୱର ୨୨ ସୁଦ୍ଧା ସାରିପାରିବା ? ତା'ପରେ ପୁଣି ଅର୍ଥର ବ୍ୟବସ୍ଥା ମଧ୍ୟ ଆବଶ୍ୟକ । ସ୍ୱାମୀ ବାଧାଦେଇ କହିଲେ, ''ସନ୍ଦେହ ଓ ଅନିଶ୍ଚିତତାର ତରଙ୍ଗ ସୃଷ୍ଟି କରନା । ସ୍ୱାମୀଙ୍କ ସଙ୍କଳ୍ପ ସଫଳ ହେବାକୁ ବାଧ୍ୟ ।'' ସେ ଭାରତୀୟ ଇଞ୍ଜିନିୟର ବ୍ରିଗେଡିଅର ବୋଷଙ୍କୁ ଡାକି ନିର୍ଦ୍ଦେଶ ଦେଲେ, ଲର୍ସନ ଟୁବ୍ରୋ କମ୍ପାନୀ

ଜରିଆରେ ଦୁଇ ହଜାର ଶ୍ରମିକ ମଗାଅ, ସେମାନଙ୍କୁ କାମରେ ଲଗାଅ ଓ ଯଥା ସମୟରେ କାମ ସାର ।'' ବାବା କୋଡ଼ାଇକାନାଲ୍ ଚାଲିଗଲେ ।

ସ୍ୱାମୀଙ୍କ ନିର୍ଦ୍ଦେଶ ମାନି ବ୍ରିଗେଡ଼ିଅର ବୋଷ କାମ କରିଚାଲିଲେ । ସେ ସମସ୍ତ ଦାୟିତ୍ୱ ସ୍ୱାମୀଙ୍କ କାନ୍ଧ ଉପରେ ଛାଡ଼ିଦେଲେ । ସେ ଦୁଇ ହଜାରରୁ ଅଧିକ ଶ୍ରମିକ ଲଗାଇଲେ ଓ ଦିନ ରାତି କାମ କରାଇ ଚାଲିଲେ । ତାଙ୍କ ଶ୍ରମ ଫଳ ଦେଲା । ୧୯୯୧ ଅକ୍ଟୋବର ୧୫ ସୁଦ୍ଧା ସେ ଉଦ୍‌ଘାଟନ ତିଥି ଘୋଷଣା କରିପାରିଲେ ଏବଂ ମାସକ ପୂର୍ବରୁ ପ୍ରକାଣ୍ଡ ବିଶାଳ ସୌଧ ସବୁ ଦିଗରୁ ସଂପୂର୍ଣ୍ଣ ହେଲା ଓ ଡାକ୍ତରୀ ବିଶେଷଜ୍ଞମାନଙ୍କୁ ତାଙ୍କ କାମ ପାଇଁ ହସ୍ତାନ୍ତର କରାଯାଇ ପାରିଲା ।

ସାର୍ ଆଇଜାକ୍ ଟିଗ୍ରେଟ୍ ବହୁ ଡାକ୍ତରୀ ଯନ୍ତ୍ରପାତି ଡାକ୍ତରଖାନାକୁ ଦାନ କରିଥିଲେ । ଭାରତ ସରକାର ସବୁ ଜିନିଷ ଉପରୁ ଟିକସ ପ୍ରଭୃତି ଉଠାଇ ଦେଲେ ଓ ଜିନିଷଗୁଡ଼ିକୁ ଉଡ଼ାଜାହାଜରେ ପୁଟ୍ଟପର୍ତ୍ତିକୁ ପଠାଇଦେଲେ । ଜେଟ୍ ବିମାନଗୁଡ଼ିକ ଆସି ଜିନିଷପତ୍ର ଓହ୍ଲାଇବାକୁ ସୁବିଧା ହେବ ବୋଲି, ଶ୍ରୀ ସତ୍ୟସାଇ ବିମାନଘାଟୀକୁ ବର୍ଷକ ପୂର୍ବରୁ ବଡ଼ କରି, ଆନ୍ତର୍ଜାତିକ ବିମାନଘାଟୀରେ ପରିଣତ କରାସରିଥିଲା । ଆମେରିକା ସ୍ଥିତ ସାଇ ସଂସ୍ଥାନର ଜନ୍ ସିନ୍‌କ୍ଲେୟାର୍‌ଙ୍କ କୋଟିଏ ଟଙ୍କାର ଦାନରେ ରକ୍ତ ପରୀକ୍ଷା କରିବା ଯନ୍ତ୍ରପାତି ପ୍ରଭୃତି ଆମେରିକାରୁ ମଗାଗଲା । ସେ ଯନ୍ତ୍ର ମାଧ୍ୟମରେ ୬୦୦ ରୋଗୀଙ୍କର ୨୦ ପ୍ରକାର ରକ୍ତ ପରୀକ୍ଷା କରାଯାଇ ଘଣ୍ଟାକ ମଧ୍ୟରେ ରିପୋର୍ଟ ଡାକ୍ତରମାନଙ୍କ ହାତରେ ପହଞ୍ଚିଯିବ । ସେଥିରେ ଥିବା କମ୍ପ୍ୟୁଟର ଦଶଲକ୍ଷ ରୋଗୀଙ୍କର ରକ୍ତ ପରୀକ୍ଷା ଫଳାଫଳକୁ ଗଚ୍ଛିତ କରି ରଖିପାରିବ ଓ ଚାହିଁଲା ମାତ୍ରେ ସୂଚନାମାନ ଦେଇପାରିବ ।

ପରିଶେଷରେ ୧୯୯୧ ନଭେମ୍ବର ୨୨ ଆସିଗଲା । ଦିବ୍ୟ ସଙ୍କଳ୍ପ ଅନୁଯାୟୀ ପ୍ରଥମ ଦିବସରେ ଚାରିଜଣ ରୋଗୀଙ୍କର ହୃତ୍‌ପିଣ୍ଡରେ ଉନ୍ମୁକ୍ତ ଅସ୍ତ୍ରୋପଚାର କରାଗଲା । କି ଆଶ୍ଚର୍ଯ୍ୟର କଥା, କି ଚମତ୍କାରିତା ? ବର୍ଷକ ପୂର୍ବରୁ ଉଦ୍‌ଘାଟନ ଦିବସ ଘୋଷିତ ହୋଇ ସାରିଥିଲା । ଛଅ ମାସ ପୂର୍ବରୁ ଏଠାରେ କେବଳ ପାହାଡ଼ିଆ ଜମି ପଡ଼ି ରହିଥିଲା । ପାଞ୍ଚମାସ ପନ୍ଦର ଦିନ ମଧ୍ୟରେ ଏଡ଼େ ସୁନ୍ଦର ଚମତ୍କାର ପ୍ରାସାଦ ସଦୃଶ ସୌଧ ନିର୍ମାଣ ହୋଇଗଲା । ଆବଶ୍ୟକ ସାମଗ୍ରୀମାନ ସିଧା ସଳଖ ପୁଟ୍ଟପର୍ତ୍ତି ବିମାନବନ୍ଦରଠାରେ ପହଞ୍ଚିଗଲା । ପୂର୍ବ ନିର୍ଦ୍ଧାରିତ ଦିବସରେ ଡାକ୍ତରଖାନା ଉଦ୍‌ଘାଟିତ ହୋଇଗଲା ଏବଂ ସେହିଦିନ ହୃତ୍‌ପିଣ୍ଡରେ ଅସ୍ତ୍ରୋପଚାର ମଧ୍ୟ କରାଗଲା । ଏସବୁ କ'ଣ ବିଶ୍ୱାସଯୋଗ୍ୟ ? ସମଗ୍ର ବିଶ୍ୱର ବିଶେଷଜ୍ଞମାନେ ଏଥିରେ ଆଶ୍ଚର୍ଯ୍ୟ ହୋଇଥିଲେ ।

ଏହିଭଳି ଅନ୍ୟ ଏକ ଅତି ବିଶିଷ୍ଟ ଚିକିତ୍ସା ପ୍ରଦାନକାରୀ ଡାକ୍ତରଖାନା ମଧ୍ୟ ବାଙ୍ଗାଲୋରରେ ନିର୍ମିତ ହୋଇ ସାରିଲାଣି । ତାହା ମଧ୍ୟ ଭଗବାନଙ୍କ ଦିବ୍ୟ ସଙ୍କଳ୍ପ ବଳରେ ହୋଇପାରିଛି । ୧୯୯୯ ନଭେମ୍ବରରେ ଏହି ଡାକ୍ତରଖାନା ବିଷୟକ ଘୋଷଣା

କରାଯାଇଥିଲା । ୨୦୦୦ ମସିହା ନଭେମ୍ବର ସୁଦ୍ଧା ଏହା ସର୍ବତୋଭାବେ ସଂପୂର୍ଣ୍ଣ ହୋଇଯାଇଥିଲା । ତାହାର ଉଦ୍‌ଘାଟନ ଉତ୍ସବରେ ସ୍ୱାମୀ କହିଲେ, ସାଇ ଅନୁଷ୍ଠାନଗୁଡ଼ିକ ଚିରନ୍ତନ । ଏଗୁଡ଼ିକ ଚିରଦିନ ଧରି ଦରିଦ୍ରମାନଙ୍କ ସେବା କରୁଥିବ ।

ଭଗବାନ ସତ୍ୟସାଇଙ୍କ ସଙ୍କଳ୍ପ କ'ଣ, ତାହା କିଭଳି ଭାବେ କାର୍ଯ୍ୟକାରୀ ହୁଏ, ତାହା କେବଳ ଦେଖିବାର ବିଷୟ । ଥରେ ସେ କହିଲେ, ''ମୋ ସଙ୍କଳ୍ପ ନିଶ୍ଚିତଭାବେ ସଫଳ ହେବ, ଚତୁର୍ଦ୍ଦଶ ଭୁବନ ଏକତ୍ରିତ ହୋଇ ବିରୋଧ କଲେ ମଧ୍ୟ ମୋର ସଙ୍କଳ୍ପକୁ ବାଧା ଦେଇପାରିବ ନାହିଁ । ମୋ ଦିବ୍ୟ ଶକ୍ତିକୁ ଧାରଣା କରିବାର ଶକ୍ତି ସାମର୍ଥ୍ୟ କାହା ପାଖରେ ନାହିଁ । ବ୍ରହ୍ମାଙ୍କଠାରୁ ଆରମ୍ଭ କରି ତଳକୁ ତଳ ଯେତେ ଦେବଦେବୀ ଅଛନ୍ତି ସେମାନେ ମଧ୍ୟ ମୋତେ ଜାଣି ପାରନ୍ତି ନାହିଁ । ସବୁଠାରୁ ଉତ୍କୃଷ୍ଟ ମସ୍ତିଷ୍କ ସମ୍ପନ୍ନ ବ୍ୟକ୍ତି ପକ୍ଷରେ ମୋ ଶକ୍ତିର ଦଶଲକ୍ଷ ଭାଗରୁ ଭାଗେ ଜାଣିବା ମଧ୍ୟ କଷ୍ଟକର ।'' ଭଗବାନଙ୍କ ଏହି ପରମୋଲ୍ଲସିତ ମହତବାଣୀକୁ ମଣିଷ ସସ୍ନେହ ଯତ୍ନର ସହିତ ପୋଷଣ କରିବା ଉଚିତ ।

ପ୍ରସାଦର କରାମତି

ଗୋଟିଏ ଦମ୍ପତି ତାଙ୍କ ଛୋଟ ଝିଅର ହୃଦ୍‌ରୋଗ ବାବଦରେ ପୁଟ୍ଟପର୍ତ୍ତି ଆସିଥିଲେ । ଡାକ୍ତରମାନେ ଦେଖିଲେ ଝିଅଟିର ହୃତ୍‌ପିଣ୍ଡରେ ଦୁଇ ତିନିଟି ଛିଦ୍ର ଅଛି । ପିଲାର ରୋଗ ଉତ୍କଟ ଅବସ୍ଥାରେ ଥିବା ଜାଣି ପରଦିନ ସକାଳୁ ଅସ୍ତ୍ରୋପଚାର କରାଯିବା ସ୍ଥିର ହେଲା । ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା । ଅସ୍ଥିରଚିତ୍ତ ବାପା ଭାବିଲେ, ପରଦିନ ସକାଳୁ ତାଙ୍କର ଏ ସଙ୍କଟ ବିଷୟରେ ସ୍ୱାମୀଙ୍କୁ ଜଣାଇ ଆଶିଷ ଭିକ୍ଷା କରିବେ । ସେ ଯାଇ ଦର୍ଶନ ମଣ୍ଡପରେ ବସି ରହିଲେ । ଦୟାମୟ ଭକ୍ତଙ୍କ ଭିତରେ ବୁଲୁଥିଲେ । ଜଣେ ବାଳକର ଜନ୍ମଦିନ ହୋଇଥିବାରୁ ସେ କିଛି ଟଫି ଆଣି ସ୍ୱାମୀଙ୍କୁ ଅର୍ପଣ କଲା । ବାବା ସେଥିରୁ ମୁଠାଏ ଧରି ବସିଥିବା ଅନ୍ୟ ଭକ୍ତମାନଙ୍କ ଆଡ଼କୁ ନିକ୍ଷେପ କଲେ । ସେଥିରୁ ଗୋଟିଏ ଏହି ହୃଦ୍‌ରୋଗୀ କନ୍ୟାର ଭଗ୍ନହୃଦୟ ପିତା କୋଳରେ ପଡ଼ିଲା । ସେ ତାହାକୁ ସ୍ୱାମୀଙ୍କ ପ୍ରସାଦ ଭାବି ଖୁସିରେ ବିହ୍ୱଳ ହୋଇଗଲା । ସେ ଡାକ୍ତରଖାନାକୁ ଯାଇ ଝିଅକୁ ଟଫି ଖୁଆଇ ଦେଲା । କିଛି ସମୟ ପରେ ରୋଗୀକୁ ଅସ୍ତ୍ରୋପଚାର ଗୃହକୁ ନିଆଗଲା । ଡାକ୍ତରମାନେ ଶେଷ ମୁହୂର୍ତ୍ତରେ ରଞ୍ଜନ ରଶ୍ମି ଫଟରେ ଦେଖିଲେ ତା' ହୃତ୍‌ପିଣ୍ଡରେ କୌଣସି ଛିଦ୍ର ନଥିଲା, ସେମାନେ ମଧ୍ୟ ଆଚମ୍ବିତ ହୋଇଗଲେ । ରୋଗୀକୁ ଘରକୁ ପଠାଇ ଦେଲେ । ସ୍ୱାମୀଙ୍କ ଅମାପ ସ୍ନେହ ଓ ଦୟାକୁ ବର୍ଣ୍ଣନା କରିବା କ'ଣ ସମ୍ଭବ ?

ଅସ୍ତ୍ରୋପଚାର କଲା କିଏ ?

ଜଣେ ରୋଗୀ ଅତି ବିଶିଷ୍ଟ ଚିକିତ୍ସା ପ୍ରଦାନକାରୀ ଡାକ୍ତରଖାନାରେ ନିଜ ହୃତ୍‌ପିଣ୍ଡ ପରୀକ୍ଷା କରାଇଲେ । ତାଙ୍କ ଅବସ୍ଥା ଉଦ୍‌ବେଗଜନକ ଥିଲା । ହୃଦରୋଗ ସହ

ତାଙ୍କ ଦେହରେ ନାନା ପ୍ରକାର ରୋଗ ଥିଲା । ଡାକ୍ତରମାନେ ଭାବିଲେ ଏ ଲୋକ ଅସ୍ତ୍ରୋପଚାରର ସଂଘାତ ସହି ପାରିବ ନାହିଁ, ତେଣୁ ତା'ର ଅସ୍ତ୍ରୋପଚାର ଚିନ୍ତା ପରିହାର କଲେ । ରୋଗୀ ଯାଇ ଭଗବାନଙ୍କ ପାଖରେ ପ୍ରାର୍ଥନାରେ ବସିଲା । ସେ କିଭଳି ଶୀଘ୍ର ସୁସ୍ଥ ହୋଇଯିବ ସେ କଥା ଜଣାଇ ଲାଗିଲା । ବାବା ଡାକ୍ତରମାନଙ୍କୁ ଏ ରୋଗୀ ବାବଦରେ ପଚାରି ବୁଝିଲେ । ଡାକ୍ତରମାନେ ସବୁ କଥା ଜଣାଇଲେ ଏବଂ ଏତେ ପ୍ରକାର ରୋଗରେ ଆକ୍ରାନ୍ତ ହୋଇଥିବା ଲୋକର ଅସ୍ତ୍ରୋପଚାର ବିଫଳ ହୋଇପାରେ ବୋଲି ଜଣାଇଲେ । ସ୍ୱାମୀ କହିଲେ, 'ତା'ର ଅସ୍ତ୍ରୋପଚାର କର, କିଛି ଅଘଟଣ ଘଟିବ ନାହିଁ । ମୁଁ ତାକୁ ଦେଖିବି ।' ଅସ୍ତ୍ରୋପଚାର କରାଗଲା । ତାହା ମଧ୍ୟ ସଫଳ ହେଲା, ଡାକ୍ତରମାନେ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହେଲେ । କିଛିଦିନ ପରେ ସ୍ୱାମୀ ତା'ର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ । ଡାକ୍ତରମାନେ କହିଲେ, ଅସ୍ତ୍ରୋପଚାରରେ କୌଣସି ଅସୁବିଧା ହୋଇ ନଥିଲା ଏବଂ ତା'ପରେ ମଧ୍ୟ ରୋଗୀ ବେଶ୍ ଭଲ ଅବସ୍ଥାରେ ଅଛି ।

ସେ ଡାକ୍ତରଖାନାରେ ଜଟିଳ ଅସ୍ତ୍ରୋପଚାର କ୍ଷେତ୍ରରେ ଅସ୍ତ୍ରୋପଚାରର ଭିଡ଼ିଓ ଫଟ ଉଠାଯାଏ । ସ୍ୱାମୀ କହିଲେ, ସେ ଅସ୍ତ୍ରୋପଚାର ବେଳେ ଉଠାଯାଇଥିବା ଭିଡ଼ିଓ ଫଟରୁ କିଛି ଅଂଶ ଦେଖିବ । ତାହାକୁ ଦେଖି ଡାକ୍ତରମାନେ ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲେ ନାହିଁ । ଫଟରେ ଅସ୍ତ୍ରୋପଚାର ଟେବୁଲ୍‌ର ଚତୁର୍ଦ୍ଦିଗରେ ସ୍ୱାମୀ ଡାକ୍ତରମାନଙ୍କ ରୂପ ଧାରଣ କରି ଉପସ୍ଥିତ୍ ଥିବା ଦେଖାଯାଇଥିଲା । ଡାକ୍ତରମାନଙ୍କ ଗର୍ବ ଓ ଅହଂକାର ଭାଙ୍ଗିଗଲା । ସେମାନେ ଉପଲବ୍ଧି କଲେ ଯେ ସ୍ୱାମୀ, କେବଳ ସ୍ୱାମୀ ହିଁ ଅସ୍ତ୍ରୋପଚାର କରିଥିବା ଡାକ୍ତର ଓ ସେମାନେ ସ୍ୱାମୀଙ୍କ ହାତରେ ଜଣ ଜଣେ ସାମାନ୍ୟ ନିମିତ୍ତ ମାତ୍ର । ଅତ୍ୟନ୍ତ ବିନମ୍ର ଭାବର ସହ ସେମାନେ ଭଗବାନଙ୍କ ପାଦପଦ୍ମରେ ମଥାନତ କଲେ ।

ଏହି ଅତି ବିଶିଷ୍ଟ ଚିକିତ୍ସା ପ୍ରଦାନକାରୀ ଡାକ୍ତରଖାନା ଦିନକୁ ଦିନ ସେବା କରିବା ଦିଗରେ ବଢ଼ିବାକୁ ଲାଗିଲା । ଏଠାରେ ହୃଦ୍‌ରୋଗ ବିଭାଗ ସହ ହୃଦ୍‌ବକ୍ଷ ଅସ୍ତ୍ରୋପଚାର, ବୃକ୍କ ଓ ମୂତ୍ରଗ୍ରନ୍ଥି ବିଭାଗ ଏବଂ ଚକ୍ଷୁ ରୋଗ ବିଭାଗ ମଧ୍ୟ ଅଛି । ଏଠାରେ ଗୋଟିଏ ଲିଥୋଟ୍ରିପ୍‌ସି କେନ୍ଦ୍ର ମଧ୍ୟ ଅଛି । ଏହାଦ୍ୱାରା ବହୁ ଉଚ୍ଚ ଶକ୍ତିସମ୍ପନ୍ନ ତରଙ୍ଗ ମାଧ୍ୟମରେ ମୂତ୍ରଗ୍ରନ୍ଥିରେ ହୋଇଥିବା ପଥରକୁ ଭାଙ୍ଗି ଗୁଣ୍ଡ କରି ବାହାର କରି ଦିଆଯାଏ । ଯେଉଁ ସବୁ ଚିକିତ୍ସା ଓ ଅସ୍ତ୍ରୋପଚାର ଅନ୍ୟତ୍ର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାନ୍ତା, ତାହାସବୁ ଏଠାରେ ବିନା ଖର୍ଚ୍ଚରେ ସମ୍ପୂର୍ଣ୍ଣ ମାଗଣାରେ କରାଯାଏ । ବର୍ତ୍ତମାନ ଏହା ପୃଥିବୀରେ ବିଭିନ୍ନ ଆଶ୍ଚର୍ଯ୍ୟ କଥାମାନଙ୍କ ମଧ୍ୟରେ ଅନ୍ୟତମ ।

ଏ ଡାକ୍ତରଖାନା ବାବଦରେ ସ୍ୱାମୀ କହନ୍ତି, 'ଏଠାରେ ରୋଗୀମାନେ ଖୁସି, ସେମାନଙ୍କର ବନ୍ଧୁ ପରିଜନମାନେ ମଧ୍ୟ ଖୁସି । ଡାକ୍ତରମାନେ ସେବାରେ ଲାଗିଥିବା ବେଳେ ମଧ୍ୟ ହସୁଥାନ୍ତି । ସେବିକାମାନେ ମଧ୍ୟ ତାଙ୍କ କର୍ତ୍ତବ୍ୟକର୍ମ ଖୁସିରେ କରନ୍ତି । ଏ ସମଗ୍ର ଅଞ୍ଚଳ ହସଖୁସିରେ ପରିପୂର୍ଣ୍ଣ । ସେବାଦଳ କର୍ମୀମାନେ ପ୍ରତ୍ୟେକ କୋଠରୀ ଓ ବାରଣ୍ଡାକୁ ସଫା କରି ଚକ୍ ଚକ୍ କରି ରଖିଥା'ନ୍ତି । କୌଣସି ବାବଦରେ କୌଣସି ପ୍ରକାର ଖର୍ଚ୍ଚ ଏଠାରେ ବହନ କରିବାକୁ ପଡ଼େ ନାହିଁ । ଅନ୍ୟ ଡାକ୍ତରଖାନାମାନଙ୍କରେ

ଥିବା ଡାକ୍ତରମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ କିପରି ସଂପୂର୍ଣ୍ଣ ମାଗଣାରେ ଅତି ବିଶିଷ୍ଟ ସେବା ପ୍ରଦାନ କରିବା ସମ୍ଭବ ହେଉଛି ? ଏଭଳି ସନ୍ଦେହ ରଖିବାର ବା ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । ପବିତ୍ର ହୃଦୟ ସହ ଯାହା କିଛି କରାଯିବ ସେଥିରେ ଅର୍ଥାଭାବ କେବେ ଦେଖାଯିବ ନାହିଁ ।'

ଭଗବାନ ଥାଉଁ ଥାଉଁ ଡାକ୍ତରଖାନା କାହିଁକି ?

ଅନେକ ଲୋକ ଅଛନ୍ତି ଯେଉଁମାନେ କୌଣସି କୌଣସି ଧାରଣାରେ ବଶବର୍ତ୍ତୀ ହୋଇ ସଂଶୟ ପ୍ରକାଶ କରି କହନ୍ତି, 'ଭଗବାନଙ୍କ ଅବତାର ସିଧା ସଳଖ ଭକ୍ତମାନଙ୍କ ରୋଗ ଓ ସମସ୍ୟା କଥା ବୁଝିବାକୁ ଥିଲାବେଳେ, ଡାକ୍ତରଖାନା ବସାଇବା କ'ଣ ଦରକାର ?' ଭଗବାନ ବାବା ଏହି ସନ୍ଦେହଗୁଡ଼ିକର ଉତ୍ତରରେ କହିଛନ୍ତି, ''କେତେକ ଲୋକ ପ୍ରଶ୍ନ କରନ୍ତି, ସ୍ୱାମୀ ସଂକଳ୍ପ କରିବାମାତ୍ରେ ରୋଗ ଠିକ୍ କରିଦେବାକୁ ସମର୍ଥ । ଏସବୁ ଡାକ୍ତରଖାନା ପ୍ରଭୃତି କ'ଣ ପାଇଁ ?' ସେମାନେ ଆଉ ଅଳ୍ପ ଗଭୀରକୁ ଚିନ୍ତା କରନ୍ତୁ । ଏହି ଡାକ୍ତରଖାନାଟି କେବଳ ମୋ ଡାକ୍ତରଖାନା ନୁହେଁ, ମନେକର ଚେନ୍ନୈରେ ଜଣେ ଡାକ୍ତରଖାନା ଆରମ୍ଭ କରଛି । ସେ ବିକଳାଙ୍ଗ ଶିଶୁମାନଙ୍କ ଚିକିତ୍ସା ଓ ସେବା ପ୍ରଦାନ କରୁଛି । ସେ ଡାକ୍ତରଖାନା ମଧ୍ୟ ମୋର । କହିବାକୁ ଗଲେ ସମସ୍ତ ଡାକ୍ତରଖାନା, ସେଗୁଡ଼ିକ ଯେଉଁ ସ୍ଥାନରେ ହୋଇଥାଉ ନା କାହିଁକି, ସବୁ ମୋର । ଯେଉଁମାନେ ହୃଦୟ ସହିତ ମୋତେ ପ୍ରାର୍ଥନା କରନ୍ତି, ମୋର ସାହାଯ୍ୟ ଲୋଡ଼ନ୍ତି, ସେମାନେ ଘରେ ଥା'ନ୍ତୁ, ଡାକ୍ତରଖାନାରେ ଥା'ନ୍ତୁ ବା ଯେକୌଣସି ସ୍ଥାନରେ ଥା'ନ୍ତୁ, ଯେ କୌଣସି ଭାଷାରେ ପ୍ରାର୍ଥନା କରନ୍ତୁ, ସେ ସମସ୍ତେ ମୋର । ସେମାନେ ମୋ ଲୋକ । ମୋତେ ପ୍ରଶାନ୍ତିନିଳୟମ୍‌ର ଏଇ କେତେ ଏକର ଜାଗା ମଧ୍ୟରେ ସୀମିତ କରି ଦିଅ ନାହିଁ । ଯେତେବେଳେ କୌଣସି ବ୍ୟକ୍ତି ବ୍ୟାକୁଳତାର ସହ ପ୍ରଶାନ୍ତି ଲାଭ କରିବାକୁ ପ୍ରାର୍ଥନା କରେ, ସେ ଯେଉଁ ସ୍ଥାନରୁ ପ୍ରାର୍ଥନା କରେ, ସେ ସ୍ଥାନଟି ପ୍ରଶାନ୍ତିନିଳୟମ୍ ପାଲଟିଯାଏ ।

''ଆଉ ଏକ ମୁଖ୍ୟ କଥା ମଧ୍ୟ ମନେରଖ । ଏ ଡାକ୍ତରଖାନା ତୁମଠାରେ ବିଶ୍ୱାସକୁ ବଢ଼ାଇବାରେ ସାହାଯ୍ୟ କରେ । ଦୈବତ୍ୱ ଚିହ୍ନାଇବାରେ ଏବଂ ତୁମ ମନରେ ଥିବା ସଂଶୟ ଦୂର କରିବାରେ ସାହାଯ୍ୟ କରେ । ରୋଗୀକୁ ଆରୋଗ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହା ଆଉ ଏକ ଉଦ୍ଦେଶ୍ୟ ସାଧନ କରେ । ଲୋକଙ୍କର ଔଷଧ ଓ ଇଞ୍ଜେକ୍‌ସନ ଉପରେ ଅଖଣ୍ଡ ବିଶ୍ୱାସ । ସେମାନଙ୍କୁ ସେମାନଙ୍କ ଆବଶ୍ୟକୀୟ ଚିକିତ୍ସା ଦେବା ମଧ୍ୟ ମୋର କାମ । ଈଶ୍ୱରଙ୍କ ଉପରେ ତଥା ତାଙ୍କ ଦୟା ଉପରେ ଏ ଲୋକଙ୍କର ବିଶ୍ୱାସ୍ ଦୃଢ଼ ହୋଇନାହିଁ । ସେଭଳି ଲୋକମାନଙ୍କୁ ମଧ୍ୟ ସହାୟତା ଦେବାକୁ ହେବ, ସେଥିଲାଗି ଡାକ୍ତରଖାନା ଦରକାର ।''

ପ୍ରତ୍ୟେକଙ୍କର ଭିନ୍ନ ଚିକିତ୍ସା

କିଛି ବର୍ଷ ପୂର୍ବରୁ ପ୍ରଶାନ୍ତି ନିଳୟମ୍ ଡାକ୍ତରଖାନାର ଜଣେ ଡାକ୍ତର ଶ୍ରୀ ସୀତାରାମାୟା ଅସୁସ୍ଥ ହୋଇ ଶଯ୍ୟାଶାୟୀ ହେଲେ । ସ୍ୱାମୀ ତାଙ୍କ ବାସଗୃହକୁ ଯାଇ ତାଙ୍କ

ସ୍ୱାସ୍ଥ୍ୟ କଥା ପଚାରି ବୁଝିଲେ, ତାଙ୍କ ପାଖରେ ବସିଲେ, ଗୋଟିଏ ସେଓ କାଟି ନିଜ ହାତରେ ଖୁଆଇଲେ । ଶ୍ରୀ କସ୍ତୁରୀ ସେ ସମୟରେ ସ୍ୱାମୀଙ୍କ ସଙ୍ଗେ ଥିଲେ । ସେ ଭାବିଲେ, ଏ ଡାକ୍ତରଜଣକ କେତେ ଭାଗ୍ୟବାନ, ତାଙ୍କ ବେମାରୀ ମଧ୍ୟ ତାଙ୍କ ପାଇଁ ଏତେ ସୌଭାଗ୍ୟର କାରଣ ହେଲା । ସ୍ୱାମୀ ସ୍ୱୟଂ ତାଙ୍କ କୋଠରୀକୁ ଯାଇ ତାଙ୍କ ଭଲମନ୍ଦ ପଚାରିଲେ, ସେଓ କାଟି ନିଜ ହାତରେ ଖୁଆଇଲେ । ମୋର ଦିନେ ଏଭଳି ଅସୁସ୍ଥତା ଆସନ୍ତା କି ?

ସତକୁ ସତ କିଛି ଦିନ ପରେ ଶ୍ରୀ କସ୍ତୁରୀ ମଧ୍ୟ ପିଠି ଓ ଅଣ୍ଟା କଷ୍ଟରେ ଶଯ୍ୟାଶାୟୀ ହେଲେ । ସେ ଭାବିଲେ ଏ ଖବର ପାଇଲେ ସ୍ୱାମୀ ମଧ୍ୟ ତାଙ୍କ ପାଖକୁ ଆସି ତାଙ୍କ କଥା ବୁଝିବେ । କିନ୍ତୁ ସ୍ୱାମୀ ଖବର ପାଇ ତତ୍‌କ୍ଷଣାତ୍ ତାଙ୍କ ପାଖରେ ଯାଇ ପହଞ୍ଚିବାକୁ କସ୍ତୁରୀଙ୍କୁ ଡକାଇଲେ । କଷ୍ଟ ହେଉ ବା ଯାହା ହେଉ ସ୍ୱାମୀଙ୍କ ଡାକରାକୁ ଅବମାନନା କରିହେବ ନାହିଁ । ତେଣୁ ଶ୍ରୀ କସ୍ତୁରୀ ଅତି କଷ୍ଟରେ ଯାଇ ସ୍ୱାମୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ସ୍ୱାମୀ ତାଙ୍କୁ ବିଡ଼ାଏ ନୂଆବର୍ଷ କ୍ୟାଲେଣ୍ଡର ଦେଇ କହିଲେ, ''ଏତକ ନେଇ ପ୍ରତ୍ୟେକଙ୍କ କୋଠରୀକୁ ଯାଇ ପ୍ରତ୍ୟେକଙ୍କୁ ନିଜେ ବାଣ୍ଟିବୁ । ଯାଆ ।'' କୌଣସି କୁଣ୍ଠା ପ୍ରକାଶ ନ କରି କସ୍ତୁରୀ କ୍ୟାଲେଣ୍ଡର ବିଡ଼ାଟି ଧରିଲେ । ପ୍ରତ୍ୟେକ ମହଲାରେ ପ୍ରତ୍ୟେକ କୋଠରୀକୁ ଯାଇ ବଣ୍ଟନ କାର୍ଯ୍ୟ ସାରିଲେ । ତାଙ୍କ କଷ୍ଟ ଦେଖି କେତେକ ଲୋକ ଏ କାମକୁ ସେମାନେ କରିଦେବେ ବୋଲି କହିଲେ । କିନ୍ତୁ କସ୍ତୁରୀ ଏଥିରେ ରାଜି ହେଲେ ନାହିଁ । ଅନ୍ୟ ଲୋକମାନେ କହିଲେ, ଏ କ୍ୟାଲେଣ୍ଡରର ଓଜନିଆଁ ବିଡ଼ାଟି ଧରି ଆମେ ଆପଣଙ୍କ ସହିତ ଚାଲୁଛୁ, କସ୍ତୁରୀ ସେତକ ସାହାଯ୍ୟ ମଧ୍ୟ ନେଲେ ନାହିଁ । ପରେ ସେ କହିଲେ 'ସେମାନେ କିଭଳି ଜାଣିବେ ମୁଁ କାହିଁକି ସେମାନଙ୍କର ସଦୟ ସହାୟତା ଗ୍ରହଣ କରି ନଥିଲି ?' ତାହା ପରା କସ୍ତୁରୀଙ୍କ ଅଣ୍ଟା ପିଠିର ଯନ୍ତ୍ରଣା କମାଇବାର ଚିକିତ୍ସା ଥିଲା ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ଦ୍ୱାଦଶ ଅଧ୍ୟାୟ ସଂପୂର୍ଣ୍ଣ

ତ୍ରୟୋଦଶ ଅଧ୍ୟାୟ

ପରମ୍ ବିଚିତ୍ରମ୍ ଲୀଳା ବିଭୂତିମ୍
ବିଭୂତିର ଚମତ୍କାରିତା

ମୁଁ ଯେଉଁ ବିଭୂତି ସୃଷ୍ଟି କରେ, ତାହା ଦୈବତ୍ୱର ପରିପ୍ରକାଶ, ତାହାର ଏକ ତାତ୍ପର୍ଯ୍ୟ ଅଛି । ତାହା ମଧ୍ୟ ପ୍ରତୀକାତ୍ମକ । ତାହା ଭଗବାନଙ୍କ ସମସ୍ତ ରୂପ ଓ ଆକାରର ମହାଜାଗତିକ, ଅମରତ୍ୱ ଓ ଅସୀମତାର ପ୍ରତୀକ ବହନ କରେ । ସମସ୍ତ ସାଂସାରିକତା ଓ କ୍ଷଣିକତା ଦହନ ହୋଇଯାଉଥିବା ବେଳେ କେବଳ ଆତ୍ମା ଅଜର ଅମର ହୋଇ ରହିଯାଏ । ପ୍ରଥମତଃ ଏହା ଜନ୍ମ-ମୃତ୍ୟୁ ଆବର୍ତ୍ତନର ପ୍ରତୀକ । ସବୁ କିଛି ପରିଶେଷରେ ଭସ୍ମରେ ପରିଣତ ହୁଏ । ସମସ୍ତେ ମାଟିରୁ ଜାତ ଓ ମାଟିରେ ମିଶିବେ । ଭସ୍ମ ବା ମାଟି ହିଁ ସବୁର ଅନ୍ତିମ ଅବସ୍ଥା । ଏହାର କୌଣସି ଅବସ୍ଥାନ୍ତର ନାହିଁ । ଆଧ୍ୟାତ୍ମିକତା ଦୃଷ୍ଟିରୁ ବିଭୂତି ତାକୁ ଧାରଣ କରୁଥିବା ସମସ୍ତଙ୍କୁ ଏହି ସତର୍କ ବାଣୀ ଶୁଣାଏ । ତାହା ହେଉଛି - 'କାମନା ବର୍ଜନ କର, ପ୍ରବୃତ୍ତିକୁ ପୋଡ଼ିଜାଳି ଦିଅ, ଆସକ୍ତି ଓ ପ୍ରଲୋଭନକୁ ଉପାସନା ଅଗ୍ନିରେ ଭସ୍ମୀଭୂତ କରିଦିଅ । ଫଳରେ ତୁମ ଭାବନା, ବଚନ ଓ କର୍ମ ପବିତ୍ର ହେବ ।' ଏହା ହିଁ ଦୈବତ୍ୱର ପରିଚୟ ।

-ବାବା

ବିଭୂତିରେ କ୍ୟାନ୍‌ସର ଅକାମୀ ହୁଏ

ଥରେ ଜଣେ ଓକିଲ ପ୍ରଶାନ୍ତି ନିଲୟମ୍‌ରେ ପହଞ୍ଚିଲେ । ସେ ଖୁବ୍ ସିଗାରେଟ୍ ଖାଉଥିଲେ । ତାଙ୍କ ତଣ୍ଟିରେ କ୍ୟାନ୍‌ସର ଦେଖାଗଲା । ଡାକ୍ତରମାନେ ଅସ୍ତ୍ରୋପଚାର, ଆଲୋକ ରଶ୍ମି ଓ କେମୋଥେରାପି ପ୍ରଭୃତି କରିବାକୁ ପରାମର୍ଶ ଦେଲେ । ଏସବୁ କରିବା ପୂର୍ବରୁ ସେ ସ୍ୱାମୀଙ୍କ ପରାମର୍ଶ ଲୋଡ଼ିବାକୁ ଆସିଥିଲେ । ସେ ଆସୁ ଆସୁ ଦୟାମୟ ଭଗବାନ ତାଙ୍କୁ ସାକ୍ଷାତକାର କକ୍ଷକୁ ଡାକିଲେ । ହାତକୁ ଆଞ୍ଜୁଳା କରିବାକୁ କହି ବହୁ ପରିମାଣର ବିଭୂତି ସୃଷ୍ଟି କରି ତାଙ୍କ ଆଞ୍ଜୁଳାରେ ଦେଲେ ଓ ସବୁତକ ଖାଇ ଦେବାକୁ କହିଲେ । ସେ ବିଭୂତି କଳା ରଙ୍ଗର ଥିଲା ଓ କଲରା ଭଳି ପିତା ଲାଗୁଥିଲା । ସ୍ୱାମୀ ସ୍ନେହରେ ନାନା କଥା କହି ସେ ବିଭୂତିତକ ଖିଆସିରବା ପର୍ଯ୍ୟନ୍ତ ଓକିଲଙ୍କୁ ସାହାଯ୍ୟ କରିଲାଗିଲେ । ସାକ୍ଷାତ୍‌କାର କକ୍ଷରୁ ବାହାରି ସେ କ୍ୟାଣ୍ଟିନ୍ ଯାଇ କଫି ପାନ କଲେ । କଫି ପାନ କରୁ କରୁ ପାଖରେ ଥୁଆ ହୋଇଥିବା ପକୁଡ଼ି ଉପରେ ତାଙ୍କ ଦୃଷ୍ଟି ପଡ଼ିଲା । ସମ୍ଭାଳି ନପାରି ସେଥିରୁ ଥାଳିଏ ଖାଇଲେ । ଏହା ପୂର୍ବରୁ ତାଙ୍କର ଖାଦ୍ୟ ପ୍ରତି ପ୍ରବଳ ସ୍ପୃହା ଥିଲେ ସୁଦ୍ଧା ତଣ୍ଟି ଦରଜ ପାଇଁ ସେ କିଛି ଖାଇ ପାରୁ ନଥିଲେ । କିନ୍ତୁ

ବର୍ତ୍ତମାନ ଲକ୍ଷ୍ୟ କଲେ ତଣ୍ଟି ଦରଜ ନାହିଁ, ବିନା କଷ୍ଟରେ ସେ ଗିଳି ପାରୁଛନ୍ତି । ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା । ସେ ପାଟିରେ ଆଙ୍ଗୁଠି ପୂରାଇ ଯେଉଁ ସ୍ଥାନରେ କ୍ୟାନସର ଥିଲା ସେଠାରେ ଚାପି ଦେଖିଲେ, ତାଙ୍କୁ କଷ୍ଟ ଲାଗିଲା ନାହିଁ । ସେ ଜାଣିଗଲେ ଯେ କ୍ୟାନସର ଭଲ ହୋଇଯାଇଛି । ଲୋତକଭରା ଚକ୍ଷୁ ଓ ବିହ୍ୱଳିତ ହୃଦୟରେ ସେ କେବଳ ମନେ ପକାଇଲେ ''ସ୍ୱାମୀଙ୍କର କେତେ ଦୟା !''

ପରଦିନ ସ୍ୱାମୀ ତାଙ୍କୁ ସାକ୍ଷାତକାର କକ୍ଷକୁ ଡାକିଲେ । ଓକିଲଜଣକ ସ୍ୱାମୀଙ୍କ ପାଦକୁ ଜାବୁଡ଼ିଧରି ନିଜ କୃତଜ୍ଞତା ଜ୍ଞାପନ କରିଲାଗିଲେ । ସେ କହିଲେ, ସ୍ୱାମୀ ମୋର ସିନ୍ଧୀ ଭାଷାରେ ଭଲ ଦକ୍ଷତା ଅଛି, ଆପଣ ଅନୁମତି ଦେଲ ମୁଁ ''ସନାତନ ସାରଥି'' ସିନ୍ଧୀ ଭାଷାରେ ଅନୁବାଦ କରି ପ୍ରକାଶ କରନ୍ତି । ସ୍ୱାମୀ କହିଲେ, ''କେବଳ ସେହି କାମ ପାଇଁ ମୁଁ ତୋତେ ପୁଟ୍ଟପର୍ତ୍ତି ଅଣାଇଛି ।'' ସେହିଦିନଠାରୁ ସେ ବ୍ୟକ୍ତିଜଣକ ସିନ୍ଧୀଭାଷାରେ ସନାତନ ସାରଥି ଅନୁବାଦ ଓ ପ୍ରକାଶନରେ ଲାଗିଛନ୍ତି ।

"ଦୋନୋ ପୋଲୋ" ଆଦିବାସୀ ନେତାଙ୍କ ସମର୍ପଣ

ଅରୁଣାଚଳ ପ୍ରଦେଶ ପୁନର୍ଗଠିତ ହେବା ପୂର୍ବରୁ ଏହା ଆସାମର ଏକ ଅଂଶ ଭାବେ ଥିଲା । ଏ ଅଞ୍ଚଳର ଅଧିକାଂଶ ଅଧିବାସୀ ଆଦିବାସୀ । ସେମାନେ ନିଜ ପାଇଁ ସ୍ୱତନ୍ତ୍ର ରାଜ୍ୟ ଦାବୀ କରୁଥିଲେ ଏବଂ ଆସାମ ସରକାର ବିରୁଦ୍ଧରେ ଗରିଲା ଯୁଦ୍ଧ ଚଳାଇଥିଲେ । ସେମାନଙ୍କୁ ସନ୍ତୁଷ୍ଟ କରି ତାଙ୍କୁ ମନେଇବା ପାଇଁ ସରକାର ସବୁ ପ୍ରକାର ପଦକ୍ଷେପ ନେଇଥିଲେ । ସେ ସୀମାନ୍ତ ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ରାସ୍ତାଘାଟ, ଡାକ୍ତରଖାନା, ବିଦ୍ୟାଳୟ ଓ ଅନ୍ୟାନ୍ୟ ସୁବିଧାମାନ ଯୋଗାଇ ଦିଆଯାଇଥିଲା । ତଥାପି ଆଦିବାସୀମାନେ ସନ୍ତୁଷ୍ଟ ନହୋଇ ତାଙ୍କ ସ୍ୱତନ୍ତ୍ର ପ୍ରଦେଶ ଆନ୍ଦୋଳନ ଚଳାଇ ରଖିଥିଲେ ।

ଏହି ପରିସ୍ଥିତିରେ ଜଣେ ଆଦିବାସୀ ନେତା ବେମାର ପଡ଼ିଲେ । ତାଙ୍କ ରୋଗ ଚିହ୍ନିହେଲା ନାହିଁ । ସରକାରଙ୍କ ତରଫରୁ ଅପର୍ଯ୍ୟାପ୍ତ ଡାକ୍ତରୀ ସାହାଯ୍ୟ ପ୍ରଦାନ କରାଯାଉଥିଲା । କଲକତା ଓ ଦିଲ୍ଲୀରେ ବିଭିନ୍ନ ପରୀକ୍ଷାମାନ କରାଗଲା । କୌଣସିଥିରେ କିଛି ଉପକାର ମିଳିଲା ନାହିଁ । ସେ କିଛି ଖାଇପାରୁନଥିଲେ । ତାଙ୍କ ସାଙ୍ଗସାଥୀ ତଥା ବନ୍ଧୁମାନେ ସମସ୍ତ ଆଶା ପରିତ୍ୟାଗ କରିବସିଲେ ।

ତାଙ୍କ ପ୍ରଦେଶର ଘରୋଇ ବିଭାଗର ସଚିବ ଶ୍ରୀ ରାଜା ତାଙ୍କୁ ଭଗବାନ ବାବାଙ୍କ ପାଖକୁ ଘେନି ଯିବାକୁ ପ୍ରସ୍ତାବ ଦେଲେ । ଭାରତ ସରକାରଙ୍କ ଅନୁମତି ନିଆଗଲା । ୨୯ ଜଣିଆ ଦଳ ରୋଗୀକୁ ଧରି ଭାରତଦର୍ଶନ ନାଁରେ ଆସି ପୁଟ୍ଟପର୍ତ୍ତିରେ ପହଞ୍ଚିଲେ ।

ଦର୍ଶନ କରିବା ପାଇଁ ବସିଥିଲା ବେଳେ ସ୍ୱାମୀ ତାଙ୍କ ପାଖକୁ ଆସି ହିନ୍ଦୀରେ ପଚାରିଲେ ''କେଉଁଠାରୁ ଆସିଛ ?'' ସଚିବ କହିଲେ, ''ଆସାମରୁ'' । ଏଥର ସ୍ୱାମୀ ଇଂରାଜୀରେ କହିଲେ ''ଭିତରକୁ ଯାଅ ।'' ସମସ୍ତେ ଆନନ୍ଦର ଆଶା ନେଇ ସାକ୍ଷାତ୍‌କାର

କକ୍ଷ ଆଡ଼କୁ ଚାଲିଲେ; ଚାଲିଲେ କହିଲେ ଭୁଲ ହେବ, ଏକ ପ୍ରକାର ଦୌଡ଼ିଲେ ଜାଣ । ସମସ୍ତଙ୍କୁ ଦର୍ଶନ ଦେଇ ସାରି ସ୍ୱାମୀ ସାକ୍ଷାତକାର କକ୍ଷ ଭିତରକୁ ଆସିଲେ । ବିଭୂତି ସୃଷ୍ଟି କରି ଆଦିବାସୀ ନେତାଙ୍କୁ ଦେଇ ଖାଇଦେବାକୁ କହିଲେ । ନିଜ ସିଂହାସନରେ ବସି ପଚାରିଲେ, ''କ'ଣ ପାଇଁ ଆସିଛ ?'' ସଚିବ କହିଲେ ''ଆପଣଙ୍କ ଦର୍ଶନ ପାଇଁ । ଏ ଆଦିବାସୀ ନେତା ଜଣଙ୍କର କିଛି ପେଟ ଦୋଷ ଅଛି, କୌଣସି ଚିକିତ୍ସାରୁ କିଛି ହେଲେ ଫଳ ମିଳିଲା ନାହିଁ । କଲକତା ଓ ଦିଲ୍ଲୀରେ କରାଯାଇଥିବା ପରୀକ୍ଷାରୁ ମଧ୍ୟ ରୋଗ ନିରୂପଣ କରାଯାଇ ପାରିଲା ନାହିଁ । ସେ କୌଣସି କଠିନ ଖାଦ୍ୟ ଖାଇପାରୁନାହାଁନ୍ତି । ଫଳରେ ଆଦିବାସୀ ଲୋକମାନେ ମଧ୍ୟ ଡାକ୍ତରୀ ଚିକିତ୍ସା ପ୍ରଣାଳୀ ଓ ଡାକ୍ତରଖାନା ଉପରୁ ବିଶ୍ୱାସ ହରାଇ ବସିଲେଣି । ଏ ଜଣେ ବିଶିଷ୍ଟ ନେତା । ଆପଣ ତାଙ୍କୁ ଭଲ କରିଦେଇପାରନ୍ତେ ।'' ଏହାପରେ ସ୍ୱାମୀ କହିଲେ ''ବ୍ୟସ୍ତ ହୁଅ ନାହିଁ, ସେ ପୂରାପୂରି ଭଲ ହୋଇଯିବେ ।'' ଏହା ପରେ ସ୍ୱାମୀ ଆଦିବାସୀ ନେତାଙ୍କ ଭାଷାରେ ତାଙ୍କ ସହ କଥାବାର୍ତ୍ତା ହେଲେ । ତାଙ୍କ ଗାଁ ଓ ସେଠାକାର ବାତାବରଣ ବିଷୟ ଆଲୋଚନା କଲେ । ଗ୍ରାମବାସୀମାନେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମନ୍ଦିର ତୋଳିବାକୁ ମନସ୍ଥ କରିଛନ୍ତି ବୋଲି କହି, ନଅ ଇଞ୍ଚ ବ୍ୟାସ ବିଶିଷ୍ଟ ଏକ ତାମ୍ରଫଳକ (ଗୋଟିଏ ପାଖରେ ସୂର୍ଯ୍ୟ ଓ ଅନ୍ୟ ପାର୍ଶ୍ୱରେ ଚନ୍ଦ୍ର ଯନ୍ତ୍ର ଖୋଦିତ ହୋଇଥିଲା ।) ନିଜ ହାତରୁ ସୃଷ୍ଟି କରି ତାହାର କାରୁକାର୍ଯ୍ୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲେ ଓ କହିଲେ, ଏହା ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଏକ ଯନ୍ତ୍ର, ଏହାକୁ ସେ ମନ୍ଦିରରେ ରଖି ନିୟମିତ ଭାବେ ପୂଜା କରିବ । ପୂଜାର ଫଳ ସବୁବେଳେ ଉପକାର ଦିଏ । ବିଭୂତି ପ୍ରସାଦ ସହ ପାଦ ସ୍ପର୍ଶ କରିବାର ସୁଯୋଗ ମଧ୍ୟ ଦେଲେ । ଆଦିବାସୀମାନେ ଆନନ୍ଦରେ ଉଚ୍ଛୁଳି ଉଠୁଥିଲେ ।

ସାକ୍ଷାତକାର କକ୍ଷରୁ ବାହାରି ସେମାନେ ଜଳଖିଆ କରିବା ପାଇଁ କ୍ୟାଣ୍ଟିନ୍‌କୁ ଗଲେ । ନେତା ଦେଖିଲେ ଧଳାରଙ୍ଗର ଗୋଲାକାର ପଦାର୍ଥ କିଛି ଥୁଆ ହୋଇଛି । ସେଗୁଡ଼ିକୁ ଇଡ୍‌ଲି କୁହାଯାଏ ବୋଲି ସେ ଜାଣି ନଥିଲେ । ସେ କିଛି ଇଡ୍‌ଲି ଖାଇଲେ । ସାଙ୍ଗମାନେ ଡରୁଥିଲେ ଏ ଖାଦ୍ୟ ପେଟ କାମୁଡ଼ା ବା ବାନ୍ତି କରାଇପାରେ । ସ୍ୱାମୀ ଯେତେବେଳେ ଜୋର ଦେଇ କହିଛନ୍ତି ''ପୂରାପୂରି ଭଲ ହୋଇଯିବ'' ସେ ଥାଳି ପରେ ଥାଳି ଇଡ୍‌ଲି ଖାଇ ଚାଲିଲେ । ଇଡ୍‌ଲି ଚଟଣୀ ଥାଳି, ମାତ୍ର କେତେ ସେକେଣ୍ଡ ଭିତରେ ସରିଯାଉଥାଏ । ଯେଉଁ ଲୋକ ବିଗତ ବର୍ଷ ବର୍ଷ ଧରି କୌଣସି କଠିନ ଖାଦ୍ୟ ଖାଇ ନଥିଲା, ସେ ଚାହୁଁ ଚାହୁଁ ୩୨ଟି ଇଡ୍‌ଲି ଖାଇଗଲା । ଏହାକୁ ମଧ୍ୟ ବାବାଙ୍କ ଚମତ୍କାରିତା ଭାବି ସମସ୍ତେ ନେତାଙ୍କର ଖାଇବାଟାକୁ ମଧ୍ୟ ଉପଭୋଗ କରି ଚାଲିଲେ ।

ନେତା ତାଙ୍କ ସାଙ୍ଗମାନଙ୍କୁ କହିଲେ, ''ଏ କୌଣସି ସାମାନ୍ୟ ଲୋକ ନୁହନ୍ତି । କିଛି ବିଭୂତି ଦେଇ ସେ ମୋତେ ମାତ୍ର କିଛି ମିନିଟ୍ ଭିତରେ ମୋର ବର୍ଷ ବର୍ଷର ରୋଗକୁ ପୂରାପୂରି ଭଲ କରିଦେଇଛନ୍ତି । ସେ ଯେ ଅବତାର ପୁରୁଷ ଏଥିରେ ସନ୍ଦେହ

ନାହିଁ । ସେ ଆମ ମନ୍ଦିର କଥା କହିଲେ, ଦୋନୋ ପୋଲୋ ସୃଷ୍ଟିକରି ଦେଲେ । ତାଙ୍କରି ପାଖରେ ଶରଣାପନ୍ନ ହେବା ଏବଂ ସେ ଯାହା କହିଛନ୍ତି ସେସବୁକୁ ଅକ୍ଷରେ ଅକ୍ଷରେ ପାଳନ କରିବା ।''

ଭଗବାନ ସାଇଙ୍କର ଦିବ୍ୟ ବିଭୂତି କେତୋଟି ମୁହୂର୍ତ୍ତ ଭିତରେ ଆଦିବାସୀ ନେତାଙ୍କୁ ଭଲ କରିଦେଲା । ଆମେ ଯେତେବେଳେ ଏ କଥା ଶୁଣୁ, ଭଗବାନଙ୍କ ପ୍ରେମ ଓ ସଦାଶୟତାକୁ ମନେ ପକାଇ ତାଙ୍କ ଚରଣ ତଳେ ଆମ ମଥା ଆପେ ନଇଁ ଆସେ ।

ବିଭୂତିର ବିସ୍ମୟକର ଶକ୍ତି

ବିଭୂତି ସୃଷ୍ଟି କରିବା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଏକ ବୈଶିଷ୍ଟ୍ୟ । ଏହା କେବଳ ସ୍ୱାସ୍ଥ୍ୟ ପ୍ରଦାନ କରେ, ତାହା ନୁହେଁ, ଯେଉଁ ଉପାୟରେ ଆବଶ୍ୟକତା ପୂରଣ କରେ ତାହା ମଧ୍ୟ ଆଶ୍ଚର୍ଯ୍ୟଜନକ । ପାଟର୍‌ସନ୍ କାନାଡ଼ାର ଜଣେ ଅତି ବିଶିଷ୍ଟ ବ୍ୟବସାୟୀ । ସେ ତାଙ୍କ ବ୍ୟବସାୟ ସଂକ୍ରାନ୍ତରେ ସାରା ପୃଥିବୀ ବୁଲନ୍ତି । ଏହିଭଳି ବ୍ୟବସାୟ କାମରେ ସେ ଭାରତ ଆସିଥିଲେ ଓ ଏଠାରେ ଡଃ ଭଗବନ୍ତମ୍‌ଙ୍କ ପୁଅ ଡଃ ବାଲକୃଷ୍ଣଙ୍କ ସହ ତାଙ୍କର ଦେଖାହେଲା । ଡଃ ବାଲକୃଷ୍ଣ ପାଟର୍‌ସନ୍‌ଙ୍କୁ ନିଜ ଘରକୁ ନିମନ୍ତ୍ରଣ କଲେ । ତାଙ୍କ ଘରେ ବାବାଙ୍କର ଅତି ସୁନ୍ଦର ଫଟ ମନ୍ଦିର ଭଳି ମର୍ଯ୍ୟାଦାର ସହିତ ପୂଜା ପାଉଥିଲା । ପାଟର୍‌ସନ୍‌ଙ୍କୁ ତାହା ଅତି ଭଲ ଲାଗିଲା ଓ ସେ ତାଙ୍କ ବିଷୟରେ ଅଧିକ ଜାଣିବାକୁ ଇଚ୍ଛା କଲେ । ଡଃ ବାଲକୃଷ୍ଣ ତାଙ୍କୁ ବାବା ଓ ବାବାଙ୍କର ଅଲୌକିକତା ବିଷୟରେ, ବାବାଙ୍କ ଦିବ୍ୟ ପ୍ରେମ ବିଷୟରେ କିଛି କହିଲେ । ସେ ଯେ କେତେ ସାଧୁସନ୍ଥଙ୍କର କେତେ ପ୍ରାର୍ଥନା ଯୋଗୁଁ ଅବତାର ଗ୍ରହଣ କରିଛନ୍ତି ତାହା ମଧ୍ୟ କହିଲେ । ଏ ସବୁ ଶୁଣି ପାଟର୍‌ସନ୍‌ଙ୍କ ଆଗ୍ରହ ବଢ଼ିଲା, ତାଙ୍କୁ ଭାରି ଭଲ ଲାଗିଲା । ସେ ଡଃ ବାଲକୃଷ୍ଣଙ୍କୁ କହିଲେ ମୋତେ କିଛି ଗୋଟାଏ ଜିନିଷ ଦେଇ ପାରିବେ ଯାହାକୁ ପାଇ ମୁଁ ବାବାଙ୍କୁ ସବୁଦିନ ମନେ ପକାଇବାର ଅବସର ପାଇବି । ସେ ବୋଧହୁଏ ବାବାଙ୍କର ଛବି ଓ ଫଟ ଖଣ୍ଡେ ଚାହୁଁଥିଲେ । କିନ୍ତୁ ଡଃ ବାଲକୃଷ୍ଣ ତା'ଠାରୁ ବଡ଼ କଥା ଦେବା ପାଇଁ ମନସ୍ଥ କଲେ । ସେ ପାଟର୍‌ସନ୍‌ଙ୍କୁ ବାବାଙ୍କ ବିଭୂତିରୁ ଗୋଟିଏ ପ୍ୟାକେଟ୍ ଦେଲେ । ତାଙ୍କୁ ଦେଖି ପାଟର୍‌ସନ୍ କହିଲେ ''ପାଉଁଶ, ଏଇ ପାଉଁଶଦ୍ୱାରା ମୁଁ ଏତେ ବଡ଼ ଯୋଗୀଙ୍କୁ ମନେ ପକାଇ ପାରିବି ?'' ବାଲକୃଷ୍ଣ ଧୀର ଭାବରେ ବୁଝାଇଲେ ''ଏଗୁଡ଼ିକ ସାମାନ୍ୟ ପାଉଁଶ ନୁହେଁ । ଦିବ୍ୟ ବିଭୂତି । ଏହା ଅତି ମୂଲ୍ୟବାନ, ଅମୂଲ୍ୟ । ଆପଣ ଯେତେବେଳେ କୌଣସି ଅସୁବିଧାରେ ପଡ଼ିଥିବେ ଏବଂ ଭାବିବେ ଯେ ସ୍ୱାମୀଙ୍କ କରୁଣା ବିନା ସେଥିରୁ ଉଦ୍ଧାର ପାଇ ହେବ ନାହିଁ, ଏଥିରୁ ଅଳ୍ପ ନେଇ ପ୍ରାର୍ଥନା ସହିତ ପାଟିରେ ପକାଇବେ ।''

ପାଟର୍‌ସନ୍ ଲଣ୍ଡନ୍ ଯାଇ ସେଠାରୁ ଆମେରିକା ଫେରିବାର ଥାଏ । ଉଡ଼ାଜାହାଜରେ ତାଙ୍କ ବସିବା ଯାଗାଟା କେତେକ ମହିଳା ଓ ଶିଶୁମାନଙ୍କ ପାଖରେ ପଡ଼ିଗଲା । ସେମାନେ ବହୁତ ପାଟି ଓ ଗୋଳମାଳ କରୁଥିଲେ । ତାଙ୍କୁ ଭାରି ଖରାପ ଲାଗିଲା । ଉଡ଼ାଜାହାଜ ଲଣ୍ଡନ ପାଖାପାଖି ହୋଇ ଆସୁଥାଏ । ତାଙ୍କର ମନେ ପଡ଼ିଲା

ବିଭୂତି କଥା । ତତକ୍ଷଣାତ୍ ସେ ତାକୁ ଖୋଲି କିଛିଟା ପାଟିରେ ପକାଇଲେ ଓ ବାବାଙ୍କୁ ପ୍ରାର୍ଥନା କଲେ । ସେ କହିଲେ, ''ଯାହା ହେବାର ତ ହେଲାଣି, ଅନ୍ତତଃ ପକ୍ଷେ ଲଣ୍ଡନରୁ ଆମେରିକା ପର୍ଯ୍ୟନ୍ତ ମୋ ଯାତ୍ରାକୁ ସୁଖକର କରିଦିଅ ।'' ଲଣ୍ଡନ୍‌ରେ ପହଞ୍ଚି ସେ ଶୁଣିଲେ ମାଇକ୍‌ରେ ତାଙ୍କ ନାଁରେ କିଛି ଘୋଷଣା କରାଯାଉଛି । ସେ ଭଲ କରି ବୁଝିବାକୁ ଗଲେ । ତାଙ୍କୁ କୁହାଗଲା ଯେ ଲଣ୍ଡନ୍‌ରୁ ନିଉୟର୍କ ପର୍ଯ୍ୟନ୍ତ ତାଙ୍କୁ ତାଙ୍କ ନୂଆ ଯାଗା ପ୍ରଥମ ଶ୍ରେଣୀରେ ଯୋଗାଇ ଦିଆଯାଇଛି, ସେ ତାଙ୍କ ନୂଆ ଯାଗାରେ ବସିବେ । ଖୁସି ହୋଇ ସେ ପ୍ରଥମ ଶ୍ରେଣୀ ଟିକଟ ପାଇଁ ଆବଶ୍ୟକ ଅଧିକ ପଇସା ଜମା କରିବା ପାଇଁ ଟଙ୍କା କାଢ଼ିଲେ । ସେଠାରେ ଥିବା ଅଫିସର ତାଙ୍କୁ ଜଣାଇଲେ ଯେ ତାଙ୍କ ପାଇଁ ଜଣେ କେହି ସେ ଟଙ୍କା ଜମା କରିସାରିଛନ୍ତି । କେବଳ ଆଚମ୍ଭିତ ନୁହେଁ ଆନନ୍ଦରେ ଏ ପାଉଁଶର କରାମତି ଦେଖି ସେ ଅଭିଭୂତ ହୋଇଯାଇଥିଲେ । ସାମାନ୍ୟ ପାଉଁଶ ଓ ମୁହୂର୍ତ୍ତକର ସ୍ମରଣ ଉଡାଜାହାଜରେ ହଜାର ହଜାର ମାଇଲ ଦୂରରେ ଥିବା ସାମାନ୍ୟ ବ୍ୟବସାୟୀଙ୍କୁ ମଧ୍ୟ ସାହାଯ୍ୟ କରିପାରିଛି । ବାବାଙ୍କ ଦୟା ଓ ପ୍ରେମର ଶକ୍ତି ଉପଲବ୍ଧି ସେ କରି ବିହ୍ୱଳିତ ହୋଇ ଯାଇଥିଲେ ।

ବାବାଙ୍କ ବିଭୂତିରେ କ୍ଷମତା କେତେ ଶକ୍ତିଶାଳୀ । ଏହା ଏକ ପବିତ୍ରତମ ବସ୍ତୁ କେବଳ ନୁହେଁ, ରୋଗ ଯେତେ ପୁରାତନ ବା ଅସାଧ୍ୟ ହୋଇଥାଉ, ସେ ସବୁକୁ ତାହା ଭଲ କରିଦେଇପାରେ, ପ୍ରକୃତ ଭକ୍ତମାନଙ୍କର ଯେ କୌଣସି ମନୋବାଞ୍ଛା ଏହାଦ୍ୱାରା ପୂରଣ ହୋଇଥାଏ । ଅଲୌକିକ ଶକ୍ତି ଏ ବିଭୂତିର । ଆମେ ମଧ୍ୟ ଏହାକୁ ପ୍ରତ୍ୟହ ଭକ୍ତି ଓ ପ୍ରେମର ସହିତ ଆସ୍ୱାଦନ କରିବା ।

ପରମଂ ପବିତ୍ରଂ ବାବା ବିଭୂତିମ୍
ପରମଂ ବିଚିତ୍ରଂ ଲୀଳାବିଭୂତିମ୍
ପରମାର୍ଥ ଇଷ୍ଟାର୍ଥ ମୋକ୍ଷ ପ୍ରଦାତମ୍
ବାବା ବିଭୂତିଂ ଇଦଂ ଆଶ୍ରୟାମି ।

ପ୍ରେମ କରୁଣାର ଘନୀଭୂତ ରୂପ, ଭଗବାନ ବାବାଙ୍କ ଚରଣାରବିନ୍ଦରେ ଆମର ସବିନୟ ପ୍ରଣାମ ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ
ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ତ୍ରୟୋଦଶ ଅଧ୍ୟାୟ ସମ୍ପୂର୍ଣ୍ଣ

ଷଷ୍ଠ ଦିବସ : ମଙ୍ଗଳବାର

ଚତୁର୍ଦ୍ଦଶ ଅଧ୍ୟାୟ

ଅସୀମ ଚମତ୍କାରିତା

ତୁମେ ଯିଏ ହୋଇ ଥାଅନା କାହିଁକି ତୁମେ ମୋର
ମୁଁ ତୁମକୁ ପରିତ୍ୟାଗ କରିବି ନାହିଁ
ତୁମେ ଯେଉଁଠାରେ ଥିଲେ ମଧ୍ୟ ମୋ ନିକଟରେ ଅଛ
ତୁମେ ମୋ ହାତ ପାଆନ୍ତାରୁ ଦୂରକୁ ଯାଇପାରିବ ନାହିଁ ।

-ବାବା

''ଏ କଣ୍ଢେଇମାନଙ୍କର ସୂତାଗୁଡ଼ିକୁ ମୁଁ ଟାଣି ଧରିଛି । ତୁମେ ଯେଉଁଠାରେ ଥିଲେ ବି ମନେରଖିଥାଅ ଯେ ତୁମ ଗୋଡ଼ରେ ବନ୍ଧା ହୋଇଥିବା ସୂତାଟା ମୋ ହାତରେ ଅଛି ।'' ଏକଥା କହୁଥିଲେ ଶିରିଡ଼ିର ସାଇବାବା । ଶ୍ରୀ ସତ୍ୟସାଇ ବାବା ବର୍ତ୍ତମାନ କାମରେ ଦେଖାଉଛନ୍ତି ଯେ ସେ ଲୋକମାନଙ୍କୁ ତାଙ୍କ ପଦପ୍ରାନ୍ତକୁ ଟାଣି ନେଉଛନ୍ତି, ଘରଚଟିଆ ଚଢ଼େଇ ଗୋଡ଼ରେ ସୂତା ଲଗାଇ ଟାଣିଲା ଭଳି ।

ଅଖିଳ ଲୋକ ଉଦ୍ଧାରକ

ଜନ୍ ହିସ୍‌ଲପ୍ ଓ ଯୀଶୁଙ୍କ ମୂର୍ତ୍ତି

ଏହା ମେକ୍‌ସିକୋର ଜନ୍ ହସିଲପଙ୍କ ବିଷୟ । ସେ ଷୋହଳ ବର୍ଷ ବୟସରୁ ଆଧ୍ୟାତ୍ମିକତା ପ୍ରତି ଆକୃଷ୍ଟ ହେଲେ । ସେ ଜଣେ ସତ୍ୟାନୁସନ୍ଧିତ୍ସୁ ଓ ନିଷ୍ଠାବାନ ସାଧକ । ସେ ଡଃ ଆନି ବେସାନ୍ତ, ଜିଡ୍ଡୁ କୃଷ୍ଣମୂର୍ତ୍ତି, ପରମହଂସ ଯୋଗାନନ୍ଦ, ମହର୍ଷି ମହେଶ ଯୋଗୀ, ସ୍ୱାମୀ ଶିବାନନ୍ଦ ତଥା ବୌଦ୍ଧତତ୍ତ୍ୱର ବିପାସନା ପଦ୍ଧତିର ବିଶେଷଜ୍ଞମାନଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ସେମାନଙ୍କ ନିର୍ଦ୍ଦେଶରେ ବହୁ ବର୍ଷ ସାଧନା କରିଥିଲେ । ଏସବୁ କରିସାରିଲା ପରେ, ସେ ଦେଖିଲେ ତାଙ୍କ ପାଶ୍ଚାତ୍ୟ ହୃଦୟଟିରେ ଥିବା ମଧୁର ପ୍ରେମ ନିର୍ଝରଟି ଶୁଷ୍କ ହୋଇଯାଇଛି । ବର୍ତ୍ତମାନ ଅଛି କେବଳ ଭୟଙ୍କର ଶୂନ୍ୟତା । ୧୯୬୮ରେ ସେ ପ୍ରଥମ ଥର ପାଇଁ ଭଗବାନ ସତ୍ୟସାଇ ବାବାଙ୍କ କଥା ଶୁଣିଲେ । ପୁଟ୍ଟପର୍ତ୍ତି ଆସି ତାଙ୍କ ଦର୍ଶନ କଲେ । ପ୍ରଥମ ଦେଖାରୁ ସେ ଜାଣିଗଲେ ଯେ ବାବା ହେଉଛନ୍ତି ସମସ୍ତ ଆଧ୍ୟାତ୍ମିକ ଜ୍ଞାନ ଓ ଚେତନାର ଆଧାର ଓ ସେ ପରିଷ୍କାର ଭାବେ ଜାଣିପାରିଲେ ଯେ ସ୍ୱୟଂ ଭଗବାନ ତାଙ୍କ ହୃଦୟରେ ପ୍ରେମ ରୂପରେ ପ୍ରବେଶ କରିଛନ୍ତି ଓ ସେ ପ୍ରେମ ବାବାଙ୍କ ଭିନ୍ନ ଅନ୍ୟ କେହି ନୁହେଁ । ତାଙ୍କର ଏହି ମହାନ୍ ଅନୁଭୂତି ବଳରେ ''ସମଗ୍ର ବିଶ୍ୱ ଯେ ପ୍ରେମଭାବରେ ବିଜଡ଼ିତ ହୋଇ ରହିଛି'' ଏହି ଅନ୍ତର୍ଦୃଷ୍ଟି ସେ ବଢ଼ାଇପାରିଲେ ।

୧୯୭୩ ମସିହା ଶିବରାତ୍ରି ପୂର୍ବଦିନ ବାବା ହିସ୍‌ଲପ୍ ଓ ଅନ୍ୟ କେତେଜଣଙ୍କୁ ନେଇ ମହୀଶୂର ଜିଲ୍ଲାର ବନ୍ଦିପୁର ଜଙ୍ଗଲକୁ ଗଲେ । ଦିନ ଦ୍ୱିପ୍ରହର ବେଳେ ସେ ସେଠାକାର ଅତିଥିଶାଳାରେ ପହଞ୍ଚିଲେ । ସନ୍ଧ୍ୟାରେ ଜଙ୍ଗଲର କେତେକ ଅଧିବାସୀଙ୍କ ସହାୟତାରେ ଗୋଟିଏ ପାହାଡ଼ିଆ ଝରଣା କୂଳରେ ଯାଇ ପହଞ୍ଚିଲେ । ସେ ବାଲିରେ ବସି ସାମାନ୍ୟ ବିଶ୍ରାମ କଲେ । ସ୍ୱାମୀ ଗୋଟିଏ ବୁଦା ଗଛରୁ ଦୁଇଖଣ୍ଡ କଞ୍ଚାଡାଳ ଭାଙ୍ଗି ତାହାକୁ କ୍ରସ୍ ଆକାର ଦେଇ ହିସ୍‌ଲପ୍‌ଙ୍କୁ ପଚାରିଲେ, ''ଏ କ'ଣ ?'' ହିସ୍‌ଲପ୍ କହିଲେ ''କ୍ରସ୍'' । ସ୍ୱାମୀ ତାହାକୁ ନିଜ ପାପୁଲିରେ ରଖିଲେ, ଅନ୍ୟ ପାପୁଲିଦ୍ୱାରା ଘୋଡ଼ାଇଦେଇ ତିନି ଥର ଫୁଙ୍କି ଦେଲେ । ପାପୁଲି ଖୋଲିଲା ବେଳକୁ, କ୍ରସ୍ ଉପରେ ଯୀଶୁଙ୍କ ମୂର୍ତ୍ତି ଥିବା ଦେଖାଗଲା । ସେଇଟିକୁ ହିସ୍‌ଲପ୍‌ଙ୍କୁ ଦେଇ କହିଲେ, ''ଯୀଶୁ ଶେଷ ନିଃଶ୍ୱାସ ତ୍ୟାଗ କଲାବେଳକୁ ଠିକ୍ ଏହିଭଳି ଦେଖାଯାଉଥିଲେ, ଚିତ୍ରକରମାନେ ଯେଉଁଭଳି ଆଙ୍କୁଛନ୍ତି ବା ଲେଖକମାନେ ଯେପରି ବର୍ଣ୍ଣନା କରନ୍ତି ତାହା ପ୍ରକୃତ ରୂପ ନୁହେଁ । ଆଠଦିନ ଧରି ସେ କିଛି ଖାଇ ନଥିଲେ । ତାଙ୍କ ପାକସ୍ଥଳୀ ଖାଲି ହୋଇ ଭିତରକୁ ପଶି ଯାଇଥିଲା । ଦେହ ଶୁଖି ଯାଇଥିଲା ଓ ପଞ୍ଜରା ହାଡ଼ ପରିଷ୍କାର ଭାବେ ଗଣି ହୋଇ ଯାଉଥିଲା ।'' ହିସ୍‌ଲପ୍ ନିର୍ବାକ୍ ନିସ୍ପନ୍ଦ ହୋଇ କ୍ରସ୍ ଆଡ଼କୁ ଚାହିଁ ରହିଥିଲେ । ବାବା ପୁନର୍ବାର କହି ଚାଲିଲେ, ''ଯୀଶୁ ଯେଉଁ କ୍ରସ୍ ଉପରେ ପ୍ରାଣତ୍ୟାଗ କରିଥିଲେ, ତାହା ଯେଉଁ କାଠରେ ନିର୍ମିତ ହୋଇଥିଲା, ଏ କ୍ରସ୍ ମଧ୍ୟ ସେହି କାଠରେ ନିର୍ମିତ । ୨୦୦୦ ବର୍ଷ ତଳର ସେହି ପୁରୁଣା କାଠ ସନ୍ଧାନ କରିବାକୁ ମୋତେ କିଛି ସମୟ ନେବାକୁ ପଡ଼ିଲା । ସେହି ମୂଳ କାଠର ପ୍ରତ୍ୟେକଟି ଅଂଶ ଇତି ମଧ୍ୟରେ ବିଭାଜିତ ହୋଇ ମହାଭୂତର ଉପାଦାନ ସହିତ ମିଶିଗଲାଣି । ସେଥିପାଇଁ ମୋତେ ପ୍ରଥମେ ତା'ର ଉପାଦାନଗୁଡ଼ିକୁ ସଂଗ୍ରହ କରିବାକୁ ପଡ଼ିଲା ଏବଂ ଯଥେଷ୍ଟ ପରିମାଣରେ ସଂଗ୍ରହ କରିସାରିଲା ପରେ ଏ କ୍ରସ୍‌ଟିକୁ ନିର୍ମାଣ କରି ହାତରୁ ସୃଷ୍ଟି କଲି । ଏ କ୍ରସ୍ ଉପରେ ଯୀଶୁଙ୍କୁ ଯେପରି ଦେଖୁଛ, ସେ ତାଙ୍କ ମୃତ୍ୟୁ ସମୟରେ ଠିକ୍ ଏଇ ଭଳି ଦିଶୁଥିଲେ ।''

ଏହାର ସପ୍ତାହକ ପରେ ହିସ୍‌ଲପ୍ ଓ ତାଙ୍କ ସ୍ତ୍ରୀ ମେକ୍‌ସିକୋ ପ୍ରତ୍ୟାବର୍ତ୍ତନ କଲେ । କ୍ରସରେ ଥିବା ଯୀଶୁଙ୍କ ମୂର୍ତ୍ତି ଅତି ଛୋଟ ଆକାରର ହୋଇ ଥିବାରୁ ତାହା ପରିଷ୍କାର ଭାବେ ଦେଖାଯାଉ ନଥିଲା । ହିସ୍‌ଲପ୍‌ଙ୍କର ଜଣେ ବନ୍ଧୁ ୱାଲଟର ଉଲଫ୍ ସେହି ଯୀଶୁ ମୂର୍ତ୍ତିର ରଙ୍ଗିନ୍ ଫଟମାନ ଖଣ୍ଡ ଖଣ୍ଡ କରି ଉଠାଇଲେ, ବଡ଼ ଆକାର କଲେ ଏବଂ ସବୁଖଣ୍ଡକୁ ଯୋଡ଼ି ବେଶ୍ ବଡ଼ ଫଟ ତିଆରି କଲେ । ଏ ଫଟକୁ ଚାହିଁଲେ ଅନ୍ତର ଭିତର ଘାଣ୍ଟି ହୋଇଗଲା ପରି ଲାଗୁଥିଲା । ମନରେ ଅସୀମ ଦୟା ଓ କରୁଣାଭାବ ସୃଷ୍ଟି ହେଉଥିଲା । ଫଟର ବିଭିନ୍ନ ଖଣ୍ଡଗୁଡ଼ିକ ଗୋଟିଏ ଟେବୁଲ ଉପରେ ସଜା ହୋଇ ରଖାଯାଇଥିଲା ଏବଂ ମୂର୍ତ୍ତିରେ ଥିବା ଅତି ସୂକ୍ଷ୍ମ କାରୁକାର୍ଯ୍ୟଗୁଡ଼ିକ ପରିଷ୍କାର ଭାବେ

ଦୃଷ୍ଟିଗୋଚର ହେଉଥିଲା । ଦର୍ଶକମାନେ ଭଗବାନ ସତ୍ୟସାଇଙ୍କ ସର୍ଜନା ଦେଖି ଆଶ୍ଚର୍ଯ୍ୟଚକିତ ହୋଇଯାଉଥିଲେ ।

ସେଦିନ ପର୍ଯ୍ୟନ୍ତ ମେକ୍ସିକୋ ଉପକୂଳରେ ଆକାଶ ବେଶ୍ ପରିଷ୍କାର ଥିଲା । ହଠାତ୍ କୌଣସି ସତର୍କବାଣୀ ନଥାଇ ଆକାଶରେ କଳା ବାଦଲ ଛାଇଗଲା ଓ ପ୍ରଚଣ୍ଡ ଶବ୍ଦ କରି ଗୋଟାଏ ବଜ୍ରପାତ ହେଲା । ପ୍ରବଳ ବାତ୍ୟା ପ୍ରବାହିତ ହେଲା, କବାଟ ଝରକା ଭାଙ୍ଗିଯିବା ପରି ଜଣାଗଲା । ଏହି ବିପ୍ଳାତ ଆରମ୍ଭ ହେବା ସମୟରେ ହଠାତ୍ ଶ୍ରୀମତୀ ହିସ୍‌ଲପ୍ କହି ଉଠିଲେ, ବର୍ତ୍ତମାନ ଅପରାହ୍ଣ ୫ ଘଟିକା, ଆଜି ମଧ୍ୟ ଶୁକ୍ରବାର, ଯୀଶୁଙ୍କ ମୃତ୍ୟୁର ଦିନ ଓ ସମୟ । ଆଜି ଏଇକ୍ଷଣି ଆମ୍ଭମାନଙ୍କ ଆଖି ଆଗରେ ଯାହା ଘଟିଯାଇଛି ସେସବୁ ଠିକ୍ ଠିକ୍ ଭାବେ ବାଇବେଲ୍‌ରେ ବର୍ଣ୍ଣିତ ହୋଇଛି । ସେ ଖଣ୍ଡେ ବାଇବେଲ୍ ଆଣି ସେହି ଅଂଶଟି ପଢ଼ିଲେ, ''ଯେଉଁ ମୁହୂର୍ତ୍ତରେ ଯୀଶୁ ମୃତ୍ୟୁବରଣ କରିଥିଲେ ସେ ସମୟରେ ପ୍ରବଳ ତୋଫାନ୍ ବଜ୍ରପାତ ସହ ଘଡ଼ଘଡ଼ି ଚଡ଼ଚଡ଼ିରେ ଆକାଶ କମ୍ପିଯାଇଥିଲା । ମନ୍ଦିରମାନଙ୍କରେ ଥିବା ପବିତ୍ର ଫଟ ଓ ଚିତ୍ରସମୂହ ଉଡ଼ିଯାଇଥିଲା ।'' ସେଦିନ ହିସ୍‌ଲପ୍‌ଙ୍କ ଘରେ ଉପସ୍ଥିତ ଥିବା ସମସ୍ତେ ଏଭଳି ଏକ ଆଶାତୀତ ଦୃଶ୍ୟ ଘଟିବା ଦେଖି ଉତ୍‌ଫୁଲ୍ଲିତ ହୋଇ ଯାଇଥିଲେ । ପରଦିନ ସାନଡିଏଗୋର ପାଣିପାଗ ଅଫିସ୍ କହିଲା, ଆଶା କରାଯାଉ ନଥିବା ଏକ ପ୍ରବଳ ଝଡ଼ତୋଫାନ ହୋଇଯାଇଛି ।

ହିସ୍‌ଲପ୍ ଓ ତାଙ୍କ ବନ୍ଧୁମାନେ ଅନୁଭବ କଲେ ଯେ ୨୦୦୦ ବର୍ଷ ପୂର୍ବେ ହଠାତ୍ ଘଟିଥିବା ଝଡ଼ ତୋଫାନ ପୁନର୍ବାର ଘଟିବା ସହ ବାବା ସୃଷ୍ଟି କରି ଦେଇଥିବା କ୍ରସ୍‌ର କିଛି ସମ୍ବନ୍ଧ ଅଛି ବୋଧହୁଏ । ଏ କଥା ଡଃ ଫନିବନ୍ଧା ବାବାଙ୍କୁ ଜଣାଇବା ବେଳେ ସ୍ୱାମୀ ସେଥିରେ ଅସ୍ତିବାଚକ ଉତ୍ତର ଦେଇ କହିଲେ, ହିସ୍‌ଲପ୍ ଓ ତାଙ୍କ ବନ୍ଧୁମାନେ ଯାହା ଭାବିଛନ୍ତି ତାହା ପ୍ରକୃତରେ ସତ୍ୟ ଓ ଠିକ୍, ଏହି ଭଳି ଘଟଣା ଦୁଇ ହଜାର ବର୍ଷ ପୂର୍ବେ ଘଟିଥିଲା ।

ଅଲ୍ ଡୁକର୍

ଅଲ୍ ଡୁକ୍‌ର ଜଣେ ମହାକାଶ ଯନ୍ତ୍ରୀ, ଆମେରିକା ଦେଶରକ୍ଷା ବିଭାଗରେ କ୍ଷେପଣାସ୍ତ୍ର କେନ୍ଦ୍ରରେ କାମ କରୁଥିଲେ । ସେ ମଧ୍ୟ ଆମେରିକା ବିମାନବାହିନୀର ଓ ତାଙ୍କ ଦେଶର ଜାତୀୟ ମହାକାଶ ଓ ପ୍ରଶାସନ ବିଭାଗର ପରାମର୍ଶଦାତା ଥିଲେ । କିଛି ବର୍ଷ ପୂର୍ବେ ଅଲ ଡୁକର, ତାଙ୍କ ଜଣେ ସାଙ୍ଗ ସହିତ, ସବୁଜିମାଭରା ସିଏରା ନୋଭାଡ଼ା ପର୍ବତ ଅଞ୍ଚଳରେ ଖୁସିରେ ଗଗନ ବିହାର କରୁଥିଲେ । ସେଭଳି କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନଥିଲା । କେବଳ ସେ ଅଞ୍ଚଳରେ ପ୍ରାକୃତିକ ଶୋଭା ଉପଭୋଗ କରି ମନ ଖୁସି କରିବା

ପାଇଁ ଦୁଇବନ୍ଧୁ ଯାଇଥିଲେ । ପ୍ରାୟ ୪୫ ମିନିଟ୍ ମଧ୍ୟରେ ସେମାନେ ୧୫୦ ମାଇଲ ଯାତ୍ରା କରିଯାଇଥିଲେ, ଯେତିକି ଯେତିକି ଅଧିକ ଉଡୁଥାନ୍ତି, ପ୍ରକୃତି ରାଣୀ ସେତିକି ଅଧିକ ସୌନ୍ଦର୍ଯ୍ୟ ମଣ୍ଡିତ ହୋଇ ତାଙ୍କ ସମ୍ମୁଖରେ ଉଭା ହେଉଥାଏ । ହଠାତ୍ ତାଙ୍କ ସମ୍ମୁଖରେ ଏକ ବିପଦ ଉପସ୍ଥିତ ହୋଇଗଲା । ପ୍ରବଳ ବେଗରେ ସୃଷ୍ଟି ହୋଇଥିବା ତୋଫାନ ସହ ଘନ କଳା ବାଦଲ ତାଙ୍କ ପଥ ଅବରୋଧ କଲା, ବିଜୁଳି ଓ ବଜ୍ରର ଆଲୋକ ଓ ଶବ୍ଦ, ତାଙ୍କ ନିରାପତ୍ତାକୁ ଧମକ ଦେବାକୁ ବସିଲା । ଅଲ୍ ଡ୍ରୁକର୍ ତାଙ୍କ ବିମାନକୁ ପଛକୁ ଫେରାଇ ଆଣିବା ପାଇଁ ଚେଷ୍ଟା କଲେ, କିନ୍ତୁ ଦେଖିଲେ ସେ ଦିଗରେ ମଧ୍ୟ ଘନୀଭୂତ ମେଘ ସହ କଳାବାଦଲ ବିରାଟ କାନ୍ଥ ଭଳି ତାଙ୍କ ସାମନାରେ । ଛୋଟ ବିମାନଟି ରକ୍ଷା ପାଇବାର ଆଶା ହରାଇଲା । ପ୍ରବଳ ତୋଫାନର ବେଗ ଓ ପ୍ରତିକୂଳ ପାଗରୁ ନିଜ ବିମାନଟିକୁ ବଞ୍ଚାଇବାକୁ ସେ ପ୍ରବଳ ସଂଗ୍ରାମ କଲେ । ତାଙ୍କ ଅତୁଳନୀୟ ସଂଗ୍ରାମ ଦୁଇଘଣ୍ଟା ଧରି ଚାଲିଲା ।

ସେମାନେ ବର୍ତ୍ତମାନ ଯେଉଁ ଅଞ୍ଚଳ ଉପରେ ଉଡୁଥିଲେ ତାହା ଏକ ପାର୍ବତ୍ୟ ଅଞ୍ଚଳ ଥିଲା ଓ ସେଥିରେ ୧୨୦୦ ଫୁଟ ଉଚ୍ଚର ପର୍ବତଶୃଙ୍ଗମାନ ଥିଲା । ତେଣୁ ନିଜ ବିମାନକୁ ରକ୍ଷା କରିବାକୁ ବାଧ୍ୟ ହୋଇ ଅଲ ଡ୍ରୁକର ଯୁଦ୍ଧଭିତ୍ତିରେ ଚେଷ୍ଟା କରୁଥିଲେ, ବିମାନଟିକୁ ଘନ ବାଦଲ ଘେର ଭିତରୁ ନେଇ ତା' ଉପରକୁ ଚାଲି ଯିବାକୁ । କିନ୍ତୁ ବହଳିଆ ବାଦଲର କାନ୍ଥ ଓ ତୋଫାନର ଗତି ବିମାନଟିକୁ ତଳକୁ ଚାପି ଦେଉଥାଏ । ଅଲ ଡ୍ରୁକରଙ୍କ ଉଦ୍‌ବେଗ ବଢ଼ିଗଲା । ଏଣେ ତାଙ୍କ ବନ୍ଧୁଙ୍କର ଅମ୍ଳଜାନ ସରିଯାଇଥିବାରୁ ସେ ମୃତପ୍ରାୟ ପଡ଼ିଥାନ୍ତି ।

ଅଲ୍ ଡ୍ରୁକରଙ୍କ ସମସ୍ତ ଆଶା ମଉଳିଗଲା । ନିରାଶ ହୋଇ ସେ ସାହାଯ୍ୟ ପାଇଁ ଚିତ୍କାର କଲେ, ତାଙ୍କ ବେତାରଯନ୍ତ୍ରକୁ ବ୍ୟବହାର କଲେ । କ୍ଷୀଣ ଆଶା ଥାଏ, ଯଦି ତାଙ୍କ ଆତଙ୍କିତ ବ୍ୟାକୁଳ ଚିତ୍କାର ମାଟି ଉପରେ ଥିବା କାହା କାନରେ ପଡ଼େ, କିଛିଟା ସାହାଯ୍ୟ ମିଳିପାରେ । ଦୈବୀ ଯୋଗରୁ ଜଣକ ପାଖରେ ତାଙ୍କର କରୁଣ କାହାଣୀ ପହଞ୍ଚିଲା, କିନ୍ତୁ ଏ ନିଷ୍ଠୁର ପ୍ରାଣଘାତୀ ପାଗରେ ତାଙ୍କୁ ସାହାଯ୍ୟ କରିବାକୁ କେହି ସାହସ କଲେ ନାହିଁ । ବେତାରଯନ୍ତ୍ରରୁ କୌଣସି ଶବ୍ଦ ଶୁଣାଗଲା ନାହିଁ । ସେ ଜାଣିଗଲେ ଯେ ତାଙ୍କ ବିମାନ ଭୂମିରେ ଥିବା ଯନ୍ତ୍ରୀ ତଥା ପାଇଲଟ୍‌ମାନଙ୍କ ସହ ସଂଯୋଗ ରକ୍ଷା କରିପାରୁନାହିଁ । ପାଖରେ ପଡ଼ିଥିବା ତାଙ୍କ ବନ୍ଧୁ ଜୀବିତ ଅଛନ୍ତି କି ନାହିଁ ସେଥିରେ ମଧ୍ୟ ତାଙ୍କର ସନ୍ଦେହ ଥିଲା । ତାଙ୍କର ଏତେ ବ୍ୟସ୍ତତା ଓ ଚିତ୍କାର ସତ୍ତ୍ୱେ ବନ୍ଧୁ କାହିଁ ହଲଚଲ ବି ହେଉନାହାନ୍ତି । ଶ୍ୱାସପ୍ରଶ୍ୱାସର ଚିହ୍ନବର୍ଣ୍ଣ ବି ଦେଖାଯାଉନଥାଏ ।

ପ୍ରାକୃତିକ ବିପର୍ଯ୍ୟୟ ସହ ସଂଗ୍ରାମ କରି କରି ଶେଷକୁ ପରାସ୍ତ ହୋଇ ହତଭାଗ୍ୟ ଅଲ୍ ଡ୍ରୁକର୍ ଧୀରେ ଧୀରେ ସମସ୍ତ ସାହସ ଓ ଶକ୍ତି ହରାଇବସିଲେ । ବିମାନର ଇନ୍ଧନ ସରି ଆସି ତା' ସୂଚନା ଦେବାକୁ ଲାଗିଲା । ଛୋଟ ବିମାନଟି ପ୍ରାକୃତିକ ଦୁର୍ଘଟଣାର

ଦାଉ ଆଉ ସହି ପାରୁନଥାଏ । କ'ଣ ଗୋଟିଏ ଶବ୍ଦ ହେଲା, ବୋଧହୁଏ ଇଞ୍ଜିନ୍‌ର କୌଣସି ଅଂଶ ଭାଙ୍ଗିଗଲା । ଅଲ୍ ଡୁକର୍ ଜାଣିଗଲେ ଯେ ତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟ ଆଗତପ୍ରାୟ ।

ହତୋତ୍ସାହିତ ଡୁକର୍ ବର୍ତ୍ତମାନ ଭଗବାନଙ୍କୁ ଡାକିବାକୁ ଲାଗିଲେ, ''ହେ ଭଗବାନ, ହେ ଭଗବାନ, ମୋତେ ବଞ୍ଚାଅ । ମୁଁ ଆଉ ପାରୁନାହିଁ । ମୋର ଆଉ ଶକ୍ତି ନାହିଁ, ଶୀଘ୍ର ଆସି ମୋତେ ଉଦ୍ଧାର କର । ମୁଁ ମରିବାକୁ ଚାହୁଁନାହିଁ । ମୁଁ ସମ୍ପୂର୍ଣ୍ଣ ଶରଣାଗତ, ମୁଁ ନିଜକୁ ଆପଣଙ୍କ ହାତରେ ଟେକି ଦେଉଛି । ଆପଣ ଯାହା ଖୁସି ତାହା କରନ୍ତୁ ।'' ନିଜକୁ ଏଭଳି ଭାବେ ଭଗବାନଙ୍କ ଇଚ୍ଛା ଉପରେ ଛାଡ଼ି ଦେଇସାରିଲା ପରେ ବି ସେ ଏ ସଙ୍କଟରୁ ଉଦ୍ଧାର ପାଇବେ ବୋଲି ଭାବି ନଥିଲେ । ତାଙ୍କ ବନ୍ଧୁଙ୍କ ଭଳି ତାଙ୍କ ଅମ୍ଳଜାନ ଯୋଗାଣ ମଧ୍ୟ ସରି ଆସୁଥିଲା । ଏଥର ମୃତ୍ୟୁ ସୁନିଶ୍ଚିତ ।

ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କ ବେତାରଯନ୍ତ୍ର ଜୀବନ୍ତ ହୋଇ ଉଠିଲା । ବଡ଼ ପାଟି ଓ ପରିଷ୍କାର ସ୍ୱର ତାଙ୍କୁ ଶୁଣାଗଲା । କିଏ ଜଣେ କହୁଥିଲା, ''ତୋଫାନ ଆକ୍ରାନ୍ତ ବିମାନ, ମୋତେ ଶୁଣିପାରୁଛ ?'' ଅଲ୍ ଡୁକର୍ ତାଙ୍କ ବେତାରଯନ୍ତ୍ରକୁ ବ୍ୟବହାର କରିବା ଏକଘଣ୍ଟା ଇତି ମଧ୍ୟରେ ଅତିବାହିତ ହୋଇଯାଇଥାଏ । ବର୍ତ୍ତମାନ ସେ ଶୁଣୁଥିବା କଣ୍ଠରେ ଆତ୍ମ ବିଶ୍ୱାସ ଭରି ରହିଥିଲା, ଦୃଢ଼ତା ଥିଲା, ଆଶ୍ୱାସନା ଥିଲା । ଡୁକରଙ୍କ ଚକ୍ଷୁରେ ବନ୍ୟା ଆସିଗଲା, ସ୍ୱର୍ଗର ଦେବଦୂତ ଆସିଗଲେ ତାଙ୍କୁ ଉଦ୍ଧାର କରିବା ପାଇଁ ବୋଧହୁଏ । ଝୁଲୁଥିବା ମାଇକ୍ରୋଫୋନ୍‌ଟିକୁ ଅଣ୍ଡାଳି ଆଣି ତାହାର ବୋତାମକୁ ଦବାଇ ଦେଇ ମୁଠାଇ ଧରିଲେ, ପୁଣି ଶୁଣାଗଲା, ''ମୋତେ ଶୁଣିପାରୁଛ ? ବିମାନଟିକୁ ୬୦° ଡାହାଣକୁ [illegible]ଅ, ତା'ପରେ ବାମକୁ ମୋଡ଼ । ସେତେବେଳେ ତୁମେ ମୋତେ ଜାଣିପାରିବ ଭୟ କର ନାହିଁ । ମୁଁ ତୁମକୁ ନିରାପଦରେ ତଳକୁ ଓହ୍ଲାଇ ଆଣିବି ।'' ଅଲ୍ ଡୁକର୍ ସେ କଥା ସବୁ ମାନିଗଲେ, କିନ୍ତୁ ନିଜ ତରଫରୁ କିଛି କଥାବାର୍ତ୍ତା କରିପାରିନଥିଲେ । ସେ ପୁନର୍ବାର ଶୁଣିଲେ, ''ମୁଁ ବର୍ତ୍ତମାନ ତୁମକୁ ଦେଖିପାରୁଛି, ତୁମେ କିଛି କହିବା ଦରକାର ନାହିଁ । ବର୍ତ୍ତମାନ ତୁମେ ରିନୋ ବିମାନ ଘାଟିଠାରୁ ୭୫ ମାଇଲ୍ ଦୂରରେ ଅଛ, ନିଜକୁ ସ୍ଥିର ରଖ, ଭୟର କାରଣ ନାହିଁ ।''

ନିରାପତ୍ତା ୭୫ ମାଇଲ ଦୂରରେ, ସେଠାରେ ପହଞ୍ଚିବାକୁ ୩୦ ମିନିଟ୍ ଲାଗିବ, ଯଦି ପାଗ ଅନୁକୂଳ ଥିବ । କିନ୍ତୁ ବିମାନର ଜାଳେଣି ମିଟରର କଣ୍ଟା ଦେଖାଉଛି ଯାହା, ଜାଳେଣି ଆଉ ଦଶ ମିନିଟ୍ ଭିତରେ ସରିଯିବ । କ'ଣ କରିବେ ସେ କିଛି ଜାଣିପାରୁ ନଥିଲେ । ଜଣେ ଅଦୃଶ୍ୟ ବ୍ୟକ୍ତିର ନିର୍ଦ୍ଦେଶ ମାନି ସେ କାମ କରିଯାଉଥିଲେ । ଶତ୍ରୁତାପୂର୍ଣ୍ଣ ପାଗ ଓ ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ବେତାରଯନ୍ତ୍ର ମାଧ୍ୟମରେ କଣ୍ଠସ୍ୱର ଶୁଣାଯାଉଥାଏ । ସେ କଣ୍ଠରେ ଥିଲା ଶାନ୍ତି, ଆଶ୍ୱାସନା, ଶକ୍ତି ଉତ୍ପାଦନକ୍ଷମ ଓ ଆତ୍ମବିଶ୍ୱାସ ସୃଷ୍ଟିକାରୀ ସ୍ୱର ।

ପ୍ରତ୍ୟେକ ପଦକ୍ଷେପରେ ସେ କହୁଥିଲା କିଭଳି ବିମାନଟିକୁ ନିୟନ୍ତ୍ରଣରେ ରଖିବାକୁ ହେବ । ତା'ର ଶେଷ ବାକ୍ୟ ଥିଲା, ''ଏହି ଦିଗରେ ସିଧା ଗଲେ ତୁମେ ଘନବାଦଲ ଆବୃତ ଅଞ୍ଚଳରୁ ବାହାରିଯିବ । ତା'ପରେ ଦେଖିବ ରିନୋ ବିମାନଘାଟି । ଓହ୍ଲାଇବା ଆରମ୍ଭ କର । ମୁଁ ଏବେ ଯାଉଛି, ଶୁଭାଶିଷ ସହ ସୌଭାଗ୍ୟ କାମନା କରୁଛି ।'' ବାସ୍ । ଉପଯୁକ୍ତ ସମୟରେ ଉପଯୁକ୍ତ ସାହାଯ୍ୟ ପ୍ରଦାନ କରିଥିବା ଦରଦୀ ବ୍ୟକ୍ତି କିନ୍ତୁ ନିଜ ପରିଚୟ ଦେଇ ନଥିଲେ ।

ଠିକ୍ ୧ ୨ ମିନିଟ୍ ପରେ ଅଲ୍ ଡ୍ରୁକର ବାଦଲ ଘେର ଭିତରୁ ବାହାରି ଆସି ରିନୋ ବିମାନଘାଟି ଦେଖିପାରିଲେ । ତାହା ବରଫାଚ୍ଛାଦିତ ହୋଇଥିଲା । ଓହ୍ଲାଇବା ପାଇଁ ସେ ଅନୁମତି ମାଗିଲେ । ବିମାନଟି ଭୂମି ସ୍ପର୍ଶ କରିବାର କ୍ଷଣକ ପୂର୍ବରୁ ମୃତବତ୍ ପଡ଼ିଥିବା ବନ୍ଧୁଜଣକ ଆଖି ଖୋଲି ଉଠି ବସିଲେ । ବିମାନଟି ଠିଆ ହେବା ମାତ୍ରେ ଗୋଟିଏ ଜିପ୍ ଆସି ତାଙ୍କୁ ଘେନିଗଲା । ଦୁଇବନ୍ଧୁ ସେଥିରେ ବସି ବିମାନ ଟ୍ରାଫିକ୍ ନିୟନ୍ତ୍ରକଙ୍କ ପାଖକୁ ଆସିଲେ । ନିୟନ୍ତ୍ରକ ତାଙ୍କୁ ପଚାରିଲେ, ''ଅସମୟରେ କିପରି ଆସିଲ ? କ'ଣ ହେଲା ? ଆମ ରାଡ଼ାରରେ କୌଣସି ବିମାନ ଆସିବାର ସୂଚନା ନଥିଲା । ଅଳ୍ପ ସମୟ ପୂର୍ବରୁ ଏ ବିମାନ ବନ୍ଦରଟି ବରଫ ଝଡ଼ରେ ବିଧ୍ୱସ୍ତ ଅବସ୍ଥାରେ ଥିଲା । ଏଠାରେ ଜୀବିତାବସ୍ଥାରେ କିପରି ଓହ୍ଲାଇଲ ? କୌଣସି ଅଘଟଣ ନ ଘଟି ନିରାପଦରେ ବିମାନ ସହିତ ଏଠାରେ ପହଞ୍ଚିବା ତ ବିଶ୍ୱାସର ବାହାର କଥା ?'' କର୍ତ୍ତୃପକ୍ଷ କହିଲେ, ''ବର୍ତ୍ତମାନ ମଧ୍ୟ ଏଠାରେ ଆଉ ଏକ ବରଫ ଝଡ଼ ଘନୀଭୂତ ହେଉଅଛି । ତେଣୁ ଆପଣମାନେ ଦକ୍ଷିଣ ଦିଗକୁ ମେକ୍ସିକୋ ଆଡ଼କୁ ଚାଲିଯାନ୍ତୁ ।'' ସେମାନେ ତାଙ୍କ ବିମାନଟିକୁ ସଜାଡ଼ି ନେଲେ, ଜାଳେଣି ଭର୍ତ୍ତି କଲେ ଓ ମେକ୍ସିକୋରେ ପହଞ୍ଚି ବିଶ୍ରାମ କରିବାକୁ ଆଶ୍ରୟସ୍ଥଳ ଖୋଜୁ ଖୋଜୁ ଇନ୍ଦ୍ରାଦେବୀଙ୍କ ଆଶ୍ରମରେ ପହଞ୍ଚିଲେ । ଆଶ୍ରମସାରା ଉଜ୍ଜ୍ୱଳ ଆଲୋକ ଉଦ୍‌ଭାସିତ ହେଉଥିଲା । ସେମାନେ ଡାକିଲା ବେଳେ କେହି ଉତ୍ତର ଦେଲେ ନାହିଁ । ତେଣୁ ସେମାନେ ବାହାର ଫାଟକ ଖୋଲି ନୀରବତାର ସହ ଭିତରକୁ ଗଲେ । ସଙ୍ଗୀତର ମଧୁର ମୂର୍ଚ୍ଛନା ଶୁଣାଯାଉଥିଲା । ଅଳ୍ପ କେତେକ ଲୋକ ଲାଲ ରଙ୍ଗ ପୋଷାକ ପରିହିତ ଜଣେ ଈଶ୍ୱରକୋଟି ପୁରୁଷଙ୍କ ଫଟ ସାମନାରେ ଦଣ୍ଡାୟମାନ ହୋଇ ଆରତୀ କରୁଥିଲେ । ଫଟସାରା ବିଭୂତିରେ ଆବୃତ ହୋଇଥିଲା । ମୁହୂର୍ତ୍ତକ ମଧ୍ୟରେ ଅଲ୍ ଡ୍ରୁକରଙ୍କୁ ଜଣାଗଲା ଯେ ଏହି ଈଶ୍ୱରକୋଟି ପୁରୁଷଙ୍କ ସହ, ଅଳ୍ପ ସମୟ ପୂର୍ବରୁ ତାଙ୍କୁ ଉଦ୍ଧାର କରିଥିବା କଣ୍ଠସ୍ୱର ସହ କୌଣସି ଅପ୍ରମେୟ ସମ୍ପର୍କ ଅଛି । ଇନ୍ଦ୍ରାଦେବୀଙ୍କଠାରୁ ସେ ଭଗବାନ ସତ୍ୟସାଇଙ୍କ ପ୍ରେମ ଓ କରୁଣା ବିଷୟରେ ଶୁଣିଲେ । ଏହାର କିଛିଦିନ ଭିତରେ ସେ ଭାରତକୁ ଆସି ପ୍ରଶାନ୍ତି ନିଲୟମ୍‌ରେ ପହଞ୍ଚିଲେ ।

''ସଙ୍କଟମୟ ତୋଫାନରେ ପଡ଼ିଥିବା ସମୟରେ ସେ ଯାହାର କଣ୍ଠସ୍ୱର ଶୁଣିଥିଲେ ତାହା ଭଗବାନ ସତ୍ୟସାଇଙ୍କର ଥିଲା କି ?'' ଏ କଥା ସିଧାସଳଖ ତାଙ୍କୁ ପଚାରିବାକୁ ସେ ଉଚିତ ମଣିଲେ ନାହିଁ । ତାଙ୍କ ସନ୍ଦେହର ଉତ୍ତର ପାଇବା ପାଇଁ ତାଙ୍କୁ

କେତେକ ଘଟଣା ଦେଖିବାକୁ ପଡ଼ିଲା । ପୁଟ୍ଟପର୍ତ୍ତିରେ ତାଙ୍କ କୋଠରୀରେ ଥିବା ଜଣେ ଭାରତୀୟ ବନ୍ଧୁ ତାଙ୍କର ବ୍ୟକ୍ତିଗତ ଅନୁଭୂତିମାନ ବର୍ଣ୍ଣନା କଲାବେଳେ ଅଲ୍ ଡ୍ରୁକରଙ୍କୁ ସେସବୁ ନିଜ ଅନୁଭୂତି ଭଳି ଲାଗିଲା । ତାଙ୍କ ସନ୍ଦେହ ଏଠାରେ ପରିଷ୍କାର ହୋଇଗଲା ଏବଂ ସେ ଶାନ୍ତି ଓ ସନ୍ତୋଷ ଲାଭ କଲେ । ବାବା କହନ୍ତି, ''ମୋତେ ଯେଉଁ ନାମରେ ଡାକୁଛ ଡାକିପାର, ସବୁ ନାମ ମୋତେ ହିଁ ସୂଚାଏ ।'' ତାଙ୍କର ଏହି ଘୋଷଣାର ସତ୍ୟତା ସେ ପ୍ରମାଣ କରି ଦେଖାଇଦେଲେ ପନ୍ଦର ହଜାର ଫୁଟ ଉପରେ ଉଡୁଥିବା ବିପର୍ଯ୍ୟୟ ଆକ୍ରାନ୍ତ, ସଂଗ୍ରାମରେ ପରାସ୍ତ ଓ ପରିଶେଷରେ ଶରଣାଗତ ଅଲ୍ ଡ୍ରୁକରଙ୍କୁ ନାଟକୀୟ ଭଙ୍ଗୀରେ ଉଦ୍ଧାର କରି ।

ଇନ୍ଦ୍ରାଦେବୀ

ରୁଷ ଦେଶରେ ଜନ୍ମିତା ଇନ୍ଦ୍ରାଦେବୀ ଭାରତରେ ଯୋଗ ବିଦ୍ୟାରେ ପାରଦର୍ଶିତା ହାସଲ କରିଥିଲେ । ସେ ତାଙ୍କ ମୂଳ ରୁଷୀୟ ନାମକୁ ବଦଳାଇ (ଡଃ ଶ୍ରୀମତୀ କେନେରେ) ଭାରତୀୟ ନାମ (ଇନ୍ଦ୍ରାଦେବୀ) ଗ୍ରହଣ କଲେ । ସେ ମେକ୍ସିକୋର ଟେକେଟ୍ ଆଶ୍ରମରେ ଯୋଗ ଶିକ୍ଷା ଦେବାରେ ନିୟୋଜିତ ଅଛନ୍ତି । ସେ ୬୦ ବର୍ଷ ବୟସରେ ହାୱାର୍ଡ୍ ମରଫେଟ୍‌ଙ୍କୁ ଭେଟିଲେ ମାଡ୍ରାସରେ ଏବଂ ତାଙ୍କଠାରୁ ପ୍ରଥମ ଥର ପାଇଁ ଭଗବାନ ସତ୍ୟସାଇ ବାବାଙ୍କ ବିଷୟରେ ଶୁଣିଲେ, କିନ୍ତୁ ତାହା ତାଙ୍କୁ କିଛି ପ୍ରଭାବିତ କରି ପାରିନଥିଲା ।

ଥରେ ମୁମ୍ବଇରେ ଥିଲାବେଳେ, ଛାୟା ଶାସ୍ତ୍ରୀ କାନ୍ତିଲାଲ ପାଣ୍ଡ୍ୟାଙ୍କ ପାଖରେ ଥିବା ''ଭୃଗୁ ସଂହିତା'' ଦେଖିବାର ସୁଯୋଗ ପାଇଲେ । ସେ ଗ୍ରନ୍ଥରେ ତାଙ୍କ ବିଷୟରେ କ'ଣ ଅଛି ସେ ଜାଣିବାକୁ ଚାହିଁଲେ । ତାଙ୍କ ପାଇଁ ଉଦ୍ଦିଷ୍ଟ ଲେଖାରେ ବାହାରିଲା, ''ବିଗତ ଜନ୍ମର ବହୁ ସଞ୍ଚିତ ପୁଣ୍ୟ ଫଳରେ ତୁମେ ଜଣେ ଅତି ବିଶିଷ୍ଟ ଆଧ୍ୟାତ୍ମିକ ପୁରୁଷଙ୍କ ଦର୍ଶନ ଲାଭ କରିବ । ବର୍ତ୍ତମାନ ମଧ୍ୟ ତୁମେ ତାଙ୍କରି ସୁରକ୍ଷା ଲାଭ କରୁଅଛ । ବିଶେଷ ଦ୍ରଷ୍ଟବ୍ୟ ସ୍ଥାନରେ ଲେଖାଥିଲା, ''ଅତି ବିଶିଷ୍ଟ ଆଧ୍ୟାତ୍ମିକ ପୁରୁଷ ଅର୍ଥ ଭଗବାନ ସ୍ୱୟଂ ।''

୧୯୬୬ରେ ସେ ତାଙ୍କ ୬୬ତମ ବୟସରେ ପ୍ରଥମ ଥର ପାଇଁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦର୍ଶନ ଲାଭ କଲେ । ପ୍ରଥମ ଦର୍ଶନରୁ ସ୍ୱାମୀଙ୍କ ଦୈବତ୍ୱ ଉପରେ ତାଙ୍କର ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ଆସି ଯାଇଥିଲା । ସ୍ୱାମୀ ତାଙ୍କୁ ସାକ୍ଷାତ୍‌କାର ଦେଇ ପଚାରିଲେ, ''କ'ଣ ପାଇବାକୁ ଚାହୁଁଛୁ ?'' ସେ କୌଣସି ସାଂସାରିକ ବସ୍ତୁ ବା ଏପରିକି ମୋକ୍ଷ ମଧ୍ୟ ଚାହିଁଲେ ନାହିଁ । ସେ କେବଳ କହିଲେ, ''ସ୍ୱାମୀ, ମୋ ଅନ୍ତରରେ ଆଧ୍ୟାତ୍ମିକ ପ୍ରଦୀପ ଜଳାଇଦିଅନ୍ତୁ ।'' ସ୍ୱାମୀ ଗୋଟିଏ ଲକେଟ୍ ଓ ବିଭୂତି ସୃଷ୍ଟି କରି ତାଙ୍କୁ ଦେଲେ ଏବଂ ଆଶ୍ୱାସନା ଦେଇ କହିଲେ, ''ତୋର ଯେତେବେଳେ ଯାହା ଦରକାର

ମୋତେ ମାଗିବୁ । ଆମ ଭିତରେ ଭୌତିକ ଦୂରତା ଯେତେ ଅଧିକ ଥାଉ ପଛକେ ମୁଁ ତୋ ପ୍ରାର୍ଥନା ଶୁଣିବି । ମୁଁ ସଦା ସର୍ବଦା ତୋ' ପାଖେ ପାଖେ ଥିବି ।''

ଥରେ ମେକ୍‌ସିକୋର ପାର୍ବତ୍ୟ ଅଞ୍ଚଳରେ ଭୀଷଣ ଅଗ୍ନିକାଣ୍ଡ ଘଟିଲା, ହଜାର ହଜାର ଘର ତଥା ଏକର ଏକର ଜଙ୍ଗଲ ଜଳି ପୋଡ଼ି ନାଶ ହୋଇଗଲା । ଭୟ ହେଲା, ଏ ଅଗ୍ନିକାଣ୍ଡଦ୍ୱାରା ମେକ୍‌ସିକୋର ସାଇ ସଂସ୍ଥା ମଧ୍ୟ ଜଳିଯାଇଥିବ କି ? ସେ ଅଗ୍ନିର ଭୟାବହତା ଏତେ ବେଶୀ ଥିଲା ଯେ ଅନେକ ଲୋକ ସେମାନଙ୍କ ଘର ତଥା ଆସବାବପତ୍ର ଛାଡ଼ି ଜୀବନ ବଞ୍ଚାଇବା ପାଇଁ ଅନ୍ୟତ୍ର ପଳାୟନ କରିଥିଲେ । ଗୋଟିଏ ଗାଡ଼ିରେ ଯାଇ ସେମାନେ ଏକ ପର୍ବତ ଉପରେ ପହଞ୍ଚିଲେ ଏବଂ ସେଠାରେ ଗୋଟିଏ ଘରେ ବିଶ୍ରାମ ନେଲେ । ସେଠାରେ ଚାରିଘଣ୍ଟା ବିତାଇଲେ ଓ ସାଇବାବାଙ୍କୁ ପ୍ରାର୍ଥନା କଲେ । ସେମାନେ ଥିବା ପାହାଡ଼ର ତଳେ ଚାରିଆଡ଼େ ନିଆଁ ଜଳୁଥିଲା । ଶେଷରେ ସେ ନିଆଁ ଲିଭିବା ଆରମ୍ଭ ହେଲା, କିଛି ସମୟ ପରେ ଏମାନେ ସବୁକିଛି ଚାଲିଯାଇଥିବ ଭାବି ଫେରିଲେ । ଆଶ୍ଚର୍ଯ୍ୟ ତଥା ସ୍ତମ୍ଭୀଭୂତ ହୋଇ ସେମାନେ ଦେଖିଲେ ଇନ୍ଦ୍ରାଦେବୀଙ୍କ ଆଶ୍ରମର ଚତୁଃପାର୍ଶ୍ୱ ଅଗ୍ନିକାଣ୍ଡରେ ନଷ୍ଟ ହୋଇଯାଇଛି, ହେଲେ ଆଶ୍ରମକୁ ଅଗ୍ନି ସ୍ପର୍ଶ କରିନାହିଁ । ଆଶ୍ରମର ସୌନ୍ଦର୍ଯ୍ୟ ତଥା ମର୍ଯ୍ୟାଦା ଆଦୌ କ୍ଷୁଣ୍ଣ ହୋଇ ନଥିଲା । ଏପରିକି ପ୍ରାର୍ଥନା ଗୃହର ଶୁଭ୍ର କାର୍ପେଟ୍ ଠିକ୍ ପୂର୍ବଭଳି ପରିଷ୍କାର ଓ ସୁନ୍ଦର ଥିଲା । ସେମାନଙ୍କୁ ଲାଗିଲା ବାବା ନିଜେ ସଶରୀରେ ଉପସ୍ଥିତ ରହି ଆଶ୍ରମକୁ ନିରାପଦ ରଖିଥିଲେ ।

ଏଠାରେ ଏହି ଅଗ୍ନିକାଣ୍ଡ ଘଟିବା ସମୟରେ ଇନ୍ଦ୍ରାଦେବୀ ଚିକାଗୋରେ ବାବାଙ୍କ ବିଷୟରେ ବକ୍ତୃତା ଦେଉଥିଲେ । ସେ ସେଠା ଟେଲିଭିଜନ୍‌ରେ ଏହି ଅଗ୍ନିକାଣ୍ଡର ଭୟାବହତା ଦେଖିଲେ । ଖବରକାଗଜ ମାଧ୍ୟମରେ ସେ ଜାଣିଲେ ଯେ ଅଗ୍ନିକାଣ୍ଡ ତାଙ୍କ ଆଶ୍ରମ ନିକଟରେ ହିଁ ଘଟିଯାଇଛି । କିନ୍ତୁ ସେ ଆଦୌ ବିଚଳିତ ହୋଇ ନଥିଲେ । ସେ ଭାବିଲେ, ''ସେ ଆଶ୍ରମ ଭଗବାନଙ୍କର, ସେ ତାଙ୍କ ଇଚ୍ଛାରେ ତାହାକୁ ଯାହା କରିବେ । ସେ ଯଦି ଚାହାନ୍ତି ଯେ ଆଶ୍ରମ ଜଳିଯାଉ, ତା'ହେଲେ ସେଇଆ ହେଉ ।'' ତାଙ୍କ ଅଟଳ ବିଶ୍ୱାସ ଅନୁସାରେ ଆଶ୍ରମ ସମ୍ପୂର୍ଣ୍ଣ ନିରାପଦ ଅବସ୍ଥାରେ ରହିଥିଲା । କିଛିଦିନ ପରେ ସେ ବାବାଙ୍କ ପାଖରୁ ଗୋଟିଏ ନିମନ୍ତ୍ରଣ ପାଇଲେ ଅନନ୍ତପୁର ମହିଳା କଲେଜ ଉଦ୍‌ଘାଟନ କରିବା ପାଇଁ । ସେ ମେକ୍‌ସିକୋରୁ ଆସି ସେ ଉତ୍ସବରେ ଯୋଗ ଦେଲେ । ସେ ଫେରିବା ପୂର୍ବରୁ ବାବା ତାଙ୍କ ପାଇଁ ଲକ୍ଷ୍ମୀ ଠାକୁରାଣୀଙ୍କ ମୂର୍ତ୍ତି ଥିବା ଗୋଟିଏ ଲକେଟ୍ ସୃଷ୍ଟି କରି ତାଙ୍କୁ ଦେଲେ ଏବଂ କହିଲେ, ''ଏଇଟି ତୋ ଘର ପାଇଁ, ଏ ତୋ ଘରକୁ ରକ୍ଷା କରୁଥିବ । ଏହା ପରେ ସେଠାରେ ଆଉ ଅଗ୍ନିଭୟ ରହିବ ନାହିଁ ।''

ଇନ୍ଦ୍ରାଦେବୀ ଯେତେବେଳେ ପୁଟ୍ଟପର୍ତ୍ତି ଆସନ୍ତି, ସେଠାରେ ଥିବା ସ୍କୁଲ ପିଲାଙ୍କ ପାଇଁ ଯୋଗ କ୍ଲାସ ଆୟୋଜନ କରନ୍ତି । ବାବା ମଧ୍ୟ ତାଙ୍କ ସେବାରେ ଖୁସି ହେଉଥାନ୍ତି ।

ଥରେ ବାବା ତାଙ୍କ ପାଇଁ ଗୋଟିଏ ହୀରକଖଚିତ ମୁଦି ସୃଷ୍ଟି କଲେ । କିନ୍ତୁ ଏହାର ବହୁ ବର୍ଷ ପୂର୍ବରୁ ସେ ସମସ୍ତ ପ୍ରକାର ଅଳଙ୍କାର ବ୍ୟବହାର କରିବା ଛାଡ଼ି ଦେଇଥିଲେ । ତଥାପି ଏ ମୁଦିଟିକୁ ସେ ପିନ୍ଧିଲେ । ମନେ ମନେ ଭାବିଲେ ଏଥିରେ ବାବାଙ୍କ ମୂର୍ତ୍ତି ଥା'ନ୍ତା କି ? ସ୍ୱାମୀ ତାଙ୍କ ଭାବ ବୁଝିପାରିଲେ । ସେ ମୁଦିଟି ତାଙ୍କ ହାତରୁ ନେଇ ତାକୁ ଫୁଙ୍କି ଦେଲେ । ବର୍ତ୍ତମାନ ତାହାର ରୂପ ବଦଳିଗଲା, ଗୋଟିଏ ଛୋଟ ପଥର ଉପରେ ସ୍ୱାମୀଙ୍କ ରୂପ ଦେଖାଗଲା । ସ୍ୱାମୀ ନିଜେ ଏଇଟିକୁ ତାଙ୍କୁ ପିନ୍ଧାଇ ଦେଇ କହିଲେ, ''ଯେତେବେଳେ ଇଚ୍ଛା କରିବୁ ଏହି ମୁଦିରେ ମୋତେ ଦେଖିପାରିବୁ । କେବଳ ତୁ, ଆଉ କେହି ଏ ମୁଦି ମାଧ୍ୟମରେ ମୋତେ ଦେଖିପାରିବେ ନାହିଁ । ତୁ ଏ ମୁଦିକୁ ଚାହିଁଲେ ମୁଁ ଭାରତରେ, ସେତେବେଳେ ଯାହା କରୁଥିବି ତୁ ସେହି ଅବସ୍ଥାରେ ଦେଖିପାରିବୁ ।''

ଥରେ ଇନ୍ଦ୍ରାଦେବୀ କାଲିଫର୍ଣ୍ଣିଆରେ ଥିଲେ । ସେ ମୁଦିକୁ ଚାହିଁ ଦେଖିଲେ ବାବା ଗୋଟିଏ ଧଳା କାରରେ ବସିଛନ୍ତି । ସେ ଏସବୁ କଥା ତାଙ୍କ ଡାଏରୀରେ ଲିପିବଦ୍ଧ କଲେ । ଆଉ ଥରେ ସେ ମୁଦିକୁ ଚାହିଁ ଦେଖିଲେ ବାବା ତାଙ୍କ ସାମନାରେ ଅର୍ଦ୍ଧବୃତ୍ତକାରରେ ବସିଥିବା ଭକ୍ତମାନଙ୍କ ସଙ୍ଗେ କଥାବାର୍ତ୍ତା କରୁଛନ୍ତି । ତାଙ୍କୁ ଲାଗିଲା ଏ ଦୃଶ୍ୟ ପ୍ରଶାନ୍ତି ନିଳୟମ୍‌ର ନୁହେଁ । ତାହା ମଧ୍ୟ ସେ ନିଜ ଡାଏରୀରେ ଲିପିବଦ୍ଧ କଲେ । ପରେ ସେ ଯେତେବେଳେ ପ୍ରଶାନ୍ତି ନିଳୟମ୍‌କୁ ଆସିଲେ ତାଙ୍କ ଡାଏରୀ ସହିତ କସ୍ତୁରୀଙ୍କ କଥା ମିଶାଇ ଜାଣିଲେ, ସେ ସବୁ ସତ୍ୟ । ସେ ଜାଣିଥିଲେ ବାବାଙ୍କ ଗାଡ଼ି ରଙ୍ଗ ଧଳା ନୁହେଁ, କିନ୍ତୁ ସେ ଯେଉଁ ଦିନ କଥା କହୁଥିଲେ, ସେଦିନ ବାବା ଗୋଟିଏ ଧଳା କାରରେ ଯାଇଥିଲେ । ଦ୍ୱିତୀୟ ଘଟଣାଟି ମଧ୍ୟ ସତ୍ୟ, ତାହା ପ୍ରଶାନ୍ତି ନିଳୟମ୍‌ର ନୁହେଁ, ସେଦିନ ବାବା ସୁଦୂର କେରଳରେ ଥିଲେ ।

୧୯୭୦ ନଭେମ୍ବର ୨୧ ତାରିଖରେ ଶ୍ରୀ ସତ୍ୟସାଇ ସଙ୍ଗଠନର ୪ର୍ଥ ସର୍ବଭାରତୀୟ କର୍ମକର୍ତ୍ତାମାନଙ୍କ ସମ୍ମିଳନୀ ପ୍ରଶାନ୍ତି ନିଳୟମ୍‌ରେ ହେଉଥାଏ । ଭଗବାନଙ୍କ ଉପସ୍ଥିତିରେ ଇନ୍ଦ୍ରାଦେବୀ ବକ୍ତୃତା ପ୍ରଦାନ କଲେ । ତାଙ୍କ ବକ୍ତୃତାରେ ସେ ଏ ଦୁଇଟି ଘଟଣା ବର୍ଣ୍ଣନା କଲେ । ଶ୍ରୀ କସ୍ତୁରୀ ହାସ୍ୟଛଳରେ କହିଲେ, ''ତୁମେ ତା'ହେଲେ ବାବାଙ୍କ ବିରୁଦ୍ଧରେ ଗୁପ୍ତଚର କାମ କରୁଛ ।'' ବାବା ତଥା ସମଗ୍ର ଶ୍ରୋତାବୃନ୍ଦ ବଡ଼ ପାଟିରେ ହସି ଉଠିଲେ ।

ଇନ୍ଦ୍ରାଦେବୀ ସିନେମା, ପୁସ୍ତକ ଓ ବକ୍ତୃତା ମାଧ୍ୟମରେ ଆମେରିକାରେ ବାବାଙ୍କ ବାର୍ତ୍ତା ପ୍ରସାର କରିବା ଦିଗରେ ବହୁ ମୂଲ୍ୟବାନ ସେବା ପ୍ରଦାନ କରିଛନ୍ତି । ଏଭଳି ସଭା ଆୟୋଜନ କରିବାଦ୍ୱାରା ସେ ଏକ ସମସ୍ୟାର ସମ୍ମୁଖୀନ ହେଲେ । ସଭାରେ ଉପସ୍ଥିତ ଥିବା ଲୋକମାନେ ସ୍ୱାମୀଙ୍କ ଶ୍ରୀହସ୍ତ ନିର୍ମିତ ବିଭୂତି ପାଇବାକୁ ଚାହିଁଲେ । ଏହାପରେ

ସେ ଯେତେବେଳେ ସ୍ୱାମୀଙ୍କ ପାଖକୁ ଆସିଲେ, ଲୋକଙ୍କର ''ବିଭୂତି ଆଶା'' କଥା ସ୍ୱାମୀଙ୍କୁ କହିଲେ । ହଠାତ୍ ଗୋଟିଏ ଘୋଡ଼ଣୀ ଥିବା ରୌପ୍ୟପାତ୍ର ସ୍ୱାମୀଙ୍କ ହାତକୁ ଆସିଗଲା, ତାହାକୁ ଦେଖାଇ ସ୍ୱାମୀ କହିଲେ, ''ଏହା ବିଭୂତିର ଏକ ଅକ୍ଷୟ ପାତ୍ର । ତୁ ଏଥିରୁ ଯେତେ ଇଚ୍ଛା ସେତେ ବିଭୂତି ବଣ୍ଟନ କରିପାରିବୁ, ଏହା କେବେହେଲେ ସରିଯିବ ନାହିଁ ।'' ସ୍ୱାମୀ ସେଥିରେ ଥିବା ସମସ୍ତ ବିଭୂତିକୁ ଖଣ୍ଡେ କାଗଜରେ ଢାଳିଦେଲେ ଓ ଆସ୍ତେ ଆସ୍ତେ ତା' ଉପରେ ଟିପ ମାରିଲେ । ସଙ୍ଗେ ସଙ୍ଗେ ତାହା ନୂଆ ବିଭୂତିରେ ପୂର୍ଣ୍ଣ ହୋଇଗଲା । ବିଭୂତିର ଏହି ଅକ୍ଷୟ ପାତ୍ରଟି ଇନ୍ଦ୍ରାଦେବୀଙ୍କୁ ଦେବା ବେଳେ ସ୍ୱାମୀ କହିଲେ, ''ଏହାଦ୍ୱାରା ତୁ ରୋଗ ଆରୋଗ୍ୟ କରିପାରିବୁ ।'' ଏହାପରେ ଯେତେବେଳେ କୌଣସି ରୁଗ୍ଣ ବ୍ୟକ୍ତି ତାଙ୍କ ପାଖକୁ ଆସନ୍ତି ସେ ଏହି ବିଭୂତି ଦେଇ ସ୍ୱାମୀଙ୍କ ମହିମା ବର୍ଣ୍ଣନା କରନ୍ତି । ଏହି ସରଳ ଚିକିତ୍ସାଦ୍ୱାରା ବହୁ ଲୋକ ସ୍ୱାସ୍ଥ୍ୟ ଫେରିପାଉଥିଲେ ।

୧୯୬୯ ଶିବରାତ୍ରିରେ ଇନ୍ଦ୍ରାଦେବୀ ପ୍ରଶାନ୍ତି ନିଳୟମ୍ ଆସିଥିଲେ । ସ୍ୱାମୀ ଇନ୍ଦ୍ରାଦେବୀଙ୍କ ସହିତ ୱାଲଟର କୱାନ, ଏଲସି କୱାନ୍ ଏବଂ ଅନ୍ୟ କେତେକଙ୍କୁ ସାକ୍ଷାତ୍କାର କକ୍ଷକୁ ନିମନ୍ତ୍ରଣ କଲେ । କିଛି ଆଧ୍ୟାତ୍ମିକ ବିଷୟ ଆଲୋଚନା କରିସାରିବା ପରେ ସ୍ୱାମୀ ୧୦୮ ମୁକ୍ତାମାଳି ଥିବା ଏକ ଜପମାଳା ସୃଷ୍ଟି କଲେ ଓ ସେମାନଙ୍କୁ ଦେଖାଇଲେ । ସମସ୍ତେ ଭାବୁଥାନ୍ତି ବାବା ଏଇଟିକୁ କାହାକୁ ଦେବେ ! ବାବା କହିଲେ, ''ଏ କୌଣସି ସାଧାରଣ ମାଳା ନୁହେଁ, ଏହାର ଶକ୍ତି ଅନନ୍ୟ, ଏହାଦ୍ୱାରା ବହୁ ପୁରାତନ ରୋଗ ଆରୋଗ୍ୟ ହୋଇପାରିବ । ଇନ୍ଦ୍ରାଦେବୀ ଯେଉଁ ସେବା କରୁଛି, ଏଇଟି ତା' ପାଇଁ ଅତି ଆବଶ୍ୟକ ।'' ଅମୂଲ୍ୟ ମାଳାଟି ବାବା ଇନ୍ଦ୍ରାଦେବୀଙ୍କୁ ଉପହାର ଦେଲେ । ତାଙ୍କ ନୟନରୁ ବିନ୍ଦୁ ବିନ୍ଦୁ ହୋଇ ଆନନ୍ଦାଶ୍ରୁ ଝରିପଡୁଥାଏ । ସେହି ଅବସ୍ଥାରେ ସେ ପଚାରିଲେ, ''ସ୍ୱାମୀ ଏହି ମାଳା ସାହାଯ୍ୟରେ ଯେ କୌଣସି ରୋଗ ଭଲ ହେଇପାରିବ ?'' ବାବା କହିଲେ, ''ପୂର୍ବ ଜନ୍ମର ଦୁଷ୍କର୍ମରୁ ଆନୀତ ରୋଗ ଛଡ଼ା ଅନ୍ୟ ସମସ୍ତ ପ୍ରକାର ରୋଗ ଏହାଦ୍ୱାରା ଭଲ ହୋଇଯିବ । ପୂର୍ବ କର୍ମଫଳରୁ କଷ୍ଟ ପାଉଥିବା ଲୋକଙ୍କ ପାଇଁ ମୁଁ କିଛି କରିବି ନାହିଁ ।''

ଇନ୍ଦ୍ରାଦେବୀଙ୍କ ଯୋଗ କେନ୍ଦ୍ରରେ ହେଉଥିବା ଭଜନରେ ଉପସ୍ଥାନ ବଢ଼ିବାରେ ଲାଗିଲା । ସେମାନଙ୍କ ମଧ୍ୟରୁ କେତେକ ଗୁରୁମନ୍ତ୍ର ପାଇବା ପାଇଁ ଇନ୍ଦ୍ରାଦେବୀଙ୍କୁ ଅନୁରୋଧ କଲେ । ଏ ପ୍ରକାର ଅନୁରୋଧର ଉତ୍ତର ଦେଇ ନ ପାରି ସେ ଥରେ ଏ ସମସ୍ୟା ବାବଦରେ ସ୍ୱାମୀଙ୍କୁ ଜଣାଇଲେ । ସ୍ୱାମୀ କହିଲେ, ସବୁଠାରୁ ଶକ୍ତିଶାଳୀ ମନ୍ତ୍ର ହେଉଛି ''ଓଁ'', କିନ୍ତୁ ତୁ ଜାଣିଛୁ ଏ ମନ୍ତ୍ରକୁ ଯାହାକୁ ଇଚ୍ଛା ତାହାକୁ ଦେଇ ହେବ ନାହିଁ, ଯେତେବେଳେ କେହି ମନ୍ତ୍ର ଦୀକ୍ଷା ପାଇଁ ଆଗ୍ରହ ପ୍ରକାଶ କରିବ ସେତେବେଳେ ତୋ ମୁଦି ଜରିଆରେ ମୋତେ ଚାହିଁ ପଚାରିବୁ । ସେତେବେଳେ ତୋ ମନକୁ ଯେଉଁ ମନ୍ତ୍ର ଆସିଯିବ ତାହା ଦେଇପାରିବୁ । ତାହା

ମୋ ପାଖରୁ ଯାଉଥିବା ମନ୍ତ୍ର ସହ ସମାନ ହେବ । ଏହି କଥା କହି ସେ ଇନ୍ଦ୍ରାଦେବୀଙ୍କୁ ମନ୍ତ୍ର ଦୀକ୍ଷା ଦେବାର ଯୋଗ୍ୟତା ପ୍ରଦାନ କରିବା ସହ ଆଧ୍ୟାତ୍ମିକ କର୍ତ୍ତୃତ୍ୱ ପ୍ରଦାନ କଲେ ।

ଇନ୍ଦ୍ରାଦେବୀ ଯେତେ କୃପା ଲାଭ କରିଥିଲେ ସେଥି ମଧ୍ୟରୁ ତିନିଟି ବିଶେଷ ଭାବେ ଉଲ୍ଲେଖଯୋଗ୍ୟ । ନିଜ ଇଚ୍ଛା ମୁତାବକ ଯେ କୌଣସି ସମୟରେ ସ୍ୱାମୀଙ୍କ ଦର୍ଶନ ଲାଭ କରିବାର ପ୍ରତିଶ୍ରୁତି । ଦ୍ୱିତୀୟରେ ରୋଗୀମାନଙ୍କୁ ଆରୋଗ୍ୟ ପ୍ରଦାନ କରିବାର କ୍ଷମତା ଓ ତୃତୀୟରେ, ସବୁଠାରୁ ବଡ଼ କଥା, ଆଗ୍ରହୀ ବ୍ୟକ୍ତିଙ୍କୁ ମନ୍ତ୍ରଦୀକ୍ଷା ପ୍ରଦାନ କରିବାର ଆଧ୍ୟାତ୍ମିକ କର୍ତ୍ତୃତ୍ୱ । ଏହାଦ୍ୱାରା ସେ ଭକ୍ତମାନଙ୍କର ଶାରୀରିକ ସୁସ୍ଥତା ସହିତ ଆଧ୍ୟାତ୍ମିକ ଅଗ୍ରଗତି ମଧ୍ୟ ନିୟନ୍ତ୍ରଣ କରିପାରିଲେ । ଏହା ସହିତ ସେ ନିଜ ଇଚ୍ଛାନୁଯାୟୀ ଭଗବାନଙ୍କ ସହ ''ଇଣ୍ଟରନେଟ୍'' (ଦିବ୍ୟ ମୁଦ୍ରିକା) ମାଧ୍ୟମରେ ସଂଯୋଗ ସ୍ଥାପନ କରିବାର ସଦୟ ଅନୁମତି ମଧ୍ୟ ଲାଭ କରିପାରିଥିଲେ ।

ଏଠାରେ ଲକ୍ଷ୍ୟ କରାଯାଇପାରେ ଯେ ଇନ୍ଦ୍ରାଦେବୀଙ୍କୁ ପ୍ରଦାନ କରାଯାଇଥିବା ତିନୋଟି ଆଶୀର୍ବାଦ ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ଅନ୍ୟ କାହାରିକୁ ପ୍ରଦାନ କରାଯାଇନାହିଁ ।

ଡଃ ଫ୍ରାଙ୍କ ବରୋନୋସ୍କି

ଡଃ ଫ୍ରାଙ୍କ ବରୋନୋସ୍କି ଯୁକ୍ତରାଷ୍ଟ୍ର ଆମେରିକାର ଆରିଜୋନା ବିଶ୍ୱବିଦ୍ୟାଳୟରେ ଜଣେ ପ୍ରଫେସର ଥିଲେ । ସେ କିର୍ଲିଆନ୍ କ୍ୟାମେରାରେ ଫଟ ଉଠାଇ ଗବେଷଣା କରିବାରେ ସ୍ୱତନ୍ତ୍ର ଦକ୍ଷତା ହାସଲ କରିଥିଲେ । ତାଙ୍କ ମତରେ ମଣିଷ ସମେତ ପ୍ରତ୍ୟେକ ଜୀବନ୍ତ ପ୍ରାଣୀଙ୍କର ଏକ ପ୍ରକାର ପ୍ରଭା ବିକିରଣ ହୁଏ । ଏହା ବିଭିନ୍ନ ରଙ୍ଗର ଓ ବିଭିନ୍ନ ମାତ୍ରାର ମଧ୍ୟ ହୋଇଥାଏ । ଏହି ପ୍ରକାର ରଙ୍ଗ, ଗଭୀରତା, ସାନ୍ଦ୍ରତା, ପ୍ରସ୍ଥ ଓ ଉଜ୍ଜ୍ୱଳତା ପ୍ରଭୃତି ପ୍ରତ୍ୟେକ ବ୍ୟକ୍ତି ପାଇଁ ଭିନ୍ନ ଭିନ୍ନ ହୋଇଥାଏ । ଏହା ମଣିଷର ଶାରୀରିକ ସ୍ୱାସ୍ଥ୍ୟ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସ୍ତର ଅନୁଯାୟୀ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ସାଧାରଣ ମଣିଷଙ୍କର ପ୍ରଭା ଯଦି ଏକଫୁଟ ଗଭୀର ହୁଏ ତେବେ, ଦାର୍ଶନିକ ଓ ଯୋଗୀମାନଙ୍କ ଭଳି ମହାନ୍ ଆଧ୍ୟାତ୍ମିକ ପୁରୁଷମାନଙ୍କ ପ୍ରଭାର ଗଭୀରତା ଦୁଇଫୁଟ ପର୍ଯ୍ୟନ୍ତ ଥାଏ ।

ଏହି ପ୍ରଭା ଅସଂଖ୍ୟ ରଙ୍ଗ ବିଶିଷ୍ଟ ହେବାର ଦେଖାଯାଇଥାଏ । ବ୍ୟକ୍ତି ଯଦି ସ୍ୱାସ୍ଥ୍ୟବାନ ଓ ଆନନ୍ଦିତ, ତାଙ୍କ ପ୍ରଭା ଧଳା ହୋଇଥାଏ । ଯଦି ଜଣେ ସ୍ନେହ, ଦୟା ଓ କରୁଣାପୂର୍ଣ୍ଣ ହୋଇଥାନ୍ତି ତେବେ ତାଙ୍କ ପ୍ରଭା ନୀଳ ରଙ୍ଗର ହୋଇଥାଏ । ଯଦି ତାଙ୍କ ଭାବ ଗଭୀର ପ୍ରେମପୂର୍ଣ୍ଣ ହୋଇଥିବ, ତେବେ ପ୍ରଭା ଗୋଲାପି ରଙ୍ଗର ହେବ । କ୍ରୋଧ ଓ ଘୃଣାପୂର୍ଣ୍ଣ ଲୋକଙ୍କର ପ୍ରଭା ରକ୍ତ ବର୍ଣ୍ଣର ହୋଇଥାଏ । ସର୍ବୋପରି ଏ ପ୍ରଭା ଖାଲି ଆଖିରେ ଦୃଶ୍ୟ ହୁଏ ନାହିଁ । କୋଟିକରେ ଗୋଟିଏ ଲୋକ ଏହାକୁ ଦେଖିବାର ଯୋଗ୍ୟତା

ହାସଲ କରିଥାଇପାରନ୍ତି । କିନ୍ତୁ କିର୍ଲିଆନ୍ କ୍ୟାମେରାରେ ଏହି ପ୍ରଭାର ଫଟ ପରିଷ୍କାର ଭାବେ ଉଠା ଯାଇପାରୁଛି । ଏପରିକି ବ୍ୟକ୍ତିର ଭାବ ପରିବର୍ତ୍ତନ ମଧ୍ୟ ଏହି କ୍ୟାମେରାରେ ଧରା ପଡ଼ିପାରିବ । ଡଃ ବରୋନୋସ୍କି ଏହି କ୍ୟାମେରାରେ ହଜାର ହଜାର ନେତା, ରାଜା, ରାଣୀ, ସାଧୁ ଓ ଧାର୍ମିକ ସଂସ୍ଥାର ମୁଖ୍ୟମାନଙ୍କ ଫଟ ଗ୍ରହଣ କରିଛନ୍ତି, ସେଭଳି କୌଣସି ବ୍ୟକ୍ତିଙ୍କ ଫଟ ସେ ଦେଖିନାହାନ୍ତି, ଯାହାର ପ୍ରଭା ଦୁଇ ବା ଅଢ଼େଇ ଫୁଟର ଅଧିକ ପ୍ରସ୍ଥ ବିଶିଷ୍ଟ । ଡଃ ବରୋନୋସ୍କି ଆମେରିକାରେ ବାବାଙ୍କ ବିଷୟକ ବହି କେତେ ଖଣ୍ଡ ପଢ଼ିଥିଲେ ଓ ତାଙ୍କ ଦୈବତ୍ୱ ବାବଦରେ ଶୁଣିଥିଲେ, କିନ୍ତୁ ସେ ତାଙ୍କ ବିଷୟରେ କୌଣସି ପ୍ରକାର ଦୃଢ଼ ଧାରଣା ନିଜଠାରେ ସୃଷ୍ଟି କରିପାରି ନଥିଲେ । ୧୯୭୭ ବଡ଼ଦିନ ଦିନ ସେ ଜଣେ ବନ୍ଧୁ ଘରକୁ ଯାଇଥିଲେ । ସେଠାରେ ଦେଖିଲେ ସେମାନେ ସାଇବାବାଙ୍କ ଫଟ ପାଖରେ ଭଜନ ଗାଇ ଯୀଶୁଙ୍କ ଜନ୍ମଦିନ ପାଳନ କରୁଅଛନ୍ତି । ସେମାନେ ସବୁ ସାଇଆଶ୍ରିତ ଥିଲେ । ଭଜନ ତାଙ୍କୁ ଏତେ ଭଲ ଲାଗିଲା ନାହିଁ । ସେ ଘରର ଉପର ମହଲାରେ ଥିବା ଗୋଟିଏ କୋଠରୀ ଭିତରକୁ ଚାଲିଗଲେ, ବତୀ ଲିଭାଇ ଶୋଇଗଲେ । ସେ କୋଠରୀରେ ଗୋଟିଏ ଟେବୁଲ ଉପରେ ସତ୍ୟସାଇଙ୍କର ଗୋଟିଏ ଫଟ ଥିଲା ଓ ତା' ସାମନାରେ ଗୋଟିଏ ମହମବତୀ ଜଳୁ ନଥିବା ଅବସ୍ଥାରେ ଥିଲା । ସେ ସେହି ଫଟ ଆଡ଼କୁ ଚାହିଁଲା ବେଳେ କିଛି ଗୋଟାଏ ଶବ୍ଦ ଶୁଣିଲେ ଓ ଦେଖିଲେ ମହମବତୀଟା ହଠାତ୍ ମନକୁ ମନ ଜଳି ଉଠିଲା । ସେଠାକୁ କେହି ଆସି ନଥିଲେ ବା ମହମବତୀକୁ ଜଳାଇ ନଥିଲେ । ତାହା କିପରି ଜଳି ଉଠିଲା ? ସେ ସାମାନ୍ୟ ଘାବରେଇ ଗଲେ, ପୁନର୍ବାର ଫଟ ଆଡ଼କୁ ଚାହିଁ ଦେଖିଲେ, ସ୍ୱାମୀ ତାଙ୍କ ଆଡ଼କୁ ଚାହିଁ ମୁରୁକି ମୁରୁକି ହସୁଛନ୍ତି ।

ତା'ପର ବର୍ଷ ୧୯୭୮ରେ ବରୋନୋସ୍କି ବାଙ୍ଗାଲୋରରେ ଅନୁଷ୍ଠିତ ହେଉଥିବା ଏକ ସମ୍ମିଳନୀରେ ଯୋଗ ଦେବା ପାଇଁ ଭାରତ ଆସିଲେ । ଏହି ସୁଯୋଗରେ ସେ ଭାରତସାରା ବୁଲି ଶହ ଶହ ଯୋଗୀ ଓ ସନ୍ନ୍ୟାସୀମାନଙ୍କର ଫଟ ଉଠାଇଲେ, କାହାର ପ୍ରଭାର ପ୍ରସ୍ଥ ଦୁଇ ଫୁଟରୁ ଅଧିକ ଥିବା ଦେଖାଗଲା ନାହିଁ ।

ଦିନେ ହ୍ୱାଇଟ୍ ଫିଲ୍ଡ଼ରେ ପ୍ରାତଃ ୫ ଘଟିକା ସମୟରେ, ସେ ପ୍ରଥମଥର ପାଇଁ ସ୍ୱାମୀଙ୍କୁ ଦର୍ଶନ କଲେ । ସେ ଯେତେବେଳେ ସ୍ୱାମୀଙ୍କ ଉପରେ ଦୃଷ୍ଟି ନିବଦ୍ଧ କଲେ ସ୍ଥାଣୁ ପାଲଟିଗଲେ । ସ୍ୱାମୀଙ୍କ ପ୍ରଭା କଳ୍ପନାତୀତ ଥିଲା । ଏହାର ପ୍ରସ୍ଥ ୪୦ ଫୁଟରୁ ମଧ୍ୟ ଅଧିକ ଥିଲା । ଭକ୍ତମାନେ ଭଜନଗାନ ଆରମ୍ଭ କଲେ, ତାହା ଅଧିକରୁ ଅଧିକ ବଢ଼ୁଥିଲା ଏବଂ ଚତୁର୍ଦ୍ଦିଗରେ ଥିବା କୋଠା ତଥା ସହସ୍ର ସଂଖ୍ୟକ ଭକ୍ତମାନଙ୍କୁ ବ୍ୟାପିଗଲା । ତାହାର ଉଜ୍ଜ୍ୱଳତା ଏତେ ବେଶୀ ଥିଲା ଯେ ବରୋନୋସ୍କି ବାବାଙ୍କ ଚତୁର୍ଦ୍ଦିଗକୁ ଚାହିଁ ଖୋଜିଲେ କାହିଁ କେଉଁଠି ଅସଂଖ୍ୟ ଉଜ୍ଜ୍ୱଳ ଆଲୋକ ଖଞ୍ଜା ଯାଇନାହିଁ ତ ? ସ୍ୱାମୀ

ଚାଲିଲା ବେଳେ ସେ ଆଲୋକ ବଳୟ ମଧ୍ୟ ତାଙ୍କ ସହ ଜୀବନ୍ତ ତେଜୋଦୀପ୍ତ ଏକ କୋଷ ଭଳି ଚାଲୁଥାଏ । ସେ ସିଦ୍ଧାନ୍ତରେ ପହଞ୍ଚିଲେ, ଏହା ସ୍ୱାମୀଙ୍କ ସହ ଅଙ୍ଗୀଭୂତ ହୋଇଛି ଏବଂ ଏହା ତାଙ୍କଠାରୁ ହିଁ ନିର୍ଗତ ହେଉଛି ।

ସେ ସମୟରେ ଗ୍ରୀଷ୍ମଶିକ୍ଷା ଶିବିର ଚାଲିଥାଏ । ତେଣୁ ବରୋନୋସ୍କି ସ୍ୱାମୀଙ୍କୁ ତିନି ଚାରିଦିନ ଧରି ଲକ୍ଷ୍ୟ କରିବାର ସୁଯୋଗ ପାଇଲେ । ଦିନେ ସ୍ୱାମୀ ତାଙ୍କୁ ଡାକି ବକ୍ତୃତା ଦେବା ପାଇଁ କହିଲେ । ବରୋନୋସ୍କି ତାଙ୍କ ଅଦ୍ୱିତୀୟ ଅନୁଭୂତି ବର୍ଣ୍ଣନା କରି କହିଲେ, ''ମୁଁ ଜଣେ ବୈଜ୍ଞାନିକ, ମୁଁ ଜଣେ ଖ୍ରୀଷ୍ଟିଆନ୍, କିନ୍ତୁ ସେ ଧର୍ମ ଉପରେ ମୋ ବିଶ୍ୱାସ ଏତେ ପ୍ରଗାଢ଼ ନୁହେଁ । ଏହି କିର୍ଲିଆନ୍ କ୍ୟାମେରା ସାହାଯ୍ୟରେ ପୃଥିବୀର ବିଭିନ୍ନ କ୍ଷେତ୍ରର ୧୫୦୦୦ ପ୍ରଖ୍ୟାତ ବ୍ୟକ୍ତିମାନଙ୍କର ଫଟ ମୁଁ ଉଠାଇଛି । କିନ୍ତୁ ଏଠାରେ ମୁଁ ଯାହା ଦେଖିଲି, ଏପର୍ଯ୍ୟନ୍ତ ଅନ୍ୟ କୌଣସିଠାରେ ତାହା ଦେଖିନଥିଲି । ବାବାଙ୍କଠାରୁ ନିର୍ଗତ ହେଉଥିବା ଆଲୋକ ଦୃଷ୍ଟି ଆକର୍ଷକ ଗୋଲାପି ରଙ୍ଗର, ଯାହା ଉଚ୍ଚତମ, ଗଭୀରତମ, ନିଃସ୍ୱାର୍ଥପର ଘନପ୍ରେମର ଲକ୍ଷଣ । ସବୁଠାରୁ ବଡ଼ କଥା ହେଉଛି ତାଙ୍କ ପ୍ରଭା ପ୍ରସାରିତ ହୋଇ ଏ ସଭାଗୃହର କେବଳ ଆଚ୍ଛାଦନ କରୁନାହିଁ, ବରଂ ମୁଁ ଯେତେଦୂର ପର୍ଯ୍ୟନ୍ତ ଦେଖିପାରୁଛି ଆଲୋକର ବନ୍ୟା ଭଳି, ସବୁକୁ ନିଜ ବେଷ୍ଟନୀ ଭିତରେ ରଖିଦେଉଛି । ଏହି ଗୋଲାପି ରଙ୍ଗର ଆଲୋକ ବଳୟ ଭିତରେ ପରିଷ୍କାର ଭାବରେ ସ୍ପଷ୍ଟ ଓ ଉଜ୍ଜ୍ୱଳ ରୂପେଲି ଓ ସୁନେଲି ଧାତୁବର୍ଣ୍ଣ ରେଖାମାନ ଦୃଷ୍ଟିଗୋଚର ହେଉଛି । ଏଠାରେ ମୁଁ ଯେଉଁ କଳ୍ପନାତୀତ ଦୃଶ୍ୟ ଦେଖିଲି ତାହା ଏ ପର୍ଯ୍ୟନ୍ତ କେଉଁଠାରେ ବି ଦେଖି ନଥିଲି । ସ୍ୱାମୀ ସମ୍ପୂର୍ଣ୍ଣ ପ୍ରେମର ପ୍ରତିମୂର୍ତ୍ତି । ସ୍ୱାମୀ ଯେତେବେଳେ ଆମ ପାଖକୁ ଆସି ଆମକୁ ସ୍ପର୍ଶ କରନ୍ତି ସେ ଆଲୋକ ବିଚ୍ଛୁରଣ ମଧ୍ୟ ଆମ ଭିତରକୁ ପ୍ରବାହିତ ହୋଇଯାଏ ଏବଂ ଆମେ ସେ ଶୂନ୍ୟାଲୋକର ଶକ୍ତିଶାଳୀ ପ୍ରବାହଦ୍ୱାରା ମୋହିତ ହୋଇଯାଉ । ସ୍ୱାମୀ ପାଦରେ ଚାଲୁଥିବା ପ୍ରେମର ଏକ ମୂର୍ତ୍ତି ଅଟନ୍ତି । ମୁଁ ଏଠାରେ କହିଲା ବେଳେ ମୋ ଦେହ ଥରୁଛି, ଦେଖିପାରୁଛ ? ଏ କମ୍ପନ ଭୟଜନିତ ନୁହେଁ । ଯେଉଁ ଅବର୍ଣ୍ଣନୀୟ ମହାମାନ୍ୱିତ ଅତିମାନବୀୟ ପ୍ରଭା ତାଙ୍କୁ ଘେରି ରହିଛି, ତାହା ମୋ ଦେହକୁ ସ୍ପର୍ଶ କରୁଥିବାରୁ ମୋ ଦେହ ନିୟନ୍ତ୍ରଣ ହରାଇ ଥରୁଛି ।''

ସ୍ୱାମୀ ଗୋଟିଏ ହୀରା ମୁଦି ବରୋନୋସ୍କିଙ୍କୁ ଦେଲେ । ବହୁ ପ୍ରତୀକ୍ଷିତ ସାକ୍ଷାତ୍କାର ମଧ୍ୟ ପ୍ରଦାନ କଲେ । ତାଙ୍କ ମାସକର ନାତି ବିଷୟ ମଧ୍ୟ କହିଲେ । ଆହୁରି କହିଲେ ''ତୁ ଯାଇ ଆମେରିକାରେ ପହଞ୍ଚିବା ଦିନ ତୋ' ନାତିର ଅସ୍ତ୍ରୋପଚାର ହେବ, ବ୍ୟସ୍ତ ହେବାର କିଛି ନାହିଁ । ଅସ୍ତ୍ରୋପଚାର ସଫଳ ହେବ ଓ ସେ ଶୀଘ୍ର ସୁସ୍ଥ ହୋଇଉଠିବ ।'' ଏସବୁ କଥା ସ୍ୱାମୀ ତାଙ୍କ ନିଜ ତରଫରୁ କହିଗଲେ । ବରୋନୋସ୍କି ଏ ସବୁର ସୂଚନା ବି ଦେଇ ନଥିଲେ । ସେ ମଧ୍ୟ ବାବାଙ୍କ କଥା ଉପରେ କୌଣସି ଗୁରୁତ୍ୱ ଦେଇ ନଥିଲେ,

କାରଣ ସେ ଜାଣିଥିଲେ ଯେ ଡାକ୍ତରମାନେ କହିଛନ୍ତି, ପିଲା ବଡ଼ ହୋଇଗଲା ପରେ, ବର୍ଷେ ଦୁଇବର୍ଷ ପରେ ଅସ୍ତ୍ରୋପଚାର କରାଯିବ । ସେ ଘରେ ପହଞ୍ଚି ଆଶ୍ଚର୍ଯ୍ୟ ହେଲେ ଯେ ଠିକ୍ ସେହିଦିନ ନାତିର ଅସ୍ତ୍ରୋପଚାର କରାଯାଇଛି । ଅସ୍ତ୍ରୋପଚାର କରିଥିବା ଡାକ୍ତର ଜଣକ ଭାରତୀୟ । ଡଃ ବରୋନୋସ୍କି ଭାରତରେ ଘଟିଥିବା ଘଟଣାମାନ ବର୍ଣ୍ଣନା କଲେ, ବାବାଙ୍କ ପ୍ରଦତ୍ତ ହୀରା ମୁଦି ମଧ୍ୟ ଦେଖାଇଲେ । ସ୍ୱାମୀଙ୍କ କଥା ଅନୁଯାୟୀ ନାତି ଶୀଘ୍ର ଭଲ ହୋଇଗଲା । ସ୍ୱାମୀଙ୍କ ସର୍ବଜ୍ଞତ୍ୱ ଦେଖି ବରୋନୋସ୍କି ଆଶ୍ଚର୍ଯ୍ୟାଭିଭୂତ ହୋଇଗଲେ ।

ଡଃ ବରୋନୋସ୍କି ବହୁ ଆଶୀର୍ବାଦ ଲାଭ କଲେ, ସେ ନିଜ ବୈଜ୍ଞାନିକ ଉପକରଣକୁ ବ୍ୟବହାର କରି ସ୍ୱାମୀଙ୍କ ଦିବ୍ୟଶକ୍ତିକୁ ଲୋକଲୋଚନକୁ ଆଣିବାର ବିରଳ ସୌଭାଗ୍ୟ ଲାଭ କରିଥିଲେ । ସେ ଯାହା ଦେଖିଲେ, ତାହାଦ୍ୱାରା ନିଜେ ଯେଉଁ ବିଜ୍ଞାନସମ୍ମତ ଅନୁଭୂତି ଲାଭ କଲେ, ତାହା ସେ ଅକୁଣ୍ଠିତ ଚିତ୍ତରେ, ଗଭୀର ବିଶ୍ୱାସର ସହ, ସମଗ୍ର ପୃଥିବୀକୁ ଜଣାଇଥିଲେ ।

ଡଃ ଆର୍ଟ୍ ଓଙ୍ଗ୍ ଜୁମସାଇ

୧୯୪୫ ମସିହା କଥା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆହୁରି ସରି ନଥାଏ । ଭଗବାନ ଶ୍ରୀ ସତ୍ୟସାଇ ନିଜକୁ ବ୍ୟାଙ୍କକ୍‌ର ଗୋଟିଏ ଗୃହ ସମ୍ମୁଖରେ ଆବିର୍ଭାବ କଲେ । ସେ ଘରେ ରହୁଥିବା ମହିଳାଙ୍କୁ ଡାକି କିଛି ବିଭୂତି ଦେଇ କହିଲେ ଏହାକୁ ତୁମ ଘର ସାରା ଛିଞ୍ଚିଦେବ । ମହିଳା ଜଣକ ତାଙ୍କ ନିଜ ଭାଷାରେ ଏହା ଶୁଣିଲେ । ତା' ପରେ ସେ ଉଭାଇଗଲେ । ସେ ଦେଖିଲେ ସେ ପାଇଥିବା ଚୂର୍ଣ୍ଣଗୁଡ଼ିକ ଧଳା ବାଲି ଭଳି ଦେଖାଯାଉଛି । ସେ ତାହାକୁ ଅବମାନନା ନକରି ଘର ସାରା ଛିଞ୍ଚି ଦେଲେ । ଏହାର କେତେ ମିନିଟ୍ ମଧ୍ୟରେ ଆକାଶ ବାହିନୀ ବୋମା ବର୍ଷଣ କଲା । ଏହି ଘରଟିକୁ ଛାଡ଼ି ପାଖପଡ଼ିଶାର ସମସ୍ତ ଘର ବୋମାମାଡ଼ରେ ଧ୍ୱଂସ ହୋଇଗଲା ।

ସେ ଘରେ ଜଣେ ବାଳକ ଥିଲେ ଆର୍ଟ ଓଙ୍ଗ୍ ଜୁମସାଇ ନା ଆୟୁଧ୍ୟା । କାଳକ୍ରମେ ସେ ବିଜ୍ଞାନ ଅଧ୍ୟୟନ କଲେ । ସେ ଇମ୍ପେରିୟାଲ କଲେଜ ଅଫ ସାଇନ୍ସ ଏଣ୍ଡ୍ ଟେକ୍ନୋଲୋଜିରୁ ଡକ୍ଟରେଟ୍ ଡ୍ରିଗୀ ହାସଲ କରି ନିଜ ଦେଶରେ କେତେକ ମନ୍ତ୍ରୀଙ୍କର ଉପଦେଷ୍ଟା ଭାବେ କାମ କଲେ । ସେ ତାଙ୍କ ବୃତ୍ତିରେ ଉନ୍ନତିର ଶିଖରରେ ପହଞ୍ଚିଲେ ।

୧୯୭୧ରେ ଆମେରିକାର ମହାକାଶ ପ୍ରଶାସନ ବିଭାଗ ତରଫରୁ ବୈଜ୍ଞାନିକ ପଦବୀ ପାଇଁ ବିଜ୍ଞାପନ ବାହାରିଲା ମଙ୍ଗଳ ଗ୍ରହକୁ ମଣିଷ ବିନା ମହାକାଶ ଯାନ ପଠାଇବାର ପ୍ରକଳ୍ପରେ କାମ କରିବାକୁ । ଆର୍ଟ ଓଙ୍ଗ୍ ଦରଖାସ୍ତ କଲେ ଓ ସେ କାମଟି ପାଇଲେ । ପ୍ରକଳ୍ପଟି ଏହି ପ୍ରକାରର ଥିଲା । ମହାକାଶ ଯାନ ନିରାପଦରେ ମଙ୍ଗଳ ଗ୍ରହରେ ପହଞ୍ଚିବ, ଯଦି କିଛି ବାଧା ବିଘ୍ନର ଆଶଙ୍କା ଥାଏ ତାକୁ ଏଡ଼ାଇବା ପାଇଁ ଯନ୍ତ୍ରପାତି ସେଥିରେ ଖଞ୍ଜାଯିବ । ମଙ୍ଗଳ ଗ୍ରହ ପୃଷ୍ଠ ଉପରୁ ଯେଉଁ ପଦାର୍ଥ ସଂଗ୍ରହ କରିବ ତାହା ପୃଥିବୀକୁ

ଆଣି ଆମେରିକା ମହାକାଶ ପ୍ରଶାସନ ବିଭାଗରେ ପରୀକ୍ଷା ନିରୀକ୍ଷା କରାଯିବ । ଏହି ଯନ୍ତ୍ରପାତିର ନକ୍‌ସା ଓ ନିର୍ମାଣ କୌଶଳ ପ୍ରଭୃତିର ଦାୟିତ୍ୱରେ ରହିଲେ ଆର୍ଟ ଓଙ୍ଗ୍ ।

ମଙ୍ଗଳ ଗ୍ରହର ଏକ କ୍ଷୁଦ୍ରାକାର ମଡେଲ ନିର୍ମାଣ କରାଗଲା । ରକେଟ୍ ତଥା ସେଠାରେ ଓହ୍ଲାଇବା ଯାନର ମଡେଲ ବିଜ୍ଞାନାଗାରରେ ତିଆରି କରାଗଲା । ଏଥିଲାଗି ପ୍ରୟୋଜନୀୟ ଅର୍ଥ ଆମେରିକାର ମହାକାଶ ପ୍ରଶାସନ ବିଭାଗ ଯୋଗାଉଥାନ୍ତି । କିଛି ମାସ ମଧ୍ୟରେ ଆର୍ଟ ଓଙ୍ଗ ରକେଟ୍‌ଟି ନିର୍ମାଣ କରିଦେଲେ । ତାହା ବିଜ୍ଞାନାଗାରରେ ପରୀକ୍ଷିତ ହେବାକୁ ଥାଏ, କିନ୍ତୁ ପୂର୍ବରୁ ଯେଉଁ ଭୟ ଥିଲା ତାହା ହିଁ ଘଟିଲା, ମଙ୍ଗଳ ପୃଷ୍ଠରେ ଓହ୍ଲାଇବା ଯାନଟି ମଙ୍ଗଳ ଗ୍ରହର ବାୟୁମଣ୍ଡଳ ଭିତରେ ପ୍ରବେଶ କଲା ମାତ୍ରେ ଜଳି ଯାଉଥାଏ । ଆଉ କିଛି ମାସ ସମୟ ନେଇ ଆର୍ଟ ଓଙ୍ଗ ଆଉ ଏକ ରକେଟ୍ ସଂଶୋଧିତ ପଦ୍ଧତିରେ ନିର୍ମାଣ କଲେ, ତାହା ଭାଗ୍ୟରେ ମଧ୍ୟ ପୂର୍ବ ରକେଟ୍ ଦଶା ଥିଲା । ଏହିଭଳି ଗୋଟିଏ ପରେ ଗୋଟିଏ, ଦଶଟି ରକେଟ୍ ବିଫଳ ହେଲା । ପ୍ରକଳ୍ପ ବୁଡ଼ିଯିବାକୁ ବସିଲା, ପ୍ରଚୁର ଅର୍ଥ ନଷ୍ଟ ହୋଇଗଲା ।

ବିଚରା ଆର୍ଟ ଓଙ୍ଗ୍ ଜାଣିପାରିଲେ ନାହିଁ କ'ଣ କରିବାକୁ ହେବ । ସେ ଭୟଙ୍କର ଭାବେ ହତାଶ ହୋଇ ପଡ଼ିଲେ । ସେ ଭାବିଲେ ଗୋଟିଏ ପାହାଡ଼ ଉପରକୁ ଯାଇ ତଳକୁ ଡେଇଁ ପଡ଼ି ଜୀବନ ହାରିଦେବେ । ସେ ଗୋଟିଏ ପାହାଡ଼ ଉପରକୁ ଗଲେ । ସେଠାରେ, ତାଙ୍କ ସୌଭାଗ୍ୟକୁ, ସେ ଆକାଶରେ ଅତି ଉଜ୍ଜ୍ୱଳ ଆଲୋକ ରେଖାମାନ ଦେଖିଲେ ଏବଂ ସେହି ଆଲୋକ ଭିତରେ ରକେଟ୍ ନିର୍ମାଣର ପ୍ରକୃତ ଫର୍ମୁଲା (ସୂତ୍ର) ଦେଖିପାରିଲେ । ତାହା ଥିଲା ସଠିକ୍ ସୂତ୍ର ଏକ ସଫଳ ରକେଟ୍ ପ୍ରେରଣ ପାଇଁ । ଏହା ସଙ୍ଗେ ସଙ୍ଗେ ସେ ଗୋଟିଏ ଶବ୍ଦ ଶୁଣିଲେ, ''ମନେରଖ, ଯେଉଁ ଭଗବାନ ବୈଜ୍ଞାନିକମାନଙ୍କୁ ସୃଷ୍ଟି କଲେ, ସେ ବୈଜ୍ଞାନିକମାନଙ୍କର ଊର୍ଦ୍ଧ୍ୱରେ, ସର୍ବୋଚ୍ଚ ସ୍ତରରେ ।''

ଏଥର ଆର୍ଟ ଓଙ୍ଗ ତାଙ୍କ ଏକାଦଶ ରକେଟ୍ ନିର୍ମାଣରେ ଲାଗି ପଡ଼ିଲେ, ସେହି ବିସ୍ମୟକର ନୂତନ ସୂତ୍ର ବ୍ୟବହାର କରି । ବିଜ୍ଞାନାଗାର ପରୀକ୍ଷାରେ ସଫଳତା ହାସଲ କରି ସାରିବା ପରେ ତାହାକୁ ପ୍ରକୃତ ରୂପ ଦିଆଗଲା, ତାହାର ନାମ ରଖାଗଲା ''ଭାଇକିଙ୍ଗ'' ଏବଂ ତାହାକୁ ଯଥାସମୟରେ ଉତ୍‌କ୍ଷେପଣ କରାଗଲା । ତାହା ମଙ୍ଗଳପୃଷ୍ଠରେ ପହଞ୍ଚି ସେଠାରୁ କିଛି ପଦାର୍ଥ ସଂଗ୍ରହ କରି ସଫଳତାର ସହ ଫେରି ଆସିଲା । ୧୯୮୪ରେ ଆମେରିକା ଆର୍ଟ ଓଙ୍ଗଙ୍କୁ ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବେ ଅତି ସମ୍ମାନଜନକ ମର୍ଯ୍ୟାଦା ସହ ପୁରସ୍କାର ପ୍ରଦାନ କରିଥିଲେ ।

ଏହାପରେ ସେ ବୈଜ୍ଞାନିକ ଗବେଷଣା ପ୍ରଭୃତି ଛାଡ଼ିଦେଲେ ଏବଂ ଈଶ୍ୱରାନୁସନ୍ଧାନରେ ଲାଗିଲେ । ସେ ତାଙ୍କ ମା'ଙ୍କ ସହିତ ଭାରତକୁ ଆସିଲେ । ଦିଲ୍ଲୀରେ

ଥିବା କେତେକ ବନ୍ଧୁଙ୍କ ପରାମର୍ଶରେ ସେ ହ୍ୱାଇଟ୍ ଫିଲଡ୍ ଆସି ପହଞ୍ଚିଲେ । ମା’ ଓ ପୁଅକୁ ସ୍ୱାମୀ ସାକ୍ଷାତକାର ପ୍ରଦାନ କଲେ । ସ୍ୱାମୀ ମହିଳାଙ୍କୁ ମନେ ପକାଇ ଦେଲେ ୨ୟ ବିଶ୍ୱଯୁଦ୍ଧ ସମୟରେ ସେ ତାଙ୍କ ବ୍ୟାଙ୍ଗକ୍ ସ୍ଥିତ ବାସଗୃହକୁ ଯାଇ କିପରି ବିଭୂତି ଦେଇ ଆସିଥିଲେ । ସେ କହିଲେ ମୁଁ ଦେଇଥିବା ବିଭୂତି ତୁ ଧଳା ବାଲି ବୋଲି ଭାବୁଥିଲୁ । ଆର୍ଟ ଓଙ୍ଗ୍‌କୁ ସ୍ୱାମୀ ବୁଝାଇ ଦେଲେ ଯେ ତାଙ୍କ ଅବତାରୀୟ ଲକ୍ଷ୍ୟ ସାଧନ କରିବା ଦିଗରେ କିଭଳି ସୁଯୋଗ୍ୟ ଲୋକମାନଙ୍କୁ ଜନ୍ମ ପରେ ଜନ୍ମ ସେ ନିଜେ ଗଢ଼ି ଆଣୁଛନ୍ତି । ପରିଶେଷରେ ସେ ଆର୍ଟ ଓଙ୍ଗ୍‌କୁ କହିଲେ, ‘‘ତୁ ଯେତେବେଳେ ଆତ୍ମହତ୍ୟା କରିବାକୁ ଯାଇ ଆମେରିକାର ପାହାଡ଼ ଉପରକୁ ଗଲୁ, ସେତେବେଳେ ରକେଟ୍ ଇଞ୍ଜିନ୍ ନିର୍ମାଣ କରିବାର ଫର୍ମୁଲା ତୋତେ କିଏ ଦେଇଥିଲା ?’’ ସ୍ୱାମୀଙ୍କ କଣ୍ଠସ୍ୱର ଶୁଣି ଆର୍ଟ ମନେ ପକାଇଲେ ପ୍ରକୃତରେ ଆତ୍ମହତ୍ୟା କରିବାକୁ ଯିବାବେଳେ ସେ ଯେଉଁ ବାକ୍ୟ ଶୁଣିଲେ ତାହା ମଧ୍ୟ ଏଇ କଣ୍ଠସ୍ୱର ବିଶିଷ୍ଟ ଥିଲା । ସେ ସ୍ୱାମୀଙ୍କ ପାଦ ଧରି ପଡ଼ିଗଲେ ଏବଂ କହିଲେ, ‘‘ମୁଁ ଏବେ ଆପଣଙ୍କ ଦିବ୍ୟ ଅବତାରୀୟ ତତ୍ତ୍ୱ ବୁଝିପାରିଲିଣି, ମୋତେ ଆପଣ ନିଜ ଇଚ୍ଛାନୁସାରେ ଯେଉଁ କାମରେ ବ୍ୟବହାର କରିବେ କରନ୍ତୁ ।’’

ଭଗବାନ ଆର୍ଟ ଓଙ୍ଗକୁ ସତ୍ୟସାଇ ସଙ୍ଗଠନର ବାରଟି ପାଶ୍ଚାତ୍ୟ ଦେଶରେ ଆଧ୍ୟାତ୍ମିକ ଶିକ୍ଷା ଓ ମାନବୀୟ ମୂଲ୍ୟବୋଧ ଶିକ୍ଷାର ପ୍ରସାର କରିବା କାମର ଦାୟିତ୍ୱ ଦେଲେ । ଶେଷକୁ ଆଶ୍ୱାସନା ଦେଇ କହିଲେ, ‘‘ତୁ ମୋ କାମ କର, ମୁଁ ତୋ ବ୍ୟବସାୟ କଥା ବୁଝିବି ।’’

ଅତି ଶୀଘ୍ର ନାଟକୀୟ ଘଟଣାମାନ ଘଟିବାରେ ଲାଗିଲା । ଆର୍ଟ ଓଙ୍ଗ୍ ସ୍ୱାମୀଙ୍କ କାମରେ ସମ୍ପୂର୍ଣ୍ଣ ଭାବେ ବୁଡ଼ି ରହିଲେ । ବ୍ୟାଙ୍କକ୍‌ରେ ଥିବା ନିଜ ଫ୍ୟାକ୍ଟ୍ରୀକୁ ଦେଖିବାକୁ ତାଙ୍କର ସମୟ ହେଉ ନଥାଏ । ଦିନେ ସେଠାରେ ଚୋର ପଶିଗଲେ । ପ୍ରବେଶଦ୍ୱାରରେ ଥିବା କୋଠରୀରେ ଜଗୁଆଳି ଶୋଇଥିଲା । ସେ ଭିତରୁ କବାଟ କିଳି ଶୋଇଥିଲା । ତାହା ସତ୍ତ୍ୱେ ଭଗବାନ ବାବା ତା’ ଭିତରେ ପଶି ତାକୁ ଉଠାଇ ନିଜ କର୍ତ୍ତବ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଲେ । ସେ ଥାଇ ଭାଷା କହୁଥିଲେ । ଜଗୁଆଳି ତାଙ୍କ ଭାଷା ପରିଷ୍କାର ଭାବେ ବୁଝିପାରିଲେ ମଧ୍ୟ ଜାଣିପାରିଲା ନାହିଁ, ଭିତରୁ କବାଟ ବନ୍ଦ ଥିଲେ ମଧ୍ୟ ଏ ଲୋକ ଭିତରକୁ ଆସିଲେ କିପରି ? ପରଦିନ ମଧ୍ୟ ଅନୁରୂପ ଘଟଣା ଘଟିଲା । ତୃତୀୟ ଦିନ ଫ୍ୟାକ୍ଟ୍ରୀ ମାଲିକ, ଆର୍ଟ ଓଙ୍ଗ୍ ଆସି ପହଞ୍ଚିଲେ । ଜଗୁଆଳି ତାଙ୍କୁ ସବୁକଥା କହିଲା, ନିଜ ଦୋଷ କ୍ଷମା ମାଗିଲା ଏବଂ କହିଲା ଯେ ଏ ସମସ୍ତ ଘଟଣା ବଡ଼ ଆଶ୍ଚର୍ଯ୍ୟଜନକ ତଥା ଅବିଶ୍ୱାସ୍ୟ ମନେ ହେଉଥିଲା, କିନ୍ତୁ ଘଟିଥିଲା । ମାଲିକଙ୍କ ପଛେ ପଛେ ତାଙ୍କ କୋଠରୀ ଭିତରକୁ ପଶି ଜଗୁଆଳି ବାବାଙ୍କର ସୁସଜ୍ଜିତ ଫଟଟି ଦେଖି କହି ଉଠିଲା, ଏଇ ଲୋକ ସେଦିନ ରାତିରେ ମୋ କୋଠରୀ ଭିତରେ ପଶି ମୋତେ ନିଦରୁ ଉଠାଇ ଦେଇଥିଲେ ।

ଏ ଘଟଣାର କିଛିଦିନ ପରେ ଆର୍ଟ ଓଙ୍ଗ ପ୍ରଶାନ୍ତି ନିଳୟମ୍ ଆସିଲେ । ଠିକ୍ ସେ ସମୟରେ ବାବା ସମ୍ଭାଷଣ ପ୍ରଦାନ କରୁଥିଲେ ଶିକ୍ଷା ପ୍ରଣାଳୀକୁ କିପରି ମୂଲ୍ୟବୋଧ ସହିତ ଅଙ୍ଗୀଭୂତ କରାଯାଇ ପାରିବ । ତାଙ୍କ ସମ୍ଭାଷଣ ଅଧାରୁ ସେ ଘୋଷଣା କଲେ, ''ଆର୍ଟ ଓଙ୍ଗ୍ ବର୍ତ୍ତମାନ ଆସି ପହଞ୍ଚିଲା, ସେ ତା' ଅନୁଭୂତି ବିଷୟ ଆମକୁ କହିବ ।'' ସଙ୍ଗେ ସଙ୍ଗେ ତାଙ୍କୁ ମଞ୍ଚକୁ ଡାକିଲେ । ତାଙ୍କ ବକ୍ତୃତା ଆରମ୍ଭ କରି ଆର୍ଟ ଓଙ୍ଗ୍ ତାଙ୍କ ବ୍ୟାଙ୍କକ୍ ଫ୍ୟାକ୍ଟ୍ରୀରେ ଚୋର ପଶିବା ଘଟଣା ବର୍ଣ୍ଣନା କଲେ ଏବଂ ସ୍ୱାମୀ କିଭଳି ଜଗୁଆଳିକୁ ଉଠାଇ ତାଙ୍କ ଫ୍ୟାକ୍ଟ୍ରୀକୁ ଚୋରଙ୍କ କବଳରୁ ରକ୍ଷା କଲେ ତାହା ସବୁ କହିଲେ । ସ୍ୱାମୀ ଅଳ୍ପ ହସି ହସି କହିଲେ, ''ମୁଁ ତୋତେ କହି ନଥିଲି, ତୁ ମୋ କାମ କରି ଚାଲ ମୁଁ ତୋ ବ୍ୟବସାୟ କଥା ବୁଝିବି ବୋଲି ।''

ସେହିଦିନଠାରୁ ନୂତନ ଉତ୍ସାହ ସଂଗ୍ରହ କରି ଅଟଳ ବିଶ୍ୱାସର ସହିତ ବିଶିଷ୍ଟ ବୈଜ୍ଞାନିକ ଆର୍ଟ ଓଙ୍ଗ୍ ସ୍ୱାମୀଙ୍କ ଅମୃତସମ ମଧୁର ଆଧ୍ୟାତ୍ମିକ ତତ୍ତ୍ୱକୁ ପାଶ୍ଚାତ୍ୟ ଦେଶମାନଙ୍କରେ ପ୍ରସାର କରାଇ ସେହି ସେବା ମାଧ୍ୟମରେ ନିଜେ ଆତ୍ମତୃପ୍ତି ଲାଭ କରୁଛନ୍ତି । ୧୯୮୮ରେ ଡଃ ଆର୍ଟ ଓଙ୍ଗ ବ୍ୟାଙ୍କକ୍‌ରେ ସାଇବାବାଙ୍କର ମାନବିକ ମୂଲ୍ୟବୋଧ ଶିକ୍ଷାର ପ୍ରସାର ଲକ୍ଷ୍ୟରେ ଏକ ସତ୍ୟସାଇ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ଏହି ଅନୁଷ୍ଠାନ ୨୦୦୦ ମସିହା ସେପ୍ଟେମ୍ବରରେ ପ୍ରଶାନ୍ତି ନିଳୟମ୍‌ଠାରେ ଏକ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ କରିଥିଲା । ଏଥିରେ ପୃଥିବୀର ୭୮ଟି ଦେଶର ୬୫୦ ଶିକ୍ଷାବିତ୍ ଯୋଗ ଦେଇଥିଲେ । ସେଥି ମଧ୍ୟରୁ ଅଧିକାଂଶଙ୍କୁ ସ୍ୱାମୀ ହୀରା ମୁଦି ଦେଇ ଆଶୀର୍ବାଦ କରିବା ସହ ଅତି ପ୍ରେରଣା ଉଦ୍ରେକକାରୀ ସମ୍ଭାଷଣ ଦେଇ ଉପକୃତ କରିଥିଲେ ।

ସୁଖରେ ରହ

ଆମେରିକାର କନେକ୍ଟିକଟ୍ ରାଜ୍ୟରେ ଜନ ସିଂକ୍ଲେୟାର ଜଣେ କୋଟିପତିଙ୍କ କୋଟିପତି । ଜୀବନର ଗୋଟିଏ ପର୍ଯ୍ୟାୟରେ ସେ ବ୍ୟବସାୟ ସଂକ୍ରାନ୍ତ ଜାଲରେ ଏଭଳି ବାନ୍ଧି ହୋଇଗଲେ ଯେ ତାଙ୍କର ମାନସିକ ଶାନ୍ତି ବ୍ୟାହତ ହୋଇଗଲା । ଦିନେ ରାତ୍ରି ସମୟରେ ସେ ନିଜ କକ୍ଷ ଭିତରେ ବସି ଭଗବାନଙ୍କୁ ପ୍ରାର୍ଥନା କଲାବେଳେ କହିଲେ, ''ଆପଣ କିପରି ଓ କେଉଁଠାରେ ଥାନ୍ତି, ସେସବୁ ମୁଁ କିଛି ଜାଣେ ନାହିଁ । କିନ୍ତୁ ଏତିକି ଜାଣିଛି ଯେ ଆପଣ ଅଛନ୍ତି । ଦୟା କରନ୍ତୁ , ମୋତେ ସାହାଯ୍ୟ କରନ୍ତୁ ।'' ସେ ଅତି ନିଷ୍ଠାର ସହିତ ହୃଦୟର ଗଭୀରତମ ପ୍ରଦେଶରୁ ପ୍ରାର୍ଥନା କଲେ । ସେହି ମୁହୂର୍ତ୍ତରୁ ସେ ଲକ୍ଷ୍ୟ କଲେ ଭଗବାନଙ୍କର ଅଦୃଶ୍ୟ ହସ୍ତ ତାଙ୍କୁ ସୁରକ୍ଷା ଦେଇ ଆସୁଛି ।

ଦିନେ ତାଙ୍କୁ ଜଣାଗଲା ଯେ ତାଙ୍କ ଘରର ଭିତର ହଲ୍‌ରେ ରାତ୍ରି ୨ ରୁ ୩ ଭିତରେ କିଏ ଜଣେ ଚାଲୁଛି । ସେ ସ୍ଥିର ଭାବେ ଚାହିଁ ରହିଲେ । ବ୍ୟକ୍ତି ହଲଚଲ ନ

ହୋଇ ଦଣ୍ଡାୟମାନ ହୋଇ ରହିଲା । ଜନ୍ ସିଂକ୍ଲେୟାର ତାଙ୍କୁ ଚିହ୍ନିପାରିଲେ ନାହିଁ, ସେ କିଏ ଓ କ'ଣ ପାଇଁ ସେଠାରେ ବୁଲୁଛି ସେ ଜାଣିପାରିଲେ ନାହିଁ । କିନ୍ତୁ ସେ ଜାଣିପାରିଲେ ଯେ ତାଙ୍କୁ କାହିଁକି କେଜାଣି ଭାରି ଭଲ ଲାଗୁଛି ଓ ତାଙ୍କ ମନରେ ଏକ ଅବର୍ଣ୍ଣନୀୟ ଆନନ୍ଦ ଖେଳିଯାଉଛି । ଆଉ ଦିନେ ରାତିରେ ମଧ୍ୟ ସେ ଅନୁରୂପ ଅନୁଭୂତି ଲାଭ କଲେ । ସେ ଜାଣିଗଲେ ଯେ ଏହା ସ୍ୱପ୍ନାନୁଭୂତି ନୁହଁ, ସମ୍ପୂର୍ଣ୍ଣ ଭାବେ ଜାଗ୍ରତାବସ୍ଥାର ଅନୁଭୂତି ।

ସିଂକ୍ଲେୟାର ନିଉୟର୍କରେ ଥିବା ଆଧ୍ୟାତ୍ମିକ କେନ୍ଦ୍ରକୁ ଗଲେ ଏବଂ ସେଠାରେ ନିଜର ଏ ଅନୁଭୂତି ବିଷୟ ପ୍ରକାଶ କଲେ । ସେମାନେ "ମୁହୂର୍ତ୍ତେ ଅପେକ୍ଷା କରନ୍ତୁ" କହି ଭିତରକୁ ଗଲେ ଓ ଗୋଟିଏ ଛୋଟ ବିଭୂତି ପ୍ୟାକେଟ୍ ଆଣି ତାଙ୍କୁ ଦେଲେ, ଦେଲା ବେଳେ କହିଲେ "ସାଇରାମ୍" । କଥାବାର୍ତ୍ତା ଛଳରେ ସେମାନେ ସାଇବାବାଙ୍କ କଥା କହିଲେ ଓ ସେ ନିଶ୍ଚିତ ଭାବେ ଦର୍ଶନ ପ୍ରଦାନ କରିଛନ୍ତି ବୋଲି ଜଣାଇଲେ । ସିଂକ୍ଲେୟାରଙ୍କୁ ଏ କଥା ଗଭୀର ଭାବେ ସ୍ପର୍ଶ କଲା । ଆମେରିକା ଭଳି ଏକ ଦୂରାନ୍ତ ଅଞ୍ଚଳରେ ଜଣେ ସାମାନ୍ୟ ବ୍ୟବସାୟୀ ସେ, ଆଧ୍ୟାତ୍ମିକତା ବିଷୟରେ ତାଙ୍କ ଜ୍ଞାନ କିଛି ନୁହେଁ କହିଲେ ଚଳିବ, ସେ ସତ୍ୟସାଇ ବାବାଙ୍କ ବିଷୟରେ ଖଣ୍ଡେ ହେଲେ ବହି ପଢ଼ିନାହାନ୍ତି, ତଥାପି ଭଗବାନ ତାଙ୍କ ଘରକୁ ଆସୁଛନ୍ତି ଏବଂ ତାଙ୍କ ଭଳି ଜଣେ ସାମାନ୍ୟ ଲୋକକୁ ଦର୍ଶନ ପ୍ରଦାନ କରୁଛନ୍ତି । ମନେ ମନେ ସେ ସ୍ୱାମୀଙ୍କ ଚରଣପଙ୍କଜରେ ମଥା ଲଗାଇ ପ୍ରଣାମ ଜଣାଇଲେ । ତାଙ୍କ କୃପା ଓ ପ୍ରେମ ପାଇବା ପାଇଁ ସିଂକ୍ଲେୟାରଙ୍କ ଅନ୍ତରରେ ଅଭିଳାଷ ସୃଷ୍ଟି ହେଲା । ଅତି ଶୀଘ୍ର ସେ ଅଭିଳାଷ ବ୍ୟାକୁଳତାର ପରିଣତ ହେଲା ।

ଅଦମ୍ୟ ବ୍ୟାକୁଳତା ଓ ବାବାଙ୍କ କରୁଣାର ପରିଣାମ ଫଳରେ ସିଂକ୍ଲେୟାର ପ୍ରଶାନ୍ତି ନିଳୟମ୍ ଆସିବାକୁ ଆୟୋଜନ କଲେ । ପ୍ରଶାନ୍ତିରେ ପହଞ୍ଚିବା ପରେ ସ୍ୱାମୀଙ୍କ ସାକ୍ଷାତ୍‌କାର ମଧ୍ୟ ପାଇଲେ । ସାକ୍ଷାତକାର କକ୍ଷରେ ସ୍ୱାମୀ ତାଙ୍କୁ କହିଲେ, "ମୁଁ ଦୁଇଥର ତୋ ପାଖକୁ ଯାଇଥିଲି ।" ସିଂକ୍ଲେୟାର ବିସ୍ଫାରିତ ନେତ୍ରରେ ଚାହିଁ ରହିଲେ । ସ୍ୱାମୀ ପୁଣି କହି ଚାଲିଲେ, "ମୁଁ ତୋ ପାଇଁ ବହୁତ କିଛି କରିଛି । ମୁଁ ତୋତେ ବହୁତ କିଛି ଦେଇଛି । ତା' ସତ୍ତ୍ୱେ ତୋର ମାନସିକ ଶାନ୍ତି ନାହିଁ । ସ୍ୱାମୀଙ୍କ ପାଇଁ କାହିଁକି କିଛି କରୁନାହୁଁ ?" ଶୁଣିଲାମାତ୍ରେ ସେ ପ୍ରସ୍ତୁତ ହୋଇଗଲେ, "ସ୍ୱାମୀ ଯାହା ମାଗିବେ ମୁଁ ତାହା ନିଶ୍ଚୟ କରିବି ।" ସ୍ୱାମୀ ହସି ହସି କହିଲେ, "ସଦାସର୍ବଦା ଖୁସିରେ ଥାଆ, ତୋ'ଠାରୁ ମୁଁ ଏଇ ଗୋଟିଏ ମାତ୍ର କଥା ମାଗୁଛି ।" ସିଂକ୍ଲେୟାର ଏହା ଶୁଣି ଅବାକ୍ ହୋଇଗଲେ, ସ୍ୱାମୀ ତାଙ୍କଠାରୁ ଏତିକିମାତ୍ର ଚାହାଁନ୍ତି, ତାହା ପୁଣି ତାଙ୍କ ନିଜ ଖୁସି !

୧୯୯୩ ମସିହା ଗୁରୁ ପୂର୍ଣ୍ଣିମା ଦିନ ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟରେ ବକ୍ତୃତା ଦେବା

ବେଳେ ସିଂକ୍ଲେୟାର କହିଲେ, ''ମୁଁ ପିଲା ଥିଲା ବେଳେ ଭାବୁଥିଲି ଏବଂ ଦୁଃଖ କରୁଥିଲି ଯେ ମୁଁ ଜଣେ ଖ୍ରୀଷ୍ଟିୟାନ୍ ହୋଇ ଯୀଶୁଙ୍କ ଦେହାନ୍ତର ପ୍ରାୟ ୨୦୦୦ ବର୍ଷ ପରେ ଜନ୍ମ ହେଲି । କିନ୍ତୁ ମୋର ଏ ଦୁଃଖ ନିଶ୍ଚିତ ଭାବେ ଜଣକର କର୍ଣ୍ଣଗୋଚର ହେଲା । ସେଇ ଭଗବାନ ଏହି ମୁହୂର୍ତ୍ତରେ ଏହି ସ୍ଥାନରେ ବସିଛନ୍ତି, ଯିଏ ଯୀଶୁଙ୍କୁ ପ୍ରେରଣ କରିଥିଲେ ।''

ସିଂକ୍ଲେୟାର କେତୋଟି ଅଲୌକିକ ଘଟଣା ମଧ୍ୟ ବର୍ଣ୍ଣନା କଲେ । ''ମୁଁ ପ୍ରଶାନ୍ତି ନିଳୟମ୍‌କୁ ଆସିବା ପୂର୍ବରୁ, ବ୍ୟବସାୟ ସଂକ୍ରାନ୍ତରେ ମୋର ଅନ୍ୟତ୍ର ଯିବାକୁ ଥିଲା । ମୁଁ ମୋ ସ୍ତ୍ରୀଙ୍କୁ କହିଲି, ମୁଁ ନିଜେ ମୋ ବିମାନ ଚାଳନା କରି ସେଠାକୁ ଯିବି । ସେ ମୋତେ ଏ ଯୋଜନାରୁ ଓହରାଇ ନେବାକୁ ଚେଷ୍ଟା କରି କହିଲେ, ''ଆଜିକାଲି ତୁମ ମନ ବ୍ୟାବସାୟିକ ସମସ୍ୟା ଯୋଗୁଁ ବିଭ୍ରାନ୍ତ ହେଉଛି, ଜଣେ ବୃତ୍ତିଗତ ପାଇଲଟ ନେଇ ଯାଉନାହିଁ କାହିଁକି ? ସତ୍ୟସାଇ ବାବା କ'ଣ କେବଳ ତୁମକୁ ସବୁବେଳେ ସୁରକ୍ଷା ଦେବାକୁ ଜଗି ରହିଥିବେ ? ସେ କେତେ ବଡ଼ ବଡ଼ କାମରେ ବ୍ୟସ୍ତ, କେତେ ସହସ୍ର ଲୋକଙ୍କ ପାଇଁ ବ୍ୟସ୍ତ । ତୁମେ ତାଙ୍କର ମୂଲ୍ୟବାନ ସମୟ କାହିଁକି ନଷ୍ଟ କରିବ ?'' ମୁଁ କହିଲି, ''ମୁଁ ଜଣେ ଶିକ୍ଷିତ ତାଲିମପ୍ରାପ୍ତ ପ୍ରଥମ ଶ୍ରେଣୀର ପାଇଲଟ୍, ତୁମେ ମୋ ବିମାନ ଚାଳନାକୁ ସନ୍ଦେହ କରୁଛ ?'' ମୁଁ ମୋ ହେଲିକପ୍ଟର ନିଜେ ଉଡ଼ାଇ ଯାତ୍ରା ଆରମ୍ଭ କଲି । ମୋ ସ୍ତ୍ରୀଙ୍କ ସନ୍ଦେହ ସତ ହେଲା, ବାଟରେ ହେଲିକପ୍ଟରରେ ଇଞ୍ଜିନରେ ସାମାନ୍ୟ ତ୍ରୁଟି ଦେଖାଗଲା । ହାଇଡ୍ରୋଲିକ୍ ଯନ୍ତ୍ର ଖରାପ ହୋଇଗଲା । ତା' ଉପରେ ମୋର ନିୟନ୍ତ୍ରଣ ରହିଲା ନାହିଁ । ମୁଁ ଜାଣିଗଲି ମୃତ୍ୟୁ ସୁନିଶ୍ଚିତ । ମୋ ପକେଟ୍‌ରେ ଥିବା ସ୍ୱାମୀଙ୍କ ଫଟକୁ କାଢ଼ି ତାଙ୍କୁ କେବଳ ଚାହିଁ ରହିଲି । ପର ମୁହୂର୍ତ୍ତରେ ଦେଖିଲି ସ୍ୱାମୀ ମୋ ହେଲିକପ୍ଟର୍ ଭିତରେ ଆବିର୍ଭୂତ । ସେ ମୋ ହେଲିକପ୍ଟରଟିକୁ ଚଳାଇ ଗୋଟିଏ ପାହାଡ଼ର ପାର୍ଶ୍ୱ ଦେଶରେ ନିରାପଦରେ ଓହ୍ଲାଇଦେଲେ । ସେ ପାର୍ଶ୍ୱ ଦରଜାକୁ ଖୋଲିଲେ, ସଯତ୍ନରେ ମୋତେ ଟାଣି ବାହାର କଲେ, ହେଲିକପ୍ଟରଟିକୁ ଠେଲି ଆଗକୁ ଚାଲି ଆସି ଉଭେଇଗଲେ । ଭଗବାନ ମୋତେ ଥରକୁ ଥର ଉଦ୍ଧାର କରି ତାଙ୍କ ଚରଣକମଳର ନିକଟବର୍ତ୍ତୀ କରାଉଛନ୍ତି ।

''ମୁଁ ଏବେ ଅନ୍ୟ ଏକ ବିସ୍ମୟକର ଘଟଣା ବର୍ଣ୍ଣନା କରିବାକୁ ଯାଉଛି । ଏ ସଭାଗୃହର ପ୍ରଥମ ଧାଡ଼ିରେ ଯେଉଁ ମହିଳା ବସିଛନ୍ତି, ସେ ସ୍ୱାମୀଙ୍କର ବଡ଼ ଝିଅ ମାର୍‌ଲିନ୍ ସିଂକ୍ଲେୟାର । (ସିଂକ୍ଲେୟାର ତାଙ୍କ ନିଜ ଝିଅକୁ ସ୍ୱାମୀଙ୍କ ବଡ଼ ଝିଅ ବୋଲି କହନ୍ତି ।) ସେ ଘୋଡ଼ାଚଢ଼ାରେ ଖୁବ୍ ପାରଙ୍ଗମ୍ । ସେ ଗୋଟିଏ ସୁନ୍ଦର ଘୋଡ଼ା ଆଣି ତାକୁ ତାଲିମ୍ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଥିଲେ । ଥରେ ଘୋଡ଼ାଦୌଡ଼ରେ ଗୋଟିଏ ଉଚ୍ଚ କାନ୍ଥ ଡେଇଁବାକୁ ଚେଷ୍ଟା କରୁଥିବା ବେଳେ ଦୁର୍ଭାଗ୍ୟବଶତଃ ଘୋଡ଼ାର ଗୋଡ଼ କାନ୍ଥରେ ପିଟି ହୋଇଗଲା । ଘୋଡ଼ାର ମାଲିକ (ଝିଅ) ଘୋଡ଼ା ପିଠିରୁ ଛିଟିକି ପଡ଼ି

ମାଟିରେ କଚାଡ଼ି ହୋଇ ପଡ଼ିଲା । ୧୮୦୦ ପାଉଣ୍ଡ ଓଜନର ଘୋଡ଼ା ମଧ୍ୟ ତାଙ୍କ ଉପରେ ପଡ଼ିଲା ।

''ଡାକ୍ତରଖାନାରେ ଭର୍ତ୍ତି କରିବାକୁ ୪୫ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ବିଳମ୍ବ ହୋଇ ଯାଇଥିଲା । ମୁଁ ଫୋନ୍ ପାଇ ସେଠାକୁ ଦୌଡ଼ିଲି । ଗୋଟିଏ ଛୋଟ ବିଭୂତି ପ୍ୟାକେଟ୍ ପକେଟ୍‌ରୁ ବାହାରି କରି ଝିଅ ମୁହଁରେ ହୋଇଥିବା ଖଣ୍ଡିଆରେ ଲଗାଇ ଦେଇ କହିଲି, ''ଏ ବିଭୂତି ଖ୍ରୀଷ୍ଟିୟାନ୍‌ମାନଙ୍କ ପବିତ୍ର ଜଳ ସଦୃଶ ।'' ବିଭୂତିରୁ କିଛି ଝିଅ ପାଟିରେ ମଧ୍ୟ ଦେଲି । । ତା' ପରଦିନ ତାକୁ ଦେଖିବାକୁ ଗଲା ବେଳକୁ ତା' ମୁହଁରେ ଗୋଟିଏ ହେଲେ ଖଣ୍ଡିଆ ଦାଗ ଦେଖା ଯାଉ ନଥିଲା । ଦୀର୍ଘ ତିନିମାସ ପରେ ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ପୁନର୍ବାର ଘୋଡ଼ାଦୌଡ଼ ଆରମ୍ଭ କଲା । ଏ କାହାଣୀ କିନ୍ତୁ ଏଠାରେ ଶେଷ ହେଉ ନାହିଁ ।

''ସାକ୍ଷାତ୍‌କାର କକ୍ଷ ଭିତରେ ସ୍ୱାମୀ ମାରଲିନ୍‌କୁ ପଚାରିଲେ, ''ମୁଁ ତୋତେ ପକ୍ଷାଘାତରୁ ଆରୋଗ୍ୟ କରିନାହିଁ ?'' ସେ କହିଲା, ''ହଁ ସ୍ୱାମୀ, ଆପଣ ହିଁ ମୋତେ ଭଲ କରି ଦେଇଛନ୍ତି ।'' ସାକ୍ଷାତକାର ସରିବା ପରେ ମୁଁ ଝିଅକୁ ପଚାରିଲି, ''ସ୍ୱାମୀ ତୋତେ କ'ଣ ପଚାରିଲେ ଓ ତୁ ଏ କି ଉତ୍ତର ଦେଲୁ ?'' ସେତେବେଳେ ସେ କହିଲା, ସେ ଦୁର୍ଘଟଣା ଦିନ ମୋର ଗୋଟିଏ ଆଖି ବି ନଷ୍ଟ ହୋଇଯାଇଥିଲା । ଯେତେବେଳେ ଓଜନିଆଁ ଘୋଡ଼ା ମୋ ଉପରେ ପଡ଼ିଗଲା, ମୋର ଗୋଟିଏ ପାଖ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଯାଇଥିଲା ବେଳେ ମଧ୍ୟ ସେ ମୋ ପାଖେ ପାଖେ ଥିଲେ । ହସପିଟାଲ୍‌ରେ ଥିବା ଦିନ ଯାକ ଓ ରାତିସାରା ଯେ ମୋ ଉପରେ ସତର୍କ ଦୃଷ୍ଟି ରଖିଲା ଭଳି ମୋତେ ଜଣା ପଡୁଥିଲା, ସେ ଅନ୍ୟ କେହି ନୁହଁନ୍ତି, ଏଇ ସାଇବାବା । ସେ ମୋ ଆଖି ଠିକ୍ କରିଦେଲେ, ମୋ ପକ୍ଷାଘାତ ମଧ୍ୟ ତାଙ୍କଦ୍ୱାରା ଆରୋଗ୍ୟ ହୋଇଛି । ଏ ସବୁ ଠିକ୍ ହୋଇଯିବା ପରେ ଯାଇ ସେ ହସ୍‌ପିଟାଲରୁ ବାହାରକୁ ଯାଇଥିଲେ । ଏ ଘଟଣା କିଛି ବର୍ଷ ତଳର ହେଲେ ମଧ୍ୟ, ସେଦିନ ସାକ୍ଷାତକାର କକ୍ଷ ଭିତରେ ସ୍ୱାମୀ ଓ ଝିଅଙ୍କ କଥାବାର୍ତ୍ତା ଶୁଣି ସାରିଲା ପରେ ପଚାରିବାରୁ ଝିଅଠାରୁ ମୁଁ ଏତେ କଥା ଅବଗତ ହେଲି । ଏହିସବୁ ଘଟଣାରୁ ପ୍ରତିପାଦିତ ହୋଇଯାଉଛି ଯେ ସ୍ୱାମୀ ଆମ ନିଜ ମାତାପିତାଙ୍କ ଅପେକ୍ଷା କେତେ ଆପଣାର, କେତେ ଆତ୍ମୀୟ ଓ କେତେ ଅନ୍ତରଙ୍ଗ ?''

ସିଂକ୍ଲେୟାର ତାଙ୍କ ବକ୍ତବ୍ୟ ସାଙ୍ଗ କରି କହିଲେ, ''ହେ ମୋର ସ୍ୱାମୀଜୀ, ଆପଣଙ୍କଠାରେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି, ମୁଁ ଆପଣଙ୍କ ପଦପଙ୍କଜରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରୁଛି ।''

ଜଗଦୀଶନ୍

ଶ୍ରୀ ଜଗଦୀଶନ୍ ମାଲୟେସିଆ ସରକାରଙ୍କର ଶିକ୍ଷା ବିକାଶ କର୍ତ୍ତୃପକ୍ଷଙ୍କ ଡେପୁଟି ଡିରେକ୍ଟର ଜେନେରାଲ ଭାବେ କାର୍ଯ୍ୟ କରୁଥିଲେ । ସ୍ୱାମୀଙ୍କ ବିଷୟରେ କଥା ପଡ଼ିଲେ

ତାଙ୍କ ଘୃଣା, ବିଦ୍ୱେଷ ଓ କୁଭାଷା ପରିପୂର୍ଣ୍ଣ ସମାଲୋଚନା ପରିଷ୍କାର ଭାବେ ଜଣାପଡ଼ିଯାଉଥିଲା । ଥରେ ଜଗଦୀଶନ୍ ତାଙ୍କ ଶାଶୁ ଘରକୁ ଯାଇଥିଲେ, ସେଠାରେ ମଧ୍ୟ ସ୍ୱାମୀଙ୍କ ଫଟ ଦେଖିଲେ । ସେ ସ୍ୱାମୀଙ୍କୁ ବିରୋଧ କରି ବିଷୋଦ୍‌ଗାର କରିବାକୁ ଲାଗିଲ । ସେ ଦୁଇଘଣ୍ଟା ଧରି ସ୍ୱାମୀଙ୍କ ବିରୁଦ୍ଧରେ ବକ୍ତୃତା ଏବଂ ବରକ୍ତିକର ମନ୍ତବ୍ୟମାନ ପ୍ରକାଶ କରିସାରିଲା ପରେ ସ୍ୱାମୀଙ୍କ ଫଟ ପାଖରେ ଠିଆ ହୋଇ କହିଲେ, ''ଏଇ ଲୋକମାନେ ଯାହା କହୁଛନ୍ତି, ଯଦି ସେଭଳି କିଛି ଶକ୍ତି ତୁମ ପାଖରେ ଥାଏ, ତେବେ ମୋତେ ତା'ର ପ୍ରମାଣ ଦିଅ । ତେବେ ଯାଇ ମୁଁ ଏ ପରୀ ରାଇଜର କାହାଣୀ ସବୁକୁ ବିଶ୍ୱାସ କରିବି ।'' ସେ ବୁଝି ନଥିଲେ ଯେ ଏକଥା କହି ସେ ସ୍ୱାମୀଙ୍କ ଶକ୍ତି ପ୍ରତି ଏକ ଆହ୍ୱାନ ଦେଇଛନ୍ତି । ସେ ଏହି ବାକ୍ୟ କହି ନସାରୁଣୁ ଯେଉଁ ଫଟୋ ତାଙ୍କ ବିରକ୍ତିର କାରଣ ଥିଲା ସେ ଫଟୋ ଉପରେ ବିଭୂତି ସୃଷ୍ଟି ହୋଇଗଲା । ତାଙ୍କ ଉପରେ ବଜ୍ରପାତ ହେଲା ଭଳି ତାଙ୍କୁ ଲାଗିଲା । ସେ ଦିନ ସେ ବୁଝିଲେ ଯେ ଏ ବିଜ୍ଞାନସଚେତନ ପୃଥିବୀରେ ବିଜ୍ଞାନାତୀତ କିଛି ମଧ୍ୟ ଅଛି ଯାହାକୁ ବିଜ୍ଞାନ ମାଧ୍ୟମରେ ଜାଣି ହେବ ନାହିଁ ।

ଏହାର ଚାରିମାସ ପରେ ଜଗଦୀଶନ୍ ଭାରତ ଆସିଥିଲେ । ପ୍ରଶାନ୍ତି ନିଳୟମ୍ ମଧ୍ୟ ଗଲେ । ଦର୍ଶନ ସମୟରେ ସ୍ୱାମୀ ତାଙ୍କ ନିକଟକୁ ଆସି ଅତି ଭଦ୍ରାମି ସହିତ ଓଷ୍ଠ ଚାଳନା କରି କହିଲେ, 'ମାଲୟେସିଆ ?' ସେ ମାଲୟେସିଆରୁ ଆସିଛନ୍ତି ବୋଲି ସ୍ୱାମୀ କିପରି ଜାଣିଲେ ଭାବି ଆଚମ୍ବିତ ହେବା ସଙ୍ଗେ ସଙ୍ଗେ ସେ କହିଲେ, 'ହଁ ଆଜ୍ଞା ।' ସ୍ୱାମୀ ତାଙ୍କୁ ସାକ୍ଷାତକାର କୋଠରୀକୁ ଡାକିଲେ । ସେତେବେଳକୁ ଜଗଦୀଶନ୍‌ଙ୍କୁ ୩୨ ବର୍ଷ ବୟସ ହୋଇଥିଲା, କିନ୍ତୁ ତାଙ୍କୁ ଜଣାଗଲା, ସ୍ୱାମୀଙ୍କ ସମ୍ମୁଖରେ ଗୋଟିଏ ୭ ବର୍ଷର ବାଳକ ତା' ପିତାଙ୍କ ସାମନାରେ ବସିଛି ଯେପରି । ସ୍ୱାମୀଙ୍କ ପିତୃତୁଲ୍ୟ ସ୍ନେହ ତାଙ୍କ ହୃଦୟକୁ ବିଗଳିତ କରିଦେଲା । ତାଙ୍କ ନୟନ ଯୁଗଳରୁ ଅପର୍ଯ୍ୟାପ୍ତ ଲୋତକ ନିର୍ଗତ ହେବାରେ ଲାଗିଲା । ସେ ମାତ୍ର ଚାରିମାସ ହେବ ସ୍ୱାମୀଙ୍କୁ ଜାଣିଲେ । ତା' ପୂର୍ବରୁ ସେ ତାଙ୍କର ସମ୍ପୂର୍ଣ୍ଣ ବିରାଧୀ ଥିଲେ । ସେ ଅନ୍ଧକାର ସମୟର ଅସୂୟାଭାବ ବର୍ତ୍ତମାନ ତାଙ୍କୁ ବୋଝ ଭଳି ମାଡ଼ି ବସିଲା ପରି ମନେ ହେଲା ଓ ସେ ତାହାକୁ ବେଶୀ ସମୟ ଲୁଚାଇ ରଖି ପାରିଲେ ନାହିଁ । ସେ ସେଥିରୁ ମୁକ୍ତ ହେବାକୁ ଇଚ୍ଛା କରି ଆରମ୍ଭ କଲେ, 'ସ୍ୱାମୀ, ମୋତେ କ୍ଷମା କରି ଦିଅନ୍ତୁ ।' ସ୍ୱାମୀ ତାଙ୍କ ତର୍ଜନୀକୁ ବାମରୁ ଦକ୍ଷିଣ, ପୁନଶ୍ଚ ଦକ୍ଷିଣରୁ ବାମକୁ ହଲାଇ କହିଲେ, ''ହା, ହା, ତୁ କେବଳ ଅବିଶ୍ୱାସୀ ନୋହୁ, ଘୋର ବିରୋଧୀ, ଘୋର ବିରୋଧୀ ।'' ଜଗଦୀଶନ ଦୁଃଖ ଓ ଲଜ୍ଜାରେ ଭାଙ୍ଗିପଡ଼ିଲେ । ସେ ବାବାଙ୍କ ପାଦପଦ୍ମକୁ ଧରି କାନ୍ଦି ଉଠିଲେ । ସ୍ୱାମୀ ତାଙ୍କ କାନ୍ଧକୁ ଧରି ଧୀରେ ଧୀରେ ଉଠାଇ କହିଲେ, ''କାନ୍ଦନା, କାନ୍ଦନା, ସୁନାଟା ପରା, ସ୍ୱାମୀ ସବୁ ଜାଣନ୍ତି ।''

ବର୍ତ୍ତମାନ ସ୍ୱାମୀଙ୍କ ନିର୍ଦ୍ଦେଶରେ ସେ ସତ୍ୟସାଇ ସଙ୍ଗଠନର ପୂର୍ବାଞ୍ଚଳ ପାଇଁ କେନ୍ଦ୍ରୀୟ ସଂପାଦକ ଭାବେ କାମ କରି ସାଇଙ୍କ ଆଧ୍ୟାତ୍ମିକ ଲକ୍ଷ୍ୟ ହାସଲ କରିବା ଦିଗରେ ସେବା କରୁଛନ୍ତି ଓ ନିଜର ପରିପୂର୍ଣ୍ଣତା ମଧ୍ୟ ଲାଭ କରୁଛନ୍ତି ।

ମଳ, ବିକ୍ଷେପ, ଆବରଣ

ସ୍ୱାମୀ ତାଙ୍କ ପ୍ରଦତ୍ତ ଦିବ୍ୟ ସମ୍ଭାଷଣମାନଙ୍କ ମଧ୍ୟରୁ ଗୋଟିକରେ କହିଲେ, ମଣିଷକୁ ବୁଦ୍ଧି ଓ ବିବେକ ପ୍ରଦାନ କରାଯାଇଛି । ତଥାପି ସେ ନିଜ ସ୍ୱରୂପ ଚିହ୍ନିପାରୁନାହିଁ । ଏହାର କାରଣ ତା'ର ପୂର୍ବ ଜନ୍ମାର୍ଜିତ କର୍ମଫଳ । ସତ୍‌କର୍ମ ଫଳରେ ଜଣେ ମାନବଜନ୍ମ ଲାଭ କରେ । ମାନବଜନ୍ମ ଲାଭ କରିବା ପରେ ଯଦି ସେ ପୁନର୍ବାର ଅପକର୍ମ, ଯଥା - ଚୋରି, ମିଥ୍ୟାଚାର ଓ ବ୍ୟଭିଚାର ପ୍ରଭୃତି କରେ ତାହାର ପରିଣାମ ମଧ୍ୟ ଅନୁରୂପ ହେବା ସ୍ୱାଭାବିକ । ଅପକର୍ମର ତିନିପ୍ରକାର ଫଳ ଅଛି : ମଳ, ବିକ୍ଷେପ ଓ ଆବରଣ । ଏଗୁଡ଼ିକ ମଣିଷର ଆଧ୍ୟାତ୍ମିକ ଦୃଷ୍ଟିକୁ ପ୍ରତିହତ କରି ତାହାର ସ୍ୱ-ସ୍ୱରୂପ ଜ୍ଞାନ ଲାଭ ଦିଗରେ ପ୍ରତିବନ୍ଧକ ହୁଅନ୍ତି ।

ମଳ, ବିକ୍ଷେପ ଓ ଆବରଣ କ'ଣ, ସ୍ୱାମୀ ଏହିପରି ବର୍ଣ୍ଣନା କରିଛନ୍ତି ।

ମଳ : ପୂର୍ବ ଜନ୍ମମାନଙ୍କରେ କରାଯାଇଥିବା ଅପକର୍ମ ଯୋଗୁ ଗଚ୍ଛିତ ହୋଇରହିଥିବା ଫଳାଫଳ ହେଉଛି ମଳ । ଏହାକୁ ଏକ ଗଳ୍ପ ମାଧ୍ୟମରେ ସେ ବୁଝାଇଥିଲେ । ଜଣେ ହୀରା ବ୍ୟବସାୟୀ ତା' ବ୍ୟବସାୟରେ ଦୂରସ୍ଥ କୌଣସି ସ୍ଥାନକୁ ଯାଉଥିଲା । ସେ ଅତି ବେଗରେ ଘୋଡ଼ା ପିଠିରେ ଯାଉ ଯାଉ ତା'ର ହୀରା ମୁଣିଟି ତଳେ ପଡ଼ିଗଲା । ସେ ତାହା ଜାଣି ନପାରି ଚାଲିଗଲା । ତା' ପଛରେ ଯାଉଥିବା ଦୁଇଜଣ ସାଙ୍ଗ ତାହାକୁ ଦେଖିଲେ । ମୂଲ୍ୟବାନ ହୀରା ଦେଖି ଉଭୟଙ୍କ ମନରେ ପ୍ରଲୋଭନ ଜାତ ହେଲା । ଉଭୟେ ଭାବିଲେ ସବୁତକ ନିଜର କରି ନେବାକୁ । କିଛି ସମୟ ପରେ ଜଣେ ହୀରା ମୁଣିଟିକୁ ଜଗି ବସିଲା ଓ ଅନ୍ୟଜଣକ କିଛି ଖାଦ୍ୟ ସଂଗ୍ରହ କରିବାକୁ ଗଲା । ବାଟରେ ତା' ମୁଣ୍ଡରେ ଆଉ ଏକ ଦୁର୍ବୁଦ୍ଧି ପଶିଲା । ସେ ଭାବିଲା ସାଙ୍ଗଟାକୁ ସଫା କରିଦେଲେ ତା' ପାଇଁ ପଥ ନିଷ୍କଣ୍ଟକ ହୋଇଯିବ । ବାଟରେ କିଛି ବିଷ କିଣି ସାଙ୍ଗ ପାଇଁ ନେଉଥିବା ଖାଦ୍ୟରେ ମିଶାଇ ଦେଲା । ସାଙ୍ଗ ପାଖରେ ପହଞ୍ଚି କହିଲା, ବନ୍ଧୁ, ଆଗ ଖାଇ ନିଅ । ମୁଁ ହୀରାକୁ ଜଗିଛି । ଦ୍ୱିତୀୟ ସାଙ୍ଗ ମଧ୍ୟ ସବୁତକ ହୀରା ନିଜର କରିବା ପାଇଁ ତା'ର ଯୋଜନା ସ୍ଥିର କରି ରଖିଥିଲା । ପ୍ରଥମ ସାଙ୍ଗ ହୀରା ପାଖରେ ପହଞ୍ଚିବା କ୍ଷଣି ଅନ୍ୟ ଜଣକ ତା ବେକ ଉପରେ ଏକ ଖଡ଼୍‌ଗ ପ୍ରହାର ଦେଲା ଓ ବର୍ତ୍ତମାନ ନିଜେ ସବୁତକ ହୀରାର ମାଲିକ ହୋଇ ନିଶ୍ଚିନ୍ତରେ ଖାଇ ବସିଲା । ଖାଇ ସାରିବା ପୂର୍ବରୁ ସେ ନିଜେ ମରି ଶୋଇଲା । ଯଦିଓ ବନ୍ଧୁଦ୍ୱୟ ମୂଲ୍ୟବାନ ସମ୍ପତ୍ତି ପାଇଥିଲେ ତଥାପି

ସେଥିରୁ କିଛି ହେଲେ ପାଇଲେ ନାହିଁ । ଯେଉଁ ଭାବଦ୍ୱାରା ପ୍ରେରିତ ହୋଇ ସେମାନେ ଏ ଅପକର୍ମ କଲେ ତାହା ହିଁ ମଳ । ଏହାର ପ୍ରଭାବ ବିନଷ୍ଟ ହୋଇପାରିବ, କେବଳ ଅବିରତ ଈଶ୍ୱରଚିନ୍ତନ କଲେ । ଏଥିପାଇଁ ଅନ୍ୟ ଉପାୟ କିଛି ନାହିଁ ।

ବିକ୍ଷେପ ଅର୍ଥ ମନର ସ୍ଥିରତାର ଅଭାବ । ଦକ୍ଷିଣେଶ୍ୱରର ଦେବୀ କାଳୀଙ୍କ ଦିବ୍ୟ ସୁନ୍ଦର ମନ୍ଦିରରେ ରାମକୃଷ୍ଣ ପରମହଂସ ପୂଜକ ଭାବେ କାମ କରୁଥିଲେ । ମନ୍ଦିରର ନିର୍ମାତ୍ରୀ ଥିଲେ ସାଧ୍ୱୀ ରାଣୀ ରାସମଣି । ସେ ଥରେ ମନ୍ଦିରକୁ ଆସି ଗୋଟିଏ ଦେବୀ ବନ୍ଦନା ଗାନ କରିବା ପାଇଁ ରାମକୃଷ୍ଣଙ୍କୁ କହିଲେ । ସେ ବନ୍ଦନା ଗାନ କରୁଥିବା ସମୟରେ ଭକ୍ତମାନଙ୍କ ସହିତ ରାଣୀ ରାସମଣି ମଧ୍ୟ ଆଖିବୁଜି ଗୀତର ତାଳେ ତାଳେ ମୁଣ୍ଡ ହଲାଉଥିଲେ । ହଠାତ୍ ରାମକୃଷ୍ଣ ଗୀତ ବୋଲିବା ବନ୍ଦ କରି ରାସମଣିଙ୍କ ଗାଲରେ ଶକ୍ତ ଏକ ଚାପୁଡ଼ା ବସାଇଦେଲେ । ସେ ତାଙ୍କୁ ଗାଳି ଦେଇ କହିଲେ, 'ତୁମ ଦେହ କେବଳ ଏଠାରେ ବସିଛି, କିନ୍ତୁ ମନ ସମ୍ପତ୍ତି ମାମଲା ଘେନି କଲକାତା ହାଇକୋର୍ଟରେ ।' ରାସମଣି ଜଣେ ଅତି ଉଚ୍ଚଧରଣର ସାଧିକା ଥିଲେ । ସେ ଏ ଘଟଣାଟିକୁ ଅପମାନ ଭାବେ ଗ୍ରହଣ ନକରି ସଠିକ୍ ଅର୍ଥରେ ଗ୍ରହଣ କଲେ । ସେ କହିଲେ, ମୋ ମନର ଅସ୍ଥିରତା, ବିକ୍ଷେପ ପାଇଁ ମୋତେ ଏ ଦଣ୍ଡ ଦରକାର ଥିଲା । ବିକ୍ଷେପରୁ ମନକୁ ବଞ୍ଚାଇବାର କେବଳ ଗୋଟିଏ ଉପାୟ ଅଛି, ତାହା ହେଉଛି ଏକାଗ୍ରତା ଓ ମନକୁ ଏକକୈନ୍ଦ୍ରିକ କରିବାର କଠୋର ସାଧନା ।

ଆବରଣ : ମୁଁ ଜଣେ ଛାତ୍ର, ମୁଁ ଜଣେ ଶିକ୍ଷକ, ମୁଁ ଜଣେ ବ୍ରାହ୍ମଣ, ମୁଁ କ୍ଷତ୍ରିୟ, ମୁଁ ଜଣେ ମହିଳା, ମୁଁ ପୁରୁଷ, ଏହି ଭାବନାର ବଶବର୍ତ୍ତୀ ହୋଇ ମଣିଷ ''ମୁଁ ଗୋଟିଏ ଶରୀର'' ଭାବନାରେ ମୋହଗ୍ରସ୍ତ ହୋଇଯାଏ । ଏହି ଅଜ୍ଞତା ହିଁ ଆବରଣ । ତୁମେ ଗଭୀର ଭାବରେ ଧ୍ୟାନ କଲେ ଏବଂ ବିବେକ ପ୍ରୟୋଗ କଲେ ଅତିଶୀଘ୍ର ଉପଲବ୍ଧି କରିବ ଯେ ତୁମେ ନା ଜଣେ ଛାତ୍ର ନା ଶିକ୍ଷକ, ବ୍ରାହ୍ମଣ ନୁହଁ କି କ୍ଷତ୍ରିୟ ନୁହଁ, ମହିଳା ନୁହଁ, କି ପୁରୁଷ ନୁହଁ । ପ୍ରକୃତ ସତ୍ୟ ହେଉଛି ତୁମେ ଆତ୍ମସ୍ୱରୂପ । ଏହି ସତ୍ୟ ଉପଲବ୍ଧି ହୋଇଗଲେ ଆବରଣ ଦୂର ହୋଇଯାଏ ।

ଗୋଟିଏ ଗର୍ଭବତୀ ବାଘୁଣୀ ନଦୀ ପାର ହେଉ ହେଉ ଛୁଆଟିଏ ଜନ୍ମ ହୋଇ ପଡ଼ିଲା । ବାଘୁଣୀଟି ନଦୀ ଜଳରେ ଭାସିଗଲା, ଛୁଆଟି ଭାସି ଯାଉ ଯାଉ ଖଣ୍ଡେ ମାଟି ଜାଗା ପାଇ ସେଠାରେ ରହିଗଲା । ସେଠାରେ କେତେକ ମେଣ୍ଢା ଚରୁଥିଲେ । ବାଘ ଛୁଆଟି ସେଇ ମେଣ୍ଢାଦଳରେ ରହିଗଲା । ଏ ଦଳରେ ପଡ଼ି ସେ ନିଜର ପ୍ରକୃତ ପରିଚୟ ଭୁଲିଗଲା । ମେଣ୍ଢାମାନଙ୍କ ପରି ଘାସ ଖାଇଲା ଓ ତାଙ୍କ ପରି ଶବ୍ଦ କଲା । କିଛି ଦିନ ପରେ ଏହି ମେଣ୍ଢା ଦଳକୁ ଆଉ ଏକ ବାଘ ଆକ୍ରମଣ କଲା ଏବଂ ଦେଖି ଆଶ୍ଚର୍ଯ୍ୟ ହେଲା ଯେ ତାଙ୍କ ସଙ୍ଗେ ଗୋଟିଏ ବାଘଛୁଆ ମେଣ୍ଢାମାନଙ୍କ ଭଳି ଚାଲୁଛି । ବଡ଼ ବାଘଟି

ଏହି ବାଘଛୁଆକୁ ଡାକି ଗୋଟିଏ ପାଣି ଜାଗାକୁ ନେଲା । ବାଘଛୁଆକୁ ତା’ ରୂପର ପ୍ରତିଫଳନ ଦେଖାଇ କହିଲା, ‘ଦେଖ, ତୁ ମେଣ୍ଢା ନୁହେଁ, ତୁ ଗୋଟିଏ ବାଘ । ନିଜର ପ୍ରକୃତ ପରିଚୟ ଜାଣ ।’ ଏହା ପରେ ଯାଇ ବାଘଛୁଆ ସତ୍ୟ କ’ଣ ଜାଣିଲା । ଆବରଣ ଦୂର କରିବା ପାଇଁ ଏକମାତ୍ର ଉପାୟ ହେଉଛି ସଂପୂର୍ଣ୍ଣ ଦୈବାର୍ପଣ ।

ସ୍ୱାମୀ ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭମାନଙ୍କୁ ସମ୍ବୋଧନ କରନ୍ତି, ‘ଦିବ୍ୟ ଆତ୍ମସ୍ୱରୂପୁଲାରା ।’ ଏହା କହି ସେ ଆମକୁ ବାରମ୍ବାର ଆମ ପ୍ରକୃତ ପରିଚୟ ବାବଦରେ ମନେ ପକାଇ ଦିଅନ୍ତି । ସେ ଅନବରତ ଆମକୁ କହି ଚାଲିଛନ୍ତି ଯେ ତୁମେ କେବଳ ମାତ୍ର ରକ୍ତମାଂସର ଶରୀର ନୁହଁ, ତୁମେ ଆତ୍ମାର ମୂର୍ତ୍ତିମନ୍ତ ରୂପ । ଆମର ଉପଲବ୍ଧି ଆସିବା ଦରକାର ଯେ ସଦାସର୍ବଦା ସ୍ୱାମୀଙ୍କ ନାମକୁ ଜିହ୍ୱାଗ୍ରରେ ଖେଳାଇ ଦୃଢ଼ ଭାବରେ ହୃଦୟ ଆସନରେ ବସାଇ, ପବିତ୍ର ଜୀବନ ଯାପନ କରି ପାରିଲେ ଆମେ ମଳ, ବିକ୍ଷେପ ଓ ଆବରଣରୁ ରକ୍ଷା ପାଇପାରିବା ।

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପଦାରବିନ୍ଦରେ ସବିନୟ ପ୍ରଣାମ ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ଚତୁର୍ଦ୍ଦଶ ଅଧ୍ୟାୟ ସଂପୂର୍ଣ୍ଣ

ସପ୍ତମ ଦିବସ - ବୁଧବାର

ପଞ୍ଚଦଶ ଅଧ୍ୟାୟ

'ପ୍ରତ୍ୟେକଙ୍କ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମୋତେ ଜଣା'

ପରଂବ୍ରହ୍ମ ମାନବ ରୂପ ଧାରଣ କରି ପୃଥିବୀପୃଷ୍ଠକୁ ଆସିବା ଗୋଟିଏ ଆଶ୍ଚର୍ଯ୍ୟଜନକ କଥା । ତୁମେ ଯଦି ମୋ ସ୍ଥାନରେ ଥାଆନ୍ତ, ଏତେ ଆଶ୍ଚର୍ଯ୍ୟ ହୁଅନ୍ତ ନାହିଁ । ମୁଁ ପ୍ରତ୍ୟେକଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବାବଦରେ ସଦା ସର୍ବଦା ସଂପୂର୍ଣ୍ଣ ସଚେତନ ଥାଏ । ସେଥିପାଇଁ ମୁଁ ଭାବବିହ୍ୱଳିତ ହୋଇପଡ଼େ ନାହିଁ । ତା ଅର୍ଥ ନୁହେଁ ଯେ ମୋଠାରେ ଦୟା ବା ପ୍ରେମଭାବର ଅଭାବ । ମୋ ହୃଦୟ ଆଦୌ ପ୍ରସ୍ତର ନିର୍ମିତ ନୁହେଁ । କିନ୍ତୁ ତୁମେ ଯଦି ତୁମ ହୃଦୟଦ୍ୱାର ଭିତରୁ ବନ୍ଦ କରିଦେବ, ମୋ ମଧୁର ପ୍ରେମର ତରଙ୍ଗ ତାହା ଭିତରକୁ ପ୍ରବେଶ କରିବ କିଭଳି ? ତୁମେ ଅଶ୍ରୁ ଝରାଇ ପ୍ରାର୍ଥନା କରିଥାଅ, ସ୍ୱାମୀ ମୁଁ ଅନ୍ଧ, ମୁଁ ତୁମ ଦିବ୍ୟ ରୂପ ଦେଖିବାକୁ ଚାହେଁ । ମୋ ଦୁଃଖ ତୁମକୁ ବାଧୁନାହିଁ ? ତୁମେ ଗୋଟିଏ ଅନ୍ଧକୁ ଦେଖିଲା ବେଳେ ଦୁଃଖରେ ତରଳି ଯାଉଛ । ମୋ ଅନ୍ତରକୁ କ'ଣ ତାହା ଜଣା ଯାଉନାହିଁ ? କିନ୍ତୁ ମୁଁ ଯେତେବେଳେ ଏ ଘଟଣାର ପୃଷ୍ଠଭୂମି ଜାଣି ପାରୁଛି, ତା ପୂର୍ବ ଜନ୍ମ କଥା ଜାଣିପାରୁଛି, ମୋ ପ୍ରତିକ୍ରିୟା ସ୍ୱାଭାବିକଭାବେ ଭିନ୍ନ ହୋଇଯାଉଛି । ମୁଁ ଯାହା ସବୁ ଜାଣିପାରୁଛି ତୁମେ ଯଦି ସେସବୁ ଜାଣିପାରିବ, ଅନ୍ୟମାନଙ୍କ ଦୁଃଖ ପ୍ରତି ଦେଖାଉଥିବା ତୁମ ସହାନୁଭୂତି ମଧ୍ୟ ବଦଳିଯିବ । ଜଣେ ଆଜି ଯାହା ପାଉଛି, ତାହା ସେ ତା'ର ବିଗତ ଜୀବନରେ ବୁଣିଥିବା ମଞ୍ଜି ଅନୁସାରେ ପାଉଛି । ତେଣୁ ସେ ଯେଉଁ ଅପକର୍ମର ଫଳ ଭୋଗୁଛି, ତାହା ଭୋଗୁ ବୋଲି ମୁଁ ଛାଡ଼ି ଦେଇଥାଏ । ଅବଶ୍ୟ ପୂର୍ବ ଅପରାଧର ଗୁରୁତ୍ୱ କମାଇବା ଭଳି ସତ୍‌କର୍ମ କଲେ କଷ୍ଟଭୋଗର ପରିମାଣ କମିଯିବ । ମୁଁ ତୁମ ସୁଖ ବା ଦୁଃଖର କାରଣ ନୁହେଁ, ତୁମେ ନିଜ ନିଜ କର୍ମଦ୍ୱାରା ଏ ଉଭୟ ହାତକଡ଼ି ତିଆରି କରିଛ, ଯାହାର ଓଜନ ତୁମକୁ ତଳକୁ ଟାଣି ଧରୁଛି ।

-ବାବା

ଖରାପର ଫଳ ଖରାପ

ଗୋଟିଏ ଦମ୍ପତି ତାଙ୍କ ଦୁଇ ସନ୍ତାନଙ୍କ ସହ ପ୍ରଶାନ୍ତିନିଲୟମ୍ ଆସିଥିଲେ । ପିତାମାତାଙ୍କ ଭଳି ସନ୍ତାନଦ୍ୱୟ ମଧ୍ୟ ଦେଖିବାକୁ ଖୁବ୍ ସୁନ୍ଦର ଥିଲେ, ପୂରା ପରିବାରଟି ଏକ ସୁନ୍ଦର ଦୃଶ୍ୟ ଉପସ୍ଥାପନ କରୁଥିଲେ । ଭଗବାନଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରିବାକୁ ସେମାନେ ଅତିଶୟ ଇଚ୍ଛୁକ ଥିଲେ । ଏ ସଂକ୍ରାନ୍ତରେ ସୁବିଧା କରାଇଦେବା ପାଇଁ ସେ କର୍ଣ୍ଣେଲ୍ ଯୋଗା ରାଓଙ୍କୁ ଭେଟି ଅନୁରୋଧ କଲେ । ପରିବାରକୁ ଦେଖି ଯୋଗା ରାଓ ମଧ୍ୟ ଭାବିଲେ ସ୍ୱାମୀ ଏମାନଙ୍କୁ ସାକ୍ଷାତକାର ପ୍ରଦାନ କଲେ ଭଲ ହୁଅନ୍ତା ।

ସୁଯୋଗ ଦେଖି ସେ ସ୍ୱାମୀଙ୍କୁ ଏ କଥା ଜଣାଇବା ସହିତ ତାଙ୍କ ସୁଦୃଶ୍ୟ ଚେହେରା କଥା ବି କହିଲେ । ସ୍ୱାମୀ କହିଲେ, ତୁମେ ତାଙ୍କ ବିଷୟରେ ଏତେକରି କହୁଛ ତାଙ୍କ ସୁଦୃଶ୍ୟ ରୂପ ପାଇଁ, କିନ୍ତୁ ତୁମେ ଜାଣ କି ସେ ପିଲା ଦୁଇଟି ଅନ୍ଧ ବୋଲି ? ଯୋଗା ରାଓ ଆଶ୍ଚର୍ଯ୍ୟ ହୋଇଗଲେ, ସ୍ୱାମୀ ସେ ପରିବାରକୁ ଏ ପର୍ଯ୍ୟନ୍ତ ଦେଖିନାହାନ୍ତି, ଯୋଗା ରାଓ ତାଙ୍କୁ ସ୍ୱଚକ୍ଷୁରେ ଦେଖି ମଧ୍ୟ ଜାଣିପାରିଲେ ନାହିଁ ଯେ ପିଲା ଦୁଇଟିଙ୍କର ଦୃଷ୍ଟିଶକ୍ତି ନାହିଁ । ସେ ପୁନର୍ବାର ସେ ପରିବାରକୁ ଭେଟିଲେ ଏବଂ ପିଲାଙ୍କର ଦୃଷ୍ଟିଶକ୍ତି କଥା ପଚାରିଲେ । ସେ ଯେତେବେଳେ ସେ କୁତ୍ସିତ ସତ୍ୟ ଜାଣିଲେ, ସେ ମଧ୍ୟ ଭାଙ୍ଗିପଡ଼ିଲେ । ମହିଳାଜଣକ ବାରମ୍ବାର ଅନୁରୋଧ କରିବାରୁ ଯୋଗା ରାଓ ପୁଣି ଏକ ସୁଯୋଗ ଦେଖି ସ୍ୱାମୀଙ୍କୁ ସେ ପିଲା ଦୁହିଁଙ୍କ ଆଖି କଥା ଜଣାଇଲେ, କିନ୍ତୁ କୌଣସି ଉତ୍ତର ପାଇଲେ ନାହିଁ ।

ତା' ପରଦିନ ସ୍ୱାମୀ ସେଦିନର ଖବରକାଗଜଟି ହାତରେ ଧରି ତାଙ୍କ କକ୍ଷରୁ ବାହାରିଲେ । ସେ ଖଣ୍ଡକ ଯୋଗା ରାଓଙ୍କ ହାତକୁ ଦେଇ ନିର୍ଦ୍ଦିଷ୍ଟ ଏକ ଖବର ପଢ଼ିବାକୁ କହିଲେ । ସେ ଖବରଟି ଥିଲା – ବୁଲ୍ଲାପଟ୍ଟଣମ୍‌ରେ ନିଜ ସାବତ ମା' ହାତରେ ଦୁଇଟି ପିଲା ଅନ୍ଧ ହୋଇଯାଇଛନ୍ତି । ଏ ଖବର ପଢ଼ି ଯୋଗା ରାଓ ସ୍ୱାମୀଙ୍କ ଆଡ଼କୁ ଚାହିଁ ରହିଗଲେ । ସ୍ୱାମୀ ପଚାରିଲେ, ଏ କ୍ଷେତ୍ରରେ ଥିଲେ ତୁମେ କ'ଣ କରନ୍ତ ? ଯୋଗା ରାଓ କହିଲେ ମୁଁ ସେ ହୃଦୟହୀନ ମା'କୁ ଅନ୍ଧ କରି ଦେଇଥାନ୍ତି । ସ୍ୱାମୀ କୋମଳ କଣ୍ଠରେ କହିଲେ, ''କିନ୍ତୁ ଭଗବାନ ତାହା କରନ୍ତି ନାହିଁ । ତା' ବଦଳରେ ନିଜ ପିଲାକୁ ଅନ୍ଧ କରି ଦିଅନ୍ତି । ସେ ପିଲା ଦୁହିଁଙ୍କ କଥା ମୋ ଉପରେ ଛାଡ଼ିଦିଅ । ସେମାନେ ନିଶ୍ଚିତ ଭାବେ ସୁଖୀ ହେବେ, କିନ୍ତୁ ତାଙ୍କ ମାଆ କଥା ?'' ବାବା ସେଠାରୁ ଘୁଞ୍ଚି ଦୂରକୁ ଚାଲିଗଲେ, ଯୋଗା ରାଓ ସ୍ଥାଣୁ ପାଲଟି ଗଲେ ।

ଯାହା ଘଟିଥିଲା ଏ ସବୁ ତାହାର ଏକ ସଂକ୍ଷିପ୍ତ ବିବରଣୀ । କିନ୍ତୁ ଯୋଗା ରାଓ ମନେ ମନେ ଉପଲବ୍ଧି କଲେ ଯେ ଏକ ବିଶ୍ୱାତ୍ମକ ରହସ୍ୟ ହଠାତ୍ ସ୍ପଷ୍ଟ ହୋଇଗଲା । ସେ ସେହି ପରିବାର ପକ୍ଷରୁ ସ୍ୱାମୀଙ୍କୁ କ'ଣ ମାଗିଥିଲେ ? ସ୍ୱାମୀ ସେ ଦିନର ଖବର ପଢ଼ାଇ ତାଙ୍କୁ କ'ଣ ଶିଖାଇଲେ ଏବଂ ଉଭୟଙ୍କ ମଧ୍ୟରେ ଘଟିଥିବା ବାର୍ତ୍ତାଳାପ ପଛରେ ସ୍ୱାମୀ କି ଗୂଢ଼ ତାତ୍ପର୍ଯ୍ୟ ରଖିଥିଲେ ? ବୋଧହୁଏ, ସ୍ୱାମୀ ପ୍ରକୃତ କଥା ସିଧାସଳଖ ଭାବେ କହି ହତଭାଗ୍ୟ ମାଆର ମାନସିକ ବେଦନା ବଢ଼ାଇବାକୁ ଚାହୁଁନଥିଲେ । ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼ିଲା ଯେ ପ୍ରତ୍ୟେକଙ୍କୁ ତାଙ୍କ ଅତୀତ ପାପର ପ୍ରାୟଶ୍ଚିତ୍ତ ଭୋଗ କରିବାକୁ ପଡ଼ିବ ।

ଭଗବାନ ବାବା କହନ୍ତି, ଈଶ୍ୱର ଏକ ଡାକବାଲା ଭଳି ଥଳୀରେ ଥଳୀଏ ଚିଠି ଧରି ପ୍ରତ୍ୟେକ ଚିଠିକୁ ତା' ଉପରେ ଲେଖାଥିବା ଠିକଣା ଅନୁସାରେ ବାଣ୍ଟି ଦେଇ ଯାଆନ୍ତି । ସେ ଚିଠି ପଢ଼ି କୌଣସି ପରିବାରରେ ଆନନ୍ଦ ଉଛୁଳି ଉଠେ ତ ଅନ୍ୟ କେଉଁ

ପରିବାର ତାଙ୍କ ପାଇଁ ଉଦ୍ଦିଷ୍ଟ ଚିଠି ପଢ଼ି ଦୁଃଖରେ ସଢ଼ିଯାଆନ୍ତି । ଡାକବାଲା ଚିଠିରେ ଲେଖାଥିବା ବିଷୟ ସହ ସମ୍ପୃକ୍ତ ନୁହେଁ । ତା'ର ଭୂମିକା ହେଲା ସଠିକ ଠିକଣାରେ ଚିଠି ପହଞ୍ଚାଇ ଦେବା । ଭଗବାନ ତାହା ହିଁ କରିଥାନ୍ତି ।

ପୂର୍ବରୁ ଫିଙ୍ଗି ଦେଇଥିବା ଖାଦ୍ୟ ଗୋଟାଉଛନ୍ତି

ଥରେ ଭଗବାନ ବାବାଙ୍କ ସହିତ ସ୍ୱାମୀ କାରୁଣ୍ୟାନନ୍ଦ ମୁମ୍ବଇର ଧର୍ମକ୍ଷେତ୍ର ଯାଇଥିଲେ । ସ୍ୱାମୀ ଘରର ଉପର ମହଲାରେ ରହିଲେ ଏବଂ ଠିକ୍ ସ୍ୱାମୀଙ୍କ କକ୍ଷର ତଳ କକ୍ଷରେ କାରୁଣ୍ୟାନନ୍ଦଙ୍କ ରହିବା ବ୍ୟବସ୍ଥା କରାଯାଇଥିଲା । ମୁମ୍ବଇର ପ୍ରଖ୍ୟାତ ବ୍ୟକ୍ତିମାନେ ସ୍ୱାମୀଙ୍କୁ ସାକ୍ଷାତ କରିବା ପାଇଁ ଆସୁଥିଲେ । ସେମାନେ ବ୍ୟବହାର କରୁଥିବା ସିଡ଼ିଟି ତଳ ମହଲା ସହ ସଂଯୁକ୍ତ ହୋଇଥିଲା ଏବଂ ତାଙ୍କ ସାଧନାରେ ବ୍ୟାଘାତ ନ ଘଟିବା ପାଇଁ ସେ ତାଙ୍କ କକ୍ଷର କବାଟକୁ ଭିତରୁ ବନ୍ଦ କରି ଦେଇଥିଲେ । ସେ ଘରର ଝରକା ବାଟେ ବାହାରକୁ ଚାହିଁ ଯାହା ଦେଖିଲେ ସେଥିରେ ଅତି ବ୍ୟଥିତ ହୋଇପଡ଼ିଲେ । ସେ ଘରର ପାଚେରୀ ବାହାରେ କେତେକ ପିଲା ଅଇଁଠା ପତ୍ରରେ ଲାଗିଥିବା ଖାଦ୍ୟ ନେବା ପାଇଁ ରାସ୍ତାର ବୁଲା କୁକୁରମାନଙ୍କ ସଙ୍ଗେ ଝଗଡ଼ା କରୁଥାନ୍ତି । ଏ ଦୃଶ୍ୟ ତାଙ୍କୁ ଯେତିକି ଆଶ୍ଚର୍ଯ୍ୟ କଲା, ସେତିକି ବ୍ୟଥିତ କଲା ମଧ୍ୟ । ସେ ଭାବିଲେ ଏ ସମୟରେ ଭଗବାନ ନିଜେ ଅବତାର ଗ୍ରହଣ କରି ରକ୍ତମାଂସ ଶରୀର ଧାରଣ କରି ମଣିଷମାନଙ୍କ ମଧ୍ୟରେ ଚଳପ୍ରଚଳ ହେଉଛନ୍ତି । ସର୍ବୋପରି ଆଜି ଏହି ଅଟ୍ଟାଳିକାରେ ସେ ଉପବେଶନ କରିଛନ୍ତି । ଏଭଳି ପରିସ୍ଥିତିରେ ଏହା ମଣିଷର ଦୁର୍ଭାଗ୍ୟ ନୁହେଁ ତ ଆଉ କ'ଣ, ତାକୁ ରାସ୍ତାର ବୁଲା କୁକୁରଙ୍କ ମୁହଁରୁ ପରିତ୍ୟକ୍ତ ଖାଦ୍ୟ ପାଇବା ପାଇଁ ସଂଗ୍ରାମ କରିବାକୁ ପଡୁଛି ? ତାଙ୍କ ମନରେ ଏହି ଭାବନା ସୃଷ୍ଟି ହେବା ମାତ୍ରକେ ତାଙ୍କ କାନ୍ଧ ଉପରେ କାହାର କରସ୍ପର୍ଶ ସେ ଅନୁଭବ କରି ପଛକୁ ଚାହିଁ ଦେଖିଲେ ଭଗବାନ ବାବା ତାଙ୍କ ଆଡ଼କୁ ଚାହିଁ ହସୁଛନ୍ତି ।

କାରୁଣ୍ୟାନନ୍ଦ ବିଚଳିତ ହୋଇପଡ଼ିଲେ ଏବଂ କିଛି ସମୟ ପରେ ପଚାରିଲେ, "ସ୍ୱାମୀ, ମୁଁ ଏ ଘରର କବାଟ ଭିତରୁ ବନ୍ଦ କରି ଦେଇଥିଲି, ଆପଣ ଆସିଲେ କିପରି ?" ସ୍ୱାମୀ କହିଲେ, "ମୁଁ ଯଦି ଆସିବାକୁ ଚାହିଁବି, ଜଞ୍ଜିର ବା ତାଲା ମୋ ପଥ ଅବରୋଧ କରିପାରିବେ ? ଆସ, ଖାଇବାକୁ ଯିବା ।" କାରୁଣ୍ୟାନନ୍ଦଙ୍କ ମନରେ ଯାହା ବ୍ୟଥା ସୃଷ୍ଟି କରୁଥିଲା ସେ ତାହା ସ୍ୱାମୀଙ୍କୁ ପଚାରିଲେ, "ସ୍ୱାମୀ, ମୁଁ ଗୋଟିଏ ସନ୍ଦେହରେ ପଡ଼ିଯାଇଛି । ଆପଣ ସାକ୍ଷାତ ଅବତାର ପୁରୁଷ ଓ ଏହି ମୁହୂର୍ତ୍ତରେ ଏହି ସ୍ଥାନରେ ସଶରୀରେ ଉପସ୍ଥିତ ଅଛନ୍ତି । ପାଚେରୀ ଆରପଟକୁ ଚାହିଁ ଦେଖନ୍ତୁ, ମଣିଷ ପିଲା କୁକୁରମାନଙ୍କ ସଙ୍ଗେ ଲଢ଼େଇ କରି ଅଳିଆ ଗଦା ଭିତରୁ ପରିତ୍ୟକ୍ତ ଖାଦ୍ୟଖଣ୍ଡମାନ ପାଇବା ପାଇଁ କ'ଣ ହେଉଛନ୍ତି ? ଏ କି କଥା ସ୍ୱାମୀ ?" ଧୀର ଭାବରେ ସ୍ୱାମୀ ବୁଝାଇଦେଲେ, "ସେମାନେ ତାଙ୍କ ପୂର୍ବ ଜନ୍ମରେ ଆରାମପ୍ରଦ, ବିଳାସୀ ଜୀବନ ଯାପନ କରୁଥିଲେ । ସେତେବେଳେ ତାଙ୍କ ଭୋଜନ ଟେବୁଲ୍ ଉପରେ ସବୁ ପ୍ରକାର ରାଜକୀୟ

ଖାଦ୍ୟମାନ ପରିବେଷଣ କରାଯାଉଥିଲା । ସେମାନେ ଏଥିରୁ କିଛି ତ ସେଥିରୁ କିଛି ଚାଖି ଦେଇ ଅବଶିଷ୍ଟ ଅଧିକାଂଶ ଖାଦ୍ୟ ଫୋପାଡ଼ି ଦେଉଥିଲେ । ଯେତିକି ଖାଉଥିଲେ ତା'ଠାରୁ ଅଧିକ ନଷ୍ଟ କରୁଥିଲେ । ଏତେ ମୂଲ୍ୟବାନ ଖାଦ୍ୟର ଏଭଳି ଅପବ୍ୟୟ ? ସେମାନେ ପୂର୍ବ ଜନ୍ମରେ ବେଖାତିର କରି ଅଳିଆ ଗଦାକୁ ଫୋପାଡ଼ି ଦେଇଥିବା ଖାଦ୍ୟକୁ ଏ ଜନ୍ମରେ ପୁନର୍ବାର ଅଳିଆ ଗଦାରୁ ଗୋଟାଉଛନ୍ତି ।''

ଶ୍ରୀ ସତ୍ୟସାଇ ସଙ୍ଗଠନର ବିଶ୍ୱ ସମ୍ମିଳନୀ ଅବସରରେ ପ୍ରଶାନ୍ତି ନିଳୟମ୍‌ରେ ସ୍ୱାମୀ କାରୁଣ୍ୟାନନ୍ଦ ବକ୍ତୃତା ଦେଉଥିଲେ । ସ୍ୱାମୀ ମଧ୍ୟ ମଞ୍ଚ ଉପରେ ଉପସ୍ଥିତ ଥିଲେ । କାରୁଣ୍ୟାନନ୍ଦ ତାଙ୍କ ବକ୍ତୃତା ମାଧ୍ୟମରେ ଏ ଘଟଣା ବର୍ଣ୍ଣନା କରି ସମସ୍ତ ଶ୍ରୋତାଙ୍କ ଭିତରେ ବିସ୍ମୟ ସୃଷ୍ଟି କରିଦେଇଥିଲେ ।

କାରୁଣ୍ୟାନନ୍ଦଙ୍କ ଭାଷଣ ପରେ ଭଗବାନ ବାବା ତାହାକୁ ସ୍ପଷ୍ଟତର କରିଦେଇ କହିଲେ, ଗୋଟିଏ ବୃକ୍ଷର ଶାଖାରେ ଦୁଇଟି ପକ୍ଷୀ ବସିଛନ୍ତି । ଗୋଟିଏ ପକ୍ଷୀ ବୃକ୍ଷରେ ଥିବା ଫଳକୁ ଖାଉଛି, ଅନ୍ୟ ପକ୍ଷୀଟି କେବଳ ସାକ୍ଷୀ ରୂପେ ସବୁ ଦେଖୁଛି । ଏହା ଗୋଟିଏ ଉପନିଷଦ୍‌ର କଥା । ଏହାର ଅନ୍ତରାର୍ଥ ହେଉଛି, ଏ ଦେହ ଏକ ବୃକ୍ଷ । ତାହାର ଫଳ ହେଉଛି ସାଂସାରିକ ସୁଖ ବା ଦୁଃଖ । ଫଳ ଖାଉଥିବା ପକ୍ଷୀ ହେଉଛି ଆତ୍ମା, ସାକ୍ଷୀ ଭାବେ ସବୁ ଦେଖୁଥିବା ପକ୍ଷୀ ହେଉଛି ପରମାତ୍ମା । ପକ୍ଷୀ ଦୁଇଟି ଦୁଇଟି ପକ୍ଷୀ ଭଳି ଜଣାପଡୁଥିଲେ ମଧ୍ୟ ପ୍ରକୃତରେ ଗୋଟିଏ । ମଣିଷର ସାରତତ୍ତ୍ୱ ହେଉଛି ପରମତତ୍ତ୍ୱର ପ୍ରତିବିମ୍ବ । ବାବାଙ୍କ ନିଜ ଭାଷାରେ ତାହା ହେଉଛି – ପରମ ଆତ୍ମାଙ୍କର ଆଭାସ ରୂପ, ତାହା ହିଁ ଜୀବାତ୍ମା । ସୁଖ-ଦୁଃଖ ଭୋଗ କରିବା କେବଳ ଜୀବାତ୍ମାର । ସେଗୁଡ଼ିକ ପରମାତ୍ମାଙ୍କୁ ସ୍ପର୍ଶ କରିପାରନ୍ତି ନାହିଁ । ପରମାତ୍ମା କେବଳ ସାକ୍ଷୀ ପୁରୁଷ । ଭଗବାନଙ୍କ ଏହି ବ୍ୟାଖ୍ୟା, ଉପନିଷଦ୍ ବୃକ୍ଷର ଦୁଇଟି ପକ୍ଷୀ ଉପାଖ୍ୟାନର ଅନ୍ତରାର୍ଥ ଦର୍ଶାଉଥିବା ଏକ ସୁନ୍ଦର ବର୍ଣ୍ଣନା ।

ଦୟାସାଗର

ପୂର୍ବରୁ ବର୍ଣ୍ଣନା କରାଯାଇଛି, ପୂର୍ବ ଜନ୍ମର କର୍ମଫଳ ପ୍ରାୟଶ୍ଚିତ୍ତ ବା ପୁରସ୍କାର ପ୍ରଦାନ କରେ । ଏସବୁ ସତ୍ତ୍ୱେ ଯଦି ଭଗବାନ ଦୟା ବା କୃପା ବର୍ଷା କରନ୍ତି କିମ୍ବା ଇଚ୍ଛା କରନ୍ତି, ସେତେବେଳେ ତାହାର ଆଉ ସୀମା ରହେ ନାହିଁ । ଏହା ଏଭଳି ସ୍ୱତଃପ୍ରବୃତ୍ତ ହୋଇ ଝରେ ଯେ ତାହାର କାରଣ ଖୋଜିଲେ ମିଳେ ନାହିଁ । ଏ ସଂକ୍ରାନ୍ତରେ ୧୯୯୬ ଜୁଲାଇ ୪ ତାରିଖ ଘଟଣା ବର୍ଣ୍ଣନା କରିବା ଅପ୍ରାସଙ୍ଗିକ ହେବ ନାହିଁ, ତାହା ଏକ ହୃଦୟସ୍ପର୍ଶୀ ଘଟଣା ।

ସ୍ୱାମୀ ସମ୍ଭାଷଣ ଛଳରେ କହିଲେ, 'ଏଠାରେ ଯେଉଁ ପିଲାଟି କହିଲା, ସେ ହିମାଚଳ ପ୍ରଦେଶର ଶିମଳାର । ତାହାର କନିଷ୍ଠ ଭ୍ରାତା ମଧ୍ୟ ଏଠାକାର ପ୍ରାଥମିକ ବିଦ୍ୟାଳୟରେ ପଢ଼େ । ଆଜି କି ଦଶବର୍ଷ ତଳର କଥା । ମୁଁ ବୃନ୍ଦାବନରେ ଥାଏ । ଏହାର ମାଆକୁ ଷ୍ଟ୍ରେଚର୍‌ରେ ପକାଇ ହିମାଚଳ ପ୍ରଦେଶରୁ ଏଠାକୁ ଅଣାଯାଇଥିଲା । ମୁଁ ବାଳକ

ଦୁହିଁଙ୍କ ପିଠିରେ ମୋ ହାତ ପକାଇ ମୋ ଆଡ଼କୁ ଆଣିଲି ଏବଂ ସେ ମାଆଟିକୁ କହିଲି, ଏମାନେ ମୋ ପିଲା, ତୁ ତାଙ୍କ ବିଷୟରେ ଆଉ ବ୍ୟସ୍ତ ହେବା ଦରକାର ନାହିଁ । ସେ ମଧ୍ୟ ସ୍ୱାମୀଙ୍କୁ କହିଲା, ସାଇ ମାଆ, ମୁଁ ମୋର ପିଲା ଦୁଇଟିଙ୍କୁ ଆପଣଙ୍କୁ ଟେକିଦେଲି । ଏହା କହି ସେ ଶେଷ ନିଃଶ୍ୱାସ ତ୍ୟାଗ କଲା । ମୁଁ ବାଳକ ଦ୍ୱୟଙ୍କୁ ଆଣି ପ୍ରାଥମିକ ବିଦ୍ୟାଳୟରେ ପଢ଼ାଇଲି । ସେହିଦିନଠାରୁ ଏ ପର୍ଯ୍ୟନ୍ତ ସେମାନେ କେବେ ଦିନେ ବୁନ୍ଦାଏ ବି ଲୁହ ଝରାଇନାହାନ୍ତି । ମାଆ ତ ଚାଲିଗଲା, ବାପା ଆସନ୍ତି, କିନ୍ତୁ ଖୁବ୍ କମ୍ । ପିଲାମାନଙ୍କୁ ସ୍ୱାମୀଙ୍କ ଦାୟିତ୍ୱରେ ଛାଡ଼ି ଦିଆଯାଇଥିଲା ଏବଂ ସ୍ୱାମୀ ନିଜେ ସେମାନଙ୍କ କଥା ବୁଝନ୍ତି । ଏହାକୁ କହନ୍ତି ଶରଣାଗତି । ମୁଁ ପ୍ରତ୍ୟହ ସକାଳ ସନ୍ଧ୍ୟା ସେମାନଙ୍କର ଭଲମନ୍ଦ ବୁଝେ, ସେମାନେ କ୍ଷଣକ ପାଇଁ ତାଙ୍କ ମାତୃବିୟୋଗର ଦୁଃଖ ଅନୁଭବ କରିନାହାନ୍ତି ।

'ଦିନେ ହଷ୍ଟେଲ୍ ଦାୟିତ୍ୱରେ ଥିବା ମହିଳା ସାନ ପୁଅଟିକୁ ଆଣି କହିଲା, ସେ ତା ମାଆକୁ ମନେ ପକାଇ କାନ୍ଦୁଛି, ଖାଇବାକୁ ମନା କରୁଛି । ସେତେବେଳେ ସେ ପାଞ୍ଚବର୍ଷର ହୋଇଥାଏ । ମୁଁ ତାକୁ ସାକ୍ଷାତକାର କକ୍ଷକୁ ନେଇ ତା' ଆଙ୍ଗୁଠିରେ ଗୋଟିଏ ମୁଦି ପିନ୍ଧାଇଦେଲି । ସେହି ମୁହୂର୍ତ୍ତରୁ ସେ ତା' ଦୁଃଖ ଭୁଲିଗଲା, ଖୁସି ରହିଲା ଏବଂ ଆଜି ପର୍ଯ୍ୟନ୍ତ ମଧ୍ୟ ହସ ଖୁସିରେ ଖେଳି ଚଲୁଛି । ଶିଶୁମାନଙ୍କ ହୃଦୟ ଅତି ପବିତ୍ର ତଥା ସ୍ଫଟିକ ଭଳି ସ୍ୱଚ୍ଛ । ପ୍ରେମ ଅନ୍ୟମାନଙ୍କ ଭିତରେ କି ଶକ୍ତି ଓ ଉତ୍ସାହ ଦେଇପାରେ ଏଥିରୁ ଜଣାପଡୁଛି ।

'ଏ ସ୍ଥାନ ଭିନ୍ନ ଅନ୍ୟ କୌଣସିଠାରେ ଏ ପିଲାମାନେ ଏତେ ସନ୍ତୁଷ୍ଟ ଓ ଖୁସିରେ ରହିପାରିଥା'ନ୍ତେ ? ସେମାନେ ସ୍ୱାମୀଙ୍କ ପାଖରେ ଅଛନ୍ତି ବୋଲି ଏତେ ଭଲରେ ଅଛନ୍ତି । ସ୍ୱାମୀଙ୍କ ପ୍ରେମ ଗୋଟିଏ ମାଆର ପ୍ରେମ ସହ ସମାନ ନୁହେଁ, ସହସ୍ର ମାତାର ପ୍ରେମ ସହ ସମାନ । ମୁଁ ପ୍ରତ୍ୟେକ କଥା ବିଶଦ ଭାବେ ବୁଝୁଥାଏ । ଅସମର୍ଥ ଲୋକ ଏହା ବୁଝି ନପାରି ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତି ଏବଂ କହନ୍ତି ସ୍ୱାମୀ ମୋ ଆଡ଼କୁ ଚାହିଁଲେ ନାହିଁ । ମୋତେ କଥା କହିଲେ ନାହିଁ, ମୋ କାନ୍ଧରେ ଥିବା ଅସଂଖ୍ୟ ଦାୟିତ୍ୱ ସତ୍ତ୍ୱେ ମୁଁ ପ୍ରତ୍ୟେକଟି ପିଲାଙ୍କ ଭଲମନ୍ଦ ବୁଝିବା ପାଇଁ ସମୟ କାଢ଼ିପାରୁଛି । ପୂର୍ବରୁ ଯେଉଁ ପିଲାକୁ ତମେମାନେ ଶୁଣିଲ, ସେ କହିଲା, ମୁଁ ଗୋଟିଏ ମାଆକୁ ହରାଇଲି ସିନା କିନ୍ତୁ ଏଠାରେ ସହସ୍ର ମାତାର ପ୍ରେମ ଲାଭ କରୁଛି । ସେ ମଧ୍ୟ ତାହାର ବକ୍ତୃତା ଆରମ୍ଭରେ ସମ୍ବୋଧନ କରୁଥିଲା, ''ସ୍ୱାମୀ, ମୋ ମାଆ ।'' ଏହି ଦୃଢ଼ ବିଶ୍ୱାସ ସେମାନଙ୍କୁ ରକ୍ଷା କରୁଛି ଏବଂ ଜୀବନରେ ସଫଳତା ହାସଲ କରିବା ପାଇଁ ଆଶିଷ ଯୋଗାଉଛି ।'

ନାମସ୍ମରଣ ଓ ରୂପଧ୍ୟାନ

ବିଗତ ଆଠ ବର୍ଷ ଧରି ଜଣେ ବିଦେଶାଗତ ବ୍ୟକ୍ତି ଚକଲଗା ଚୌକି ବ୍ୟବହାର କରୁଛନ୍ତି, କାରଣ ତାଙ୍କ ଗୋଡ଼ ବ୍ୟବହାର ହେବା ଅବସ୍ଥାରେ ନାହିଁ । ଏହା ସତ୍ତ୍ୱେ ସେ ସାହସୀ ବ୍ୟକ୍ତିଙ୍କ ମୁହଁରେ ସଦାବେଳେ ହସ ଲାଗି ରହିଥାଏ । ତାଙ୍କ ଗୋଡ଼ର ଏ ଅବସ୍ଥା

ହେବା ପୂର୍ବରୁ ସେ ଭଲ ଭାବେ ବ୍ୟାୟାମ କରିପାରୁଥିଲେ ଓ କ୍ରୀଡ଼ା ଉତ୍ସବମାନଙ୍କରେ ଭାଗ ନେଇପାରୁଥିଲେ । କିନ୍ତୁ ଭାଗ୍ୟଦୋଷରୁ ସେ ଆଜି ଚକଲଗା ଚୌକି ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି । ଥରେ ତାଙ୍କ ନିଜ ଦେଶର କେତେକ ଲୋକ ଆସି ଦର୍ଶନ ଆଶାରେ ବସିଥାନ୍ତି । ସ୍ୱାମୀ ସେମାନଙ୍କୁ ସାକ୍ଷାତ୍‌କାର କକ୍ଷକୁ ଡାକିଲେ । ଚକଲଗା ଚୌକିରେ ବସୁଥିବାରୁ ଏ ଜଣକ ତାଙ୍କ ଦେଶ ଲୋକଙ୍କ ସହିତ ସାକ୍ଷାତ୍‌କାର କକ୍ଷକୁ ଯାଇ ପାରିଲେ ନାହିଁ । ଅନ୍ୟ ସମସ୍ତେ ଯାଇ ସାକ୍ଷାତକାର କକ୍ଷରେ ପହଞ୍ଚି ଯାଇଥାନ୍ତି । ସ୍ୱାମୀ ତ କାହିଁକି ତାଙ୍କୁ ଡାକୁନାହାନ୍ତି । ସେ ବିକଳ ହୋଇ ସ୍ୱାମୀଙ୍କ ଆଡ଼କୁ ଚାହୁଁଥାନ୍ତି । ଇତ୍ୟବସରରେ ସ୍ୱାମୀ ତାଙ୍କ ବସିବା ସ୍ଥାନଠାରୁ ସାମାନ୍ୟ ଆଗକୁ ଚାଲି ଯାଇଥାନ୍ତି । ହଠାତ୍ ପଛକୁ ବୁଲିପଡ଼ି ତାଙ୍କୁ କହିଲେ, ‘‘ତୁ ମଧ୍ୟ ଭିତରକୁ ଯାଆ ।’’ ସେ ଶିହରି ଉଠିଲେ ଏବଂ ଚୌକିର ଚକକୁ ଗଡ଼ାଇବାକୁ ଆରମ୍ଭ କଲେ । କରୁଣା ସାଗର ଭଗବାନ ବାବାଙ୍କ ତୁଣ୍ଡରୁ ଆଦେଶ ଛଳରେ କୃପା ଝରିପଡ଼ିଲା ‘‘ସେଥିରେ ନୁହେଁ, ଉଠ୍, ଚାଲିକରି ଯାଆ ।’’ ଏ କଥାରେ ବିଚରାକୁ ଆଘାତ ଲାଗିଲା । ସେ ରହିଗଲା, ବହୁ କଷ୍ଟକରି ଚୌକିରୁ ଉଠିବାକୁ ଚେଷ୍ଟା କଲା, ବହୁ ପରିଶ୍ରମ କରି ଚୌକିରୁ ନିଜକୁ ମୁକ୍ତ କଲା, ଦଣ୍ଡେ ରହିଗଲା, ପୁନର୍ବାର ଶକ୍ତି ସଞ୍ଚୟ କଲା । ଭାଙ୍ଗିପଡ଼ିଲା ସେ, ଦଣ୍ଡାୟମାନ ହେବାର ସାମର୍ଥ୍ୟ ନଥିବାରୁ, କୋହ ସମ୍ବରଣ କରିନପାରିବାରୁ, ଅନନ୍ୟୋପାୟ ହୋଇ ସେ ନିଜକୁ ଭଗବାନଙ୍କ ପାଦପଦ୍ମ ଉପରକୁ ପକାଇ ଦେଲା । ଆଠ ବର୍ଷର ତପ ଓ କଷ୍ଟ ଭୋଗ, ବିଜୟ ମୁକୁଟରେ ମଣ୍ଡିତ ହୋଇଗଲା ।

ପ୍ରାୟଶ୍ଚିତ୍ତରୁ ମୁକ୍ତି

ସ୍ୱାମୀ କହନ୍ତି, ତୁମେ ଭାବୁଥାଇ ପାର ଯେ ଜଣକୁ ତା’ର ବିଗତ ଜନ୍ମର କୁକର୍ମର ଫଳ ଭୋଗ କରିବାକୁ ପଡ଼ିବ, ଭଗବାନଙ୍କ ଦୟା ମଧ୍ୟ ସେ କଷ୍ଟକୁ ଲାଘବ କରିପାରିବ ନାହିଁ । ମୁଁ ତୁମକୁ ଜବାବ ଦେଉଛି, ତୁମକୁ ତୁମ ପୂର୍ବ କର୍ମର ପରିଣାମ ଭୋଗ କରିବାକୁ ପଡ଼ିବ ନାହିଁ । ସେଥିପାଇଁ ତ ତାଙ୍କୁ ପୂଜା କରି କୁହାଯାଏ ‘‘ସର୍ବ ପାପକ୍ଷୟକରାୟ ନମଃ ।’’

ତାହା ପ୍ରକୃତରେ ସତ୍ୟ । ପୁଟ୍ଟପର୍ତ୍ତିରେ ସମବେତ ହୋଇ ବାବାଙ୍କ ଦର୍ଶନ ପାଇଁ ପ୍ରତୀକ୍ଷା କରି ବସିରହିଛନ୍ତି ଅନେକ ରୋଗାକ୍ରାନ୍ତ ବ୍ୟକ୍ତି । ସେମାନେ ନିଜକୁ ସଂପୂର୍ଣ୍ଣ ଭାବେ ସ୍ୱାମୀଙ୍କ ପଦପ୍ରାନ୍ତରେ ସମର୍ପି ଦେଇଛନ୍ତି । ନିଜର ସମସ୍ତ ଦାୟିତ୍ୱ ସ୍ୱାମୀଙ୍କ ଉପରେ ନ୍ୟସ୍ତ କରିଦେଇ ସେମାନେ ରୋଗ ଭୋଗିଲା ପରି ଜଣାପଡୁ ନାହାନ୍ତି । ଅନ୍ୟ କୌଣସିଠାରେ ଥିଲେ ତାଙ୍କ ରୋଗକଷ୍ଟ ତାଙ୍କୁ ହଇରାଣ କରିସାରନ୍ତାଣି । ସେମାନେ ନର୍କଦଣ୍ଡ ଭୋଗୁଥାନ୍ତେ । ଏଠାରେ ସ୍ୱାମୀଙ୍କ ଦର୍ଶନର ପରମ ସୁଖ ଆଶାରେ ବସିଥିବାରୁ ତାଙ୍କୁ କିଛି ବାଧୁନାହିଁ । ଆଶାର ଆନନ୍ଦରେ ସେମାନେ ହଜିଯାଉଛନ୍ତି । ଦର୍ଶନ ପାଉଥିବା

ସମୟରେ ସେମାନେ ନୈସର୍ଗିକ ଆନନ୍ଦ ଭିତରକୁ ଟାଣି ହୋଇଯାଉଛନ୍ତି । ସେମାନେ ନିଜକୁ ଭୁଲିଯାଆନ୍ତି, ନିଜର ଯନ୍ତ୍ରଣା ଓ କଷ୍ଟ ସବୁ ଭୁଲିଯାଆନ୍ତି । ଦର୍ଶନ ଶେଷ ହୋଇଗଲା ପରେ ସେମାନେ ଦର୍ଶନାନନ୍ଦ ଅନୁଭୂତିକୁ ମନେପକାଇ ସେହି ସ୍ମୃତିକୁ ଆଉ କିଛି ସମୟ ପାଇଁ ଉପଭୋଗ କରନ୍ତି । ସେମାନେ ସ୍ୱାମୀଙ୍କ ରୂପକୁ ଧ୍ୟାନ କରନ୍ତି । ସ୍ୱାମୀଙ୍କ ଅଲୌକିକ ଲୀଳା, ସ୍ୱାମୀଙ୍କ ଅମୃତବାଣୀ ଓ ସ୍ୱାମୀଙ୍କ କାର୍ଯ୍ୟକଳାପର ଚମତ୍କାରିତା ବିଷୟ ମନେପକାଇ, ଅନ୍ୟମାନଙ୍କ ସହ କଥାବାର୍ତ୍ତା ହୋଇ ସମୟ ବିତାଇଦିଅନ୍ତି । ପୁଣି ଆରମ୍ଭ ହୋଇଯାଏ ପ୍ରତୀକ୍ଷା ଆସନ୍ତାକାଲିର ଦର୍ଶନ ପାଇଁ । ନୂତନ ଆଶା, ନୂତନ ସମ୍ଭାବନା, ନୂତନ ପରିକଳ୍ପନା ଓ ନୂତନ ମାନସିକ ଅଭିବ୍ୟକ୍ତି ନେଇ ତାଙ୍କୁ ପ୍ରଶାନ୍ତି ନିଳୟମ୍‌ରେ ସମୟର ବେଗ ଜଣାପଡ଼େ ନାହିଁ । ପ୍ରାୟଶ୍ଚିତ୍ତର କ୍ଷୋଭକୁ ମନେପକାଇବା ପାଇଁ ସମୟ ନଥାଏ । ରୋଗୀକୁ ନିଶ୍ଚେତକ ଦେଲା ପରେ ସେ ଯେପରି କଷ୍ଟ ଜାଣିପାରେ ନାହିଁ, ସେହିପରି ଭାବରେ ଏଠାରେ ଆଶ୍ରିତମାନଙ୍କୁ କଷ୍ଟ ଓ ଯନ୍ତ୍ରଣା ଭୋଗଠାରୁ ଅଲଗା କରି ରକ୍ଷାକବଚ ଭିତରେ ରଖିଦିଆଯାଇଥାଏ । ପ୍ରାୟଶ୍ଚିତ୍ତର ଦୁଃଖ ଅତି ଶୀଘ୍ର ନିଜ ଅଜାଣତରେ ଲିଭିଯାଏ ଶ୍ରବଣ, ମନନ, ଚିନ୍ତନ, ଦର୍ଶନ ଓ ସ୍ପର୍ଶନ ମାଧ୍ୟମରେ । ଅନ୍ୟ ଭାଷାରେ କହିଲେ ନିଜ ଦେହ, ମନ ଓ ଆତ୍ମାକୁ ସ୍ୱାମୀ ତଥା ତାଙ୍କ ଦିବ୍ୟ ମହିମାଦ୍ୱାରା ଉଦ୍‌ବେଳିତ କରି ସାଂସାରିକ କଷ୍ଟକୁ ଭୁଲିବା ସହଜ ହୁଏ ।

ଭୌତିକ ଦୃଷ୍ଟିରୁ ହେଉ ବା ଉପମା ଦୃଷ୍ଟିରୁ ହେଉ, ପ୍ରଶାନ୍ତିନିଳୟମ୍ ଭିତରେ ପ୍ରବେଶ ''ପରିହାର'' ବ୍ୟତୀତ ଆଉ କିଛି ନୁହେଁ । ପରିହାର ଅର୍ଥ ସମସ୍ତ ପ୍ରକାର ଦୁଃଖରୁ ମୁକ୍ତି ଓ ସମସ୍ତ ପ୍ରକାର ବ୍ୟାଧିରୁ ବିମୁକ୍ତି ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ
ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ପଞ୍ଚଦଶ ଅଧ୍ୟାୟ ସଂପୂର୍ଣ୍ଣ

ଷୋଡ଼ଶ ଅଧ୍ୟାୟ

ନାମସ୍ମରଣର ତାତ୍ପର୍ଯ୍ୟ

ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍
କଲୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା ।

କଳି ଯୁଗରେ ଭଗବାନଙ୍କ ନାମସ୍ମରଣ ହିଁ ମୁକ୍ତି ଲାଭ କରିବାର ଏକମାତ୍ର ପନ୍ଥା । ଭଗବତ୍ ନାମ ହିଁ ଆମକୁ କେବଳ ଉଦ୍ଧାର କରିବ । ବହୁ ବଡ଼ ବଡ଼ କାମ ଏହି ଦିବ୍ୟ ନାମ ଉଚ୍ଚାରଣ ଫଳରେ ହାସଲ କରାଯାଇପାରିବ ।

-ବାବା

ନାମସ୍ମରଣ ଅର୍ଥ ଭଗବାନଙ୍କ ନାମକୁ ମନେପକାଇବା ଓ ଘନ ଘନ ଉଚ୍ଚାରଣ କରିବା । ଭଗବାନଙ୍କ ପାଖରେ ପହଞ୍ଚିବା ପାଇଁ ଏହି ଆଧ୍ୟାତ୍ମିକ ଅଭ୍ୟାସକୁ ସାଧନା କୁହାଯାଇଥାଏ । ଏହା ଉପରେ ସ୍ୱାମୀ ଯେପରି ଗୁରୁତ୍ୱ ଦିଅନ୍ତି ତାହା ନିମ୍ନଲିଖିତ ଘଟଣାରୁ ଜଣାପଡ଼େ ।

ଜଣେ ଭକ୍ତ ପଚାରିଲା, ସ୍ୱାମୀ ଆମେ ଅନେକ ସମୟରେ ଶରଣାଗତି ବିଷୟରେ ଶୁଣୁ, ତାହାକୁ କିଭଳି ସାଧିହେବ ? ସ୍ୱାମୀ କୋମଳ କଣ୍ଠରେ କହିଲେ, "ବାବୁରେ, ଶରଣାଗତି ତୋର ସାଧ୍ୟାତୀତ, ସେଥିପାଇଁ କାହିଁକି ଚିନ୍ତିତ ହେଉଛୁ ? ନାମସ୍ମରଣ ଅଭ୍ୟାସ କର । ଭଗବାନ ତୋ ଇଙ୍ଗିତରେ ଓ ଡାକରାରେ ରହିବେ ।"

ସ୍ୱାମୀ ଥରେ ନାମସ୍ମରଣର ବିଶେଷ ତାତ୍ପର୍ଯ୍ୟ ବୁଝାଇଥିଲେ । ଏହା ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ସାଧନା ଅଟେ । ଜପ ଏହାର ଅନ୍ତର୍ଭୁକ୍ତ । ଏହା ଏକ ଅବ୍ୟର୍ଥ ଓ ଅଭ୍ରାନ୍ତ ତପସ୍ୟା । କୁଚେଲ ଏହି ନାମସ୍ମରଣ କରି କରି ଭଗବାନ ଶ୍ରୀକୃଷ୍ଣଙ୍କ କୃପାଲାଭ କରିଥିଲେ । ତୁମେ ଯେତେବେଳେ ନାମସ୍ମରଣ କରୁଛ ତାହାକୁ ଗଭୀର ପ୍ରେମ ଓ ଭକ୍ତିର ଉଷ୍ମତା ଦେଇ ଗାନ କର । ତାହା ତୁମକୁ ବହୁ ପରିମାଣରେ ଉପକାର ଦେବ । କଳିଯୁଗରେ ନାମସ୍ମରଣ ତୁମକୁ ମୋକ୍ଷ ପ୍ରଦାନ କରି ଜନ୍ମ, ମୃତ୍ୟୁର ଆବର୍ତ୍ତନରୁ ମୁକ୍ତ କରିଦେଇ ପାରିବ ।

ତୁମଠାରେ ଥିବା ମାନସିକ ଅସ୍ୱସ୍ତି, ଅଶାନ୍ତି ଓ ଅର୍ଥଲିପ୍ସା ଏବଂ ତୁମକୁ ଜର୍ଜରିତ କରୁଥିବା ତଥା ଅନ୍ୟାନ୍ୟ ରୋଗରୁ ଆରୋଗ୍ୟ ପ୍ରଦାନ କରିବା ପାଇଁ ନାମ ସ୍ମରଣ ହିଁ ଏକମାତ୍ର ଦିବ୍ୟ ଔଷଧ । ଏହା ତୁମକୁ ଶାନ୍ତି ଓ ସନ୍ତୋଷ ଦେଇପାରିବ ।

ଭଗବାନଙ୍କ ସହସ୍ରନାମ ମଧ୍ୟରୁ ଯେ କୌଣସି ନାମକୁ ତୁମେ ପସନ୍ଦ କରିପାର, କିମ୍ବା ଆଜିକାଲି ପୃଥିବୀର ବିଭିନ୍ନ ଧର୍ମରେ, ବିଭିନ୍ନ ଦେଶର ବିଭିନ୍ନ ଅଞ୍ଚଳରେ ବା

କୌଣସି ଶ୍ରେଣୀର ଭକ୍ତମାନଙ୍କ ମଧ୍ୟରେ ସାଧାରଣତଃ ବହୁଳ ଭାବେ ବ୍ୟବହୃତ ଯେ କୌଣସି ନାମକୁ ବାଛି ନେଇପାର । କୌଣସି ଏକ ନାମ ବାଛି ଦିନକୁ ଅନ୍ତତଃପକ୍ଷେ ପାଞ୍ଚ ମିନିଟ୍ ନାମସ୍ମରଣ କର । ଏହାକୁ ତୁମ ଦୈନିକ କାର୍ଯ୍ୟ ନିର୍ଘଣ୍ଟର ଅନ୍ତର୍ଭୁକ୍ତ କରିନିଅ । ଏହା ତୁମକୁ ଅଶେଷ ଉପକାର ଦେବ ।

ତୁଳସାମ୍ମା

ବହୁବର୍ଷ ପୂର୍ବେ ଜଣେ ଭକ୍ତ ତୁଳସାମ୍ମା ପ୍ରଶାନ୍ତିନିଳୟମ୍‌ରେ ବାସ କରୁଥିଲେ । ସେ ଦିନେ ଅଟୋରିକ୍‌ସାରେ ବସି ତାଙ୍କ ନିଜ ଗାଁକୁ ଯିବା ସମୟରେ ଗାଡ଼ିଟି ଏକ ନିର୍ଜନ ସ୍ଥାନରେ ଗୋଟିଏ ଗଛରେ ଧକ୍କା ବାଜି ଓଲଟି ପଡ଼ିଲା । ତାଙ୍କ ହାତ ମଣିବନ୍ଧ ଅତି ଗୁରୁତର ଭାବେ କ୍ଷତବିକ୍ଷତ ହୋଇଯାଇଥିଲା । ଅଟୋରିକ୍ସାରୁ ପଡ଼ିଲା ବେଳେ ସେ 'ସାଇରାମ' କହି ଚିତ୍କାର କରି ଉଠିଥିଲେ । ଦୁର୍ଘଟଣାର କିଛି ମିନିଟ୍ ମଧ୍ୟରେ ସେଠାରେ ଗୋଟିଏ କାର୍ ଆସି ପହଞ୍ଚିଲା ଏବଂ ତୁଳସାମ୍ମା ଓ ଅଟୋ ଡ୍ରାଇଭରଙ୍କୁ ନିଜ ଘରକୁ ଘେନିଗଲା । ତୁଳସାମ୍ମା ଜାଣି ଯାଇଥିଲେ ଯେ ତାଙ୍କ ମଣିବନ୍ଧର ଅବସ୍ଥା ଅତି ଗୁରୁତର । କିନ୍ତୁ ପରେ ଜାଣିଲେ ଯେ ଏହାଠାରୁ ଅଧିକ ବଡ଼ ବିପଦରୁ ସେ ଉଦ୍ଧାର ପାଇଛନ୍ତି ।

ପ୍ରଶ୍ନର ଉତ୍ତର ଦେଇ ଅଟୋ ଡ୍ରାଇଭର ଅତି ଆଶ୍ଚର୍ଯ୍ୟକର କଥାମାନ ପ୍ରକାଶ କଲା । ସେ ଏ ମହିଳା ଦେହରେ ମୂଲ୍ୟବାନ ସ୍ୱର୍ଣ୍ଣଅଳଙ୍କାର ପ୍ରଭୃତି ଦେଖି ସେସବୁ ଛଡ଼ାଇ ନେବାକୁ ମନେ ମନେ ପାଞ୍ଚିଥିଲା । ସେ ଜାଣିଶୁଣି ଗୋଟିଏ ନିର୍ଜନ ସ୍ଥାନରେ ନିଜ ଗାଡ଼ିଟିକୁ ଗଛରେ ଧକ୍କା ଲଗାଇଥିଲା । ସେ ଭାବିଥିଲା ଏ ସ୍ତ୍ରୀ ଲୋକଟି ଅଚେତ ହୋଇପଡ଼ିଲେ ସେ ଅଳଙ୍କାରମାନ ନେଇ ଚାଲିଯିବ । କିନ୍ତୁ ସେ ସେ ସମୟରେ 'ସାଇରାମ' ବୋଲି ଚିତ୍କାର କଲା । ଏହି ନାମଟି ଅଟୋ ଡ୍ରାଇଭର ମନରେ ଭାବାନ୍ତର ଆଣିଲା । ସେ ଭାବିଲା, ବିପଦରେ ପଡ଼ି ଯିଏ ଭଗବାନଙ୍କୁ ଡାକେ ସେ ନିଶ୍ଚୟ ଜଣେ ଧାର୍ମିକ ଓ ପବିତ୍ର ଲୋକ ହୋଇଥିବ, ତା'ଠାରୁ ଅଳଙ୍କାର ଛଡ଼ାଇ ନେବା ଠିକ୍ ହେବ ନାହିଁ । ଯେଉଁ ସ୍ଥାନରେ ସେ ଧକ୍କା କରିଥିଲା, ତାହା ଅତି ନିକାଞ୍ଚନ ଓ ନିର୍ଜନ ସ୍ଥାନ । କିନ୍ତୁ ଡ୍ରାଇଭରକୁ ଆଶ୍ଚର୍ଯ୍ୟ କରି ହଠାତ୍ ଗୋଟିଏ କାର୍ ସେଠାରେ ଆସି ଅଟକି ଗଲା ଏବଂ ତା'ର ଯୋଜନା ଭଣ୍ଡୁର ହୋଇଗଲା । ଏ ସବୁ ଘଟଣାରେ ଅଟୋ ଡ୍ରାଇଭର ବ୍ୟସ୍ତ ହୋଇପଡ଼ିଲା । ଏହା କ'ଣ ଭଗବାନଙ୍କ ହସ୍ତକ୍ଷେପ ନା କ'ଣ ? ଏହା ଭାବି ଡ୍ରାଇଭର ଆତଙ୍କିତ ହୋଇପଡ଼ିଲା ।

ଡ୍ରାଇଭର ତୁଳସାମ୍ମାଙ୍କ ଆଗରେ ଏ ସବୁ ସ୍ୱୀକାର କରି ଗଭୀର ଦୁଃଖ ପ୍ରକାଶ କଲା । ସେହିଦିନଠାରୁ ସେ ତାଙ୍କ ସହ ସୁସମ୍ପର୍କ ରକ୍ଷା କଲା । ବାରମ୍ବାର ତାଙ୍କ ପାଖକୁ ଆସି ତାଙ୍କ ଭଲମନ୍ଦ ପଚାରିବୁଝିଲା । ଧୀରେ ଧୀରେ ସେ ତାଙ୍କ ପାଇଁ ଜଣେ ଶୁଭାକାଂକ୍ଷୀ ବନ୍ଧୁ ପାଲଟିଗଲା । ନାମସ୍ମରଣର କ୍ଷମତା ଏଭଳି ।

ନାମ ସ୍ମରଣ ଅର୍ଥ ଭଗବାନଙ୍କୁ ଆବାହନ

ପେଦାବଙ୍କୁ ଭଗବାନ ସତ୍ୟସାଇ ବାବାଙ୍କର ବଡ଼ ଭକ୍ତ, ଯାହାଙ୍କ ବିଷୟରେ ପୂର୍ବରୁ ସୂଚନା ଦିଆଯାଇଛି । ସେ ବାବାଙ୍କୁ ବାରମ୍ବାର ପଚାରୁଥିଲେ, 'ସ୍ୱାମୀ ଧ୍ୟାନ କ'ଣ ଓ ତାହା କିପରି କରାଯାଏ ?' ସ୍ୱାମୀ ତାଙ୍କ ପ୍ରଶ୍ନକୁ ଏଡ଼ାଇଯାଇ କହନ୍ତି, 'ଧ୍ୟାନ ପାଇଁ ବ୍ୟସ୍ତ ହେବା ଦରକାର ନାହିଁ । ନାମସ୍ମରଣ କରୁଛ ତ ? ତାହା ହିଁ ଯଥେଷ୍ଟ ।' ଏହାର କିଛି ଦିନ ପରେ ସେ ଥରେ ସ୍ୱାମୀଙ୍କ ବାସଭବନ ସମ୍ମୁଖରେ ଥିବା ବୃକ୍ଷ ତଳେ ଶୋଇଥିଲେ । ସାମାନ୍ୟ ବର୍ଷା ହେବାରୁ ସେ ସେଠାରୁ ଉଠି ସ୍ୱାମୀଙ୍କ କୋଠରୀ ସମ୍ମୁଖସ୍ଥ ବାରଣ୍ଡାରେ ଶୋଇବା ପାଇଁ ଗଲେ ଏବଂ ଶଯ୍ୟା ବିଛାଉ ବିଛାଉ ଅଭ୍ୟାସବଶତଃ ତାଙ୍କ ପାଟିରୁ ''ଓଁ ଶ୍ରୀ ସାଇରାମ'' ବାହାରି ପଡୁଥାଏ । ସ୍ୱାମୀ ବାହାରକୁ ଆସି କହିଲେ, 'ହେ ଦୁଷ୍ଟ, ମୋତେ ଶୋଇବାକୁ ଦେବୁ ନାହିଁ ?' ପେଦାବଙ୍କୁ କହିଲେ, 'ସ୍ୱାମୀ ତୁମକୁ ଶୋଇବାକୁ କିଏ ମନାକଲା ?' ସ୍ୱାମୀ କହିଲେ, 'ତୁ ମୋତେ ଡାକି ପଠାଇଲୁ, ମୁଁ କିପରି ଶୋଇବାକୁ ଯିବି ?' ମହିଳା ତାଙ୍କୁ ବୁଝାଇ କହିଲେ,'ଓଁ ଶ୍ରୀ ସାଇରାମ ଶବ୍ଦ ଅଭ୍ୟାସବଶତଃ ମୁଁ ମନେ ମନେ ଉଚ୍ଚାରଣ କରୁଥିଲି, ଆପଣଙ୍କୁ ଡକାଇବା ଉଦ୍ଦେଶ୍ୟରେ କରୁ ନଥିଲି, ସ୍ୱାମୀ ।' ସ୍ୱାମୀ କହିଲେ, 'ତୋର ଏ ଜପ ମୋତେ ଡକାଇ ଆଣୁଛି । ନାମସ୍ମରଣ ଅର୍ଥ ଭଗବାନଙ୍କୁ ଡାକି ଆଣିବା ।'

ନାମସ୍ମରଣ ଅର୍ଥ ଭଗବାନଙ୍କୁ ଫୋନ୍ କରିବା

ଶ୍ରୀ କସ୍ତୁରୀଙ୍କ ପୁତ୍ର ଶ୍ରୀ ମୂର୍ତ୍ତି ଭୂତତ୍ତ୍ୱବିଜ୍ଞାନରେ ଗବେଷଣା କରୁଥିଲେ । ସେ ସଂକ୍ରାନ୍ତରେ ତାଙ୍କୁ ଆସାମର ପାର୍ବତ୍ୟାଞ୍ଚଳମାନଙ୍କରେ ବୁଲିବାକୁ ପଡୁଥିଲା । ଦିନେ ସେ ଏକାକୀ ଥିଲାବେଳେ ଗୋଟିଏ ବଣଭାଲୁ ତାଙ୍କୁ ଦେଖି ତାଙ୍କ ପାଖକୁ ଆଗେଇଲା । ଶ୍ରୀ ମୂର୍ତ୍ତି ଜୀବନ ବଞ୍ଚାଇବାକୁ ଦୌଡ଼ିଲେ, ବଣଭାଲୁ ମଧ୍ୟ ତାଙ୍କୁ ଗୋଡ଼ାଇଲା । ନିରାପତ୍ତା ପାଇଁ ପାହାଡ଼ିଆ ଭୂମି ଉପରେ ଦୌଡୁ ଦୌଡୁ ସେ ପଡ଼ିଗଲେ ଓ ବଡ଼ପାଟିରେ 'ବାବା, ବାବା' ଡାକିଥିଲେ । ହଠାତ୍ ଶୂନ୍ୟରୁ ଆସିଲା ଭଳି ଗୋଟିଏ ଟ୍ରକ୍ ସେଠାରେ ଆସି ପହଞ୍ଚିଲା ଏବଂ ଶ୍ରୀ ମୂର୍ତ୍ତି ତା' ଭିତରେ ପଶିଯାଇ ଭାଲୁ କବଳରୁ ରକ୍ଷା ପାଇଗଲେ । ଏ ଘଟଣାର କିଛି ମାସ ପରେ ସେ ପ୍ରଶାନ୍ତି ନିଲୟମ୍‌ରେ ପହଞ୍ଚିଲେ । ସ୍ୱାମୀ ତାଙ୍କୁ କହିଲେ, 'ତୋ ଫୋନ୍ ପାଇ ମୁଁ ଗୋଟିଏ ଟ୍ରକ୍ ପଠାଇଥିଲି, ସେଇଟି ଠିକ୍ ସମୟରେ ତୋ ପାଖରେ ପହଞ୍ଚିଥିଲା ତ ?'

ମାୟା ଭୟଙ୍କର କୁକୁର

ଭଗବାନ ବାବା ଥରେ ମାୟାର ଶକ୍ତିକୁ ଗୋଟିଏ ରୂପକ ଛଳରେ ବର୍ଣ୍ଣନା କରୁଥିଲେ । ସେ କହିଲେ, ଭଗବାନ ମାୟାର ମାଲିକ । ମାୟା ଏକ ଭୟଙ୍କର କୁକୁର ସଦୃଶ ଭଗବାନଙ୍କ ଅଟ୍ଟାଳିକା ସମ୍ମୁଖରେ ପ୍ରହରୀ ସାଜି ଦଣ୍ଡାୟମାନ ହୋଇଥାଏ ଏବଂ

ବାହାର ଲୋକଙ୍କୁ ଭିତରକୁ ଆସିବାକୁ ଦିଏ ନାହିଁ । ଯେଉଁମାନେ ଭଗବାନଙ୍କ ପାଖରେ ପହଞ୍ଚିବା ପାଇଁ ବ୍ୟଗ୍ର ତାଙ୍କ ପାଇଁ ଦୁଇଟି ଉପାୟ ଅଛି । ପ୍ରଥମଟି ହେଉଛି – ଭଗବାନଙ୍କ ରୂପ ପରିଗ୍ରହଣ କରିବା, ତା'ହେଲେ କୁକୁର କୌଣସି କ୍ଷତି କରିବ ନାହିଁ । ଏହାର ନାମ ସାରୂପ୍ୟ । କିନ୍ତୁ ଏଥିରେ ସାମାନ୍ୟ ତ୍ରୁଟି ରହିଲେ ହେବ ନାହିଁ, ଯଦି ରହେ ତେବେ କୁକୁର ତୁମକୁ ଆଉ ରଖିବ ନାହିଁ ।

ଦ୍ୱିତୀୟ ଉପାୟ ହେଉଛି ଉଚ୍ଚ ସ୍ୱରରେ ମାଲିକଙ୍କୁ ଡାକିବା । ସେ ତୁମ ଆହ୍ୱାନ ଶୁଣି ତୁମ ପାଖକୁ ଆସି ତାଙ୍କ ବାହୁବେଷ୍ଟନୀ ଭିତରେ, ଆଦର କରି ତୁମ ହାତକୁ ଧରି ଦୟାର ସ୍ରୋତ ବୁହାଇ ତୁମକୁ ଭିତରକୁ ଘେନିଯିବେ । ଏହା ''ସାମୀପ୍ୟ'', ଅର୍ଥାତ୍ ଭଗବାନଙ୍କ ଅତି ନିକଟରେ ରହିବା । ତୁମେ ମାଲିକଙ୍କ ପାଖରେ ଥିବାରୁ କୁକୁର କୌଣସି କ୍ଷତି କରିବ ନାହିଁ । ଭଗବାନଙ୍କ ପୋଷା କୁକୁର ହୋଇଥିବାରୁ ମାୟା ତାଙ୍କ କଥା ମାନେ । ତୁମକୁ ଭୟାତୁର କରୁ ବୋଲି ଭଗବାନ ନ ଚାହିଁଲେ ମାୟା ତୁମକୁ ସ୍ପର୍ଶ କରିବ ନାହିଁ, ଭୟ କ'ଣ ତୁମେ ଜାଣିପାରିବ ନାହିଁ ।

କେତେ ସୁନ୍ଦର ଓ ସରଳ ଉପାୟ ଭଗବାନ ଆମକୁ ପ୍ରଦାନ କରିଛନ୍ତି । ସେ ନିଜ ଇଚ୍ଛାରେ ଭକ୍ତ ପାଖରେ କିଭଳି ସମର୍ପିତ ହେବେ ତାହାର ଉପାୟ ସେ ନିଜେ ବତାଇଛନ୍ତି । ଦ୍ୱିତୀୟ ଉପାୟଟି କେଡ଼େ ସହଜ ? ଭକ୍ତ କେବଳ ମନ, ପ୍ରାଣ ଓ ଆତ୍ମାକୁ ଲଗାଇ ନିଜର ସମସ୍ତ ସତ୍ତାରେ ବ୍ୟାକୁଳତା ଭରି, ବେଦନାଭରା କଣ୍ଠରେ ଡାକିବାର ଅଛି । ଏହାକୁ କୁହାଯାଏ ନାମସ୍ମରଣ । ଲକ୍ଷ ଲକ୍ଷ ସାଇଭକ୍ତ ନିଜ ବ୍ୟକ୍ତିଗତ ଅନୁଭୂତିରୁ ଦେଖିଛନ୍ତି ଯେ ନାମସ୍ମରଣଦ୍ୱାରା ନିଜର ଅସୀମ କୃପା ଓ କରୁଣା ସହିତ ଭଗବାନ ଭକ୍ତ ସମ୍ମୁଖରେ ନିଜକୁ ଉପସ୍ଥିତ କରାଇଛନ୍ତି ।

ବାବା କହିଛନ୍ତି, ଯେ କୌଣସି ଦେବତାଙ୍କ ନାମକୁ ଅବିରାମ ସ୍ମରଣ କରିବା ଦ୍ୱାରା ଭକ୍ତ ଏପରି ଊର୍ଦ୍ଧ୍ୱଗତି ଲାଭ କରେ ଯେ ସେ ଦେବତାଙ୍କ ରୂପ ଭଳି ରୂପବାନ ହୋଇଯାଏ । ରାମଚନ୍ଦ୍ରଙ୍କ ବନବାସ ସମୟରେ ଭରତ ନନ୍ଦିଗ୍ରାମରେ ରହି ଅନବରତ ରାମନାମ ସ୍ମରଣ କରିବାର ଫଳସ୍ୱରୂପ ସେ ସମସ୍ତଙ୍କୁ ରାମଙ୍କ ଭଳି ଦେଖାଗଲେ । ଅନୁରୂପ ଘଟଣା ଘଟିଥିଲା ଶ୍ରୀ ମହାଭାରତର ଉଦ୍ଧବଙ୍କ କ୍ଷେତ୍ରରେ । ସେ ଅଖଣ୍ଡ ନାମ ସ୍ମରଣ କରି ଶ୍ରୀକୃଷ୍ଣଙ୍କ ରୂପ ଧାରଣ କରି ପାରିଥିଲେ ।

ନିଷ୍ଠାପର ପ୍ରାର୍ଥନା

ଯେତେବେଳେ ନାମସ୍ମରଣ କରୁଛ ତାହାକୁ ଭଗବାନଙ୍କୁ ପାଇବାର ବଳବତୀ ଇଚ୍ଛା ସହ କର, ତାଙ୍କ ପ୍ରତି ପ୍ରେମଭାବର ସହ କର ଓ ବେଦନା ଜ୍ଞାପନ କରିବା ସହ ନାମସ୍ମରଣ କର । ପ୍ରାର୍ଥନାର ଗଭୀରତାକୁ ଭଗବାନ ସବୁବେଳେ ଦେଖିଥାନ୍ତି । ଏକଥାକୁ ବୁଝାଇବାକୁ ଯାଇ ସେ ଗୋଟିଏ ସୁନ୍ଦର ଗଳ୍ପ ବ୍ୟାଖ୍ୟା କରିଥିଲେ ।

''ଆଦିଶଙ୍କରଙ୍କ ପିଲାବେଳ କଥା । ତାଙ୍କ ଘରେ ଦେବୀ ରାଜରାଜେଶ୍ୱରୀ ପୂଜା ପାଉଥିଲେ । ଶଙ୍କରଙ୍କ ପିତା ଘରେ ଦୈନିକ ପୂଜା କରୁଥିଲେ । ଦିନେ ତାଙ୍କୁ କୌଣସି କାମରେ ବାହାରକୁ ଯିବାକୁ ପଡ଼ିଲା । ସେ ବାଳକ ଶଙ୍କରଙ୍କୁ ପୂଜା ଦାୟିତ୍ୱ ଦେଇ କାମରେ ବାହାରିଗଲେ ।

''ବାଳକ ଶଙ୍କର ବିଧିମୁତାବକ ପୂଜା କଲେ ଓ ପୂଜା ଶେଷରେ ଘରର ପ୍ରଥା ଅନୁଯାୟୀ ଦେବୀଙ୍କୁ କ୍ଷୀର ଅର୍ପଣ କଲେ । ଦେବୀ କ୍ଷୀର ପାନ କରିବେ ବୋଲି ଆଶା କରି ସେ ବହୁତ ସମୟ ଅପେକ୍ଷା କଲେ । ସେ ବିଶ୍ୱାସ କରିଥିଲେ ଯେ ତାଙ୍କ ବାପା ପୂଜା ବେଳେ ଯେଉଁ କ୍ଷୀର ଅର୍ପଣ କରନ୍ତି, ତାହାକୁ ଦେବୀ ପାନ କରନ୍ତି । ଆଜି କିନ୍ତୁ ଯେତେ ସମୟ ଅପେକ୍ଷା କଲେ ମଧ୍ୟ ଦେବୀ କ୍ଷୀରପାନ କଲେ ନାହିଁ । ଏଥିରେ ବ୍ୟଥିତ ହୋଇ ଲୋତକ ଝରାଇ ବାଳକ ଶଙ୍କର ଦେବୀଙ୍କୁ ବହୁତ କାକୁତିମିନତି କଲେ । ସେ କହିଲେ, ମାଆ, ଆଜି ଏ କ'ଣ ହେଲା ? ମୁଁ ପୂଜା କରିଛି ବୋଲି ଆଜି କ୍ଷୀର ପାନ କରିବ ନାହିଁ ? ପିଲାଟିଏ ବୋଲି ମୋତେ କୃପା ପ୍ରଦାନ କରିବ ନାହିଁ ? ବାଳକ ଅନ୍ତରରେ ସୃଷ୍ଟି ହୋଇଥିବା ବ୍ୟଥାକୁ ଦେଖି ଜଗଜ୍ଜନନୀ ମାଆଙ୍କର ମାତୃ ହୃଦୟ ତରଳିଗଲା । ପୂଜାରେ ଅର୍ପଣ କରାଯାଇଥିବା କ୍ଷୀରତକ ପିଇଦେଲେ ।

''ଶଙ୍କର ଜାଣିଥିଲେ ଯେ ବାପା ପୂଜା କଲା ବେଳେ ଦେବୀଙ୍କୁ ଅର୍ପଣ କରାଯାଇଥିବା କ୍ଷୀରକୁ ଅତି ପବିତ୍ର ମନେକରି ପୂଜା ପରେ ଘରର ସମସ୍ତ ସଦସ୍ୟ ତୀର୍ଥଜଳ ଭଳି ସେବନ କରନ୍ତି । ଆଜି କିନ୍ତୁ ସମସ୍ତଙ୍କୁ ବଣ୍ଟନ କରିବା ପାଇଁ ବୁନ୍ଦାଏ ହେଲେ ଅବଶିଷ୍ଟ ରହିଲା ନାହିଁ । ଦେବୀ ଏକାଥରକେ ସବୁତକ ପିଇ ଦେଇଥିଲେ । ସେ ଡରିଲେ, ଘରର ଅନ୍ୟ ସଦସ୍ୟମାନେ ସନ୍ଦେହ କରିବେ ସେ ନିଜେ କ୍ଷୀରତକ ପିଇଦେଇଛନ୍ତି । ଲଜ୍ଜାକର ପରିସ୍ଥିତିକୁ ମନେ ପକାଇ ଶଙ୍କର ପୁଣି କାନ୍ଦିଲେ । ବାଳକର ଦୈନ୍ୟ ଦେଖି ଦୟାମୟୀ ଦେବୀ ପୁନର୍ବାର ଶୂନ୍ୟ କ୍ଷୀରପାତ୍ରଟିକୁ ପୂର୍ଣ୍ଣ କରିଦେଲେ । ଏଥର ସେ ନିଜ ହାତରୁ କ୍ଷୀର ଦେଇ ନଥିଲେ, ସେ କ୍ଷୀର ଜଗଜ୍ଜନନୀଙ୍କ ବକ୍ଷରୁ ଝରିଥିଲା । ଶଙ୍କରଙ୍କ ବେଦନାପୂର୍ଣ୍ଣ ପ୍ରାର୍ଥନାକୁ ମାଆ ଏହିଭଳି ଦୁଇଥର ପରିପୂରଣ କରିଥିଲେ ।''

ଠିକ୍ ସେହିଭଳି ଅନ୍ୟ ଏକ ଘଟଣା ମଧ୍ୟ ସ୍ୱାମୀ ବର୍ଣ୍ଣନା କରିଥିଲେ । ''ଜଣେ ଲୋକ (ବର୍ତ୍ତମାନ ପ୍ରେକ୍ଷାଳୟରେ ଉପସ୍ଥିତ) ହଠାତ୍ ଚିତ୍କାର କରି ଉଠିଲା, ''ସ୍ୱାମୀ ।'' ମୁଁ ସେ ଡାକ ଭିତରେ ଥିବା ବିଶ୍ୱାସ, ବ୍ୟାକୁଳତା ଓ ଦୈନ୍ୟଭାବକୁ ଜାଣି ପାରିଲି । ତା' ସ୍ତ୍ରୀ ଶାଢ଼ୀରେ ନିଆଁ ଲାଗିଯାଇଥିଲା । ଜୋର୍‌ରେ ଜଳିବାକୁ ଲାଗିଲା । ଭୟାତୁର ହୋଇ ସ୍ତ୍ରୀଲୋକଟି ମୋତେ ମନେପକାଇ ପାରିଲା ନାହିଁ । ସ୍ୱାମୀଟି ଅସହାୟ ଓ ହତାଶ ହୋଇପଡ଼ି ମୋତେ ଡାକ ପକାଇଲା । ମୁଁ ତାହାକୁ ମାଇଲ୍ ମାଇଲ୍ ଦୂରରେ ଥାଇ ମଧ୍ୟ ଶୁଣି

ପାରିଲି । ବିଶେଷ କିଛି କ୍ଷତି ହେବା ପୂର୍ବରୁ ମୁଁ ସେଠାରେ ପହଞ୍ଚି ଅଗ୍ନି ନିର୍ବାପନ କଲି । ସେ ଚିତ୍କାର ଭିତରେ ଥିବା ଗଭୀରତା ମୋତେ ସେଠାକୁ ଟାଣି ନେଇଥିଲା ।''

ମୁଁ ସର୍ବଦା ତୁମରି ଅପେକ୍ଷାରେ

ସ୍ୱାମୀ ଦର୍ଶନ ଦେଉଥିବା ସମୟରେ ଜଣେ ଭକ୍ତ ଅତି କାତର ଭାବରେ ଡାକୁଥାଏ, ''ସ୍ୱାମୀ, ସ୍ୱାମୀ'' । ଏହା ଦେଖି ସ୍ୱାମୀ ତାକୁ ସାକ୍ଷାତ୍‌କାର ପ୍ରଦାନ କରିବାକୁ ଇଚ୍ଛୁକ ହେଲେ । ସେ ସ୍ୱାମୀଙ୍କ ସାନ୍ନିଧ୍ୟ, ପ୍ରେମ ଓ ତାଙ୍କ ସମ୍ଭାଷଣ ଲାଭ କରିବାର ସୁଯୋଗ ଚାହିଁଥିଲା । ସ୍ୱାମୀ କକ୍ଷ ଭିତରକୁ ଯାଇ ଭିତରୁ କବାଟ ବନ୍ଦ କରୁଥିଲେ, ଆଉ ସମ୍ଭାଳି ନପାରି ଭକ୍ତଜଣକ ଆରମ୍ଭ କରିଦେଲା, ''ସ୍ୱାମୀ ! ମୁଁ ତିନି ସପ୍ତାହ ହେବ ଆପଣଙ୍କୁ ଅପେକ୍ଷା କରିଛି । ଦୀର୍ଘ ତିନି ସପ୍ତାହ ଧରି ମୁଁ ଅପେକ୍ଷା କରିଛି ।'' ସ୍ୱାମୀ ବୁଲିପଡ଼ି ସ୍ନେହରେ କହିଲେ, ''ବାବୁରେ, ତୁ ଜାଣିଛୁ କି ମୁଁ ତୋ ପାଇଁ କେତେବର୍ଷ ଧରି ଅପେକ୍ଷା କରିଛି ?'' ଲୋକଟି ଆଶ୍ଚର୍ଯ୍ୟଚକିତ ହୋଇ ରହିଗଲା । ଭଗବାନ ? ପ୍ରକୃତରେ ଅପେକ୍ଷା କରିଛନ୍ତି ? ପୁଣି ତା ପାଇଁ ? ଏହି ଭାବନା ତାକୁ ବିହ୍ୱଳିତ କଲା । ସେ ବାବାଙ୍କ ପ୍ରେମର ଭାବକୁ ଲକ୍ଷ୍ୟ କରି କାନ୍ଦି ପକାଇଲା ।

ପ୍ରକୃତରେ ଏକଥା ସତ ଯେ ସ୍ୱାମୀ ପ୍ରତି ମୁହୂର୍ତ୍ତରେ ଆମ ପ୍ରତ୍ୟେକଙ୍କୁ ଅପେକ୍ଷା କରି ବସିଛନ୍ତି । କେତେବେଳେ ତୁମେ ଆସୁଛ ? ସେ କହନ୍ତି, ତୁମେ ଯେତେବେଳେ ଆସିବ ଦେଖିବ ମୁଁ ତୁମ ବାଟ ଚାହିଁ ବସିଛି । କିନ୍ତୁ ଭକ୍ତମାନେ ନିଜକୁ କ୍ଷମା କରିଦେଇ କହନ୍ତି, ସ୍ୱାମୀ, ମୁଁ ବର୍ତ୍ତମାନ ଆସିପାରିବି ନାହିଁ, ମୁଁ ବହୁତ କାମରେ ବୁଡ଼ିଛି, ମୁଁ ତ କ୍ରୀତଦାସ ହୋଇଗଲିଣି । ବର୍ତ୍ତମାନ ଆସିପାରିବି ନାହିଁ । ଭଗବାନ (ତୁମ ଇଚ୍ଛାପୂରଣକାରୀ । ସେ ଭକ୍ତମାନଙ୍କୁ ଆଶ୍ୱାସନା ଦେଇ କହନ୍ତି, ଆଦୌ ବ୍ୟସ୍ତ ହୁଅନା । ତୁମେ କେତେବେଳେ ଆସିବ ତାହା ବଡ଼ କଥା ନୁହେଁ । ଯେତେ ସମୟ ଦରକାର ସେତେ ସମୟ ନିଅ, କିନ୍ତୁ ମୁଁ ନିଜକୁ ଯେତିକି ଜାଣିଛି, ମୁଁ ତୁମ ପାଇଁ ଅପେକ୍ଷା କରିବସିଥିବି । ତୁମେ ଆସିବା ପାଇଁ କିଛି ଜନ୍ମ ଲାଗିଯାଇପାରେ । ତଥାପି ମୁଁ ଅପେକ୍ଷା କରିଥିବି ।

କେତେକ ଭକ୍ତ ସ୍ୱାମୀଙ୍କ ସହ ବ୍ୟକ୍ତିଗତ ସାକ୍ଷାତ୍‌କାର ଚାହାନ୍ତି । ସେମାନେ କହନ୍ତି, ''ସ୍ୱାମୀ, ସ୍ୱାମୀ, ଦୟାକରି ସାକ୍ଷାତ୍‌କାରକୁ ଡାକନ୍ତୁ ।'' ସେ କହନ୍ତି, ''ଅପେକ୍ଷା କର, ଅପେକ୍ଷା କର ।'' ତା'ର ଅର୍ଥ ନୁହେଁ ଯେ ସେ ତାଙ୍କ ପାଳି ପଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରିବେ । ତାହାର ଅନ୍ୟ ଅର୍ଥ ସେମାନେ ଖୁବ୍ ଓଜନିଆ ।'' ସେମାନଙ୍କୁ ବହୁ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ, କେତେକ କ୍ଷେତ୍ରରେ ବେଶ୍ କିଛି ବର୍ଷ ଅପେକ୍ଷା କରିବାକୁ ପଡ଼ିବ । ମୁଁ ଡାକୁନାହିଁ, ସେଥିପାଇଁ ଦୁଃଖ କରିବାକୁ ପଡ଼ିବ । କିଛି ତପସ୍ୟା କରିବା ପରେ ସ୍ୱାମୀ ତାଙ୍କୁ ସାକ୍ଷାତ୍‌କାର ପାଇଁ ଡାକିଥାନ୍ତି । କହିବାର ଅର୍ଥ

ତପସ୍ୟା କରି ସାଧକ ପ୍ରଥମେ କିଛି ଓଜନ କମାଉ, କ୍ରମାଗତ ନାମସ୍ମରଣ କରୁ, ଧ୍ୟାନ କରୁ, ମନସ୍ତାପ ଆଣୁ । ତାକୁ ତଳକୁ ଟାଣି ଧରୁଥିବା ରାଗ ଓ ଦ୍ୱେଷ ଭଳି ଦୁର୍ଗୁଣ - ବୋଝକୁ ଓହ୍ଲାଇ ସେ ହାଲୁକା ହେଉ । ଭକ୍ତ ଯେତେବେଳେ ନିଜକୁ ଏଭଳି ଭାବେ ପ୍ରସ୍ତୁତ କରିବ, ବୋଝର ଓଜନ କମାଇ ହାଲୁକା ହେବ, ସ୍ୱାମୀ ତାକୁ ନିଶ୍ଚିତ ଭାବେ ତାଙ୍କ ନିକଟକୁ ଡାକିବେ ।

ସ୍ୱାମୀ ନିଜେ ଏ କଥାକୁ ଅନ୍ୟ ପ୍ରକାରେ ବୁଝାଇଛନ୍ତି । ସେ କହନ୍ତି, ତୁମେ ମୋର ଯେତେ ନିକଟବର୍ତ୍ତୀ ହେବ ସେତେ ଅଧିକ ପରିମାଣରେ ମୋ ପ୍ରେମ ଲାଭ କରିବ । ତୁମର ଜ୍ୱଳନ ଆରମ୍ଭ ହୋଇଯାଇପାରେ । କ'ଣ ଜଳିଯିବ ? ତୁମର କୁପ୍ରବୃତ୍ତି, ଦୋଷତ୍ରୁଟି ଓ ଆବିଳତା ସବୁ ଜଳିଯିବ । ଏ ଜ୍ୱଳନଦ୍ୱାରା ତୁମର ଆଧ୍ୟାତ୍ମିକ ନିର୍ମଳତା ଓ ମସୃଣତା ବଢ଼ିବ । ଏହି ଜ୍ୱଳନ ପ୍ରକ୍ରିୟା ସ୍ୱାମୀଙ୍କ ପ୍ରେମ ଦ୍ୱାରା ଓ ପ୍ରେମ ସହ ସଂଯୁକ୍ତ ହୋଇଥିବାରୁ, ରକ୍ଷାକବଚ ଭଳି କାମ କରେ ଏବଂ ସାଧକ ଜ୍ୱଳନର ପ୍ରକୋପକୁ ସମ୍ଭାଳିବାକୁ ସମର୍ଥ ହୋଇଥାଏ ।

ଦୁର୍ଗତମାନେ ମୋର ସନ୍ତାନ

ଶ୍ରୀ କସ୍ତୁରୀ, କର୍ଣ୍ଣାଟକର ଦେବନଗିରି କଲେଜରେ ଅଧ୍ୟକ୍ଷ ଥିଲାବେଳେ ତାଙ୍କର ଜଣେ ଅଧସ୍ତନ କର୍ମଚାରୀ ଥିଲା, ତା' ନା' ଅନନ୍ତାପ୍ପା । ସେ ଲୋକଟି ସ୍ୱାମୀଙ୍କର ଜଣେ ବଡ଼ ଭକ୍ତ ଥିଲା । ସେ ତା' ମାଲିକଘର ପୂଜା ପାଇଁ ଫୁଲ, ଫଳ, ଧୂପ, କର୍ପୂର ଓ ସମସ୍ତ ଆବଶ୍ୟକୀୟ ସାମ୍ରଗୀମାନ ସଂଗ୍ରହ କରି ଆଣେ । ବଜାର ସାରା ଦୋକାନରୁ ଦୋକାନ ବୁଲି ବାଛି ବାଛି ଭଲ ଭଲ ଜିନିଷ ସେ ସଂଗ୍ରହ କରେ ।

ଘରେ ଥିବା ସ୍ୱାମୀଙ୍କ ଫଟ ସାମନାରେ ଅତି ବିନୀତ ଭାବେ ସେ ପ୍ରାର୍ଥନା କରେ ଯେ ତା' ହାତରେ ଗୋଟିଏ ଫୁଲ ଖସିପଡୁ । ଏକା ଏକା ସ୍ୱାମୀଙ୍କ ଫଟ ସହ ସେ କଥାବାର୍ତ୍ତା କରେ । ଭଗବାନଙ୍କର ଛଡ଼ା ଫୁଲଟିଏ ପାଇଲେ ସେ ତାହାକୁ ପ୍ରସାଦ ପାଇଲା ପରି ଭାବେ । ଥରେ ସ୍ୱାମୀ କସ୍ତୁରୀଙ୍କୁ ଗୋଟିଏ ବଡ଼ ଫଟ ଦେଇ କହିଲେ, "ଏହାକୁ ଦେବନଗିରିରେ ଥିବା ଅନନ୍ତାପ୍ପା ମନ୍ଦିରରେ ସ୍ଥାପନା କରିବୁ ।" ଅନନ୍ତାପ୍ପାର ଛୋଟ ଘର ପ୍ରକୃତରେ ଏକ ମନ୍ଦିରରେ ପରିଣତ ହୋଇଗଲା । ସେଥିରୁ ବିଭୂତି ଝରିଯିବା ଆରମ୍ଭ ହେଲା ଓ ଲୋକମାନେ ତାହା ଦେଖିବାକୁ ସେଠାକୁ ଆସିଲେ । ଥରେ କହୁ କହୁ ସ୍ୱାମୀ କହିଲେ, "ଅନନ୍ତପ୍ପା ରାମାୟଣର ବିଭୀଷଣ ଥିଲା ।" ଅନନ୍ତାପ୍ପାର ସାନ ଝିଅର ସ୍ୱାମୀ ମହୀଶୂରରେ ରେଳ ବିଭାଗରେ କାମ କରୁଥିଲା । ଝିଅ-ଜ୍ୱାଇଁ ବାଙ୍ଗାଲୋରରେ ଗୋଟିଏ ଛୋଟିଆ ଅନ୍ଧାରିଆ ଘରେ ରହୁଥିଲେ । ଜ୍ୱାଇଁ ଜଣେ ସନ୍ଦେହୀ ପ୍ରକୃତିର ଲୋକ ଥିଲା । ସେ ନିଜ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କଲା । ସେ ତା' ସ୍ତ୍ରୀକୁ ବହୁ ନିର୍ଯ୍ୟାତନା ମଧ୍ୟ

ଦେଉଥିଲା । ଘଟଣା ଏଭଳି ହେଲା ଯେ ଶେଷରେ ତାକୁ ଗୋଟିଏ କୋଠରୀ ଭିତରେ ବନ୍ଦୀ ଜୀବନ ଯାପନ କରିବାକୁ ପଡ଼ିଥିଲା। ଏଥିରେ ହସ୍ତକ୍ଷେପ କରି ଜ୍ୱାଇଁକୁ କେହି ହେଲେ ବାଟକୁ ଆଣିପାରିଲେ ନାହିଁ ।

ଆଉ ନିର୍ଯ୍ୟାତନା ସହି ନପାରି ଝିଅ ତା' ସ୍ୱାମୀଙ୍କୁ ଦିନେ କହିଲା, ''ମୋତେ ଥରେ ପୁଟ୍ଟପର୍ତ୍ତିର ସାଇବାବାଙ୍କ ପାଖକୁ ନେଇ ଚାଲ । ବାବା ଯଦି ମୋ ଚରିତ୍ର ଠିକ୍ ଅଛି ବୋଲି କହିବେ ତା'ହେଲେ ମୁଁ ଶାନ୍ତିରେ ରହିବି, ଯଦି ବିପରୀତ କହନ୍ତି ତେବେ ସେଇ ପୁଟ୍ଟପର୍ତ୍ତିରେ ମୁଁ ମୋ ଜୀବନ ହାରିଦେବି ।''

ଅନନ୍ତାପ୍ପା, ତା' ସ୍ତ୍ରୀ, ଝିଅ ଓ ଜ୍ୱାଇଁ ଥରେ ପୁଟ୍ଟପର୍ତ୍ତି ଆସିଲେ । ସ୍ୱାମୀ ଦୟା କଲେ, ସାକ୍ଷାତ୍କାର କକ୍ଷକୁ ଡାକିଲେ ଓ ଅନନ୍ତାପ୍ପାର ଜ୍ୱାଇଁ ସଙ୍ଗେ କଥାବାର୍ତ୍ତା ହେବାକୁ ଚାହିଁଲେ । କିନ୍ତୁ ସେ ସ୍ୱାମୀଙ୍କ କଥାକୁ ପସନ୍ଦ ନ କରି ଦୁର୍ବ୍ୟବହାର ଆରମ୍ଭ କଲା । ସ୍ୱାମୀ ତାକୁ ସାକ୍ଷାତ୍କାର କକ୍ଷରୁ ବାହାର କରି ଦେଇ କବାଟ ବନ୍ଦ କରିଦେଲେ । ଅନନ୍ତାପ୍ପାକୁ ବ୍ୟସ୍ତ ନ ହେବାକୁ କହି ଆଶ୍ୱାସନା ଦେଲେ ଏବଂ ଜ୍ୱାଇଁ ତା'ର ମନ ପରିବର୍ତ୍ତନ କରିବ ଓ ସ୍ତ୍ରୀ ସହିତ ସୁଖରେ ଜୀବନ ଯାପନ କରିବ ବୋଲି ମଧ୍ୟ ଜବାବ ଦେଲେ ।

ଫେରିବା ବେଳେ ସେମାନେ ବହୁ ବିଳମ୍ବିତ ରାତିରେ ପେନୁକୋଣ୍ଡାରେ ପହଞ୍ଚିଲେ । ଗୁନ୍ତାକଲରୁ ଆସୁଥିବା ରାତିଗାଡ଼ିକୁ ଅପେକ୍ଷା କରି ଷ୍ଟେସନ୍‌ରେ ବସି ରହିଲେ । ଜ୍ୱାଇଁ ସେତିକି ବେଳଠାରୁ ସାଧୁସନ୍ଥ ତଥା ଯୋଗୀସନ୍ନ୍ୟାସୀମାନଙ୍କୁ ନିନ୍ଦାସୂଚକ କଥାମାନ କହି ଲାଗିଥାଏ । ଅନନ୍ତାପ୍ପା ଜ୍ୱାଇଁର ପ୍ରବୃତ୍ତିରେ କୌଣସି ପରିବର୍ତ୍ତନ ନ ଆସିବା ଦେଖି ଦୁଃଖ କରୁଥାଏ । ରାତି ଅଧ ବେଳକୁ ଟ୍ରେନ୍ ଆସିଲା । ଜ୍ୱାଇଁ ଶାଶୁ, ଶ୍ୱଶୁର ଓ ସ୍ତ୍ରୀକୁ ଗୋଟିଏ ତୃତୀୟ ଶ୍ରେଣୀ ଡବାରେ ବସାଇ ଦେଇ ନିଜେ ଯାଇ ପ୍ରଥମ ଶ୍ରେଣୀ ଡବାରେ ବସିଲା । ରେଳକର୍ମଚାରୀ ହୋଇଥିବାରୁ ସେ ପ୍ରଥମ ଶ୍ରେଣୀ ଡବାରେ ଯାତ୍ରା କରିପାରୁଥିଲା ।

ରାତି ପ୍ରାୟ ଗୋଟାଏ ବେଳେ ଟ୍ରେନ୍ ତୋଣ୍ଡିଭାବି ରେଳଷ୍ଟେସନ୍‌ରେ ଅଟକିଲା । ଦେଖାଗଲା ଅନନ୍ତାପ୍ପାର ଜ୍ୱାଇଁ କଷ୍ଟ ଓ ଯନ୍ତ୍ରଣାରେ ପଡ଼ି ବିକଳ ଚିତ୍କାର କରୁଛି । ଏହା ଶୁଣି ଗାର୍ଡ଼ ସେ ଡବାକୁ ଆସିଲେ । ଷ୍ଟେସନ୍‌ରେ ଥିବା ଅନ୍ୟ ରେଳ କର୍ମଚାରୀମାନେ ମଧ୍ୟ ଘଟଣା କ'ଣ ଜାଣିବାକୁ ସେଠାରେ ଜମା ହୋଇଗଲେ । ଜ୍ୱାଇଁ ତା' ଗାଲ ଆଉଁସୁଥିଲା । ଭୟରେ ଆତୁର ହୋଇ ସେ ବିଚରା ଚାରିଆଡ଼କୁ ବଲବଲ କରି ଚାହୁଁଥିଲା । ଗାର୍ଡ଼ ପଚାରିଲେ, ''ଡବାରେ କିଏ ପଶିଲା ଓ କିପରି ତୁମକୁ ଚାପୁଡ଼ା ମାରିଲା ?''

କାନ୍ଦି କାନ୍ଦି ସେ ଟ୍ରେନ୍‌ରୁ ଓହ୍ଲାଇଲା ଏବଂ ଷ୍ଟେସନ୍ ମାଷ୍ଟରଙ୍କ କୋଠରୀରେ ବସି ସମସ୍ତ ଘଟଣା ବର୍ଣ୍ଣନା କଲା । ତୋଣ୍ଡିଭାବି ଷ୍ଟେସନ୍‌ର ଛଅ ମାଇଲ୍ ପୂର୍ବରୁ ଡବାରେ ଥିବା

ଲାଇଟ୍ ଜଳି ଉଠିଲା । ମୁଁ ଉଠିପଡ଼ି ମୋ ଯାଗାରେ ବସି ପଡ଼ିଲି । ଡବା ସାରା ନାଲି ଆଲୁଅ ଜଳିଲା ଭଳି ଦେଖାଗଲା ସତେ ଯେପରି ସାଇବାବା ଡବା ସାରା ବ୍ୟାପିଯାଇଥିଲେ । ବାବା ମୋ ଗାଲରେ ଚାପୁଡ଼ା ମାରି ଚାଲିଲେ, ସେ ସମସ୍ତ ଅଞ୍ଚଳରେ ଥିବାପରି ମୋତେ ଲାଗିଲା ଓ ମୁଁ ସବୁ ଦିଗରୁ ମାଡ଼ ଖାଉଥିଲି । ସେ ମୋତେ ମାରୁଥିଲେ ଓ କହୁଥିଲେ, ''ମୁଁ କହୁଛି ତୋ' ସ୍ତ୍ରୀ ଭଲ ଓ ପବିତ୍ର, ତୋର ବିଶ୍ୱାସ ହେଲା ନାହିଁ । ତାକୁ ନିର୍ଯ୍ୟାତନା ଦେବା ବନ୍ଦ କରିବୁ ନା ନାହିଁ ? ସେ କେବଳ ମୋ ଝିଅ ନୁହେଁ, ସବୁ ନିର୍ଯ୍ୟାତିତମାନେ ମୋର ସନ୍ତାନ । ମୋ କଥା ମାନିବୁ ? ମାନିବୁ ?'' ଏହି ଷ୍ଟେସନ୍ ପାଖେଇ ଆସିବାରୁ ନାଲି ଆଲୁଅ ଯାଇ ପରିଷ୍କାର ଆଲୁଅ ଦେଖାଗଲା ।

ଏ ଘଟଣା ପରେ ସେ ଦମ୍ପତିଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଦେଖାଗଲା । ସେମାନେ ପରସ୍ପର ଭିତରେ ସୌହାର୍ଦ୍ଦ୍ୟ ଓ ପ୍ରୀତି ସମ୍ବନ୍ଧ ରଖି ଜୀବନ ଯାପନ କଲେ ।

ଏହାର କିଛି ମାସ ପରେ, ବାବା କେତେକ ଭକ୍ତଙ୍କ ସହ କଥାବାର୍ତ୍ତା ହେବା ବେଳେ କହିଲେ, ଶିରିଡ଼ି ବାବା ବହୁ ସମୟରେ କ୍ରୋଧ ପ୍ରଦର୍ଶନ କରୁଥିଲେ, କିନ୍ତୁ ଏ ଅବତାର ପ୍ରେମ ଅବତାର । କସ୍ତୁରୀ ନିରୀହ କଣ୍ଠରେ ପଚାରିଲେ, ''ସ୍ୱାମୀ ଏ ଅବତାରରେ ଆପଣ କାହାକୁ ମାଡ଼ ମାରିନାହାଁନ୍ତି ?'' ଏଥର ସ୍ୱାମୀ କହିଲେ, ''ମୁଁ ବର୍ତ୍ତମାନ ପ୍ରେମର ବ୍ୟକ୍ତମୂର୍ତ୍ତି ।'' କସ୍ତୁରୀ ପୁନର୍ବାର ପଚାରିଲେ, ''ଏ ଅବତାରରେ ଆପଣ କାହାରିକୁ ହେଲେ ମାଡ଼ ଦେଇ ନାହାନ୍ତି ?'' ଏଥର ସ୍ୱାମୀ କହିଲେ ''ତୁ ଅନନ୍ତାପୁରର ଜ୍ୱାଇଁ କଥା କହୁଛୁ କି ? ମୁଁ ତା ପାଇଁ ଯାହା କରିଚି କେବଳ ତା'ର ଭଲ ପାଇଁ, ତାକୁ ଭଲ ପାଇଥିଲି ବୋଲି ।'' କସ୍ତୁରୀ କହିଲେ, ''ସେ ବିଚାରୀ ଝିଅଟି ଉପରେ ସ୍ୱାମୀଙ୍କ ଅମାପକୃପା ବୃଷ୍ଟି ହୋଇଥିଲା ।'' ସ୍ୱାମୀ କହିଲେ, ''ହଁ, ହଁ, ସେ ଜ୍ୱାଇଁ ଉପରେ ମଧ୍ୟ ।''

ଛାଗ ଓ ମନ

ଜଣେ ରାଜା ଗ୍ରାମବାସୀମାନଙ୍କୁ ଡକାଇ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ଛେଳି ଉପହାର ଦେଲେ । ତା ସହିତ ଗୋଟିଏ କାମ ମଧ୍ୟ ଦେଲେ ଯେ ପ୍ରତ୍ୟେକ ଛେଳିକୁ ଭଲ ଭାବେ ଖୁଆଇବାକୁ ହେବ । ଗୋଟିଏ ସର୍ତ୍ତ ରହିଲା ଯେ ଭଲଭାବେ ଖୁଆଇ ଛେଳିର ଘାସ ପ୍ରତି ଥିବା ଲୋଭ ଛଡ଼ାଇଦେବାକୁ ହେବ । ଯେତେବେଳେ ଯେଉଁ ଛେଳିକୁ ଫେରାଇ ଅଣାଯିବ ସେତେବେଳକୁ ସେ ଘାସ ଖାଇବାକୁ ଇଚ୍ଛା କରୁ ନଥିବ । ଏହି ସର୍ତ୍ତ ଅନୁଯାୟୀ ଯିଏ ତା' ଛେଳିକୁ ଠିକ୍ ଭାବେ ଗଢ଼ିପାରୁଥିବ, ତାକୁ ଦଶ ହଜାର ଟଙ୍କା ପୁରସ୍କାର ମଧ୍ୟ ଦିଆଯିବ ବୋଲି ଘୋଷଣା କରାଗଲା ।

ଗ୍ରାମବାସୀମାନେ ଭାବିଲେ, ଛେଳିକୁ ଭଲ ଭାବେ ଖୁଆଇ ତା' ପେଟକୁ ଭର୍ତ୍ତି କରି ରଖିଲେ ସେ ଆଉ ସବୁଜ ଘାସ ପ୍ରତି ଆକୃଷ୍ଟ ହେବ ନାହିଁ । ତେଣୁ ସେମାନେ ଛେଳିମାନଙ୍କୁ ଭଲ କରି ଖୁଆଇ ଲାଗିଲେ । ଜଣେ ବାଳିକା ଅନ୍ୟ ଏକ ପ୍ରଣାଳୀରେ ତା' ଛେଳକୁ ଗଢ଼ିଲା । ସେ ଛେଳି ମୁହଁ ପାଖରେ ସବୁଜ ଘାସ ରଖେ, ଛେଳି ସେ ଆଡ଼କୁ ମୁହଁ ବଢ଼ାଇଲା ମାତ୍ରେ ସେ ତା' ମୁହଁରେ ପାହାରେ ଦିଏ । ବାରମ୍ବାର ଏପରି କରିବାରୁ ଛେଳି ମୁହଁ ପାଖରେ ସବୁଜ ଘାସ ରଖାଗଲେ ମଧ, ତା'ପେଟରେ ଭୋକ ଥିଲେ ମଧ୍, ସେ ଆଉ ଘାସ ପାଖକୁ ମୁହଁ ନିଏ ନାହିଁ ।

କିଛିଦିନ ପରେ ରାଜା ଆଦେଶ ଦେଲେ, ଛେଳିଗୁଡ଼ିକୁ ତାଙ୍କ ପାଖକୁ ଅଣାଯାଉ । ସେ ଦେଖିଲେ, ସବୁ ଛେଳି ଘାସ ଦେଖିଲା ମାତ୍ରେ ଖାଇବାରେ ଲାଗିଯାଉଛନ୍ତି । ସେମାନଙ୍କ ମଧ୍ୟରେ ଗୋଟିଏ ମାତ୍ର ଛେଳି ଥିଲା ଯିଏ ଘାସ ଆଡ଼କୁ ଆଦୌ ଚାହୁଁ ନଥାଏ, ବରଂ ସେ ତା' ପାଳକ ହାତରେ ଥିବା ବାଡ଼ି ଆଡ଼କୁ ଚାହୁଁଥାଏ । ରାଜା ଖୁସି ହୋଇ ସେ ଝିଅଟିକୁ ଦଶ ହଜାର ଟଙ୍କା ପୁରସ୍କାର ଦେଲେ ।

ମନକୁ ସଂଯତ କରିବାକୁ ହେଲେ ଏଭଳି କଠୋର ଶୃଙ୍ଖଳା ଓ ତାଲିମ୍ ଦରକାର । ଧନୁର୍ଦ୍ଧର ଅର୍ଜୁନ ମଧ୍ୟ ସ୍ୱୀକାର କରିଥିଲେ, ''ଚଞ୍ଚଳଂ ହି ମନଃ କୃଷ୍ଣ ପ୍ରମାଥି ବଳବଦ୍ଦୃଢ଼ମ୍'' - ହେ କୃଷ୍ଣ, ମନ ଅତି ଚଞ୍ଚଳ, କ୍ଷିପ୍ର, ବିଭ୍ରାନ୍ତକାରୀ, ସବଳ ଓ ଅତି ଦୃଢ଼ । ସେ କୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ, କୌଣସି ନା କୌଣସି ଉପାୟରେ ଅମାନିଆ ମନକୁ ସଂଯତ କରିବାର ମାର୍ଗ ସେ ପ୍ରଦର୍ଶନ କରନ୍ତୁ ।

ମନ ଉପରେ ବିଜୟ ହାସଲ କରିବାକୁ ହେଲେ କଠୋର ଆଧ୍ୟାତ୍ମିକ ସାଧନା ଦରକାର, ଏଥିରେ ସନ୍ଦେହ ନାହିଁ ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ ଶାନ୍ତିଃ ଶାନ୍ତି

ଷୋଡ଼ଶ ଅଧ୍ୟାୟ ସମ୍ପୂର୍ଣ୍ଣ

ସପ୍ତମ ଦିବସ (ଅବିଶିଷ୍ଟାଂଶ)

ସପ୍ତଦଶ ଅଧ୍ୟାୟ

ମାନବସେବା ହିଁ ମାଧବସେବା

ଅସଲ ସ୍ୱରୂପ ଜ୍ଞାନ ହାସଲ କରିବା ଦିଗରେ ଥିବା ନଅଟି ସୋପାନ ମଧ୍ୟରୁ ସେବା ସର୍ବାଧିକ କଷ୍ଟ । ଭଗବତ୍ କୃପା ଲାଭ କରିବା ପାଇଁ ଅନ୍ତରରେ ସୃଷ୍ଟି ହେଉଥିବା ବ୍ୟାକୁଳତାରୁ ଉଦ୍ଭବ କର୍ମ ହିଁ ମୂଳତଃ ସେବା । ଅହଙ୍କାର ନିର୍ମୂଳ କରିବା ପାଇଁ ଏହା ସର୍ବପ୍ରଧାନ । ସେବା କର୍ମ ମାଧ୍ୟମରେ ହିଁ କେବଳ ପ୍ରବୃତ୍ତି, ମନୋବୃତ୍ତି ଓ ଇନ୍ଦ୍ରିୟମାନଙ୍କ ଉପରେ ପ୍ରଭୁତ୍ୱ ଜାହିର କରି ହୁଏ ଏବଂ ତାହାରି ମାଧ୍ୟମରେ ଦୈବତ୍ୱ ହାସଲ କରି ହୁଏ । ସେବା କରିବା ପାଇଁ ଯେଉଁ ମନୋଭାବ ପ୍ରୟୋଜନ ତାହା ଶିଖାଇବା ପାଇଁ ମୁଁ ଆସିଛି, ପ୍ରେମଭାବ ସେବା ଆକାରରେ ପ୍ରକାଶିତ ହୁଏ, ଭଗବାନ ହିଁ ପ୍ରେମ । ମାନବର ସେବା କରୁ କରୁ ଆବିଷ୍କୃତ ହୁଏ, ''ମାନବ ହିଁ ମାଧବ ।''

-ବାବା

ସ୍ୱାମୀଙ୍କ ୬୦ତମ ଜନ୍ମୋତ୍ସବକୁ ମହାସମାରୋହରେ ପାଳନ କରିବାକୁ ଯୋଜନା କରୁଥିବା ଭକ୍ତମାନଙ୍କୁ ସ୍ୱାମୀ କହିଲେ, ''କ୍ଷୁଧାଜର୍ଜରିତ ଲୋକ ପକ୍ଷରେ ଆଧ୍ୟାତ୍ମିକତାର କୌଣସି ଅର୍ଥ ହୁଏନା । କ୍ଷୁଧାର୍ତ୍ତ ଲୋକଙ୍କ ପାଇଁ ଖାଦ୍ୟ ରୂପୀ ଭଗବାନଙ୍କୁ ଆଣ, ଦୁର୍ଗତ ଓ ବିଭ୍ରାନ୍ତମାନଙ୍କ ପାଇଁ ଶାନ୍ତିରୂପୀ ଭଗବାନଙ୍କୁ ଆଣି ଦିଅ । ରୁଗ୍ଣମାନଙ୍କ ପାଇଁ ଔଷଧରୂପୀ ଭଗବାନ ଦରକାର, ପୀଡ଼ିତମାନଙ୍କ ପାଇଁ ପୀଡ଼ା ପରିହାରକ ଭଗବାନ ପ୍ରୟୋଜନ । କେବଳ ଏହି ଉପାୟରେ ହିଁ ଆଧ୍ୟାତ୍ମିକତା ଜଣକ ହୃଦୟରେ ପଶିପାରିବ । ଏତଦ୍‌ଭିନ୍ନ ଅନ୍ୟ ଯେ କୌଣସି ଉପାୟ ଅବଲମ୍ବନ କରାଯାଉ ତାହା ଈଶ୍ୱରବିଶ୍ୱାସ ବଦଳରେ ନାସ୍ତିକ ଓ ବସ୍ତୁବାଦୀ ବ୍ୟକ୍ତି ସୃଷ୍ଟି କରିବ । ମୋର ୬୦ତମ ଜନ୍ମୋତ୍ସବ ପାଳନ କରିବା ପୂର୍ବରୁ ୬ ହଜାର ଗ୍ରାମକୁ ରୂପାନ୍ତର କରି ଆଦର୍ଶ ଗ୍ରାମରେ ପରିଣତ କରିବାର ଭାର ବହନ କର । ଜପ, ତପ, ଯଜ୍ଞ ଓ ଯାଗ ଅନୁଷ୍ଠାନ କରିବା ଅପେକ୍ଷା କେବଳ ଦିବ୍ୟ ପ୍ରେମରୁ ହିଁ ତୁମେ ଆଧ୍ୟାତ୍ମିକ ଉପକାର ପାଇପାରିବ । ଦିବ୍ୟ ପ୍ରେମ ଲାଭ କରିବା ପାଇଁ ଥିବା ବିଭିନ୍ନ ଉପାୟ ମଧ୍ୟରୁ ସେବା କର୍ମ ସହ ତୁଳନୀୟ ଅନ୍ୟ କିଛି ନାହିଁ ।

ମୋ ପ୍ରେମତତ୍ତ୍ୱର ଅତ୍ୟାବଶ୍ୟକତା ତୁମେ ବୁଝିପାରିବା ଦରକାର । ସାଇ ଯାହା କହନ୍ତି, ଯାହା ଭାବନ୍ତି, ଯାହା କରନ୍ତି, ଯାହା ଦେଖନ୍ତି ସେ ସବୁକିଛି ତୁମ ପାଇଁ, ସାଇଙ୍କ ପାଇଁ ନୁହେଁ । ମୋ ନିଜର ସୁଖ ବୋଲି କିଛି ନାହିଁ, ତୁମ ଖୁସି ହିଁ ମୋ ଖୁସି, ମୋର କାମନା କିଛି ନାହିଁ । ତୁମେ ଦେଖିଥିବ ସାଇ ଏହା କରୁଛନ୍ତି, ତାହା କରୁଛନ୍ତି । ସେସବୁ ମୋ ପାଇଁ ମୁଁ କରେ ନାହିଁ । ସବୁ ତୁମ ପାଇଁ କରେ । ବିଶ୍ୱାସ କର ପଇସାଟିଏ

ମଧ୍ୟ ମୋ ପାଇଁ ଖର୍ଚ୍ଚ ହୁଏ ନାହିଁ । ଯାହା କରାଯାଉଛି ସେସବୁ ସମାଜ ପାଇଁ । ବିଗତ ୫୬ ବର୍ଷ ଧରି ମୋ ପାଇଁ ଜାମାଟିଏ ମଧ୍ୟ ମୁଁ ସିଲାଇ କରିନାହିଁ । ମୋତେ ଭଲ ପାଉଥିବା ଭକ୍ତମାନେ ଦେଇଥିବା ଜାମା ମୁଁ ପିନ୍ଧୁଛି । ବର୍ତ୍ତମାନ ଯେଉଁ ଜାମାଟି ପିନ୍ଧିଛି ତାକୁ ଜଣେ ଛାତ୍ର ରାଧାକୃଷ୍ଣ ଦେଇଛି । ମୋ ପାଇଁ କିଛି ଗୋଟାଏ ଦରକାର ଓ ମୁଁ ସେଇଟି କରିବି, ସେ ପ୍ରକାର ଭାବନା କେବେ ମୁଁ କରିନାହିଁ, ବର୍ତ୍ତମାନ ମଧ୍ୟ କରୁନାହିଁ, ଭବିଷ୍ୟତରେ ମଧ୍ୟ କରିବି ନାହିଁ। ମୁଁ ଯାହା ଇଚ୍ଛା କରିଛି ତାହା ବିଶ୍ୱର ମଙ୍ଗଳ ପାଇଁ। ଏହାକୁ ଭଲ ଭାବେ ବୁଝି ରଖ। ବିଭିନ୍ନ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ବଢ଼ାଅ ଓ ସମାଜସେବା କାମରେ ସକ୍ରିୟ ଅଂଶ ଗ୍ରହଣ କର।

ସ୍ୱାମୀଙ୍କ ଆଦର୍ଶ ଓ କାର୍ଯ୍ୟକ୍ରମଗୁଡ଼ିକୁ ସହରାଞ୍ଚଳ ଅପେକ୍ଷା ଗ୍ରାମମାନଙ୍କରେ କାର୍ଯ୍ୟକାରୀ କରିବା ଅଧିକ ପ୍ରୟୋଜନ । ନିଜ ଖର୍ଚ୍ଚ କମାଇ, ଗ୍ରାମବାସୀମାନଙ୍କ ପାଇଁ ଅଧିକ ଖର୍ଚ୍ଚ କର । ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯଦି ଗ୍ରାମାଞ୍ଚଳମାନଙ୍କରେ ପହଞ୍ଚିପାରିଲା, ତେବେ ଭାରତୀୟ ତତ୍ତ୍ୱ ଓ ଭାରତୀୟ ସଂସ୍କୃତି ପ୍ରତ୍ୟେକଙ୍କ ପାଖରେ ପ୍ରଭାବ ପକାଇପାରିବ ।

ହେ ଦିବ୍ୟାତ୍ମସ୍ୱରୂପବୃନ୍ଦ, ତୁମେ ଦେଖିପାରୁ ନଥିବ, କିନ୍ତୁ ମୁଁ ପରିଷ୍କାର ଭାବେ ସେ ଦୃଶ୍ୟ ଦେଖି ପାରୁଛି, ଆଜି ଯେଉଁମାନେ ସ୍ୱାମୀଙ୍କ ତତ୍ତ୍ୱକୁ ବୁଝି ପାରୁନାହାନ୍ତି ସେହିମାନେ ଭବିଷ୍ୟତରେ କାନ୍ଦି କାନ୍ଦି ତାହାକୁ ଅନୁଭବ କରିବାକୁ ବାଧ୍ୟ ହେବେ । ସାଇତତ୍ତ୍ୱ ବା ସାଇଦର୍ଶନ ଅଳ୍ପଦିନ ମଧ୍ୟରେ ପୃଥିବୀସାରା ବ୍ୟାପିଯିବ । ସ୍ୱାମୀ ନିଜେ ତାକୁ ଧରି ରଖିଛନ୍ତି । ଥରେ ଛାଡ଼ି ଦେଲେ ତାହା ସାରା ପୃଥିବୀରେ ପରିବ୍ୟାପ୍ତ ହୋଇଯିବ। ପୃଥିବୀ ଏକ ପ୍ରଶାନ୍ତି ନିଳୟମ୍‌ରେ ପରିଣତ ହୋଇଯିବ । ସ୍ୱାମୀଙ୍କ ଆବଶ୍ୟକତା ଉପଲବ୍ଧି କରି ସ୍ୱାମୀଙ୍କ ଆଦର୍ଶଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଆଗେଇ ଆସ । ପରେ ସେ ସୁଯୋଗ ଆଉ ପାଇପାରିବ ନାହିଁ। ସ୍ୱାମୀଙ୍କ ନିକଟବର୍ତ୍ତୀ ହେବା ମଧ୍ୟ ଅସମ୍ଭବ ହୋଇଯିବ । ଲକ୍ଷ ଲକ୍ଷ ଲୋକ ଏଠାରେ ଭିଡ଼ କରିବେ । ଅତି ଶୀଘ୍ର ସେ ଦିନ ଆସି ଯାଉଛି । ତେଣୁ ଆଜିଠାରୁ ସ୍ୱାମୀଙ୍କ ପ୍ରେମ ଓ କରୁଣା ଲାଭ କରିବାକୁ ଚେଷ୍ଟା କର ଏବଂ ମାନବସେବାମୂଳକ କାର୍ଯ୍ୟ ସମ୍ପାଦନ କରି ନିଜ ନିଜ ଜୀବନକୁ ପୂର୍ଣ୍ଣତା ପ୍ରଦାନ କର।''

ମୋ ଆଡ଼କୁ ପାଦେ ଆସ, ମୁଁ ତୁମ ଆଡ଼କୁ ଶହେ ପାଦ ଯିବି

ରୁଷିଆ ଯେତେବେଳେ ବସନିଆ ଉପରେ ଆକ୍ରମଣ କଲା, ଅନେକ ବସନିଆବାସୀ ପଡ଼ୋଶୀ ରାଷ୍ଟ୍ରମାନଙ୍କୁ ପଳାଇଗଲେ । ଶାନ୍ତି ଫେରିବ, ଏହି ଆଶାରେ ଶରଣାର୍ଥୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିର୍ମିତ ଶିବିରମାନଙ୍କରେ ଆଶ୍ରୟ ଦିଆଯାଉଥିଲା । ବସନିଆର ଜଣେ ମହିଳା, ବାବାଙ୍କର ନିଷ୍ଠାପର ଭକ୍ତ ଭାବିଲେ, ହତଭାଗ୍ୟ ଶରଣାର୍ଥୀମାନଙ୍କୁ କିଛି ସେବା ଯୋଗାଇଦେବା ମୋ କର୍ତ୍ତବ୍ୟ । ସେ ନିଜ ଗାଡ଼ିରେ ବୋଝ ବୋଝ ବିସ୍କୁଟ ଓ

ରୁଟି ନେଇ ବହୁ ଦୂରରେ ଥିବା ଶିବିରଗୁଡ଼ିକରେ ବଣ୍ଟନ କଲେ । ସେ ପ୍ରତ୍ୟେକଙ୍କୁ ଗୋଟିଏ ପ୍ୟାକେଟ୍ ବିଭୂତି ଓ ଗୋଟିଏ ଲେଖାଏଁ ସ୍ୱାମୀଙ୍କ ଫଟ ମଧ୍ୟ ଦେଲେ । ସେମାନେ ଖାଇଲାବେଳେ ସ୍ୱାମୀଙ୍କ ଫଟକୁ ଚାହିଁ ତାଙ୍କ ଭାଷାରେ କଥାବାର୍ତ୍ତା ହେଉଥିଲେ । ସେମାନଙ୍କ କଥାବାର୍ତ୍ତା ମହିଳାଜଣକ ବୁଝି ପାରୁନଥିଲେ । ସ୍ୱାମୀଙ୍କ ଫଟ ସେମାନଙ୍କୁ କ'ଣ ଲାଗିଲା, ତାହା ଜାଣିବାକୁ ଆଗ୍ରହ କରି ସେ ନିଜ ଗାଡ଼ିର ଡ୍ରାଇଭରର ସାହାଯ୍ୟ ନେଲେ । ଡ୍ରାଇଭର ସେ ଲୋକମାନଙ୍କ ପାଖକୁ ଯାଇ କିଛି ସମୟ ପରେ ଫେରି କହିଲା, ''ସେମାନେ କଥାବାର୍ତ୍ତା ହେଉଛନ୍ତି, ଏହି ଲୋକ ତ ଏ ପର୍ଯ୍ୟନ୍ତ ଆମକୁ ରୁଟି ଓ ବିସ୍କୁଟ ଦେଇ ଆସୁଛନ୍ତି । ଆଜି ବୋଧହୁଏ ଏ ମହିଳାଙ୍କ ଦାୟିତ୍ୱରେ ଏ ଜିନିଷ ସବୁ ଆମ ପାଖକୁ ପଠାଇଛନ୍ତି ।'' ଏହା ଶୁଣି ମହିଳାଜଣକ ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲେ ନାହିଁ ।

୧୯୯୬ ମସିହାରେ ବୃନ୍ଦାବନରେ ହେଉଥିବା ଗ୍ରୀଷ୍ମଶିକ୍ଷା ଶିବିରରେ ଏ ମହିଳାଙ୍କୁ କହିବାର ସୁଯୋଗ ମିଳିଥିଲା, ସେ ସେଠାରେ ଏହି ବିଷୟ ବର୍ଣ୍ଣନା କରିଥିଲେ । ସେ ଶେଷରେ କହିଲେ, ''କୌଣସି ସତ୍‌କର୍ମ କରିବା ପାଇଁ ଆମେ ପାଦେ ଆଗେଇଲେ, ଦେଖିବା ସ୍ୱାମୀ ସଦାସର୍ବଦା ଆମ ଆଗରେ ଥିବେ ।''

ହନୁମାନ-ବିଭୀଷଣ ସମ୍ବାଦ

ରାମାୟଣର ବାନରମାନେ ମର୍କଟ ହୋଇ ଜନ୍ମ ହୋଇଥିଲେ । ସେମାନେ ଦାସ ଭାବରେ ଭଗବାନଙ୍କ ସେବା କରିଥିଲେ ଏବଂ ଭଗବାନଙ୍କୁ ନିଜ ପାଖରେ ଦେଖିବାର ସୌଭାଗ୍ୟ ଅର୍ଜନ କରି ଜୀବନକୁ ଧନ୍ୟ କରି ଜନ୍ମ-ମୃତ୍ୟୁର ଆବର୍ତ୍ତରୁ ନିଜକୁ ଉଦ୍ଧାର କରିଥିଲେ । ମନୁଷ୍ୟମାନେ କୌଣସି ଗୁଣରେ ବାନରମାନଙ୍କଠାରୁ କମ୍ ନୁହଁନ୍ତି । ସେମାନେ କାହିଁକି ତା'ହେଲେ ଭଗବାନଙ୍କ ପୂଜା ଓ ଧ୍ୟାନରେ ନିଜ ଜୀବନ ଉତ୍ସର୍ଗ କରୁନାହାଁନ୍ତି ?

ଭଗବାନଙ୍କୁ ସ୍ମରଣ କରିବା ଯଥେଷ୍ଟ ନୁହେଁ । ଦିବ୍ୟକର୍ମ ଭିତରକୁ ମନ, ପ୍ରାଣ ଓ ଆତ୍ମା ସହିତ ପ୍ରବେଶ କରିବାକୁ ହେବ । ହନୁମାନ ଓ ବିଭୀଷଣ ପରସ୍ପର ବନ୍ଧୁ ହୋଇଗଲେ । ଦିନେ ବିଭୀଷଣ ଅତି ବ୍ୟସ୍ତ ହୋଇ ହନୁମାନଙ୍କୁ ପଚାରିଲା, ''ହନୁମାନ, ତୁମେ କେତେ ଭାଗ୍ୟବାନ ! ତୁମେ ସବୁବେଳେ ରାମନାମ ସ୍ମରଣ କରି ତାଙ୍କ କୃପା ଲାଭ କରି ପାରିଛ । ମୁଁ ମଧ୍ୟ ଦୀର୍ଘ ସମୟ ଧରି ରାମ ନାମ ସ୍ମରଣ କରି ଆସୁଅଛି, କିନ୍ତୁ ମୁଁ ତାଙ୍କ ଦର୍ଶନ ଲାଭର ସୁଯୋଗ ମଧ୍ୟ ଏ ପର୍ଯ୍ୟନ୍ତ ପାଇପାରିଲି ନାହିଁ ।''

ହନୁମାନ ପରିସ୍ଥିତିକୁ ବୁଝାଇ ଦେଲେ, ''ତୁମେ ରାମନାମ ସ୍ମରଣ କରୁଛ, ଏଥିରେ ସନ୍ଦେହ ନାହିଁ, କିନ୍ତୁ ତୁମେ କେବେ ରାମଙ୍କ କାମରେ ଅଂଶଗ୍ରହଣ କଲଣି କି ? ତାହା ନ କରି ତୁମେ କିପରି ତାଙ୍କ କୃପା ଆଶା କରୁଛ ? ଆଜିକୁ ଦଶମାସ ହେଲା ସୀତାଦେବୀ ଲଙ୍କାରେ ରହିଲେଣି । ଥରେ କେବେ ତାଙ୍କ ପାଖକୁ ଯାଇ ତାଙ୍କୁ ଆଶ୍ୱାସନା

ଦେଲଣି କି ? ତାଙ୍କ ପାଖକୁ ଯାଇ ଥରେ ହେଲେ ଦର୍ଶନ କଲଣି କି ? ତାଙ୍କ ଦୁଃଖ ଦୂର କରିବା ପାଇଁ କୌଣସି ଉପାୟ ଚିନ୍ତା କଲଣି କି ? ଏଥିମଧ୍ୟରୁ କୌଣସିଟି କରିଥିଲେ ତାହା ରାମସେବାର ଅନ୍ତର୍ଭୁକ୍ତ ହୋଇଯାଇଥାନ୍ତା । ତୁମ ପାଖରେ ଥିବା ଅନେକ ସୁଯୋଗ ତୁମେ ହାତଛଡ଼ା କରିଦେଇଛ । ମୋ କଥା ଦେଖ, ମୁଁ ରାମଙ୍କ ପାଇଁ ମୋ ଜୀବନ ପୂରାପୂରି ଉତ୍ସର୍ଗ କରି ଦେଇଛି, ତୁଣ୍ଡରେ ରାମନାମ ଓ ହାତରେ ରାମକାମ କରି ଚାଲିଛି ।''

ଶ୍ରୀରାମଙ୍କ ଦୁଇଭକ୍ତଙ୍କ ମଧ୍ୟରେ ଚାଲିଥିବା କଥାବାର୍ତ୍ତା ବର୍ଣ୍ଣନା କରୁ କରୁ ଭଗବାନ ଶ୍ରୀ ସତ୍ୟସାଇ କହିଲେ, ''ଏହି ପରିପ୍ରେକ୍ଷୀରେ ଆମର କାମ କ'ଣ ହେବା ଉଚିତ ? ହୃଦୟରେ ରାମ, ହାତରେ କାମ - ''ଦିଲ୍ ମେ ନାମ, ହାଥ ମେ କାମ ।'' ଏହି ଦୁଇ ନୀତିରେ ପରିଚାଳିତ ଜୀବନ ହିଁ ସାର୍ଥକ ଜୀବନ ।

ବାବା ଥରେ କହିଥିଲେ, ''ତୁମେ ଅନ୍ୟମାନଙ୍କ ପାଇଁ ସେବା କରୁନାହଁ, ତୁମେ ସେବା କରୁଛ ନିଜ ପାଇଁ, ତୁମ ଅନ୍ତରସ୍ଥ ଈଶ୍ୱରଙ୍କ ପାଇଁ, ଅନ୍ୟମାନଙ୍କ ଅନ୍ତରର ଥିବା ସେହି ସମାନ ଈଶ୍ୱରଙ୍କ ପାଇଁ ।''

ସେବା ସ୍ୱର୍ଗକୁ ନେଇଯାଏ

ସ୍ୱେଚ୍ଛାକୃତ ଓ ନିଃସ୍ୱାର୍ଥପର ସେବାକୁ ଭଗବାନ ସର୍ବାଧିକ ଗୁରୁତ୍ୱ ଓ ମୂଲ୍ୟ ଦେଇଥାନ୍ତି । ସେ କହନ୍ତି, ସେବା ହିଁ ସର୍ବୋତ୍ତମ ଓ ସର୍ବୋଚ୍ଚ ଆଧ୍ୟାତ୍ମିକ ସାଧନା । ଥରେ ସେ କହିଥିଲେ, ଅନେକ ଲୋକ ଦୁର୍ଦ୍ଦଶାର ପଡ଼ି ବିଭିନ୍ନ ସମସ୍ୟାଗତ ଅଶାନ୍ତି ଧରି ପ୍ରଶାନ୍ତି ନିଳୟମ୍‌କୁ ଦୌଡ଼ନ୍ତି । ସେମାନଙ୍କ ମଧ୍ୟରୁ କେତେକ ଶାରୀରିକ ତଥା ମାନସିକ ରୋଗୀ । ପ୍ରତ୍ୟେକଙ୍କୁ ଚିକିତ୍ସା ପ୍ରଦାନ କରିବା ମୋର କାମ । ଡାକ୍ତର ମୁଖ୍ୟ ସେବା କରି ଦେଇ ଯିବା ପରେ ନର୍ସ ଓ କମ୍ପାଉଣ୍ଡରମାନେ ଅବଶିଷ୍ଟ କାମ କରିଯାଆନ୍ତି । ଠିକ୍ ସେହିପରି ହେ ସ୍ୱେଚ୍ଛାସେବୀମାନେ, ମୁଁ ତୁମ ପାଇଁ ସେବା ପ୍ରଦାନ କରିବାର ସୁଯୋଗ ଯୋଗାଇଦେଉଛି ।

''ନ କର୍ମଣା ନ ପ୍ରଜୟା ନ ଧନେନ ତ୍ୟାଗେନୈକେ ଅମୃତତ୍ୱମାନଶୁଃ ।''

ଶାସ୍ତ୍ରୋକ୍ତ ସାଧନାଦ୍ୱାରା କିମ୍ବା ସୁଦକ୍ଷ ସନ୍ତାନ ଉତ୍ପାଦନ କରିବାଦ୍ୱାରା କିମ୍ବା ଧନ ଅର୍ଜନ ମାଧ୍ୟମରେ ଅମୃତତ୍ୱ ଲାଭ ହୋଇପାରିବ ନାହିଁ, କେବଳ ତ୍ୟାଗ ବଳରେ ଜଣେ ଅମୃତତ୍ୱ ଲାଭ କରିପାରିବ । ଏହି ସତ୍ୟ ବେଦମାନେ ଘୋଷଣା କରିଛନ୍ତି । ତ୍ୟାଗବୁଦ୍ଧି (ତ୍ୟାଗ କରିବା ପାଇଁ ମାନସିକ ପ୍ରସ୍ତୁତି) ଓ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପରତା ହିଁ ସେବାଭାବର ଚିହ୍ନ । ପରମପଦ ପ୍ରାପ୍ତ ହେବା ପାଇଁ ଏହା ହିଁ ଏକମାତ୍ର ରାଜପଥ ।

ସମସ୍ତ ପ୍ରକାର ସାଧନା ମଧ୍ୟରେ ସେବାସାଧନାର ସ୍ଥାନ ଅତ୍ୟୁଚ୍ଚରେ । ଧର୍ମ ପୁନଃ ପ୍ରତିଷ୍ଠା କରିବା ମାଧ୍ୟମରେ ମାନବ ସମାଜର ସେବା କରିବା ପାଇଁ ଭଗବାନ

ମାନବ ରୂପ ଧାରଣ କରି ଅବତାର ଗ୍ରହଣ କରିଛନ୍ତି ଏବଂ ସେ ଅସଂଖ୍ୟ ପ୍ରକାର ସେବା କାମ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ଏ ପରିସ୍ଥିତିରେ ମଣିଷ ଯଦି ନିଃସ୍ୱାର୍ଥପର ସେବା କାମରେ ନିଜକୁ ନିୟୋଜିତ କରନ୍ତା ତେବେ ସେ ନିଶ୍ଚିତ ଭାବରେ ଭଗବତ୍ କୃପା ଅର୍ଜନ କରନ୍ତା, ଏଥିରେ ସନ୍ଦେହ ନାହିଁ ।

କେବଳ ପ୍ରଶାନ୍ତି ନିଳୟମ୍ ପରିସର ମଧ୍ୟରେ ସେବା କାମ ଦରକାର, ତାହା ନୁହେଁ । ଯେଉଁଠାରେ ଦୁଃଖୀ ରଙ୍କି, ଦରିଦ୍ରମାନଙ୍କୁ ଦେଖିଲ ତାଙ୍କ ସେବା କର । ଏହା ନିଜ ଗ୍ରାମରେ ହୋଇପାରେ, ତୀର୍ଥଯାତ୍ରାରେ ଗଲାବେଳେ ହୋଇପାରେ, ଯେ କୌଣସି ସ୍ଥାନରେ ଯେ କୌଣସି ସମୟରେ ହୋଇପାରେ । ସାଧାରଣତଃ ପାଣିର କୌଣସି ମୂଲ୍ୟ ନଥାଏ, କିନ୍ତୁ କ୍ଷୀର ସଙ୍ଗେ ମିଶିଗଲେ ତାହା କ୍ଷୀର ସମ ମୂଲ୍ୟବାନ ହୋଇଯାଏ । ଠିକ୍ ସେହିଭଳି ତୁମେ ଯଦି ସ୍ୱାମୀଙ୍କ ପବିତ୍ର କାମରେ ତୁମର କିଛିଟା ସେବା ମିଶାଇପାରିବ ତେବେ ତୁମ ଅବଦାନର ମୂଲ୍ୟ, ଗୁରୁତ୍ୱ ଓ ତାତ୍ପର୍ଯ୍ୟ ବଢ଼ିଯିବ ।

ଥରେ ଭଗବାନ ଶ୍ରୀକୃଷ୍ଣ ତାଙ୍କ ଭକ୍ତ, ସନ୍ଥକବି ସୁରଦାସଙ୍କୁ ପଚାରିଲେ, ତୁମର ଇଚ୍ଛା କ'ଣ ? ସଙ୍ଗେ ସଙ୍ଗେ ପୁଣି ପଚାରିଲେ, ଛାଡ଼, ତୁମେ ମୋ ପରିଚାରକ ହେବା ପାଇଁ ଇଚ୍ଛୁକ କି ? ବିନୀତ ସୁରଦାସ କହିଲେ, ''ହେ ପ୍ରଭୁ, ମୁଁ ତୁମର ସେବକ ହେଲେ ମୋଠାରେ ଅହଂଭାବ ଆସିଯାଇପାରେ । ମୁଁ ବା ତୁମର କି ସେବା କରିପାରିବି ? ମୋଠାରୁ ଅଧିକ ଭକ୍ତି, ସାମର୍ଥ୍ୟ, ଦକ୍ଷତା ଓ ସୁବିଧା-ସୁଯୋଗ ଥିବା ଅସଂଖ୍ୟ ଲୋକ ତୁମ ସେବା କରିବା ପାଇଁ ଅଛନ୍ତି । ତୁମର ଆଉ କେତେକ ସେବକ ଅଛନ୍ତି ଯେଉଁମାନଙ୍କର ସାହାଯ୍ୟ ଓ ସେବା ଦରକାର । ଦୟାକରି ମୋତେ ଆଶୀର୍ବାଦ କର, ମୁଁ ସେହି ହତଭାଗ୍ୟମାନଙ୍କ ସେବା କରେ, ଦାସାନୁଦାସ ହୋଇଯାଏ ।''

''ମୋତେ ସନ୍ତୁଷ୍ଟ କରିବାକୁ ହେଲେ ବା ଖୁସି କରିବାକୁ ହେଲେ, ମୋତେ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ଦେଖ, ମୋତେ ଯେପରି ପୂଜା ଓ ସେବା କରନ୍ତ ସେମାନଙ୍କୁ ମଧ୍ୟ ସେହିପରି ସେବା ପୂଜା କର । ସେହି ଗୋଟିକ ହିଁ ମୋ ପୂଜା ପାଇଁ ପ୍ରକୃତ ଓ ଉପଯୁକ୍ତ ପଦ୍ଧତି, ତାହା ହିଁ ଏକମାତ୍ର ପବିତ୍ର ପଥ ଯେଉଁ ପଥ ଦେଇ ତୁମେ ମୋ ପାଖକୁ ଆସିପାରିବ ।''

ଜୀବନସାରା ଆଧ୍ୟାତ୍ମିକତା ରକ୍ଷା କର

କୋଡ଼ାଇକାନାଲରେ ଛାତ୍ରମାନଙ୍କୁ କହିବା ଛଳରେ, ଭଗବାନ ବାବା ଗୋଟିଏ ଆନନ୍ଦଦାୟକ ତଥା ଗୁରୁତ୍ୱପୂର୍ଣ୍ଣ କଥା ବର୍ଣ୍ଣନା କରିଥିଲେ ।

ଥରେ ପୃଥିବୀରେ ସମସ୍ତ ପ୍ରକାର ପନିପରିବା ନିଜ ଭିତରେ କନ୍ଦଳ ସୃଷ୍ଟି କଲେ, ସେମାନେ ଜାଣିବାକୁ ଚାହିଁଲେ ସେମାନଙ୍କ ମଧ୍ୟରୁ କିଏ ସବୁଠାରୁ ଭଲ । ନିଜ ଭିତରେ ନିଷ୍ପତ୍ତି ହୋଇ ନ ପାରିବାରୁ ସେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ପାଖକୁ ଗଲେ ଓ ମୀମାଂସା କରିଦେବା ପାଇଁ ଅନୁରୋଧ କଲେ । ଏମାନଙ୍କ ପ୍ରାର୍ଥନା ଶୁଣି ତିନି ଠାକୁର

ଆସିଲେ । ଏମାନଙ୍କ କଳହର ସ୍ବର୍ଣ୍ଣକାତର ବିଷୟକୁ ସେମାନେ ଅତୀବ ଧୈର୍ଯ୍ୟ, ସମ୍ବେଦନଶୀଳତା ଓ ବୁଝାମଣା ସହ ଶୁଣିଲେ, ଶେଷରେ ସେମାନେ ସିଦ୍ଧାନ୍ତ ଦେଲେ ଯେ ବିନମ୍ର ପିଆଜ ହିଁ ସବୁଠାରୁ ଭଲ ।

ସମସ୍ତ ପନିପରିବା ଆଶ୍ଚର୍ଯ୍ୟ ହୋଇଗଲେ । ପ୍ରତ୍ୟେକଙ୍କଠାରେ ବହୁ ପ୍ରଶଂସନୀୟ ଗୁଣମାନ ଥାଉଁ ଥାଉଁ, ଏ ଠାକୁରମାନେ ପିଆଜକୁ କିଭଳି ସବୁଠାରୁ ବଡ଼ ସ୍ଥାନ ଦେଇଦେଲେ । ଏମାନଙ୍କ ଅଭିଯୋଗ ଜାଣିପାରି ଦେବତାମାନେ କହିଲେ, ''ଏକଥା ନିଃସନ୍ଦେହ ଯେ ତୁମ୍ଭେମାନେ ବହୁ ପ୍ରଶଂସାର ଅଧିକାରୀ । କିନ୍ତୁ ପିଆଜର ଗୋଟିଏ ସ୍ୱତନ୍ତ୍ର ତଥା ବିଶେଷ କଥା ଅଛି ଯାହା ତୁମ କାହାରି ପାଖରେ ନାହିଁ । ତାହା ହେଉଛି : ସେ ସାରା ଜୀବନ ସେଇ ଏକ ଗନ୍ଧକୁ ଅପରିବର୍ତ୍ତିତ ରଖେ, ଯେଉଁଥିପାଇଁ ଆମେ ତା' ସପକ୍ଷରେ ବିଚାର ଦେଇଛୁ । ପିଆଜ ପରି ହୁଅ । ତୁମେ ସୁଖରେ ଥାଅ ବା ନ ଥାଅ, ଆରାମରେ ଥାଅ ବା ଅସୁବିଧାରେ ଥାଅ, ତୁମଠାରେ ଥିବା ଭଗବତ୍ ଭକ୍ତିକୁ ବଜାୟ ରଖିଥାଅ ।'' ଏ କଥାଟି ପନିପରିବାଗୁଡ଼ିକୁ ଠିକ୍ ଭାବେ ସନ୍ତୁଷ୍ଟ କଲା ।

ନିଜ ଦାଢ଼ି ଆଉଁସୁ ଆଉଁସୁ ବ୍ରହ୍ମା ବିଜେତାକୁ କହିଲେ, ମୁଁ ଯେତେଦିନ ପର୍ଯ୍ୟନ୍ତ ଅଛି, ମୋ ଭଳି ଦାଢ଼ି ତୋର ଥାଉ । ବିଷ୍ଣୁ କହିଲେ, ସିଧା ଭାବେ କାଟିଲେ ତୁ ମୋର ହାତରେ ଥିବା ଶଙ୍ଖ ଭଳି ଦେଖାଯିବୁ, ପେଟ ମଝିରୁ କାଟିଲେ ମୋ ହାତର ଚକ୍ର ସଦୃଶ ଦେଖାଯିବୁ । ମହେଶ୍ୱର ତାକୁ ଆଉ ଏକ ବର ଦେଲେ । ସେ କହିଲେ, ''ତୋତେ ଯିଏ ଆହତ କରିବ ସେ ନିଜେ କାନ୍ଦିବ ।'' ଏ ସବୁ କଥା ପ୍ରତ୍ୟେକଙ୍କୁ ଜଣା ।

ପନିପରିବାକୁ ଉପଲକ୍ଷ୍ୟ ଦେଇ କେତେବଡ଼ ସତ୍ୟ, କେତେ ସରଳ ଗଳ୍ପ ମାଧ୍ୟମରେ ପ୍ରକାଶିତ ହୋଇ ପାରିଛି । ଯେଉଁ ବ୍ୟକ୍ତି ହୃଦୟରେ ଭଗବାନଙ୍କ ପ୍ରତି ନିଷ୍ଠା ଓ ଅବିଚଳ ଭକ୍ତି ରକ୍ଷା କରିପାରେ ସେ ମହାନ୍ । ସେ ଭଗବତ କୃପା ଲାଭ କରିବ, ସେ ସତ୍ୟପରାୟଣ ଓ ଧାର୍ମିକ ହେବ । କେହି ତା'ର କ୍ଷତି କରିପାରିବେ ନାହିଁ ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ
ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ସପ୍ତଦଶ ଅଧ୍ୟାୟ ସମ୍ପୂର୍ଣ୍ଣ

ସପ୍ତମ ଦିବସ - ଅବଶିଷ୍ଟାଂଶ

ଅଷ୍ଟାଦଶ ଅଧ୍ୟାୟ

ବଞ୍ଚିତମାନଙ୍କ ପ୍ରିୟ ବନ୍ଧୁ, ଅଭାବୀମାନଙ୍କ ନିକଟ ବନ୍ଧୁ

ଭଗବତ୍ ବ୍ୟାକୁଳତା ବଢ଼ାଇବା ଉଦ୍ଦେଶ୍ୟରେ ଘାତପ୍ରତିଘାତଗୁଡ଼ିକ ସୃଷ୍ଟି କରାଯାଇଥାଏ ଏବଂ ନିଷ୍ପାପର ଭକ୍ତଙ୍କୁ ପରୀକ୍ଷା କରିବା ମଧ୍ୟ ଏହାର ଅନ୍ୟ ଏକ ଲକ୍ଷ୍ୟ ।

-ବାବା

ଘାତପ୍ରତିଘାତ ଭଗବାନଙ୍କୁ ନିକଟତର କରାଏ

ଶ୍ରୀ ମହାଭାରତ କଥା, ପାଣ୍ଡବମାନେ ସେମାନଙ୍କ ବନବାସର ଅବଧି ସମ୍ପୂର୍ଣ୍ଣ କରି ନିରାପଦରେ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କଲେ । ମାତା କୁନ୍ତୀ ଅତି ଆନନ୍ଦିତ ହେବା ସ୍ୱାଭାବିକ । କୃତଜ୍ଞତା ସ୍ୱୀକାର କରି ସେ ଭଗବାନ ଶ୍ରୀକୃଷ୍ଣଙ୍କ ଚରଣରେ ପ୍ରଣିପାତ ଜଣାଇଲେ । ଶ୍ରୀକୃଷ୍ଣ କହିଲେ, "ସମ୍ମାନୀୟା ପିଉସୀମା, ଆଉ କିଛି ଯଦି ଦରକାର ଅଛି, ତେବେ ମାଗ, ମୁଁ ସବୁ କିଛି ଦେଇପାରିବି ।" କୁନ୍ତୀ ବିନୟ ସହକାରେ କହିଲେ, "ହେ କୃଷ୍ଣ, ମୋ ପୁତ୍ରମାନେ ଅରଣ୍ୟବାସ ସମୟରେ ଅସହନୀୟ କଷ୍ଟର ସମ୍ମୁଖୀନ ହୋଇଥିଲେ, ଚେରମୂଳ ଖାଇ ଅକଥନୀୟ ଦଶା ଭୋଗୁଥିଲେ, ଯେଉଁଥିପାଇଁ ତୁମେ ସଦାସର୍ବଦା ସେମାନଙ୍କ ପାଖେ ପାଖେ ଥାଇ ସେମାନଙ୍କୁ ଜଗି ରହିଥିଲ । ସେହିଭଳି ମୁଁ ଯଦି ନାନାଦି ଅସୁବିଧା ଓ କଷ୍ଟ ଭିତରେ ରହେ ତେବେ ତୁମର ସମର୍ଥନ, ସୁରକ୍ଷା ଓ ସୁମଧୁର ଅନ୍ତରଙ୍ଗ ପ୍ରେମ ଲାଭ କରିପାରିବି । ସେଥିପାଇଁ ମୁଁ କେବଳ ଯାତନାପୂର୍ଣ୍ଣ ଜୀବନ ମାଗୁଛି, ମୋତେ ସଦାସର୍ବଦା କଷ୍ଟରେ ରଖିଥାଅ ।"

ଶ୍ରୀ ସତ୍ୟସାଇଙ୍କ ଜୀବନର ଏହିଭଳି ଏକ ଘଟଣା ଏଠାରେ ଉଲ୍ଲେଖଯୋଗ୍ୟ । ଗୋଟିଏ ବର୍ଷ ସ୍ୱାମୀ ସ୍ଥିର କଲେ ଯେ ଗ୍ରୀଷ୍ମ ଶିକ୍ଷା ଶିବିର ଉଟିରେ କରାଇବେ ଓ ସବୁ ଛାତ୍ରମାନଙ୍କୁ ସେଠାକୁ ନିଆଗଲା । କାର୍ଯ୍ୟକ୍ରମ ଶେଷରେ ବାଙ୍ଗାଲୋର ବାହାରିଲା ବେଳକୁ ସ୍ୱାମୀ ସେମାନଙ୍କୁ କହିଲେ, "ଉଟିକୁ ଆସିଛ ଯେତେବେଳେ ସମସ୍ତେ ଯାଇ ପ୍ରାକୃତିକ ଦୃଶ୍ୟ ଉପଭୋଗ କର । ଈଶ୍ୱରଙ୍କ ସୃଷ୍ଟି କି ସୁନ୍ଦର ତାହା ଉପଲବ୍ଧି କର । ଛାତ୍ରମାନେ ଅଳି କଲେ ଯେ ସ୍ୱାମୀ ସେମାନଙ୍କ ସହିତ ମଧ୍ୟ ଯୋଗ ଦେବେ, ନଚେତ୍ ପିଲାମାନେ ଦୃଶ୍ୟ ଦେଖିବାକୁ ଯିବେ ନାହିଁ । ସେମାନେ ଭାବିଥିଲେ ପ୍ରାକୃତିକ ଦୃଶ୍ୟପଟ ସହିତ ସେମାନେ ସ୍ୱାମୀଙ୍କ ସଙ୍ଗେ କେତେକ ଫଟ ଉଠାଇବେ । ସ୍ୱାମୀ ଏକମତ ହୋଇ ବସ୍ ବ୍ୟବସ୍ଥା କଲେ, ସମୁଦ୍ର ପତ୍ତନଠାରୁ ୮୦୦୦ ଫୁଟ ଉଚ୍ଚ ଦୋଡ଼ାବେଟ୍ଟା ନାମକ ଏକ ସ୍ଥାନକୁ ଯିବାର ବ୍ୟବସ୍ଥା କରାଗଲା । ସ୍ୱାମୀ ପିଲାମାନଙ୍କୁ କହିଲେ, "ତୁମେ ପ୍ରଥମେ

ଯାଇ ଫଟ ଉଠାଇବାର ବ୍ୟବସ୍ଥା କର, ମୁଁ ପଛେ ପଛେ ଯାଇ ତୁମ ସହିତ ଯୋଗ ଦେଉଛି ।''

କିଛି ସମୟ ପରେ ଛାତ୍ରମାନେ ବାହାରିଲେ ଓ ସ୍ୱାମୀ ନନ୍ଦନବନରୁ କାର୍ ଯୋଗେ ବାହାରିଲେ । ସ୍ୱାମୀ ବାହାରିଗଲା ପରେ ଦୁଇଜଣ ଯୁବକ ତାଙ୍କ ଦର୍ଶନ ଆଶାରେ ଆସି ପହଞ୍ଚିଲେ । ସ୍ୱାମୀ ଦୋଡ଼ାବେଟ୍ଟା ଅଭିମୁଖେ ବାହାରି ଯାଇଛନ୍ତି ଶୁଣି ସେ ଦୁଇଜଣ ମଧ୍ୟ ତାଙ୍କ ମୋଟର ସାଇକେଲ୍‌ରେ ଦୋଡ଼ାବେଟ୍ଟା ବାହାରିଲେ । ଶୀଘ୍ର ପହଞ୍ଚିବା ଆଶାରେ ସେମାନେ ଖୁବ୍ ଜୋରରେ ମୋଟର ସାଇକେଲ୍ ଚଳାଇ ସ୍ୱାମୀଙ୍କ କାର୍‌କୁ ଟପିଗଲେ । ସ୍ୱାମୀଙ୍କ ଗାଡ଼ିରେ ଥିବା ଲୋକେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''କିଏ ଏ ଯୁବକଦ୍ୱୟ ଏତେ ଜୋରରେ ଗାଡ଼ି ଚଳାଉଛନ୍ତି, ନିଶ୍ଚିତଭାବେ ଅହଂକାରୀ ଗୁଣ୍ଡାଲୋକ ହୋଇଥିବେ ।'' ବାବା ତାଙ୍କୁ ସଂଶୋଧନ କରି କହିଲେ, ''ଭଲକରି କିଛି ନ ଜାଣି ସିଦ୍ଧାନ୍ତ ଗ୍ରହଣ କରିବା ଠିକ୍ ନୁହେଁ । ସେମାନେ ମୋ ଦର୍ଶନ ଲାଭ କରିବା ପାଇଁ ବ୍ୟାକୁଳ ହୋଇ ଦୌଡୁଛନ୍ତି ।''

ରାସ୍ତାରେ ଗୋଟିଏ ମୋଡ଼ ଯାଗାରେ ଅତି ଜୋର୍‌ରେ ଯାଉ ଯାଉ ସେମାନେ ସ୍ୱାମୀଙ୍କ କାରର୍ ଅତି ପାଖାପାଖି ହୋଇ ନିୟନ୍ତ୍ରଣ ହରାଇ ମୋଟର ସାଇକେଲ ସହିତ ପଡ଼ିଗଲେ । ସଙ୍ଗେ ସଙ୍ଗେ ସ୍ୱାମୀ ତାଙ୍କ ଗାଡ଼ି ଅଟକାଇଲେ, ଓହ୍ଲାଇପଡ଼ି ରୁମାଲରେ ସେମାନଙ୍କ ଦେହରୁ ଧୂଳି ଝାଡ଼ି ଦେଇ, ସଫାସୁତୁରା କରିବା ସଙ୍ଗେ ସଙ୍ଗେ କହିଲେ, ''ପିଲାଏ କ'ଣ କେଉଁଠି ହୋଇଛି ? ଏତେ ଜୋର୍‌ରେ ଗାଡ଼ି କାହିଁକି ଚଳାଉଛ ? ଏପରି ଅସାବଧାନ ହୋଇ କିଛି କରିବା ଠିକ୍ ନୁହେଁ । ଯଦି ମୋ ଦର୍ଶନ କରିବାକୁ ଚାହୁଁଥିଲ ତେବେ ନନ୍ଦନବନ ଆସିପାରିଥାନ୍ତ ।'' ଯୁବକଦ୍ୱୟ କହିଲେ, ''ସ୍ୱାମୀ, ଆମେ ଆପଣଙ୍କୁ ଦର୍ଶନ କରିବାକୁ ଅତି ବ୍ୟାକୁଳ ଥିଲୁ । ବାଟରେ ଏ ଦୁର୍ଘଟଣା ହେବା ଫଳରେ ଆପଣଙ୍କ ଦର୍ଶନ ଲାଭ ହେବା ସଙ୍ଗେ ସଙ୍ଗେ ଆପଣଙ୍କ ସ୍ପର୍ଶନ ଓ ସମ୍ଭାଷଣ ମଧ୍ୟ ଲାଭ ହେଲା । ଆମେ ଏଭଳି ଘଟଣାରେ ନ ପଡ଼ିଥିଲେ ଆପଣ ଆମ ପାଖକୁ ଆସିନଥାନ୍ତେ, ସ୍ନେହରେ ଆମ ପିଠି ଆପୁଡ଼ାଇନଥାନ୍ତେ । ସର୍ବୋପରି, ଆମ ସହିତ ଏତେ ଆପଣା ଲୋକଭଳି ମଧୁର କଥାବାର୍ତ୍ତା ମଧ୍ୟ ହୋଇନଥାନ୍ତେ । ସ୍ୱାମୀ, ଆପଣ ଆମ୍ଭମାନଙ୍କୁ କଷ୍ଟ, ଅସୁବିଧାମାନ ଦିଅନ୍ତୁ ପଛେ ଆମକୁ ଆପଣଙ୍କ ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ପ୍ରଦାନ କରୁଥାନ୍ତୁ ।ଏତିକି ଆନନ୍ଦ ଲାଭ କରିବା ପାଇଁ ଯେତେ କଷ୍ଟ ପଡୁ ପଛେ ଆମେ ସହିବୁ ।''

ଏହି ଘଟଣା ବର୍ଣ୍ଣନା କରି ପ୍ରେମ ଓ କରୁଣାର ପ୍ରତିମୂର୍ତ୍ତି ଭଗବାନ କହିଲେ, ''ତୁମ୍ଭେମାନେ ଆରାମପ୍ରଦ ଜୀବନ ଉପଭୋଗ କରୁଥିବା ସମୟରେ ଭଗବାନ ତୁମର ଏତେ ନିକଟବର୍ତ୍ତୀ ହୁଅନ୍ତି ନାହିଁ କି ନିଜ ପ୍ରେମ ଅଜାଡ଼ି ଦିଅନ୍ତି ନାହିଁ । ତୁମେ ଯେତେବେଳେ ଅପମାନ, ଅସୁବିଧା ଓ କଷ୍ଟରେ ପଡ଼ିଥାଅ, ସେତେବେଳେ ସେ ଅଧିକ କୃପା ଓ ନିକଟତା ପ୍ରଦାନ କରନ୍ତି । ଭଗବାନଙ୍କ ଦୃଷ୍ଟିରେ ସୁଖ ଓ ଦୁଃଖ ଉଭୟଟି ସମାନ । ଯେଉଁମାନେ

ଭଗବାନଙ୍କୁ ଅନ୍ତରରେ ସହିତ ଭଲ ପାଆନ୍ତି ସେମାନଙ୍କର କୌଣସି କାମନା-ବାସନା ରହେ ନାହିଁ । ବିଶ୍ୱାସର ଅଭାବରୁ ବିନଷ୍ଟ ହୋଇଯାଇଥିବା ଲୋକଙ୍କ ସଂଖ୍ୟା ବହୁ ଅଧିକ । କିନ୍ତୁ ଯାହାର ବିଶ୍ୱାସ ଅଛି ସେଭଳି ଜଣକୁ ମଧ୍ୟ ଭଗବାନ ଅବହେଳା କରନ୍ତି ନାହିଁ । ଜଣକୁ ବି ନୁହେଁ, ଜଣକୁ ବି ନୁହେଁ ।

ମୁଁ ମଧ୍ୟ ତାକୁ ଭୟ କରେ

ଦିନେ ଦର୍ଶନ ସମୟ ହେବା ପୂର୍ବରୁ ମହିଳାମାନେ ହଲ୍ ଭିତରକୁ ପ୍ରବେଶ କରୁଥିଲେ । ସେମାନେ ସମ୍ପୂର୍ଣ୍ଣ ନୀରବତା ରକ୍ଷା କରିଥିଲେ ଓ ଧାଡ଼ିରେ ଚାଲୁଥିଲେ । କିନ୍ତୁ ଜଣେ ମହିଳା ସ୍ୱେଚ୍ଛାସେବିକା ଦ୍ୱାରଦେଶରେ ଥିଲା, ଯାହାର କଥାବାର୍ତ୍ତା ଓ ଆଚରଣ ଅତି ରୁକ୍ଷ ଥିଲା । ବହୁ ମହିଳା ଭକ୍ତ ତାହାର ବ୍ୟବହାରଦ୍ୱାରା କ୍ଷୁବ୍ଧ ହେଲେ । ଜଣେ ମହିଳା ଭକ୍ତ ବିବ୍ରତ ହୋଇପଡ଼ିଲେ । ସେ ଶାନ୍ତି ପାଇବା ପାଇଁ ପ୍ରଶାନ୍ତି ନିଳୟମ୍‌କୁ ଆସିଛନ୍ତି । ଏଠାରେ ଏତିକି ଅଶାନ୍ତି ? ଏହା ଭାବି ସେ ବଡ଼ କଷ୍ଟ ପାଇଲେ । ସେ ସ୍ଥିର କଲେ ଯେ ଏ ବିଷୟ ସେ ସ୍ୱାମୀଙ୍କୁ ସିଧାସଳଖ କହିବେ । ତାଙ୍କ ସୌଭାଗ୍ୟକୁ ଅନ୍ୟ କେତେଜଣ ମହିଳାଙ୍କ ସହିତ ତାଙ୍କୁ ସାକ୍ଷାତ୍‌କାର କକ୍ଷକୁ ଯିବାର ସୁବିଧା ମିଳିଲା ।

ଏ ସୁଯୋଗକୁ ବ୍ୟବହାର କରି ସେ ସ୍ୱାମୀଙ୍କୁ ତାଙ୍କ ବ୍ୟକ୍ତିଗତ ସମସ୍ୟା ବିଷୟ କହିପାରିଥାନ୍ତେ । କିନ୍ତୁ ସେ ଭାବିଲେ ହଲ୍‌ର ପ୍ରବେଶଦ୍ୱାରରେ ରୁକ୍ଷ ଓ ଅସଙ୍ଗତ ବ୍ୟବହାର କରୁଥିବା ସେ ସ୍ୱେଚ୍ଛାସେବିକା କଥା କହିବେ । ସାକ୍ଷାତ୍‌କାର କକ୍ଷ ଭିତରକୁ ଯାଉ ଯାଉ ସେ ବଡ଼ ପାଟିରେ କହି ଉଠିଲେ, ‘‘ସ୍ୱାମୀ ମହିଳାମାନଙ୍କ ପ୍ରବେଶ ଦ୍ୱାରରେ କଠୋର ବାକ୍ୟ ବ୍ୟବହାର କରୁଥିବା ସେ ମହିଳା ସ୍ୱେଚ୍ଛାସେବୀକୁ ଆପଣ ଜାଣନ୍ତି ? ଏଭଳି ପବିତ୍ର ସ୍ଥାନରେ ସେ ଆମ ମାନସିକ ଶାନ୍ତି ନଷ୍ଟ କରି ଦେଉଛି । ସେଭଳି ଲୋକକୁ ପ୍ରବେଶଦ୍ୱାରରେ ଆପଣ କାହିଁକି କାମ ଦେଇଛନ୍ତି ?’’ ସ୍ୱାମୀ ତାଙ୍କ ସିଂହାସନରେ ଧୀରସ୍ଥିର ଭାବରେ ବସିଥିଲେ, ଏସବୁ କଥା ଶୁଣି ସେ ସାମାନ୍ୟ ଆଗକୁ ଝୁଙ୍କିପଡ଼ି ତାକୁ କହିଲେ, ‘‘ସୁନା ମାଆଟି ମୋର, ମୁଁ ତୋତେ ଏହାର ଗୁପ୍ତ ରହସ୍ୟ କହିବି । ମୁଁ ମଧ୍ୟ ତାକୁ ଭୟ କରେ ।’’ ମହିଳାଜଣକ ଆଶ୍ଚର୍ଯ୍ୟ ହୋଇଗଲେ, ଅବଶ୍ୟ ଆନନ୍ଦିତ ମଧ୍ୟ ହେଲେ ଏବଂ ବାବାଙ୍କ ପାଖରେ ଏଡ଼େ ସୁରକ୍ଷିତ ଥିବା ଏଭଳି ଏକ ରହସ୍ୟ ଉନ୍ମୋଚିତ ହେବା ଦେଖି ହସି ହସି ଗଡ଼ିଗଲେ । କୋଠରୀ ସାରା ସମସ୍ତେ ହସିବାରେ ଲାଗିଲେ ।

ଏହା ମାଧ୍ୟମରେ ଭଗବାନ ବାବା ତାଙ୍କ ଭକ୍ତମାନଙ୍କୁ ଗୋଟିଏ ବଡ଼ ଆଧ୍ୟାତ୍ମିକ ଶିକ୍ଷା ଦେଇଛନ୍ତି । ସେ କ୍ରୋଧ ପ୍ରକାଶ କରି, ଦୁର୍ବ୍ବ୍ୟବହାର କରୁଥିବା ମହିଳା ସ୍ୱେଚ୍ଛାସେବୀକୁ କାର୍ଯ୍ୟରୁ ଅନ୍ତର କରି ଦେଇନାହାନ୍ତି । ଅପର ପକ୍ଷରେ ପ୍ରକୃତରେ ଆହତ ହୋଇଥିବା ଉକ୍ତ ମହିଳା ମନରୁ କ୍ଷୋଭ ଦୂର କରି ଦେଇପାରିଛନ୍ତି, ହାସ୍ୟରସରେ ବୁଡ଼ାଇ ଶାନ୍ତ କରିଦେଇଛନ୍ତି । ବାବା ତାଙ୍କ ଭକ୍ତମାନଙ୍କୁ ଏହାଦ୍ୱାରା ମନେ ପକାଇ ଦେଉଛନ୍ତି,

''ତୁମ୍ଭେମାନେ ଯେତେବେଳେ ଜୀବନରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛ, ବିବ୍ରତ ହୋଇପଡୁଛ, ମୋ ସୁମଧୁର ବାଣୀକୁ ସ୍ମରଣ କରି ସେଥିରେ ଥିବା ଜୀବନ୍ତ ଉତ୍‌ଫୁଲ୍ଲତାକୁ ମନେପକାଇ ଆନନ୍ଦିତ ହୁଅ । ଫଳରେ ତୁମେ ଅତି ସହଜରେ ତୁମ ଦୁଃଖକୁ ଭୁଲି ଯାଇପାରିବ ।''

ଏହି ମହିଳା ଭକ୍ତଜଣକ ପ୍ରବେଶଦ୍ୱାରରେ ଥିବା ସେହି ସ୍ୱେଚ୍ଛାସେବୀଠାରୁ ବାରମ୍ବାର ଦୁର୍ବ୍ୟବହାର ପାଇ ମଧ୍ୟ ଆଉ ବିବ୍ରତ ହୁଅନ୍ତି ନାହିଁ, ବରଂ ନିଜ ଭିତରେ ଶାନ୍ତି ଅବ୍ୟାହତ ରଖି ପାରନ୍ତି, ଭଗବାନଙ୍କର ମନୋମୁଗ୍ଧକର ବାଣୀ ଓ ତା' ଅନ୍ତରାଳରେ ଥିବା ତତ୍ତ୍ୱକୁ ସ୍ମରଣ କରି ମନେ ମନେ ଅତୀବ ଆନନ୍ଦିତ ହୁଅନ୍ତି ।

ଜୀବନରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲାବେଳେ ସ୍ୱାମୀଙ୍କ ପ୍ରଦତ୍ତ ବାଣୀ, ଗଳ୍ପ, ଉଦାହରଣ ପ୍ରଭୃତିକୁ ସ୍ମରଣ କର । ବାୟୁ ସ୍ରୋତରେ କଳାବାଦଲ ଅପସରି ଗଲା ଭଳି ତୁମ ସମସ୍ୟା ମଧ୍ୟ ଦୂରୀଭୂତ ହୋଇଯିବ । ଚିରନ୍ତନୀ, ବିଶ୍ୱାତ୍ମକ ପରମସତ୍ତା ମାନବ ଦେହ ଧାରଣ କରି ଆସିଛନ୍ତି । ଅସୀମ ଦୟା ଓ କରୁଣାର ପ୍ରତିମୂର୍ତ୍ତି ଭଗବାନ ଶ୍ରୀ ସତ୍ୟସାଇ ମାନବଜାତି ଉପରେ ଦିବ୍ୟାନନ୍ଦ ପ୍ରଦାନ କରି ଜନ୍ମମୃତ୍ୟୁର କରାଳସାଗର ଅତିକ୍ରମ କରାଇବାରେ ସାହାଯ୍ୟ ଓ ସାମର୍ଥ୍ୟ ଯୋଗାଇ ଚାଲିଛନ୍ତି ।

ନବଧା ଭକ୍ତି

ଶ୍ରୀମହାଭାଗବତରେ ଭଗବାନଙ୍କୁ ପାଇବା ପାଇଁ ନଅ ପ୍ରକାର ଭକ୍ତି ବର୍ଣ୍ଣନା କରାଯାଇଛି, ଯଥା – ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ବନ୍ଦନ, ଅର୍ଚ୍ଚନ, ଦାସ୍ୟ, ସଖ୍ୟ ଓ ଆତ୍ମ ନିବେଦନ । ଏଗୁଡ଼ିକ ଗୋଟିଏ ଗୋଟିଏ ସୋପାନ ସଦୃଶ, ସ୍ତର ପରେ ସ୍ତର ଆଗେଇ ନିଅନ୍ତି ଓ ପରିଶେଷରେ ଈଶ୍ୱରଙ୍କ ସହ ଲୀନ କରି ଦିଅନ୍ତି ।

ପ୍ରଶାନ୍ତି ନିଲୟମ୍‌କୁ ଆସୁଥିବା, ଶତସହସ୍ର ଭକ୍ତଙ୍କ ଅନୁଭୂତି ପାଇଁ, ଦର୍ପଣ ସଦୃଶ ଏକ ବ୍ୟାଖ୍ୟାନ ଏଠାରେ ବିଚାର୍ଯ୍ୟ । ପ୍ରଥମତଃ ଆମେ ଭଗବାନ ବାବାଙ୍କ ବିଷୟରେ ବହୁତ କିଛି ଶୁଣିବାକୁ ପାଉ । ଆମେ ଜାଣୁ ଯେ ସେ ଆନ୍ଧ୍ରପ୍ରଦେଶରେ ଅନନ୍ତପୁର ଜିଲ୍ଲାର ପବିତ୍ର ପୁଟ୍ଟପର୍ତ୍ତି ଗ୍ରାମରେ ବାସ କରନ୍ତି । ସେ ପ୍ରତ୍ୟହ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି, ସେ ରକ୍ତବର୍ଣ୍ଣର ପୋଷାକ ପରିଧାନ କରନ୍ତି, ତାଙ୍କ କେଶ ମୁକୁଟଭଳି ଶୋଭା ପାଉଥାଏ, ସେ ଦର୍ଶକମାନଙ୍କୁ ଚୁମ୍ବକଭଳି ଆକର୍ଷଣ କରନ୍ତି ଓ ଦିବ୍ୟାନୁଭୂତି ପ୍ରଦାନ କରନ୍ତି । ତାଙ୍କ ଦର୍ଶନ ହିଁ ଆନନ୍ଦ ପ୍ରଦାନ କରେ ଏବଂ ସେ ତାଙ୍କ ବାକ୍ୟ ଓ ସ୍ପର୍ଶଦ୍ୱାରା କଠିନ ରୋଗ ମଧ୍ୟ ଆରୋଗ୍ୟ କରି ଦିଅନ୍ତି । ଆମେ ମଧ୍ୟ ଶୁଣିଛେ ଯେ ସେ ତାଙ୍କ ହସ୍ତକୁ ସାମାନ୍ୟମାତ୍ର ଚାଳନା କରି ଯାହା ଇଚ୍ଛା ତାହା ସୃଷ୍ଟି କରି ଦେଇପାରନ୍ତି, ସଙ୍କଳ୍ପମାତ୍ରେ କଷ୍ଟ ହରଣ କରି ନେଇ ପାରନ୍ତି । ଏଭଳି ଶହ ଶହ ଲୋକଙ୍କ ଅନୁଭୂତି ଆମ୍ଭେମାନେ ଶୁଣିଛୁ । ଏହାର ପ୍ରଥମ ସୋପାନ ''ଶ୍ରବଣ ।''

ଶୁଣିବା ପରେ, ଘରେ ସମସ୍ତେ ଏକତ୍ରିତ ହୋଇ ନିଜ ନିଜର ଅନୁଭୂତି ଆଦାନ ପ୍ରଦାନ କରିଥାନ୍ତି। ଆମେ ଏକଥା ଶୁଣିଛୁ, ଆମେ ସେ କଥା ଶୁଣିଛୁ, ସେ ଅଲୌକିକ କଥାଟା ଜାଣିଛ କି ? କି ଆଶ୍ଚର୍ଯ୍ୟ କଥା - ଭଗବାନ ଶ୍ରୀ ସତ୍ୟସାଇ ଅବତାର ପୁରୁଷ । ସେ କହୁଥିଲା ଯେ ବାବା କରୁଣାସମୁଦ୍ର। ସେ ତ ସାକ୍ଷାତ୍ ଦୟାର ସାଗର। ଏହିଭଳି ଘଟଣା ଓ ଅନୁଭୂତିକୁ ମନେ ପକାଇ ଆମେ ତାଙ୍କ ପ୍ରଶଂସାରେ ଶତଜିହ୍ୱ ହୋଇପଡୁ। ଏହା ଦ୍ୱିତୀୟ ସୋପାନ ''କୀର୍ତ୍ତନ''।

ଏହା ପରେ ଆମ ମନରେ ସୃଷ୍ଟି ହୁଏ ପ୍ରଶାନ୍ତି ନିଲୟମ୍ ଯାଇ ତାଙ୍କ ଦର୍ଶନ କରିବା ପାଇଁ ପ୍ରବଳ ଆକାଂକ୍ଷା । ସ୍ୱାମୀଙ୍କ ଭାବନାରେ ମନ ପୂରି ଉଠେ। ସ୍ୱାମୀଙ୍କ ଦିବ୍ୟ ଲୀଳା ଓ ଦିବ୍ୟ ମହିମା ସ୍ମରଣ କରି ଆଶ୍ଚର୍ଯ୍ୟଚକିତ ହେବା ସଙ୍ଗେ ସଙ୍ଗେ ଆନନ୍ଦାତିଶଯ୍ୟରେ ଜୀବନ ମଧୁମୟ ହୋଇଯାଏ । ଶୟନରେ ତାଙ୍କ ସ୍ୱପ୍ନ, ଜାଗ୍ରତରେ ତାଙ୍କ ଚିନ୍ତନ , ଏହା ତୃତୀୟ ସେପାନ ''ସ୍ମରଣ''।

ସୌଭାଗ୍ୟବଶତଃ ସେ ସୁଦିନ ଆସି ପହଞ୍ଚେ, ଆମେ ଯାଇ ଦର୍ଶନ ପ୍ରେକ୍ଷାଳୟରେ ବସୁ। ସ୍ୱାମୀ ଧୀର ପଦକ୍ଷେପରେ ଜ୍ୟୋତିଶିଖା ଭଳି ରଙ୍ଗାଲୋକ ବିଚ୍ଛୁରଣ କରି କରି ଆମ ସମକ୍ଷରେ ଉପସ୍ଥିତ ହୋଇ ଯାଆନ୍ତି । ଅଭିଭୂତ ହୋଇ ଆମେ ନିଜକୁ ଭୁଲିଯାଇଥାଉ । ତାଙ୍କ ପାଦପଦ୍ମକୁ ପ୍ରଣାମ କରି, ସ୍ପର୍ଶଧନ୍ୟ ହାତକୁ ଚକ୍ଷୁରେ ଲଗାଉ। ଏହା ହେଉଛି ଚତୁର୍ଥ ସୋପାନ ''ପାଦସେବନ''।

କୃପାକରି ସ୍ୱାମୀ ଆମକୁ ସାକ୍ଷାତ୍କାର କକ୍ଷକୁ ଡାକନ୍ତି । ବିହ୍ୱଳିତ ହୋଇ ଆମେ କକ୍ଷ ଭିତରକୁ ଯାଇ ସ୍ୱାମୀଙ୍କ ପାଦ ପ୍ରାନ୍ତରେ ବସି ପଡୁ । ଆମର ଅତି ନିକଟରେ ସେ ବସନ୍ତି ତାଙ୍କ ସିଂହାସନରେ । ଆମ ସୌଭାଗ୍ୟକୁ କଳନା କରି ନପାରି ଆମେ ବିସ୍ଫାରିତ ନେତ୍ରରେ ତାଙ୍କ ଆଡ଼କୁ ଚାହିଁ ରହିଥାଉ । ପଞ୍ଚମ ସୋପାନ ''ବନ୍ଦନ'' ।

ଆମେ ତାଙ୍କ ପାଦକୁ ପୁଷ୍ପ ମଣ୍ଡିତ କରୁ । ସେ କହନ୍ତି, ''ବାବୁରେ, ଅଳ୍ପ ସମୟ ମଧ୍ୟରେ ମଉଳି ଯାଉଥିବା ଏ ପ୍ରକାର ଫୁଲ ମୋର ଦରକାର ନାହିଁରେ, ମୁଁ ସେ ଅନ୍ୟ ପୁଷ୍ପଟିକୁ ଚାହେଁ, ତୋର ହୃଦୟପୁଷ୍ପ।'' ଏକଥା ଶୁଣିଲା ବେଳକୁ ଆମ କର୍ଣ୍ଣଗହ୍ୱରକୁ ପବିତ୍ର କରି ସହସ୍ରବାଦ୍ୟର ସଙ୍ଗୀତ ଝଙ୍କୃତ ହୋଇଉଠେ । ହୃଦୟ ପୁଷ୍ପ ଅର୍ପଣ କରିବାକୁ ମନ ବ୍ୟାକୁଳ ହୁଏ । ଷଷ୍ଠ ସୋପାନ ''ଅର୍ଚ୍ଚନ'' ।

ଭଗବାନ ନିଜର ଶୀତଳ କଟାକ୍ଷ ପ୍ରେରଣ କରନ୍ତି, ମୁଖରେ ମନୋହରଣକାରୀ ସ୍ମିତହାସ୍ୟ ଖେଳାଇ ପଚାରନ୍ତି, ''ବାବୁରେ, କ'ଣ ଦରକାର କହ ।'' ଆମେ କହୁ, ''ସ୍ୱାମୀ ଯଦି ଦୟା କରୁଛ, ତେବେ ଏଠାରେ ରହି ତୁମର ସେବା କରିବାର ଆଦେଶ ମିଳୁ।'' ସେ ପୁଣି ପଚାରନ୍ତି, ''ଏଠାରେ କି ସେବା କରିବୁ ?'' ଆମେ କହୁ, ''ଆପଣ ଯାହା ଆଦେଶ କରିବେ ।'' ଏହା ହିଁ ତ ଦାସ୍ୟ ଭକ୍ତି, ସପ୍ତମ ସୋପାନ ।

କିଛି ସମୟ ଅତିବାହିତ ହୋଇଗଲା ପରେ ଆମେ ଆତ୍ମ ଦୃଢ଼ତା ଲାଭ କରୁ । ନିକଟତା ଓ ବନ୍ଧୁତ୍ୱ ଗଢ଼ି ଉଠେ ଓ ବଢ଼ି ଉଠେ ସ୍ୱାମୀଙ୍କ ସହିତ । ଆମେ ଆମ ସମସ୍ୟାଗୁଡ଼ିକ ତାଙ୍କୁ କହି ବସୁ, ସେ ଆମକୁ ଆଶ୍ୱାସନା ଦେଇ କହନ୍ତି, ''ମୁଁ ଅଛି ଭୟ କାହିଁକି ? ମୁଁ ତ ତୋ ଘରେ ଅଛି, ତୋ ସହିତ ଅଛି, ତୋ ପାର୍ଶ୍ୱରେ ଅଛି ଓ ତୋ ଆଖି ଆଗରେ ଅଛି । ଯେତେବେଳେ ଖୋଜିବୁ, ଯେଉଁଠାରେ ଖୋଜିବୁ, ସେଠାରେ ମୋତେ ପାଇବୁ । ମୁଁ ସବୁବେଳେ ତୋତେ ସୁରକ୍ଷା ଦେଉଥିବି । ଏହି ସାମୀପ୍ୟ ଆମକୁ ସାହସ ଓ ଆତ୍ମ-ବିଶ୍ୱାସ ପ୍ରଦାନ କରେ । ଏହା ସଖ୍ୟ ଭକ୍ତି, ଅଷ୍ଟମ ସୋପାନ ।

ଆହୁରି କିଛିଦିନ ଗଲାପରେ ସ୍ୱାମୀ ପୁଣି ପଚାରନ୍ତି, ''କ'ଣ ଦରକାର ?'' ବର୍ତ୍ତମାନ ଆମେ ଏଭଳି ଏକ ଅବସ୍ଥାକୁ ଆସି ଯାଇଛେ ଯେ ଆମ ଉତ୍ତର ହୁଏ, ''ସ୍ୱାମୀ ମୋର କିଛି ଦରକାର ନାହିଁ । ମୋତେ ନିଜର କରି ନିଅନ୍ତୁ । ମୋତେ ଆପଣଙ୍କର ଗୋଟିଏ ଉପକରଣ କରି ବ୍ୟବହାର କରନ୍ତୁ । ମୁଁ ନିମିତ୍ତମାତ୍ର ।'' ଏହା ହିଁ ନବମ ସୋପାନ, ଆତ୍ମ ନିବେଦନ (ସମର୍ପଣ) ।

ଭଗବାନ କହନ୍ତି, ''ପ୍ରଥମେ ତୁମେ ଯାହା ମାଗୁଛ ମୁଁ ତାହା ଦେବି, ପରବର୍ତ୍ତୀ ଅବସ୍ଥାରେ ମୁଁ ଯାହା ଦେବାକୁ ଆସିଛି ତାହା ଭିକ୍ଷା କରାଇବି ।''

ଉପସଂହାର

ବିଶ୍ୱାଧିପତି, ପରମସତ୍ତାଙ୍କ ଅବତାର, ଅସୀମ ଦୟାର ପ୍ରତିମୂର୍ତ୍ତି, ଦୀନବନ୍ଧୁ ଭଗବାନ୍ ଶ୍ରୀ ସତ୍ୟସାଇ ବାବାଙ୍କ ଜୀବନ କାହାଣୀ ଏଠାରେ ସମ୍ପୂର୍ଣ୍ଣ ହେଉଛି । ନା, ଏହା କେବେ ସମ୍ପୂର୍ଣ୍ଣ ହେବା ବିଷୟ ନୁହେଁ । ଏହା ଚିର ପ୍ରସାରଣକ୍ଷମ, ଅସରନ୍ତି । ସତ୍-ଚିତ୍-ଆନନ୍ଦର ମୂର୍ତ୍ତିମନ୍ତ ରୂପ ସମସ୍ତ ଲୋକଙ୍କୁ ସମସ୍ତ ପ୍ରକାର ଆଶିଷ ପ୍ରଦାନ କରନ୍ତୁ ।

ତାଙ୍କ ଚରଣକମଳରେ ସଦାସର୍ବଦା ପ୍ରାର୍ଥନା କରି ମନ-ପ୍ରାଣ-ଆତ୍ମାର ସହ ଏହି ଦିବ୍ୟ ପବିତ୍ର ପୁସ୍ତକ ''ତପୋବନମ୍''କୁ ତାଙ୍କ ପଦାରବିନ୍ଦରେ ଅର୍ପଣ କରୁଛୁ ।

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ

ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ଅଷ୍ଟାଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ।

ଫଳଶ୍ରୁତି

ଏହି ପବିତ୍ର ଗ୍ରନ୍ଥର ପାରାୟଣ ପାଠକ ମନରେ ଶ୍ରୀ ସତ୍ୟସାଇ ଭଗବାନଙ୍କ ଦିବ୍ୟ ସୁନ୍ଦର ରୂପ ପ୍ରତିଭାତ କରାଇବା ସଙ୍ଗେ ସଙ୍ଗେ ଭଗବାନଙ୍କର ଅଶେଷ କୃପା ପହଞ୍ଚାଇବ। ଭଗବାନଙ୍କ ଦିବ୍ୟ ନାମ ପାଠକର ଜିହ୍ୱା ଓ ଓଷ୍ଠାଗ୍ରରେ ନୃତ୍ୟ କରିବ। ବାବା କହିଛନ୍ତି, ''ମାଳୀ ମୂଳିଆକୁ ମାଟି ଖୋଳିବାକୁ କହେ। ମୂଳିଆ ମାଳୀ କଥା ମାନି ମାଟି ଖୋଳେ। ମାଳୀ ସ୍ଥିର କରିଥାଏ କେଉଁ ଚାରାକୁ କି ପ୍ରକାର ଉପଚାର ଦିଆଯିବ। ସେହିଭଳି ମୁଁ ତୁମ୍ଭମାନଙ୍କୁ ନାମସ୍ମରଣ ଓ ରୂପଧ୍ୟାନ କରିବାକୁ କହେ। ତୁମେ ତାହା କରିଚାଲ। କିଏ, କେଉଁଠାରେ କେତେ ଫଳ ପାଇବ ତାହା ସ୍ଥିର କରିବା ମୋ କାମ।'' ବାବାଙ୍କ ଆଦେଶକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ତୁମ କର୍ତ୍ତବ୍ୟ। ଜନ୍ମ-ମୃତ୍ୟୁର କରାଳ ଚକ୍ରରୁ ଉଦ୍ଧାର କରିବା କାର୍ଯ୍ୟ ତାଙ୍କର।

ସ୍ୱାମୀଙ୍କ ପରମ ଦୈବତ୍ୱ , ସ୍ୱାମୀଙ୍କର ଅସୀମ କରୁଣା, ତାଙ୍କର ଅମାପ ପ୍ରେମ ବାରମ୍ବାର ପ୍ରଦର୍ଶିତ ହୋଇ, ଘଟଣା ପରେ ଘଟଣା ଘଟାଇ, ଆମକୁ ଆନନ୍ଦିତ ଆଚମ୍ଭିତ, ବିହ୍ୱଳିତ ଓ ଅଭିଭୂତ କରି ପରମାନନ୍ଦ ପ୍ରଦାନ କରୁଛି। ଆମ ମନରେ ବୈରାଗ୍ୟ ଆସେ, ''ଭଗବାନ ବାବାଙ୍କ ହାତରେ ଯେ ସବୁକିଛି ଏବଂ ଆମ୍ଭେମାନେ କେବଳ ନିମିତ୍ତ, ଉପକରଣ ଏବଂ ସେ ହିଁ ସବୁକିଛିର ନିୟନ୍ତ୍ରକ'' ଏ ଭାବ ଜାଗ୍ରତ ହୁଏ। ଫଳରେ ଆମେ ଅନେକ ଦୁଶ୍ଚିନ୍ତାରୁ ମୁକ୍ତ ହୋଇଯାଉ। କାଳକ୍ରମେ ଏହା ଆତ୍ମସାକ୍ଷାତ୍କାର ଆଣି ଦିଏ। ଏହା ଏକ ପ୍ରତିଷ୍ଠିତ ସତ୍ୟ ଯେ ଆମେ ଯେତେବେଳେ ତାଙ୍କୁ ଧ୍ୟାନ କରୁ ଏବଂ ତାଙ୍କ ନାମରେ ସେବା କର୍ମରେ ରତ ରହୁ ଓ ମୁକ୍ତ କଣ୍ଠରେ ଭଗବାନଙ୍କ ସ୍ତୁତି ଗାନ କରୁ, ଆମ ପୂର୍ବଜନ୍ମର କର୍ମ ବନ୍ଧନ ସବୁ ଛିନ୍ନ ହୋଇଯାଏ।

ଶ୍ରୀ ସତ୍ୟସାଇ ଅନ୍ୟ ସମସ୍ତ ଦେବଦେବୀଙ୍କ ଅତୀତ। ତେଣୁ ଅନ୍ୟ ମତ ବା ଧର୍ମର ଲୋକ, ଅନ୍ୟ ଦେଶର ଲୋକ, ସମଗ୍ର ମାନବଜାତି ଏହାକୁ ପାରାୟଣ କରିପାରିବେ। ସ୍ୱାମୀ କହନ୍ତି, ''ତୁମେ ଯଦି ଜଣେ ଖ୍ରୀଷ୍ଟଧର୍ମାବଲମ୍ବୀ ତେବେ ଜଣେ ଭଲ ଖ୍ରୀଷ୍ଟିଆନ୍ ହୁଅ, ଯଦି ଜଣେ ମୁସଲମାନ ତେବେ ଭଲ ମୁସଲମାନଟିଏ ହୁଅ। ମୁଁ ତୁମକୁ ତୁମ ଧର୍ମରୁ ବିଚ୍ୟୁତ କରିବା ପାଇଁ ଆସିନାହିଁ, ବରଂ ତୁମକୁ ସେଥିରେ ଭଲ ଭାବେ ପ୍ରତିଷ୍ଠିତ କରିଦେବା ପାଇଁ ଆସିଛି। ସାଇମତ ସମସ୍ତ ମତ ସହିତ ଏକମତ। ପୃଥିବୀର ସମସ୍ତ ମୁଖ୍ୟ ମୁଖ୍ୟ ଧର୍ମର ମୌଳିକ ଏକତ୍ୱ ଉପରେ ଏହା ଗୁରୁତ୍ୱ ଦିଏ। (ସର୍ବମତସମ୍ମତଂ ସାଇମତମ୍।)

ଏ ଗ୍ରନ୍ଥ ପଠନ କଲେ ଭଗବାନଙ୍କଠାରେ ବ୍ୟକ୍ତିର ବିଶ୍ୱାସ ଦୃଢ଼ତର ହେବ ଓ ନିଜ ଧର୍ମରେ ସେ ଭଲ ଭାବେ ପ୍ରତିଷ୍ଠିତ ହେବ। ଫଳରେ ସେ ସମୁଚିତ ପଥ ଅବଲମ୍ବନ କରିବାକୁ ପ୍ରେରଣା ଲାଭ କରିବ, ଭଗବାନଙ୍କ ଆଡ଼କୁ ପଡ଼ିଥିବା ପଥ ଅନୁସରଣ କରିବ। ଭଗବାନ ବାବାଙ୍କ ବିଷୟ ଜାଣି ସାରିଲା ପରେ ଶହ ଶହ ଦେଶର ଲୋକମାନେ

ପ୍ରାର୍ଥନା କରୁଛନ୍ତି ''ସ୍ୱାମୀ, ଆମକୁ ମଧ୍ୟ ତୁମ ଦୈବତ୍ୱର ଉଦାହରଣ ପ୍ରଦାନ କର, ଦୟାକରି ତାହା ସନ୍ଦର୍ଶନ କରିବା ପାଇଁ ସୁଯୋଗ ସୃଷ୍ଟି କର।'' ସେମାନେ ପ୍ରଚୁର ପରିମାଣରେ ସ୍ୱାମୀଙ୍କ ଆଶିଷ ଲାଭ କରୁଛନ୍ତି। ଭଗବତ୍ କୃପା ଓ ପ୍ରେମବାରିରେ ଅବଗାହନ କରି ସେମାନେ ଆତ୍ମବିସ୍ମୃତ ହୋଇଯାଉଛନ୍ତି। ଏ କଳିଯୁଗରେ, ପୃଥିବୀପୃଷ୍ଠରେ, ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଲୀଳାର ଅତି ସୁନ୍ଦର ପ୍ରୟୋଗ ହୋଇଚାଲିଛି। ଏହି ଦିବ୍ୟ ରହସ୍ୟ, ମୁକ୍ତ ରହସ୍ୟ ସମସ୍ତଙ୍କୁ ବିଦିତ।

ବେଦ ଓ ଉପନିଷଦ୍ ଉପରେ ପାଣ୍ଡିତ୍ୟ ଲାଭ କରାଯାଇପାରେ, କିନ୍ତୁ ଭକ୍ତିର ରହସ୍ୟ ଜାଣିବା ସହଜ କଥା ନୁହେଁ। ଭଗବାନ ଶ୍ରୀ ସତ୍ୟସାଇଙ୍କ ଜୀବନ ବୃତ୍ତାନ୍ତ ବେଦପୁରୁଷଙ୍କ ବିଷୟରେ ଏକ ବେଦ। ଏହି ବେଦକୁ ପାଠ କରିବାଦ୍ୱାରା ଭକ୍ତିର ଆବଶ୍ୟକତା ବାବଦରେ ବୁଝିବା ସହଜତର ହୋଇଯାଏ। ଏହି ଜୀବନ ବୃତ୍ତାନ୍ତକୁ ସଞ୍ଜ ଓ ସକାଳେ ଭକ୍ତିପୂର୍ଣ୍ଣ ହୃଦୟ ସହ ପଢ଼ିଲେ ବା ଶୁଣିଲେ, ଜୀବନର ସମସ୍ତ ଉପକାର ଲାଭ କରିବା ସଙ୍ଗେ ସଙ୍ଗେ ଜନ୍ମ ଓ ମୃତ୍ୟୁ ଚକ୍ରରୁ ସହଜରେ ଉଦ୍ଧାର ପାଇହେବ। ଯଦି ଏହା ସମ୍ଭବ, ତେବେ ଏ କଥା କହିବା ଅନାବଶ୍ୟକ ଯେ ଆମ ଜୀବନରେ ଆସୁଥିବା ସମସ୍ୟାମାନ ସ୍ୱାମୀଙ୍କ କୃପାରୁ ଆପେ ଆପେ ସମାଧାନ ହୋଇଯିବ। ଭଗବାନ ବାବା ତାଙ୍କ ଭକ୍ତମାନଙ୍କ ଉପରେ କୃପା ଓ କରୁଣା ବୃଷ୍ଟି କରି ସାଂସାରିକ ସୁଖ ସହିତ ଆଧ୍ୟାତ୍ମିକ ଆନନ୍ଦ ପ୍ରଦାନ କରିବେ, ଏଥିରେ ସନ୍ଦେହର ଅବକାଶ ନାହିଁ। ବାବା କହନ୍ତି, ''ମୋତେ ଯିଏ ସଦାସର୍ବଦା ସ୍ମରଣ କରେ ମୁଁ ତାହାକୁ ସ୍ମରଣ ନ କରିବି କିପରି ?'' ସେ ପୁନଶ୍ଚ କହନ୍ତି, ''ଜନ୍ମ କର୍ମ ଚ ମେ ଦିବ୍ୟମ୍'', ଅର୍ଥାତ୍ ମୋର ଜନ୍ମ ଓ କର୍ମ ସବୁକିଛି ଦିବ୍ୟ।

ଆସନ୍ତୁ ଭଗବାନଙ୍କର ଏହି ପବିତ୍ର ଜୀବନ ବୃତ୍ତାନ୍ତ ବାରମ୍ବାର ପାଠ କରିବା, ତାଙ୍କୁ ବାରମ୍ବାର ସ୍ମରଣ କରିବା। ଆମ ଭକ୍ତି ଭଗବାନଙ୍କୁ ପ୍ରସନ୍ନ କରୁ, ସମ[illegible] ବିଶ୍ୱ ଭଗବତ୍ କୃପା ଲାଭ କରିବାର ମହତ୍ ଆକାଂକ୍ଷାରେ ପରିପୂର୍ଣ୍ଣ ହେଉ। ସମସ୍ତେ ଅମୃତତ୍ୱ ଲାଭ କରନ୍ତୁ।

''ସାଈଶ୍ୱରାଗ୍ରୟୋ ମର୍ତ୍ତ୍ୟୋ ସତ୍ୟଧର୍ମପରାୟଣଃ
ପାପବ୍ୟାଧିବିଶୁଦ୍ଧାତ୍ମା ଯାତି ସତ୍ୟ ସନାତନମ୍।''

ଜୟ ସାଇରାମ

ସତ୍ୟଶ୍ରୀ

ଓଁ ଶ୍ରୀ ସତ୍ୟସାଇ ପରଂବ୍ରହ୍ମଣେ ନମଃ
ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ତପୋବନ : ଶ୍ରୀ ସତ୍ୟସାଇ ସତ୍‌ଚରିତ ସମ୍ପୂର୍ଣ୍ଣ।

ମଙ୍ଗଳ ଆରତୀ

ଓଁ ଜୟ ଜଗଦୀଶ ହରେ ସ୍ୱାମୀ ସତ୍ୟସାଇ ହରେ
ଭକ୍ତଜନ ସଂରକ୍ଷକ, ଭକ୍ତଜନ ସଂରକ୍ଷକ ପର୍ତ୍ତି ମହେଶ୍ୱର.... ।
ଓଁ ଜୟ....

ଜଗତ୍‌ର ଈଶ, ହରି, ସତ୍ୟସାଇ, ଭକ୍ତମାନଙ୍କୁ ସୁରକ୍ଷା ପ୍ରଦାନକାରୀ, ପୁଟ୍ଟପର୍ତ୍ତିର ମହେଶ୍ୱର ଭାବେ ଆବିର୍ଭୂତ ହୋଇଥିବା ସତ୍ୟସାଇ, ଜଗଦୀଶ ହରିଙ୍କର ଜୟ ହେଉ ।

ଶଶିବଦନ ଶ୍ରୀକର ସର୍ବପ୍ରାଣପତେ, ସ୍ୱାମୀ ସର୍ବପ୍ରାଣପତେ
ଆଶ୍ରିତ କଳ୍ପଲତିକା, ଆଶ୍ରିତ କଳ୍ପଲତିକା, ଆପଦବାନ୍ଧବ ।
ଓଁ ଜୟ....

ଚନ୍ଦ୍ରବଦନ ସମ ସୁନ୍ଦର, ସମସ୍ତ ଶୁଭ, ମଙ୍ଗଳ ଓ ପବିତ୍ର କାର୍ଯ୍ୟ କରୁଥିବା ଶ୍ରୀକର, ସମସ୍ତ ପ୍ରାଣୀମାନଙ୍କର ପତି, ବାଞ୍ଛା ପରିପୂର୍ଣ୍ଣକାରୀ ଲତିକା, ବିପଦ ବେଳର ବନ୍ଧୁ, ଜଗଦୀଶ ହରିଙ୍କର ଜୟ ହେଉ ।

ମାତାପିତା ଗୁରୁ ଦୈବମୁ ମରିଅନ୍ତୟୁ ନିବେ
ସ୍ୱାମୀ ମରି ଅନ୍ତୟୁନିବେ, ନାଦବ୍ରହ୍ମ ଜଗନ୍ନାଥ,
ନାଦବହ୍ମ ଜଗନ୍ନାଥ ନାଗେନ୍ଦ୍ରଶୟନ,
ଓଁ ଜୟ ଜଗଦୀଶ ହରେ....

ବାବା ମାତା, ପିତା, ଗୁରୁ, ଦେବତା; ସେ ମଧ୍ୟ ସବୁକିଛି, ତାଙ୍କ ଭିନ୍ନ ଅନ୍ୟ କେହି କିଛି ନୁହେଁ । ବାବା ହିଁ ନାଦବ୍ରହ୍ମ, ପ୍ରଣବ, ଜଗତସାରା ଅନୁରଣିତ ହେଉଥିବା ଶବ୍ଦବ୍ରହ୍ମ, ସେ ମଧ୍ୟ ଅନନ୍ତଶୟନରେ ଶାୟିତ । (ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ ଏବଂ ତାହା ଭଗବାନଙ୍କ ଦ୍ୱାରା ଉତ୍‌ଥିତ ଓ ଉଜ୍ଜୀବିତ ହୁଏ) ଜଗଦୀଶ ହରିଙ୍କର ଜୟ ହେଉ ।

ଓଁକାରରୂପ ଓଜସ୍ୱୀ ଓ ସାଇ ମହାଦେବ,
ସତ୍ୟ ସାଇ ମହାଦେବ, ମଙ୍ଗଳ ଆରତୀ ଅନ୍ଦୁକୋ,
ମଙ୍ଗଳ ଆରତୀ ଅନ୍ଦୁକୋ ମନ୍ଦର ଗିରିଧାରୀ
ଓଁ ଜୟ....

ବାବାଙ୍କ ଗୁଣଗୁଡ଼ିକ ବିଶ୍ଳେଷଣ କଲେ ଦେଖାଯିବ ସେ ନିଜେ ପ୍ରଣବ, ସେ ହିଁ ଓଁ କାର ତତ୍ତ୍ୱର ସାରକଥା । ସେ ଓଜସ୍ୱୀ (ବଳ, ବୀର୍ଯ୍ୟ, ଐଶ୍ୱର୍ଯ୍ୟ ଓ ଆଲୋକର ସମାହାର) ମଙ୍ଗଳ ଆରତୀ ଅର୍ଥ ମଙ୍ଗଳପ୍ରଦ ଆଲୋକର ତରଙ୍ଗ ଯାହା ଆମ ଅନ୍ତରରେ ପ୍ରାର୍ଥନା କରିବାର ଇଚ୍ଛା ସୃଷ୍ଟି କରେ । ଅନ୍ଦୁକୋ ଅର୍ଥ ଗ୍ରହଣ କର । ବାବା ବିଷ୍ଣୁ, ସେ ମନ୍ଦର ପର୍ବତକୁ ଧାରଣ କରିଥିଲେ ଦେବାସୁରଙ୍କ ସମୁଦ୍ର ମନ୍ଥନ କାଳରେ । (କେହି କେହି କହିଥାନ୍ତି ମଙ୍ଗଳ ଗିରିଧାରୀ । ସେମାନେ ଅର୍ଥ କରନ୍ତି, ଶ୍ରୀକୃଷ୍ଣଙ୍କ ଗୋବର୍ଦ୍ଧନଗିରି ଧାରଣ କରିବା) ଜଗଦୀଶ ହରିଙ୍କ ଜୟ ହେଉ ।

ନାରାୟଣ ନାରାୟଣ ଓଁ ସତ୍ୟ ନାରାୟଣ ନାରାୟଣ ନାରାୟଣ ଓଁ, ନାରାୟଣ ନାରାୟଣ ଓଁ ସତ୍ୟ ନାରାୟଣ ନାରାୟଣ ଓଁ ସତ୍ୟ ନାରାୟଣ ନାରାୟଣ ଓଁ

ଓଁ ଜୟ ସଦ୍‌ଗୁରୁ ଦେବ । (୩ଥର),
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ
ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ, (୩ଥର)
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ତପୋବନମ୍

ଶ୍ରୀ ସତ୍ୟସାଇ ସତ୍‌ଚରିତ

ନିତ୍ୟ ପାରାୟଣ ଗ୍ରନ୍ଥ